


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-168 ◆SUNDAY ◆14 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୮ ◆ରବିବାର ◆୧୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


### ମେସିଙ୍କ ଝଲକ ପାଇଁ ପ୍ରଶଂସକଙ୍କ ହଙ୍ଗାମା

# ସଲ୍ଟ ଲେକ୍‌ରେ ଭଙ୍ଗାରୁଜା





■ କୋଲକାତା, ୧୩।୧୨ (ଏଜେନ୍ସି): ବିଶ୍ୱପ୍ରସିଦ୍ଧ ଫୁଟବଲ ତାରକା ତଥା ବିଶ୍ୱଚାମ୍ପିଅନ ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି ଆଜି ଭାରତ ଗସ୍ତରେ ଆସିଥିବା ବେଳେ ତାଙ୍କୁ ନେଇ କୋଲକତାରେ ଅଶାନ୍ତ ବାତାବରଣ ଦେଖାଦେଇଛି। ଏହି ଗସ୍ତରେ ସେ ପ୍ରଥମେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଦର୍ଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ତାଙ୍କର ଝଲକ ପାଇବା ଲାଗି ଦର୍ଶକମାନେ ୫ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ଟଙ୍କା ଦେଇ ଟିକଟ କିଣିଥିଲେ। ମେସି ଷ୍ଟାଡିୟମାରେ ପ୍ରବେଶ କରିବା ମାତ୍ରେ ଦର୍ଶକ ଉତ୍ସାହିତ ହୋଇପଡ଼ିଥିଲେ। କିନ୍ତୁ ସୁରକ୍ଷା କର୍ମୀ ଓ କେତେକ ଆୟୋଜକ ମେସିଙ୍କୁ ଘେରି ରହିବାରୁ ଦର୍ଶକ ତାଙ୍କୁ ଦେଖି ପାରି ନଥିଲେ। ଏହାପରେ ଆରମ୍ଭ ହୋଇଯାଇଥିଲା ଉତ୍ତେଜନା। ଅନେକ ଦର୍ଶକ ପାଟିତୁଣ୍ଡ କରିବା ସହିତ ଷ୍ଟାଡିୟମ ଭିତରକୁ ବୋତଲ ଫିଙ୍ଗିବା ଆରମ୍ଭ କରିଥିଲେ। ତେଣୁ ସୁରକ୍ଷା ଦୃଷ୍ଟିରୁ ଅଳ୍ପ ସମୟ ପରେ ମେସିଙ୍କୁ ଷ୍ଟାଡିୟମ୍ ବାହାରକୁ ନିଆଯାଇଥିଲା। ତାଙ୍କୁ ଦେଖି ନ ପାରି ଦର୍ଶକମାନେ ହଙ୍ଗାମା କରିଥିଲେ। ଯାହାଫଳରେ ମେସିଙ୍କ ଅଢ଼େଇ ଘଣ୍ଟାର କାର୍ଯ୍ୟକ୍ରମ ୩୦ ମିନିଟ୍‌ରେ ଶେଷ ହୋଇଯାଇଥିଲା। ଆୟୋଜକମାନେ ▶ପୃଷ୍ଠା-୭

**କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ ମମତା**

# ନାଗରିକତା ଛାଡୁଛନ୍ତି ବର୍ଷକୁ ୨ ଲକ୍ଷ

## ୫ ବର୍ଷରେ ବିଦେଶ ପଳାଇଲେଣି ୯ ଲକ୍ଷ ଭାରତୀୟ

■ ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି): ଭାରତ ଏବେ ବୃହତ ଅର୍ଥନୀତି ହେବାକୁ ଯାଉଛି। ଏଠାରେ ସବୁପ୍ରକାର ସୁବିଧା ସୁଯୋଗ ରହିଥିବା ବେଳେ ଲକ୍ଷ ଲକ୍ଷ ଭାରତୀୟ ଦେଶ ଛାଡ଼ି ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରିବା ଭଳି ଆଶ୍ଚର୍ଯ୍ୟଜନକ ଖବର ମିଳିଛି। ୨୦୧୧ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୨୦୧୯ରେ କୋଭିଡ ମହାମାରୀ ପରେ ଏହି ଧାରା ତ୍ୱରାନ୍ୱିତ ହୋଇଛି। ୨୦୧୧ରୁ ବର୍ତ୍ତମାନ ସୁଦ୍ଧା ୨୧ ଲକ୍ଷ ଭାରତୀୟ ବିଦେଶୀ ନାଗରିକତା ଆପଣାଇଥିବା ବେଳେ କେବଳ ଗତ ୫ ବର୍ଷ ମଧ୍ୟରେ ୯ ଲକ୍ଷରୁ ଅଧିକ ଲୋକ ଭାରତୀୟ ନାଗରିକତା ଛାଡ଼ିଛନ୍ତି।

ଭାରତ ସରକାରଙ୍କ ପକ୍ଷରୁ ସଂସଦରେ ଏଭଳି ଉଦ୍‌ବେଗଜନକ ତଥ୍ୟ ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ



୨୦୨୨ରେ ସର୍ବାଧିକ ୨ ଲକ୍ଷ ୨୫ ହଜାର ଲୋକ ଭାରତୀୟ ନାଗରିକତା ଛାଡ଼ିଥିଲେ। ୨୦୨୩ରେ ୨ ଲକ୍ଷ ୧୬ ହଜାର ଏବଂ ୨୦୨୪ରେ ୨ ଲକ୍ଷ ୬ ହଜାର ଭାରତୀୟ ନାଗରିକତା ତ୍ୟାଗ କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ୯ ଲକ୍ଷ ଭାରତୀୟ ନାଗରିକତା ଛାଡି ବିଦେଶରେ ସ୍ଥାୟୀ ଭାବେ ବସବାସ କରିଛନ୍ତି। ରାଜ୍ୟସଭାରେ

**କୋଭିଡ ମହାମାରୀ ପରେ ବଢ଼ିଛି ବିଦେଶ ପ୍ରୀତି**

ଏ ନେଇ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ବିଦେଶ ରାଜ୍ୟମନ୍ତ୍ରୀ କିର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଯେ ୨୦୧୧ରୁ ୨୦୨୪ ମଧ୍ୟରେ ପାଖାପାଖି ୨୧ ଲକ୍ଷ ଭାରତୀୟ ବିଦେଶୀ ନାଗରିକତା ଆପଣାଇଛନ୍ତି; କିନ୍ତୁ ୨୦୨୧ ପରେ ଏହି ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି। ୨୦୨୦ କରୋନା ମହାମାରୀ ବର୍ଷରେ ଏହି ସଂଖ୍ୟାରେ ଅବନତି ହୋଇଥିଲା ଓ ଏହା ୮୫ ହଜାରରେ ପହଞ୍ଚିଥିଲା। କିନ୍ତୁ ଏହାପରେ ଏହି ସଂଖ୍ୟା ୨ ଲକ୍ଷ ଆଖପାଖରେ ପହଞ୍ଚିଛି। ୨୦୧୧ରେ ୧୨୨୮୧୯, ୨୦୧୨ରେ ୧୨୦୯୨୧, ୨୦୧୩ରେ ୧୩୧୪୦୫, ୨୦୧୪ରେ ୧୨୯୩୨୮, ୨୦୧୫ରେ ୧୩୧୪୮୯, ୨୦୧୬ରେ ୧୪୧୬୦୩, ୨୦୧୭ରେ ୧୩୩୦୪୯, ୨୦୧୮ରେ ୧୩୪୫୬୧, ୨୦୧୯ରେ ୧୪୪୦୧୭, ୨୦୨୦ରେ ୮୫୨୫୬, ୨୦୨୧ରେ ୧୬୩୩୭୦, ୨୦୨୨ରେ ▶ପୃଷ୍ଠା-୭

# ବର୍ଦ୍ଧିତ ଦରମା ନେବେନି ନବୀନ

## ଗରିବଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି

**ମୋ ପ୍ରତି ଏବଂ ମୋ ପିତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ମୁଁ ଚିର ଋଣୀ**

**'ଫନୀ' ସମୟରେ ୬ ମାସର ଦରମା ଦାନ କରିଥିଲେ ନବୀନ**

**୨୦୧୫ରେ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ କରିଛନ୍ତି ଦାନ**



■ ଭୁବନେଶ୍ୱର, ୧୩।୧୨ (ସମିସ): ବର୍ଦ୍ଧିତ ଦରମା ଓ ଭତ୍ତା ନେବେ ନାହିଁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଧାନସଭା ଶୀତକାଳୀନ ଅଧିବେଶନରେ ସରକାର ୪ଟି ବିଲ୍ ଆଣି ବାଚସ୍ପତି, ମନ୍ତ୍ରୀ ଓ ବିଧାୟକମାନଙ୍କ ଦରମା ଓ ଭତ୍ତାକୁ ଅଢ଼େଇ ଗୁଣ ବୃଦ୍ଧି କରିବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଶନିବାର ନବୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତା ରାଜ୍ୟ ଗରିବ ଲୋକଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ଅନୁରୋଧ କରିଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପ୍ରତୀକାତ୍ମକ ଭାବେ ନୈତିକତାର ବାର୍ତ୍ତା ଦେଇଛି।

ଗତ ୯ ତାରିଖରେ ରାଜ୍ୟ ବିଧାନସଭାରେ ବିଧାୟକମାନଙ୍କର ଦରମା ଓ ଭତ୍ତା ବୃଦ୍ଧି ବିଲ୍ ପାସ୍ ହୋଇଛି। ଏହି ବିଲ୍ ପାସ ପରେ ରାଜ୍ୟର ସମସ୍ତ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇଛି। ବିଧାୟକମାନଙ୍କର ଅନ୍ୟୂନ ଅଢ଼େଇ ଗୁଣା ଦରମା ବଢ଼ିଥିବା ବେଳେ ବିରୋଧୀ ଦଳ ନେତା ଭାବେ ନବୀନଙ୍କର ବର୍ଦ୍ଧିତ ଦରମା ଓ ଭତ୍ତା ୩ ଲକ୍ଷ ୬୨ ହଜାରରେ ପହଞ୍ଚିଛି।

ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାବାସୀଙ୍କ ଭଲ ପାଇବା, ସ୍ନେହ, ସମର୍ଥନ ଏବଂ ଆଶୀର୍ବାଦ ପାଇଛି। ମୋ ପ୍ରତି ଏବଂ ମୋ ପିତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ମୁଁ ଚିର ଋଣୀ। ଆପଣ ଜାଣିଥିବେ ଯେ ୨୦୧୫ ମସିହାରେ ଆମ ପରିବାର କଟକସ୍ଥିତ ନିଜ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ ରାଜ୍ୟବାସୀଙ୍କ ବ୍ୟବହାର ପାଇଁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲା। ସେହିଭଳି ଓଡ଼ିଶା ବିଧାନସଭାରେ ନିକଟରେ ପାରିତ ହୋଇଥିବା ବିରୋଧୀ ଦଳ ନେତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତାକୁ ମଧ୍ୟ ମୁଁ ତ୍ୟାଗ କରିବାକୁ ଚାହୁଁଛି। ତେଣୁ ମୁଁ ଆପଣଙ୍କୁ ଅନୁରୋଧ କରିବାକୁ ଚାହେଁ ଯେ ଏହି ଅର୍ଥକୁ ଆମ ରାଜ୍ୟର ଗରିବ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯାଉ। ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଏହି ପତ୍ରର କପି ନବୀନ ବାଚସ୍ପତି ସୁରମା ପାଢ଼ୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପଠାଇଛନ୍ତି।

ପୂର୍ବରୁ ମଧ୍ୟ ନବୀନଙ୍କର ଏଭଳି ଅନେକ ନିଷ୍ପତ୍ତି ▶ପୃଷ୍ଠା-୭

### ମାଲକାନଗିରି ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବାକୁ ଅପେକ୍ଷା

# ଇଣ୍ଟରନେଟ୍ ସେବା ଆଉ ୩୬ ଘଣ୍ଟା ବନ୍ଦ

■ ମାଲକାନଗିରି, ୧୩।୧୨ (ସମିସ): ଏମ୍‌ଭି-୨୬ ଗ୍ରାମରେ ଶାନ୍ତି ଫେରିଛି। ଅଧିକାଂଶ ଗ୍ରାମବାସୀ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗ୍ରାମରୁ ବିଏନ୍‌ଏସ୍‌ଏସ୍ ୧୬୩ ଧାରାକୁ ହଟାଇ ନିଆଯାଇଛି। ତେବେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଇଣ୍ଟରନେଟ୍ ସେବାକୁ ଆହୁରି ୩୬ ଘଣ୍ଟା ଅର୍ଥାତ୍ ସୋମବାର ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ କରାଯାଇଛି।

ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ମଧ୍ୟ ଉପସ୍ଥିତ ଥିଲେ। ସେ କହିଛନ୍ତି ଯେ ସମସ୍ତଙ୍କ ମଧ୍ୟରେ ଶାନ୍ତି ପୂର୍ବଭଳି ଫେରିଛି। ପୁଲିସ୍ ଅଧିକାରୀଙ୍କ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳମାନଙ୍କରେ ମଧ୍ୟ ଶାନ୍ତି କମିଟି ବୈଠକ କରାଯାଉଛି। ଉଭୟ ପକ୍ଷ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଅହରହ ଯୋଗାଯୋଗରେ ଅଛନ୍ତି। ଏଥିସହ ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବନଖଣ୍ଡ ଅଧିକାରୀ ଓ ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଦିବାସୀ ସମାଜର ପ୍ରତିନିଧିଙ୍କ ସହ ଦୀର୍ଘ ଦିନରୁ ରହିଥିବା ଜମି ଓ ରାଜସ୍ୱ ସମ୍ପର୍କିତ ବିଷୟରେ ଆଲୋଚନା କରାଯାଇଛି। ସେହିପରି ମୃତ ମହିଳାଙ୍କ ସନ୍ତାନଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆହୁରି ୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। କ୍ଷୟକ୍ଷତିର ▶ପୃଷ୍ଠା-୭

**ଏମ୍‌ଭି-୨୬ ଗ୍ରାମରୁ ଉଠିଲା ବିଏନ୍‌ଏସ୍‌ଏସ୍ ଧାରା ୧୬୩**

**ପୋଡ଼ାଜଳା ଘଟଣାରେ ୬ ଗିରଫ**

# ଆଜିଠୁ କମିବ ଜାଡ଼

■ ଭୁବନେଶ୍ୱର, ୧୩।୧୨ (ସମିସ): ରାଜ୍ୟରେ ଲଗାତାର ୮ ଦିନ ହେବ ଶୀତ ଲହରୀ ଜାରି ରହିଛି। ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହିଛି। ଏହାସହ ଗତ ୨୪ ଘଣ୍ଟାରେ ରାଜ୍ୟର ୧୬ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଏହି ସ୍ଥିତି ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତାକାଲିଠାରୁ ଜାଡ଼ କମିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡାରେ ପାରଦ ୪.୬ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀ ୫.୫, ଦାରିଙ୍ଗବାଡିରେ ୬, କୋରାପୁଟ ୬.୫, ଚିପିଲିମା ୭.୮, ନବରଙ୍ଗପୁର, ରାଉରକେଲା ୮, ଝାରସୁଗୁଡା ୮.୨, ଭବାନୀପାଟଣା ୮.୫, ଅନୁଗୁଳ ୯, ସୁନ୍ଦରଗଡ଼ର କିରେଇ ୯.୨, ଢେଙ୍କାନାଳ, ରାୟଗଡ଼ା, ବୌଦ୍ଧ ଏବଂ ସୁନ୍ଦରଗଡ଼ରେ ପାରଦ ୧୦ ଡିଗ୍ରୀ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ▶ପୃଷ୍ଠା-୭






### ମଣ୍ଡି ଖୋଲୁଛି; ଧାନ ଉଠୁନି

# ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ ଚାଷୀ

■ ପଦ୍ମପୁର, ୧୩।୧୨ (ସମିସ): ଧାନବସ୍ତା ପକାଇ ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ; ରାସ୍ତା ଉପରେ ଆଣ୍ଠେଇ ହାତଯୋଡ଼ି ମୁଣ୍ଡିଆ ବି ମାରିଲେ। ଖାଲି ଗୋଟିଏ ଦାବି ପୂରଣ କର, ଆମ ଧାନ କିଣିନିଅ। ଓଡ଼ିଶାର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲାରୁ ଆସିଥିବା ଏଭଳି ଏକ ଚିତ୍ର ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ରୁ ଆରମ୍ଭ କରି ସମ୍ବଲପୁର ପର୍ଯ୍ୟନ୍ତ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ସରକାର-ମିଲର୍‌ଙ୍କ ମଧ୍ୟରେ ଟଣାଓଟରା ଏବଂ ଧାନକିଣା ପ୍ରକ୍ରିୟାରେ ବ୍ୟାପକ ସରକାରୀ ଅବ୍ୟବସ୍ଥାର ଫଳ ଚାଷୀଙ୍କୁ ଭୋଗିବାକୁ ପଡୁଛି। ଫଳରେ, ପାଖାପାଖି ମାସେ ତଳୁ ଅମଳ କରିଥିବା ଧାନ ଏବେ



ଖଳାରେ ଶୀତ କାକର ଖାଉଛି। ଧାନମଣ୍ଡି ଖୋଲୁଥିଲେ ହେଁ ଚାଷୀଙ୍କ ଧାନ ଉଠୁନାହିଁ। ପଦ୍ମପୁର ଉପଖଣ୍ଡ ରାଜବୋଡ଼ାସମ୍ବରରେ ଏହାକୁ ନେଇ ଆଜି ଚାଷୀମାନେ ନିଆରା ଢଙ୍ଗରେ ପ୍ରତିବାଦ ଜଣାଇଥିଲେ। ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଧିଆ ପଡ଼ି ଧାନ ଉଠାଇବା ପାଇଁ ଗୁହାରି କରିଥିଲେ।

ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ବହୁ ସଂଖ୍ୟାରେ ଚାଷୀ ପଦ୍ମପୁର ଉପଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଏକାଠି ହୋଇଥିଲେ। ପରେ ସେମାନେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଗୋଡ଼ ତଳେ ▶ପୃଷ୍ଠା-୭

**ଶୀଘ୍ର ଧାନ କିଣା ନ ହେଲେ ଆତ୍ମହତ୍ୟା ଚେତାବନୀ**

**ପଦ୍ମପୁର ଉପଖଣ୍ଡରେ ଧାନ ବିକ୍ରି ସମସ୍ୟା ଉତ୍କଟ**

# ବାଲେଶ୍ୱର ଉତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,୧୩।୧୨ (ସମିସ)



ବାଲେଶ୍ୱର ଉତ୍ସବ ୨୦୨୫ ଅବସରରେ ୱାଓ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ତା'ର ୧୬ ତମ ବାର୍ଷିକୀ ଉତ୍ସବ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ଆଜି ଉଦଘାଟନୀ ସନ୍ଧ୍ୟାରେ ସ୍ଥାନୀୟ ପୁରୁଣା ଷ୍ଟାଡିୟମ ପ୍ରାଙ୍ଗଣରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାୟିକା ସ୍ମିତା ପଣ୍ଡା ଓ ଗାୟକ ସଚିନଙ୍କ କଣ୍ଠର ଯାଦୁ ଦର୍ଶକଙ୍କୁ ଖୁବ ମତୁଆଲା କରିଥିଲା । ରକ୍ସ ଡ୍ୟାନ୍ସ ଗ୍ରୁପ ତରଫରୁ ପ୍ରଦର୍ଶିତ ହାଇ ଭୋଲ୍ଟେଜ ନୃତ୍ୟ ପରିବେଷଣ ବି ଥିଲା ବେଶ ଚିତ୍ତାକର୍ଷକ। କୁନିକୁନି ପିଲାଙ୍କ ପାଇଁ ବିଭିନ୍ନ ଦୋଳି ସାଙ୍ଗକୁ ଅନେକ ପ୍ରକାରର ଗୃହ ଉପକରଣ ଦୋକାନ, ପୋଷାକ ପରିପାଟୀ, ରାଜ୍ୟସ୍ତରୀୟ ଚର୍ଚ୍ଚିତ ସୁଆଦିଆ ଖାଦ୍ୟ ଦୋକାନର ବେଶ ଭିଡ଼ ଲାଗିଛି। ଦୀର୍ଘ ଆଠ ଦିନ ବ୍ୟାପି କାର୍ଯ୍ୟକ୍ରମରେ ପ୍ରବଳ ଜନସମାଗମ ହେବ ବୋଲି ଯାହା ଅନୁମାନ କରାଯାଉଛି । ଏହି ସବୁକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ସୁରକ୍ଷା ଯୋଗାଇ ଦେଇଛି ଜିଲ୍ଲା ପ୍ରଶାସନ। ଆଜିର ମଞ୍ଚରେ ଅନୁଷ୍ଠାନର ଆବାହକ ତଥା ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପୂର୍ବତନ ନଗରପାଳ ଆଲୋକ ସାହୁ, ଯୁବନେତା ଭାଗବତ ସାହୁ, ଉପଦେଷ୍ଟା ଶିକ୍ଷାବିତ ସୁବାସ ଚନ୍ଦ୍ର ଦାସ, ଉପାଧ୍ୟକ୍ଷ ଅର୍ବାନ କୋପରେଟିଭ ସଭାପତି ସୂର୍ଯ୍ୟକାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ମଞ୍ଚ ପରିଚାଳନା କରିଥିଲେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବାଲେଶ୍ୱର ପୌର ପରିଷଦର ପାରିଷଦ ଚିତ୍ତରଞ୍ଜନ ପଣ୍ଡା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# କେକେଏସ୍ ମହିଳା କଲେଜର ବାର୍ଷିକ କ୍ରୀଡ଼ା



ବାଲେଶ୍ୱର,୧୩।୧୨ (ସମିସ): ସ୍ଥାନୀୟ ପରମିଟ ପଡ଼ିଆରେ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ୬୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ମଶାଲ ଜଳାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶହେ, ଦୁଇ ଶହ ଓ ୪ ଶହ ମିଟର ଦୌଡ଼ ସହ ଲମ୍ବଡିଆଁ, ସଟପୁଟ, ଡିସକସ ଥ୍ରୋ, ଜାଭଲିନ ଥ୍ରୋ, ଧୀର ସାଇକଲ ଚାଳନା, ଖୋ-ଖୋ ଏବଂ କବାଡ଼ି ଭଳି ବିଭିନ୍ନ କ୍ରୀଡ଼ାରେ ଦୁଇଟି ବିଭାଗରେ ବହୁ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ଚିତ୍ତରଞ୍ଜନ ପାସା ଏବଂ ତାଙ୍କ ଟିମ୍ ବିଚାରକ ଭାବେ ଯୋଗଦେଇ କୃତୀ ଖେଳାଳିଙ୍କ ମୂଲ୍ୟାଙ୍କନ କରିଥିଲେ। ଚଳିତ ବର୍ଷ ପାଇଁ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ଫୁଲମଣି ମାଝୀ ଚମ୍ପିଆନ ହୋଇଥିବାବେଳେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ପାଇଁ ଯୁଗ୍ମ ଭାବରେ ରେଣୁକା ମାରାଣ୍ଡି ଓ ଲିଜା ମାଝୀ ଚମ୍ପିଆନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ରଶ୍ମିରେଖା ପତି ଏବଂ ସମ୍ମାନୀତ ଅତିଥି ଭାବେ ବାଲେଶ୍ୱର ଏଚଆରପିସି ଡିଏସପି ନିବେଦିତା ସୋରେନ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ନୀରୋଜ କୁମାର ସେଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ନବୀନ କୁମାର ଧାରୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ କ୍ରୀଡ଼ାବିତମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ଅଭିକ ନାୟକ ଧନ୍ୟବାଦ ଦେଇଥିଲେ।

# ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ

ବାଲେଶ୍ୱର,୧୩।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବାଲିଆ କପିଳମୁନି ବୃଦ୍ଧାଶ୍ରମରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଡେପୁଟି ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ଅମ୍ବୁଜ କୁମାର ଦାସ ଏବଂ କପିଳମୁନି ବୃଦ୍ଧାଶ୍ରମର ଅଧୀକ୍ଷକ ବଳରାମ ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।




# ସାମ୍ବାଦିକ ଜୟନ୍ତ ଘୋଷଙ୍କ ସ୍ମୃତିସଭା

ବାଲେଶ୍ୱର,୧୩।୧୨(ସମିସ): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସାମ୍ବାଦିକ ଜୟନ୍ତ କୁମାର ଘୋଷଙ୍କ ଶ୍ରାଦ୍ଧବାର୍ଷିକୀ ସାମ୍ବାଦିକ ପ୍ରକୋଷ୍ଠରେ ପାଳନ ହୋଇଯାଇଛି। ଏହି ସ୍ମୃତି ସଭାରେ ଖବର କାଗଜ ବିକ୍ରେତା ଅନନ୍ତ କୁମାର ସେନ ଯୋଗଦେଇ ଜୟନ୍ତ କୁମାର ଘୋଷଙ୍କ ସହିତ ବିତେଇଥିବା ଦିନର ସ୍ମୃତିକୁ ବଖାଣି ଥିଲେ। ଏହି ଅବସରରେ ପ୍ରେସ ଇମ୍ପ୍ରେସ ସାମ୍ବାଦିକ ସଂଘର ସଭାପତି ଉଜ୍ୱଳ କୁମାର କର ଓ ସାମ୍ବାଦିକ ପଦ୍ମଲୋଚନ ଦତ୍ତଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଶ୍ନଜିତ ଆସ, ବିଦ୍ୟାଧର ବାବୁ, ତ୍ରିଲୋଚନ ମହାନ୍ତି, ଶିବଶଙ୍କର ଭୋଇ, ଉପ ସଭାପତି ସନ୍ଦିପ୍ତ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ସ୍ମୃତି କମିଟି ସଭାପତି ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସାମ୍ବାଦିକ ବାସୁଦେବ ରାଉଳ ଓ ସମ୍ପାଦକ ଗଗନ ସେଠୀ ସହଯୋଗ କରିଥିଲେ। ସାମ୍ବାଦିକ ଭଗବାନ ଦାସ ଧନ୍ୟବାଦ ଦେଇଥିଲେ।

# ମହେନ୍ଦ୍ର ଦାସଙ୍କ ବିୟୋଗ

ବାଲେଶ୍ୱର,୧୩।୧୨(ସମିସ): ସଦର ବ୍ଲକର ଗେଙ୍ଗୁଟି ପଞ୍ଚାୟତ ଜମ୍ବେଶ୍ୱର ପୁର ଗ୍ରାମର ସଭିଙ୍କ ପ୍ରିୟ ମହେନ୍ଦ୍ର ଦାସ( ଅଜା) ଙ୍କ ବିୟୋଗ ହୋଇଯାଇଛି। ବୟସାଧିକ ହେତୁ କିଛି ଦିନ ଧରି ସେ ଶଯ୍ୟାଶାୟୀ ଥିଲେ। ବହୁଦିନ ଆଗରୁ ନିଜର ପ୍ରତିମୂର୍ତ୍ତି ସ୍ଥାପନ କରି ଯାଇଛନ୍ତି। ମୃତ୍ୟୁ ବେଳକୁ ଝିଅ ନାତିନାତୁଣୀ ପାଖରେ ଥିଲେ। ପୂର୍ବତନ ସରପଞ୍ଚ ବିରୁପାକ୍ଷ ମହାପାତ୍ର, ଜଳଧର ସାମଲ, ସତ୍ୟନାରାୟଣ ଆଚାର୍ଯ୍ୟ, ମାନବଧିକାର କର୍ମୀ ସୁଧାକର ସେଠୀ, ଅଭ୍ୟୁଦୟମର ମୁଖ୍ୟ ସବ୍ୟସାଚୀ ପ୍ରଧାନ, ଶିକ୍ଷୟିତ୍ରୀ ସାବିତ୍ରୀ ଦାସ, ଅନିଲ ଜେନା, ପୀତବାସ ଆଚାର୍ଯ୍ୟ, ସନତ ପରିଡା ପ୍ରମୁଖ ଜଣେ ଧର୍ମପ୍ରାଣା ବ୍ୟକ୍ତି ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

# ଆଉଟସୋର୍ସିଂ ଏମ୍ପ୍ଲୋଇଜ ଫେଡେରେସନ ବୈଠକ

ବାଲେଶ୍ୱର,୧୩।୧୨(ସମିସ): ଓଡ଼ିଶା ସରକାରୀ ଆଉଟସୋର୍ସିଂ ଏମ୍ପ୍ଲୋଇଜ ଫେଡେରେସନ ବାଲେଶ୍ୱର ମହାସଂଘ ପକ୍ଷରୁ ଆଇଟିଆଇ ପଡିଆରେ ଏକ ବୈଠକ ଅନୁଷ୍ଠିତ ହୋଇଛି। କର୍ମଚାରୀ ମହାସଂଘର ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ ସାସମଲ, ଜିଲ୍ଲା ସଭାପତି ମନୋଜ ରାଉତ, ସତ୍ୟଜିତ ଦତ୍ତ, ଜିତେନ୍ଦ୍ର ମଲ୍ଲିକ, ପ୍ରଶାନ୍ତ ବେହେରା, ସାବିତ୍ରୀ ନାଥ, ସ୍ୱାଗତ ସମ୍ବିତ ପଟ୍ଟନାୟକ, ସନ୍ତୋଷ ବାଗଲଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ବାଣପୁର ଶିଶୁ ମନ୍ଦିରରେ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷା କର୍ମଶାଳା




ଖଇରା,୧୩।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ଗ୍ରାମ ପଞ୍ଚାୟତ ଅଧୀନ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରରେ ପିଲାମାନଙ୍କ ଚରିତ୍ର ଗଠନ ଲକ୍ଷରେ ଶୁକ୍ରବାର ଦିନ ଏକ ନୈତିକ ଓ ଆଧ୍ୟାତ୍ମିକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ସିଆରସିସି ନେତ୍ରାନନ୍ଦ ପ୍ରଧାନ ମୁଖ୍ୟ ଅତିଥି, ଚିତ୍ତରଞ୍ଜନ ପଣ୍ଡା ମୁଖ୍ୟବକ୍ତା, ସଙ୍କୁଳ ପ୍ରମୁଖ ମନୀନ୍ଦ୍ର କୁମାର ଦିକ୍ଷିତ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇ ନୈତିକ ଶିକ୍ଷାର ମୂଳତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସଙ୍କୁଳ ସଂଯୋଜକ ଖଗେଶ୍ୱର ସ୍ୱାଇଁ କର୍ମଶାଳାର ଆଭିମୁଖ୍ୟ, ପ୍ରଧାନଆଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ ଓ କରୁଣାକର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ସୁର ସଙ୍କୁଳର ସମସ୍ତ ବିଦ୍ୟାଳୟ ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ବାଣପୁର ଶିଶୁ ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

# ତାନଶ୍ରୀ ପାଣିଗ୍ରାହୀଙ୍କୁ ସାହିତ୍ୟ କସ୍ତୁରୀ ସମ୍ମାନ



ବାଲେଶ୍ୱର, ୧୩।୧୨(ସମିସ): ଓଡ଼ିଆ ସାହିତ୍ୟ ପରିବାର ତିହିଡି ଭଦ୍ରକ ତାର ଚତୁର୍ଥ ବାର୍ଷିକ ଉତ୍ସବରେ କବିତା ପାଠ, ପୁସ୍ତକ ଉନ୍ମୋଚନ, ପ୍ରତିଭା ସମ୍ବର୍ଦ୍ଧନା ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ତିହିଡି ଟାଉନହଲ ପରିସରରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ଅମୂଲ୍ୟ ସେନାପତିଙ୍କ ପୌରହିତ୍ୟରେ ତଥା ସଭାପତି ଶ୍ରୀକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ବରେଣ୍ୟ ବକ୍ତା ବିଶିଷ୍ଟ ସାହିତ୍ୟିକା ଡ଼. ଝରଣା ପଟ୍ଟନାୟକ, ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଓ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ସହ ଜିଲ୍ଲାପାଳ ଅଲେଖ ପ୍ରସାଦ ମହାରଣା ଉପସ୍ଥିତ ରହି ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଦସ୍ୟା ବିବାସିନୀ ପଟ୍ଟନାୟକ ଓ ଶିକ୍ଷକ ସରୋଜ ଓଝା ଓ ବିଭିନ୍ନ ଜିଲ୍ଲାରୁ ଅନେକ ସାହିତ୍ୟିକ/ସାହିତ୍ୟିକା ଯୋଗ ଦେଇଥିଲେ। ଏହି ଅବସରରେ ସୁସାହିତ୍ୟିକା ଡଃ ତାନଶ୍ରୀ ପାଣିଗ୍ରାହୀଙ୍କୁ ସାହିତ୍ୟ କସ୍ତୁରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀମତୀ ପାଣିଗ୍ରାହୀ ପୂର୍ଣ୍ଣଚନ୍ଦ୍ରପୁର, ମୟୂରଭଞ୍ଜ ଆଡ଼ଭୋକେଟ ଶିବବ୍ରତ ମହାପାତ୍ରଙ୍କ ସହଧର୍ମିଣୀ ଓ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ବାଲିଆ, ବାଲେଶ୍ୱରର ଜଣେ ଆଚାର୍ଯ୍ୟା ଭାବେ କାର୍ଯ୍ୟରତ।

# ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା



ବାଲେଶ୍ୱର,୧୩।୧୨(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ଯୁବୋତ୍ସବରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଏହି ଉତ୍ସବରେ ୧୫ ରୁ ୨୯ ବର୍ଷ ମଧ୍ୟରେ ମୋଟ ୭୦୦ ପ୍ରତିଯୋଗୀ ଲୋକଗୀତ, ଲୋକନୃତ୍ୟ, ବିଜ୍ଞାନ ମେଳା, କବିତା ଲିଖନ, ଗଳ୍ପ ଲିଖନ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ସମସ୍ତ ପ୍ରତିଯୋଗିତା ମଧ୍ୟରୁ ଲୋକଗୀତ ପ୍ରତିଯୋଗିତାରେ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ଛାତ୍ରୀ ମାହେଶ୍ୱରୀ ପ୍ରଧାନ, ମେଘନା ସିଂ, ସୁନିତା ସୋରେନ, ସୁଲୋଚନା ସିଂ, ସୁକାନ୍ତି ମୁର୍ମୁ ଓ ଛାତ୍ର ବାବି ଜେନା, କୁନା ପ୍ରଧାନ, ପ୍ରକାଶ ମଲ୍ଲିକ, କାହ୍ନୁ ସିଂ, ଦିନେଶ ସିଂ ଅଂଶଗ୍ରହଣ କରିଥିଲେ। ସଂଗୀତ ଶିକ୍ଷକ ଗୌରାଙ୍ଗ ପାତ୍ର ଓ ସଂଜୀବ କୁମାର ବେହେରା ତତ୍ତ୍ୱାବଧାନରେ ପରିବେଷଣ ପଦକ୍ଷେପ ନିଆଯାଇଥିଲା। ଏହି ଲୋକଗୀତ ପ୍ରତିଯୋଗିତାରେ ରାଣୀପାଟଣା ବିଦ୍ୟାଳୟ ଛାତ୍ରଛାତ୍ରୀ ଦ୍ୱିତୀୟ ସ୍ଥାନ ଅଧିକାର କରି ନଗଦ ଅର୍ଥରାଶି ୭୫୦୦/ପୁରସ୍କାର ପ୍ରାପ୍ତ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଖୁସିରାମ ଗହିରଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପିଲାମାନଙ୍କ ସଫଳତା ପାଇଁ ବିଦ୍ୟାଳୟ ନିର୍ଦ୍ଦେଶକ ଦିବାକର ସ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ସାଧୁବାଦ ଜଣାଇଛନ୍ତି।

# ଜାନୁଆରୀ ୨୩ରୁ କୋଶମ୍ବ ମେଳା

ବାଲେଶ୍ୱର,୧୩।୧୨(ସମିସ): ରେମୁଣା ଗୋଲେଇରେ ୭ମ କୋଶମ୍ବ ମେଳା ଜାନୁଆରୀ ୨୩ରୁ ୨୬ ଚାରି ଦିନ ବ୍ୟାପି ଆୟୋଜନ କରାଯିବ ବୋଲି ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ତରଫରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ କୋଶମ୍ବ ପଡ଼ିଆରେ ଚଳିତ ବର୍ଷ ଚାରି ଦିନ ଧରି ୭ମ କୋଶମ୍ବ ମେଳାକୁ ଆକର୍ଷଣୀୟ କରି ଆୟୋଜନ କରାଯିବ ବୋଲି ପରିଷଦ ସଭାପତି ଭଗବାନ ଦାସ ଖଣ୍ଡେଲୱାଲଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ସମ୍ପାଦକ ଶିଳ୍ପୀ କେଶୁ ଦାସ ବିଗତ ବର୍ଷ ମେଳାର ପୁଙ୍ଖାନୁପୁଙ୍ଖ ବିବରଣୀ ଓ କୋଷାଧ୍ୟକ୍ଷ ମୂରଲୀଧର ଦାସ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ସମାଜସେବୀ ରବିନ୍ଦ୍ର କୁମାର ଜୈନଙ୍କ ପରାମର୍ଶ କ୍ରମେ ପରିଷଦର ମୁଖପାତ୍ର 'କୋଶମ୍ବିନୀ -୨୦୨୬' ପ୍ରକାଶ ପାଇଁ ସିଦ୍ଧାନ୍ତ ନିଆଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ ଓ ମନ୍ତ୍ରମୁଗ୍ଧ କରିବା ପାଇଁ ସହ ସମ୍ପାଦକ ଜୟକୃଷ୍ଣ ସାହୁ ଓ ସାଂସ୍କୃତିକ ସମ୍ପାଦକ ମନୋଜ କୁମାର ନାୟକ ରାଜ୍ୟ ବାହାରୁ କଳାକାର ଆସିବା ପାଇଁ ପ୍ରସ୍ତାବ ଦେଇଥିଲେ। ବିପଣୀ ସମ୍ପାଦକ ଦେବେଶ ରଞ୍ଜନ ପରମାଣିକ ଅଧିକରୁ ଅଧିକ ଷ୍ଟଲ ଲଗାଯିବ ବୋଲି ମତ ରଖିଥିଲେ। ଚଳିତ ବର୍ଷ ମେଳାର କଳେବର ଶ୍ରୀବୃଦ୍ଧି କରାଯିବ ବୋଲି କାର୍ଯ୍ୟକାରୀ ସଦସ୍ୟ ଉମାକାନ୍ତ ବେହେରା ଓ ଚନ୍ଦ୍ରଶେଖର ପରିଡ଼ା ଦାୟିତ୍ୱ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଗନ ଗିରି, ପ୍ରତାପ ମହାପାତ୍ର, ପ୍ରମୋଦ ମହାପାତ୍ର, ସନୁ ଖଣ୍ଡେଲୱାଲ, କରୁଣାକର ମହାନ୍ତି, ସୁବାସ ଚନ୍ଦ୍ର ଦାସ, ଦମୟନ୍ତୀ ବାଗ, ୱାର୍ଡ କାଉନସିଲର ପାନ ମୁର୍ମୁ, ରତିକାନ୍ତ ବେହେରା, ଦେବାଶିଷ ସାହୁ, ଉମେଶ ଦତ୍ତ ପ୍ରମୁଖ ମତ ରଖିଥିଲେ।

# କବି ବଂଶୀଧର ଚୌଧୁରୀଙ୍କ ସ୍ମରଣ ସଭା

ବାଲେଶ୍ୱର,୧୩।୧୨(ସମିସ): କବିଟିଏ ତା'ର କବିତାର ଶବ୍ଦମାନଙ୍କ ଭିତରେ ସବୁବେଳେ ବଂଚି ରହେ। ଦିବଙ୍ଗତ କବି ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନର ବାଲେଶ୍ୱର ଜିଲ୍ଲା ସଭାପତି ଡ. ବଂଶୀଧର ଚୌଧୁରୀଙ୍କ ସ୍ମୃତିଚାରଣ ପାଇଁ ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟ ଓ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ବରିଷ୍ଠ ନାଗରିକ ରାଧାଗୋବିନ୍ଦ କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଯୁବ ସାହିତ୍ୟିକ ଡା ଅରୂପ ଅଭିଷେକ ସ୍ୱାଗତ ସୂଚନା ଦେଇଥିଲେ। ଜୟପୁର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ରିତାରାଣୀ କରଣ ପ୍ରାୟତ ଡଃ ଚୌଧୁରୀଙ୍କ କବିତା ପଠନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବରିଷ୍ଠ କବି ବିଜୟ ଉପାଧ୍ୟାୟ, ଜୀବନ ସଂଗ୍ରାମ ଟ୍ରଷ୍ଟର ଅଧ୍ୟକ୍ଷ ହୃଷୀକେଶ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, କବି ଇଂ କୁମାର କାର୍ତ୍ତିକ, ସୃଷ୍ଟିଧର ପରିଡ଼ା, କବି ଓ ପ୍ରକାଶକ ଡଃ କାଳୀପଦ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ହୋଇ ସ୍ୱର୍ଗତ ଚୌଧୁରୀଙ୍କୁ ଶ୍ରଦ୍ଧା ଅର୍ପଣ କରିଥିଲେ। 'ଗାସ'ର ଉପସଭାପତି ସୁଦର୍ଶନ ଜେନା ଧନ୍ୟବାଦ ଦେଇଥିଲେ।

# ଶ୍ୟାମସୁନ୍ଦରପୁର କ୍ଲଷ୍ଟରରେ 'ଆସ ସ୍କୁଲ ଯିବା' ଅଭିଯାନ



ଖଇରା,୧୩।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର କ୍ଲଷ୍ଟରରେ ଆସ ସ୍କୁଲ ଯିବା ଅଭିଯାନ ଆନୁକୂଲ୍ୟରେ ଶିକ୍ଷାସଭା ଗଣ୍ଡିବେଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ସିଆରସିସି ଉଦୟଭାନୁ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନଶିକ୍ଷକ କୃପାସିନ୍ଧୁ ଦାସ ଯୋଜାନର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସଭାପତି ଦୀପକ ରାଉଳ, ଅଙ୍ଗନୱାଡି କର୍ମୀ ସାଇଲକ୍ଷ୍ମୀ ମହାରଣା, ପୂର୍ବତନ ସିଆରସିସି ସୁଶାନ୍ତ କୁମାର ମହାପାତ୍ର, ପ୍ରଧାନଶିକ୍ଷକ ବସନ୍ତ କୁମାର ସିଂ ଅତିଥି ଭାବେ ଯୋଗ ଦେଇ ଅଧାରୁ ପାଠ ଛାଡୁଥିବା ଓ ଆଦୌ ନାମ ଲେଖାଇନଥିବା ପିଲା ମାନଙ୍କୁ କିଭଳି ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ସେ ସମ୍ପର୍କରେ ଗୁରୁତ୍ୱ ଆରୋପ କରିଥିଲେ। ଦିବ୍ୟଜ୍ୟୋତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୟାଣ୍ଡଫେଷ୍ଟ ଯୁବ ମହୋତ୍ସବ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧୩।୧୨(ସମିସ): ଚଳିତ ମାସ ୨୦ଏବଂ୨୧ ତାରିଖ ଦୁଇ ଦିନ ଧରି ହେବାକୁ ଥିବା ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବ ସ୍ୟାଣ୍ଡ ଫେଷ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୁଇ ଦିନ ଧରି ଓଡ଼ିଶା ଏବଂ ଓଡ଼ିଶା ବାହାରୁ ପ୍ରତିଭାଗୀମାନଙ୍କୁ ସମ୍ମିଳିତ କରାଯିବ ବୋଲ ପ୍ରସ୍ତାବନା ଦେଇଥିଲେ। ମୁଖ୍ୟ ପୃଷ୍ଠପଶୋକ ରିତିକ ଜି, ଉପାଧ୍ୟକ୍ଷ ପ୍ରକାଶକ କଶୋର ନାୟକ, ସଭାପତି ପ୍ରଦୀପ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ମହାନ୍ତି ତଥା ସାଧାରଣ ସମ୍ପାଦକ ଦେବଦତ ଦାସ ମଧ ଉପସ୍ଥିତ ରହି ସଙ୍ଗଠନର କିଛି ପୁରାତନ ସଦସ୍ୟମାନଙ୍କୁ ବିଭିନ୍ନ ପଦ ପଦବୀ ପ୍ରଦାନ କରି ଦାୟିତ୍ୱ ପ୍ରଦାନ କରିଥିଲେ। ପୃଷ୍ଠପୋଷକ ଗୌରହରି ମଲ୍ଲିକ, ଝାଡ଼େଶ୍ୱର ଜେନା, ପାର୍ଥସାରଥୀ ଦାସ, ଅନୁପ କୁମାର ମିଶ୍ର ତଥା ଉପଦେଷ୍ଟା ବିକାଶ ପାଢ଼ୀ, ବୀରେନ୍ଦ୍ର ନାରାୟଣ ପଣ୍ଡା, ବ୍ରଜକିଶୋର ପ୍ରଧାନ, ଡ ସୁକ୍ରୁତି କର, ନୀରୋଦପ୍ରଭା ପଣ୍ଡା, ସାଙ୍ଗଠନିକ ସମ୍ପାଦକ ଭାବେ ଅର୍ଦ୍ଧେନ୍ଦୁ ଦାସ, ଉପ ସଭାପତି ଭାବେ ଅମ୍ର କୁମାର ଦାସ ଏବଂ ହେମନ୍ତ ବେହେରା, ସହ ସମ୍ପାଦକ ଭାବେ ରଶ୍ମି ରଞ୍ଜନ ପ୍ରଧାନ ଏବଂ ମନୋଜ ପଣ୍ଡା, କୋଷାଧ୍ୟକ୍ଷ ଭାବେ ରାଜୀବ ଗିରି, ମୁଖ୍ୟ କାର୍ଯ୍ୟକ୍ରମ ସଂଯୋଜିକା ସ୍ମିତା ମହାନ୍ତି ଓ କାର୍ଯ୍ୟକ୍ରମ ସଂଯୋଜିକା ଦୀପା ପ୍ରଧାନଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଶିବାନୀ ପହାପତ୍ର,ପାୟଲ ରଣା,କୌଶଲ୍ୟା ପାଣିଗ୍ରାହୀ, ସଞ୍ଜୁକ୍ତା ପ୍ରଧାନ ଓ ପାର୍ବତୀ ହୁଇଙ୍କୁ ନୂତନ ଭାବେ କାର୍ଯ୍ୟକ୍ରମ ସଂଯୋଜକ ଦାୟିତ୍ୱ ଦିଆଯାଇଥିଲା। ସାଂସ୍କୃତିକ ସହ ସମ୍ପାଦିକା ଦେବଶ୍ରୀ ମହାନ୍ତି ଦାୟିତ୍ୱ ନେବା ସହ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ଦୁଇ ଦିନ ଧରି ସର୍ବ କନିଷ୍ଠ, କନିଷ୍ଠ, ବରିଷ୍ଠ, ମିସ ସ୍ୟାଣ୍ଡଫେଷ୍ଟ, ସ୍ୟାଣ୍ଡଫେଷ୍ଟ କୁଇନ ବିଭାଗ ମାଧ୍ୟମରେ ଶାସ୍ତ୍ରିୟ ନୃତ୍ୟ, ଆଧୁନିକ ନୃତ୍ୟ,ସଙ୍ଗିତ, ରିଲିସ,ରଙ୍ଗୋଲି,ଗ୍ରୁପ ଡ୍ୟାନ୍ସ ଆଦି ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜିତ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ରମ୍ୟା ହୁଇ, ଦୀପା ପ୍ରଧାନ, ସତ୍ୟଜିତ ଦାସ, ମୃତ୍ୟୁଞ୍ଜୟ ଯେନା ପ୍ରମୁଖ ଉପସ୍ଥିତ ଥିଲେ।

# ୧୯ ରୁ ନୋସି ଏକ୍ସପୋ-୨୦୨୫ ପ୍ରଦର୍ଶନୀ

ବାଲେଶ୍ୱର,୧୩।୧୨(ସମିସ)



ଓଡିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗ ସହଯୋଗରେ "ଉତ୍ତର ଓଡିଶା ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍' ପକ୍ଷରୁ ନୋହି ଏକ୍ସପୋ -୨୦୨୫ ପ୍ରଦର୍ଶନୀ ତଥା "ଶିଳ୍ପ ଓ ଗ୍ରାହକ ଏବଂ ଅଟୋ ଏକ୍ସପୋ' ତଥା ଇଣ୍ଡଷ୍ଟ୍ରିଆଲ କଞ୍ଜ୍ୟୁମର ଏବଂ ଅଟୋ ଏକ୍ସପୋ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ନୋସି ବିଜନେସ ପାର୍କର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୋସିର ସଭାପତି ପ୍ରଜୟ କୁମାର ଡାଭେ, ସମ୍ପାଦକ ତଥା ଏକ୍ସପୋ ଆୟୋଜନ କମିଟି ମୁଖ୍ୟ ହରିଶ ପଟେଲ, ନୋସି କାର୍ଯ୍ୟକାରୀ ସଦସ୍ୟ ଶିବ ପୋଦାର ଓ ସୋନୁ ଖଣ୍ଡେଲୱାଲ ପ୍ରମୁଖ ଯୋଗଦେଇ ଆସନ୍ତା ୧୯ ତାରିଖରୁ ବାମପଦା ସ୍ଥିତ ନୋସି ବିଜନେସ ପାର୍କ ଠାରେ ହେବାକୁ ଯାଉଥିବା "ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ'ର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ୨୨ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ଚାଲିବା ସହିତ ଏଥିରେ ରାଜ୍ୟ ତଥା ଉତ୍ତର ଓଡିଶାର ଉତ୍ପାଦିତ ବିଭିନ୍ନ ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନୀ ଦ୍ରବ୍ୟର ଶିଳ୍ପାନୁଷ୍ଠାନ ଏବଂ ଦେଶର ଖ୍ୟାତନାମା ଯାନବାହାନ ନିର୍ମାତା ଅଂଶଗ୍ରହଣ କରିବେ। ବାଲେଶ୍ୱର ତଥା ଉତର ଓଡିଶାର ଶିଳ୍ପ ଉଦ୍ୟୋଗର ବୃହତର ବିକାଶ ଲକ୍ଷ୍ୟ ନେଇ ଏହି ଏକ୍ସପୋ ଅନୁଷ୍ଠିତ ହେଉଥିବା ସଭାପତି ଶ୍ରୀ ଡାଭେ ପ୍ରକାଶ କରିଥିଲେ। ତେବେ ଉତ୍ତର ଓଡିଶାରେ ବୈପ୍ଳବିକ ଅଭିବୃଦ୍ଧି ଲକ୍ଷ୍ୟ ସହିତ ଭବିଷ୍ୟତର ପ୍ରଯୁକ୍ତି ବିଦ୍ୟା ଜଡିତ ଅଟୋମୋବାଇଲ କ୍ଷେତ୍ରକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଲକ୍ଷ୍ୟରେ ଚଳିତ ବର୍ଷ ମଧ୍ୟ ଅଟୋ ଏକ୍ସପୋ ଅନୁଷ୍ଠିତ ହେଉଥିବା ଶ୍ରୀ ପୋଦାର କହିଥିଲେ। ନୋସି ବିଜନେସ ପାର୍କର ପ୍ରଦର୍ଶନୀ ହଲରେ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ହେଉଥିବା ଏହି ଏକ୍ସପୋ ସାଧାରଣ ଜନତାଙ୍କ ପାଇଁ ସକାଳ ୧୧ଟାରୁ ରାତି ସାଢେ ୯ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ସମ୍ପାଦକ ଶ୍ରୀ ପଟେଲ ସୂଚନା ଦେଇଥିଲେ। ଏହି ୪ ଦିନ ମଧ୍ୟରେ ଶିଳ୍ପ ସମ୍ମିଳନୀ ସହିତ ବଡ ଧରଣର ବ୍ୟବସାୟିକ କାରବାର ହେବ।ସନ୍ଧ୍ୟାରେ ମନୋରଞ୍ଜନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଯାନବାହାନ ନିୟନ୍ତ୍ରଣ ତଥା ପାର୍କିଂ ପାଇଁ ଉତମ ବ୍ୟବସ୍ଥା ସହ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିବା ଶ୍ରୀ ପଟେଲ କହିଥିଲେ।

# ଆୟୁଷ ଡାକ୍ତର ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ସ୍ଥଗିତ

ବ୍ରହ୍ମପୁର,୧୩ା୧୨(ସମିସ): ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ୮ଦଫା ଦାବି ନେଇ କିଛି ଦିନ ହେବା ସାମୂହିକ ଆମରଣ ଅନଶନ ଜାରିରହିଥିବା ବେଳେ ଶନିବାରଠାରୁ ତାହା ସ୍ଥଗିତ ରହିଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହିକ୍ରମରେ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍‌ପିଟାଲର ଛାତ୍ର ସଂସଦ ପକ୍ଷରୁ ସାମୂହିକ ଆମରଣ ଅନଶନ ଜାରି ରହିଥିଲା। ଗୁରୁବାର ସଂଗଠନ ପକ୍ଷରୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ସରକାରୀ ବାସଭବନରେ ତାଙ୍କର ଉପସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସହ ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ କିଛି କର୍ମକର୍ତ୍ତା ଆଲୋଚନା କରିଥିଲେ। ସଂଗଠନର ଦାବି ଗୁଡ଼ିକ ଖୁବ୍‌ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ନୂତନ ପଦବୀ ସୃଷ୍ଟି କରିବା ବିଷୟରେ ନୂତନ କମିଟି ଗଠିତ ହେବା ସହିତ ତାହାର ନିର୍ଦ୍ଦେଶାନାମା ଜାରି କରାଯାଇଛି। ଏହା ପରେ ସଂଗଠନ ପକ୍ଷରୁ ଧାରଣାକୁ ସ୍ଥଗିତ ରଖିଯାଇଛି।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

# ସମାବର୍ତ୍ତନ ଉତ୍ସବ ଅପେକ୍ଷାରେ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

ବ୍ରହ୍ମପୁର,୧୩ା୧୨(ସମିସ)



ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାର ଦୀର୍ଘ ୪ବର୍ଷ ପରେ ମଧ୍ୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇପାରିନି ପ୍ରଥମ ସମାବର୍ତ୍ତନ ଉତ୍ସବ ବା କନ୍‌ଭୋକେସନ। ଯଦ୍ୱାରା ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ସାର୍ଟିଫିକେଟ ହାସଲ ଅପେକ୍ଷାରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ରହିଛନ୍ତି। ୨୦୧୫ମସିହାରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପ୍ରଥମେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଇଥିଲା। ୨୦୨୦ରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ରଦ୍ଦ କରାଯାଇଥିଲା। ଫଳରେ ୨୦୨୦-୨୧ଶିକ୍ଷାବର୍ଷରେ ପୁଣି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନକୁ ଆସିଥିଲା ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ। ପରେ ଶିକ୍ଷାନୁଷ୍ଠାନକୁ ପୁଣି ୨୦୨୧ମସିହାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲା। ତେବେ ଘୋଷଣାର ଦୀର୍ଘବର୍ଷ ପରେ ମଧ୍ୟ ଭିତ୍ତିଭୂମିର ଅଭାବ ଓ ଅନ୍ୟାନ୍ୟ କାରଣରୁ ଏହାକୁ ୟୁଜିସିର ୨(ଏଫ୍) କିମ୍ବା ୧୨(ବି) ସ୍ୱୀକୃତି ମିଳିନଥିଲା। ଫଳସ୍ୱରୂପ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଇଥିଲା। ବହୁ ଚେଷ୍ଟା ପରେ ନିକଟ ଅତୀତରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ୟୁଜିସି ପକ୍ଷରୁ ୨(ଏଫ୍) ସ୍ୱିକୃତୀ ମିଳିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ୧୨(ବି) ସ୍ୱିକୃତୀ ମିଳିପାରିନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଡିଗ୍ରୀ ଓ ସାର୍ଟିଫିକେଟକୁ ସ୍ୱୀକୃତି ମିଳିଥିଲେ ହେଁ ଶିକ୍ଷାନୁଷ୍ଠାନକୁ ଆର୍ଥିକ ଅନୁଦାନ ମିଳିବାରେ ସମସ୍ୟା ଲାଗି ରହିଛି। ଏହି ସମସ୍ୟାର ସମାଧାନ ଦିଗରେ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚେଷ୍ଟାରତ। ତେବେ ଏଭଳି ବିଭିନ୍ନ ସମସ୍ୟା କାରଣରୁ ଗତ ୨୦୨୧ରୁ ବିଶ୍ୱବିଦ୍ୟାଳୟ ଘୋଷିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଉଭୟ କୃତି ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଛାତ୍ରଛାତ୍ରୀ ନିଜ ମୂଳ ସାର୍ଟିଫିକେଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଶିକ୍ଷାନୁଷ୍ଠାନରେ ସ୍ନାତକ ଶ୍ରେଣୀରେ ୧୭ଟି ଏବଂ ସ୍ନାତକୋତ୍ତର ଶ୍ରେଣୀରେ ୧୮ଟି ବିଭାଗ ରହିଛି। ପ୍ରତିବର୍ଷ ସମାବର୍ତ୍ତନ ଉତ୍ସବ ବା କନଭୋକେସନ ଆୟୋଜନ କରି ସାର୍ଟିଫିକେଟ ପ୍ରଦାନ କରିବାର ବିଧି ରହିଥିବା ବେଳେ ଦୀର୍ଘ ୪ବର୍ଷ ଧରି ଏହା ସମ୍ଭବପର ହୋଇନାହିଁ। ଫଳରେ ଗତ ୪ବର୍ଷରେ ସ୍ନାତକ ଡିଗ୍ରୀର ଦୁଇଟି ବ୍ୟାଚ ଯଥା ୨୦୨୧-୨୪ର ୯୫୮ଜଣ ଓ ୨୦୨୨-୨୫ବ୍ୟାଚର ୧୦୫୭ଜଣ ଛାତ୍ରଛାତ୍ରୀ ଏହିଭଳି ମୋଟ ୨୦୧୫ଜଣ ସାର୍ଟିଫିକେଟକୁ ଅପେକ୍ଷା କରିଛନ୍ତି। ସେହିଭଳି ସ୍ନାତକୋତ୍ତର ଶ୍ରେଣୀରେ ୨୦୨୧-୨୩ ବ୍ୟାଚର ୩୩୩ଜଣ, ୨୦୨୨-୨୪ ବ୍ୟାଚର ୩୪୫ ଏବଂ ୨୦୨୩-୨୫ବ୍ୟାଚର ୩୬୯ଜଣ ଏଭଳି ମୋଟ ୧୦୪୭ଜଣ ଛାତ୍ରଛାତ୍ରୀ ନିଜ ସାର୍ଟିଫିକେଟ ପାଇବାକୁ ଅପେକ୍ଷା କରିଛନ୍ତି। ଏବଂ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ମୋଟ ୩ହଜାର ୬୨ଜଣ ଛାତ୍ରଛାତ୍ରୀ ସମାବର୍ତ୍ତନ ଉତ୍ସବରେ ନିଜର ସାର୍ଟିଫିକେଟ ଗ୍ରହଣ କରିବାକୁ ଚାହିଁ ରହିଛନ୍ତି। ସମାବର୍ତ୍ତନ ଉତ୍ସବ ଆୟୋଜନ ପାଇଁ କୁଳାଧିପତି ତଥା ରାଜ୍ୟପାଳଙ୍କ ଅନୁମତି ଜରୁରି। ଏଣୁ ଏଥି

- ବିଶ୍ୱବିଦ୍ୟାଳୟ ଘୋଷଣା ପରଠୁ ହୋଇନି 'କନଭୋକେସନ'
- ସାର୍ଟିଫିକେଟ ଅପେକ୍ଷାରେ ୩ ବ୍ୟାଚ୍‌ର କୃତି ଛାତ୍ରଛାତ୍ରୀ
- ନୂଆବର୍ଷରେ ପ୍ରଥମ ସମାବର୍ତ୍ତନ ଉତ୍ସବ ଆୟୋଜନ ପାଇଁ ସଜବାଜ

ପୂର୍ବରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ପାଳନ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସଜବାଜ ହେଉଥିବା ଜଣାପଡିଛି। ଏନେଇ ଆସନ୍ତା ୧୬ରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ହେବାକୁ ଥିବା ସିଣ୍ଡିକେଟ ବୈଠକରେ ନୂଆବର୍ଷ ୨୦୨୬ରେ ପ୍ରସ୍ତାବିତ ସମାବର୍ତ୍ତନ ଉତ୍ସବ ପାଇଁ ବିସ୍ତୃତ ଆଲୋଚନା କରାଯିବ ବୋଲି ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଅଧ୍ୟକ୍ଷ ଡଃ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିଭଳି ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଓ ଫିଲୋସୋଫି ଭଳି ଦୁଇଟି ବିଭାଗକୁ ପୁନଃ ଖୋଲିବା ଉପରେ ମଧ୍ୟ ସିଣ୍ଡିକେଟ ବୈଠକରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେପଟେ ରାଜ୍ୟରେ ଜାତୀୟ ଶିକ୍ଷା ନିତି (ଏନଇପି) ଲାଗୁ ହେବାପରେ ବିଶ୍ୱବିଦ୍ୟାଳୟ ଗୁଡିକରେ ପୂର୍ବଭଳି ପୁଣି ସିନେଟ ଗଠନ କରିବା ଜରୁରୀ ହୋଇଛି। ଏଣୁ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମଧ୍ୟ ଖୁବ୍‌ଶୀଘ୍ର ସିନେଟ ଗଠିତ ହେବ ଏବଂ ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ର ପ୍ରତିନିଧିଙ୍କ ନାମ ସୁପାରିଶ କରାଯାଇଥିବା ବିଶ୍ୱବିଦ୍ୟାଳୟର କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ କହିଛନ୍ତି।

- ପୁତୁରା ପରେ ଏବେ ଖୋଦ୍ ଖଣି ଓ ପରିବହନ ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ

# ନିଜ କାର୍ଯ୍ୟାଳୟ ନିକଟରେ ଯୁବକଙ୍କୁ ମାଡ଼ ମାରିଥିବା ଅଭିଯୋଗ

ବ୍ରହ୍ମପୁର,୧୩ା୧୨(ସମିସ): ପୁତୁରାଙ୍କ ପରେ ଏବେ ଖୋଦ ଖଣି ତଥା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଅଭିଯୋଗ ଆଣିଛନ୍ତି ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ. ଡମ୍ବରୁ ରେଡ୍ଡୀ। ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଗୋଳନ୍ଥରା ସ୍ଥିତ ବନ୍ଦେ ମାତରଂ କାର୍ଯ୍ୟାଳୟ ନିକଟରେ କିଛି ସ୍ଥାନୀୟ ଯୁବକଙ୍କୁ ନିଜେ ମନ୍ତ୍ରୀ ପ୍ଲାଷ୍ଟିକ ପାଇପରେ ମାଡ଼ ମାରିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଘଟଣାର ସତ୍ୟାସତ୍ୟ ପାଇଁ ଡମ୍ବରୁ ତଦନ୍ତ ଦାବି କରି ବ୍ରହ୍ମପୁର ଏସପିଙ୍କ ସମେତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ ଓ ଗୃହବିଭାଗକୁ ଚିଠି ଲେଖି ଡାକ ଯୋଗେ ପଠାଇଥିବା କହିଛନ୍ତି।



Home Department, Govt. of Odis...
@homeodisha

@SP_BERHAMPUR to look into this and to take immediate action as per law.

ANANTA MAHANTY @anant... · 19m
୦୬/୧୨/୨୦୨୫ ରିଖ ରାତିରେ @MinesOdisha ତଥା @CTOdisha ର ମାନ୍ୟବର ମନ୍ତ୍ରୀ @BibhutiJena93 ସ୍ଥାନୀୟ ଯୁବକମାନଙ୍କୁ ପ୍ଲାଷ୍ଟିକ ପାଇପରେ ଆକ୍ରମଣ କରି ଆଇନ ହାତକୁ ନେଇଥିବା ସମ୍ପର୍କରେ ତଦନ୍ତ ପାଇଁ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ N.Damabaru Reddy (@redd...

ଡମ୍ବରୁଙ୍କ ଲିଖିତ ଅଭିଯୋଗକୁ ଆଧାର କରି ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି ବ୍ରହ୍ମପୁର ଏସ୍‌ପି ଓ ରାଜ୍ୟ ଗୃହବିଭାଗକୁ ଟ୍ୱିଟ କରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଉଭୟ ଡମ୍ବରୁ ରେଡ୍ଡୀ ଓ ଅନନ୍ତ ମହାନ୍ତିଙ୍କ ଅଭିଯୋଗ ପରେ ରାଜ୍ୟ ଗୃହବିଭାଗ ପକ୍ଷରୁ ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ରହ୍ମପୁର ଏସପିଙ୍କୁ ନିର୍ଦ୍ଦେଶ ହୋଇଥିବା ଗୃହବିଭାଗର ସରକାରୀ ଟୁଇଟ୍‌ରରୁ ସୂଚନା ମିଳିଛି। ତେବେ ଏଭଳି ଅଭିଯୋଗ ସମ୍ପର୍କରେ ମନ୍ତ୍ରୀ ବିଭୂତି ଜେନାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ପ୍ରକାଶ ଯୋଗ୍ୟ ଯେ' ୫୩ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ. ଡମ୍ବରୁ ରେଡ୍ଡୀଙ୍କ ଅଭିଯୋଗ ପ୍ରକାରେ ଗତ ୬ତାରିଖ ରାତି ପ୍ରାୟ ସାଢେ ୧୦ଟାରେ ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଗୋଳନ୍ଥରା ନିକଟରେ ଥିବା ମନ୍ତ୍ରୀ ଶ୍ରୀଜେନାଙ୍କ କାର୍ଯ୍ୟାଳୟ ନିକଟରେ ଏକ ପ୍ଲାଷ୍ଟିକ ପାଇପ ଜରିଆରେ ସ୍ଥାନୀୟ କିଛି ଯୁବକଙ୍କୁ ମାଡ ମାରିଥିଲେ। ଯାହାକୁ ନେଇ କେହି ମୁହଁ ଖୋଲୁନଥିଲେ ହେଁ ଏହା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ରୀଜେନାଙ୍କ ଭଳି ଜଣେ ପଦପଦବୀରେ ଥିବା ଜଣେ ଦାୟିତ୍ୱବାନ ବ୍ୟକ୍ତି ନିଜେ ଆଇନକୁ ହାତକୁ ନେବା ଶୁଭଙ୍କର ନୁହେଁ। ଏଣୁ ଏଭଳି ଚର୍ଚ୍ଚାର ସତ୍ୟାସତ୍ୟ

- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ ଓ ବ୍ରହ୍ମପୁର ଏସପିଙ୍କୁ ତଦନ୍ତ ପାଇଁ ଚିଠି
- ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ବ୍ରହ୍ମପୁର ଏସ୍‌ପିଙ୍କୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ

ସମ୍ପର୍କରେ ନିରପେକ୍ଷ ତଦନ୍ତ କରିବାକୁ ଡମ୍ବରୁ ଦାବି କରିଛନ୍ତି। ପୂର୍ବରୁ ମଧ୍ୟ ଅନୁରୂପ ଭାବେ ମନ୍ତ୍ରୀ ଶ୍ରୀଜେନାଙ୍କ ପୁତୁରା ନିଜ ସମର୍ଥକଙ୍କ ସହ ଆଇନକୁ ହାତକୁ ନେଇ ଗଞ୍ଜାମ ଓକିଲ ସଂଘର ଜନୈକ ସଦସ୍ୟ ଆଇନଜୀବୀଙ୍କ ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗବେଷକଙ୍କ ସଫଳତା

# ୫ ନୂତନ ପ୍ରଜାତିର ସାମୁଦ୍ରିକ ଜୀବ ଆବିଷ୍କୃତ

ବ୍ରହ୍ମପୁର,୧୩ା୧୨(ସମିସ): ଓଡିଶା ସମେତ ଦେଶର ବିଭିନ୍ନ ଉପକୂଳ ଅଞ୍ଚଳରୁ ପୂର୍ବରୁ ଅନେକ ନୂତନ ପ୍ରଜାତିର ସମୁଦ୍ର ଜୀବ ଆବିଷ୍କାର କରିଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚଳିତ ବର୍ଷ ମଧ୍ୟ ପୁଣି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମୁଦ୍ର ବିଜ୍ଞାନ ବିଭାଗର ଡା ଶେଷଦେବ ପାତ୍ର ଓ ତାଙ୍କ ଟିମ୍ ଚଳିତବର୍ଷ ଅର୍ଥାତ୍ ୨୦୨୫ମସିହାରେ ମୋଟ ୫ଟି ନୂତନ ପ୍ରଜାତିର ସମୁଦ୍ରଜୀବ ଆବିଷ୍କାର କରିଛନ୍ତି। ଏହି ଗବେଷଣାକାରୀ ଦଳ ଓଡିଶା ଉପକୂଳର ସମୁଦ୍ରୀୟ ବେନ୍ଥିକ ଜୀବମାନଙ୍କ ଉପରେ ସକ୍ରିୟ ଗବେଷଣା କରୁଛନ୍ତି। ଜୀବମାନଙ୍କର ଆକୃତିଗତ ଲକ୍ଷଣ ସହ ଡିଏନଏ ଅଧ୍ୟୟନ ମାଧ୍ୟମରେ ମଲେକ୍ୟୁଲାର ପଦ୍ଧତି ବ୍ୟବହାର କରି ପ୍ରଜାତିଗୁଡିକୁ ସ୍ପଷ୍ଟ କରୁଛନ୍ତି। ନୂତନ ଆବିଷ୍କୃତ ପ୍ରଜାତିଗୁଡିକ ହେଲେ ଆର୍ସିଡିଆ ଚିଲିକେନସିସ (ଚିଲିକା ହ୍ରଦରୁ ଆବିଷ୍କୃତ ଏକ ପଲିକିଟ ଓ ହ୍ରଦର ନାମାନୁସାରେ ନାମକରଣ) କରାଯାଇଛି। ଆଡମୀରାଣ୍ଡସଓଡିଶାଏନସିସ (ଚିଲିକା ହ୍ରଦରୁ ଆବିଷ୍କୃତ ଏକ ନେମାଟୋଡ ଏବଂ ଓଡିଶାର ନାମାନୁସାରେ ନାମକରଣ) ହୋଇଛି। ସେହିଭଳି ସ୍ୟୁଡୋରହୋମ୍ବସ( ବାହୁଦା ନଦୀ ମୁହାଣରୁ ଆବିଷ୍କୃତ ଏକ ଫ୍ଲାଟ ଫିସ), ଗ୍ରାଣ୍ଡିଡିଏରେଲା ଗୀତାଞ୍ଜଲାଇ( ଚିଲିକାରୁ ଆବିଷ୍କୃତ ଏକ ଆମ୍ଫିପଡ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ ସମ୍ମାନରେ ନାମକରଣ) ଏବଂ ଗ୍ରାଣ୍ଡିଡିଏରେଲା ଖମ୍ଭାତେନ (ଗୁଜରାଟରୁ ଆବିଷ୍କୃତ ଏକ ଆମ୍ଫିପଡ, ଗଲ୍ଫ ଅଫ୍ ଖମ୍ଭାତ ନାମାନୁସାରେ ନାମକରଣ) କରାଯାଇଛି। ଏହି ସମସ୍ତ ଆବିଷ୍କାର ଜର୍ଣ୍ଣାଲ ଅଫ୍ ନାଚୁରାଲ ହିଷ୍ଟ୍ରୀ ଓ ଜୋଟାକ୍ସା ପରି ପ୍ରତିଷ୍ଠିତ ଆନ୍ତର୍ଜାତୀୟ ସାମୟିକ ଗୁଡିକରେ ପ୍ରକାଶିତ ହୋଇଛି।




ଏହି ଗବେଷଣା ଦଳରେ ଭାରତ ଓ ବିଦେଶର ଅନେକ ସଂସ୍ଥା ଯଥା ଜୁ ସର୍ଭେର୍ ଅଫ୍ ଇଣ୍ଡିଆ, ଆୟରଲ୍ୟାଣ୍ଡର ୟୁନିଭରସିଟି କଲେଜ କର୍କ ଏବଂ ହେମଚନ୍ଦ୍ରାଚାର୍ଯ୍ୟ ନର୍ଥ ଗୁଜରାଟ ବିଶ୍ୱବିଦ୍ୟାଳୟର ଗବେଷକମାନେ ସମ୍ମିଳିତ ଅଛନ୍ତି। ଗବେଷଣା ଛାତ୍ରୀ ଡଃ ଗୀତାଞ୍ଜଳୀ ଭୋଇ ଓ ସୁମନ ପାତ୍ର ଏହି ପ୍ରଜାତିର ସମୁଦ୍ରଜୀବମାନଙ୍କର ଆବିଷ୍କାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ଗବେଷକଙ୍କ ଦ୍ୱାରା ୭ଟି ପ୍ରଜାତିର ସମୁଦ୍ରଜୀବ ଆବିଷ୍କୃତ ହୋଇଥିଲା। ଦଳର ପିଏଚଡି ନିର୍ଦ୍ଦେଶକ ଡା ଶେଷଦେବ ପାତ୍ର କହିଛନ୍ତି ଯେ' ବର୍ତ୍ତମାନ ଗବେଷଣାକାରୀ ଟିମ ଅନେକ ଅତିରିକ୍ତ ସମୁଦ୍ରଜୀବ ପ୍ରଜାତି ଉପରେ କାମ ଜାରି ରଖିଛନ୍ତି। ଯାହା ବିଜ୍ଞାନ ପାଇଁ ବେଶ ସହାୟକ ହୋଇପାରେ। ଏବଂ ଆସନ୍ତା ବର୍ଷରେ ସେଗୁଡିକ ପ୍ରକାଶିତ ହେବାର ଆଶା ଥିବା ସେ କହିଛନ୍ତି।

# ଜମିଲା ଶୀତ କବିତା ଆସର



ବ୍ରହ୍ମପୁର,୧୩ା୧୨(ସମିସ): ଗଞ୍ଜାମ କଳା ପରିଷଦରେ ରାଜଧିରାଜ ଦେବରାଜ ସାହିତ୍ୟ ସଂସଦ ଏବଂ ଲେଖିକା ସଂସଦର ମିଳିତ ଆନୁକୂଲ୍ୟରେ ଶୀତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ଆଶୁତୋଷ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡକ୍ଟର ଶ୍ୟାମା ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ସୂଚନା ପାଢ଼ୀ ସମ୍ମାନିତ ଅତିଥି ଭାବେ କାଳିନ୍ଦୀ ନାୟକ, ଏବଂ ତାପସ ପାଣିଗ୍ରାହୀ ଯୋଗ ଦେଇଥିଲେ। ନୂତନ କବିମାନେ ଶୀତ କବିତାକୁ ଆହୁରି ସୁନ୍ଦର ଭାବେ ରଚନା କରି ପତ୍ର, ପତ୍ରିକାରେ ପ୍ରକାଶ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏ ଅବସରରେ ରାଜଧିରାଜ ଅନୁଷ୍ଠାନ ତରଫରୁ ପତ୍ରିକାକୁ ଉନ୍ମୋଚନ କରାଯାଇଥିଲା। ଆସରରେ ବରିଷ୍ଠ କବି ପ୍ରଫୁଲ୍ଲ ତ୍ରିପାଠୀ, ବି ସତ୍ୟମ ଆଚାରୀ, ଗଙ୍ଗାଧର ମାହାଙ୍କୁଡ, ଡକ୍ଟର ସନ୍ତୋଷ ଦାଶ, ଶରତ ଦାଶ, ସୁନୀଲ ପ୍ରଧାନ, ପଦ୍ମିନୀ ମିଶ୍ର, ନିହାରିକା ସାହୁ, କ୍ଷଣପ୍ରଭା ଶତପଥି, ଅମିତା ମିଶ୍ର, ସୌଦାମିନୀ ମିଶ୍ର, ପ୍ରେମ ଶିଳା ନନ୍ଦଙ୍କ ସମେତ ବହୁ କବି କବିତା ପାଠ କରିଥିଲେ। କବିତା ଗୁଡିକୁ ସ୍ୱର୍ଣ୍ଣମୟୀ ପାଢ଼ୀ ସଞ୍ଜଜନା କରିଥିବା ବେଳେ ସୁଧାଞ୍ଜଳୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମ ଜିଲ୍ଲା ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ



ବ୍ରହ୍ମପୁର,୧୩ା୧୨(ସମିସ): ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ୬୨ତମ ଗଞ୍ଜାମ ଜିଲ୍ଲା ଆଥଲେଟିକ ମିଟ୍ ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଏକ ହଜାରରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବହ୍ମପୁର ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଲା, ପ୍ରଦୀପ ନାୟକ ଓ ବାଳକୃଷ୍ଣ ସାମନ୍ତରାୟ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ସାହୁ, ପ୍ରମୋଦ ମହାରଣା, ଗୋପାଳ ପଣ୍ଡା, ସୁଦର୍ଶନ ସେଠି, ଟୁକୁ ସେଠି, ରବୀନ୍ଦ୍ର ମହାରଣା, ବିଶ୍ୱନାଥ ପାତ୍ର ଓ ଟି. ଶ୍ରୀନିବାସ ପ୍ରତିଯୋଗୀତାକୁ ପରିଚାଳନା କରିଥିବା ବେଳେ କେ. ଭି. ଜି ରବି କୁମାର ସଂଚଳକ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ବେଳେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସଦସ୍ୟ କେଦାର ଚୌଧୁରୀ, ଡି. ଆପା ରାଓ, ରାଜେନ୍ଦ୍ର ଗନ୍ତାୟତ, ଡି. ଡି ଗନ୍ତାୟତ, ଏଲ. କେ ରାଓ ରେଡ୍ଡୀ, ବିଜୟ ପଟନାୟକ ଓ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ସିଟି ହସ୍ପିଟାଲରେ ଗୁଟ୍‌ଖା ମନା; ଧରାପଡ଼ିଲେ ଜରିମାନା

ବିଭିନ୍ନ ୱାର୍ଡରେ ଯାଞ୍ଚ କରୁଛନ୍ତି ସୁରକ୍ଷା କର୍ମୀ | ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ପ୍ରଶଂସା

ବ୍ରହ୍ମପୁର,୧୩ା୧୨(ସମିସ)

ବ୍ରହ୍ମପୁର ନଗର ଚିକିତ୍ସାଳୟ (ସିଟି ହସ୍ପିଟାଲ) କୁ ସରସ ସୁନ୍ଦର କରିବାକୁ ବିଭିନ୍ନ ଉଦ୍ୟମ କରାଯାଉଛି। ଏଥିରେ ଆଉପାଦେ ଆଗେଇ ଏବେ ସ୍ୱଚ୍ଛ ଓ ସୁନ୍ଦର ରଖିôବାକୁ ହସ୍ପିଟାଲ ପରିସରରେ ଗୁଟ୍‌ଖା ମନା ହୋଇଛି। ଗୁଟ୍‌ଖା ଖାଇ ଛେପ ପକାଇଲେ ଜରିମାନା ଦେବାକୁ ପଡ଼ିବ। ଏନେଇ ବିଭିନ୍ନ ୱାଡର୍‌ରେ ସୁରକ୍ଷାକର୍ମୀମାନେ ବିଭିନ୍ନ ସମୟରେ ଯାଞ୍ଚ ମଧ୍ୟ କରୁଛନ୍ତି।



ସୂଚନାପ୍ରକାରେ ସିଟି ହସ୍ପିଟାଲକୁ ବିଭିନ୍ନ ସମୟରେ ବହୁ ରୋଗୀ, ସେମାନଙ୍କ ସମ୍ପର୍କୀୟ ସମେତ ବିଭିନ୍ନ କାର୍ଯ୍ୟ ଲାଗି ଲୋକେ ଆସିଥାନ୍ତି। କିଛି ବ୍ୟକ୍ତି ଗୁଟ୍‌ଖା ଖାଇ ଏଠିସେଠି ଛେପ ପକାଉଛନ୍ତି ତ, ଆଉ କିଏ ଅଳିଆ ଆର୍ବଜନା ପକାଇ ମେଡ଼ିକାଲ ଅପରିଷ୍କାର କରୁଛନ୍ତି। ଏଭଳି ଅମାନିଆଙ୍କୁ ସାବାଡ଼ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ବ୍ରହ୍ମପୁର ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ହସ୍ପିଟାଲ ପରିସରକୁ ବିଭିନ୍ନ ଗୁଟଖା, ପାନ ଓ ନାଶ ଭଳି ବହୁ ନିଶା ସାମଗ୍ରୀ ନେଇ ପ୍ରବେଶ କରୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ଯାଞ୍ଚ କରାଯାଉଛି। ତେବେ ରୋଗୀଙ୍କ ସମ୍ପର୍କୀୟ ମୁଖ୍ୟତଃ ପାନ ଓ ପୁଡ଼ିଆ ଖାଇ ମେଡ଼ିକାଲ ପରିସରରେ ଥିବା ଲିଫ୍ଟ, ବିଭିନ୍ନ କୋଠାର କାନ୍ଥ ସମେତ ବହୁ ସ୍ଥାନରେ ଛେପ ପକାଇ ଅପରିଷ୍କାର କରିଥାନ୍ତି। ଯାହାଫଳରେ ହସ୍ପିଟାଲର ସୌନ୍ଦର୍ଯ୍ୟ ନଷ୍ଟ ସହ ମେଡ଼ିକାଲ ପରିସର ଅପରିଷ୍କାର ହୋଇଥାଏ। ଏଭଳି ଅମାନିଆ ରୋଗୀଙ୍କ ସମ୍ପର୍କୀୟଙ୍କୁ ମେଡ଼ିକାଲ ପକ୍ଷରୁ ବାରମ୍ବାର ସଚେତନ କରିବା ସହ ଏଭଳି କାର୍ଯ୍ୟ ନକରିବାକୁ ଅନୁରୋଧ କରାଯାଇଛି। ଏହା ପରେ ମଧ୍ୟ ହସ୍ପିଟାଲର ବିଭିନ୍ନ ସ୍ଥାନରେ ପ୍ରତିଦିନ ପାନ ଓ ପୁଡ଼ିଆ ଛେପ ପଡୁଛି। ଏହା ଉପରେ ରୋକ୍ ଲଗାଇବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀଙ୍କ ସମ୍ପର୍କୀୟଙ୍କ ପକେଟ ଯାଞ୍ଚ କରିବା ଆରମ୍ଭ କରିଛନ୍ତି। ଦିନରେ ଏକାଧିକ ସମୟ ମେଡ଼ିକାଲର ସୁରକ୍ଷାକର୍ମୀ ବିଭିନ୍ନ ୱାଡର୍ ଓ ଓପିଡ଼ି ବୁଲି ରୋଗୀ ସମ୍ପର୍କୀୟଙ୍କ ପକେଟ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ଯେଉଁ ବ୍ୟକ୍ତି ଗୁଟଖା ଓ ପାନ ଛେପ ହସ୍ପିଟାଲର କୌଣସି ସ୍ଥାନରେ ପକାନ୍ତି। ତେବେ ଉକ୍ତ ବ୍ୟକ୍ତିଙ୍କ ୫୦ରୁ ୨୦୦ଟଙ୍କା ଜରିମାନା ଆଦାୟ କରିବାକୁ ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ନିଷ୍ପତି ନେଇଥିବା ଜଣାପଡିଛି। କର୍ତ୍ତୃପକ୍ଷ ନିଷ୍ପତି ଦ୍ୱାରା ମେଡ଼ିକାଲ ପରିସର ପରିଷ୍କାର ରହିବା ସହ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହୋଇପାରିବ। ହସ୍ପିଟାଲରେ ରୋଗୀ ଚିକିତ୍ସା ସହ ଏଭଳି କାର୍ଯ୍ୟ ପ୍ରତିଦିନ ଜାରି ରହୁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ଓ ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ଏଭଳି ଉତ୍ତମ ପଦକ୍ଷେପକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ଜିଲ୍ଲାରେ ସମସ୍ତ ହସ୍ପିଟାଲ ଓ କାର୍ଯ୍ୟଳୟରେ ଏଭଳି କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଛି।

# ପ୍ରଫେସର ସଦାଶିବ ପଣ୍ଡାଙ୍କ ବିୟୋଗରେ ଶୋକସଭା



ବ୍ରହ୍ମପୁର,୧୩ା୧୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସଦାଶିବ ପଣ୍ଡାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ସମୂହର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ପଣ୍ଡା ଖଲ୍ଲିକୋଟ ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଭାଗର ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଖଲ୍ଲିକୋଟ ମହାବିଦ୍ୟାଳୟର ଏହି ବିଭାଗ ପ୍ରତିଷ୍ଠା କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୩ ଜାନୁୟାରୀ ୧୯୯୪ ଠାରୁ ୩୦ ଜୁନ ୧୯୯୪ ମସିହା ପର୍ଯ୍ୟନ୍ତ ଖଲ୍ଲିକୋଟ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ ବୋଲି ଏଠାରେ କୁହାଯାଇଛି। ଗତକାଲି ସନ୍ଧ୍ୟାରେ ସେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କର ବିୟୋଗରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ଉପ କୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ରଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଦୁଇମିନିଟ ନିରବ ପ୍ରାର୍ଥନା କରିବା ସହ ପ୍ରଫେସର ସଦାଶିବ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ।

# ଅଡ଼ାରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ

ଖଇରା,୧୩।୧୨ (ସମିସ)



ବହୁଦିନ ଧରି ସରକାରୀ ଜାଗାରେ ଜବରଦଖଲ କରି ଦୋକାନ କରିଥିବା ଅଭିଯୋଗରେ ଆଜି ଖଇରା ତହସିଲଦାର ଅମିତ ରଞ୍ଜନ ହୋତାଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି। ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଲାରପୁର ମୌଜାର ଅଡା ବଜାରରେ ଗଢ଼ି ଉଠିଥିବା ଅଡା ଓଝା ପୋଖରୀ ରାସ୍ତା ପାଶ୍ୱର୍ରେ ଜବରଦଖଲରୁ ମୁକ୍ତ କରାଯାଇଛି। ତହସିଲଦାର ଶ୍ରୀ ହୋତାଙ୍କ ଉପସ୍ଥିତିରେ ୧୭ଟି ପ୍ଲଟରୁ ୧୧ଟି ଦୋକାନ ଉଚ୍ଛେଦ କରାଯାଇଛି। ଏହି ସ୍ଥାନଟି ସରକାରଙ୍କ ଥିବା ବେଳେ ଜନସାଧାରଣ ଦୋକାନ କରିଥିଲେ। ପ୍ରଶାସନ ପକ୍ଷରୁ ନୋଟିସ କରାଯାଇଥିଲା ବେଳେ ଅଧିକାଂଶ ଦୋକାନୀ ସ୍ୱଇଚ୍ଛାରେ ଦୋକାନ ଉଠାଇ ନେଇଯାଇଥିଲେ। ଆଉ କିଛି ଦୋକାନ ନ ଉଠାଇବାରୁ ତହସିଲଦାର, ସୁପରଭାଇଜର, ୪ଜଣ ଆରଆଇ ଓ ସିମୁଳିଆ ପୁଲିସ ମୁତୟନ କରାଯାଇ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ଯୋଗୁଁ ବର୍ତ୍ତମାନ ଚାଲିଥିବା ରାସ୍ତା ସଂପ୍ରସାରଣ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ। ଏହି ରାସ୍ତା ଦେଇଯାଉ ଥିବା ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇପାରିବ। ଉଚ୍ଛେଦ ହୋଇଥିବା ଦୋକାନୀ ମାନଙ୍କୁ ମାର୍କେଟ କମ୍ପ୍ଲେକ୍ସ କରାଯାଇ ଦୋକାନ ଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ କ୍ରୀଡ଼ା



ଜଳେଶ୍ୱର,୧୩।୧୨(ସମିସ) : ଜଳେଶ୍ୱର ପୌରାଞ୍ଚଳ, ଷ୍ଟେସନ ବଜାର ମିଲି କୋଲନି ସ୍ଥିତ ସେଣ୍ଟ ଜାଭିୟର ଇଣ୍ଟର ନ୍ୟାସନାଲ ସ୍କୁଲର ୨ଦିନିଆ ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ସାନ୍ତିଆ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବର ପତାକା ଉତ୍ତୋଳନ କରିଥିଲେ। କ୍ରୀଡ଼ା ମହୋତ୍ସବକୁ ବିଦ୍ୟାଳୟର ପି.ଟି. ଶିକ୍ଷକ ସଚ୍ଚିଦାନନ୍ଦ ଗିରି ପରିଚାଳନା କରିଥିଲେ। ଉତ୍ସବରେ ଅନୁଷ୍ଠାନର ଚେୟାରମ୍ୟାନ ବିରେନ୍ ପାତ୍ର, ନିର୍ଦ୍ଦେଶକ ବିକାଶ ପାତ୍ର, ଅଧ୍ୟକ୍ଷ ବରୁଣ ଜେନା ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଲଙ୍ଗଳେଶ୍ୱର କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା

ଲଙ୍ଗଳେଶ୍ୱର, ୧୩।୧୨ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ଠାରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ଛାଡିଥିବା ତଥା ଆଦୌ ନାମ ଲେଖାଇନଥିବା ପିଲାମାନଙ୍କୁ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଲଙ୍ଗଳେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ର କାର୍ଯ୍ୟାଳୟରେ ବିଭିନ୍ନ ଉପସ୍ଥିତିରେ ଶିକ୍ଷାସଭା , ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସୁଶାନ୍ତ କୁମାର ରାଉଳଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମୁର୍ମୁ, ପୂର୍ବତନ ସିଆରସିସି ହରେକୃଷ୍ଣ ସି ବକ୍ତବ୍ୟରେ ଅଧାରୁ ପାଠପଢ଼ା ଛାଡିଥିବା




ବିଦ୍ୟାଳୟର ଶିଶୁ ସର୍ବେକ୍ଷଣ ଅନ୍ତର୍ଭୁକ୍ତ ଅଧାରୁ ପାଠପଢା ଛାଡ଼ିଥିବା ଛାତ୍ରଛାତ୍ରୀ, ଅଭିଭାବକ ତଥା ସର୍ବେକ୍ଷଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପିଲାମାନଙ୍କୁ କିଭଳି ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ।

## ମଇତାପୁର ମହୋତ୍ସବର ପ୍ରଥମ ସନ୍ଧ୍ୟା



ସିମୁଳିଆ, ୧୩।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମଇତାପୁର ମହୋତ୍ସବର ପ୍ରଥମ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହୋତ୍ସବ ପ୍ରତିଷ୍ଠାତା ରୟାଲ ଗ୍ରୁପ ଅଫ ସ୍କୁଲର ଚେୟାରମ୍ୟାନ ବିଷ୍ଣୁ ମୋହନ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସିମୁଳିଆ-ଖଇରା ବିଧାୟକ ପଦ୍ମଲୋଚନ ପଣ୍ଡା, ସମ୍ମାନିତ ଅତିଥି ସିମୁଳିଆ ବ୍ଲକ ଚେୟାରମ୍ୟାନ ବାବାଜୀ ଚରଣ ମଲ୍ଲିକ, ସରପଞ୍ଚ ମନୋରମା ଶିଆଳ. ୪୦ନମ୍ବର ଜୋନର ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ସମ୍ପାଦକ କମଳଶ୍ରୀ ମହାନ୍ତ. ସହ ସମ୍ପାଦକ ମିଲନ ମହାନ୍ତି, ସିମୁଳିଆ ବ୍ଲକ ଭାଇସ ଚେୟାରମ୍ୟାନ ହିମାଦ୍ରି ନନ୍ଦିନୀ ମହାପାତ୍ର ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଝରଣା ବୁଲି ଦେଖିବାବେଳେ ଟଳିପଡ଼ିଲେ

ଖଇରା,୧୩।୧୨ (ସମିସ): ମୃତ୍ୟୁ କାହା ପାଇଁ କେତେ ବେଳେ କାଳ ହୋଇ ଆସିବ ତାହା କହିବା ମୁସ୍କିଲ। ଏମିତି ଏକ ହୃଦୟ ବିଦାରକ ଘଟଣା କେନ୍ଦୁଝର ଜିଲା ଶୋଷ ଥାନା ମୁଣ୍ଡକାଟି ଗ୍ରାମର ପ୍ରଫୁଲ୍ଲ ଖୁଣ୍ଟିଆ(୪୩)ଙ୍କ କ୍ଷେତ୍ରରେ ଘଟି ଯାଇଛି। ପ୍ରଫୁଲ୍ଲଙ୍କ ଶାରିଶୁଆ ପାହାଡର ଝରଣା ତଥା ଆଖପାଖ ଅଞ୍ଚଳ ବୁଲି ସୌନ୍ଦର୍ଯ୍ୟ ଉପଭୋଗ କରିବା ଅଧାରେ ରହିଯାଇଛି। ଅନ୍ୟ ସାଙ୍ଗମାନଙ୍କ ସହ ଶନିବାର ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡର ଝରଣା ବୁଲି ଦେଖୁଥିବା ବେଳେ ହଠାତ ମୁଣ୍ଡ ବୁଲାଇ ଦେବାରୁ ତଳେ ବସି ପଡିଥିଲେ। ସାଙ୍ଗମାନେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ହେଁ ସେତେ ବେଳକୁ ଆଉ ପ୍ରାଣବାୟୁ ନ ଥିଲା। ୫ଝିଅ ପରେ ପ୍ରଫୁଲ୍ଲ ଏକ ମାତ୍ର ପୁଅ ଭାବେ ବୃଦ୍ଧ ବାପାଙ୍କର ସାହା ଭରସା ଥିବା ବେଳେ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ପରିବାର ପାଇଁ ଦୁଃଖ ଆଣିଦେଇଛି।

## ଫାଇନାଲରେ ବାଲେଶ୍ୱର ଯୁଥାଣ୍ଡମି ଓ ଯାଜପୁର ଇଲେଭେନ୍ ଷ୍ଟାର



ନୀଳଗିରି, ୧୩।୧୨ (ସମିସ): ଗତ ୮ତାରିଖ ଠାରୁ ମହାବୀର କ୍ରିକେଟ କ୍ଲବ୍ ନୀଳଗିରି ଆନୁକୂଲ୍ୟରେ ଥାନା ପଡିଆରେ ଚାଲିଥିବା ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ତଥା ଅନ୍ତିମ ସେମିଫାଇନାଲରେ ବାଲେଶ୍ୱର ରକି କ୍ଲବ୍ ଓ ଇଲେଭେନ୍ ଷ୍ଟାର ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ରୋମାଞ୍ଚକର ମ୍ୟାଚରେ ରକି କ୍ଲବ୍ ପ୍ରଥମେ ଟସଜିତି ଜଗଦୀଶ ସଙ୍କ ଧୂଆଁଧାର ୫୧ରନ୍ ବିନିମୟରେ ନିର୍ଦ୍ଧାରିତ ୨୦ଓଭରରେ ୧୫୯ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସ୍ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଯାଜପୁର ଏଲେଭେନ୍ ଷ୍ଟାର ୬ ୱିକେଟ ବିନିମୟରେ ଆବଶ୍ୟକ ରନର ପିଛାକରି ମ୍ୟାଚ ଜିତି ନେଇଥିଲା। ଦଳର ଆଲରାଉଣ୍ଡର ଚନ୍ଦନ ନାୟକ ୨୩ବଲରୁ ୩୮ରନ୍ କରିବା ସହିତ ୩ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ ନେଇ ଦଳକୁ ବିଜୟୀ କରାଇବା ସହିତ ମ୍ୟାନ ଅଫ୍ ଦି ମ୍ୟାଚ୍ ଆଖ୍ୟା ଅର୍ଜନ କରିଥିଲେ। ପାଖାପାଖି ପାଞ୍ଚହଜାର ଦର୍ଶକ ଖେଳକୁ ଉପଭୋଗ କରିଥିବା ବେଳେ ମିସ୍ ସିମରନ୍ ଧାରାବିବରଣୀ ପ୍ରଦାନ କରିଥିଲେ। ଓସିଏ ମାନ୍ୟତାପ୍ରାପ୍ତଆମ୍ପାୟର ରଞ୍ଜନ ମହାନ୍ତି ଏବଂ ପ୍ରତାପ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ, ନିଲୁ ବିଶ୍ୱାଳ, ମାନସ ପାଢ଼ୀ, ଚନ୍ଦନ ରାୟ, କୁମାର ରାୟ ପ୍ରମୁଖ ଖେଳରେ ସହଯୋଗ କରିଥିଲେ।

## ଯୋଗାଣ ଅଧିକାରିଣୀଙ୍କ ବଦଳି ନିର୍ଦ୍ଦେଶର ପୁନର୍ବିଚାର ଦାବି

ଜଳେଶ୍ୱର ବ୍ଲକ, ୧୩।୧୨ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ର ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁଙ୍କ ବଦଳି ନିର୍ଦ୍ଦେଶ ଆସିଛି। ବିଭିନ୍ନ ମହଲରୁ ଏହାକୁ ବିରୋଧ କରାଯିବା ସହ ବଦଳି ଆଦେଶର ପୁନଃବିଚାର ପାଇଁ ଦାବି ହୋଇଛି। ଲୋକଙ୍କ କହିବା କଥା ଶ୍ରୀମତୀ ସାହୁ ଜଣେ ମହିଳା କର୍ମଚାରୀ ହୋଇ ମଧ୍ୟ ଏହି ବ୍ଲକ୍‌ର ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରିବା ପରଠାରୁ ଏହି ବିଭାଗରେ ସ୍ୱଚ୍ଛତା ଆଣିଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ରାସନ କାର୍ଡରୁ ବଞ୍ଚିତ ଥିବା ବହୁ ଯୋଗ୍ୟ ହିତାଧିକାରୀଙ୍କୁ ନ୍ୟାୟ ମିଳିଛି। ସେ ନିଜେ ଯାଇ ଲୋକଙ୍କ ଘରେ ସରକାରୀ ସହାୟତା ପହଞ୍ଚାଇଛନ୍ତି। କୌଣସି ସୁଲଭ ରାସନ ପ୍ରଦାନ କାରୀ ଡିଲରଙ୍କ ଅସୁବିଧା ହେଲେ ତୁରନ୍ତ ପ୍ରତିକାର କରିବା ସବୁଠାରୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ବିଭିନ୍ନ ରାଜନୈତିକ ଦଳର ନେତା ସାଙ୍ଗକୁ ସରପଞ୍ଚ, ସମିତି ସଭ୍ୟ ସର୍ବପରି ସାଧାରଣ ଲୋକେ ଜିଲ୍ଲାପାଳଙ୍କ ବଦଳି ନିଷ୍ପତ୍ତିକୁ ପୁନର୍ବିଚାର କରିବା ପାଇଁ ଦାବି କରିଛନ୍ତି।

## ସ୍କୁଲ ପିଲାଙ୍କୁ ବ୍ୟାଗ୍ ବଣ୍ଟନ



ଚନ୍ଦନେଶ୍ୱର, ୧୩।୧୨ (ସମିସ): ପ୍ରଗତି ମିଲକ୍ସ ଓ ଦାରୁବ୍ରହ୍ମ କୃଷକ ଉତ୍ପାଦକ ସଂଗଠନ ମିଳିତ ଉଦ୍ୟମରେ ଆର୍ଥିକ ଓ ଜାତିଗତ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ବିନା ମୂଲ୍ୟରେ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଛି। ପ୍ରଗତି ମିଲକ୍ସ (ସାମାଜିକ ଦାୟିତ୍ୱବୋଧ)ର ଉତ୍ତରାଞ୍ଚଳ ଦୁଗ୍ଧ ସଂଗ୍ରହ ଅଧିକାରୀ ଅଶୋକ କୁମାର ନାୟକ, ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର କୃଷ୍ଣ ମହାନ୍ତି, କନିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ସାହୁ ଓ ଭୋଗରାଇ ଦାରୁବ୍ରହ୍ମ କୃଷକ ସଂଗଠନର ସଭାପତି ସୁଜିତ ପରିଡା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର ଦାସ, କୋଷାଧ୍ୟକ୍ଷ ଅଜିତ କୁମାର ପରିଡା, ନିର୍ଦ୍ଦେଶକ ଗୌରହରି ମଣ୍ଡଳ ଓ ପଙ୍କଜ କୁମାର ପାତ୍ରଙ୍କ ସହଯୋଗ କ୍ରମେ ଆଜି ଭୋଗରାଇ ବ୍ଲକ କାନ୍ଠିଅଭଉଁରୀ ପଞ୍ଚାୟତ ଅଧୀନ ଆଦିବାସୀସାହି ପ୍ରାଥମିକ ବିଦ୍ୟାଳୟ, କାନ୍ଠିଅଭଉଁରୀର ୭୩ ଜଣ ଛାତ୍ର ଛାତ୍ରୀ ଓ ଦକ୍ଷିଣ ବଡ଼ପାହି ପ୍ରାଥମିକ ବିଦ୍ୟାଳୟର ୩୪ ଜଣ ଛାତ୍ରଛାତ୍ରୀଙ୍କୁ ବ୍ୟାଗ ବଣ୍ଟନ କରିଛନ୍ତି। ହାଡ଼ିଗୋଛିଆ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ନାଭବେଶ୍ୱର ମାଝୀ, ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ଭୋଳ, ସହକାରୀ ଶିକ୍ଷକ କାଳିଚରଣ କବାଟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୌମ୍ୟରଞ୍ଜନ ଗିରି, ସହକାରୀ ଶିକ୍ଷୟିତ୍ରୀ ଅଞ୍ଜଳି ଭୂୟାଁ ସମେତ ପରିଚାଳନା କମିଟିର ସଭାପତି, ସଦସ୍ୟ/ସଦସ୍ୟା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ସ୍ମୃତି ମନ୍ଦିର ଅନାବରଣ



ଜଳେଶ୍ୱର,୧୩।୧୨(ସମିସ): ଭାରତୀୟ ସଂସ୍କୃତିରେ ପୂର୍ବ ପୁରୁଷମାନଙ୍କୁ ହୃଦୟ ରେ ରଖିବା ଲାଗି ପରିବାର ପକ୍ଷରୁ ପ୍ରତିମୂର୍ତ୍ତି ଓ ସ୍ମୃତି ମନ୍ଦିର ପ୍ରତିଷ୍ଠା କରାଯାଉଛି। ଜଳେଶ୍ୱର ବ୍ଲକ ଉପାନ୍ତ ନଛିମପୁର ପଞ୍ଚାୟତ ଅନ୍ତର୍ଗତ ବେଲୀ ଗୋପୀନାଥପୁର ଗ୍ରାମରେ ଦାସ ପରିବାର ପକ୍ଷରୁ ପୂଜ୍ୟପୂଜା ଲାଗି ବାପା ଶ୍ରୀନିବାସ ଦାସ ଓ ମାତା ବାସନ୍ତୀ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପିତ, ସ୍ମୃତି ମନ୍ଦିର ଅନାବରଣ ହୋଇ ଯାଇଛି। ବରିଷ୍ଠ ନାଗରିକ ମଞ୍ଚ ଆନୂକୂଲ୍ୟରେ ଆୟୋଜିତ ସଭାରେ ପ୍ରାକ୍ତନ ଅଦ୍ଧକ୍ଷ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର ସଭାପତିତ୍ୱ କରି ଭାରତୀୟ ସଂସ୍କୃତିରେ ପୂଜ୍ୟପୂଜା ର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟବକ୍ତା ସୁଧାଂଶୁ ଶେଖର ପ୍ରଧାନ, ସମ୍ମାନିତ ଅତିଥି ରମାକାନ୍ତ ଭଞ୍ଜ ଯୋଗଦେଇ ସ୍ୱର୍ଗତ ଦାସ ଦମ୍ପତିଙ୍କ ସ୍ମୃତି ଚାରଣ କରିଥିଲେ। ପୁତ୍ର ହରେନ୍ଦ୍ର ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ପୁତ୍ର ଅମୂଲ୍ୟ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି ପରିଷଦର ସ୍ମୃତିସଭା

ଖଇରା,୧୩।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଚାରିଘେରିଆ ଗ୍ରାମର ବିଶିଷ୍ଟ ଜଗନ୍ନାଥ ପ୍ରେମୀ ପ୍ରହ୍ଲାଦ ବେହେରାଙ୍କ ବିୟୋଗରେ ଏକ ସ୍ମୃତିସଭା ଖଇରା ବ୍ଲକର ପତିରାଜପୁର ମେଳନ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି। ଜଗନ୍ନାଥ ଚେତନା ପରିଷଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ପୌରୋହିତ୍ୟ କରିଥିଲେ। ପ୍ରତ୍ୟେକ ବର୍ଷ ପତିରାଜପୁର ମେଳନ ପଡିଆରେ ଜଗନ୍ନାଥଙ୍କର ବିଭିନ୍ନ ବେଶକୁ ସୁନ୍ଦରଭାବେ ସଜାଇବାରେ ପ୍ରହ୍ଲାଦ କିଭଳି ନିଜକୁ ସମର୍ପଣ କରୁଥିଲେ ସେ ସମ୍ପର୍କରେ ବୁଦ୍ଧିରାମ ପାଣିଗ୍ରାହୀ, ନିର୍ମଳ କୁମାର ପଣ୍ଡା, ଶିବ ପ୍ରସାଦ ବଳ, ଗୟାଧର ଖଟୁଆ, ଅକ୍ଷୟ ପ୍ରଧାନ, କ୍ଷେତ୍ର ମୋହନ ଖଟୁଆ, ଦୁର୍ଯ୍ୟୋଧନ ନାୟକ ପ୍ରମୁଖ ମତବ୍ୟକ୍ତ କରିଥିଲେ।

## ନୀଳଗିରିରେ ବିବେକାନନ୍ଦଙ୍କ ଉଦ୍‌ବୋଧନୀ କାର୍ଯ୍ୟକ୍ରମ



ନୀଳଗିରି, ୧୩।୧୨ (ସମିସ): ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ , ଓଡ଼ିଶାର ଉଦବୋଧନୀ ଶାଖାର ଏକ ବିସ୍ତୃତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଉତ୍ତର ଓଡ଼ିଶା ବିଭାଗ ସଙ୍ଘଚାଳକ ମାର୍ଗଦର୍ଶକ ପ୍ରଫେସର ଗୌରୀପ୍ରସାଦ ରଥ ଯୋଗଦେଇ ସ୍ୱାମୀଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପିକା ମମତା ବରାଳ, ଡ. ଶିବାନୀ ଡଗର, ଅଧ୍ୟାପିକା ମଣିମାଳା ବିଶ୍ୱାଳ, ମୌସୁମୀ ଭୋଳ, ଭାଗ୍ୟବତୀ ନାୟକ, ସୁଷମା ସିଂହ ଯୋଗଦେଇ ସ୍ୱାମୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଉଦବୋଧନୀର ରାଜ୍ୟ ସଂପାଦକ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

## ରାଇରଙ୍ଗପୁରରେ ସିସିଟିଭି ଲାଗିବା ନେଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ

ରାଇରଙ୍ଗପୁର, ୧୩।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ସହର ରାଇରଙ୍ଗପୁର ଦିନକୁ ଦିନ ସମ୍ପ୍ରସାରିତ ହେବାକୁ ଲାଗିଥିବାବେଳେ ଜନସଂଖ୍ୟା ବୃଦ୍ଧି ପାଉଛି। ସେହି ତାଳରେ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅପରାଧୀଙ୍କ ଗତିବିଧିକୁ ଦୃଷ୍ଟିରେ ରଖିବାକୁ ରାଇରଙ୍ଗପୁରରେ ସିସି ଟିଭି ଲଗାଇବା ନିହାତି ଆବଶ୍ୟକତା ରହିଛି। ଏ ନେଇ 'ସକାଳ' ଦୈନିକ ଖବରକାଗଜରେ ଗତ ନଭେମ୍ବର ୨୩ ତାରିଖରେ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ସହରରେ ସିସିଟିଭି ଲାଗିବା ନେଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଖବର ପ୍ରକାଶ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ରାଇରଙ୍ଗପୁର ପୌରପାଳିକାକୁ ସୂଚିତ କରାଯାଇଥିଲା। ଯାହାକୁ ନେଇ ସିସିଟିଭି ସ୍ଥାପନା ନେଇ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ବାମନଘାଟୀ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଦ୍ୱାରା କମିଟି ଗଠନ କରାଯାଇ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ କରିବା ନେଇ ଯାଞ୍ଚ ହେଉଛି। ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ସିସିଟିଭି ସ୍ଥାପନ ଦ୍ୱାରା ଅପରାଧିକ କାର୍ଯ୍ୟକଳାପ ଗତିବିଧି ଜଗିବ। ସିସିଟିଭି କଣ୍ଟ୍ରୋଲ ରୁମ ଜରିଆରେ ପୁଲିସ ସମସ୍ତ ଗତିବିଧି ଉପରେ କଡ଼ା ନଜର ଦୃଷ୍ଟି ରଖିବାରେ ବେଶ ସହାୟକ ହେବ।

## ଭୋଟ ଚୋର ଗାଦି ଛୋଡ୍ କାର୍ଯ୍ୟକ୍ରମରେ ଯୋଗଦେବାକୁ କଂଗ୍ରେସ କର୍ମୀଙ୍କ ଦିଲ୍ଲୀ ଗସ୍ତ

ବାରିପଦା, ୧୩।୧୨(ସମିସ): ଆସନ୍ତା ୧୪ ତାରିଖରେ ରାମଲୀଳା ପଡ଼ିଆରେ ଅଖିଳ ଭାରତ ଜାତୀୟ କଂଗ୍ରେସ ପକ୍ଷରୁ ଭୋଟ ଚୋର ଗାଦି ଛୋଡ କାର୍ଯ୍ୟକ୍ରମ ସହିତ ବିଶାଳ ଜନସଭା ଅନୁଷ୍ଠିତ ହେବାକୁ ଯାଉଛି। ଏହି ବିଶାଳ ରାଲି ଓ ଜନସଭାରେ ଯୋଗ ଦେବାକୁ ଦେଶର ପ୍ରତି କୋଣ ଅନୁକୋଣରୁ ଦିଲ୍ଲୀ ଗସ୍ତ କରୁଛନ୍ତି କଂଗ୍ରେସ ନେତା ଓ କର୍ମୀ। ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି(ପୂର୍ବ ସାଙ୍ଗଠନିକ ଜିଲ୍ଲା) ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ



ନେତୃତ୍ୱରେ ନେତା ଓ କର୍ମୀ ଯୋଗ ଦେବା ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଦିଲ୍ଲୀ ଗସ୍ତ ନେଇ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି ଯେ ଦିଲ୍ଲୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ସଂସଦ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଥିବା ଜନସଭାରେ ଯୋଗ ଦେବାକୁ ପିସିସି ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶରେ ଜିଲ୍ଲାରୁ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଦିଲ୍ଲୀ ଗସ୍ତ କରିଛନ୍ତି।

## ବୈଷୟିକ ଶିକ୍ଷାରେ ଧୁରନ୍ଧର ହେବେ ଆଦିବାସୀ ପିଲା

ବାରିପଦା, ୧୩।୧୨(ସମିସ): ବୈଷୟିକ ଜ୍ଞାନ କୌଶଳରେ ନିପୁଣ ହେବେ ଆଦିବାସୀ ଛାତ୍ରଛାତ୍ରୀ। ସରକାରୀ କ୍ଷେତ୍ର ସହିତ ଦେଶ ବିଦେଶର ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇବେ। ଏଥିପାଇଁ ଜିଲ୍ଲାର ମେଧାବୀ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସଙ୍କଟ ରୋକି ପାରିବନାହିଁ। ସେମାନଙ୍କୁ ମାଗଣା କୋଚିଂ ପ୍ରଦାନ କରାଯିବ। ଏଥିପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ 'ଆକାଂକ୍ଷା' ଯୋଜନା ପ୍ରସ୍ତୁତ କରାଯାଇଛି। ଜିଲ୍ଲାର ମେଧାବୀ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷାରେ ପାରଙ୍ଗମ କରିବା ପାଇଁ ମାଗଣା କୋଚିଂ ପ୍ରଦାନ କରାଯିବ। ଜାଭା, ପାଇଥନ୍, ପିଏଚପି ମାଇଁ ଏସକ୍ୟୁଏଲ୍ ଭଳି କମ୍ପ୍ୟୁଟର ଭାଷା ଶିକ୍ଷାରେ ଅଭିଜ୍ଞ କରାଯିବ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଭାବେ ବିଟେକ୍, ଏମଟେକ୍, ବିସିଏ, ଏମସିଏ ଓ ଡିପ୍ଲୋମା ଉତ୍ତୀର୍ଣ୍ଣ ବା ଶେଷବର୍ଷରେ ପଢୁଥିବା ଛାତ୍ରଛାତ୍ରୀ ଆବେଦନ କରିପାରିବେ। ଆଗ୍ରହୀ ପ୍ରାର୍ଥୀ ବାରିପଦାସ୍ଥ ଆଇଟିଡିଏ କାର୍ଯ୍ୟାଳୟକୁ ଆସି ଆବେଦନ କରିପାରିବେ। ଅବିଳମ୍ବେ ଆବେଦନ କରିବା ପାଇଁ ଆଶାୟୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ଚୟନ ହେଉଥିବା ଛାତ୍ରଛାତ୍ରୀଙ୍କୁ ଅକାଂକ୍ଷା ଆଇଟି ହବ୍‌ରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବୁଝିବା ପାଇଁ ସହଜ ହେଉଥିବା ପଦ୍ଧତିରେ ପ୍ରସ୍ତୁତ ପାଠ୍ୟପୁସ୍ତକ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଅଧିକ ସୂଚନା ପାଇଁ ଆଇଟିଡିଏ କାର୍ଯ୍ୟାଳୟ ସହ ୯୮୬୧୩ ୪୩୩୨୯ ଓ ୯୮୫୩୩ ୦୦୦୪୧ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ପ୍ରଶିକ୍ଷଣ ପାଇଥିବା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରାଯିବ। ଏଥିପାଇଁ ଏକାଧିକ କମ୍ପାନୀ ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଝାମଣା ହୋଇଛି।

**ମାଗଣା କୋଚିଂ ପାଇଁ ଜିଲ୍ଲା ପ୍ରଶାସନର ପଦକ୍ଷେପ**

**ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ**

## ଓଷ୍ଟା ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ

ଜଳେଶ୍ୱର,୧୩।୧୨(ସମିସ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ଜଳେଶ୍ୱର ପକ୍ଷରୁ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ନେତୁଆ ପଞ୍ଚାୟତ କମାର ଶାଳିଆ ସ୍ଥିତ ମନୋରଞ୍ଜନ ସୀମାନ୍ତ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଆୟୋଜିତ ମେଳା ରେ ୪୦ ଟି ବିଦ୍ୟାଳୟର ୩୫୦ ଜଣ ଛାତ୍ରଛାତ୍ରୀ ୧୦ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପୂର୍ବାହ୍ନରେ ଆୟୋଜିତ ସଭାରେ ବ୍ଲକ ଓଷ୍ଟା ସଭାପତି ସୁକୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା ବିଶିଷ୍ଟ ବୈଜ୍ଞାନିକ ସୁଶିଳ କୁମାର ଦତ୍ତ, ସମ୍ମାନୀତ ଅତିଥି ବିଇଓ ଜଗବନ୍ଧୁ ଜେନା, ଏବିଓ ସୁଶାନ୍ତ କୁମାର ଜେନା, ପୂର୍ବତନ ପ୍ରଶାସନ ଅଧିକାରୀ ଶରତ ଚନ୍ଦ୍ର ପରିଡା, ପ୍ରଧାନ ଶିକ୍ଷକ ସତିଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଓଷ୍ଟା ଉପସଭାପତି ସରୋଜ କୁମାର ପାଣିଗ୍ରାହୀ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ବିଜୟ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଓଷ୍ଟା ସଭାପତି ସୁକୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ସୁଧିରୀ କୁମାର କର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟା ସଂଘ ସଭାପତି ମନୋରଞ୍ଜନ ଦାସ, ମଣ୍ଡଳ ଓଷ୍ଟା ସମ୍ପାଦକ ହରେକୃଷ୍ଣ ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଦତ୍ତ ମଞ୍ଚାସୀନ ହୋଇ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉପାଦେୟ ବକ୍ତବ୍ୟ ରଖିଥିଲେ। ରବୀନ୍ଦ୍ର ପାଳ ମଞ୍ଚ ଆହ୍ୱାନ କରିଥିବା ବେଳେ ସରୋଜ ପାଣିଗ୍ରାହୀ ବେଦ ପାଠ କରିଥିଲେ। ଉପସଭାପତି କେଶବ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଠାରୁ ଉନ୍ନତି କୃତି ଶିକ୍ଷାର୍ଥୀ ମାନେ ୨୦ ତାରିଖରେ ଶାଳିକୋଠାସ୍ଥିତ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି। ଉତ୍ସବକୁ ଶିକ୍ଷକ ରଣଜିତ ହୁଇ, ହେମନ୍ତ କୁମାର କର, ଅରବିନ୍ଦ ସାମଲ, ବିଷ୍ଣୁପଦ ଦାସ, ଧନଞ୍ଜୟ ସିଂହ ପ୍ରମୁଖ ଶିକ୍ଷକ, କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ।

## ରାତିରେ ରାସ୍ତା ପାଲଟୁଛି ଗୁହାଳ

# ପୌର ପରିଷଦରେ ନାହିଁ କାଞ୍ଜିଆହୁଦା

ନୟାଗଡ଼,୧୩।୧୨(ସମିସ)

ନୟାଗଡ଼ ସହରରେ ରାତି ହେଲେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ବିପଦ ସୃଷ୍ଟି କରୁଛନ୍ତି ଗାଈଗୋରୁ। ରାଜରାସ୍ତା ପାଲଟି ଯାଉଛି ଗୁହାଳ। ଶହଶହ ସଂଖ୍ୟାରେ ଗାଈଗୋରୁ ରାସ୍ତା ଉପରେ ଶୋଇ ରହିବାରୁ ରାତିରେ ଯାଉଥିବା ଯାନବାହନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାଗଡ଼ ସହରର ଖଣ୍ଡପଡ଼ା ରୋଡ୍, ଟ୍ରାଫିକ୍ ଛକ, ତ୍ରିନାଥ ଛକ, ସିନ୍ଦୁରିଆ ରୋଡ୍ ଆଦିରେ ମାଳମାଳ ବୁଲା ଗାଈଗୋରୁ, ଷଣ୍ଢ ଦେଖାଯାଉଛନ୍ତି। ଅନୁଭବ ହେଉଛି ସତେ ଯେମିତି ନୟାଗଡ଼ ପୌର ପରିଷଦ କର୍ତ୍ତୃପକ୍ଷ କୌଣସି ଏକ ବଡ଼ ଦୁର୍ଘଟଣାକୁ ଅପେକ୍ଷା କରିଛନ୍ତି। ବଡ଼ ଦୁର୍ଘଟଣା





ଘଟି ସାରିବା ପରେ ହିଁ ବୁଲା ଗାଈଗୋରୁଙ୍କୁ ହଟାଇବାକୁ ପଦକ୍ଷେପ ନେବେ। କେବଳ ଯେ ଏହି ପଶୁଜନ୍ତୁ ଯାନବାହନ ଆରୋହୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛନ୍ତି ତାହା ନୁହେଁ; ନିଜେ ମଧ୍ୟ ଅନେକ ସମୟରେ ବିପଦରେ ପଡୁଛନ୍ତି। ହିନ୍ଦୁ ଧର୍ମରେ ଗାଈଗୋରୁଙ୍କୁ ଏକ ଧାର୍ମିକ ପଶୁ ଭାବେ ବିବେଚନା କରାଯାଉଥିବାବେଳେ ଏଭଳି ରାସ୍ତା ଦୁର୍ଘଟଣାରେ ସେମାନଙ୍କ ମୃତ୍ୟୁକୁ ପଶୁପ୍ରେମୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ନୟାଗଡ଼ ସହର ଆଖପାଖ ଗ୍ରାମର ଲୋକ ଖୋଲାଖୋଲି ଭାବେ ପଶୁଜନ୍ତୁଙ୍କୁ ବାହାରକୁ ଛାଡ଼ି ଦେଉଥିବାରୁ ଏଭଳି ସ୍ଥିତି ଉପୁଜୁଛି। ପୌର କର୍ତ୍ତୃପକ୍ଷ ବୁଲା ଗାଈଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ରଖିବା ସହ ଏହାର ମାଲିକଙ୍କୁ ଜରିମାନା ଆଦାୟ କରିବା କଥା। କିନ୍ତୁ ନୟାଗଡ଼ ପୌର ପରିଷଦ କର୍ତ୍ତୃପକ୍ଷ ସେଭଳି କରୁଥିବା ପ୍ରାୟତଃ ଦେଖାଯାଏ ନାହିଁ। ପୂର୍ବରୁ ଖଣ୍ଡପଡ଼ା ରୋଡ୍ ଆର୍ଏମ୍ସି ନିକଟରେ ଏକ ବଡ଼ କାଞ୍ଜିଆହୁଦା ନିର୍ମାଣ କରାଯାଇଥିଲା। ସେଠାରେ ବେଳେବେଳେ ବୁଲା ଗାଈଗୋରୁଙ୍କୁ ନେଇ ପ୍ରଶାସନ ଛାଡୁଥିଲା। କିନ୍ତୁ ବିଗତ କିଛି ବର୍ଷ ହେବ ଉକ୍ତ କାଞ୍ଜିଆହୁଦା ମାଟିରେ ମିଶିଛି। ଏହାର ଆଉ କୌଣସି ଚିହ୍ନବର୍ଣ୍ଣ ନାହିଁ। ସେଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ (ଡିଆଇପିଆର୍ଓ) କୋଠା ଛିଡ଼ା ହୋଇଛି। ଏହା ଡିଆଇପିଆର୍ଓ କର୍ତ୍ତୃପକ୍ଷଙ୍କ ଜାଗା ହୋଇଥିବାରୁ ସେମାନଙ୍କ କାର୍ଯ୍ୟାଳୟ ନିର୍ମାଣ ପରେ ସେମାନେ ତାଙ୍କ ଅକ୍ତିଆରକୁ ନେଇଗଲେ। ଜିଲ୍ଲା ସଦର ମହକୁମାରେ ଏଭଳି ସ୍ଥିତି ହୋଇଥିବାବେଳେ ଅନ୍ୟ ସହରାଞ୍ଚଳ କଥା ନ କହିବା ଭଲ। ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ନୟାଗଡ଼ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ମତପ୍ରକାଶ ପାଇଛି।

## ଦ୍ୱନ୍ଦ୍ୱ ବଢ଼ାଉଛି ଭାପୁର ମହୋତ୍ସବ ପ୍ରସ୍ତୁତି

ଭାପୁର,୧୩।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ଏବର୍ଷ ମହୋତ୍ସବ ଆୟୋଜନକୁ ନେଇ ରୋଚକ ସ୍ଥିତି ଦେଖିବାକୁ ମିଳୁଛି। ତିନି ବର୍ଷ ହେଲା ମହୋତ୍ସବ ଆୟୋଜନ କରୁଥିବା ଗୋଷ୍ଠୀ ଓ ଏବର୍ଷ ଆଉ ଏକ ନୂତନ ଗୋଷ୍ଠୀ ଉଭୟେ ମହୋତ୍ସବ ଆୟୋଜନ ପାଇଁ ସମାନ୍ତରାଳ ଭାବେ ପ୍ରସ୍ତୁତି ବୈଠକ ଆୟୋଜନ କରିବା ବ୍ଲକ୍‌ରେ ଏକ ରୋଚକ ପରିସ୍ଥିତି ସୃଷ୍ଟି କରିଛି। 'ମୋ ମାଟି ଭାପୁର' ଅନୁଷ୍ଠାନ ତରଫରୁ ୨୦୨୩ରୁ ଗତ ତିନି ବର୍ଷ ହେଲା ଜାନୁଆରୀ ୧୦, ୧୧, ୧୨ ଓ ୧୩ ତାରିଖରେ ମହୋତ୍ସବ ଆୟୋଜନ କରି ଜିଲ୍ଲାର ଶ୍ରେଷ୍ଠ ମହୋତ୍ସବ ଭାବେ ଭାପୁର ମହୋତ୍ସବକୁ ମାନ୍ୟତା ପ୍ରଦାନ କରାଇପାରିଛନ୍ତି। ଏପରିକି ଗତ ତିନି ବର୍ଷର ସଫଳ ମହୋତ୍ସବ ଆୟୋଜନ ଯୋଗୁଁ ଏହାର ଫଳସ୍ୱରୂପ ରାଜ୍ୟ ସଂସ୍କୃତି ବିଭାଗର କ୍ୟାଲେଣ୍ଡରରେ ଭାପୁର ମହୋତ୍ସବ ତାରିଖ ଜାନୁଆରୀ ୧୦ରୁ ୧୩ ପର୍ଯ୍ୟନ୍ତ ଉଲ୍ଲେଖ ହୋଇଛି। ସେମାନେ ଏବର୍ଷ ୪ର୍ଥ ବର୍ଷ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରି ରାଜ୍ୟର ବଛାବଛା କଳାକାରଙ୍କ ବ୍ୟାଣ୍ଡକୁ ଅଗ୍ରୀମ ଅର୍ଥ ପ୍ରଦାନ କରିଛନ୍ତି। ଅପରପକ୍ଷରେ ଆଉ ଗୋଟିଏ ନୂତନ ଗୋଷ୍ଠୀ ଏ ବର୍ଷ ଉତ୍କର୍ଷ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା କରିବା ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମାତ୍ର ପୂର୍ବ ଆୟୋଜକମାନଙ୍କ ତାରିଖରେ ଏପରି ଆଉ ଗୋଟିଏ ମହୋତ୍ସବ ପୁଣି ସେହି ଗୋଟିଏ ସ୍ଥାନରେ ମହୋତ୍ସବ ଆୟୋଜନ କରିବା ଉଦ୍ୟମକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଉଛି। କଳା, ସଂସ୍କୃତି, ପରମ୍ପରା ଓ ଭାଇଚାରା ବୃଦ୍ଧି ପାଇଁ ମହୋତ୍ସବ ଆୟୋଜିତ ହୋଇଥାଏ। ମାତ୍ର ଭାପୁରରେ ଏହାର ଓଲଟା କାର୍ଯ୍ୟ ହେଉଛି। ଏପରିକି ଏହାକୁ ନେଇ ହାଇକୋର୍ଟ ପର୍ଯ୍ୟନ୍ତ କଥା ଗଲାଣି। ମାତ୍ର ଦୁଇ ଦୁଇଟି ଗୋଷ୍ଠୀ ମହୋତ୍ସବ ଆୟୋଜନ ପାଇଁ ନିଜ ନିଜ ଗୋଷ୍ଠୀକୁ ଧରି ପ୍ରସ୍ତୁତି ଆରମ୍ଭ କରିଥିବାରୁ କେଉଁ ଗୋଷ୍ଠୀ ମହୋତ୍ସବ ଆୟୋଜନରେ ସଫଳ ହେଉଛି କି ବ୍ଲକ୍‌ରେ ଦୁଇଟି ମହୋତ୍ସବ ଆୟୋଜିତ ହେବ ତାହା ହାଟ ବଜାରଠାରୁ ଚୂଲିମୁଣ୍ଡ ଯାଏଁ ଓ ବୁଦ୍ଧିଜୀବୀଙ୍କଠାରୁ ଶ୍ରମିକଙ୍କ ପର୍ଯ୍ୟନ୍ତ ସବୁଠାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ଉକୁ ନେଇ ଚର୍ଚ୍ଚା

# ପାନ ଦୋକାନୀକୁ ଜରିମାନା; ମାଫିଆଙ୍କୁ ଛାଡ଼

ନୟାଗଡ଼,୧୩।୧୨(ସମିସ): ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଅଧୀନସ୍ଥ ଏନ୍‌ଫୋର୍ସମେଣ୍ଟ ଟିମ୍ ପୁଲିସ ଧରି ଚଢ଼ଉ କରୁଛନ୍ତି। ଅନେକ ପାନ ଦୋକାନୀକୁ ଜରିମାନା କରୁଛନ୍ତି। ବେଆଇନ ଗୁଟ୍‌ଖା କାରବାର ନେଇ ହେଉଥିବା ଚଢ଼ଉ କେବଳ ଲୋକଦେଖାଣିଆ ବୋଲି ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାରେ ଦୁଇ ଭାଇଙ୍କ ଦ୍ୱାରା ବେଆଇନ ଭାବେ ଗୁଟ୍‌ଖା କାରବାର ହେଉଥିବାବେଳେ ଏହି ମାଫିଆଙ୍କ ପାଖରେ ନା ପୁଲିସ ପହଞ୍ଚି ପାରୁଛି ନା ଖାଦ୍ୟ ସୁରକ୍ଷା ଅଧିକାରୀ। ଦୀର୍ଘ ବର୍ଷ ଧରି ନୟାଗଡ଼ ଜିଲ୍ଲାରେ ବେଆଇନ ଭାବେ ଗୁଟ୍‌ଖା, ଖଇନି ଓ ଜର୍ଦ୍ଦା ବେପାର କରି ଆସୁଥିବା ଏହି ଦୁଇ ମାଫିଆଙ୍କୁ ସବୁ ଦିଗରେ ସୁରକ୍ଷା ଦିଆଯାଉଛି। ନୟାଗଡ଼ ଜିଲ୍ଲାର ପ୍ରାୟ ଅଧିକାଂଶ ପାନ ଦୋକାନରେ ଗୁଟ୍‌ଖା ବିକ୍ରି ହେଉଥିବାବେଳେ ଏହାକୁ ଯୋଗାଉଥିବା ମାଫିଆଙ୍କୁ ଧରିବା ବଦଳରେ ଛୋଟ ଛୋଟ ଦୋକାନୀକୁ ଜରିମାନା କରି ଖାଦ୍ୟ ସୁରକ୍ଷା ଅଧିକାରୀ ବାହାବା ନେବାର ଅପଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ଛୋଟ ବ୍ୟବସାୟୀଙ୍କ ପେଟକୁ ଲାତ ମାରି ସାଂଘାତିକ ଖେଳ କରାଯାଉଥିବାବେଳେ ବଡ଼ ମାଫିଆଙ୍କ ବେଆଇନ କାରବାର ଉପରେ ଖାଦ୍ୟ ସୁରକ୍ଷା ଅଧିକାରୀ କେବେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଶ୍ନ ଉଠିଛି। ଖାଦ୍ୟ

- **ହାତୀକୁ ଛାଡ଼, ପିମ୍ପୁଡ଼ିକୁ ବାଟ ଜଗା**
- **ବେଆଇନ ଗୁଟ୍‌ଖା କାରବାର କ୍ୟାନ୍‌ସର କାରଣ**

ସୁରକ୍ଷା ଅଧିକାରୀଙ୍କ ଅଧୀନରେ ଦୁଇଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଖାଦ୍ୟ ସୁରକ୍ଷା ଅଧିକାରୀ ନିଜେ ନିୟନ୍ତ୍ରଣ କରୁଥିବାବେଳେ ଅନ୍ୟଟି ଏନ୍‌ସିଡି ମ୍ୟାନେଜର ନିୟନ୍ତ୍ରଣ କରୁଥିବା ସୂଚନା ମିଳିଛି। ଜିଲ୍ଲାରେ କେତେ ଦୋକାନ ଉପରେ ଚଢ଼ଉ ହେଇଛି, ସେ ନେଇ ଖାଦ୍ୟ ସୁରକ୍ଷା ଅଧିକାରୀ ସୂଚନା ଦେଇ ନ ଥିବାବେଳେ ଏନ୍‌ସିଡି ମ୍ୟାନେଜର ଏହାର ଉତ୍ତର ରଖିପାରିବେ ବୋଲି କହିଛନ୍ତି। ଏନ୍‌ସିଡି ମ୍ୟାନେଜର ଫୋନ୍ ଉଠାଇ ନାହାନ୍ତି।

ନୟାଗଡ଼ ଜିଲ୍ଲାରେ ବେଆଇନ ଗୁଟ୍‌ଖା କାରବାର ଦୁଇ ଭାଇଙ୍କ ତତ୍ତ୍ୱାବଧାନରେ ଚାଲିଥିବାବେଳେ ସେମାନଙ୍କ ଉପରେ ହାତ ମାରିବାକୁ ଏନ୍‌ସିଡି ମ୍ୟାନେଜର କିମ୍ବା ଡ୍ରଗ୍ସ ଇନ୍ସପେକ୍ଟର ସାହସ ଜୁଟାଇ ପାରୁନାହାନ୍ତି। ଯାହା ଫଳରେ ଦୁଇ ଭାଇ ବାହାସ୍ଫୋଟ ମାରିବା ସହ ବେଆଇନ ଗୁଟ୍‌ଖା କାରବାର କରି ସାଧାରଣ ଜନତାଙ୍କୁ ଲୁଟ୍ କରିବା ସହ ମାଫିଆରାଜ୍ ଚଳାଇଛନ୍ତି। ନୟାଗଡ଼ ଜିଲ୍ଲାରେ ପ୍ରତ୍ୟେକ ଦିନ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବେଆଇନ ଗୁଟ୍‌ଖା କାରବାର ହେଉଥିବାବେଳେ ନାମୀଦାମୀ ପାନମସଲା ସହ ଜର୍ଦ୍ଦା ବିକ୍ରି କରାଯାଉଛି। ଏହା ଉପରେ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଆଜିଠାରୁ ସଦାଶିବ ମେମୋରିଆଲ କ୍ରିକେଟ

ଭାପୁର,୧୩।୧୨(ସମିସ): ରାଜ୍ୟର ସବୁଠାରୁ ଚର୍ଚ୍ଚିତ ତଥା ବ୍ୟୟବହୁଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭାବେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ନାଳିସାଗର ଖେଳ ପଡ଼ିଆରେ ଆୟୋଜିତ ସଦାଶିବ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପରିଚୟ ଲାଭ କରିଛି। ଏହାର ୧୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବ। ଏଥିରେ ରାଜ୍ୟର ୪ ଦଳ ଭୁବନେଶ୍ୱରର ସାଇ ଇଲେଭେନ, କେସିସି କଳାହାଣ୍ଡି, ଏମ୍ଏମ୍ସିସି ସମ୍ବଲପୁର ଓ ଟିଟିସି ଭୁବନେଶ୍ୱର ସହ ରାଜ୍ୟ ବାହାରୁ ଉତ୍ତର ପ୍ରଦେଶ, କୋଲକାତା, ଭାଇଜାକ୍ ଓ ମୁମ୍ବଇ ଦଳ ଭାଗ ନେବେ। ଏହି ଟୁର୍ଣ୍ଣାମେଣ୍ଟରେ ବହୁ ଆଇପିଏଲ୍ ଓ ଜାତୀୟସ୍ତରର ଖେଳାଳି ଭାଗ ନେବେ। ରବିବାର ଉଦ୍‌ଘାଟନୀ ମ୍ୟାଚ୍ ସାଇ ଇଲେଭେନ୍ ଓ ଉତ୍ତର ପ୍ରଦେଶ ମଧ୍ୟରେ ଆୟୋଜିତ ହେବ। ସମସ୍ତ ମ୍ୟାଚ୍‌ରେ ଡିୟୁଜ୍ ବଲ୍ ବୋଲିଂ, ଏଲ୍ଇଡ୍ ସ୍କୋର ବୋର୍ଡ, ଥାର୍ଡ ଅମ୍ପାୟାର ରିଭ୍ୟୁ, ଚିଅରଗାର୍ଲ ଓ ସିନେ ତାରକା ମୁଖ୍ୟ ଆକର୍ଷଣ ସାଜିବେ। ଫାଇନାଲ୍ ଖେଳ ଦିନ ୫୦ ହଜାର ଦର୍ଶକଙ୍କ ପାଇଁ ଖାଇବାର ବ୍ୟବସ୍ଥା ଏହି ଟୁର୍ଣ୍ଣାମେଣ୍ଟର ଅନ୍ୟତମ ଆକର୍ଷଣ। ଚାମ୍ପିଅନ ଦଳକୁ ଦେଢ଼ ଲକ୍ଷ ଓ ରନର୍ସଅପ୍ ଦଳକୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର / ୨ ମାସ ହେଲା ଆମ୍ବୁଲାନ୍ସ ସେବା ବ୍ୟାହତ

ଓଡ଼ଗାଁ,୧୩।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାୟ ୨ ମାସରୁ ଅଧିକ ସମୟ ଧରି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ବ୍ୟାହତ ହୋଇଛି। ସଠିକ୍ ସମୟରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେଉ ନ ଥିବାରୁ ଏକାଧିକ ରୋଗୀଙ୍କ ମୃତ୍ୟୁ ଘଟିଛି। ଏପରିକି ସେଥିମଧ୍ୟରୁ ପ୍ରାୟ ୪ରୁ ୫ ଜଣ ହୃଦ୍‌ଘାତଜନିତ ମୃତ୍ୟୁ ମୁଖରେ ପଡ଼ିଥିବା ଜଣାପଡ଼ିଛି। ଗତ ନଭେମ୍ବର ୨୬ ତାରିଖ ବିଳମ୍ବିତ ରାତିରେ ଆମ୍ବୁଲାନ୍ସ ସେବା ମିଳି ନ ଥିବାରୁ ଓଡ଼ଗାଁ ବ୍ଲକ୍ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମ ହରିଜନ ସାହିର ଜଣେ ୪୫ ବର୍ଷୀୟ ଯୁବକଙ୍କୁ ଓଡ଼ଗାଁ ଡାକ୍ତରଖାନାରେ ଜୀବନ ହରାଇବାକୁ ପଡ଼ିଥିଲା। କାରଣ ସରକାରୀ ଆମ୍ବୁଲାନ୍ସ ସେବା ଜରୁରୀକାଳୀନ ଭାବେ ଉପଲବ୍ଧ ନ ହେବାରୁ ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା କିମ୍ବା ଭୁବନେଶ୍ୱରର କୌଣସି ହସ୍ପିଟାଲକୁ ପଠାଇବା ସମ୍ଭବପର ହୋଇ ନ ଥିଲା। ଅନ୍ୟପକ୍ଷରେ ସରକାରୀ





ଆମ୍ବୁଲାନ୍ସ ସେବା ଆରମ୍ଭ ପରଠାରୁ ଏଠାରେ ଘରୋଇ ଉଦ୍ୟମରେ ଚାଲିଥିବା ଏକମାତ୍ର ଆମ୍ବୁଲାନ୍ସ ସେବା ସବୁବେଳେ ମିଳିପାରି ନ ଥାଏ। ଅନ୍ୟପକ୍ଷରେ ମୃତ ବ୍ୟକ୍ତି ଜଣକ ତଫସିଲଭୁକ୍ତ ଜାତି ଗରିବ ଶ୍ରେଣୀର ହୋଇଥିବାରୁ ନିଜ ଚେଷ୍ଟାରେ ଅନ୍ୟ ବ୍ୟବସ୍ଥା କରିବା ସମ୍ଭବ ହୋଇ ନ ଥିଲା। ୨୧ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତ୍ୟହ ଏକାଧିକ ରାସ୍ତା ଓ ଅନ୍ୟାନ୍ୟ ଦୁର୍ଘଟଣାଜନିତ ଆହତମାନେ ପହଞ୍ଚିଥା'ନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତରଙ୍କୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର ଜରୁରୀ ଆବଶ୍ୟକତା ରହୁଛି।

ଆବଶ୍ୟକତା ଅନୁସାରେ ସଠିକ୍ ସମୟରେ ଆମ୍ବୁଲାନ୍ସ ସେବା ବ୍ୟାହତ ହେଉଥିବାରୁ ବାଧ୍ୟତାମୂଳକ ଭାବେ ଅଟୋ କିମ୍ବା ଅନ୍ୟ ୪ ଚକିଆ ଯାନରେ ନୟାଗଡ଼ ନିଆଯାଉଛି। ଫଳରେ ବହୁ ବିଳମ୍ବ କାରଣରୁ ରୋଗୀର ଅବସ୍ଥା ସଙ୍କଟାପନ୍ନ ହୋଇପଡୁଛି। ସ୍ୱାସ୍ଥ୍ୟ କାର୍ଡ ଦେଖାଇ ଚିକିତ୍ସା ହୋଇପାରୁଛି। ଜରୁରୀ ସ୍ଥାନାନ୍ତର ପାଇଁ ଏଥିରେ କୌଣସି ସୁବିଧା ମିଳେନାହିଁ।

**ଗଲାଣି ଅନେକ ଜୀବନ**

ଏପରିସ୍ଥଳେ ଓଡ଼ଗାଁ ଡାକ୍ତରଖାନା ଉପରେ ନିର୍ଭର କରୁଥିବା ବ୍ଲକ୍‌ର ୧୮ ପଞ୍ଚାୟତ ସହିତ ଗଞ୍ଜାମ ଜିଲ୍ଲାର ୭/୮ ପଞ୍ଚାୟତର ଜନସାଧାରଣଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ସଠିକ୍ ଜରୁରୀ ସେବାର ସ୍ଥାୟୀ ସମାଧାନ ପାଇଁ ଦାବି ହେଉଛି। ଓଡ଼ଗାଁ ଡାକ୍ତରଖାନାରେ ରହୁଥିବା ଆମ୍ବୁଲାନ୍ସ ଖରାପ ହୋଇଥିବାରୁ ୧୦ରୁ ୧୫ ଦିନ ମଧ୍ୟରେ ଏକ ନୂଆ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଉଛି ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ।

● ବରୁଣେଇ ଟି-୨୦ କ୍ରିକେଟ

## ପ୍ରଥମ କ୍ୱାର୍ଟରରେ ଭୋଗଡ଼ା ବିଜୟୀ

କଣ୍ଟିଲୋ,୧୩।୧୨(ସମିସ): ବରୁଣେଇ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡ଼ିଆଠାରେ ଚାଲିଥିବା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୋଗଡ଼ା କ୍ରିକେଟ୍ ଟିମ୍ ମର୍ଦ୍ଦରାଜପୁରକୁ ୪୦ ରନ୍‌ରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ



ବ୍ୟାଟିଂ କରି ଭୋଗଡ଼ା ଟିମ୍ ୧୬ ଓଭରରେ ସମସ୍ତ ୱିକେଟ ହରାଇ ୧୩୦ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ମର୍ଦ୍ଦରାଜପୁର ଟିମ୍ ୧୪.୧ ଓଭରରେ ମାତ୍ର ୯୧ ରନ୍ କରି ଅଲ୍ଆଉଟ ହୋଇଯାଇଥିଲା। ଭୋଗଡ଼ା ଟିମ୍‌ର ସିପୁ ସ୍ୱାଇଁ ୩ ଓଭର ୧୦ ରନ୍ ବ୍ୟୟ କରି ୫ ୱିକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଅମ୍ପାୟାର ଦିପୁ ନାୟକ ଓ ଦୀପକ ବେହେରା ମ୍ୟାଚ୍ ପରିଚାଳନା କରିଥିଲାବେଳେ ଭାଷ୍ୟକାର ଭାବେ ତାପସ ସାହୁ ଓ ସ୍କୋରର ଭାବେ ରାଜେନ୍ଦ୍ର ସାହୁ ସହଯୋଗ କରିଥିଲେ। ରବିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଆୟୋଜକ ବରୁଣେଇ (ଏ)କୁ ଭେଟିବ ବଡ଼ ବାଣପୁର କ୍ରିକେଟ୍ ଟିମ୍।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଓଡ଼ଗାଁ,୧୩।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ମହୋତ୍ସବ ପଡ଼ିଆରେ ସର୍ବ ପୁରାତନ ଘରୋଇ ହାଇସ୍କୁଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତରଫରୁ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସଭାପତି ସସ୍ମିତା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରଘୁନାଥଜୀଉଙ୍କ ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି କୁନି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ବଲ୍ ଫିଙ୍ଗା, ମ୍ୟୁଜିକ୍ ଚେୟାର, ଆଳୁ ଚାମଚ, ଅଖା ଡିଆଁ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଅଧକ୍ଷ ହରିହର ଡାକୁଆ ଯୋଗଦେଇ କ୍ରୀଡ଼ା ପତାକା ଅବତରଣ ପରେ କାର୍ଯ୍ୟ ସମାପିତ ହୋଇଥିଲା। ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ସାହୁ, କ୍ରୀଡ଼ା ତତ୍ତ୍ୱାବଧାରକ କୈଳାସଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଆରତୀ ଜେନା, ରୋଜି ପ୍ରଧାନ ସହଯୋଗ କରିଥିଲେ।

● ଜିଲ୍ଲା ଲେଖକ ପରିଷଦ ୩୧ତମ ବାର୍ଷିକ ଉତ୍ସବ

## ଶୀତୁଆ ସନ୍ଧ୍ୟାକୁ ଉଷୁମ କଲା 'ଏଇ ଯେ ସୂର୍ଯ୍ୟ ଉଏଁ'

ନୟାଗଡ଼,୧୩।୧୨(ସମିସ): ନୟାଗଡ଼ ଜିଲ୍ଲା ଲେଖକ ପରିଷଦର ୩୧ତମ ବାର୍ଷିକ ଉତ୍ସବ ଅବସରରେ ନାଟକ 'ଏଇ ଯେ ସୂର୍ଯ୍ୟ ଉଏଁ' ନାଟକ ମଞ୍ଚସ୍ଥ ହୋଇଯାଇଛି। ସଭାପତି ପ୍ରଧାନୀ ଚିତ୍ତାକର୍ଷକ ହୋଇଥିଲା। ନାଟକର ପ୍ରଥମ ଦୃଶ୍ୟରେ ପାଲା ପରିବେଷଣ ସାହିତ୍ୟ ଓ ସଂସ୍କୃତି ଯୁଗଳବନ୍ଦୀ ଦର୍ଶକଙ୍କୁ ବିଭୋର କରିଥିଲା। ଶ୍ରମିକ ଶୋଷଣ ନୀତି, କର୍ପୋରେଟ୍ ଦଲାଲ ଓ ଆଇନକୁ



ବୃନ୍ଦାବନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ନାଟ୍ୟକାର ପ୍ରାଧ୍ୟାପକ ଡ. ବିଜୟ କୁମାର ଶତପଥୀଙ୍କ ଲିଖିତ, ଅଧ୍ୟାପକ ଆଶୁତୋଷ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ ଶୀତୁଆ ସନ୍ଧ୍ୟାକୁ ଉଷୁମ କରିଥିଲା। ଲେଖକ, କବି ଓ ଗାଳ୍ପିକଙ୍କ ଦ୍ୱାରା ଅଭିନୀତ ଏହି ନାଟକ ବେଶ୍ ପୂଜା କରୁଥିବା ଅନ୍ଧ ପୁଲିସ କିଭଳି ଷଡ଼ଯନ୍ତ୍ର କରେ ତାହା ନାଟକରେ ଦେଖିବାକୁ ମିଳିଥିଲା।

ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ କଳାକାର ଓ ଲେଖକ ପରିଷଦ ପରିବାରକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ କବି ସ୍ମିତା ସ୍ୱାଇଁ ସଂଯୋଜନା କରିଥିଲେ। ଲେଖକ ପରିଷଦ ସମ୍ପାଦକ ଶେଖ୍ ଅବ୍‌ଦୁଲ ଖାଲିକ ଧନ୍ୟବାଦ ଦେଇଥିଲେ।

## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

# ୪୫୮୫ଟି ମାମଲାର ଫଇସଲା

ନୟାଗଡ଼,୧୩।୧୨(ସମିସ)

ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଶନିବାର ନୟାଗଡ଼ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାର ଉକ୍ତ ଲୋକ ଅଦାଲତରେ ୫ଟି ମୋଟର ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୪୭ ଲକ୍ଷ ୩୫ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୧୦୧ ଦେୱାନି ମାମଲା ଫଇସଲା କରାଯାଇଥିଲା। ଏନ୍ଆଇ ଆକ୍ଟ ମାମଲା ୫ଟି ଫଇସଲା କରାଯାଇ ୧୪ ଲକ୍ଷ ୯୬ ହଜାର ଟଙ୍କା ଆଦାୟ କରାଯାଇଥିଲା। ବିବାହଜନିତ ୧୯ଟି ମାମଲା ଫଇସଲା କରାଯାଇ ୮୪ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେଥିମଧ୍ୟରୁ ଦୁଇଟି ବିବାହଜନିତ ସ୍ୱାମୀ-ସ୍ତ୍ରୀ ମାମଲାରେ ପରିବାର ଅଦାଲତ ବିଚାରପତିଙ୍କ ଦୃଢ଼ ପ୍ରଚେଷ୍ଟାରେ ସ୍ୱାମୀ-ସ୍ତ୍ରୀ ଏକାଠି ହୋଇପାରିଛନ୍ତି। ଅନ୍ୟାନ୍ୟ ଫୌଜଦାରୀ ୧୯୧ଟି ମାମଲା ଫଇସଲା କରାଯାଇଥିଲା। ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରି ନ ଥିବା ୧୪୦ ଜଣ ଋଣ ଗ୍ରହିତାଙ୍କଠାରୁ ୨୫ ଲକ୍ଷ ୪୭ ହଜାର ୧୩୧ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା। ସେହିପରି ୪୦୭୭ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୧୦ ଲକ୍ଷ ୫୪ ହଜାର ୫୩୮ ଟଙ୍କା ଆଦାୟ କରଯାଇଥିଲା ଏବଂ ରଫାଯୋଗ୍ୟ ଫୌଜଦାରୀ ମାମଲା ୩ଟି ଫଇସଲା କରାଯାଇଥିଲା।

ବିଏସ୍ଏନ୍ଏଲ୍ ଏବଂ ବିଦ୍ୟୁତ୍ ସମ୍ବନ୍ଧୀୟ ୪୪ଟି ମାମଲା ଫଇସଲା ହୋଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ଡ. ଇନ୍ଦୁ ଶର୍ମା, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ରିଜା ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶୃତିସ୍ନିଗ୍ଧା ଦାସ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ବରିଷ୍ଠ ଦେୱାନି ଅଦାଲତ ବିଚାରପତି(ଏଲ୍ଆର୍ ଆଣ୍ଡ ଏଲ୍‌ଟିଭି) ରବି ନାରାୟଣ ବେହେରା, ଉପଖଣ୍ଡ ଫୌଜଦାରୀ ବିଚାରପତି ସମାପିକା ସମଦର୍ଶିନୀ, ଜେଏମ୍ଏଫ୍ସି ଲଳିତା ପାତ୍ର ପରିଚାଳନା କରିଥିବାବେଳେ ବରିଷ୍ଠ ଦେୱାନି ବିଚାରପତି ତଥା ପ୍ରଭା ଆଚାର୍ଯ୍ୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୋନାଲୀ ସରିତା ପ୍ରମୁଖ ଉପସ୍ଥିତ ରହି ଲୋକ ଅଦାଲତକୁ ତଦାରଖ କରିଥିଲେ। ଏହି ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ନ୍ୟାୟ ଅସ୍ୱୀକାର ମିତ୍ର, ସରକାରୀ ଅଧିବକ୍ତା ଦଣ୍ଡପାଣି ସ୍ୱାଇଁ, ବରିଷ୍ଠ ଓକିଲ ରମେଶ ଚନ୍ଦ୍ର ମହାରଣା, କନ୍‌ସିଲେଟର କ୍ଷଣପ୍ରଭା କର, ଜିଲ୍ଲା କୋର୍ଟର କର୍ମଚାରୀ, ସାମ୍ବାଦିକ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

**ଓଡ଼ଗାଁ:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଦେୱାନି ଓ ଫୌଜଦାରୀ ଅଦାଲତରେ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତ ବର୍ଷର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆପୋଷ ଆଲୋଚନା ଜରିଆରେ ୧୬୪ଟି ବିଭିନ୍ନ ମାମଲା ମଧ୍ୟରୁ ୯୩ ମାମଲା ବିଚାରକୁ ନିଆଯାଇଥିଲା। ସେଥିମଧ୍ୟରୁ ଦେୱାନି ସମ୍ବନ୍ଧୀୟ ୭୬ଟି ମାମଲା ମଧ୍ୟରୁ ୬୧ଟି, ଫୌଜଦାରୀ ସମ୍ବନ୍ଧୀୟ ୬୩ ମାମଲା ମଧ୍ୟରୁ ୩୨ଟି ଫଇସଲା କରାଯାଇଥିଲା। ବ୍ୟାଙ୍କ ଋଣ ସମ୍ବନ୍ଧୀୟ ୩୧୩ଟି ମାମଲା ମଧ୍ୟରୁ ୧୯ଟି ଫଇସଲା କରାଯାଇ ଖିଲାପିଙ୍କଠାରୁ ୨ଲକ୍ଷ ୪୬ ହଜାର ୫ଶହ ଟଙ୍କା ଆଦାୟ କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଓଡ଼ଗାଁ ତାଲୁକ ଆଇନ ସେବା ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଂଘମିତ୍ରା ଶର୍ମା, ଦେୱାନି (ବରିଷ୍ଠ) ବିଭାଗ ବିଚାରପତି ଜନ୍ମେଜୟ ଦାସ, ଦେୱାନି



(କନିଷ୍ଠ) ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ, ଗ୍ରାମ ନ୍ୟାୟାଧିକାରୀ ସୌମ୍ୟାଶ୍ରୀ ମହାପାତ୍ର ସମ୍ପୃକ୍ତ ଅଦାଲତମାନଙ୍କରେ ମାମଲାଗୁଡ଼ିକୁ ପରିଚାଳନା କରିଥିଲେ। ଲୋକ ଅଦାଲତରେ ଅତିରିକ୍ତ ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର, ସହକାରୀ ସରକାରୀ ଓକିଲ ପ୍ରମୋଦ କୁମାର ବିଶ୍ୱାଳ, ଅମୂଲ୍ୟ ପ୍ରସାଦ ପ୍ରଧାନ ଓ ବିଜୟ କୁମାର ରଥ ଏବଂ ଆଇନଜୀବୀ ରବିନ୍ଦ୍ର ବରାଡ଼, ନାରାୟଣ ନାୟକ, ଚିରଞ୍ଜୀବୀ ଦାଶ, ବିବେକାନନ୍ଦ ସରସ୍ୱତୀ ପ୍ରଭୃତି ସହଯୋଗ କରିଥିଲେ। ଆଇନ ସେବା ପ୍ରାଧିକରଣ ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ରଣପୁର:** ରଣପୁର କୋର୍ଟ ପରିସରରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ବରିଷ୍ଠ ବିଚାରପତି ଅନୁଶ୍ରୁତି ଚୌଧୁରୀ ଏବଂ ପ୍ରଥମ ଶ୍ରେଣୀ ବିଚାରପତି ପୁଣ୍ୟଶ୍ଳୋକ ଦାଶଙ୍କ ତତ୍ତ୍ୱାବଧାନରେ ସମାପ୍ତ ହୋଇଛି। ଏହି ଲୋକ ଅଦାଲତରେ ଏସ୍‌ବିଆଇ ରଣପୁରର ମୋଟ ୨୦ଟି କେସ୍ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ଗୋଟିଏ କେସ୍ ବିଚାର ହୋଇ ମୋଟ୍ ୧୫ ହଜାର ଟଙ୍କା ଆଦାୟ ହୋଇଛି। ୟୁକୋ ବ୍ୟାଙ୍କ୍ ରଣପୁରର ମୋଟ୍ ୯୩ଟି କେସ୍ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ୬ଟି କେସ୍ ବିଚାର ହୋଇ ମୋଟ୍ ୨୮ ହଜାର ଟଙ୍କା ଆଦାୟ ହୋଇଛି। ଏସ୍‌ବିଆଇ ମଝିଆଖଣ୍ଡ ଶାଖାର ମୋଟ୍ ୨୮ଟି ମାମଲାରୁ ୬ଟି ବିଚାର ହୋଇ ମୋଟ ୧ ଲକ୍ଷ ୮୫ ହଜାର ଟଙ୍କା ଆଦାୟ ହୋଇଛି। ନାବ୍ ଫାଇନାନ୍ସ ଲିମିଟେଡ୍ ରାଜସୁନାଖଳା ଶାଖାରୁ ୨୦ଟି କେସ୍ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ କିଛି ଶେଷ ହୋଇପାରି ନାହିଁ। ଜେଏମ୍ଏଫ୍ସି କୋର୍ଟ ରଣପୁରର ସମୁଦାୟ ୧୦୧ଟି ମୋକଦ୍ଦମା ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ୫୫ଟି କେସ୍ ବିଚାର ହୋଇଛି। ସବ୍ ଜଜ୍ କୋର୍ଟ ରଣପୁରର ସମୁଦାୟ ୭ଟି ମୋକଦ୍ଦମା ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ୪ଟି କେସ୍ ଶେଷ ହୋଇଛି। ବାର୍ ଆସୋସିଏସନ୍ ରଣପୁର ଏବଂ କୋର୍ଟ କର୍ମଚାରୀମାନଙ୍କ ସହଯୋଗରେ ସୂଚାରୁ ରୂପେ ପରିଚାଳିତ ହୋଇଛି।

# ନିଖୋଜ ୩ ଛାତ୍ର ଚଣ୍ଡିଖୋଲରୁ ଉଦ୍ଧାର



ହିନ୍ଦୋଳ/ଖଜୁରିଆକଟା,୧୩।୧୨ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଗଣ୍ଡାନାଳୀ ପଞ୍ଚାୟତ ଚିଲତଇଲା ଆଶ୍ରମ ସ୍କୁଲରୁ ଗତ ୧୦ ତାରିଖ ନିଖୋଜ ହୋଇଯାଇଥିବା ୩ ଛାତ୍ରଙ୍କୁ ପୁଲିସ ଯାଜପୁର ଜିଲ୍ଲା ଚଣ୍ଡିଖୋଲରୁ ଉଦ୍ଧାର କରିବାରେ ସଫଳ ହୋଇଛି। ସେମାନେ ହେଲେ ଭୁବନ ବାରୁଆଁ ଗ୍ରାମର ଆଦିବାସୀ ଛାତ୍ର ଶିବୁ ମୁର୍ମୁ (୭), ବାପି ବେସ୍ରା (୧୧) ଓ ସ୍ୱାଧୀନ ମୁର୍ମୁ (୭)। ୧୦ ତାରିଖ ଦିନ ଏହି ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବାକୁ ନିକଟସ୍ଥ ଖେଳପଡ଼ିଆକୁ ଯାଇଥିଲେ। ମାତ୍ର ସନ୍ଧ୍ୟାରେ ଉପସ୍ଥାନ ନେବା ସମୟରେ ଏହି ତିନି ଛାତ୍ର ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ସ୍କୁଲ କର୍ତ୍ତୃପକ୍ଷ ବହୁ ଖୋଜାଖୋଜି କରି ନ ପାଇବାରୁ ୧୧ ତାରିଖ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ସାହୁ ରାସୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଛାନଭିନ ଆରମ୍ଭ କରିଥିଲା। ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାସୋଳ ଥାନା ଭାରପ୍ରାପ୍ତ ଅଧିକାରୀ ବିଧୁଭୂଷଣ ମିଶ୍ର, ଇନ୍ସପେକ୍ଟର ପ୍ରତାପ ଦଳେଇଙ୍କ ସହ ଏକ ଟିମ୍ ତିନି ଛାତ୍ରଙ୍କୁ ଚଣ୍ଡିଖୋଲ ନିକଟରୁ ଉଦ୍ଧାର କରିଥିଲେ। ପିଲାମାନେ କାହାକୁ ନ ଜଣାଇ ହଷ୍ଟେଲରୁ ବାହାରି ଘରକୁ ଯିବା ଉଦ୍ଦେଶ୍ୟରେ ଏକ ଟ୍ରକ ଧରିଥିଲେ। ତେବେ ଡ୍ରାଇଭର ଜାଣି ନ ପାରି ସେମାନଙ୍କୁ ଚଣ୍ଡିଖୋଲ ନେଇଯାଇଥିଲେ। ସେଠାରେ ଓହ୍ଲାଇ ପିଲାମାନେ ଜଣେ ବ୍ୟକ୍ତିଙ୍କ ପାଖରେ ଆଶ୍ରୟ ନେଇଥିବା ବେଳେ ପୁଲିସ ସେମାନଙ୍କୁ ଉଦ୍ଧାର କରିଛି। ଡାକ୍ତରୀ ଚିକିତ୍ସା ପରେ ସେମାନଙ୍କୁ ପରିବାର ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି।

# ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ନାପସନ୍ଦ

ହିନ୍ଦୋଳ,୧୩।୧୨(ସମିସ)

ଓଡ଼ିଶାରେ ବିଧାୟକମାନଙ୍କ ଦରମା ଏବଂ ଭତ୍ତା ବୃଦ୍ଧିକୁ ରାଜ୍ୟର ସବୁ ମହଲରେ ନାପସନ୍ଦ କରାଯାଉଛି। ହିନ୍ଦୋଳ ଉପଖଣ୍ଡର ବୁଦ୍ଧିଜୀବୀମାନେ ମଧ୍ୟ ଏହାକୁ ନାପସନ୍ଦ କରିଛନ୍ତି। ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ସଚେତନ ବ୍ୟକ୍ତି ଓ ସାମାଜିକ ଅନୁଷ୍ଠାନଗୁଡ଼ିକ ଦଳମତ ନିର୍ବିଶେଷରେ ଏହାକୁ ଏହାକୁ ଦୃଢ଼ ବିରୋଧ କରି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏପରିକି ଆଗାମୀ ପଞ୍ଚାୟତ ନିର୍ବାଚନରେ ଶାସକ ଦଳକୁ ଏହାର ଉତ୍ତର ମିଳିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଗରିବ ଖଟିଖିଆଠାରୁ ଆରମ୍ଭ କରି ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ, ଅଟୋ ଚାଳକ ତଥା ଶିକ୍ଷକ, ଶିକ୍ଷାବିତ୍ କୃଷକ ନେତା, ଛାତ୍ରନେତା, ରାଜନୈତିକ ବ୍ୟକ୍ତି ବିଶେଷ ଏଭଳି ଅବିବେକୀ କାର୍ଯ୍ୟକୁ ନିନ୍ଦା କରିଥିବା ଦେଖିବାକୁ ମିଳିଛି।

ପିଏମଜି ଛକରେ ଶୀତକାକରରେ ଶିକ୍ଷକ, ଅଧ୍ୟାପକ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଗ୍ରାମସାଥୀ, କୃଷକ ସାଥୀ ଓ ବିଭିନ୍ନ ସଂଗଠନର କର୍ମଚାରୀ ବିଭିନ୍ନ ଦାବି ନେଇ ଧାରଣାରେ ବସିଥିବା ବେଳେ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ ନ କରି ଜନତାଙ୍କ ସେବା କରିବା ପାଇଁ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାର ହୋଇଥିବା ବେଳେ ନିର୍ବାଚିତ ବିଧାୟକମାନେ ନିଜ ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ସରକାରୀ ତାହବିଲରୁ ଅଧିକ ଦରମା ନେବା କେତେଦୂର ଠିକ୍ ବୋଲି ପ୍ରଶ୍ନ କରିଛନ୍ତି। ବିଧାୟକଙ୍କ ଦରମା ତିନିଗୁଣ ବୃଦ୍ଧି କରାଯିବା ପରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ଆତ୍ମଗୋପନ କରିବା କେଉଁ ପ୍ରକାର ନ୍ୟାୟ ବୋଲି ପ୍ରଶ୍ନ କରିଛନ୍ତି। ଶିକ୍ଷକ ଅଧ୍ୟାପକମାନେ ୪୦ ବର୍ଷ ଚାକିରି କରି ପେନସନ, ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ସୁବିଧା ପାଇବା ପାଇଁ ଯୋଗ୍ୟ ହେଉ ନ ଥିବାବେଳେ ମାତ୍ର ବର୍ଷେ ବା ତା'ଠାରୁ ଅଧିକ ବିଧାୟକ ହୋଇଯିବା ପରେ ଏକାଥରେ ମାସିକ ୩ ଲକ୍ଷ ୪୫ ହଜାର ଟଙ୍କା ମାସିକ ବେତନ ଓ ବିଭିନ୍ନ ଭତ୍ତା ପାଇବା ଜନତାଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଭ୍ୟ ମଧ୍ୟ ନିର୍ବାଚିତ ପ୍ରତିନିଧି ହୋଇଥିବା ବେଳେ ସରକାର ସେମାନଙ୍କ କଥା ଭୁଲିଯାଇ ନିଜ ପାଇଁ ନିଜେ ଆଇନ ପ୍ରଣୟନ କରିଦେଲେ। କରୋନା ସମୟରେ ୧୮ ମାସର ମାହାଙ୍ଗା ଭତ୍ତା କର୍ମଚାରୀମାନଙ୍କୁ ସରକାର ଏପର୍ଯ୍ୟନ୍ତ ଦେଇପାରି ନ ଥିବା ବେଳେ ବିଧାୟକମାନେ ଏହି ସମୟରେ ସମସ୍ତ ପ୍ରାପ୍ୟ ନେଇଥିଲେ। ହେଲେ ସାଧାରଣ କର୍ମଚାରୀଙ୍କ ଦୁଃଖ ସରକାର ଭୁଲିଯାଇଥିବା ବେଳେ ବିଧାୟକଙ୍କୁ ନିର୍ବାଚନ ମଣ୍ଡଳୀ ଗସ୍ତ ଭତ୍ତା ୭୫ ହଜାର ଟଙ୍କା ପ୍ରଦାନ କରାଯିବା କେତେଦୂର ଯଥାର୍ଥ ସେ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କେନ୍ଦ୍ର ଓ ରାଜ୍ୟ କର୍ମଚାରୀଙ୍କ ଦରମା ଓ ଭତ୍ତା ପ୍ରତି ୧୦ ବର୍ଷରେ ଥରେ କମିଟି ରିପୋର୍ଟ ଆଧାରରେ ଧାର୍ଯ୍ୟ ହେଉଥିବା ବେଳେ ବିଧାୟକଙ୍କ ଦରମା ଓ ଭତ୍ତା କ୍ଷେତ୍ରରେ ଗୋଟିଏ ଦିନରେ ପ୍ରସ୍ତାବ ଆଗତ ହୋଇ ସେହିଦିନ ଗୃହୀତ ହେବା ରାଜ୍ୟ ବିଧାନସଭା ପାଇଁ କଳା ଦିବସ ବୋଲି ମତ ପ୍ରକାଶ ପାଇଛି।

ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ହିନ୍ଦୋଳ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ତ୍ରିନାଥ ବେହେରା, ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ରତିକାନ୍ତ ଗଡ଼ନାୟକ, ବରିଷ୍ଠ ଆଇନଜୀବୀ ସୁଶୀଳ ସାମଲ, କୃଷକ ନେତା ଅରକ୍ଷିତ ବିଶ୍ୱାଳ, ଛାତ୍ରନେତା ବୈଷ୍ଣବ ପ୍ରଧାନ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଏହାକୁ ଦୃଢ଼ ବିରୋଧ କରିବା ସହ ତୁରନ୍ତ ଏକ କମିଟି ଗଠନ କରାଯାଇ ଅନ୍ୟ ରାଜ୍ୟଗୁଡ଼ିକ ସହ ତୁଳନାତ୍ମକ ଭାବେ ବିଧାୟକଙ୍କ ଦରମା ସ୍ଥିର କରିବାକୁ ଦାବି କରିଛନ୍ତି।

# ଔଷଧ ଦୋକାନ ଓ ବିଦ୍ୟାଳୟ ନିକଟ ଦୋକାନରେ ଚଢ଼ଉ



ହିନ୍ଦୋଳ,୧୩।୧୨(ସମିସ): ଢେଙ୍କାନାଳ ଜିଲ୍ଲାପାଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଜିଲ୍ଲା ଭେଷଜ ନିରୀକ୍ଷକ, ଜିଲ୍ଲା ଅବକାରୀ ବିଭାଗ ଓ ପୁଲିସ ମିଳିତ ଭାବେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଔଷଧ ଦୋକାନ, ବିଦ୍ୟାଳୟ ଓ ଡାକ୍ତରଖାନା ସମ୍ମୁଖରେ ଥିବା ବିଭିନ୍ନ ଦୋକାନରେ ଚଢ଼ଉ କରି ସଚେତନ କରିବା ସହ ଜରିମାନା ଆଦାୟ କରିଛନ୍ତି। ଢେଙ୍କାନାଳ ଟାଉନ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇଛି। ଔଷଧ ଦୋକାନଗୁଡ଼ିକରେ ନିଷିଦ୍ଧ କଫସିରପ ଓ ବିଭିନ୍ନ ଡାକ୍ତରଖାନା ଏବଂ ବିଦ୍ୟାଳୟ ନିକଟରେ ଥିବା ଦୋକାନରେ ଚଢ଼ଉ କରି, ସିଗାରେଟ, ତମାଖୁ ଜାତୀୟ ନିଶାଦ୍ରବ୍ୟ ଜବତ କରାଯାଇଛି। ସମ୍ପୃକ୍ତ ଦୋକାନୀଙ୍କୁ ଜରିମାନା କରିବା ସହିତ ସଚେତନ କରାଯାଇଛି। ଜିଲ୍ଲା ଡ୍ରଗ୍ସ ଇନ୍ସପେକ୍ଟର ଦିଲୀପ କୁମାର ଜେନାଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା।

## ● ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ
# ଜେଏସ୍‌ପିଏଲ୍ ଚାମ୍ପିଅନ



ଢେଙ୍କନାଳ,୧୩।୧୨(ସମିସ): ଢେଙ୍କନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ନଭ ଲିମିଟେଡ ପକ୍ଷରୁ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଢେଙ୍କନାଳ ଓ ଅନୁଗୋଳ ଜିଲ୍ଲାର ପ୍ରମୁଖ କମ୍ପାନୀ ଜେଏସପିଏଲ, ନାଲକୋ, ସାମଲ, ଟାଟା, ଜିଏମଆର ନଭ ଲିମିଟେଡ୍, ରୁଙ୍ଗଟା ମାଇନ୍ସ ଓ ଏମଜିଏମ ଭାଗ ନେଇଥିଲେ। ଜେଏସ୍‌ପିଏଲ୍ ଚାମ୍ପିଅନ ଓ ଜିଏମଆର ରନର୍ସଅପ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ନଭ ଲିମିଟେଡର ଭିପି ଆଡମିରାଲ ରାଜଶେଖର ରାଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ସାମାଜସେବୀ ଗଙ୍ଗାଧର ସାମଲ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ ଦ୍ୱାରା ଶିଳ୍ପଗୁଡ଼ିକ ମଧ୍ୟରେ ଭାଇଚାରା ବୃଦ୍ଧି ପାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କମଳାଙ୍ଗ ଜିଏମଆର କମ୍ପାନୀର ଭିପି ମନୋଜ ମିଶ୍ରଙ୍କ ସମେତ ଅନ୍ୟ ସମସ୍ତ କମ୍ପାନୀର ଅଧିକାରୀମାନେ ଯୋଗଦେଇଥିଲେ। ମୁଖ୍ୟଅତିଥି ସାମଲ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ବିଭିନ୍ନ ସ୍ଥାନରେ ଚତୁର୍ଥ ଲୋକ ଅଦାଲତ



ଗଁଦିଆ,୧୩।୧୨(ସମିସ): ତାଲୁକ ଆଇନ ସେବା କମିଟି, ଗଁଦିଆ ପକ୍ଷରୁ ଶନିବାର ୧୩ତାରିଖ ଦିନ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ଗଁଦିଆ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୯୬ଗୋଟି ମକୋଦ୍ଦମାର ଫଇସଲା ହୋଇଛି। ଫୌଜଦାରୀ ବାବଦରେ ୬ଟି, ସେହିପରି ଚେକ ବାଉନ୍ସ ବାବଦରେ ୪ଗୋଟି ମାମଲାର ବିଚାର କରାଯାଇ ୬,୧୨,୧୭୭ହଜାର ଟଙ୍କାରେ ସମାଧାନ କରାଯାଇଛି। ସେହିପରି ରାଜସ୍ୱ ବାବଦରେ ୩୫ଗୋଟି ମାମଲାର ବିଚାର କରାଯାଇ ୨୦ହଜାର ୮୪୨ ଟଙ୍କାରେ ସମାଧାନ ହୋଇଛି। ଅନ୍ୟାନ ଆନୁସଙ୍ଗିକ ମାମଲା ୫୧ଗୋଟିର ଫଇସଲା କରାଯାଇଛି। ଗଁଦିଆ ତାଲୁକ ସେବା କମିଟି ଅଧକ୍ଷା ଅଞ୍ଜୁ ସାହୁ ଙ୍କ ତତବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥôରେ ସହାୟକ ସତ୍ୟଜିତ ଦେହୁରୀ ଉକ୍ତ ଲୋକ ଅଦାଲତ ପରିଚାଳନା କରିଥିଲେ।

**କାମାକ୍ଷାନଗର:** କାମାକ୍ଷାନଗର ତାଲୁକ ଆଇନସେବା କମିଟି ତରଫରୁ ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ ଇତିଶ୍ରୀ ମାଳବିକା ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଲୋକ ଅଦାଲତରେ ସବ୍‌ଜଜ୍ ମାମି ବେହେରା, ଏସଡିଜେଏମ ନିଲୋଫର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମାମଲାର ଶୁଣାଣି କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଚାରିଟି ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇ ୩୧ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି। ଦୁଇଟି ଜମିଜମା ସଂକ୍ରାନ୍ତୀୟ ମାମଲାର ଫଇସଲା କରାଯାଇଛି। ସେହିପରି ଅନ୍ୟାନ୍ୟ ୯୮ ମାମଲାର ଶୁଣାଣି କରାଯାଇଛି। କାର୍ଯ୍ୟକ୍ରମରେ କାମାକ୍ଷାନଗର ତାଲୁକ ଆଇନସେବା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଓକିଲ ସଙ୍ଘ ସଦସ୍ୟମାନେ ସହଯୋଗ କରିଥିଲେ।

# ବନମାଳୀ ଦାସଙ୍କୁ ଜ୍ୟୋତିବା ଫୁଲେ ଫେଲୋସିପ ସମ୍ମାନ



ଗଁଦିଆ,୧୩।୧୨(ସମିସ): ନୂଆଦିଲ୍ଲୀରେ ଆୟୋଜିତ ୪୧ତମ ଜାତୀୟ ଦଳିତ ସାହିତ୍ୟକାର ସମ୍ମିଳନୀରେ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଦିଆ ବ୍ଲକର କପିଳାସ ବାସୀ ପ୍ରସିଦ୍ଧ ଲେଖକ ସାମ୍ବାଦିକ, ସମାଜସେବୀ, ଆଇନଜୀବୀ ଡ. ବନମାଳି ଦାସଙ୍କୁ ମହାତ୍ମା ଜ୍ୟୋତି ବା ଫୁଲେ ଫେଲୋସିପ ନ୍ୟାସନାଲ ସମ୍ମାନରେ ସମ୍ମାନିତ କରାଯାଇଛି।

ଏହି ଗୌରବମୟ ସମ୍ମାନ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଛି। ଡ. ଦାସଙ୍କର ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଦଳିତ, ଶୋଷିତ ଓ ଅବହେଳିତ ମାନଙ୍କ ଉନ୍ନତି ପ୍ରତି ନିଷ୍ଠାକୁ ଏକାଡେମୀ ଉଚ୍ଚ ମୂଲ୍ୟାୟନ କରିଛି। ସମ୍ମାନ ପ୍ରଦାନ କରିବା ସମୟରେ ଏକାଡେମୀ ତରଫରୁ ଉଲ୍ଲେଖ କରାଯାଇଛି ଯେ ଡ. ଦାସ ସମାଜରେ ବ୍ୟାପ୍ତ ଅସମାନତା, ରୁଢ଼ିବାଦ, ଜାତିବାଦ ଓ ବର୍ଣ୍ଣ ବ୍ୟବସ୍ଥା ନିରାକରଣ ପାଇଁ ତାଙ୍କର ଆଜୀବନ କାର୍ଯ୍ୟ ଜାରି ରଖିବେ। ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ବିଶ୍ୱାସ ବ୍ୟକ୍ତ କରିଛି ଯେ ଡ. ଦାସଙ୍କ ଉଦ୍ୟମ ମହାତ୍ମା ଜ୍ୟୋତିବା ଫୁଲେ ଙ୍କ କାର୍ଯ୍ୟ ଏବଂ ବିଚାର ଧାରା ନୂତନ ଦିଗ ଦେଇ ସମାଜର ଶୋଷିତ ଓ ଅବହେଳିତ ଶ୍ରେଣୀମାନଙ୍କୁ ସଶକ୍ତ କରିପାରିବେ ବୋଲି ଶ୍ରୀ ଶ୍ରୀ ଶ୍ରୀ ଟିକି ବାବା ଆଦର୍ଶ ସ୍କୁଲ ପରିଚାଳନା କମିଟି, ଓଡ଼ିଶା ବିଶ୍ୱବସୁ ଶବର ସମାଜ, ଅଖିଳ ଭାରତୀୟ ଆଦିବାସୀ ମହାସଂଘ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଦର୍ଶନୀ ଫୁଟବଲ ମ୍ୟାଚ; ମହିଳା ପୁଲିସ ଟିମ୍ ବିଜୟୀ



ଓଡ଼ାପଡ଼ା,୧୩।୧୨(ସମିସ): ଓଡ଼ାପଡ଼ା ବ୍ଲକ ସାଇଁବିରି ଫୁଟବଲ ପଡ଼ିଆରେ ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଛି। ଓଡ଼ିଶା ପୁଲିସ ମହିଳା ଟିମ ସହିତ ନିତା ଏକାଡେମୀ କଟକ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଓଡ଼ିଶା ପୁଲିସ ମହିଳା ଦଳ ୨-୦ ଗୋଲରେ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ହୋମ ଗାର୍ଡ ଓ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଇଡି ରବିନାରାୟଣ ମିଶ୍ର, ପ୍ରେମାନନ୍ଦ ଜେନା, ବେଣୁଧର ରାଉତ, ପୁରୁଷୋତ୍ତମ ରାଉତ, ଗଙ୍ଗାଧର ରାଉତ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ଭାବେ ବଂଶନ ବରାଳ, ଶୁଭଜିତ ସ୍ୱାଇଁ, ମନୋଜ ସେଠୀ ମ୍ୟାଚ୍ ପରିଚାଳନା କରିଥିଲେ। ବିଶ୍ୱଜିତ ବିଶୋଇ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।

# ନବୋଦୟ ପରୀକ୍ଷା ଦେଲେ ୭୯୨ ଛାତ୍ରଛାତ୍ରୀ

ଗଁଦିଆ,୧୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକରେ ନବୋଦୟ ପ୍ରବେଶିକା ପରୀକ୍ଷା ଦେବା ପାଇଁ ୯୭୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ଶନିବାର ଗଁଦିଆ, ଯୋରନ୍ଦା, ନିହଳପ୍ରସାଦ ଉଚ୍ଚ ବିଦ୍ୟାଳୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୭୯୨ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଛନ୍ତି। ନବୋଦୟ ବିଦ୍ୟାଳୟର ସଦାନନ୍ଦ ସାହୁ, ପ୍ରଶାନ୍ତ ବିଶ୍ୱାଳ, ସୁଦାମ ଗଡ଼ନାୟକ ଓ କେ କୁଣ୍ଡୁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ। ଗଁଦିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଓଝା, ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର, ନିହଳପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ରଣା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ଦାସ ପରୀକ୍ଷା କେନ୍ଦ୍ର ସୁପରିନଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ।



# ଦୁଇ ସ୍ୱେଚ୍ଛାସେବୀ ସମ୍ବର୍ଦ୍ଧିତ

ଖଜୁରିଆକଟା,୧୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା ସଡ଼କ ସୁରକ୍ଷା କମିଟି ପକ୍ଷରୁ ଏକ ବିଶେଷ ସଭାରେ ହିନ୍ଦୋଳ ଉପଖଣ୍ଡର ଦୁଇ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ରାସୋଳ ଜନମଙ୍ଗଳ ଅନୁଷ୍ଠାନର ପ୍ରତିଷ୍ଠାତା ବିଭୁ ଶତପଥୀ ଓ ସମାଜସେବୀ ରବି ବେହେରା। ଗୁଡ୍ ସମରିଟାନ ବାବେ ଏମାନଙ୍କୁ ଢେଙ୍କାନାଳ ଜିଲ୍ଲାପାଳ ଓ ଏସପି ପ୍ରଶଂସାପତ୍ର ସହ ୨ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ବିଭୁ ଓ ରବି ବିଭିନ୍ନ ସମୟରେ ଅସହାୟଙ୍କ ସହାୟତା କରିବା ସହ ସଡ଼କ ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ବ୍ୟବସ୍ଥା କରିଥାନ୍ତି।



## ● ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ
# 'କ୍ରୀଡ଼ା ଶାରୀରିକ ଓ ମାନସିକ ବିକାଶର ଆଧାର'

ଢେଙ୍କାନାଳ,୧୩।୧୨(ସମିସ): ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଏମ (କର୍ପୋରେଟ ଅଫେୟର୍ସ) ଆଇଆର ଆଣ୍ଡ ଏଏସ ଏଚଇ ଆରତି ଷ୍ଟିଲ ଲିମିଟେଡର ଉପାଧ୍ୟକ୍ଷ ଓ କାରଖାନା ପ୍ରବନ୍ଧକ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଅବସରପ୍ରାପ୍ତ ଉଇଙ୍ଗ କମାଣ୍ଡର ବିଏସ୍ ସିଂଦେଓ, ବିଦ୍ୟାଳୟର ନିର୍ଦ୍ଦେଶକ ଡ. ଲଗ୍ନଜିତ ଦାସ, ପ୍ରବନ୍ଧନ ବୋର୍ଡ ସଦସ୍ୟା ଧ୍ୱନି ଗାନ୍ଧୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିବସରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଅଭିଭାବକମାନଙ୍କୁ ନେଇ ସ୍ୱତନ୍ତ୍ର ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୨୦୨୪-୨୫ ବର୍ଷ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ମନୁଷ୍ୟର ଶାରୀରିକ ଓ ମାନସିକ ବିକାଶର ଆଧାର ବୋଲି ମୁଖ୍ୟଅତିଥି କହିଥିଲେ।




# ଶୀତ ସକାଳରେ ପରିବା ତାତି
## ଖସୁଛି ପାରଦ, ଖସୁନି ଦର

ଭୁବନ,୧୩।୧୨(ସମିସ)

ଶୀତଦିନ କହିଲେ ମନକୁ ଆସେ କୁହୁଡ଼ି ଘେରା ସକାଳ, ଗରମ ଚା' ଆଉ ହାଟରେ ବହୁ ରକମର ସତେଜ ପରିବା। ସକାଳର ଶୀତଲହରି ସାଙ୍ଗକୁ କଅଁଳ ଖରାରେ ପରିବା କିଣାକିଣିର ଅନୁଭବ ନିଆରା। ଶୀତଋତୁରେ ସାଧାରଣତଃ ପରିବା ଉତ୍ପାଦନ ଅଧିକ ହେଉଥିବାରୁ ଦର କମିଥାଏ। ଆଉ ଏହି ସମୟରେ ବାହାଘର ଆଦି ଅନୁଷ୍ଠାନ ସାଙ୍ଗକୁ ବଣଭୋଜି ସମସ୍ତଙ୍କୁ ଚଳଚଞ୍ଚଳ କରିଦିଏ। ତେବେ ଏଥର ପୂର୍ବଭଳି ପରିବା ଦର ବିଶେଷ ହ୍ରାସ ପାଇନାହିଁ। ଯଦି କମ ଟଙ୍କା ନେଇ ବ୍ୟାଗ୍ ଭର୍ତ୍ତି ପରିବା ମିଳିବ ବୋଲି ହାଟକୁ ଯିବେ ତେବେ ଝଟକା ଲାଗିପାରେ। ଡିସେମ୍ବର ମାସ ଅଧା ହେବାକୁ ବସିଲାଣି, ତଥାପି ପରିବା ଦର କମିନି। ସାଧାରଣତଃ ଏହି ସମୟରେ ଫୁଲକୋବି, ବନ୍ଧାକୋବି ପ୍ରଭୃତି ପରିବା ଶସ୍ତାରେ ମିଳିଥାଏ। ହେଲେ ଏବେ ବି ଏହାର ଦର ୫୦ ଟଙ୍କା ଯାଏ ରହିଛି। ସେହିପରି ଟମାଟୋ ଶୀତଦିନରେ ୨୦ରୁ ୩୦ ଟଙ୍କାରେ ମିଳିବା କଥା। ତାହା ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଗାଜର, ଶିମଳା ଲଙ୍କା, ଗ୍ରିନ୍ ମଟର ଦର ମଧ୍ୟ ୮୦ରୁ ୧୦୦ ଟଙ୍କା ରହିଛି। ଶାଗବିଡ଼ା ମଧ୍ୟ ୨୦ ଟଙ୍କାରୁ କମ୍ ନୁହେଁ। ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଏଥର ଲଗାଣ ବର୍ଷା ଯୋଗୁଁ ଓଡ଼ିଶାର ଅନେକ ସ୍ଥାନରେ ଶୀତକାଳୀନ ପରିବା ଚାଷ ନଷ୍ଟ ହୋଇଛି। ସ୍ଥାନୀୟ ଅମଳ ବଜାରକୁ ଆସିବା ବିଳମ୍ବ ହେଉଥିବାରୁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ପରିବହନ ଖର୍ଚ୍ଚ ବଢ଼ିବା ଯୋଗୁଁ ଏହାର ସିଧା ପ୍ରଭାବ ଗ୍ରାହକଙ୍କ ପକେଟ୍ ଉପରେ ପଡୁଛି। ଏଭଳି ଅବସ୍ଥା ଏବେ ଢେଙ୍କାନାଳ ଓ ଯାଜପୁର ରୋଡ୍ ବଜାରରେ ମଧ୍ୟ ଦେଖିବାକୁ ମିଳିଛି।

ଜଣେ ଗୃହିଣୀଙ୍କ କହିବା କଥା, ପୂର୍ବରୁ ୨୦୦ ଟଙ୍କାରେ ସପ୍ତାହକର ପରିବା ହୋଇଯାଉଥିଲା। ଏବେ ୫୦୦ ଟଙ୍କା ନେଲେ ବି ବ୍ୟାଗ୍ ଭର୍ତ୍ତି ହେଉନି। ଡାଲମା କରିବାକୁ ଚାହିଁଲେ ବି ଦୁଇଥର ଭାବିବାକୁ ପଡୁଛି। ତେବେ ସ୍ଥାନୀୟ ବ୍ୟବସାୟୀଙ୍କ ମତରେ, ଆସନ୍ତା ୧୫-୨୦ ଦିନ ମଧ୍ୟରେ ଓଡ଼ିଶା ତଥା ସ୍ଥାନୀୟ ଅମଳ ବଜାରକୁ ପୂର୍ଣ୍ଣ ମାତ୍ରାରେ ଆସିବା ଆରମ୍ଭ ହେବ। ସ୍ଥାନୀୟ ପରିବା ଆସିଗଲେ ଦର ନିୟନ୍ତ୍ରଣକୁ ଆସିବ। ଆସନ୍ତା ମାସକୁ ପରିବାର ଦର କମିଯିବ ବୋଲି କହିଛନ୍ତି। ସ୍ଥାନୀୟ ବ୍ୟବସାୟୀ କୁମାର ଦେବେଶ କହିଛନ୍ତି, ପୂର୍ବରୁ ପରିବା ଦର ଆହୁରି ଅଧିକ ଥିବାବେଳେ ଏବେ କିଛିଟା କମିଛି। ଜାନୁଆରୀରେ ଦର ଆହୁରି କମିବ। ତେବେ, ଫେବୃଆରୀ ବେଳକୁ ପୁଣି ବଢ଼ିପାରେ ବୋଲି ସେ କହିଛନ୍ତି। ବ୍ୟବସାୟୀ ଗୌରାଙ୍ଗ ବାରିକ କୁହନ୍ତି, ଶୀତଦିନେ କୋବି ଓ ଟମାଟୋ ଦର କମ୍ ହେବା କଥା। କିନ୍ତୁ କୋବି କେଜି ୫୦ ଥିବା ବେଳେ ଟମାଟୋ ୪୫/୫୦ ଟଙ୍କା ରହିଛି। ସରକାର ଯଦି ଚାଷୀଙ୍କୁ ସହଯୋଗ କରନ୍ତେ, ତେବେ ପରିବା ଦର ହ୍ରାସ ହୁଅନ୍ତା ଏବଂ ଖାଉଟି ଉପକୃତ ହୁଅନ୍ତେ।

# ଲୀଳାକ୍ଷେତ୍ର ଚିଲିକା କାଙ୍କଣ ଶିଖରୀରେ ଶ୍ରୀଜଗନ୍ନାଥ ମହୋତ୍ସବ

ବାଲୁଗାଁ,୧୩।୧୨(ସମିସ) : ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଗୁପ୍ତ ଲୀଳାକ୍ଷେତ୍ର ଚିଲିକା ବ୍ଲକ ଅନ୍ତର୍ଗତ ନଇରୀ ଗ୍ରାମ ନିକଟସ୍ଥ ଗଙ୍ଗାଯମୁନା ଘାଟର ଅନତି ଦୂର ଚିଲିକା ହ୍ରଦର ଜଳଘେରି ମଧ କାଙ୍କଣ କୁଦ ତଥା କାଙ୍କଣ ଶିଖରୀ ପୀଠରେ ୮ମ ଶ୍ରୀଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେଉଛି। ପଣ୍ଡିତ ସୁଦର୍ଶନ ମହାପାତ୍ରଙ୍କ ସମେତ ବହୁ ପଣ୍ଡିତଙ୍କ ପୌରାହିତ୍ୟରେ ପୀଠରେ ୪ ଦିନ ଧରି ଚାଲିଥିବା ଶ୍ରୀଜଗନ୍ନାଥ ମହାଯଜ୍ଞରେ କର୍ତ୍ତା ଭାବେ ସପତ୍ନୀକ ହାଡ଼ିବନ୍ଧୁ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରୁଛନ୍ତି। କାଙ୍କଣଶିଖରୀ ଟ୍ରଷ୍ଟ ଆବାହକ ଡ. ସୁଶାନ୍ତ କୁମାର ସାହୁ ଓ କୋଷାଧ୍ୟକ୍ଷ ରୀତାଞ୍ଜଳି ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ମହୋତ୍ସବର ଦ୍ୱିତୀୟ ଦିବସ ଶନିବାର ଅତିଥି ଭାବେ ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଧାୟକ ରଘୁନାଥ ସାହୁ ଓ 'ସକାଳ' ବ୍ୟୁରୋ ଚିଫ୍ ରଞ୍ଜିତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉତ୍ସବକୁ କାଙ୍କଣ ଶିଖରୀ ଟ୍ରଷ୍ଟ ଓ ନଇରୀ ଗ୍ରାମବାସୀ ସୁପରିଚାଳନା କରୁଥିବା ବେଳେ ପୀଠରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସମାଗମ ହୋଇ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ସହ କୃପା ଲାଭ କରୁଛନ୍ତି।



# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ଟାଙ୍ଗୀ, ୧୩।୧୨(ସମିସ): ଟାଙ୍ଗୀ ବ୍ଲକ କୁହୁଡି ଗ୍ରାମପଞ୍ଚାୟତ କ୍ଷେତେବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ମ ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଉଛି । ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ ସାହୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ବିଜୟଜେନା, ପ୍ରିୟମ୍ବଦା ବେହେରା ସରପଞ୍ଚ କୁହୁଡି, କ୍ରୀଡ଼ାବିତ ମନୋଜ ମାନସିଂହ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିପିନା ଶ୍ରୀଚନ୍ଦନ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ଦେଇ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସମରେଶ ବେହେରା ଅତିଥି ପରିଚୟ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କାହ୍ନୁ ବେହେରା ଶୈଳବାଳା ମହାରଣା, ସସ୍ମିତା ଦଳବେହେରା, ସୁଚିତ୍ରା ରାଉତରାୟ, ଜ୍ୟୋତିର୍ମୟୀ ରାଉଳ, କଳ୍ପନା ରାଉତରାୟ, ନିରୁପମା ବେହେରା, ତନୁଜା ସାହୁ ସହଯୋଗ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଙ୍ଗୀ ବ୍ଲକ୍‌ସ୍ତରୀୟ ଶିଶୁ ମେଳା



ନିରାକାରପୁର,୧୩।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଓଷ୍ଟା ଆନୁକୂଲ୍ୟରେ ରାମଚନ୍ଦ୍ର ବିଦ୍ୟାନିକେତନ ରମାବିଲିରେ ୪୨ ତମ ବ୍ଲକ ସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଅଛି। ଟାଙ୍ଗୀ ବ୍ଲକ ଓଷ୍ଟା ସଭାପତି ତଥା ରାମଚନ୍ଦ୍ର ବିଦ୍ୟାନିକେତନର ପ୍ରଧାନଶିକ୍ଷକ ବଳରାମ ପାଇକରାୟଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ରାମଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଜିଲ୍ଲାପରିଷଦ ଅଧ୍ୟକ୍ଷ, ଖୋର୍ଦ୍ଧା, ମୁଖ୍ୟବକ୍ତା ଭାବରେ ପଦ୍ମନାଭ ବିଶ୍ୱାଳ , ପ୍ରାକ୍ତନ ସଭାପତି ରାଜ୍ୟ ଓଷ୍ଟା, ବିଶିଷ୍ଟ ଅତିଥି ଭାବରେ ରିଶ୍ମା ମାନ୍ଧାତା, ବ୍ଲକ୍ ଅଧ୍ୟକ୍ଷା, ଟାଙ୍ଗି ସମ୍ମାନିତ ଅତିଥି ଭାବରେ ରମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦକ, ଓଷ୍ଟା, ସନ୍ତୋଷ ଚନ୍ଦ୍ର କର, ଉପଦେଷ୍ଟା ଓଷ୍ଟା ଖୋର୍ଦ୍ଧା ଜିଲ୍ଲା, ସାର୍ଥକ ସାମନ୍ତରାୟ, ଶାଖା ପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଛଣଗିରି ପ୍ରମୁଖ ଯୋଗଦେଇ ଥିଲେ। ଉଦଯାପନୀ ଉତ୍ସବରେ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ସଞ୍ଜୟ ପଟ୍ଟନାୟକ ଯୋଗଦେଇ୪୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଗୋଦାବରୀଶ ସାମନ୍ତସିଂହାର, ନାରାୟଣ ପାତ୍ର, ନରେନ୍ଦ୍ର ପାଇକରାୟ, ମୁରଲୀଧର ହରିଚନ୍ଦନ, ସୁକାନ୍ତି ବିଶ୍ୱୋଇ, ଶରତ ଚନ୍ଦ୍ର ଛୋଟରାୟ ପ୍ରମୁଖ ସହଯୋଗ କରିଥିଲେ। ଟାଙ୍ଗି ବ୍ଲକ୍ ଓଷ୍ଟାର ସମ୍ପାଦକ ଅଜୟ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବାଲୁଗାଁ-ବାଣପୁରରେ ନକଲି ଔଷଧର ବ୍ୟାପକ କାରବାର

**ପ୍ରଶାସନ ନିରବଦ୍ରଷ୍ଟା**

ବାଲୁଗାଁ, ୧୩।୧୨(ସମିସ)

ରାଜ୍ୟରେ ସହର ଠାରୁ ଗ୍ରାମ ଚାରିଆଡେ ମାଳମାଳ ଔଷଧ ଦୋକାନ ମାନ ଖୋଲା ଯାଇଥିବା ବେଳେ ଏବେ ପ୍ରାୟତଃ ଔଷଧ ଦୋକାନରେ ବହୁ ନାମୀଦାମୀ କମ୍ପାନୀର ପୁଳାପୁଳା ନକଲି ଏବଂ ନିମ୍ନ ମାନର ଔଷଧ ବିକ୍ରି ହେଉଛି। ଏହାକୁ ବିଧାନସଭାରେ ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି। ଏପରି ସ୍ଥଳେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ସମଗ୍ର ବାଣପୁର-ବାଲୁଗାଁ ଓ ଏହାର ଆଖପାଖ ଛୋଟ ଛୋଟ ବଜାରରେ ଛତୁ ଫୁଟିଲା ପରି ଓଷଧ ଦୋକାନ ମାନ ଖୋଲିବା ସହ କିଛି ଡାକ୍ତରଙ୍କୁ ଆଣି ସେଠାରେ ବସାଇ ରୋଗୀ ସେବା ଯୋଗାଇ ବିଭିନ୍ନ ପ୍ରଚୁର ଲାଭ ଦାୟକ ତଥା ନକଲି ଓ ନିମ୍ନମାନର ଔଷଧ କାରବାର ଚଳାଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି।

ଏଥିସହ ବହୁ ଔଷଧ ଦୋକାନୀ ବିନା ଫାର୍ମାସିଷ୍ଟ ଓ ଡ୍ରଗ୍ ଲାଇସେନ୍‌ସ ନ ଥାଇ ମଧ ଦୀର୍ଘ ବର୍ଷ ବର୍ଷ ଧରି ଅଞ୍ଚଳରେ ଓଷଧ ଦୋକାନ ଖୋଲି ନକଲି ଏବଂ ନିମ୍ନମାନର ଓଷଧ ରଖି ବିକ୍ରି କରି ସାଧାରଣ ରୋଗୀଙ୍କ ସ୍ୱାସ୍ଥ୍ୟକୁ ଜଳାଞ୍ଜଳି ଦେଇ ଶୋଷଣ କରିବାରେ ପଛଘୁଞ୍ଚା ଦେଉ ନାହାଁନ୍ତି। ସମଗ୍ର ବାଣପୁର-ବାଲୁଗାଁ ଅଂଚଳରେ ଖୋଲିଥିବା ମେଡ଼ିସିନ ହୋଲସେଲ ଦୋକାନୀ ନାମୀଦାମୀ କମ୍ପାନୀର ନକଲି ଏବଂ ନିମ୍ନମାନର ଔଷଧ ଆଣି ଖୁଚୁରା ଓଷଧ ଦୋକାନୀକୁ ଯୋଗାଇ ଡ୍ରିଲରମାନେ ଏହାକୁ ପ୍ରୋତ୍ସାହିତ କରୁଥିବା ବେଳେ ଔଷଧ ଦୋକାନୀ ନକଲି ଔଷଧ ଆଣି ବେପାର କରି ପ୍ରଚୁର ଲାଭବାନ ହେଉଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଉଥିବା ବେଳେ ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଅଞ୍ଚଳରେ ନକଲି ତଥା ନିମ୍ନମାନର ଔଷଧ ବିକ୍ରୀ ହେଉଥିବା ସମ୍ପର୍କରେ ସବୁ ଜାଣି ନିରବଦ୍ରଷ୍ଟା ସାଜି ଜନସାଧାରଣଙ୍କୁ ମୃତ୍ୟୁମୁଖକୁ ଠେଲିଦେବାରେ ପ୍ରରୋକ୍ଷରେ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ଗତ ସରକାର ସମୟରେ ବିଭାଗ ପକ୍ଷରୁ ଧରପଗଡ କରାଯାଇ ଯେତିକି ପ୍ରକାରର ନକଲି ଓ ନିମ୍ନ ମାନର ଔଷଧ ଜବତ କରା ଯାଇଥିଲା, ବର୍ତ୍ତମାନ ଡବଲ ଇଂଜିନ ବିଜେପି ସରକାରରେ ପ୍ରାୟଦୁଇ ଗୁଣ ଅଧିକା ତଥା ୧୬୮ ପ୍ରକାରର ନକଲି ଔଷଧ ସହ ୩୮୮ ପ୍ରକାରର ନିମ୍ନ ମାନର ଔଷଧ ଜବତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ରୋଗୀ ଶୀଘ୍ର ଆରୋଗ୍ୟ ଲାଭ ପାଇଁ ପ୍ରଚୁର ଅର୍ଥ ବ୍ୟୟ କରି ଭଲ ନାମୀଦାମୀ କମ୍ପାନୀର ଔଷଧ କିଣି ଖାଉଛନ୍ତି। ହେଲେ ଉକ୍ତ ଔଷଧ ସବୁ ନକଲି ଓ ନିମ୍ନମାନର ବୋଲି ବର୍ତ୍ତମାନ ଜାଣି ରୋଗୀ ଏବେ ଚିନ୍ତାରେ ପଡିଛନ୍ତି।

ବହୁ ବର୍ଷ ତଳେ ବାଲୁଗାଁ ବାଣପୁର ଅଞ୍ଚଳରେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ନକଲି ଔଷଧ ଧରପଗଡ କରାଯାଇଥିବା ବେଳେ ଚଢ଼ଉ ସମ୍ପର୍କରେ ପୂର୍ବରୁ ଖବର ପାଇ କେତେକ ଔଷଧ ବ୍ୟବସାୟୀ ନିକଟସ୍ଥ କେନାଲରେ ବିପୁଳ ନକଲି ଔଷଧ ଫୋପାଡି ଦେଇଥିଲେ। ଏବେ ସ୍ଥାନୀୟ ବଜାରରେ ପ୍ରଚୁର ନକଲି ଓ ନିମ୍ନ ମାନର ଔଷଧ ମିଳୁଥିବା ନେଇ ଜାଣି ବିଭାଗ ନିରବଦ୍ରଷ୍ଟା ସାଜିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଥିପ୍ରତି ଦୃଷ୍ଟି ଦେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଫାଇନାଲ୍‌ରେ କୁରାଢ଼ମଲ୍ଲ ଟିମ୍

ଖୋର୍ଦ୍ଧା,୧୩।୧୨(ସମିସ): ଖୋର୍ଦ୍ଧା ବ୍ଲକ୍ ଅଧୀନସ୍ଥ କୁରାଢମଲ୍ଲ ଠାରେ ଚାଲିଥିବା ରିତା ଟିକିନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ସେମିଫାଇନାଲ ମ୍ୟାଚ ଜରିପୁଟ ଓ କୁରାଢମଲ୍ଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଇଥିଲା। ପ୍ରଥମେ ଜରିପୁଟ ଦଳ ବ୍ୟାଟିଂ କରି ୧୩ ଓଭର ଖେଳି ୯ ୱିକେଟ ହରାଇ ୧୧୯ ରନ୍ କରିଥିଲା। ଜବାବରେ କୁରାଢମଲ୍ଲ ଦଳ ବ୍ୟାଟିଂ କରି ୧୩ ଓଭର ୨ ୱିକେଟରେ ୧୨୦ ରନ୍ କରିଥିଲା। ଦଳ ପକ୍ଷରୁ ସୁଶାନ୍ତ ପରିଡ଼ା ୩୨ ବଲରୁ ୫୯ ରନ୍ କରି ଦଳକୁ ବିଜୟୀ କରାଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଲକ୍ଷ୍ମୀ ନାରାୟଣ ଜେନା ଓ ଆକାଶ ପରିଡା ପରିଚାଳନା କରିଥିବାବେଳେ ସ୍କୋରର ଜିତେନ୍ଦ୍ର ପ୍ରଧାନ ଓ ଭାଷ୍ୟକାର ଶଶୀଭୂଷଣ ସିଂହ ରହିଥିଲେ। ଆଜିର ମ୍ୟାଚ୍‌ରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂବତନ ସରପଞ୍ଚ ପ୍ରସନ୍ନ ସାମନ୍ତରାୟ, କୃପାସିନ୍ଧୁ ରାଉତ, ଅବିର ପରିଡ଼ା, ପ୍ରେମାନନ୍ଦ କାଳିଆ, ବୈକୁଣ୍ଠ ସାମନ୍ତରାୟ, ଗଙ୍ଗାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପତନିବର ରେନ୍‌ବୋ କ୍ଲବ୍ କ୍ରିକେଟ ଉଦ୍‌ଘାଟିତ

ବେଗୁନିଆ,୧୩।୧୨(ସମିସ): ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ପତନିବର ଗ୍ରାମରେ ରେନ୍ ବୋ କ୍ଲବ ପକ୍ଷରୁ ୩୧ ତମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ସରପଞ୍ଚ ରଞ୍ଜିତା ମହାଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ତମାଣ୍ଡୋ କ୍ରିକେଟ କ୍ଲବ ଓ ବାଙ୍କୀ କ୍ରିକେଟ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ତମାଣ୍ଡୋ ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭର ୫ ଉଇକେଟ ବିନିମୟରେ ୨୯୧ ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍କୀ କ୍ରିକେଟ ଦଳ ବିଜୟ ଲକ୍ଷ୍ୟରେ ୨୬୧ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ତମାଣ୍ଡୋ ଦଳର ଶେଖର ସ୍ୱାଇଁ ୨୯ ବଲରେ ୯୫ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ଏମଡ଼ି ସୁଲେମାନ ଓ ନିକୁଞ୍ଜ ବଳିୟାର ସିଂହ ଖେଳ ପରିଚାଳନା କରିଥିବା ବେଳେ ସୁଶିଲ କୁମାର ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଖୋର୍ଦ୍ଧାରେ ରାଷ୍ଟ୍ରୀୟ ଲୋକ ଅଦାଲତ



ଖୋର୍ଦ୍ଧା,୧୩।୧୨(ସମିସ): ସ୍ଥାନୀୟ କୋର୍ଟ ପରିସରରେ ତାଲୁକ ଆଇନ୍ ସେବା ତରଫରୁ ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ରଞ୍ଜୁଲତା ଲେଙ୍କା ପରିଚାଳନା କରିଥିଲେ। ଏଥିରେ ଫୌଜଦାରି ଦେୱାନି, ମଟର ଦୁର୍ଘଟଣା ଜନିତ, ବୈବାହିକ ମାମଲା ଏବଂ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ପ୍ରଭୃତିର ୪୯୯ଟି ମାମଲା ବିଚାରକୁ ଆସିଥିଲା। ତନ୍ମଧ୍ୟରୁ ୧୯୫ଟି ମକଦ୍ଦମା ଫଏସଲା କରାଯାଇଛି। ଏ ବାବଦକୁ ୧, ୮୪, ୫୧,୦୦୦ଟଙ୍କା ଜୋରିମାନା ବାବଦକୁ ଆଦାୟ କରାଯାଇଛି। ସେହିପରି ୨୦ଟି ଜାତୀୟକରଣ ବ୍ୟାଙ୍କର ୧୯ଟି ମାମଲା ବିଚାରକୁ ନିଆଯାଇ ୧୭ଟି ଫଇସଲା କରାଯାଇ ମୋଟ ୪,୪୫,୫୦୦ ଟଙ୍କା ଆଦାୟ କରାଗଲା। ଏଥିରେ ଖୋର୍ଦ୍ଧା ଜିଲ୍ଲାକୋଟର ସମସ୍ତ ବିଚାରପତି ସହଯୋଗ କରିଥିଲେ ଏହାକୁ ତାଲୁକଆଇନ ସେବା ସମ୍ପାଦକ ବସନ୍ତ ଶଥପଥି ସଂଯୋଜନା କରିଥିଲେ। ଓକିଲ ସଂଘର ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ କ୍ଷିରୋଦ ମୋହନ ସ୍ୱାଇଁ, ଆଇନଜିବୀ ପ୍ରଭାତ ବେହେରା, ବିକ୍ରମ ଚମ୍ପତି, ମନ୍ମଥ ମିଶ୍ର, ନାସିର୍ ଖାଁ, ବସନ୍ତ ଭଞ୍ଜ, ସୁମନ୍ତ ମିଶ୍ର ପ୍ରମୁଖଙ୍କ ସମେତ ବ୍ୟାଙ୍କର ପରିଚାଳକମାନେ ଯୋଗ ଦେଇଥିଲେ।

**ବାଣପୁର:** ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ତାଲୁକ ଆଇନ ସେବା ସମିତି ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଇପ୍ସିତା ପ୍ରିୟ ଏକ୍କା ସାମିଲ ହୋଇ ବିଚାରଧୀନ ଥିବା ବିଭିନ୍ନ ମାମଲାର ଶୁଣାଣି କରି ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ୮ଟି ଦେୱାନୀ ମାମଲାର ଫଇସଲା ହୋଇଥିବା ବେଳେ ୧୦୯ଟି ଫୌଜଦାରୀ ମାମଲା ସମେତ ସମୁଦାୟ ୧୧୭ଟି ମାମଲାର ଫଇସଲା କରା ଯାଇଥିଲା।

ତନ୍ମଧ୍ୟରୁ ବିଭିନ୍ନ ବ୍ୟାଙ୍କର ପ୍ରାକ ବିବାଦୀୟ ମକଦ୍ଦମା ଗୁଡ଼ିକୁ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିବା ବେଳେ ଏଥିରେ ବାଣପୁର ଓ ବାଲୁଗାଁ ଅଞ୍ଚଳର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ରହି ଅନାଦେୟ ଋଣ ଆଦାୟ ନିମନ୍ତେ ମାମଲା ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ଲୋକ ଅଦାଲତରେ ବାଣପୁର ଓକିଲ ସଂଘର ସମସ୍ତ ସଦସ୍ୟଙ୍କ ସହ ଅଦାଲତ କର୍ମଚାରୀମାନେ ସାମିଲ ହୋଇଥିଲେ।

## ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ

ବେଗୁନିଆ, ୧୩।୧୨(ସମିସ): ବେଗୁନିଆ ମହାବିଦ୍ୟାଳୟ ପ୍ରେକ୍ଷାଳୟ ଗୃହରେ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଭାଗର ମୁଖ୍ୟ ବିଜୟ ଲକ୍ଷ୍ମୀ ସୁବୁଦ୍ଧିଙ୍କ ସଂଯୋଜନାରେ ଚଳଚ୍ଚିତ୍ର କାହାଣୀ ଓ ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଦାସ ମୁଖ୍ୟ ଅତିଥି, ବିଶିଷ୍ଟ କବି ଓ କଥାକାର ଅଜୟ ସ୍ୱାଇଁ ମୁଖ୍ୟବକ୍ତା, ବିଧୁଭୂଷଣ ରାଉତ ଓ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇ ମୁଖପତ୍ର 'ସର୍ଜନା' ଓ 'ପଞ୍ଜିକା' ଉନ୍ମୋଚିତ ହୋଇଥିଲ। ପରେ ଓଡ଼ିଆ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ନବ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଟଣୀ ପଥ ଉତ୍ସବ ପାଇଁ ମଞ୍ଚ ପୂଜା




ଜଟଣୀ, ୧୩।୧୨(ସମିସ): ଡିସେମ୍ବର ୨୧ତାରିଖ ସକାଳେ ଜଟଣୀରେ ପ୍ରଥମ ଥର ହେବାକୁ ଯାଉଥିବା ପଥ ଉତ୍ସବର ମଞ୍ଚ ପୂଜା ଆଜି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସଂଯୋଜକ ତଥା ଅଭିନେତା ଋଷି ପଟ୍ଟନାୟକଙ୍କ ନେତୃତ୍ୱରେ ପଥଉତ୍ସବର ଅଧ୍ୟକ୍ଷ ତଥା ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନା ଓ ଜଟଣୀ ବିକାଶ ପରିଷଦର ସଭାପତି ସୁଦର୍ଶନ ସୁନ୍ଦରାୟ କର୍ତ୍ତା ଭାବେ ମଞ୍ଚ ପୂଜା କରିଥିଲେ। ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ, ଅଗ୍ନିଶ୍ରମ ଅଧିକାରୀ ଲକ୍ଷ୍ମଣ ବେହେରା, ବିକାଶ ପରିଷଦର କୈଳାଶ ଚନ୍ଦ୍ର ମହାପାତ୍ର, ରାଜୁ ପଟ୍ଟନାୟକ, ଭୁବନେଶ୍ୱର ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା, ମହିଳା ମୋର୍ଚ୍ଚା ସଭାପତି ନିରୁପମା କର, ମଣ୍ଡଳ ସଭାପତି ତିରୁପତି ଶତପଥି, ଯୁବମୋର୍ଚ୍ଚା ସଭାପତି ସବ୍ୟସାଚୀ ଦାସ, ରେଳବାଇ ପକ୍ଷରୁ କେ ସୂର୍ଯ୍ୟ ଭାସ୍କର, ସଂଯୁକ୍ତ ପଟ୍ଟନାୟକ, ରବି ସାହୁ, ରଶ୍ମିରଞ୍ଜନ ଦାସ, ବିଘ୍ନେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ।

## ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶିକାଙ୍କ ବାଲୁଗାଁ କଲେଜ ପରିଦର୍ଶନ

ବାଲୁଗାଁ,୧୩।୧୨(ସମିସ): ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶିକା ଡ. ସରୋଜାଲକ୍ଷ୍ମୀ ସିଂହ ବାଲୁଗାଁ ଗସ୍ତରେ ଆସି ବାଲୁଗାଁ ମହାବିଦ୍ୟାଳୟ ପହଞ୍ଚିଥିବା ବେଳେ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନିର୍ଦ୍ଦେଶିକା ଡ. ସିଂହ ମହାବିଦ୍ୟାଳୟର ସମସ୍ତ ଶ୍ରେଣୀ କକ୍ଷ, ବିଜ୍ଞାନଗାର, ପାଠାଗାର ଆଦି ପରିଦର୍ଶନ କରିବା ସହ ଏନସିସି, ଏନ୍‌ଏସ୍‌ଏସ୍, ଯୁବ ରେଡକ୍ରସ୍ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ବାଲୁଗାଁ ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ, ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା, ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ନିର୍ଦ୍ଦେଶିକା ଡ. ସିଂହ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ସଭାରେ ନିର୍ଦ୍ଦେଶିକା ଡ଼ଃ ସିଂହ ଯୋଗଦେଇ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଗ୍ରହଣ କରି ଛାତ୍ରଛାତ୍ରୀ ନିଜର ପରିବାର, ମହାବିଦ୍ୟାଳୟ ଓ ଅଞ୍ଚଳକୁ ଗୌରବାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବାଲୁଗାଁ କଲେଜର ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଶ୍ରୀଚନ୍ଦନ୍ ଧନ୍ୟବାଦ୍ ଦେଇଥିଲେ।

# ବିଭିନ୍ନ କ୍ଲଷ୍ଟରରେ ଶିକ୍ଷା ସଚେତନତା ସଭା



ଖୋର୍ଦ୍ଧା,୧୩।୧୨(ସମିସ): ଖୋର୍ଦ୍ଧା ବ୍ଲକ ଅଧିନସ୍ଥ କାଇପଦର କ୍ଲଷ୍ଟରର ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟ କାଇପଦରଠାରେ ସିଆରସିସି ବାଗେଶ୍ରୀ ମହାପାତ୍ରଙ୍କ ତତ୍ୱାବଧାନରେ "ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ' ମାଧ୍ୟମରେ ଏକ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ୱାର୍ଡମେମ୍ବର ଭାସ୍କର ପରିଡା ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟର ଆଲୁମିନି କମିଟି ର ସଭାପତି ଶକୁନ୍ତଳା ପାଇକରାୟ, ଶିକ୍ଷାବିତ୍ ରଜନୀକାନ୍ତ ରାଉତରାୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଇପଦର ମାଳିସାହି ର ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ମନୋରମା ସ୍ୱାଇଁ, ଆଲୁମିନି କମିଟିର ସଭାପତି ଦିଲ୍ଲୀପ ସ୍ୱାଇଁ, ଭିକାରିଚରଣ ବଳିୟାରସିଂହ, ପ୍ରାଥମିକ ରାଜ୍ୟ ଶିକ୍ଷକ ସଙ୍ଘର ଉପସଭାପତି ଅଗାଧୁ ସେଠୀ ପ୍ରମୁଖ ଯୋଗଦେଇ ଥିଲେ। ଉଭୟ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ନବ କିଶୋର ମଲ୍ଲିକ, ତିଲୋତମା ବାରିକ ସଭା ପରିଚାଳନା କରିଥିଲେ।

କାଇପଦର ସରପଞ୍ଚ ନଳିନୀ ଅରିସଲ ସଭାର ମୁଖ୍ୟ ଉଦେଶ୍ୟ, ସାକ୍ଷରତା ଓ କର୍ମକୁଶଳତା ଉପରେ ସଚେତନତା କରିଥିଲେ। ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ କିପରି ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇ କ୍ଲଷ୍ଟର କୁ ଡ୍ରପ ଆଉଟ ଶୂନ୍ୟ କରିବା ପାଇଁ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ଉପସ୍ଥିତ ଅଭିଭାବକଙ୍କୁ ନିବେଦନ କରିବା ସହିତ ୬ରୁ ୧୪ ବର୍ଷ ର ସମସ୍ତ ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀ ରେ ସରକାରୀ ଉଚ୍ଚ ବିଦ୍ୟାଳୟ କାଇପଦର ର ଛାତ୍ରଛାତ୍ରୀ ଆହ୍ୱାନ ମୂଳକ ନୃତ୍ୟ ପ୍ରଦର୍ଶନ କରିଥିଲେ।

**ଟାଙ୍ଗୀ:** ଟାଙ୍ଗୀ ବ୍ଲକ୍ ସୁନ୍ଦରପୁର ପଞ୍ଚାୟତର ମୁକ୍ତେଶ୍ୱରଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲିଲିପ୍ସା କୁମାରୀ ଜେନାଙ୍କ ଅଧ୍ୟକ୍ଷତାରେ ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର, ଉତ୍କଳାଗୋପୀନାଥପୁର ସରପଞ୍ଚ ଶୁଭସନ୍ଧ୍ୟା ସାମନ୍ତରାୟ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ପ୍ରାଥମିକ ଶିକ୍ଷକ ସଂଗଠନ ବ୍ଲକ ସଭାପତି ସଲିଳ ସ୍ୱାଇଁ, ଶିକ୍ଷାବିତ୍ କୁମର ପ୍ରଧାନ, ପ୍ରିୟମ୍ବଦା ଜେନା, ସରୋଜ ଆଚାର୍ଯ୍ୟ ପ୍ରମୁଖ ଅତିଥି ରୂପେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ପ୍ରସନ୍ନ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, କାଦମ୍ବିନୀ ବେହେରା, ଇତିଶ୍ରୀ ରାଉତ, ମୀନାକ୍ଷୀ ବେହେରା, କବିତା ମହାପାତ୍ର ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଚିନ୍ମୟ ଚିନ୍ତନ ବାରିକ, ପ୍ରଶାନ୍ତ ସାହୁ, ସତ୍ୟ ନାରାୟଣ ପଣ୍ଡା, ଅମିତ ଚକ୍ରବର୍ତ୍ତୀ, ପ୍ରତିମା ସାହୁ, ସୁଜାତା ଜେନା, ପ୍ରକାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।







**ନିରାକାରପୁର :** ଟାଙ୍ଗୀ ବ୍ଲକ ଅଚ୍ୟୁତପୁର କ୍ଲଷ୍ଟର ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ କମାଗୁରୁଠାରେ କ୍ଲଷ୍ଟର୍ ସ୍ତରୀୟ ଶିକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଛି। ସିଆରସିସି ବିଜୟ ମାନସିଂହଙ୍କ ସଭାପତିତ୍ୱରେ ପ୍ରଧାନ ଶିକ୍ଷକ ମଧୁସୂଦନ ସୁନ୍ଦରାୟ, ବିରଞ୍ଚି ନାରାୟଣ ନିଶଙ୍କ, ସୋମନାଥ ବେହେରା, ସୁକାନ୍ତ ନାୟକ, ପ୍ରଭାତୀ ଜେନା, ହର୍ଷମଣୀ ଦେଇ, ସୁନୀତା ବଳ ଶ୍ରୀଚନ୍ଦନ, ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଶିକ୍ଷକ ଗୋପାଳକୃଷ୍ଣ ଲେଙ୍କା, ଅଧିକାରୀ ସାହୁ ଓ ପୂର୍ଣ୍ଣଚନ୍ଦ୍ର ମାଝି ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ସୌଦାମିନୀ ଗୁମାନ ସିଂ ଓ ଧନ୍ୟବାଦ ଦେଇଥିଲେ ସସ୍ମିତା ପ୍ରଧାନ। ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ଟଂପତି ସମିତି ସଭ୍ୟ, ବିଦ୍ୟାଳୟ କମିଟି ସଭାପତି ପବିତ୍ର ମହାରଣା ଉପସ୍ଥିତ ଥିଲେ।

## ଜଟଣୀ ପୁସ୍ତକ ମେଳା ଉଦ୍‌ଯାପିତ



ଜଟଣୀ,୧୩।୧୨(ସମିସ): ଶନିବାର ତ୍ରୟୋବିଂଶତିତମ ଜଟଣୀ ପୁସ୍ତକ ମେଳାର ଉଦଯାପନୀ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ଏଥିରେ ସଭାପତି ଡ. ଅମରେନ୍ଦ୍ର ନାରାୟଣ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ଡ. ବିଷ୍ଣୁଚରଣ ସାହୁ ଯୋଗ ଦେଇ ଜଟଣୀ ପୁସ୍ତକ ମେଳାର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଫୁଲ୍ଲ କୁମାର ପାଇକରାୟଙ୍କ ପ୍ରଚେଷ୍ଟାରେ ତାଙ୍କର ମାନସ ସନ୍ତାନ ଜଟଣୀ ପୁସ୍ତକ ମେଳାର ସୃଷ୍ଟି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ସେଞ୍ଚୁରୀଆନ୍ ବିଶ୍ୱବିଦ୍ୟାଳୟର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗ ଦେଇ ପୁସ୍ତକମେଳା ହେଉଛି ଜ୍ଞାନ ବୃଦ୍ଧିର ମାର୍ଗ ଦର୍ଶନ ବୋଲି ଅଭିହିତ କରିଥିଲେ। ଉତ୍ସବରେ ମଞ୍ଚର ମୁଖପତ୍ର ସ୍ମରଣିକା ଉନ୍ମୋଚନ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ଏବଂ ସ୍ୱତନ୍ତ୍ର ବିଭାଗରେ ମହିଳାଙ୍କ ଶଙ୍ଖଧ୍ୱନୀ, ହୁଳହୁଳି, ମୁରୁଜ ଓ ରୋଷେଇ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜକ ଭବାନୀ ଶଙ୍କର ମହାପାତ୍ର, ପଦ୍ମନାଭ ପାଣିଗ୍ରାହୀ, ପଦ୍ମ ଲୋଚନ ସାହୁ, ଅନ୍ତର୍ଯ୍ୟାମୀ ପ୍ରଧାନ, ସୁଶାନ୍ତ କୁମାର ସୁବୁଦ୍ଧି ସୁକାନ୍ତ ଲେଙ୍କା, କିଶୋର ପାଇକରାୟ, ଅଙ୍କିତା ଶର୍ମା, ଆରତୀ ସେନ୍, ରଶ୍ମିତା ନାୟକ, ରମାକାନ୍ତ ମିଶ୍ର ସହଯୋଗ କରିଥିଲେ। ପଣ୍ଡିତ କ୍ଷୀରୋଦ ପ୍ରସାଦ ନନ୍ଦ, ଶଶି ରଥ, ଜବାହରଲାଲ ସୁବୁଦ୍ଧି, ସୁକାନ୍ତି ମହାପାତ୍ର, ସୁନୀଲ ରାଉତରାୟ, ସୀତାକାନ୍ତ ଶତପଥୀ, ନଟବର ସ୍ୱାଇଁ, ବିଜୟ ପଣ୍ଡା ସ୍ୱସ୍ତିଦା ପାଲ୍, ସଚ୍ଚିଦାନନ୍ଦ ପଟ୍ଟନାୟକ ପ୍ରଭୃତି କାର୍ଯ୍ୟକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ପାଇକରାୟ ସ୍ମୃତି ସମ୍ମାନ ସାହିତ୍ୟ କ୍ଷେତ୍ରରେ କୃପାସିନ୍ଧୁ ବିଶ୍ୱାଳ, ଜଗଦାନନ୍ଦ ସ୍ମୃତି ସମ୍ମାନ ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଅଧ୍ୟାପକ ଗୋପାଳ କୃଷ୍ଣ ଦାସ ବ୍ରଜସୁନ୍ଦର ସ୍ମୃତି ସମ୍ମାନ ଶିକ୍ଷା, କ୍ରୀଡ଼ା, ସଂଗଠକ କ୍ଷେତ୍ରରେ ଅକ୍ଷୟ ମହାନ୍ତିଙ୍କୁ ମଞ୍ଚ ତରଫରୁ ସମ୍ମାନ ପ୍ରଦାନ କରାଯାଇଥିଲା। ସଂଗଠକ, ଶିକ୍ଷା, ପରିଚାଳନା କ୍ଷେତ୍ରରେ ଭବାନୀ ଶଙ୍କର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଶ୍ମିତା ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ ଓ ଅନ୍ତର୍ଯ୍ୟାମୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ଶ୍ରୀ ବଟେଶ୍ୱରଙ୍କ ମହାସ୍ନାନ ଉତ୍ସବ ଓ ମହାଯଜ୍ଞ



**ଟାଙ୍ଗୀ,୧୩।୧୨(ସମିସ):** ଟାଙ୍ଗୀ ଅଞ୍ଚଳର ଆରାଧ୍ୟ ଶ୍ରୀ ଶ୍ରୀ ବଟେଶ୍ୱର ମହାଦେବଙ୍କ ୧୯ତମ ମହାସ୍ନାନ ଉତ୍ସବ ଓ ମହାଯଜ୍ଞ ଉପଲକ୍ଷେ କୋଟସାହି ପଞ୍ଚାୟତ ବନ୍ଦାଳୋ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଶୁକ୍ରବାର ଅଙ୍କୁରାରୋପଣ ପରେ ଶନିବାର ଘଟସ୍ଥାପନ ତଥା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହାଇଲେବଲ କେନାଲର ଛ'ମାଇଲ ପୋଲ ନିକଟସ୍ଥ ତୁଠରେ ପୂଜାର୍ଚ୍ଚନା ପୂର୍ବକ କଳସ ଯାତ୍ରା ଟାଙ୍ଗୀ ବଜାର ଓ ୧୬ ନଂ ଜାତୀୟ ରାଜପଥ ଅତିକ୍ରମ କରି ବଟେଶ୍ୱରଙ୍କ ପୀଠରେ ପହଞ୍ଚିଥିଲା। ଗ୍ରାମର ଆବାଳବୃଦ୍ଧବନିତା ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟରେ ସାମିଲ ହୋଇଥିବା ଦେଖାଯାଇଥିଲା। ବିଶେଷକରି କଳସ ଶୋଭାଯାତ୍ରାରେ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ସହ ସିଂଘ ମାଦଳ ବାଜା ଓ ବିଭିନ୍ନ ପ୍ରକାର ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ପଞ୍ଚଦିବସୀୟ ଉକ୍ତ ମାଙ୍ଗଳିକ କାର୍ଯ୍ୟ ଆସନ୍ତା ୧୬ ତାରିଖ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ଉଦଯାପିତ ହେବ।

# ଓରିକ୍ଲିନ ଶ୍ରମିକ ସଂଘର କାର୍ଯ୍ୟକାରିଣୀ ବୈଠକ




**ଟାଙ୍ଗୀ,୧୩।୧୨(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ବନ୍ଦାଳୋ ମୌଜାରେ ସ୍ଥାପିତ ଡିଟରଜେଣ୍ଟ କମ୍ପାନୀ ଓରିକ୍ଲିନ ଶ୍ରମିକ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଓ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ମା' ସୁବର୍ଣ୍ଣବରାହୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଭାରତୀୟ ମଜଦୁର ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ସାହୁ ମୁଖ୍ୟ ଅତିଥି, ଓଡ଼ିଶା ଘରୋଇ ଠିକା ମଜଦୁର ସଂଘ ସଭାପତି ଅଶୋକ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ନାୟକ, କାର୍ଯ୍ୟକାରୀ ସଭାପତି ମୁକ୍ତିକାନ୍ତ ସାହୁ ଓ ଶ୍ରମିକ ନେତା ଅଜୟ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓରିକ୍ଲିନ କର୍ତ୍ତୃପକ୍ଷଙ୍କ ଶ୍ରମିକ ମାରଣ ନୀତି ଓ ଶ୍ରମ ଆଇନ ଉଲ୍ଲଘନ ବିଷୟରେ ଦୀର୍ଘ ଆଲୋଚନା କରାଯାଇଥିଲା। ଏହାର ସମାଧାନ ନିମନ୍ତେ ସଂଘ ନିରନ୍ତର ଚେଷ୍ଟା ଜାରି ରଖିବ, ଆବଶ୍ୟକ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମତପ୍ରକାଶ ପାଇଥିଲା। ଶ୍ରମିକ ନେତା ବିବେକାନନ୍ଦ ଦାସ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



**ଚୌଦ୍ୱାର,୧୩।୧୨(ସମିସ):** ମ୍ୟୁନିସିପାଲ ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ସାଂସଦ ଖେଳ ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବକୁ କଟକ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଉଦ୍‌ଘାଟନ କରିଥିଲେ। ମ୍ୟୁନିସିପାଲ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ କ୍ଷଣପ୍ରଭା ସେନ୍, ବ୍ଲକ୍ ଶିକ୍ଷାଧିକାରୀ ପ୍ରଭାତ ନାୟକ, ସାଂସଦ ପ୍ରତିନିଧି ଜ୍ୟୋତିରଞ୍ଜନ ରାୟ, ଲୋକସଭା ସଂଯୋଜକ ସତ୍ୟବ୍ରତ ମିଶ୍ର, ବିଧାନସଭା ସଂଯୋଜକ ଚିରଞ୍ଜିବୀ ଖଣ୍ଡାୟତରାୟ, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ ଅତିଥିଭାବେ ଯୋଗଦେଇଥିଲେ। ମ୍ୟୁନିସିପାଲ ହାଇସ୍କୁଲ ଓ ଓଟିଏମ୍ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ମୋଟ ୮ଟି ଖେଳକୁଦ ପ୍ରତିଯୋଗିତାରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପିଇଟି ଶୁଭ୍ରଜିତ୍ ପଢ଼ିହାରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଧେ ମୁଖ୍ୟଅତିଥି ଏବଂ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ସିନେ ତାରକା ଶ୍ରୀତମ ଦାସ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ମହେନ୍ଦ୍ର ମହାନ୍ତି, ଜିଲ୍ଲା ଉପସଭାପତି ପ୍ରଶାନ୍ତ ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ଭାଗିରଥୀ ଦଳାଇ, ବିଷ୍ଣୁ ଚରଣ ପରିଡ଼ା, କାଉନସିଲର ସୁଜାତା ସାହୁ, ଅଜିତ ସୁବୁଦ୍ଧିରାୟ, ସୌମେନ୍ଦ୍ର ପଲାଇ, ମଣ୍ଡଳ ସଭାପତି ମମତା ବେହେରା, ଜିଲ୍ଲା ପ୍ରତିନିଧି ସନ୍ତୋଷ ସାହୁଙ୍କ ସମେତ ଦଳୀୟ ବହୁ ନେତା ଓ କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜେପି ଜିଲ୍ଲା ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା

**କଟକ, ୧୩।୧୨(ସମିସ):** ନବନିଯୁକ୍ତ ଢେଙ୍କାନାଳ ଜିଲ୍ଲା ବିଜେପି ପ୍ରଭାରୀ ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକଙ୍କୁ ତୁଳସୀପୁରସ୍ଥିତ ମୋନାଲିସା



ପ୍ୟାଲେସଠାରେ କଟକ ଜିଲ୍ଲା ମହିଳା ମୋର୍ଚ୍ଚା ତରଫରୁ ସଭାପତି ପ୍ରବୀଣା ମହାପାତ୍ରଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଛି। ସଂଯୁକ୍ତା ଦାସ, ଶିବା ମହାନ୍ତି, ସୁଜାତା ପ୍ରଧାନ, ଶର୍ମିଳା ରାଉତରାୟ, ଅଲ୍‌ହାଦିନ ପରିଜା, କଳ୍ପନା ଜେନା, ରାଜଲକ୍ଷ୍ମୀ ମହାନ୍ତ, ସୁଜାତା ଅଗ୍ରୱାଲ, ଅମ୍ବିକା ଦାସ, ବିଜେପି ବରିଷ୍ଠ ନେତା କବି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଅବହେଳାର ଶିକାର ଛତିଶା ହ୍ରଦ

**ଚୌଦ୍ୱାର,୧୩।୧୨ (ବିଶ୍ୱଜିତ ଭଞ୍ଜ):**



ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ଭରା କଟକ ଜିଲ୍ଲାର ଚୌଦ୍ୱାର ଅଞ୍ଚଳରେ ଅବସ୍ଥିତ ପ୍ରାୟ ୨ ହଜାର ଏକର ପରିମିତ ବିଶାଳ 'ଛତିଶା ହ୍ରଦ' ବା 'ଛତିଶାପାଟ'। ବର୍ତ୍ତମାନ ଚରମ ସରକାରୀ ଉଦାସୀନତାର ଶିକାର ହୋଇଛି। ଶୀତ ଋତୁ ଆରମ୍ଭ ହେବା ମାତ୍ରେ ଏହି ମଧୁର ଜଳ ହ୍ରଦ ପ୍ରାୟ ୧୨୦ରୁ ଅଧିକ ପ୍ରଜାତିର ଲକ୍ଷାଧିକ ଦେଶୀ ଓ ବିଦେଶୀ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠୁଛି। ଚିଲିକା ଭଳି ପ୍ରଦୂଷଣ ଓ ଭିଡ଼ ନ ଥିବାରୁ ଏଠାକାର ଶାନ୍ତ ପରିବେଶକୁ ଧାଇଁ ଆସୁଛନ୍ତି ଗ୍ରୀନ୍ ଇମ୍ପେରିଆଲ୍ ପିଜନ୍, ରୁଡି ସେଲଡକ୍, ନର୍ଥେନ ପିନଟେଲ୍ ଓ ବ୍ରାହ୍ମିନୀ କାଇଟ୍ ଭଳି ଦୁର୍ଲଭ ଅତିଥି ପକ୍ଷୀ। ଏହି ପକ୍ଷୀମାନେ ଏଠାରେ ନିରାପଦରେ ରହିବା ସହ ଅଣ୍ଡା ଦେଇଥାନ୍ତି ଏବଂ ଶାବକମାନେ ଉଡ଼ିବା ଶିଖିବା ପରେ ପ୍ରାୟ ମାର୍ଚ୍ଚ-ଏପ୍ରିଲ୍ ବେଳକୁ ନିଜ ଦେଶକୁ ଫେରିଯାନ୍ତି। ହେଲେ ଏତେ ବଡ଼ ପର୍ଯ୍ୟଟନ ଓ ପରିବେଶ ସମ୍ପଦ ହୋଇଥିଲେ ସୁଦ୍ଧା ସରକାରୀ ଖାତାରେ ଏହାକୁ ଆବଶ୍ୟକ ମାନ୍ୟତା କିମ୍ବା ରକ୍ଷଣାବେକ୍ଷଣର ସୁବିଧା ମିଳିପାରିନାହିଁ। ଛତିଶାପାଟ କେବଳ ପକ୍ଷୀଙ୍କ ଆଶ୍ରୟସ୍ଥଳ ନୁହେଁ, ବରଂ ଏହା ଆଖପାଖର ବାଣିପଦା, କୟଳପଡ଼ା ଓ କୁମାରପୁର ଭଳି ୬ଟି ଗ୍ରାମପଞ୍ଚାୟତର ଶହ ଶହ ପରିବାରର ଜୀବିକାର ଆଧାର ମଧ୍ୟ। ହ୍ରଦର ଜଳକୁ ନିର୍ଭର କରି ଚାଷ କାର୍ଯ୍ୟ କରାଯାଉଥିବା ବେଳେ ମତ୍ସ୍ୟଜୀବୀମାନେ ମାଛ ଧରି ଏବଂ ଅନ୍ୟମାନେ ପଦ୍ମଫୁଲ ଓ ପାଣିସିଙ୍ଗଡ଼ା ବିକ୍ରି କରିଗୁଜୁରାଣମେଣ୍ଟାଇଥାନ୍ତି। ଢେଙ୍କାନାଳର କପିଳାସ ପାହାଡ଼ରୁ ଆସୁଥିବା ବର୍ଷାଜଳ

## ପକ୍ଷୀଙ୍କ ସ୍ୱର୍ଗ, ବିକାଶ ଶୂନ୍ୟ

ଏହି ହ୍ରଦର ମୁଖ୍ୟ ଉତ୍ସ ହୋଇଥିବା ବେଳେ ଅଧିକ ଜଳ ହେଲେ ଏହା ବିଭିନ୍ନ ଯୋର ଦେଇ ମହାନଦୀ ଓ ବିରୂପାକୁ ନିଷ୍କାସିତ ହୋଇଥାଏ। ୧୯୮୦ ଦଶକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା ଏଠାରେ ଏକ ପକ୍ଷୀ ଗବେଷଣାଗାର ପାଇଁ ଶିଳାନ୍ୟାସ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସାଂସଦ ପ୍ୟାରୀମୋହନ ମହାପାତ୍ର ମଧ୍ୟ ଉନ୍ନତିକରଣ ପାଇଁ ଉଦ୍ୟମ କରିଥିଲେ। ମାତ୍ର ବର୍ଷ ବର୍ଷ ଧରି ଏହି ପ୍ରକଳ୍ପଗୁଡ଼ିକ କେବଳ ଶିଳାନ୍ୟାସରେ ସୀମିତ ରହିଯାଇଛି ଏବଂ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ବର୍ତ୍ତମାନର ସ୍ଥିତି ଏତେ ଶୋଚନୀୟ ଯେ, ଡ୍ରେନେଜ୍ ବିଭାଗ ପକ୍ଷରୁ ପ୍ରତିବର୍ଷ ହ୍ରଦ ସଂଯୋଗୀ ଯୋରଗୁଡ଼ିକର ସଫେଇ ପାଇଁ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କେବଳ ଦଳ ସଫେଇ କରି ଅର୍ଥ ହରିଲୁଟ୍ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ, ପକ୍ଷୀମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପାଟ୍ରୋଲିଂ କରୁଥିଲେ ସୁଦ୍ଧା କିଛି ଅସାମାଜିକ ବ୍ୟକ୍ତି ଖାଦ୍ୟରେ ବିଷ ମିଶାଇ ପକ୍ଷୀ ଶିକାର କରୁଥିବା ଓ ସେମାନଙ୍କ ମାଂସ ବିକ୍ରି କରୁଥିବା ଭଳି ଉଦ୍‌ବେଗଜନକ ଖବର ସାମ୍ନାକୁ ଆସୁଛି। ପ୍ରଶାସନର ଏଭଳି ନିରବଦ୍ରଷ୍ଟା ସାଜିବା ଓ ହ୍ରଦର ବିକାଶ ପ୍ରତି ଧ୍ୟାନ ନଦେବା ଛତିଶାର ସତ୍ତାକୁ ବିପଦରେ ପକାଇଛି। ଏଣୁ ଏହି ନୈସର୍ଗିକ ସମ୍ପଦର ସୁରକ୍ଷା ଓ ଉନ୍ନତିକରଣ ପାଇଁ ଅଞ୍ଚଳବାସୀ ଏବଂ ପ୍ରକୃତିପ୍ରେମୀମାନେ ଦୃଢ଼ ଦାବି କରିଛନ୍ତି।

**■ ଖଣ୍ଡିଆରୀପୁରରେ ପାଗଳ ମାଙ୍କଡ଼ ଆତଙ୍କ**

# ତିନିଦିନ ହେଲା ବନ ବିଭାଗ ହାତ ଖାଲି

**କଣ୍ଟାପଡା,୧୩।୧୨(ସମିସ):** ଓଲଟପୁର ଥାନା ଅନ୍ତର୍ଗତ ଖଣ୍ଡିଆରୀପୁରରେ ଏକ ପାଗଳ ମାଙ୍କଡ଼ ଆଜକୁ ତିନିଦିନ ହେଲା ଉତ୍ପାତ କରୁଥିବା ବେଳେ ଏ ପର୍ଯ୍ୟନ୍ତ ୪ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି ଏବଂ ଏକାଧିକ ୨ ଚକିଆ ଯାନ କ୍ଷତିଗ୍ରସ୍ତ ହୋଇଛି। ମାଙ୍କଡ ଉତ୍ପାତରେ ଗ୍ରାମବାସୀ ଦିନରାତି ତାଟି କବାଟ ବନ୍ଦ କରି ଘରେ ରହୁଛନ୍ତି। ଗ୍ରାମରେ କାହାର କିଛି କାମ ପଡ଼ିଲେ ଗ୍ରାମବାସୀ ଏକାଠି ହୋଇ ହାତରେ ଠେଙ୍ଗା ବାଡି ଧରି ବାହାରକୁ ବାହାରୁଛନ୍ତି। ଏ ସମ୍ପର୍କରେ ଦୈନିକ 'ସକାଳ'ରେ ଦୁଇ ଦିନ ତଳେ ସଚିତ୍ର ଖବର ପ୍ରକାଶ ପରେ ବନ ବିଭାଗ ପକ୍ଷରୁ କର୍ମଚାରୀଙ୍କୁ ସେଠାରେ



ନିୟୋଜିତ କରାଯାଇଥିଲେ ମଧ୍ୟ ମାଙ୍କଡକୁ କାବୁ କରିବାରେ ସେମାନେ ବିଫଳ ହେବାରୁ ନନ୍ଦନକାନନର ସହାୟତା ନିଆଯାଇଥିଲା। ନନ୍ଦନକାନନର ଏକ ଟ୍ରାଙ୍କୁଲାଇଜର ଟିମ୍ ଅପରାହ୍ନରେ ଗ୍ରାମରେ ପହଞ୍ଚି ଉଦ୍ୟମ କରି ସନ୍ଧ୍ୟା ହେବାରୁ ଫେରିଯାଇଥିବାବେଳେ ମାଙ୍କଡ କାବୁ ହୋଇ ନ ଥିବା ଖବର ମିଳିଛି। ଫଳରେ ଏବେବି ଗ୍ରାମବାସୀ ଭୟଭୀତ ଅବାସ୍ଥାରେ ଥିବା ଦେଖିବାକୁ ମିଳିଛି।

**ବିଷାକ୍ତ ଜଳ ପିଇ ଗୋରୁ ମଡ଼କ ଘଟଣା**

# କମ୍ପାନୀ ସମ୍ମୁଖରେ ଶବ ରଖି ଆନ୍ଦୋଳନ

**କଟକ,୧୩।୧୨(ସମିସ):** କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ନୂଆସାହିରେ ଥିବା କଟକ ଆଗ୍ରିଭେଟ୍ ଇଥାନ୍ ଅଏଲ୍ ଘରୋଇ କମ୍ପାନୀର ଖାମଖିଆଲି ନୀତି ଯୋଗୁଁ ବିଷାକ୍ତ ପାଣି ପିଇ ୬ରୁ ଊର୍ଦ୍ଧ୍ୱ ଗାଈଙ୍କ ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଲାଗିରହିଛି। ମୃତ ଗାଈମାନଙ୍କର ଶବ ବ୍ୟବଚ୍ଛେଦ କରିବା ପାଇଁ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ପ୍ରତିଦିନ ଅପରାହ୍ନରେ କମ୍ପାନୀରୁ ନିର୍ଗତ ହେଉଥିବା ବିଷାକ୍ତ ପାଣି ଖୋଲା ପଡ଼ିଆରେ ଛାଡ଼ି ଦିଆଯିବାରୁ ଗାଈମାନେ ପିଇବା ପାଣି ଭାବି ତାହାକୁ ପିଇ ଦେଇଥିଲେ। ଫଳରେ ଗତକାଲି ୪ଟି ଗାଈ ଛଟପଟ ହୋଇ ତୁରନ୍ତ ମୃତ୍ୟୁବରଣ କରିଥିବା ବେଳେ ଆଜି ଆଉ ୨ଟି ଗାଈଙ୍କ ଜୀବନ ଯାଇଛି। ୮ରୁ ଊର୍ଦ୍ଧ୍ୱ ଗାଈଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥାନୀୟ ଯୁବକମାନେ ତୁରନ୍ତ ପହଞ୍ଚି

**ମୃତ ଗାଈଙ୍କ ଶବ ବ୍ୟବଚ୍ଛେଦ ପାଇଁ ପହଞ୍ଚିଲା ଟିମ୍**

**ଗତକାଲି ୪ ଗୋରୁଙ୍କ ମୃତ୍ୟୁ ଘଟିଥିଲା; ଆଜି ଆଉ ୨ ମୃତ**

ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଇଥିଲେ। କମ୍ପାନୀର ବର୍ଜ୍ୟବସ୍ତୁ ରଖିବା ପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା ନ ଥିବାରୁ ଏହି ବିଷାକ୍ତ ଜଳ ପଡ଼ିଆରେ ବୋହିଯାଉଛି। କମ୍ପାନୀ ପାଖ ପଡ଼ିଆରେ ଗାଈ ଓ ଷଣ୍ଢମାନେ ଘାସ ଖାଇବାକୁ ଯାଇ ପାଣି ପିଇବା ସମୟରେ ଏହି ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଉକ୍ତ ଅଞ୍ଚଳରେ ପୂର୍ବରୁ ମଧ୍ୟ ଅନେକ ଗାଈଗୋରୁଙ୍କର ମୃତ୍ୟୁ ହୋଇଥିବାର ଆଶଙ୍କା କରାଯାଉଛି, କାରଣ ଏହି ସ୍ଥାନରେ ବହୁ ଗାଈଗୋରୁଙ୍କ କଙ୍କାଳ ଦେଖିବାକୁ ମିଳିଛି। କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଆଁରା ଗ୍ରାମର ଲୋକେ ଏବଂ ସ୍ଥାନୀୟ ଯୁବକମାନେ ଆଜି ମୃତ ଗାଈଗୁଡ଼ିକୁ କମ୍ପାନୀ ଫାଟକ ଆଗରେ ରଖି ଆନ୍ଦୋଳନ କରିଛନ୍ତି। ଘଟଣା ସମ୍ପର୍କରେ କମ୍ପାନୀର ମାଲିକଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ପ୍ରଶାସନ ତୁରନ୍ତ ଏହି ଘଟଣା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୫ ବର୍ଷ ବୟସରେ ଅସାଧାରଣ ପ୍ରତିଭା

**ମାହାଙ୍ଗା,୧୩।୧୨(ସମିସ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଉଷୁମା ପଞ୍ଚାୟତର ଉଷୁମା ଗ୍ରାମର ସାମ୍ବାଦିକ ଅର୍ଜୁନ ସାହୁ ଓ ତାଙ୍କ ପତ୍ନୀ ସସ୍ମିତା ସାହୁଙ୍କ ୫ ବର୍ଷର କୁନି ଝିଅ ଆରାଧ୍ୟା ସାହୁ ଏବେ ତାଙ୍କର ପ୍ରଚଣ୍ଡ ପ୍ରତିଭା ପାଇଁ ଚର୍ଚ୍ଚାରେ। ମାତ୍ର ଚାରି ବର୍ଷ ବୟସରୁ ଆରାଧ୍ୟାଙ୍କ ମା' ସସ୍ମିତା ତାଙ୍କୁ ପାଠ୍ୟକ୍ରମ ସହ ସାଧାରଣ ଜ୍ଞାନ ବାବଦରେ ପଢ଼ାଇବା ଓ ବୁଝାଇବା ଆରମ୍ଭ କରିଥିଲେ। ବର୍ତ୍ତମାନ ଆରାଧ୍ୟା ଏରକଣା ସ୍ଥିତ ସତ୍ୟ ସାଇ ଶିଶୁ ବିଦ୍ୟା ବିହାରରେ କେଜି ୱାନ୍‌ରେ ଅଧ୍ୟୟନ କରୁଛନ୍ତି। କିନ୍ତୁ ତାଙ୍କର ସ୍ମରଣ ଶକ୍ତି ଓ ଜ୍ଞାନର ପରିସର ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଆରାଧ୍ୟା ନିଜ ମୁହଁରେ ଦେଶର ବିଭିନ୍ନ ରାଜ୍ୟର ନାମ, ରାଜ୍ୟର ରାଜଧାନୀ, ଓଡ଼ିଶାର କେତୋଟି ଜିଲ୍ଲା ଓ ତାହାର ନାମ ସହ ଜାତୀୟ ସଙ୍ଗୀତ ଓ ଦେଶାତ୍ମକ ଗୀତ ଭଲ ଭାବରେ ପ୍ରଦାନ



କରୁଛନ୍ତି। ଏହା ବ୍ୟତୀତ, ସେ ଇଂରାଜୀ ଓ ଓଡ଼ିଆରେ ଗୀତା, ଭାଗବତ, ରାମାୟଣ, ଲକ୍ଷ୍ମୀପୁରାଣଠାରୁ ଆରମ୍ଭ କରି ବହୁ ପ୍ରାଚୀନ ପୁସ୍ତକର ଲେଖକଙ୍କ ନାମ ମଧ୍ୟ ଅନର୍ଗଳ ଭାବରେ କହୁଛନ୍ତି। ଜାତୀୟ ପଶୁ, ପକ୍ଷୀ, ଜାତୀୟ ନୀତି ସହ ଇଂରାଜୀ ରାଇମ୍ସ ମଧ୍ୟ ଆରାଧ୍ୟାଙ୍କ ମୁହଁରେ ସ୍ପଷ୍ଟ ଭାବରେ ବାହାରୁଛି। ସେହିପରି, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟର ପ୍ରଥମ ମନ୍ତ୍ରୀ

**ମାହାଙ୍ଗାର କୁନି ଝିଅ ଆରାଧ୍ୟାଙ୍କ କମାଲ**

ଏବଂ ବିଭିନ୍ନ ମହାନ ବ୍ୟକ୍ତିଙ୍କ ନାମ ମଧ୍ୟ ସେ ସହଜରେ କହିପାରୁଛନ୍ତି। ମାତ୍ର ୫ ବର୍ଷ ଭିତରେ ଏତେ ସଂଖ୍ୟକ ବିଷୟକୁ ମନେ ରଖିବା ସହିତ ଆରାଧ୍ୟା ପାଠପଢ଼ାରେ ମଧ୍ୟ ୧ ନମ୍ବର ସ୍ଥାନ ଅଧିକାର କରିଛନ୍ତି। କୁନି ଝିଅ ଆରାଧ୍ୟାଙ୍କର ଏଭଳି ଦକ୍ଷତା ପାଇଁ ସତ୍ୟ ସାଇ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ଏବଂ ସ୍ଥାନୀୟ ଗ୍ରାମବାସୀମାନେ ବେଶ୍ ଖୁସି ଓ ଗର୍ବିତ।

# ନୂଆଗାଁରେ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

**ଟାଙ୍ଗୀ,୧୩।୧୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ନୂଆଗାଁରେ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ତଥା ସମାଜସେବୀ ପ୍ରବୀର କୁମାର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଆୟୋଜକ ଭାବେ



କନମିରା ଆଶ୍ରମର ମୁଖ୍ୟ ବାବା ମାନସ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ଦାସ, ପ୍ରବଚକ ସିଦ୍ଧେଶ୍ୱର ନାୟକ, ଉଦୟନାଥ ଚାରିଟେବୁଲ ଟ୍ରଷ୍ଟର ଚନ୍ଦ୍ରମୋହନ ସାହୁ ଓ ପ୍ରଭାତୀ ଜେନା, ସମାଜସେବୀ ଅବିନାଶ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶହେ ଜଣ ନିରାଶ୍ରୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରମାନନ୍ଦ ନାୟକ, ସରୋଜ ରାଉତ ଓ ବିଶ୍ୱରଞ୍ଜନ ନାୟକ ସହଯୋଗ କରିଥିବାବେଳେ ମନୋଜ ଦାସ ଧନ୍ୟବାଦ ଦେଇଥିଲେ।

# ବନ୍ଧୁକ ଦେଖାଇ ଧମକ ଅଭିଯୋଗ

**ଟାଙ୍ଗୀ,୧୩।୧୨(ସମିସ):** କଟକ ଜିଲ୍ଲା ଟାଙ୍ଗୀ ଥାନା ଟାଙ୍ଗୀ ବଢ଼େଇସାହିରେ ପୂର୍ବ ଶତ୍ରୁତାକୁ ନେଇ ଶୁକ୍ରବାର ବିଳମ୍ବିତ ରାତ୍ରିରେ ବନ୍ଧୁକ ଦେଖାଇବା ସହ ଧମକ ଦେଇ ଭୟଭୀତ କରିଥିବା ଅଭିଯୋଗ ହୋଇଥିବା ଜଣାପଡିଛି। ଟିକି ଓଝା ଓ ତାଙ୍କ ସ୍ୱାମୀ ବୁଲୁ ଓଝା ତାଙ୍କ ଘରେ ଥିବାବେଳେ ଉକ୍ତ ସାହିର ଡବ୍ଲୁ ମହାରଣା ଓ ତାଙ୍କ ସହଯୋଗୀମାନେ ବୁଲୁ ଓଝାଙ୍କ ଘର ଗେଟରେ ମାରଣାସ୍ତ୍ର ଦ୍ୱାରା କବାଟକୁ ବାଡେଇଥିଲେ। ଅଭିଯୋଗକାରୀ ଟିକି ଓଝା କବାଟ ମାଡ଼ ଶୁଣି ପଦାକୁ ଆସି ଦେଖିବା ମାତ୍ରେ ଡବ୍ଲୁ ମହାରଣା ଓ ସହଯୋଗୀ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଧମକ ଦେଇ ଭୟଭୀତ କରିଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ଘଟଣାର ତଦନ୍ତ ପରେ ସତ୍ୟତା ଜଣାପଡ଼ିବ ବୋଲି ଟାଙ୍ଗୀ ଥାନା ଆଇଆଇସି ଡ. ବିକାଶ ସେଠୀ ଜଣାଇଛନ୍ତି।

# ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

**ଚୌଦ୍ୱାର,୧୩।୧୨(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ କୁଜିବର ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୩ଜଣ ଆହତ ହେବା ଘଟଣାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କୁଜିବର ଗ୍ରାମର ସିପୁନ ସେଠୀ (୨୪) ଓରଫ ସୁକୁଟା। କୌଣସି କାରଣକୁ ନେଇ କୁଜିବର ଗ୍ରାମର ନାରାୟଣ ବେହେରା ଓ ସିପୁନ ସେଠୀଙ୍କ ପରିବାର ମଧ୍ୟରେ ଶୁକ୍ରବାର ଗଣ୍ଡଗୋଳ ଘଟିଥିଲା। ଏଥିରେ ସିପୁନ୍ ଏକ କଟୁରିରେ ନାରାୟଣଙ୍କ ପୁଅ ତ୍ରିନାଥଙ୍କ ବାମ ହାତକୁ ହାଣି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଗଣ୍ଡଗୋଳରେ ଆହୁରି ୨/୩ ଜଣ ଅଳ୍ପ ବହୁତ ଆହତ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନାରାୟଣ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ଅନୁସନ୍ଧାନ କରି ସିପୁନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଲୋକ ଅଦାଲତ







**ଆଠଗଡ଼,୧୩।୧୨(ସମିସ):**

ଆଠଗଡ଼ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ୪ର୍ଥ ଜାତୀୟ ଲୋକ ଅଦାଲତ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତକୁ ଆଠଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରାଜ କୁମାର ଦାସ ଉଦଘାଟନ କରିବା ସହିତ ନିଜର ଅଦାଲତ ପରିଚାଳନା କରି ୧୨ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ସମାଧାନ କରି କ୍ଷତିପୂରଣ ବାବଦକୁ ୧ କୋଟି ୩୦ ଲକ୍ଷ ୬୫ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଠଗଡ ଉପଖଣ୍ଡ ବିଚାର ବିଭାଗ ମାଜିଷ୍ଟ୍ରେଟ ନରୋଜ କୁମାର ସାହୁ ନିଜର ଅଦାଲତ ପରିଚାଳନା କରି ୫୪ଟି ଫୌଜଦାରୀ ମାମଲାର ସମାଧାନ କରି ଜରିମାନା ବାବଦକୁ ୬ଲକ୍ଷ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରଥମ ଶ୍ରେଣୀ ବିଚାରବିଭାଗ ମାଜିଷ୍ଟ୍ରେଟ ସ୍ଥିତପ୍ରଜ୍ଞା ଅମୃତତନୟା ୨ଟି ମାମଲାର ସମାଧାନ କରିଥିଲେ। ସେହିପରି ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଓ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା ନିଜର କୋର୍ଟ ପରିଚାଳନା କରି ବହୁ ରାଜସ୍ୱ ମାମଲାର ସମାଧାନ କରିଥିଲେ। ଆଠଗଡ ଷ୍ଟେଟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, କନ୍ତୋଲ ଓ ଧୁରୁଷିଆ ଶାଖା, ଆଠଗଡ ଗ୍ରାମ୍ୟ ବ୍ୟାଙ୍କ ଶାଖା ଏଥିରେ ଅଂଶଗ୍ରହଣ କରି ନିଜ ନିଜର ମାମଲାର ସମାଧାନ କରିଥିଲେ। ଆଠଗଡ ଓକିଲ ସଂଘ ପକ୍ଷରୁ ଏହି ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ସହଯୋଗ କରାଯାଇଥିଲା।

**ତିଗିରିଆ :** ଶନିବାର ତିଗିରିଆସ୍ଥିତ ଜେଏମଏଫସି କୋର୍ଟ ପରିସରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ତିଗିରିଆ କୋର୍ଟର ବିଚାରପତି ଅନିମେଶ ସାମଲ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୪୨ଟି ଫୌଜଦାରୀ ମାମଲାରୁ ୨୮ଟି ମାମଲା, ରାଜସ୍ୱ ବିଭାଗର ୨୪୬ଟି ଫୌଜଦାରୀ ମାମଲାର ଫଇସଲା ହୋଇ ୧୬,୧୬୦ ଟଙ୍କା ଆଦାୟ କରାଯାଇଛି। କାର୍ଯ୍ୟକ୍ରମରେ ତିଗିରିଆ ଓକିଲ ସଂଘର ସଭାପତି ମଙ୍ଗଳକୃଷ୍ଣ ଦାଶ, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ, ବିକ୍ରମ କେଶରୀ ଦାଶ, ସଞ୍ଜୟ ଦାଶ, ସରୋଜ ସାହୁ ଏବଂ ତିଗିରିଆ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ଓଁ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ନଳିନୀ ପ୍ରଭା ପ୍ରଧାନ
ଆର୍ବିଭାବ: ୦୨.୦୭.୧୯୬୪
ତିରୋଧାନ: ୨୫.୧୨.୨୦୨୪
ସଦାନନ୍ଦ ବିହାର, ପ୍ରଥମ ଲେନ, ଗୋସାଇଁ ନୂଆଗାଁ, ବ୍ରହ୍ମପୁର
ମାଆ, ତୁମେ ଇହଲିଳା ସମ୍ବରଣ କରିବାର ଏ ଭିତରେ ଗୋଟିଏ ବର୍ଷ ବିତିଗଲାଣି। ସବୁ ଦିନେ ତମର ଅନୁପସ୍ଥିତି ଅନୁଭବ କରୁଅଛୁ। ତମର ସେହି ହସ ହସ ମୁହଁ ମନେ ପଡୁଛି। ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ପ୍ରଧାନ ପରିବାର, ବନ୍ଧୁବର୍ଗ

## ଅତିରିକ୍ତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

**ଉମରକୋଟ, ୧୩।୧୨(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟଠାରେ ଏକ ଅତିରିକ୍ତ କାର୍ଯ୍ୟାଳୟ ଗୃହର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କରକୋମଳରେ ଏହା ଉଦ୍‌ଘାଟିତ ହୋଇଯାଇଛି।



ଏଥିରେ ମନ୍ତ୍ରୀଙ୍କ ସହ ବିଜେପି ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ବ୍ଲକ ଅଧ୍ୟକ୍ଷା ଶୁଶିଳା ମାଝୀ, ଉପାଧ୍ୟକ୍ଷ ଶ୍ୟାମଳ ସରକାର, ଜିଲ୍ଲାପରିଷଦ ସଭ୍ୟ ଚନ୍ଦନ ରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ବ୍ଲକ ଏଇ ଅଶ୍ୱିନି ପଟନାୟକ, ସହକାରୀ ଯନ୍ତ୍ରୀ ରୁଦ୍ର ପ୍ରସାଦ ପାତ୍ର, କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ଶ୍ରୀ ରୁଦ୍ର ପ୍ରସାଦ ପାତ୍ର ପରିଚାଳନା କରିଥିଲେ।

## ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ଡାବୁଗାଁ, ୧୩।୧୨(ସମିସ):** ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ୧୭୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୩୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ଉକ୍ତ ପରୀକ୍ଷା ପୂର୍ବାହ୍ନ ୧୧ଟା୩୦ରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ୩୦ରେ ଶେଷ ହୋଇଥିଲା। ଏଥିରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନୌଜ ମହାପାତ୍ରଙ୍କ ସମେତ ୯ ଜଣ ଇନିଭିଜିଲେଟର ପରୀକ୍ଷା ଦାୟିତ୍ୱରେ ରହିଥିଲେ। ଡାବୁଗାଁ ବିଡିଓ ଶରତ ମାଝି ଓ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ପୋଡ଼ାଗଡ଼, ୧୩।୧୨(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧୀନସ୍ଥ ପୋଡ଼ାଗଡ଼ ସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଉଚ୍ଚ ବାଳିକା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା ଗଉଡ ଯୋଗଦେଇ ପ୍ରଥମେ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଏହାକୁ ପରିଚାଳନା କରିଥିଲେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଭି ରାମେଶ୍ୱର ରାଓ। ଏଥିରେ ପ୍ରାୟ ଆଠଟି ଖେଳ ଯଥା ୧୦୦ ମିଟର, ୨୦୦ମିଟର ଓ ୬୦୦ମିଟର ଦୌଡ ପ୍ରତିଯୋଗିତା କରାଯାଇଥିଲା। ତାହାସହ ସଟ୍‌ପୁଟ୍, ଡିସ୍କୋସ୍, ଲମ୍ବ ଡିଆଁ, ଉଚ୍ଚ ଡିଆଁ ସମେତ ଅନ୍ୟାନ୍ୟ ଖେଳ କରାଯାଇଥିଲା। ଏହି କ୍ରୀଡ଼ା ଦୁଇ ଦିନ ଧରି ଚାଲିବା ନେଇ ଶିକ୍ଷୟିତ୍ରୀ ଶର୍ମିଷ୍ଠା ଗଉଡ କହିଛନ୍ତି। ଏହି ପ୍ରତିଯୋଗିତାରେ ବିଜ୍ଞାନ ଶିକ୍ଷୟିତ୍ରୀ ଆରତୀ ଜେନା, ସଗରିକା ମିଶ୍ର, ଶିକ୍ଷକ ରୁଦ୍ରନାରାୟଣ ପାଢି, ରାଜଲକ୍ଷ୍ମୀ ମହନ୍ତ, ଗିରିଧାରୀ ବିଷୋଇ, ମଧୁମିତା ପଟ୍ଟନାୟକ, ସ୍ୱରସି ବାଲା ଜେନା, ମିନତି ତୁରୁକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

**କୋରାପୁଟ, ୧୩।୧୨(ସମିସ):** କୋରାପୁଟ ବ୍ଲକ ଅନ୍ତର୍ଗତ ଲିଟିମାଳିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଣସପୁଟ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାଦେଇପୁଟ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ନିତ୍ୟାନନ୍ଦ ସୁନା, ୱାର୍ଡ ସଭ୍ୟ ଉଗ୍ରସେନ ମାଳି ଓ ଦେଉସନ କମାର ପ୍ରମୁଖ ଉପସ୍ଥିତ ଥିଲେ। ଅଧାରୁ ପାଠ ଛାଡିଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲାମାନେ କିପରି ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ପାଠ ପଢ଼ି ପାରିବେ ସେଥି ନିମନ୍ତେ ଅଭିଭାବକମାନଙ୍କୁ ଓ ପାଠ ଛାଡୁଥିବା ପିଲାମାନଙ୍କୁ ସଚେତନ କରାଯିବା ସହ ଶପଥ ପାଠ କରାଯାଇଥିଲା। ଶେଷରେ ବିଜୟ ରଥ ପିଲାମାନଙ୍କ ଉଦ୍ଦେଶ୍ୟରେ ଆଞ୍ଚଳିକ ଭାଷାରେ ଏକ କବିତା ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ଅଶୋକ କୁମାର ପାଢ଼ୀ, ରାଜେନ୍ଦ୍ର କୁମାର ଗାଣ୍ଡା, ରବି ମିଶ୍ର, ହରେକୃଷ୍ଣ ମହାରଣା, ସୂର୍ଯ୍ୟ କୁମାର ବେହେରା, କେ. ସନ୍ଧ୍ୟାରାଣୀ, ମଞ୍ଜୁଲତା ସାହୁ, ସୁବାସ ରାଉତ, ସମରା ନାୟକ, ଗୋବିନ୍ଦ ପାତ୍ର, ସନ୍ଧ୍ୟାରଣୀ ମୁଦୁଲି, ଶୁଭଶ୍ରୀ ରାଉତ ଓ ଯୁଲିନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନ କର୍ମୀ ସୁଧାଂଶୁ ଶେଖର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

## ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

**ଗୁଣପୁର, ୧୩।୧୨(ସମିସ):** ଗୁଣୁପୁର ଶିଶୁ ବିକାଶ ଯୋଜନା ବିଭାଗ ଆନୁକୂଲ୍ୟରେ ବ୍ଲକ ସଦ୍‌ଭାବନା ଗୃହରେ କେନ୍ଦ୍ର ସରକାରଙ୍କ ବେଟି ବଚାଓ ବେଟି ପଢ଼ାଓ ଏବଂ ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୁଣୁପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଗୁଣୁପୁର ସଦର ଥାନା ଅଧିକାରୀ ରଞ୍ଜିତ ତ୍ରିପାଠୀ, ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା, ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ, ଆଶା ଅନୁଷ୍ଠାନର ସମ୍ପାଦକ ୱାଇ ବେଣୁଧର, ଅଧିବକ୍ତା ପ୍ରଦିପ କୁମାର ପାଢ଼ୀ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ମୋବାଇଲ ଠାରୁ ଦୁରେଇ ରହିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗୁଣୁପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅନନ୍ତ ପାତ୍ର ଯୋଗ ଦେଇଥିଲେ। ଶିଶୁ ବିକାଶ ଅଧିକାରୀ ସୁଶ୍ରୀ ସୁଷମା ପ୍ରସାଦ ପରିଚାଳନା କରିଥିଲେ।

### ମାଲକାନଗିରି ଆଦିବାସୀ ସମାଜ ସହ ଆରଡିସି ଓ ଜିଲ୍ଲାପାଳଙ୍କ ଆଲୋଚନା

# ଜନଜାତି ଯୁବକଯୁବତୀଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ

**ଜନଜାତି ଭାଷାରେ କଥିତ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଁ ଆଲୋଚନା**





**ମାଲକାନଗିରି, ୧୩।୧୨(ସମିସ)**

ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ଏବଂ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାର ଆଦିବାସୀ ସମାଜର ପ୍ରତିନିଧିଙ୍କ ସହ ବିଭିନ୍ନ ବିଷୟ ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଉପଜିଲ୍ଲାପାଳ ଅଶ୍ୱି ଏଏଲ ଓ ବନଖଣ୍ଡ ଅଧିକାରୀ ସାଇକିରଣ ଉପସ୍ଥିତ ଥିଲେ। ଏହି ଅବସରେରେ ଆରଡିସି କହିଛନ୍ତି, ଜିଲ୍ଲାରେ କିଭଳି ପୂର୍ବଭଳି ଶାନ୍ତି ଫେରି ଆସିବ ସେହି ଦିଗରେ ଆଲୋଚନା କରାଯାଇଛି। ତତ୍ ସହିତ ଐତିହାସିକ ରାଜସ୍ୱ ବିଷୟ, ଭୂମି ପଟ୍ଟା ଓ ବିସ୍ଥାପିତଙ୍କ ଥଇଥାନ ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ଆରଡିସି। ଏମ୍‌ଭି ୨୬ ଗ୍ରାମରେ ସରକାରଙ୍କ ଗାଇଡଲାଇନ ଅନୁସାରେ ରିଲିଫ୍ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଚାଲିଛି ବୋଲି ସୂଚନା ଦେଇଛନ୍ତି ଆରଡିସି। ଜିଲ୍ଲାର ଜନଜାତି ଯୁବକଯୁବତୀମାନଙ୍କୁ ଏମଏସଏମଇ ତଥା ଜୀବନ ଜୀବିକା କାର୍ଯ୍ୟକ୍ରମ ମାଧ୍ୟମରେ ଆର୍ଥିକ ରୂପେ ସଶକ୍ତ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଆଜି ଆରଡିସି ଆଦିବାସୀ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଶୁଣିଛନ୍ତି। ଆଦିବାସୀ ସମାଜର ପ୍ରତିନିଧି ଦଳ ୯ ଗୋଟି ବିଷୟରେ ଆରଡିସି ଏବଂ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ୨/୫୬ ରେଗୁଲେସନ କେସ୍ ସହିତ ବିଭିନ୍ନ ସରକାରୀ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଜନଜାତି ପରିବାରଙ୍କ ଥଇଥାନ ବିଶେଷ ଭାବେ ତାରଲାକୋଟା ଏ, ବି ଓ ସି ଏବଂ ଚିତାପାରୀ ୧, ୨ ଓ ୩ ରେ ରହୁଥିବା ବିସ୍ଥାପିତଙ୍କ ଥଇଥାନ ନିମନ୍ତେ ଆଲୋଚନା କରାଯାଇଥିଲା। ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଜନଜାତି ପରିବାର ଓ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଉପରେ ମଧ୍ୟ ବୈଠକରେ କଥାବାର୍ତ୍ତା ହୋଇଥିଲା। ସେହିପରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜବରଦସ୍ତି ଜାଗା ଦଖଲ କରି ରହିଥିବା ବିଷୟରେ ମଧ୍ୟ ଆଲୋଚନା କରାଯାଇଛି। ଜନଜାତି ଛାତ୍ରଛାତ୍ରୀଙ୍କର ଶିକ୍ଷାରେ ଉନ୍ନତି ଆସିବା ନିମନ୍ତେ ଜନଜାତି ବହୁଳ ଗ୍ରାମର ବିଦ୍ୟାଳୟରେ ଜନଜାତି ଭାଷାରେ କଥିତ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଦିଗରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାରେ ବଣ୍ଡା, କୋୟା, କନ୍ଧ, ଦିଦାୟୀ ଓ ପରଜା ଭାଷାରେ କଥିତ ଶିକ୍ଷକ ରହିଛନ୍ତି ବୋଲି ସମାଜ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜନଜାତି ଅଞ୍ଚଳରେ ସ୍ଥାପିତ ହୋଇଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପ ନିକଟରେ ରହିଥିବା ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଇଛି। ଛାତ୍ରଛାତ୍ରୀଙ୍କ ନିମନ୍ତେ ହୋଷ୍ଟେଲ ସୁବିଧା କରିବା ପାଇଁ ଅଗ୍ରାଧିକାର ପ୍ରଦାନ କରିବା ପାଇଁ ଆଦିବାସୀ ସମାଜ କହିଛନ୍ତି। ତେବେ ଏମ୍‌ଭି ୨୬ ଗ୍ରାମରେ ହୋଇଥିବା ପୋଡାଜଳା ଘଟଣାରେ ୬ ଜଣ ଙ୍କୁ ଗିରଫ କରିଛି ମାଲକାନଗିରି ପୋଲିସ। ଏନେଇ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ୍ ସୂଚନା ଦେଇଛନ୍ତି।

## ନବରଙ୍ଗପୁରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ନବରଙ୍ଗପୁର, ୧୩।୧୨(ସମିସ):** ନବରଙ୍ଗପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍ ସୁବ୍ରତ ମହାନ୍ତି ଗୋଟିଏ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଦାବି ବାବଦକୁ ଫଇସଲା କରି ୧୦ ଲକ୍ଷ ୨୧ ହଜାର ୪୩୪ ଟଙ୍କା କ୍ଷତିପୁରଣ ଆଦାୟ କରିଛନ୍ତି। ସେହିପରି ପରିବାର ବିଚାର ବିଭାଗୀୟ ଜଜ୍ ଲିଲିପ୍ସା ପସାୟତ ୧୩ ଗୋଟି ପାରିବାରିକ ବିବାଦ କେସ ସମାଧାନ କରିଛନ୍ତି। ସେଥିମଧ୍ୟରୁ ୩ ଗୋଟି କେସରେ ଦୀର୍ଘ ଦିନ ବିବାଦର ଅନ୍ତ ଘଟାଇ ଦମ୍ପତ୍ତିଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇଛନ୍ତି। ବରିଷ୍ଠ ଦେବାନୀ ଜର୍ଜ ମୋନିତା ତ୍ରିପାଠୀ ୩ଟି ବ୍ୟାଙ୍କ ଋଣଦେୟ ସମ୍ବନ୍ଧୀୟ ବିବାଦର ଫଇସଲା କରି ୮ ଲକ୍ଷ ୫୭ ହଜାର ୨୫ ଟଙ୍କା ୮୬ ପଇସା ଋଣ ଆଦାୟ କରିଛନ୍ତି। ୪ଟି ଦେବାନୀ କେସ ଫଇସଲା କରାଇଛନ୍ତି। ସେହିଭଳି ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ, ନବରଙ୍ଗପୁର ସୌମ୍ୟ ଶଙ୍କର ମହନ୍ତ ୬୬ଟି ଫୌଜଦାରୀ ମକଦ୍ଦମାର ଫଇସଲା କରିଛନ୍ତି। ୩ ଟି ଏନଆଇ ଆକ୍ଟ କେସ ସମାଧାନ କରି ୧୫ ହଜାର ୩୫୩ ଟଙ୍କା ଜୋରିମନା ଆଦାୟ କରିଛନ୍ତି। ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଙ୍କିତା ପାଣିଗ୍ରାହୀ ୭ଟି ଫୌଜଦାରୀ ମକଦ୍ଦମା ସମାଧାନ କରିଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୧୦୦ ଗୋଟି କୋର୍ଟ କେସ ଓ ୩୭ ହଜାର ୭୩୦ ଗୋଟି ରାଜସ୍ୱ କେସର ଫଇସଲା କରାଯାଇ ୪୩ ଲକ୍ଷ ୪୩ ହଜାର ୬୫୪ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କର ୨୨ ଟି ପ୍ରାକ୍ ମକଦ୍ଦମା ମଧ୍ୟ ଫଇସଲା କରାଯାଇ



୫ ଲକ୍ଷ ୭୯ ହଜାର ୭୮୪ ଟଙ୍କା ଋଣ ଆଦାୟ କରାଯାଇଛି। ଟିପିଏସଓଡିଏଲ ୧୮୭ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ୧୫ ଲକ୍ଷ ୮୬ ହଜାର ୬୫୧ ଟଙ୍କା ବିଦ୍ୟୁତ ଦେୟ ବାବଦକୁ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅନ୍ୟାନ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡଅଧିକାରୀ ସୀମା ତ୍ରିପାଠୀ ଯୋଗ ଦେଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ର ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିବା ବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ନନ୍ଦପୁରରେ ଅନ୍ତ୍ୟୋଦୟ ଆବାସ ମେଳା



**ନନ୍ଦପୁର, ୧୩।୧୨(ସମିସ):** ନନ୍ଦପୁର ବ୍ଲକରେ ଅନ୍ତ୍ୟୋଦୟ ଆବାସ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆବାସ ମେଳାରେ ମୋଟ ୩୨୩ ଜଣ ଆବାସ ହିତାଧିକାରୀ ଯୋଗ ଦେଇଥିବା ବେଳେ ଆଧାର ଜନିତ ସମସ୍ୟାରେ ୩୪ ଜଣଙ୍କ ଭେରିଫିକେସନ୍ କରାଯାଇଥିଲା। ୨୪ ଜଣ ହିତାଧିକାରୀଙ୍କ ଡିଭିଟି ଲିଙ୍କ କରାଯାଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଆବାସ ଗୃହ ନିର୍ମାଣ ଶେଷ କରାଯାଇଥିବା ଚାରି ଜଣ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶିର ଚେକ୍ ପ୍ରଦାନ କରିଥିଲେ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା। ତତ୍ ସହିତ ନିର୍ଦ୍ଧାରିତ ସମୟରେ ଆବାସ ଗୃହ ନିର୍ମାଣ ଶେଷ କରି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରୋତ୍ସାହନ ରାଶିର ଲାଭ ଉଠେଇବାକୁ ବିଡ଼ିଓ ଶ୍ରୀ ଦୋରା ସମସ୍ତ ହିତାଧିକାରୀ ପରାମର୍ଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିପିଓ ଦିବାକର ପୁରୋହିତ, ବିପିଏ ସୁରେଶ୍ ବାଙ୍କିଆ, ବିପିସି ପବିତ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

**● ଗୁଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ**

## ଅପୋଷ ବୁଝାମଣାରେ ୧୬ ମାମଲାର ଫଇସଲା

**ଗୁଣପୁର, ୧୩।୧୨(ସମିସ):** ରାୟଗଡ଼ା ଜିଲ୍ଲା ଗୁଣପୁର କୋର୍ଟ ପରିସର ରେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ସମୁଦାୟ ୯୧ ଟି ବିଭିନ୍ନ ମାମଲା ବିଚାରଣା ପାଇଁ ରହିଥିଲା। ସେଥିରୁ ୧୬ ଟି ମାମଲା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ୫, ୯୩, ୦୦୦ ଟଙ୍କା ମୀମାଂସା ରାଶି ଆଦାୟ କରାଯାଇଥିଲା। ଏଡିଜେ କୋର୍ଟରେ ଥିବା ୧୧ ଟି ମାମଲାରୁ ୨ ଟି ସମାଧାନ ହୋଇଥିଲା। ବରିଷ୍ଠ ସିଭିଲ କୋର୍ଟରେ ସମୁଦାୟ ୪୨ଟି ମାମଲାରୁ ୪ଟି ମାମଲାର ଫଇସଲା କରାଯାଇ ୪ ଲକ୍ଷ ୯୩ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏସଡି ଜେଏମ କୋର୍ଟରେ ମୋଟ ୩୮ ଟି ମାମଲାରୁ ୧୦ଟିର ଫଇସଲା ହୋଇଥିଲା। ସେଥିରୁ ଏନ୍‌ଆଇ ଆକ୍ଟରେ ଚେକ୍ ବାଉଁଶର ୨ ଟି ମାମଲାର ଆପୋଷ ଆଲୋଚନା କରି ୧ ଲକ୍ଷ ଟଙ୍କା ଆଦାୟ କରାଯାଉଥିଲା। ତାଲୁକ୍ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଗୁଣପୁର ଏଡିଜେ ଦେବଦତ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ସିଭିଲ ଜଜ ସୁମିତ୍ରା ସାହୁ, ଏସଡିଜେଏମ ବିଜୟଲକ୍ଷ୍ମୀ ମହାପାତ୍ର ଉପସ୍ଥିତ ରହି ମାମଲା ଗୁଡ଼ିକର ସମାଧାନ କରିଥିଲେ।

## ଜିଲ୍ଲା ନାମ ସଂକୀର୍ତ୍ତନ ମଣ୍ଡଳୀର ଦାବିପତ୍ର

**କୋରାପୁଟ, ୧୩।୧୨(ସମିସ):** କୋରାପୁଟ ଜିଲ୍ଲା ନାମ ସଂକୀର୍ତ୍ତନ ମଣ୍ଡଳୀ ଭାଗବତ ସତସଙ୍ଗ ତରଫରୁ ବିଭିନ୍ନ ଦାବି ନେଇ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ବିଭାଗ ଓ ଉଚ୍ଚ ଶିକ୍ଷା ଓ



କ୍ରୀଡ଼ା ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କମିଟିର କାର୍ଯ୍ୟକର୍ତ୍ତାମାନେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ଉପସ୍ଥିତିରେ ଭୁବନେଶ୍ୱର ସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ଜିଲ୍ଲାର ୧୪ ଟି ବ୍ଲକରେ ନାମ ସଂକୀର୍ତ୍ତନ ଭାଗବତ ସତସଂଘ ସଭାଗୃହ ନିର୍ମାଣ, ଜିଲ୍ଲା କାର୍ଯ୍ୟାଳୟ ନିର୍ମାଣ, ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପ୍ରଦାନ ଓ କଳାକାର ଭତ୍ତା ବୃଦ୍ଧି ଆଦି ପ୍ରମୁଖ ଦାବି ରହିଥିବା ସଂଘ ତତଫରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କମିଟି ସଭାପତି ଡମ୍ବରୁଧର ନାୟକ, ସମ୍ପାଦକ ନାରାୟଣ ନାୟକ, ଉପସଭାପତି ଯୋଗେଶ ଖିଲ, କୋଷାଧ୍ୟକ୍ଷ ଈଶ୍ୱର ଖୀନବୁଡି, ସଦସ୍ୟ ମାଧବ ପୂଜାରୀ ଓ ଭକ୍ତରାମ ଦାସଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତାରେ ଚମକିଲେ ଲିପୁନ ଡ୍ୟାନ୍ସ ଗ୍ରୁପ

**କୋରାପୁଟ, ୧୩।୧୨(ସମିସ):** ଜାତୀୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବ ନିମନ୍ତେ କୋରାପୁଟ ସଂସ୍କୃତି ପରିଷଦଠାରେ ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଜିଲ୍ଲାର ବିଭିନ୍ନ ବ୍ଲକର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଆଦିବାସୀ ନାଚ ଗୀତରେ ମଞ୍ଚ ଦୁଲୁକିଥିଲା। ବିଭିନ୍ନ ପ୍ରତିଯୋଗୀଙ୍କ ଭିତରେ କୋରାପୁଟ ସହରର ଲିପୁନ ଡ୍ୟାନ୍ସ ଗ୍ରୁପ ସମସ୍ତଙ୍କ ମନ ମୋହିଥିଲା। କୋରାପୁଟ ଜିଲ୍ଲାରେ ହଜି ଯାଉଥିବା କଳା ସଂସ୍କୃତି ପରମ୍ପରାକୁ ନେଇ ଲିପୁନ ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଶ କରିଥିବା ନେଇ ଦର୍ଶକମାନେ ଖୁବ ପ୍ରଶଂସା କରିଥିଲେ।

# ଚନ୍ଦ୍ରପୁର ବ୍ଲକସ୍ତରୀୟ 'ଚଇତି'

**ଚନ୍ଦ୍ରପୁର, ୧୩।୧୨(ସମିସ)**



**ମା'ଝାଲିଆ ମନ୍ଦିରରୁ ବାହାରିଲା ମଶାଲ ଶୋଭାଯାତ୍ରା**

ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକସ୍ତରୀୟ ଲୋକ ମହୋତ୍ସବ ଚଇତି ପାଳିତ ହୋଇଯାଇଅଛି। ଏହି ଅବସରରେ ସକାଳ ୬ଟା ୩୦ରେ ମାରାଥନ୍ ସାରି ୧୦ରେ ବ୍ଲକ ଅଫିସରୁ କଳସ ବାହାରି ନିକଟ ଫୋଲଫୋଲିଆ ନଦୀକୁ ଯାଇ ପୂଜାଅର୍ଚ୍ଚନା କରି କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସ୍ଥାନୀୟ ମା' ଝାଲିଆ ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରାଯାଇ ପରବ ମଶାଲ ପ୍ରଜ୍ୱଳିତ କରାଯାଇଥିଲା। ପରେ ବିରାଟ ମଶାଲ ଶୋଭାଯାତ୍ରା ପାରମ୍ପାରିକ ବାଦ୍ୟ ଓ ଆଠଟି ପଞ୍ଚାୟତରୁ ଆସିଥିବା ସାଂସ୍କୃତିକ ଦଳ ସହ ବ୍ଲକ ଅଫିସ ଚଇତି ମଣ୍ଡପରେ ପହଞ୍ଚି ମଶାଲକୁ ସ୍ଥାପନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା, ଉପାଧ୍ୟକ୍ଷା ମାଳତୀ ମାଳବିଶୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବଙ୍ଗାଳ, ତହସିଲଦାର ସୁନୀଲ କୁମାର ପ୍ରଧାନ, ଡାକ୍ତର ପ୍ରତିଶ୍ୱ ମିଶ୍ର, ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ସିଡିପିଓ ଗୀତା ରାଣୀ ସାହୁ, ଜିପିଡିଓ ରାଜେନ୍ଦ୍ର ପାଳ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଶ୍ରୀତମ ପୂର୍ତ୍ତି ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୋଙ୍ଗଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗୋମାଙ୍ଗ, ମୁଖ୍ୟବକ୍ତା ଭାବେ ତହସିଲଦାର ସୁନୀଲ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା, ଜିଲ୍ଲା ପରିଷଦ ସଭ୍ୟ ସୁଜିତ୍ କୁମାର ବ୍ରେକବେଡ଼ା, ବିଧାୟକ ପ୍ରତିନିଧି ଜର୍ଜ କ୍ରାଇସିକା, ବିଜେପି ବ୍ଲକ ସଭାପତି ଫକିର ମୋହନ ଗୁମୀଟାଙ୍ଗା, ସରପଞ୍ଚ ରଞ୍ଜିତା ବ୍ରେକବେଡା, ଫୁଲମାଇ କ୍ରଡ଼ିକା, ସମିତି ସଭ୍ୟ, ସଭ୍ୟା ମଞ୍ଜାସିନ ଥିଲେ। ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚନ୍ଦ୍ରପୁର ବ୍ଲକର ଆଠଟି ପଞ୍ଚାୟତରୁ ଆସିଥିବା ପାରମ୍ପରିକ ଲୋକନୃତ୍ୟ ଦଳ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ଆଦିବାସୀ ନୃତ୍ୟ ପରିବେଷଣ କରିଥିବାବେଳେ ଶିଶୁ ବିକାଶ ଅଧିକାରୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଶ୍ରୀ ଅନ୍ନ ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ସହ ସମ୍ବର୍ଦ୍ଧିତ କରଯାଇଥିଲା। ସେହିପର କୃଷି ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ ଓ ସିଡିପିଓଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଚନ୍ଦ୍ରପୁର ବ୍ଲକ ପ୍ରେସ କ୍ଲବର ସାମ୍ବାଦିକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ହେଡକ୍ଲର୍କ ବି ନରେନ୍ଦ୍ର ରାଓ, ଦେବାଶିଷ ଗୌଡ଼, ଅରୁଣ କୁମାର ସାହୁ, ସିପି ଗୋପିନାଥ ମହାକୁଡ଼, ଥମାସ ଦଳବେହେରା, ପ୍ରଦିପ ଜାଗାରାଙ୍ଗା, ଧନୁଷ୍କା ଶବର, ବିକାଶ ନାୟକ, ଏପିଓ, ବିପିଏମ୍ ମିଶନ ଶକ୍ତି, ପିଓ, ଏଡିଓ, ଜିଆରଏସ, ମିଶନ ଶକ୍ତି କର୍ମଚାରୀ ସହଯୋଗ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ପ୍ରଦୀପ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଚନ୍ଦ୍ରପୁର ଥାନା ଅଧିକାରୀ ପ୍ରସାନ୍ତ ସେଠୀ ନେତୃତ୍ୱରେ ଏସଆଇ, ଏସଆଇ ନରସିଂହ ସାହୁ, ହୃଷୀକେଶ ପଟେଲ, ହରେ କୃଷ୍ଣ ମୁଣ୍ଡାରୀ ସହ ସମସ୍ତ ପୁଲିସ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଶେଷରେ ଶ୍ରୀ ମିସାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରାୟଗଡ଼ା ପ୍ରେସ୍ ୟୁନିୟନ୍‌ର ବନ୍ଧୁମିଳନ

**ରାୟଗଡ଼ା, ୧୩।୧୨(ସମିସ):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ରାୟଗଡ଼ା ସହର ଠାରୁ ୨୦କିମି ଦୂରରେ ଥିବା ତଳଗୁମା ବଣଭୋଜି ସ୍ଥଳରେ ପ୍ରେସ୍ ୟୁନିୟନ୍, ରାୟଗଡ଼ାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। ପ୍ରେସ୍ ୟୁନିୟନ ରାୟଗଡ଼ା ସଭାପତି ଅମୂଲ୍ୟରତ୍ନ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୟୁନିୟନର ସାଧାରଣ ସମ୍ପାଦକ ଶିବାଜୀ ଦାସ, ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାଶଙ୍କ ସମେତ ସମସ୍ତ ସଦସ୍ୟବୃନ୍ଦ ଯୋଗ ଦେଇଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅନୁଷ୍ଠିତ ବୈଠକରେ ୟୁନିୟନ୍ ତରଫରୁ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ପାଳନ ନିମନ୍ତେ



ଆଲୋଚନା ହୋଇଥିବା ବେଳେ ରାୟଗଡ଼ାରେ ୟୁନିୟନକୁ ଆହୁରି ସୁଦୃଢ଼ କରିବାକୁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ୟୁନିୟନ ସହ ଜଡିତ ଥିବା ସମସ୍ତ ବୃତ୍ତିଗତ ସାମ୍ବାଦିକମାନେ ଜିଲ୍ଲାର ବିକାଶ ଦିଗରେ ଏବଂ ମୌଳିକ ଅଧିକାରରୁ ବଞ୍ଚିତ ଥିବା ଲୋକଙ୍କ ସମସ୍ୟାକୁ ଜିଲ୍ଲା ପ୍ରଶାସନ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ କରି ପାରୁଥିବାରୁ ସଭାପତି ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା କମ୍ପାନୀର ଲୋକ ସମ୍ପର୍କ ବିଭାଗ ମୁଖ୍ୟ ପୀତାମ୍ବର ବେହେରା, ସହାୟକ ଅମଜଦ ଅଲ୍ଲି, ଆଦିତ୍ୟ ଆଲୁମିନା ସିଏସଆର ମୁଖ୍ୟ ତନ୍ମୟ ମହାନ୍ତି, ଜେକେ କାଗଜକଳର ସିଏସଆର ଏବଂ ପିଆର ମୁଖ୍ୟ ଶ୍ରୀମତୀ ସ୍ମୃତିରେଖା କର, ହରିହର ଖମାରୀ, ଇମ୍ପା ଥେରୁବାଲି କାରଖାନାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ଓଝା, ସହାୟକ ରବି କୌଶଲ୍ୟା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବରିଷ୍ଠ ବିଜେପି ନେତା ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ), ଶିକ୍ଷାବିତ୍ ଡ.ଦୁଷ୍ମନ୍ତ କୁମାର ମହାନ୍ତି, ସମାଜସେବୀ ସତ୍ୟବାଦୀ ପତିଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ଯୋଗ ଦେଇ ପ୍ରେସ ୟୁନିୟନର ସାମାଜିକ କାର୍ଯ୍ୟକ୍ରମ ଏବଂ ସାମ୍ବାଦିକମାନଙ୍କ ଦାୟିତ୍ୱକୁ ପ୍ରଶଂସା କରିଥିଲେ। ବୈଠକ ଶେଷରେ ସାଧାରଣ ସମ୍ପାଦକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାୟୋ ମେଡିକାଲ ଆବର୍ଜନା ପରିଚାଳନା ସମ୍ପର୍କିତ ବୈଠକ

କେନ୍ଦ୍ରାପଡ଼ା, ୧୩ ।୧୨(ସମିସ): ଜିଲ୍ଲାର ସମସ୍ତ ଘରୋଇ ଚିକିତ୍ସାଳୟ, ନର୍ସିଂ ହୋମ ଏବଂ ପାଥଲେବରୁ ଉତ୍ପନ୍ନ ବାୟୋ ମେଡିକାଲ ଆବର୍ଜନାର ସୁପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ପରିବେଶ ନିରୀକ୍ଷଣ କମିଟି ବୈଠକ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ପରିବେଶ ବିଜ୍ଞାନୀ, କେନ୍ଦ୍ରାପଡ଼ା ନିର୍ବାହ ଅଧିକାରୀ ଅଜିତ ନାରାୟଣ ଗିରି ଓ ରଞ୍ଜନ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିରମୋହନ ମାଝୀ ଉପସ୍ଥିତ ଥିଲେ ।



ବୈଠକରେ ବାୟୋ-ମେଡିକାଲ ଆବର୍ଜନାର ବିଭକ୍ତୀକରଣ, ସଂଗ୍ରହ, ପରିବହନ ଓ ସଠିକ ନିଷ୍କ୍ରିୟକରଣ ବିଷୟରେ ଘରୋଇ ଚିକିତ୍ସାଳୟ, ପାଥଲେବ ଓ ନର୍ସିଂ ହୋମ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମସ୍ତ ନିୟମ ପାଳନ କରି ଆବର୍ଜନା ପରିଚାଳନା କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ନିୟମ ଭଙ୍ଗ କଲେ କୌଣସି ପ୍ରତିଷ୍ଠାନକୁ କ୍ଷମା କରାଯିବ ନାହିଁ ବୋଲି ଜିଲ୍ଲାପାଳ ଆୟର କହିଛନ୍ତି ।

## ନବମ ଶ୍ରେଣୀ ଛାତ୍ରଙ୍କଠାରୁ ବନ୍ଧୁକ ଜବତ ଘଟଣା

# ଛାତ୍ରଙ୍କ ଘର, ବିଦ୍ୟାଳୟରେ ପୁଲିସର ତଦନ୍ତ

କେନ୍ଦ୍ରାପଡ଼ା, ୧୩ ।୧୨(ସମିସ)

ଗରଦପୁର ବ୍ଲକ କୁଦାନଗରୀ ଥାନା କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଅଣ୍ଟାରୁ ଶୁକ୍ରବାର ଦେଶୀ ବନ୍ଧୁକ ଜବତ ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ପୁଲିସ ତଦନ୍ତକୁ ବ୍ୟାପକ କରିଛି । ସମ୍ପୃକ୍ତ ଛାତ୍ରକୁ ବାଳସୁଧାର ଗୃହକୁ ପଠାଯାଇଥିବା ବେଳେ ଜବତ ବନ୍ଧୁକକୁ ଭୁବନେଶ୍ୱର ଫରେନସିକ ଲ୍ୟାବ ପଠାଯାଇଛି । ଏହି ଘଟଣା ସହ ଜଡ଼ିତ ବନ୍ଧୁକ ଯୋଗାଣ ଚକ୍ରକୁ ଭାଙ୍ଗିବା ଲକ୍ଷ୍ୟରେ ପୁଲିସ ଛାତ୍ର ପଢୁଥିବା ବିଦ୍ୟାଳୟ, ଘର ଓ ଧାନମଣ୍ଡଳ ଅଞ୍ଚଳରେ ତଦନ୍ତ ଜୋରଦାର କରିଛି । ଛାତ୍ରକୁ ବନ୍ଧୁକ ଯୋଗାଇଥିବା ଗୋଷ୍ଠୀକୁ ଚିହ୍ନଟ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି ।

**ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠିତ**

ପୁଲିସ ତଦନ୍ତରେ ଜଣାପଡ଼ିଛି ଯେ ସମ୍ପୃକ୍ତ ଛାତ୍ର ପୂର୍ବରୁ ଅନେକଥର ବିଦ୍ୟାଳୟକୁ ବନ୍ଧୁକ ଆଣୁଥିଲା । ଏପରିକି ଶିକ୍ଷକମାନଙ୍କୁ ବନ୍ଧୁକ ଫୁଟାଇ ଦେବାକୁ ଧମକ ମଧ୍ୟ ଦେଇଥିବା ଅଭିଯୋଗ ରହିଛି । ପୁଲିସ ସୂଚନା ଅନୁସାରେ, କୋରୁଆ, ବିଜିପୁର, ଧାନମଣ୍ଡଳ, ତେଣ୍ଡାକୁଦା ଓ କ୍ରିଷ୍ଣାନନ୍ଦପୁର ଅଞ୍ଚଳରେ ଦେଶୀ ବନ୍ଧୁକର ଅବୈଧ କାରବାର ବଢୁଥିବା ସନ୍ଦେହ ରହିଛି । ଏଥିସହ କୋରୁଆ ବଜାରର ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ଧସନାପାରୀରେ ନିର୍ମାଣାଧୀନ ବ୍ରିଜ ନିକଟରେ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀମାନେ ଏକତ୍ର ହୋଇ ବ୍ରାଉନସୁଗର ସେବନ କରୁଥିବା ସୂଚନା ମଧ୍ୟ ପୁଲିସ ପାଇଛି । ସମଗ୍ର ଘଟଣାକୁ ଅନୁଧ୍ୟାନ କଲେ ଏହି ଶାନ୍ତ ଅଞ୍ଚଳକୁ ଅଶାନ୍ତ କରିବା ପାଇଁ କିମ୍ବା ଛାତ୍ର ସମାଜକୁ ଅପରାଧ ଜଗତକୁ ଠେଲିବା ପାଇଁ ଯୋଜନାବଦ୍ଧ ଚକ୍ରାନ୍ତ ଚାଲିଛି । ଏହାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ସ୍ତରରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇଛି । ଆସନ୍ତା କିଛିଦିନ ମଧ୍ୟରେ ଏହି ଅସ୍ତ୍ର ଓ ମାଦକଦ୍ରବ୍ୟ ଚକ୍ର ସମ୍ପର୍କରେ ବଡ଼ ଖୁଲାସା ହେବା ସମ୍ଭାବନା ରହିଛି ।

## ଏକତରଫା ପ୍ରେମକୁ କେନ୍ଦ୍ର କରି ଘର ଉପରେ ବୋମାମାଡ଼

କେନ୍ଦ୍ରାପଡ଼ା, ୧୩।୧୨(ସମିସ): ଏକତରଫା ପ୍ରେମଜନିତ ଦ୍ୱେଷକୁ କେନ୍ଦ୍ର କରି ଘର ଉପରେ ବୋମାମାଡ଼ ହେବା ଘଟଣା ପାଟକୁରା ଥାନା ଅଧୀନ ଗରଦପୁର ବଜାରର ଉଆସଡିଆ ଅଞ୍ଚଳରେ ଭୟର ପରିସ୍ଥିତି ସୃଷ୍ଟି କରିଛି । ଗତକାଲି ରାତି ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ଜଣେ ଦୁର୍ବୃତ୍ତ ସ୍କୁଟିରେ ଆସି ଘର ଉପରକୁ ବୋମା ପକାଇ ଫେରାର ହୋଇଯାଇଥିବା ଜଣାପଡ଼ିଛି । ସୂଚନା ମୁତାବକ, ଘଟଣା ପୂର୍ବରୁ ସମ୍ପୃକ୍ତ ଘରକୁ ଲକ୍ଷ୍ୟ କରି ଅନେକ ଥର ଟେକା ଓ ପଥର ମାଡ଼ ହୋଇଥିଲା । ଏ ନେଇ ପୀଡ଼ିତ ପରିବାର ପୂର୍ବରୁ ଥାନାରେ ଏତଲା ଦେଇଥିଲେ । ଗତ ରାତିର ଏହି ଭୟଙ୍କର ଘଟଣା ସ୍ଥାନୀୟ ଲୋକଙ୍କୁ ଆତଙ୍କରେ ପକାଇଦେଇଛି । ବୋମା ବିସ୍ଫୋରଣରେ କାହାର ଜୀବନହାନି ହୋଇ ନ ଥିବାବେଳେ ଘରର ଗ୍ରୀଲ ଓ କାନ୍ଥ ଫାଟିଯାଇଥିବା ଜଣାପଡ଼ିଛି । ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଧାଉଁଥିବା ସମୟରେ ଦୁର୍ବୃତ୍ତ ଫେରାର ହୋଇଯାଇଥିଲା । ଏ ନେଇ ପରିବାରର ମୁଖ୍ୟ ପ୍ରତାପ ମହାନ୍ତି ପାଟକୁରା ଥାନାରେ ଲିଖିତ ଏତଲା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏକତରଫା ପ୍ରେମକୁ କେନ୍ଦ୍ର କରି ଏପରି ହିଂସ୍ର ଘଟଣା ଘଟିଥିବା ସନ୍ଦେହ କରାଯାଉଥିବାବେଳେ ଦୁର୍ବୃତ୍ତଙ୍କ ପରିଚୟ ଓ ଗିରଫ ପାଇଁ ପୁଲିସ ତଦନ୍ତ ଜାରି ରଖିଛି । ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷିତ ଭାବ ବଢ଼ିଥିବାବେଳେ ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରି କଠୋର ଆଇନଗତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

**ଗରଦପୁର ବଜାରରେ ଆତଙ୍କ, ଦୁର୍ବୃତ୍ତ ଫେରାର**

## ସୁରେନ୍ଦ୍ରସାଏ ଦିବ୍ୟଦୃଷ୍ଟି ଯୋଜନା ପାଇଁ ପ୍ରସ୍ତୁତି ବୈଠକ

ଡେରାବିଶ, ୧୩ ।୧୨(ସମିସ): ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାକକ୍ଷରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ବାଳ ସ୍ୱାସ୍ଥ୍ୟ ମିଶନର ବରିଷ୍ଠ କର୍ମଚାରୀ ମିନତୀ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ବିଶେଷଜ୍ଞ ଜ୍ୟୋତିର୍ମୟ ପୃଷ୍ଟି ଯୋଗଦେଇ କହିଲେ, ଶିକ୍ଷା-ସ୍ୱାସ୍ଥ୍ୟ ପରସ୍ପର ପରିପୂରକ । ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟରେ ପଢୁଥିବା ପ୍ରଥମରୁ ଦଶମ ଛାତ୍ରଛାତ୍ରୀଙ୍କ ଆଖି ପରୀକ୍ଷା କରାଯିବ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ ଯୋଗଦେଇ ବ୍ଲକର ୨୩୬ ସରକାରୀ ବିଦ୍ୟାଳୟରେ କିପରି ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହେବ ଏବଂ କୌଣସି ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ନ ହେବେ ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ୧୭ କ୍ଲଷ୍ଟରର ସିଆରସିସି, ଦୁଇଜଣ ଗୋଷ୍ଠୀ ସମ୍ବଳ ଶିକ୍ଷକ ଓ ୯ ଜଣ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ସିଆରସିସି ଅକ୍ଷୟ କୁମାର ପୋଥାଳ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରାର୍ଥୀମାନେ ବିଦ୍ୟାଳୟକୁ ଯାଇ ପ୍ରାଥମିକ ଭାବେ କିପରି ଛାତ୍ରଛାତ୍ରୀଙ୍କ ଆଖି ପରୀକ୍ଷା କରିବେ ସେ ସମ୍ପର୍କରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ସେମାନଙ୍କ ରିପୋର୍ଟ ଆଧାରରେ ବ୍ଲକର ୨୬ ପଞ୍ଚାୟତକୁ ୬ଟି ଜୋନ୍‌ରେ ବିଭକ୍ତ କରାଯାଇ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯିବ ଓ ପରେ ଆବଶ୍ୟକ ଅନୁଯାୟୀ ମାଗଣାରେ ଚଷମା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି ।

## ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସତ୍ୟପ୍ରକାଶ




ରାଜକନିକା, ୧୩ ।୧୨(ସମିସ): ରାଜକନିକା ବ୍ଲକ ବାଙ୍ଗରକୁଆଁ ଗାଁର ସୁରେଶ ରାଉତ ଓ ସ୍ୱପ୍ନାରାଣୀ ରାଉତଙ୍କ ପଞ୍ଚମ ଶ୍ରେଣୀରେ ପଢୁଥିବା ପୁଅ ସତ୍ୟପ୍ରକାଶ ରାଉତ (୧୦) 'ଇଣ୍ଡିଆ ବୁକ୍ ଅଫ ରେକର୍ଡସ'-୨୦୨୫ରେ ନାମ ରଖି ରାଜକନିକା ପାଇଁ ଗୌରବ ଆଣିଛନ୍ତି । ସତ୍ୟପ୍ରକାଶ ରାଉତ ବାପା ମା'ଙ୍କ ସହ ବେଙ୍ଗାଲୁରୁରେ ରୁହନ୍ତି । ସେଠାରେ ସ୍ୱାମୀ ବିବେକାନନ୍ଦ ଇଂରାଜୀ ମାଧ୍ୟମ ସ୍କୁଲରେ ୫ଶ୍ରେଣୀରେ ପଠା ପଢ଼ନ୍ତି । ଏଥିସହ ସେ ବିଭିନ୍ନ କୁଇଜ ପ୍ରତିଯୋଗିତାରେ ଭାଗନେଇ ଅନେକ ବିଷୟରେ ତଥ୍ୟ ସଂଗ୍ରହ କରିଛନ୍ତି । ଏଡିଟୋରିଆଲ୍ ବୋର୍ଡ୍ ତାଙ୍କ କାମକୁ ମାନ୍ୟତା ଦେଇଥିବାରୁ ନିଜ ନାମକୁ 'ଇଣ୍ଡିଆ ବୁକ୍ ଅଫ ରେକର୍ଡସ'ରେ ରଖି କେନ୍ଦ୍ରାପଡ଼ା ଜିଲ୍ଲା ଏବଂ ରାଜକନିକା ବ୍ଲକ ପାଇଁ ଗୌରବ ଆଣିଛନ୍ତି ।

## ଦୋକାନରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ



ମହାକାଳପଡ଼ା, ୧୩।୧୨(ସମିସ): ଦୋକାନ ଭିତରେ ଜଣେ ବୃଦ୍ଧ ବ୍ୟକ୍ତି ରାତିରେ ଶୋଇଥିବା ସମୟରେ କେତେକ ଦୁର୍ବୃତ୍ତ ନିଆଁ ଲଗାଇଦେଇଛନ୍ତି । ଏ ନେଇ ବୃଦ୍ଧ ଜଣକ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି । ମାର୍ଶାଘାଇ ଥାନା ଅଧୀନ ବଡ଼କୂଳ ପଞ୍ଚାୟତର ଦହିମାଛ ଗ୍ରାମର ବଳରାମ ରାଉତ (୭୯) ଶୁକ୍ରବାର ରାତିରେ ତାଙ୍କ ଦୋକାନରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ଦୋକାନ ଆଗରେ ଢୋଢୋ ଶବ୍ଦ ଶୁଣିଥିଲେ । କିଛି ସମୟ ପରେ ଦୋକାନ କବାଟ ବାଡ଼େଇବା ଶୁଣି ଭୟଭୀତ ହୋଇପଡ଼ିଥିଲେ ବଳରାମ । ସେ ଭୟରେ ଦୋକାନ କବାଟ ନ ଖୋଲିବାରୁ ଦୋକାନ ସ୍କାଏ ଲାଇଟ୍ ଭାଙ୍ଗି ଭିତରକୁ ନିଆଁ ହୁଳା ପକାଇବାରୁ ଦୋକାନରେ ଥିବା ଫ୍ରିଜ, କିଛି ସାମଗ୍ରୀ ଓ ଘୋଡ଼ାଇ ହୋଇଥିବା କମ୍ବଳରେ ନିଆଁ ଲାଗି ଜଳିବାରୁ ସେ ଜୀବନ ବିକଳରେ ବାହାରକୁ ଚାଲି ଆସିଥିଲେ । ବାହାରେ ସେ ନିଜ ଗ୍ରାମ ଓ ପାଖ ଗ୍ରାମର କିଛି ବ୍ୟକ୍ତି ବାହାରେ ଛିଡ଼ା ହୋଇଥିବା ଓ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ପୁଅ ସେମାନଙ୍କ ଟାର୍ଗେଟରେ ନ ଥିବା କହି ସେଠାରୁ ଚାଲିଯାଇଥିଲେ । ଏ ନେଇ ବଳରାମ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏତଲା ଆଧାରରେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

**ଥାନାରେ ଏତଲା ଦେଲେ ବୃଦ୍ଧ**

## ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୩।୧୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଟ୍ରଲର ଜବତ କରିବା ସହ ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ମାଉଥ ନିକଟରେ ବେଆଇନ ଭାବେ ମାଛ ମାରୁଥିବା ମା' ଅର୍ଣ୍ଣପୂର୍ଣ୍ଣା-୮୫ ନାମକ ଟ୍ରଲରକୁ ଜବତ କରାଯାଇଛି । ଟ୍ରଲରରେ ଥିବା ଶଙ୍କର ମଣ୍ଡଳ, ଦିବାକର ଦାସ, ଜଡ଼ା ମଲ୍ଲିକ, ଜଗବନ୍ଧୁ ଦାସ, ପ୍ରଦୀପ ଦାସ, ଶିବ ଦାସ, ଭାଶାଲି ମଲ୍ଲିକ, ଚନ୍ଦନ ମହାନ୍ତି ପ୍ରମୁଖ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ଟ୍ରଲରରୁ ୧ଟି ଜିପିଏସ, ୨ଟି ଭିଏଚଏଫ, ଟ୍ରଲିଂ ନେଟ ୯ଟି, ୪.୭୦ କ୍ୱିଣ୍ଟାଲ ମାଛ ଜବତ କରାଯାଇଛି । ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଗହୀରମଥା ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ ଗଭୀର ସମୁଦ୍ରରେ ପଇଁତରା ମାରୁଥିବାବେଳେ ଏହି ଟ୍ରଲରକୁ ଜବତ କରିଥିଲେ ।




## ନୀଳାଚଳ ସାରସ୍ୱତ ସଂଘର ଅଧିବେଶନ ଓ ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ, ୧୩।୧୨(ସମିସ): ନୀଳାଚଳ ସାରସ୍ୱତ ସଂଘ ପୁରୀ ଅନ୍ତର୍ଗତ କେନ୍ଦ୍ରାପଡ଼ା ଜିଲ୍ଲା ସଂଘ ଓ ଓଉପଦା ସାରସ୍ୱତ ସଂଘ ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ସଂଘର ୬୪ତମ ଅଧିବେଶନ ଓ ଓଉପଦା ସାରସ୍ୱତ ସଂଘର ୫୬ତମ ବାର୍ଷିକ ଉତ୍ସବ ପଟ୍ଟାମୁଣ୍ଡାଇ ମଣ୍ଡଳର ଓଉପଦା ସାରସ୍ୱତ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ନୀଳାଚଳ ସାରସ୍ୱତ ସଂଘ ପୁରୀ ପରିଚାଳନା କମିଟି ପରିଚାଳକ ଶରତ ସିଂଦେଓ ପରିଚାଳନା କରିଥିଲେ । ସଭ୍ୟ ସଂଗ୍ରାମ କେଶରୀ ସିହ୍ନା, ସଂଗ୍ରାମ କେଶରୀ ମଲ୍ଲିକ, କେନ୍ଦ୍ରାପଡ଼ା ଜିଲ୍ଲା ସଂଘ ସଭାପତି ବିଜୟ ପରିଜା, ସମ୍ପାଦକ ରମାକାନ୍ତ ମହାପାତ୍ର ଓ ଓଉପଦା ସାରସ୍ୱତ ସଂଘ ସଭାପତି ମୁରଲୀଧର ଜେନା, ସମ୍ପାଦକ ଦୁର୍ଗାଚରଣ କର ପରିଚାଳନାରେ ସହଯୋଗ କରିଥିଲେ । ଏହି ଅଧିବେଶନରେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁଙ୍କ ସମେତ ବହୁ ଅତିଥି ଓ ସ୍ଥାନୀୟ ଅଞ୍ଚଳର ଭକ୍ତ, କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଶାଖା ସଂଘର ଭାଇ ଓ ମାଆ ଯୋଗ ଦେଇଥିଲେ । ଏହି ଅଞ୍ଚଳର ସ୍ଥାନୀୟ ୫ଟି ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ଓସିଏସ ପରୀକ୍ଷାରେ ସଫଳ ହୋଇଥିବା ଶାଶ୍ୱତୀ ମହାପାତ୍ର, ଏମବିବିଏସ ବିଶ୍ୱଜିତ ପରିଡ଼ା ଓ ଜୟଦେବ ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ତାରିଣୀ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ କ୍ରୀଡ଼ା




ମାର୍ଶାଘାଇ, ୧୩ ।୧୨(ସମିସ): ମାର୍ଶାଘାଇ ବ୍ଲକ ଗରଜଙ୍ଗା ତାରିଣୀ ଶିକ୍ଷାନୁଷ୍ଠାନ ସମୂହର ୧୯ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀବତ୍ସ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଆଇଆଇସି ତପନ କୁମାର ନାୟକ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଏବିଇଓ ସୁଶାନ୍ତ କୁମାର ବେଉରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ କ୍ରୀଡ଼ାର ସମ୍ପର୍କ ବିଷୟରେ ଅବଗତ କରିଥିଲେ । ପଦାର୍ଥ ବିଜ୍ଞାନ ଅଧ୍ୟାପକ ତୁଷାର କୁମାର ସାହୁ କ୍ରୀଡ଼ା ପରିଚାଳନା କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଜ୍ଞାନରଞ୍ଜନ କୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ବୈଠକ



ରାଜନଗର, ୧୩।୧୨(ସମିସ): ସାନବଡ଼ଗୋପାଳପୁରସ୍ଥ ବୀଣାପାଣି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଦାମୋଦର ସ୍ୱାଇଁଙ୍କ ପୌରୋହିତ୍ୟରେ ଶିକ୍ଷକଙ୍କ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ସମ୍ପାଦକ ଚିତ୍ତରଞ୍ଜନ ସାହୁଙ୍କ ସଂଯୋଜନାରେ ଅବସରପ୍ରାପ୍ତ ବିଇଓ ନଳିନୀ ରାଉତରାୟ, ଅବସରପ୍ରାପ୍ତ ଏବିଇଓ ବିଜୟ ଜେନା, ଜିଲ୍ଲା ସହସମ୍ପାଦକ ତୁଷାର ସ୍ୱାଇଁ, ରାଜ୍ୟ ସମ୍ପାଦକ ସୁଶାନ୍ତ ପ୍ରଧାନ, ଶିକ୍ଷକ ଦୟାନିଧି ସ୍ୱାଇଁ, ଶ୍ୟାମସୁନ୍ଦର ନାଥ, ଅମର ଜେନା, ହେମନ୍ତ ବାରିକ, ଦିଲ୍ଲୀପ ରାଉତ, ମମତାରାଣୀ ବିଶ୍ୱାଳ, ସୁନାକର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଧାନଶିକ୍ଷକ ଦୟାନିଧି ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ମହାବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ




ରାଜନଗର, ୧୩ ।୧୨(ସମିସ): ସ୍ଥାନୀୟ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ କଲେଜ ପରିସର ସଫେଇ କରାଯାଇଛି । ଏନ୍‌ଏସ୍‌ଏସ୍‌ର +୩ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ଆଲୋକ ବେହେରାଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା । +୨ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରଞ୍ଜନ କୁମାର ଦଳାଇ ସହଯୋଗ କରିଥିଲେ । ୟୁଥ୍ ରେଡ୍‌କ୍ରସ୍ କାଉନସେଲର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଅନସୂୟା ବେହେରା, ଅଧ୍ୟାପକ ପ୍ରଣୟ କୁମାର ବେହେରା, ବିଚିତ୍ରାନନ୍ଦ ପାଣି, ଅଭିଜିତ ଖୁଣ୍ଟିଆ, ବିନୋଦ କୁମାର ସେଠୀ, ବରିଷ୍ଠ କିରାଣି ପ୍ରଦୀପ୍ତ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଶତାଧିକ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସଫେଇ କରିଥିଲେ ।

## ସଂସ୍କୃତ କଲେଜର ବାର୍ଷିକ କ୍ରୀଡ଼ା ଉଦଯାପିତ




ରାଜନଗର, ୧୩ ।୧୨(ସମିସ): ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ତିନିଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଛି । ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଯୋଗଦେଇ କ୍ରୀଡ଼ା ଅଭ୍ୟାସ ଜାରି ରଖିଲେ ଭବିଷ୍ୟତରେ ସୁନାମ ଅର୍ଜନ କରିବେ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସୁଧୀର ରଞ୍ଜନ ବେହେରା କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ । ସାଂସ୍କୃତିକ ପ୍ରତିଯୋଗିତାରେ ବିଚାରକ ଭାବେ ୟୁକେ ମହାବୀର କଲେଜର ଅଧ୍ୟାପକ ଅରୁଣ କୁମାର ଦାଶ ଓ ଶୁଭକାନ୍ତ ନାୟକଙ୍କ ସହ ଶତ୍ରୁଘ୍ନ ତରାଇ ଯୋଗଦେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷ ଡ. ମିଶ୍ର ସୂଚନା ଦେଇଛନ୍ତି । ଅଧ୍ୟାପକ ନୀହାର ରଞ୍ଜନ ପରିଡ଼ା, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ, ସାମ୍ବାଦିକ ଅଭିରାମ ଦାସ, ଅରୁଣ କୁମାର ରାଉତ, ଦୟାନିଧି ସାହୁ, ରବିନାରାୟଣ ଦାସ, ଜଗବନ୍ଧୁ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ହରିଅଙ୍କରେ ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ମୟୂରଭଞ୍ଜ ଓ ଯାଜପୁର

ଡେରାବିଶ, ୧୩ ।୧୨(ସମିସ)



ଡେରାବିଶ ବ୍ଲକ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ୨୪ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦୁଇ ସେମିଫାଇନାଲ ମ୍ୟାଚ୍ ସରିଛି । ଏଥିରେ ମୟୂରଭଞ୍ଜ ଓ ଯାଜପୁର ବିଜୟୀ ହୋଇ ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଶୁକ୍ରବାର ପ୍ରଥମ ସେମିଫାଇନାଲ୍ ମ୍ୟାଚ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଓ ମୟୂରଭଞ୍ଜ ମଧ୍ୟରେ ଖେଳାଯାଇଥିଲା । ମୟୂରଭଞ୍ଜ ୪-୩ ଗୋଲରେ ବିଜୟୀ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ଗୋଲ କରିପାରି ନ ଥିଲେ । ଟାଇ ବ୍ରେକର ଜରିଆରେ ମୟୂରଭଞ୍ଜ ବିଜୟୀ ହୋଇଛି । ମୟୂରଭଞ୍ଜର ଗୋଲକିପର ଉତ୍ତମ ଖେଳ ପ୍ରଦର୍ଶନ କରିଥିବାରୁ ସାଇଶଙ୍କର ଇଲେକ୍ଟ୍ରିକାଲସ୍ ପକ୍ଷରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଆସୋସିଏସନ୍ ସଭାପତି ନୃସିଂହ ନାୟକ, ସମ୍ପାଦକ ଶ୍ରୀଧର ସ୍ୱାଇଁ, ଉପସଭାପତି ବାବୁଲି ସ୍ୱାଇଁ, କୋଷାଧ୍ୟକ୍ଷ ଗୋଲଖ ସ୍ୱାଇଁ, ସଭ୍ୟ ବିଶ୍ୱରଞ୍ଜନ ସାମଲ, ସୁଶାନ୍ତ ସାହୁ, ରାମଚନ୍ଦ୍ର ସେଠୀ, ଅଭୟ ମଲିକ, ଦିଲୀପ ଦାସ, ଶରତ ବେହେରା, ଆଲେଖ ବେଜ, ଅଭିରାମ ମହାନ୍ତି, ସିଲୁ ସାହୁ, ଶତ୍ରୁଘ୍ନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ସେହିପରି ଶନିବାର ଯାଜପୁର ଫୁଟବଲ୍ ଟିମ୍ ଓ କଟକ ଜିଲ୍ଲା ବରହମପୁର ଟିମ୍ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଟାଇ ବ୍ରେକରରେ ଯାଜପୁର ୩-୨ ଗୋଲରେ ବିଜୟୀ ହୋଇ । ଦଳର ଗୋଲକିପରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି । ଅତିଥି ଭାବେ ହାସ୍ୟ ଅଭିନେତ୍ରୀ ଐଶ୍ୱର୍ଯ୍ୟା, ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ଅଲିମ୍ପିକ ବିଜେତା ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଲୋମା ସ୍ୱାଇଁ ଓ ଫିଲ୍ମ ପ୍ରଯୋଜକ ଶିବିର ପରିଡ଼ା ଯୋଗଦେଇଥିଲେ । ଜିତେନ୍ଦ୍ର ବାରିକ, ସୁଶାନ୍ତ ବିଶ୍ୱାଳ ଓ ରିଆଜ କାଦରି ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ ।

## ବିଜ୍ଞାନ ମେଳାରେ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ସଫଳତା

ଡେରାବିଶ, ୧୩ ।୧୨(ସମିସ): ଡେରାବିଶ ବ୍ଲକ କୁରୁଜଙ୍ଗାସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମଣ୍ଡଳସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମରେ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ୫ଜଣ କୁନି ବୈଜ୍ଞାନିକ କୃତିତ୍ୱ ହାସଲ କରିଛନ୍ତି । ବିଜ୍ଞାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରାଙ୍କ ତତ୍ତ୍ୱାବଧାନରେ ଦଶମ ଶ୍ରେଣୀ ଛାତ୍ରୀ ସୁଲଗ୍ନା ସାହୁ 'ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା' ପ୍ରସଙ୍ଗ ନେଇ କରିଥିବା ପ୍ରକଳ୍ପ 'କ୍ଲିନ୍ ଟଏଲେଟ୍ ମିଶନ' ଓ ନବମ ଶ୍ରେଣୀ ଛାତ୍ରୀ ପ୍ରିୟଂଶୀ ସିଂ କରିଥିବା ପ୍ରକଳ୍ପ 'ସାଉଣ୍ଡ ବେସ୍‌ଡ୍ ଆଲାର୍ମ ସିଷ୍ଟମ ଫର ଫରେଷ୍ଟ ସେଫ୍‌ଟି' ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରଶଂସିତ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି । ଏହା ସହିତ ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅଷ୍ଟମ ଶ୍ରେଣୀ ଛାତ୍ର ବଦ୍ରିନାରାୟଣ ସାହୁଙ୍କ ପ୍ରକଳ୍ପ 'ସୁଇସାଇଡ୍ ପ୍ରିଭେନସନ୍ ମଡେଲ' ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଦିବ୍ୟାଜ୍ୟୋତି କରଙ୍କ ତତ୍ତ୍ୱାବଧାନରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଲିପ୍ସାରାଣୀ ବେହେରାଙ୍କ 'ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍' (ଏସ୍‌ଡିଜି) କୁ ନେଇ କରିଥିବା ପ୍ରକଳ୍ପ 'ଜିରୋ ହଙ୍ଗର' ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି । ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଡ. କାନନବାଳା ନାୟକ ସମସ୍ତ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କୁନି ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



# କଟକ ସିଟି



ବଡ଼ ମେଡିକାଲ

# ଏଚ୍‌ଏଲ୍‌ଏ ଲ୍ୟାବ୍‌କୁ ଭୁଲିଗଲେ




**ମେସିନ ଅଣାଯିବା ପାଇଁ ହୋଇଥିଲା ଟେଣ୍ଡର**

**ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଫଳକ ଝୁଲିଛି**

କଟକ,୧୩।୧୨(ସମିସ):

ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲ ଭାବେ ପରିଗଣିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ବୃକ୍କ ପ୍ରତିରୋପଣ ଗତ ଏକ ଦଶନ୍ଧି ଧରି ହେଉଛି। ଗତବର୍ଷଠାରୁ ଲିଭର ପ୍ରତିରୋପଣ ଆରମ୍ଭ ହୋଇଛି। ଆଗାମୀ ଦିନରେ ହୃତପିଣ୍ଡ ପ୍ରତିରୋପଣ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ଘୋଷଣା କରି ସାରିଛି। ପ୍ରତିରୋପଣ ନିମନ୍ତେ ଅତ୍ୟାବଶ୍ୟକ ଏଚ୍‌ଏଲ୍‌ଏ ମ୍ୟାଚିଂ ବ୍ୟବସ୍ଥା ପ୍ରଥମଥର ନିମନ୍ତେ ରାଜ୍ୟର କୌଣସି ସରକାରୀ ହସ୍ପିଟାଲ ଭାବେ ଏସ୍‌ସିବିରେ ଉପଲବ୍ଧ ହେବ ବୋଲି ପୂର୍ବରୁ କୁହାଯାଇଥିଲା। ଏଠାକାର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଏଚ୍‌ଏଲ୍‌ଏ ମ୍ୟାଚିଂ ଲାବ୍ରୋଟୋରୀ ଖୋଲିଥାନ୍ତା। ଏଥିନିମନ୍ତେ ଟେଣ୍ଡର ପ୍ରକ୍ରିୟା ଚାଲିଥିବା ମଧ୍ୟ କର୍ତ୍ତୃପକ୍ଷ କହିଥିଲେ। ପୂର୍ବରୁ ପ୍ରତିରୋପଣ ନିମନ୍ତେ ଏଚ୍‌ଏଲ୍‌ଏ ମ୍ୟାଚିଂ ପାଇଁ ରାଜ୍ୟ ବାହାରକୁ ନମୁନା ପଠାଯାଉଥିଲା। ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ପଠାଯାଉଛି। ଲାବ୍ରୋଟୋରୀ ହେଲେ ଏସ୍‌ସିବି ମେଡିକାଲରେ ପ୍ରତିରୋପଣ ପ୍ରକ୍ରିୟା ଆହୁରି ସରଳୀକରଣ ହୋଇପାରନ୍ତା। ମାତ୍ର ଲାବ୍ରୋଟୋରୀ ଖୋଲିବା ଯୋଜନାରେ ଅଟକି ଯାଇଛି।

ହ୍ୟୁମାନ ଲ୍ୟୁକୋସାଇଟ ଆଣ୍ଟିଜେନ ତଥା ଏଚ୍‌ଏଲଏ। ପ୍ରତ୍ୟେକ ପ୍ରତିରୋପଣ ନିମନ୍ତେ ଏଚଏଲ୍‌ଏ ମ୍ୟାଚିଂ ନିହାତି ଜରୁରୀ। ଏହା ରକ୍ତ ନମୁନା ମ୍ୟାଚିଂ ଭଳି ସାଧାରଣ ପ୍ରକ୍ରିୟା ନୁହେଁ। ରକ୍ତ କଣିକାରେ ଥିବା ପ୍ରୋଟିନକୁ ଆଣ୍ଟିଜେନ କୁହାଯାଏ। ଏଚ୍‌ଏଲ୍‌ଏ ମ୍ୟାଚିଂରେ ଆଣ୍ଟିଜେନ ମେଳ ଖାଉଛି କି ନାହିଁ ତାହା ପରୀକ୍ଷା କରାଯାଏ। ରୋଗୀ ଏବଂ ଡୋନରଙ୍କର ଏଚ୍‌ଏଲ୍‌ଏ ରିପୋର୍ଟ ମେଳ ଖାଇଲେ ପ୍ରତିରୋପଣ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ବୃକକ ପ୍ରତିରୋପଣ କ୍ଷେତ୍ରରେ ଏସ୍‌ସିବି ମେଡିକାଲର ୟୁରୋଲୋଜି ବିଭାଗ ସଫଳପୂର୍ଣ୍ଣ ଭାବେ କାର୍ଯ୍ୟ କରୁଛି। ୨୦ରୁ ଅଧିକ କାଡ଼ାଭରିକ ପ୍ରତିରୋପଣ ସମେତ ୨୦୦ରୁ ଅଧିକ ସାଧାରଣ ବୃକକ ପ୍ରତିରୋପଣ ଏଠାରେ ହୋଇ ସାରିଲାଣି। ହେଲେ ଏଚ୍‌ଏଲ୍‌ଏ ମ୍ୟାଚିଂ ନିମନ୍ତେ କିଛି ନିର୍ଦ୍ଦିଷ୍ଟ ଘରୋଇ ଲାବ୍ରୋଟୋରୀ ଜରିଆରେ ନମୁନା ରାଜ୍ୟ ବାହାରକୁ ପଠାଯାଉଥିଲା। ଯେଉଁଥିପାଇଁ ଅନେକ ସମୟରେ ଅସନ୍ତୋଷ ଉପୁଜିବା ସହିତ ସମୟର ଅପଚୟ ହେଉଥିଲା। ପୂର୍ବରୁ ଏଚ୍‌ଏଲ୍‌ଏ ମ୍ୟାଚିଂ ନିମନ୍ତେ ୫ରୁ ୬ ଦିନ ଲାଗୁଥିଲା। ନିକଟ ଅତୀତରେ ଯେଉଁସବୁ ପ୍ରତିରୋପଣ ବଡ ମେଡିକାଲରେ କରାଯାଇଛି, ଏହାର ଏଚଏଲଏ ମ୍ୟାଚିଂ ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ଉପରେ ନିର୍ଭର କରାଯାଉଛି। ଏସ୍‌ସିବି ମେଡ଼ିକାଲରେ ଲାବ୍ରୋଟୋରୀ ଖୋଲିଲେ ୨ ଦିନରେ ମ୍ୟାଚିଂ ହୋଇ ପାରିବ ବୋଲି ଜଣେ ଡାକ୍ତର ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

# ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ ଧମକ

## ଯୁବକ ଗିରଫ: ଫଟୋ ଓ ଭିଡିଓ ଜବତ

**କଟକ,୧୩।୧୨(ସମିସ):** ବାରଙ୍ଗା ଥାନାଞ୍ଚଳରେ ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଦେବାକୁ ଧମକ ଦେଇ ଜଣେ ଯୁବକକୁ ଆଜି ସାଇବର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତର ନାଁ ମନୋଜ କୁମାର ଦାସ(୨୭) ହୋଇଥିବା ବେଳେ ତା'ଘର ବେଲଗଛିଆ ଗାଁରେ। ସେ ଅସଦ ଉପାୟରେ ସମ୍ପୃକ୍ତ ମହିଳାଙ୍କ ନଗ୍ନ ଫଟୋ ଉତ୍ତୋଳନ କରି ନିଜ ପାଖରେ ରଖିଥିଲା। ଏହାପରେ ମନୋଜ ସମ୍ପୃକ୍ତ ମହିଳାଙ୍କୁ ହୋଟେଲ୍ ଡାକି ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ଯଦି ମହିଳା ଜଣକ ମନୋଜ କଥାରେ ରାଜି ନ ହୁଅନ୍ତି, ତେବେ ଉକ୍ତ ଫଟୋ ଓ ଭିଡ଼ିଓ ଭାଇରାଲ୍ କରିବା ସହିତ ତାଙ୍କ ସ୍ୱାମୀ ଓ ପୁଅକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ମହିଳା ଜଣକ ଏ ସମ୍ପର୍କରେ ସାଇବର ଥାନାରେ ଏତଲା ଦେଇଥିଲେ। ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍) ଧାରା /୭୯/୨୯୪(୨)/୩୫୧(୨)/୩୫୧(୩) ଏବଂ ଧାରା ୬୬(ଇ), ୬୭, ୬୭(ଏ) ରେ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶେଷରେ ମନୋଜକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।



ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରୀ ମହିଳାଙ୍କୁ ମନୋଜ ୪୪୭୧୨୬୨୮୪୯ ଓ ୪୪୭୧୨୬୨୭୩୧ ନମ୍ବରରୁ ଫୋନ୍ କରି ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ଶାରୀରିକ ସମ୍ପର୍କ ପାଇଁ ଚାପ ପକାଉଥିଲା। ଏହା ପରେ ମହିଳାଙ୍କ ହ୍ୱାଟସଆପ୍‌କୁ ତାଙ୍କ ନଗ୍ନ ଫଟୋ ଓ ଭିଡ଼ିଓ ପଠାଇ ହୋଟେଲରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ଯଦି ମହିଳା ଏହି ସର୍ତ୍ତରେ ରାଜି ନ ହୁଅନ୍ତି, ତେବେ ଫଟୋ ଓ ଭିଡ଼ିଓକୁ ସୋସିଆଲ୍ ମିଡିଆରେ ଭାଇରାଲ୍ କରିବା ସହିତ ଗାଁ ଛକରେ ଟାଙ୍ଗିଦେବାକୁ ଧମକ ଦେଇଥିଲା। ଏହାପରେ ଅଭିଯୋଗକାରୀ ବାରଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ମନୋଜ କିଛି ଦିନ ମହିଳାଙ୍କୁ ହଇରାଣ କରିବା ବନ୍ଦ କରି ଦେଇଥିଲା। ତେବେ ମନୋଜ ପୁନର୍ବାର ୮୯୮୪୧୭୪୯୮୪ ନମ୍ବରରୁ ପୁଣି ଥରେ ନଗ୍ନ ଫଟୋ ଓ ଭିଡ଼ିଓ ପଠାଇଥିଲା। ହ୍ୱାଟସଆପରେ ଭିଡିଓ କଲ୍‌ରେ ମହିଳାଙ୍କ ସ୍ୱାମୀ ଓ ପିଲାମାନଙ୍କୁ ହତ୍ୟା କରିବା ଧମକ ଦେଇ ୩ ଲକ୍ଷ ଟଙ୍କା ମଧ୍ୟ ଦାବି କରିଥଲା। ବାରଙ୍ଗ ଥାନା ପୁଲିସ ସହାୟତାରେ ସାଇବର ଥାନା ପୁଲିସ ତଦନ୍ତ କରି ମନୋଜକୁ ଗିରଫ କରିଛନ୍ତି।

# ଦୁର୍ଘଟଣାରେ ଛାତ୍ର ମୃତ

**କଟକ,୧୩।୧୨(ସମିସ):** ନରାଜ ବେଲିଭ୍ୟୁ ଟିଂବନ୍ଧ ରାସ୍ତାରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ବସ ପଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସ୍ଥାନୀୟ ଏକ ଘରୋଇ କଲେଜର ଛାତ୍ର। ମର୍କତନଗର ଥାନା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ସୂଚନା ଅନୁସାରେ, ଶନିବାର ଅପରାହ୍ନ ପ୍ରାୟ ୫ଟାରେ ଏକ ବାଇକରେ ଛାତ୍ର ଜଣକ ନରାଜରୁ ବେଲିଭ୍ୟୁ ଛକ ଆଡକୁ ଆସୁଥିଲେ। ସେହି ରାସ୍ତାର ଅପରପଟେ ଏକ ଘରୋଇ କଲେଜର ବସ ବେଲିଭ୍ୟୁ ପଟୁ ନରାଜ ରାସ୍ତାରେ ଆସୁଥିଲା। କିଛି ପ୍ରତ୍ୟେକ୍ଷଦର୍ଶୀଙ୍କ କହିବାନୁସାରେ, କଲେଜ ବସଟି ସେକ୍ଟର ୧୦ ବିରେନ ମିତ୍ର ପାର୍କ ଗଡା ନିକଟ ଟିଂବନ୍ଧ ରାସ୍ତାର କଟ ପଏଣ୍ଟରେ ଡାହାଣ ପଟକୁ ଆସିଥିଲା। ତେବେ ବସଟି ହଠାତ ମଝି ରାସ୍ତାକୁ ଆସିଯିବାରୁ ଦ୍ରୁତଗତିରେ ଆସୁଥିବା ବାଇକ ଚାଳକ ଜଣକ ଭାରସାମ୍ୟ ହରାଇ ବସିଥିଲେ। ସେ ବ୍ରେକ ମାରି ନିଜ ଗାଡିକୁ ରୋକିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ସେ ବାମ ପଟ ରାସ୍ତାରେ ଯିବାକୁ ଉଦ୍ୟମ କଲାବେଳେ ବସ ପଛପଟେ ତାଙ୍କ ବାଇକ ଜୋରରେ ମାଡ ହୋଇଥିଲା। ଏଥିଯୋଗୁଁ ବାଇକ ଚାଳକ ଜଣକ ବହୁ ଦୂରକୁ ଛିଟକି ପଡି ଆହତ ହୋଇଥିଲେ। ତାଙ୍କର ମୁଣ୍ଡ, କାନ୍ଧ, ଗୋଡ, ହାତ ସମେତ ଶରୀର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ମର୍କତନଗର ଥାନା ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲ ପଠାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରୁ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରିଛି। ଘଟଣା ସମ୍ପର୍କରେ ମୃତକଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସତ୍ୟବ୍ରତ ଭୁତିଆ ସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ରାଜଭବନ ଅଭିଯାନ ପ୍ରସ୍ତୁତି

କଟକ,୧୩।୧୨(ସମିସ): ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଖପୁରିଆ ଜୋନାଲ୍ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଆଜି ଖପୁରିଆସ୍ଥିତ ଗଭର୍ଣ୍ଣମେଣ୍ଟ ପ୍ରେସ୍ କଲୋନୀର ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସାଥୀ କ୍ଷୀରୋଦଚନ୍ଦ୍ର ଦୀକ୍ଷିତଙ୍କ ସଭାପତିତ୍ୱରେ ଏହି ବୈଠକରେ ଆଗାମୀ ଡିସେମ୍ବର ୧୭ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା "ରାଜଭବନ ଅଭିଯାନ' କାର୍ଯ୍ୟକ୍ରମରେ ଖପୁରିଆ ଜୋନ୍‌ରୁ ଶତାଧିକ ପେନସନର ସାମିଲ ହେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜୋନ୍ ସମ୍ପାଦକ ସାଥୀ ବିଭୂତି ଭୂଷଣ ମହାନ୍ତି ଏହି ଅଭିଯାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଭିଯାନର ସଫଳତା ପାଇଁ ସମ୍ପାଦକ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ଜୋନ୍‌ର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ମହାପାତ୍ର, କସ୍ତୁରୀ ଚରଣ ନନ୍ଦୀ, ଜୀବନାନନ୍ଦ ମିଶ୍ର, ଲକ୍ଷ୍ମଣ ବେହେରା, ଦୟାନିଧି ସାହୁ, ନିରଞ୍ଜନ ପଣ୍ଡା, ସ୍ମୃତିରଞ୍ଜନ ଚୌଧୁରୀ, ପ୍ରତାପ କୃଷ୍ଣ କର, କାମଦେବ ପାତ୍ର, ହେମନ୍ତ ମହାନ୍ତି, ନୃସିଂହ ଚରଣ ସାହୁ, ଫଗୁ ଚରଣ ଜେନା, ଉମେଶ ଚନ୍ଦ୍ର ଭୂୟାଁ ଓ ମାଧବାନନ୍ଦ ଲେଙ୍କା ଆଦି ପ୍ରମୁଖ ନେତୃତ୍ୱମାନେ ସମର୍ଥନ ଜଣାଇଥିଲେ। ଏହି ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ମହାସଂଘର ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ଦାସ, କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳଚନ୍ଦ୍ର ଦାସ ଓ ମହାସଚିବ ଗୋକୁଳାନନ୍ଦ ବେହେରା ଯୋଗଦେଇଥିଲେ।

# ସମାଜସେବୀ ସମ୍ବର୍ଦ୍ଧିତ

**କଟକ,୧୩।୧୨(ସମିସ):** ମାନବିକ ଅଧିକାର ସୁରକ୍ଷା ପରିଷଦ ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ "ବିଶ୍ୱ ମାନବାଧିକାର ଦିବସ' ଅବସରରେ ଯୁବ ସମାଜସେବୀ ଶେଖ୍ ଇନଜାମାମୁଲ ହକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଶିବଶଙ୍କର ମିଶ୍ର ତାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ପରିଷଦର ଜାତୀୟ ଅଧ୍ୟକ୍ଷ ତଥା ପୂର୍ବତନ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଏଏସ ନାଇଡୁ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ।

# ଶୀତ ବସ୍ତ୍ର ଓ ମାସ୍କ ବିତରଣ କାର୍ଯ୍ୟକ୍ରମ

**କଟକ,୧୩।୧୨(ସମିସ):** ରୋଟାରୀ କ୍ଲବ କଟକ ଓ ମା' ମଙ୍ଗଳା ବରିଷ୍ଠ ନାଗରିକ ସଂଘ ପାଟରା ସାହି ଆନୁକୂଲ୍ୟରେ କଟକ ରୋଟାରୀ କ୍ଲବର ପ୍ରାକ୍ତନ ସଭାପତି ରୋଟାରିଆନ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳଙ୍କ ଜ୍ୟେଷ୍ଠପୁତ୍ର ଇଂ ପାର୍ଥ ପ୍ରତିମ ଓ ପୁତ୍ରବଧୂ ପ୍ରଫେସର ଯଶସ୍ୱୀଙ୍କର ୨୯ ତମ ବିବାହ ବାର୍ଷିକ ଉପଲକ୍ଷେ ସ୍ଥାନୀୟ ୩୦ଜଣ ସଫେଇ କର୍ମଚାରୀଙ୍କ ମଧ୍ୟରେ ଇଂ ଶ୍ରୀ ବିଶ୍ୱାଳ ପ୍ରଦତ୍ତ କମ୍ବଳ ଓ ମାସ୍କ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମେୟର ସୁବାସ ସିଂହ ଉଦଘାଟନ କରିଥିଲେ। ସ୍ଥାନୀୟ କର୍ପୋରେଟର ବଟକୃଷ୍ଣ ସାହୁ, ଶିକ୍ଷାବିତ ହେମେନ୍ଦ୍ର ନାରାୟଣ ଦାସ, ପ୍ରଫେସର ଡା. ପ୍ରଫୁଲ୍ଲ ମହାପାତ୍ର, ହରି ନାରାୟଣ ବେବର୍ତ୍ତା, ପ୍ରିୟରଞ୍ଜନ ମହାପାତ୍ର, ବୀରକିଶୋର ଜେନା, ଅକ୍ଷୟ ସାହୁ, ଇଂ ରମାକାନ୍ତ ପ୍ରଧାନ, ପ୍ରଫୁଲ୍ଲ ଲେଙ୍କା, ବରଦା ପ୍ରସାଦ ପଟ୍ଟନାୟକ, ସୁରେନ୍ଦ୍ରନାଥ ଦାସ, ଜେପିଏମ ଚକ୍ଷୁ ଚିକିତ୍ସାଳୟର ଉପସଭାପତି ଅକ୍ଷୟ ସାହୁ, ରୋଟାରିଆନ ଚୈତନ୍ୟ ବେହେରା, ରୋଟାରିଆନ ଇଂ ପ୍ରଶାନ୍ତ ମହାନ୍ତି, ବ୍ୟାସଦେବ ପାତ୍ର, ପ୍ରତାପ କିଶୋର ଦାସ, ବିବେକାନନ୍ଦ ସାହୁ, ବଦ୍ରିନାରାୟଣ ଲେଙ୍କା, ରାଜକିଶୋର ବେହେରା ପ୍ରମୁଖ ଯୋଗଦେଇଥିଲେ।




# ଜଷ୍ଟିସ ଗତିକୃଷ୍ଣ ମିଶ୍ରଙ୍କ ଜୀବନୀ 'ପଙ୍କରୁ ପଦ୍ମ' ଉନ୍ମୋଚିତ

**କଟକ, ୧୩।୧୨ (ସମିସ):** ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଗତିକୃଷ୍ଣ ମିଶ୍ର ଓଡ଼ିଶା ବିଚାର ବ୍ୟବସ୍ଥାର ଥିଲେ ଭୀଷ୍ମ ପିତାମହ। ୯୬ ବର୍ଷ ବୟସରେ ଶେଷ ନିଶ୍ୱାସ ନେବା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଉଦାହରଣ ଥିଲେ। ଆଜି ମଧ୍ୟ ତାଙ୍କର ସେହି ଅବଦାନ ବିଚାର ବିଭାଗକୁ ଋଦ୍ଧିମନ୍ତ କରୁଛି ବୋଲି ସୁପ୍ରମକୋର୍ଟର ବିଚାରପତି ଜଷ୍ଟିସ ଆଲୋକ ଆରଦେ ମତ ପ୍ରକାଶ କରିଛନ୍ତି। ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଜଷ୍ଟିସ ମିଶ୍ରଙ୍କ ସୁପୁତ୍ର ବିରଜା ମିଶ୍ରଙ୍କ ଲିଖିତ ଲୋଟସ ଫ୍ରମ୍ ଦି ସ୍ୱାମ୍ପ (ପଙ୍କରୁ ପଦ୍ମ) ଜଷ୍ଟିସ ମିଶ୍ରଙ୍କ ଜୀବନୀକୁ ଜଷ୍ଟିସ ଆରାଦେ ଉନ୍ମୋଚନ କରି ଏହା ପ୍ରକାଶ କରିଛନ୍ତି। ଉତ୍ସବରେ ମୁଖ୍ୟବକ୍ତା ଭାବେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ଉଦବୋଧନ ଦେଇ ସ୍ୱର୍ଗତ ଜଷ୍ଟିସ ମିଶ୍ରଙ୍କ ଅସାଧାରଣ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ପ୍ରଶାସକ ବିବେକ ପଟ୍ଟନାୟକ ଉଦବୋଧନ ଦେଇଥିଲେ। ପ୍ରାରମ୍ଭରେ ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କେଦାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବରିଷ୍ଠ ଆଇନଜୀବୀ ସୌର୍ଯ୍ୟକାନ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିଳ୍ପପତି ଭଲାଚନ୍ଦ୍ର ମହାନ୍ତି, ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ପରିଚାଳନା କରିଥିଲେ।




# ଜାଭିୟର୍ସ ପ୍ଲେ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ




**କଟକ,୧୩।୧୨(ସମିସ):** ଆଲମଚାନ୍ଦ ବଜାରସ୍ଥିତ ଜାଭିୟର୍ସ ପ୍ଲେ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ପ୍ୟାରୀମୋହନ ଏକାଡେମୀ ସ୍କୁଲ ଖେଳ ପଡ଼ିଆରେ ଅତ୍ୟନ୍ତ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ସ୍କୁଲର ପ୍ରାୟ ୩୫ ଜଣ ଛୋଟ ଛୋଟ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କେବଳ ଛାତ୍ରଛାତ୍ରୀ ନୁହନ୍ତି, ଅଭିଭାବକମାନଙ୍କ ମଧ୍ୟରେ ମଧ୍ୟ କୌତୁକପୂର୍ଣ୍ଣ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରିନ୍ସିପାଲ ଅନସୁୟା ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡ଼ା ଉତ୍ସବକୁ ସୁରୁଖୁରୁରେ ପରିଚାଳନା କରାଯାଇଥିଲା। ଶିକ୍ଷୟିତ୍ରୀଙ୍କ ମଧ୍ୟରେ କୁମାରୀ ମଧୁଲିକା ଓ ସୋନାଲିସା ସିଂହ ଏବଂ ସହାୟିକା ରାକ୍ଷୀ ସାହୁ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଛୋଟ ପିଲାଙ୍କୁ ଉତ୍ସାହିତ କରିବା ସହ ଅଭିଭାବକମାନେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ସେଣ୍ଟ୍ ଜାଭିୟର୍ସ ପାଣ୍ଡା କବ୍‌ସର ବାର୍ଷିକ କ୍ରୀଡ଼ା ଉତ୍ସବ

**କଟକ,୧୩।୧୨(ସମିସ):** ସିଡିଏ ସ୍ଥିତ ସେଣ୍ଟ୍ ଜାଭିୟର୍ସ ପାଣ୍ଡା କବ୍‌ସ୍ ପ୍ଲେ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ, ସେଣ୍ଟ୍ ଜାଭିୟର୍ସ ସ୍କୁଲ୍, ମିଶନ୍ ରୋଡ଼ ପରିସରରେ ଅନୁଷ୍ଠିତ ହୋଇଛି। ଶତାଧକ ଛାତ୍ରଛାତ୍ରୀ ଓ ଅଭିଭାବକ, ମ୍ୟାନେଜ୍‌ମେଣ୍ଟର ସମସ୍ତ ପଦାଧିକାରୀ ଗହଣରେ ଛାତ୍ରଛାତ୍ରୀଙ୍କ ନୃତ୍ୟର ତାଳେ ତାଳେ, କୁନିପିଲାଙ୍କ ହାତରୁ ପୂର୍ବତନ ରଣଜୀ କ୍ରିକେଟ୍ ଖେଳାଳୀ ପଓ୍ୱନ୍ ଅଗ୍ରୱାଲ ମଶାଲ୍ ନେଇ ମିନି ଅଲିମ୍ପିକ୍‌ସ୍ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଚଳଚ୍ଚିତ୍ର ତାରକା ସତ୍ୟବ୍ରତ ତ୍ରିପାଠୀଙ୍କର ମନମୁଗ୍ଧକର ଭାଷଣ ଶୀତ ସକାଳରେ ପ୍ରାଣ ସଞ୍ଚାର କରିଥିଲା। ଏଥିରେ ଶିକ୍ଷାବିତ ଡଃ ପ୍ରଭୁଚରଣ ମହାନ୍ତି, ସ୍ନିଗ୍ଧା ମହାନ୍ତି ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପିଲାମାନେ ବିଭିନ୍ନ ଦୌଡକୁଦ ପ୍ରତିଯୋଗିତାରେ ଭାଗନେଇ ଦିନଟିକୁ ଖୁବ୍ ଆନନ୍ଦରେ କାଟିଥିଲେ। "ମିନି ଅଲିମ୍ପିକ୍‌ସ୍"ର ସଫଳତା ନିମନ୍ତେ ଅଭିଭାବକଙ୍କୁ ପ୍ରତିଷ୍ଠାତା ସମର୍ଥ ମହାନ୍ତି ଅଶେଷ ଧନ୍ୟବାଦ ଜଣାଇଛନ୍ତି।




# ଜିଲ୍ଲାରେ ୧୫ ହଜାରରୁ ଅଧିକ ମାମଲାର ଫଇସଲା

**କଟକ,୧୩।୧୨(ସମିସ):** କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ଆଜି କଟକ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ପରିସର ସମେତ ତାଲୁକ ସ୍ତରରେ ୨୦୨୫ ମସିହାର ଚତୁର୍ଥ ତଥା ଶେଷ ରାଷ୍ଟ୍ରୀୟ ଲୋକ ଅଦାଲତ ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ଓ ଦୌରାଜଜ୍ ତଥା କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ମାନସ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତା ଏବଂ ସଚିବ ଜଗଦିଶ୍ ଚନ୍ଦ୍ର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ମୋଟ ୩୩,୬୯୬ଟି ମକଦ୍ଦମା ଧାର୍ଯ୍ୟ ହୋଇଥିବା ବେଳେ ସେଥିମଧ୍ୟରୁ ସମୁଦାୟ ୧୫,୧୮୯ଟି ମାମଲାର ବନ୍ଧୁତ୍ୱପୂର୍ଣ୍ଣ ଫଇସଲା କରାଯାଇଛି। ଏହି ଫଇସଲା ମାଧ୍ୟମରେ ମୋଟ ୩୪,୦୪,୦୧,୩୮୦(ପ୍ରାୟ ଚଉତିରିଶ କୋଟି ଟଙ୍କା) ଜରିମାନା ଓ ଅନୁକମ୍ପାମୂଳକ କ୍ଷତିପୂରଣ ରାଶି ସ୍ୱୀକୃତି କରାଯାଇଛି। ଏହି ଅବସରରେ ବିଚାରପତି ମାନସ ରଞ୍ଜନ ପାଠକ, କଟକ ଜଜ୍‌ସିପ୍‌ର ପ୍ରଶାସନିକ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକର କାର୍ଯ୍ୟକାରୀ ଅଧ୍ୟକ୍ଷ ଏବଂ ଅରବିନ୍ଦ ପଟ୍ଟନାୟକ, ସଦସ୍ୟ ସଚିବ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଉକ୍ତ ଲୋକ ଅଦାଲତରେ ଯୋଗଦାନ କରି ସମସ୍ତ କୋର୍ଟ ପରିଦର୍ଶନ କରିଥିଲେ ଏବଂ ମାମଲାଗୁଡ଼ିକର ସମାଧାନ ପାଇଁ ବିଚାରପତିମାନଙ୍କୁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶନ କରିଥିଲେ। ଏହି ଲୋକ ଅଦାଲତରେ ମୁଖ୍ୟତଃ ମୋଟର ଯାନ ଦୁର୍ଘଟଣାଜନିତ ମକଦ୍ଦମା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ ମାମଲା, ବିଦ୍ୟୁତ୍ ମକଦ୍ଦମା, ଚେକ୍ ବାଉନ୍ସ ଓ ରାଜସ୍ୱ ମାମଲା ସମେତ ଅନ୍ୟାନ୍ୟ ପ୍ରାକ-ବିବାଦୀୟ ମାମଲାଗୁଡ଼ିକର ଫଇସଲା କରାଯାଇ ବହୁ ସଂଖ୍ୟକ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରାଯାଇଛି।



**୩୪ କୋଟିରୁ ଉର୍ଦ୍ଧ୍ୱ ରାଶି ମଞ୍ଜୁର**

# ବ୍ଲକ୍ ଶିକ୍ଷା ବିଭାଗର ସମୀକ୍ଷା ବୈଠକ

**ତିଗିରିଆ,୧୩।୧୨(ସମିସ):** ତିଗିରିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଶନିବାର ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଧିକାରୀ ଅମର ମହାରଣାଙ୍କ ପୌରୋହିତ୍ୟରେ ପ୍ରତ୍ୟେକ ମାସରେ ଏହି ବୈଠକରେ ବ୍ଲକର ସମସ୍ତ ବିଦ୍ୟାଳୟରେ କିଭଳି ଶୈକ୍ଷିକ ବାତାବରଣ ଅଧିକ ଉନ୍ନତ ହେବା ସହ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସୁଫଳ କିଭଳି ଛାତ୍ରଛାତ୍ରୀମାନେ ପାଇପାରିବେ ସେ ଦିଗରେ ଅଧିକ ତତ୍ପରତାର ସହ କାର୍ଯ୍ୟ କରିବା ପାଇଁ ଶିକ୍ଷାଧିକାରୀ ଶ୍ରୀ ମହାରଣା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଜେନା, ଚନ୍ଦ୍ରମଣି ସ୍ୱାଇଁ, ମହେଶ୍ୱର ସେଠୀ, ଅଶୋକ ଦାସ, ଉମାଶଙ୍କର ରାଉତ, ନିଶାକର ଖଟୁଆ, ପ୍ରଶାନ୍ତ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୬୫ ମାମଲାରେ ୧୨.୯୩ କୋଟି କ୍ଷତିପୂରଣ ନିର୍ଦ୍ଦେଶ

କଟକ,୧୩।୧୨(ସମିସ):

ହାଇକୋର୍ଟ ଆଇନସେବା କମିଟି ଆନୁକୂଲ୍ୟରେ ଆଜି ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୬୫ଟି ମାମଲାର ଆପୋଷ ବୁଝାମଣାରେ ଫଏସଲା କରାଯାଇଥିବା ବେଳେ କ୍ଷତିପୂରଣ ବାବଦରେ ୧୨ କୋଟି ୯୩ ଲକ୍ଷ ୪୧ ହଜାର ୪୦୦ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୋଟର ଦୁର୍ଘଟଣା ବୀମା କ୍ଷତିପୂରଣ ମାମଲା, ବିଦ୍ୟୁତ ଦେୟ ସମ୍ବନ୍ଧୀୟ ମାମଲା, ମନି ରିକଭରି ମାମଲା, କ୍ରିମିନାଲ କମ୍ପାଉଣ୍ଡେବଲ ମାମଲା, ବୈବାହିକ ବିବାଦ ସମ୍ବନ୍ଧୀୟ ମାମଲା, ଚାକିରି ସମ୍ବନ୍ଧୀୟ ମାମଲା ଆଦି ସମାଧାନ ହୋଇଥିଲା। ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ହରିଶ ଟଣ୍ଡନ, ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜଷ୍ଟିସ ସଙ୍ଗମ ସାହୁ, ଜଷ୍ଟିସ ସଂଜୀବ ପାଣିଗ୍ରାହୀ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ବିରଜାପ୍ରସନ୍ନ ଶତପଥୀ, ଜଷ୍ଟିସ ଏମ.ଏସ.ରମଣ, ଜଷ୍ଟିସ ସଂଜୟ ମିଶ୍ର, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଆଦିତ୍ୟ ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ଗୌରୀଶଙ୍କର ଶତପଥୀ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କ ଖଣ୍ଡପୀଠ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାଗୁଡିକର ଫଏସଲା କରିଥିଲେ। ଲୋକ ଅଦାଲତରେ ସାଧାରଣ ବୀମା କମ୍ପାନି ମଧ୍ୟରୁ ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ, ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଓ କେତେକ ଘରୋଇ ବୀମା କମ୍ପାନି, ବିଭିନ୍ନ ବ୍ୟାଙ୍କର ଅଧିକାରୀ ଅଂଶଗ୍ରହଣ କରିଥିଲେ।

ବ୍ୟାସନଗର ସହରରେ ଜବରଦଖଲ ଉଚ୍ଛେଦ

# ଏନ୍‌ସି ହାଇସ୍କୁଲ ଜମିରେ ବୁଲିଲା ବୁଲଡୋଜର



ବ୍ୟାସନଗର, ୧୩।୧୨(ସମିସ)

ବ୍ୟାସନଗର ପୌରାଞ୍ଚଳ ଏନ୍‌ସି ହାଇସ୍କୁଲ ଜମିରୁ ଜବରଦଖଲ ହଟାଯାଇଛି। ତେବେ ଏଭଳି ଧରଣର ଉଚ୍ଛେଦ ବ୍ୟାସନଗର ଇତିହାସରେ ପ୍ରଥମ। ବିଗତ ଦଶ ଦଶନ୍ଧିରେ ବ୍ୟାସନଗର ତହସିଲ ଅଧୀନରେ ଏଭଳି ଉଚ୍ଛେଦ କେବେ ଦେଖିବାକୁ ମିଳିନଥିଲା। ଦୀର୍ଘ ବର୍ଷ ଧରି ସ୍କୁଲ ଜମିକୁ ଦଖଲ କରି ଘର କରି ରହୁଥିବା ୬୫ ପରିବାରକୁ ପ୍ରଶାସନ ବୁଲ୍‌ଡୋଜର ଲଗାଇ ହଟାଇ ଦେଇଛି। ବାରମ୍ବାର ନୋଟିସ୍ ପରେ ଜବରଦଖଲକାରୀ ହଟୁନଥିବାରୁ ପ୍ରଶାସନ ପକ୍ଷରୁ ଶନିବାର ବଳ ପ୍ରୟୋଗ କରି ହଟାଇ ଦିଆଯାଇଛି। ୪ଗୋଟି ବୁଲଡୋଜର ଜବରଦଖଲ ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ବେଳେ ପ୍ରାୟ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥଲା। ଏକର ଏକର ଜମିରେ ଛପରଘର ଠାରୁ ଆରମ୍ଭ କରି ଆଜବେଷ୍ଟସ ଘର, ଜରିପାଲ ଘର ଏବଂ କୋଠାଘରମାନ ନିର୍ମାଣ କରି ବସବାସ କରିବା ସହ ଭଡ଼ାରେ ଲଗାଇଥିଲେ ଏକାଧିକ ବ୍ୟକ୍ତି। ଏନ୍‌ସି ହାଇସ୍କୁଲ ଜମି ଦଖଲ କରି କିଛି ପରିବାର ନିଜକୁ ଥଇଥାନ କରିବା ପରେ ଏକ ବସ୍ତି ଗଢି ଉଠିଥିଲା। ତେବେ କିଛି ବର୍ଷ ହେବ ଏହି ବସ୍ତି ଅଞ୍ଚଳ ବେଆଇନ ମଦ ଏବଂ ବ୍ରାଉନସୁଗର ଆଦିର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଥିଲା। ଏପରିକି ବିଭିନ୍ନ ସମୟରେ ଏହି ବସ୍ତିରେ ପୁଲିସ ଏବଂ ଅବକାରୀ ବିଭାଗ ଚଢ଼ଉ କରି ବ୍ୟାପକ ପରିମାଣରେ ବ୍ରାଉନସୁଗର ଜବତ କରିଥିଲା। ବସ୍ତି ଗଢ଼ିଉଠିବା କାରଣରୁ ହାଇସ୍କୁଲ ଜମି ସଂକୁଚିତ ହୋଇପଡୁଥିବାରୁ ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ, ସାଧାରଣ ଜନତା ବ୍ୟାସନଗର ତହସିଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ

## ୬୫ଘର ଭାଙ୍ଗିଲା ପ୍ରଶାସନ

କରିଆସୁଥିଲେ। ବ୍ୟାସନଗର ତହସିଲ ପକ୍ଷରୁ କ୍ଷେତ୍ର ଅନୁଧ୍ୟାନ କରାଯିବା ପରେ ହାଇସ୍କୁଲ ଜମି ଦଖଲ କରିଥିବା ପରିବାରକୁ ନୋଟିସ୍ କରାଯାଇଥିଲା। ନୋଟିସରେ ଜମି ଦଖଲମୁକ୍ତ କରିବାକୁ କୁହାଯିବା ପୂର୍ବକ ସମୟ ଦିଆଯାଇଥିଲା। ମାତ୍ର ବାରମ୍ବାର ସମୟ ଦେବା ପରେ ଅନେକ ପରିବାର ନିଜର ଆବବାବପତ୍ର ଧରି ଚାଲିଯାଇଥିଲେ ହେଁ ଘର ଭାଙ୍ଗିନଥିଲେ। ଶନିବାର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ନେତୃତ୍ୱରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ୪ପ୍ଲାଟୁନ ଫୋର୍ସ, ଅତିରିକ୍ତ ଏସ୍‌ପି ସୁପ୍ରସନ୍ନ ମଲିକ, ଡିଏସ୍‌ପି ରତ୍ନାକର ଗିରି, ଶଙ୍କର୍ଷଣ ଦଳାଇ, ପୁଲିସ ଆର୍‌ଆଇ ପ୍ରମୋଦ ସାହୁ, ଏସଡିପିଓ ଲକ୍ଷ୍ମୀଧର ନାୟକ, ଯାଜପୁର ରୋଡ୍ ଥାନା ଅଧିକାରୀ ଆଶିଷ କୁମାର ସାହୁ, କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ, ମଙ୍ଗଳପୁର ଥାନା ଅଧିକାରୀ ଜଗଦିଶ କର, ଟମକା ଥାନା ଅଧିକାରୀ ପ୍ରମୋଦିନୀ ସାହୁ, ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଜେନାପୁର ଆଇଆଇସି ଶଶୀଭୁଷଣ ପରିଡ଼ା, ଦାନଗଦୀ ଫାଣ୍ଡି ଅଧିକାରୀ ଅମୂଲ୍ୟ କୁମାର ମିଶ୍ର, ୧୧ଜଣ ରାଜସ୍ୱ ନିରୀକ୍ଷକ, ଯାଜପୁର ରୋଡ୍ ଅଗ୍ନିଶମ ବାହିନୀ, ଟାଟା ପାୱାର କର୍ମଚାରୀ ପ୍ରମୁଖ ଉଚ୍ଛେଦ କାର୍ଯ୍ୟରେ ସାମିଲ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଉପସ୍ଥିତ ରହିଥିଲେ।

## ଖଣିଜ ବିଭାଗ ପକ୍ଷରୁ ଚଢ଼ଉ; ୨ ମେସିନ୍ ଜବତ



**ଧର୍ମଶାଳା, ୧୩।୧୨(ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ପାଖର ପଞ୍ଚାୟତ ବାଜବାଟୀ ପାହାଡ଼ ନିକଟସ୍ଥ ଅଁଳାଝାଟିଆ ମୌଜାର ସରକାରୀ ଜମିରେ ମୋରମ୍ ଖୋଳୁଥିବା ୨ଟି ଜେସିବି ମେସିନ୍‌କୁ ଜିଲ୍ଲା ଲଘୁ ଖଣିଜ ବିଭାଗ ପକ୍ଷରୁ ଜବତ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଧର୍ମଶାଳା ତହସିଲ ଅଞ୍ଚଳରେ ମୋରମ୍ ଖନନ ପାଇଁ କାହାରିକୁ ଲିଜ୍ ଦିଆ ଯାଇନଥିବା ବେଳେ କେତେକ ଦୁର୍ବୃତ୍ତ ଇଡ୍‌କୋ ଅଧୀକୃତ ଅଁଳାଝାଟିଆ ମୌଜାରୁ ବେଧଡ଼କ ଭାବେ ମୋରମ୍ ଲୁଟ୍ କରିଚାଲିଛନ୍ତି। ଏଥିରେ ସରକାରଙ୍କର ବିପୁଳ ରାଜସ୍ୱହାନୀ ହେଉଥିବା ବେଳେ ଲୁଟେରାମାନେ ମାଲାମାଲ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ଲଘୁ ଖଣିଜ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ପୁଲିସ ସହ ବିଭାଗୀୟ ଅଧିକାରୀ ମାନେ ଏଠାରେ ହଠାତ୍ ଚଢ଼ଉ କରି ମୋରମ୍ ଖୋଳୁଥିବା ୨ଟି ମେସିନ୍‌କୁ ଜବତ କରିଛନ୍ତି। ଜବତ ଜେସିବି ମେସିନ ଦୁଇଟିକୁ ଧର୍ମଶାଳା ଥାନା ପୁଲିସ ଜିମା ଦିଆଯାଇଥିବା ଜଣାପଡ଼ିଛି। ତେବେ ଚଢ଼ଉ ସମୟରେ ସେଠାରେ ବେଆଇନ ଭାବେ ମୋରମ୍ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଡ୍ରାଇଭରମାନେ ନେଇ ଫେରାର ହୋଇଯାଇଥିଲେ।

## ଦୁଇ ବାଇକ୍ ଦୁର୍ଘଟଣାରେ ଚାରି ଗୁରୁତର

ସୁକିନ୍ଦା, ୧୩।୧୨(ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ନିକଟ ରେଙ୍ଗାଲି କେନାଲ ରାସ୍ତାରେ ଦୁଇ ବାଇକ୍ ଦୁର୍ଘଟଣାରେ ଚାରିଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବନ୍ଧଗାଁ ଗ୍ରାମ ନିକଟ ରେଙ୍ଗାଲି ରାସ୍ତାରେ ଦୁଇ ବାଇକ୍ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ନଡ଼ିଆଭଙ୍ଗା ପଞ୍ଚାୟତ ପଳାଶୁଣି ଗ୍ରାମ ମନୋଜ ମହାନ୍ତ, ସୁକିନ୍ଦା ସାପୁଆପଦା ବୁବୁନ୍ ମହାନ୍ତ, ବାଲେଶ୍ୱର ସୁମନ୍ତ ମୁଣ୍ଡା, ଦାନଗଦି ସୋଲେଇ ଗ୍ରାମ ଶିବ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ସୁକିନ୍ଦା ପୁଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଘରୋଇ ସୁରକ୍ଷାକର୍ମୀଙ୍କ ମୃତ୍ୟୁ

**ଦାନଗଦି, ୧୩।୧୨(ସମିସ):** ଶନିବାର କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ସିଜିଏଲ୍-୨ ସାଇଡ୍‌ରେ ଜଣେ ଘରୋଇ ସୁରକ୍ଷା କର୍ମୀଙ୍କର କୌଣସି କାରଣରୁ ମୃତ୍ୟୁ ହୋଇଯାଇଛି। ସୁରକ୍ଷା କର୍ମୀଙ୍କ ନାମ ସୁଶୀଲ କୁମାର ଦାଶ, (୪୮)। ସେ ମେସର୍ସ ଷ୍ଟାରସିଲ୍ଡ ସିକ୍ୟୁରିଟି ସଲ୍ୟୁସନ୍ ସର୍ଭିସେସ୍‌ରେ କାର୍ଯ୍ୟରତ ଥିଲେ। ମୃତକ ସୁଶୀଲ କୁମାର ଦାଶ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଗରାସିଆ ଗ୍ରାମର ସାରଙ୍ଗ ଧର ଦାଶଙ୍କ ପୁଅ ବୋଲି ଜଣାଯାଇଛି। ସୁଶିଲ ସକାଳ ପ୍ରାୟ ୫.୪୫ ସମୟରେ ବ୍ରିଫିଂ ପରେ ଗେଟ୍ ନମ୍ବର-୩କୁ ଆସିଥିଲେ। ପରେ ସେ ବସ୍ ଦ୍ୱାରା ଯାଇଥିଲେ। ସେ ବସ୍‌ରୁ ଓହ୍ଲାଇ ଚାଲିଚାଲି ଯାଉଥିଲେ। ଏହି ସମୟରେ ସେ ରାସ୍ତାରେ ହଟାତ ଅଚେତ ଅନୁଭବ କଲେ। ତାଙ୍କୁ କାରଖାନା ପରିସର ମଧ୍ୟରେ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା ଏବଂ ପରେ ଟାଟା ମେଡିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ପରିବାର ସଦସ୍ୟଙ୍କୁ ଖବର ଦିଆଯାଇଥିଲା। କଳିଙ୍ଗନଗର ପୁଲିସ ଏକ ଅପମୃତ୍ୟୁ ମାମଲା ନମ୍ବର ୨୯/୨୫ରେ ରୁଜୁ କରି ତଦନ୍ତ କରୁଛି।

## ଲଘୁଖଣିଜ ପରିବହନ କରୁଥିବା ଟ୍ରକ୍ ଜବତ

**ଧର୍ମଶାଳା, ୧୩।୧୨(ସମିସ):** ଧର୍ମଶାଳା ଥାନା କୋଟପୁର ଫାଣ୍ଡି ଅଧୀନ ବଜ୍ରଗିରି ପାହାଡ଼ରୁ ବେଆଇନ ଭାବେ ପରିବହନ କରୁଥିବା ଦୁଇଟି ଟ୍ରକ୍‌କୁ ପୁଲିସ ଜବତ କରିଛି। ଆଜି କୋଟପୁର ଫାଣ୍ଡି ପୁଲିସ ଚଢ଼ଉ କରି ନାଳକୁଳ ଛକ ନିକଟରୁ ଓଆର-୦୯ ଏଫ- ୦୯ ୭ ୭ ବିଶିଷ୍ଟ ଏକ ମୋରମ ବୋଝେଇ ଟ୍ରକ୍ ଓ ରମାପୁର ଛକ ନିକଟରୁ ଓଡି-୫-କ୍ୟୁ-୩୩୪୮ ନମ୍ବର ବିଶିଷ୍ଟ ସ୍ୱଲ ବୋଝେଇ ଏକ ଟ୍ରକ୍‌କୁ ଜବତ କରିବା ସହିତ ଉଭୟ ଗାଡ଼ିର ଡ୍ରାଇଭର ଓ ମୋରମ ବୋଝେଇ ଟ୍ରକର ହେଲପରକୁ ଅଟକ ରଖିଛି। ଏନେଇ ଧର୍ମଶାଳା ଥାନା ପୁଲିସ ୭୪୭/୨୫ ଓ ୭୪୮/୨୫ରେ ଦୁଇଗୋଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ କୋଟପୁର ଫାଣ୍ଡି ଅନ୍ତର୍ଗତ ବଜ୍ରଗିରି ପାହାଡରେ ବେଆଇନ ଖନନ ଓ ପରିବହନ ବନ୍ଦ ରହିଥିବା ବେଳେ କିଛି ଦୁର୍ବୃତ୍ତ ଲାଭାଶକ୍ତ ହୋଇ ବେଆଇନ ଭାବେ ମହରମ ଓ ସ୍ୱଲ ତାଡ଼ି ଅନ୍ୟତ୍ର ଚାଲାଣ କରୁଛନ୍ତି। ଏସମ୍ପର୍କରେ ସ୍ଥାନୀୟ ଲୋକେ ପୁଲିସକୁ ବାରମ୍ବାର ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ଆଜି ଚଢ଼ଉ କରାଯାଇ ବେଆଇନ ଭବେ ପରିବହନ କରୁଥିବା ୨ ଗୋଟି ଟ୍ରକ୍‌କୁ ପୁଲିସ ଜବତ କରିଛି।

## ସାଧନ କେନ୍ଦ୍ର ସ୍ତରୀୟ ଶିକ୍ଷାସଭା

**ମଙ୍ଗଳା, ୧୩।୧୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ବରୁଣେଶ୍ୱରମଡେଲ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ମୁଖ୍ୟବକ୍ତା ଭାବେ ସରପଞ୍ଚ ସ୍ମୃତିରଞ୍ଜନ ନାୟକ ଯୋଗଦାନ କରିଥିଲେ। ଅଧାରୁ ପାଠ ଛାଡି ଥିବା ପିଲା ଓ ଆଦୌ ନାମ ନ ଲେଖାଇଥିବା ପିଲା କିପରି ପାଠ ପଢ଼ିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଶିକ୍ଷା ଗ୍ରହଣ କରିବା ସହିତ ନିଜ ଚିନ୍ତା ନିଜେ କରିପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପିଲାମାନଙ୍କୁ ସଚେତନତା ସୃଷ୍ଟି ନିମନ୍ତେ ପାଲା ଆୟୋଜିତ ହୋଇଥିଲା। ଏହି ବୈଠକରେ ୧୫ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ସମେତ ସହଶିକ୍ଷକ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତୀ ମିଶ୍ର, ସୌଦାମିନୀ ଜେନା, ବନିତା ଦାସ, ଏସ୍‌କେ ଜାଖିୱାଲା, ରାଜୁ ସାର୍, ଏସ୍‌କେ ମୁକ୍ତାଦିର, ବୃନ୍ଦାବନ ଯେନା, ଅଜୟ କୁମାର ମଲିକ, ହବିବୁଲ ମୋହିନୀ, ଅରୁଣ କୁମାର ସାମଲ, ଅଶୋକ କୁମାର ଥାଟୋଇ, ଏସ୍‌କେ ସମିମ ଖାନ, ମୋନାଲିସା ସାମଲ, କବିତା ସାହୁ, ସସ୍ମିତା ସାହୁ, ଭାଗ୍ୟଶ୍ରୀ ଦାଶ, ଅଙ୍ଗନବାଡି କର୍ମୀ ରାଜଶ୍ରୀ ରଣା ଆଦି ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' ଅଭିଯାନ

**ଯାଜପୁର, ୧୩।୧୨(ସମିସ):** ମ୍ୟୁନିସିପାଲ ହାଇସ୍କୁଲ ପ୍ରାଙ୍ଗଣରେ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ଆଞ୍ଚଳିକ ସମ୍ବଳ କେନ୍ଦ୍ର ସଂଯୋଜକଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟର ସ୍ତରୀୟ ଶିକ୍ଷାସଭା ଆୟୋଜିତ ହୋଇଯାଇଛି। ଏଥିରେ ୬ରୁ୧୪ ବର୍ଷ ବା ତଦୁର୍ଦ୍ଧ୍ୱର୍ ବୟସର ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ 'ଆସ ସ୍କୁଲ ଯିବା' ଅଭିଯାନରେ ଏକ ସଚେତନତା ମୂଳକ ପାଲା ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସହ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବରଦା ଭୂଷଣ ମହାପାତ୍ର, ମଣ୍ଡଳ ସହ ଶିକ୍ଷାଧିକାରୀ ତଥା ମଣ୍ଡଳ ସମ୍ବଳ ସଂଯୋଜକ ନିର୍ମଳ ଚନ୍ଦ୍ର ଜେନା ସମେତ ଅଫିସ ଆସିଷ୍ଟାଣ୍ଟ/ଡାଟା ଏଣ୍ଟ୍ରି ଅପରେଟର ସରୋଜ କୁମାର ଯେନା ଯୋଗଦେଇଥିଲେ। ଏହାପରେ ଏକ ଶିକ୍ଷାସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଶିକ୍ଷାର ଉପାଦେୟତା ତଥା ଅଭିଭାବକମାନଙ୍କର ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବଳ କେନ୍ଦ୍ର ସଂଯୋଜକ ତିମିର ରଞ୍ଜନ ବେହେରା ଉକ୍ତ ସଭାର ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ ସଭାରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ଗୋକୁଳାନନ୍ଦ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ



**ଯାଜପୁର, ୧୩।୧୨(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୬୪୩୬ଟି ମକଦ୍ଦମା ଫଇସଲା ହୋଇଛି। ସେଥିମଧ୍ୟରୁ ୬୩୯ଟି ଫୌଜଦାରୀ, ୧୭ଟି ମୋଟର ଦୁର୍ଘଟଣାଜନିତ ମାମଲା, ୬୪ଟି ଦେୱାନୀ, ୧୪ଟି ପାରିବାରିକ କଳହ ମାମଲା ଏବଂ ରାଜସ୍ୱ ବିଭାଗର ୫୭୦୨ଟି ମାମଲା ଫଇସଲା କରାଯାଇ ମୋଟ ୮, ୧୬, ୦୪, ୧୨୨ ଟଙ୍କା ଆଦାୟ କରାଯାଇଛି। ଏତଦବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୭୬ଟି, ବିଦ୍ୟୁତ ବିଭାଗର ୧୫୭ଟି, ସ୍ଥାୟୀ ଲୋକ ଅଦାଲତର ୩ଟି ଏବଂ ଟେଲିଫୋନ ସମ୍ବନ୍ଧୀୟ ୧୩ଟି ପ୍ରାକ୍-ବିଚାରାଧୀନ ମାମଲା ଫଇସଲା କରାଯାଇ ମୋଟ ୪୧, ୫୫, ୭୪୬ ଟଙ୍କା ଆଦାୟ କରାଯାଇଛି।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେନା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଗୁଣ୍ଠିଚା ସାମନ୍ତ ସିଂହାର, ଅତିରିକ୍ତ ଜିଲ୍ଲାଜଜ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମତୀ ନେହା ଅଗ୍ରୱାଲ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆର ଏବଂ ଏଲଟିଭି) ଲୋପାମୁଦ୍ରା ବେହେରା, ଏସଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି ସୁନିତା ବିଶ୍ୱାଳ, ଜେଏମ୍‌ଏଫ୍‌ସି (ଏଲଆର ଏବଂ ଏଲଟିଭି) ଅଂଶୁମାନ ରଥ, ଜେଏମ୍‌ଏଫ୍‌ସି ବୀଣାପାଣି ତାଣ୍ଡି ଅଂଶଗ୍ରହଣ କରି ବିଭିନ୍ନ ମାମଲାଗୁଡ଼ିକୁ ବିଚାର କରିଥିଲେ। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

## ଡ. ଜ୍ଞାନରଞ୍ଜନ ପତିଙ୍କୁ ଜ୍ୟୋତିବ୍ରହ୍ମ ସମ୍ମାନ



**ଯାଜପୁର, ୧୩।୧୨(ସମିସ):** ଭୁବନେଶ୍ୱରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ ଓ ଜାତୀୟ ଆଲୋଚନାଚକ୍ର ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଜପୁରର ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ସାହିତ୍ୟ ସଂସ୍କୃତି ଗବେଷକ ଡ. ଜ୍ଞାନରଞ୍ଜନ ପତିଙ୍କୁ ତାଙ୍କ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ନିରନ୍ତର ସାଧନା ନିମିତ ପରିଷଦ ପକ୍ଷରୁ 'ଜ୍ୟୋତିବ୍ରହ୍ମ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦର ସଭାପତି ପ୍ରଫେସର ଡ. ମଥୁରେନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସମାରୋହରେ ପୁରୀର ମହିପ୍ରୟାଶ ମଠର ପ୍ରମୁଖ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜ ମୁଖ୍ୟଅତିଥି ଭାବେ, ମୁଖ୍ୟବକ୍ତା ଭାବେ ପ୍ରଫେସର ବନ୍ଧୁଚରଣ ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଶିଷ୍ଟ ଅଥି ଭାବେ ବୌଦ୍ଧ ଗବେଷକ ଡ. ପ୍ରବୀର ପଟ୍ଟନାୟକ ଯୋଗଦେଇଥିଲେ। ଏହି ସମାରୋହରେ ଯାଜପୁର ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଡା. ଜୟନ୍ତ କୁମାର ଦାସ ଓ ଡ. ଜ୍ଞାନରଞ୍ଜନ ପତି ସମେତ ୨୨ଜଣ ବିଶିଷ୍ଟ ଗବେଷକ 'ଶ୍ରୀଜଗନ୍ନାଥ ଚେତନାରେ ସୁଦର୍ଶନତତ୍ତ୍ୱ' ଶୀର୍ଷକ ବିଷୟରେ ଶୋଧପ୍ରବନ୍ଧମାନ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଗଣେଶ ଚନ୍ଦ୍ର ପାଣିଗ୍ରାହୀ ବେଦ ପାଠ କରିଥିଲା ବେଳେ ଡ. ବସନ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରାକ୍ତନ ଜୀବନବୀମା ଅଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର ସୁଦର୍ଶଙ୍କ ସମ୍ପର୍କରେ କବିତା ପାଠ କରିଥିଲେ। ଏହି ଉତ୍ସବରେ ରାଜେନ୍ଦ୍ର କୁମାର ମହାନ୍ତିଙ୍କୁ 'ଦାରୁବ୍ରହ୍ମ ସମ୍ମାନ', ପୀତବାସ ରାଉତରାୟଙ୍କୁ 'ଶିଳାବ୍ରହ୍ମ ସମ୍ମାନ', ଡ. ଅସିତ ମହାନ୍ତିଙ୍କୁ ଶୂନ୍ୟ ବ୍ରହ୍ମସମ୍ମାନ, ସମ୍ମାନ ପ୍ରଦାନ କରାଯାଇଥିଲା ବେଳେ ଡ. ଜ୍ଞାନରଞ୍ଜନ ପତିଙ୍କୁ 'ଜ୍ୟୋତି ବ୍ରହ୍ମ' ସମ୍ମାନ ପ୍ରଦାନ କରାଯାଇଥିଲା।

## ରୋଗୀ ବେଶରେ ମହିଳା ଲୁଟେରା



**ଯାଜପୁର, ୧୩।୧୨(ସମିସ):** ଯାଜପୁର ମୁଖ୍ୟଚିକିତ୍ସାଳୟରେ ଜନୈକା ମହିଳା ରୋଗୀ ବେଶରେ ଆସି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ଠାରୁ ମୋବାଇଲ ଏବଂ ମନିପର୍ସ ଲୁଟ୍ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଲୁଟ କରୁଥିବା ସମୟରେ ତାହା ସିସି ଟିଭି ଫୁଟେଜ୍‌ରେ କଏଦ୍ ହୋଇଥିବା ଜଣାପଡ଼ିଛି। ଏହି ମହିଳା ଜଣଙ୍କୁ ମେଡିକାଲ ଫାଣ୍ଡି ଅଧିକାରୀ କାବୁ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସିସି ଟିଭି ଫୁଟେଜ୍‌ରେ ମହିଳା ଜଣକ ନିଜେ ରୋଗୀ ହୋଇ ଡାକ୍ତର ଦେଖାଇବାକୁ ଆସି ମୋବାଇଲ ଓ ପନିପର୍ସ ଚୋରୀ କରିନେଉଛନ୍ତି। ପରେ ପନିପର୍ସରୁ ପଇସା କାଢ଼ି ପର୍ସକୁ ଡଷ୍ଟପିନ୍‌ରେ ଫିଙ୍ଗିଦେଇ ଚାଲିଯାଉଥିବା ଦେଖିବାକୁ ମିଳୁଛି। ମହିଳା ଜଣକ କୋରାଇ ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ନିରୁପମା ବଳ (୪୮) ବୋଲି ଜଣାପଡ଼ିଛି।

## ଡ୍ରକ୍ କମିଟିର ସଦସ୍ୟ ହେଲେ ପ୍ରସନ୍ନ

**ଯାଜପୁର, ୧୩।୧୨(ସମିସ):** ପୂର୍ବତଟ ରେଳବାଇ ଅଧିନସ୍ଥ କୋରେଇ ନିର୍ବାଚନ ମଣ୍ଡଳୀର ଡିଜିଜନାଲ ରେଲୱେ ୟୁଜର୍ସ କନସଲଟିଭ କମିଟି (ଡ୍ରକ୍)ର ସଦସ୍ୟ ଭାବେ ପ୍ରସନ୍ନ କୁମାର ସାମଲ ମନୋନୀତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ସମାଜସେବୀ ଭାବେ ପରିଚିତ ପ୍ରସନ୍ନ ସାମଲଙ୍କୁ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କୋରେଇ ନିର୍ବାଚନ ମଣ୍ଡଳୀ ସଦସ୍ୟ ପାଇଁ ମନୋନୀତ କରିଛନ୍ତି। ଶ୍ରୀ ସାମଲ ଏହି କମିଟିର ସଦସ୍ୟ ଭାବେ ଘୋଷଣା ହେବା ପରେ ତାଙ୍କୁ ବିଭିନ୍ନ



ବ୍ୟକ୍ତିବିଶେଷ ଓ ସଂଗଠନ ପକ୍ଷରୁ ଶଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଶ୍ରୀ ସାମଲ କୋରେଇ ନିର୍ବାଚନ ମଣ୍ଡଳୀରେ ରହିଥିବା ରେଲଷ୍ଟେସନ ବିଶେଷ କରି ଯାଜପୁରରୋଡ, କୋରେଇ, ବରୁଣ୍ଡାଇ ଭଳି ରେଲଷ୍ଟେସନର ବିକାଶ ପାଇଁ କାର୍ଯ୍ୟକରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ବାନରା ସେବା ଫାଉଣ୍ଡେସନ ପକ୍ଷରୁ ସହାୟତା

**ସୁକିନ୍ଦା, ୧୩।୧୨(ସମିସ):** ଏକ ଅସହାୟ ଓ ଦିବ୍ୟାଙ୍ଗ ପରିବାରକୁ ସୁକିନ୍ଦା ସ୍ଥିତ ବାନରା ସେବା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଦାନଗଦି ବ୍ଲକ ଅନ୍ତର୍ଗତ ନଡ଼ିଆଭଙ୍ଗା ପଞ୍ଚାୟତ ଅଧିନରେ ଥିବା ଜାମୁପଶି ଗ୍ରାମର ଦିବ୍ୟାଙ୍ଗ ବାଳକ ଲକି ହେମ୍ବ୍ରମକୁ ବାନାରା ସେବା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଖାଦ୍ୟ ସାମଗ୍ରୀ, ଶୀତବସ୍ତ୍ର, ଦୈନିକ ପରିଧାନ ପାଇଁ ପୋଷାକ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସେବା କାର୍ଯ୍ୟରେ ଫାଉଣ୍ଡେସନ ମୁଖ୍ୟ ଜଙ୍କ ବାନାରା, ସମ୍ପାଦକ ରାମଚନ୍ଦ୍ର ବାନାରା, କୋଷାଧ୍ୟକ୍ଷା ଗୀତା ବାନାରା, ଆନ୍ତନା ସିଂକୁ, ଶ୍ୟାମସୁନ୍ଦର ହେମ୍ବ୍ରମ, ବସନ୍ତ ସିଦୁ, ଚକ୍ରଧର ସିଂକୁ, ସୁକି ମୁଣ୍ଡା, ସହିତ ଜାମୁପଶି ଗ୍ରାମର ଯୁବପିଢୀ ଉପସ୍ଥିତ ଥିଲେ।

ଜାତୀୟ ରାଜପଥ ଜମି ଅଧିଗ୍ରହଣ ମାମଲା

## ଜମି, ଘର, ଗଛର ମୂଲ୍ୟାଙ୍କନକୁ ବିରୋଧ

ମଙ୍ଗଳପୁର, ୧୩।୧୨(ସମିସ)



କୁଆଖିଆ-ଧାମରା ୨୦ନଂ ଜାତୀୟ ରାଜପଥ ବଉଲାଙ୍ଗ ଛକ ନିକଟରେ ବାଇପାସ୍ ନିମନ୍ତେ ଜାଗା ଅଧିଗ୍ରହଣ ପାଇଁ ବିବାଦ ଏଯାଏଁ ତୁଟି ନାହିଁ। ତେବେ ଉଚ୍ଚ ନ୍ୟାୟାଳୟରେ କେସ୍ ବିଚାରଧୀନ ରହିଥିବା ବେଳେ ଅଧିକାରୀଙ୍କ ଦ୍ୱାରା ଜାଗା ମାପ କରାଯାଇ ଘର ଓ ଗଛର ମୂଲ୍ୟାଙ୍କନ କରାଯାଇଛି। ଏହି ମୂଲ୍ୟାଙ୍କନରେ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ସାହୁ, ଜାଗା ଅଧିଗ୍ରହଣ ଅଧିକାରୀ ଯାଜପୁର ବାସୁଦେବ ନାୟକ, ଶୁଭସ୍ମିତା ପାଣି ଜାତୀୟ ରାଜପଥ କନିଷ୍ଠ ଯନ୍ତ୍ରୀ, ଜାତୀୟ ରାଜପଥ ବରିଷ୍ଠ ଯନ୍ତ୍ରୀ, ଫରେଷ୍ଟର ଆନନ୍ଦ ପାତ୍ର, ଆର୍‌ଆଇ ବିଷ୍ଣୁଚରଣ ପଣ୍ଡା, ଧ୍ରୁବାନନ୍ଦ ଘଡ଼େଇ, ଅମିନ ସୁବାସ ଚନ୍ଦ୍ର ବାନାର୍ଜୀ ଏବଂ ଶରତ କୁମାର ନାୟକ, ଆଇଆଇସି ଦଶରଥପୁରଙ୍କ ସହ ଏକ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଉପସ୍ଥିତ ରହି ଜମି, ଘର ଏବଂ ଗଛ ମୂଲ୍ୟାଙ୍କନ କରିଥିଲେ। ମୂଲ୍ୟାଙ୍କନ ସମୟରେ ଆସିଥିବା ଅଧିକାରୀଙ୍କୁ ମାପ ନକରିବାକୁ ଗ୍ରାମବାସୀ ବାରଣ କରିବା ସହ ବିରୋଧ କରିଥିଲେ। କିଛି ସମୟ ଉତ୍ତେଜନା ଲାଗି ରହିବାରୁ ଅଧିକାରୀମାନେ ମାପ ସ୍ଥଗିତ ରଖିଥିଲେ। ପରେ ସ୍ଥିତି ସ୍ୱାଭାବିକ ହେବାପରେ ଅଧିକାରୀମାନେ ମୂଲ୍ୟାଙ୍କନ କରିଥିଲେ।

ସୂଚନା ଥାଉକି ଦଶରଥପୁର ବ୍ଲକ ବଉଳାଙ୍ଗ ବଜାରରେ ଯେଉଁଠି ୨୦ ନମ୍ବର ଜାତୀୟ ରାଜପଥ ସିଧାସଳଖ ଗଲେ ମାତ୍ର ୫୦ ମିଟର ରାସ୍ତା ହେବ ଏବଂ ଯାହାକି ସରକାରୀ ଜମିରେ ହେଇପାରିବ, ସେଠାରେ ୨୦୦ ମିଟରର ବାଇପାସ କରାଇ ଲୋକଙ୍କ ଭିଟାମାଟି ସହ ସ୍ୱାଧୀନତା ପୂର୍ବର ୧୯୩୧ ମସିହାର ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଗାଁ ଶ୍ମଶାନ ମଧ୍ୟ ଉଚ୍ଛେଦ ଚରିବାକୁ ପ୍ରଶାସନ ଉଦ୍ୟମ କରୁଛି। ଯାହାକୁ ନେଇ ପୂର୍ବରୁ ସ୍ଥାନୀୟ ଲୋକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇଥିଲେ। ଏବେବି ବିଚରାଧୀନ ଥିବା କହିଛନ୍ତି ଗ୍ରାମବାସୀ। କିନ୍ତୁ ପ୍ରଶାସନ ଜୋର ଜବରଦସ୍ତ ଜମି ଅଧିଗ୍ରହଣ ପାଇଁ ଲୋକଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟ ପଟରେ ଜୀବନ ଦେବୁ ପଛେ ଭିଟାମାଟି ଏବଂ ବିଦ୍ୟାଳୟକୁ ସୁରକ୍ଷା ଦେବାକୁ ପଛଘୁଞ୍ଚା ଦେବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। କିଛି ମୁଷ୍ଟିମେୟ ଲୋକ ଏବଂ ଅଧିକାରୀ ମାନେ ମିଶି ବାଇପାସ କରାଇବା ଆଳରେ ସ୍ୱାଧୀନତା ପୂର୍ବର ପ୍ରାଥମିକ ବିଦ୍ୟାଳୟକୁ ଭାଙ୍ଗିବାକୁ ଯୋଜନା ଚାଲିଥିବା କହିଛନ୍ତି ଗ୍ରାମବାସୀ। ଉଚ୍ଚ ନ୍ୟାୟାଳୟରେ କେସ୍ ବିଚାରଧୀନ ଥିବାବେଳେ କ'ଣ ପାଇଁ ଜିଲ୍ଲା ପ୍ରଶାସନ ଏବଂ ଏନ୍‌ଏଚ୍‌ଆଇର କର୍ତ୍ତୃପକ୍ଷ ବାରମ୍ବାର ପୁଲିସ୍ ଫୋର୍ସ ଲଗାଇ ଜୋର ଜବରଦସ୍ତ ଜମି ଅଧିଗ୍ରହଣ କରିବାକୁ ଆସୁଛନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

## ରାଧାଗୋବିନ୍ଦ ମନ୍ଦିରରେ ସତ୍‌ସଂଘ

**ସିଂହପୁର, ୧୩।୧୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ରାଧାଗୋବିନ୍ଦ ମନ୍ଦିର ବଡ଼ଠାକୁର ବାଡ଼ିରେ ସତ୍‌ସଂଘ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଭାତ ଫେରି, ସୂର୍ଯ୍ୟପୂଜା, ଗୁରୁବନ୍ଦନା, ପ୍ରାର୍ଥନା ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥଲା। ଭକ୍ତ ବିନୋଦ ବିପିନ ବିହାରୀ ସାମଲ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ବିଶେଷ ଆଲୋଚନା କରିଥିଲେ। ରାଧାଗୋବିନ୍ଦ୍ ଠାକୁର ବାଡ଼ିର ସାଂଗଠନିକ ସମ୍ପାଦକ ମଳୟ କୁମାର ଥାଟୋଇ, ରାମନାରାୟଣ ବଳିଆର ସିଂହ, ଅମରେନ୍ଦ୍ର ଜେନା, ସୁଧାଂଶୁ ଶେଖର ଧଳ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ଚଗଲା ଦାସ, ଉମେଶ ଚନ୍ଦ୍ର ଥାଟୋଇ, ସୁନିଲ ସାହୁ, ସୁବୁନା ଜେନା, ବାସୁଦେବ ମଲିକ, ପ୍ରଦୀପ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆଶ୍ରମର ଦୈତାରୀ ମହାନ୍ତିଙ୍କ ସତ୍‌ସଙ୍ଗବିବରଣୀ ଦେଇଥିଲେ। ମୁଖ୍ୟ କର୍ତ୍ତା ଭାବେ ନାରାୟଣ ଚନ୍ଦ୍ର ଦାସ ଓ ପତ୍ନୀ ମିନତୀ ପ୍ରଭା ଦାସ, ସୁବାସ ଚନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ଥାଟୋଇ, ଓ ରାଧାଗୋବିଦ ମନ୍ଦିରର ପୂଜକ ରଘୁନାଥ ଦାଶ, ରାମଚନ୍ଦ୍ର ଦାଶ, ପଦ୍ମନାଭ ଦାଶ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ।

### ଦୁର୍ଗମ ଅଞ୍ଚଳରେ ନାହିଁ ଲକ୍ଷ୍ମୀ ବସ୍ ସେବା

# ସରକାର ବଦଳିବା ପରେ ନବୀନଙ୍କ ଅବଦାନ ସାତସପନ

ରାଇରଙ୍ଗପୁର/ବିଜତଳା, ୧୩।୧୨(ସମିସ)



ଗ୍ରାମରୁ ସହରକୁ ଦୂରତ୍ୱ କମାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶ୍ରେଷ୍ଠ ଯୋଜନା ମଧ୍ୟରେ ଅନ୍ୟତମ ଲକ୍ଷ୍ମୀ ବସ ଯୋଜନା ଦୁର୍ଗମ ଅଞ୍ଚଳରେ ଏବେ ବି ଅପହଞ୍ଚ ରହିଛି। ପୂର୍ବରୁ ୫ ଟଙ୍କାରେ ଘରୁ ବାହାରି ସହର ଯାଉଥିବାବେଳେ ମହିଳାଙ୍କ ନିମନ୍ତେ ଅଧିକ ସୁବିଧା ଉପଲବ୍ଧ ଥିଲା। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସୁଗମ ଅଞ୍ଚଳକୁ ଯୋଗାଯୋଗ ପାଇଁ ଏହା ଥିଲା ନବୀନ ପଟ୍ଟନାୟକଙ୍କ ଅବଦାନ। କିନ୍ତୁ ସରକାର ବଦଳିବା ସହ ଲକ୍ଷ୍ମୀ ବସ୍ ସେବା ବଦଳି ମୁଖ୍ୟମନ୍ତ୍ରୀ ବସ ସେବା ହେଲା। ବସ୍‌ର ରଙ୍ଗ ମଧ୍ୟ ବଦଳି ଗଲା। କିନ୍ତୁ ବସ୍ ସେବାରେ ଉନ୍ନତି ଆସିବ କ'ଣ ଲୋକେ ବସ୍ ସେବାରୁ ବଞ୍ଚିତ ହେଉଛନ୍ତି। ଉପାନ୍ତ ଅଞ୍ଚଳରେ ବସ୍ ସେବା ଉପଲବ୍ଧ ହେଉନାହିଁ। ଏଭଳି ଘଟଣା ବାମନଘାଟି ଉପଖଣ୍ଡର ବିଜାତଳା ବ୍ଲକ ଅନ୍ତର୍ଗତ ଚଡେଇ ପାହାଡି ଗ୍ରାମ ପଞ୍ଚାୟତରୁ ସାମ୍ନାକୁ ଆସିଛି।

ଦୁର୍ଗମ ଅଞ୍ଚଳରେ ଲକ୍ଷ୍ମୀ ବସ ସେବା ଉପଲବ୍ଧ ନ ଥିବାରୁ ଗ୍ରାମବାସୀଙ୍କ ପାଇଁ ସାତସପନ ସାଜିଛି। ରାଇରଙ୍ଗପୁର ମୁଖ୍ୟାଳୟକୁ କୌଣସି ବସ୍ ସେବା ନ ଥିବାରୁ ଲୋକଙ୍କୁ ମାଇଲ ମାଇଲ ବାଟ ଚାଲିକି କିମ୍ବା ବାଇକରେ ଆସିବାକୁ ପଡୁଛି। ନିର୍ବାଚନ ସମୟରେ ଭୋଟ ନେବାକୁ ନେତାମାନେ ଉକ୍ତ ଦୁର୍ଗମ ଅଞ୍ଚଳକୁ ଆସିଥିବାବେଳେ ନିର୍ବାଚନ ଜିତିବା ପରେ ଦୁର୍ଗମ ଅଞ୍ଚଳର ସମସ୍ୟା ବାବଦରେ ସାଂସଦ ଓ ବିଧାୟକ ଭୁଲିଗଲେ।

**ଯାତାୟାତ ପାଇଁ ଲୋକେ ଭୋଗୁଛନ୍ତି ନାନାଦି ସମସ୍ୟା**

ପୂର୍ବ ସରକାରର ଲକ୍ଷ୍ମୀ ବସ ସେବା ଏକ ଯୁଗାନ୍ତକାରୀ ପଦକ୍ଷେପ ଥିବାବେଳେ ଉପାନ୍ତ ଅଞ୍ଚଳର ଗ୍ରାମ ପାଇଁ ବରଦାନ ସାଜିଥିଲା। ଲୋକେ ସ୍ୱଳ୍ପ ଖର୍ଚ୍ଚରେ ଗ୍ରାମରୁ ସହରକୁ ଯାତାୟାତ କରିବା ସହ ଲାଭବାନ ହେଉଥିଲେ। କିନ୍ତୁ ବିଜତଳା ବ୍ଲକର ଉକ୍ତ ଉପାନ୍ତ ଗ୍ରାମରେ ଲକ୍ଷ୍ମୀ ବସ ସେବା ପାଇଁ ସରକାର ମନୋନିବେଶ କରୁନାହାଁନ୍ତି। ଗ୍ରାମର ସର୍ବାଙ୍ଗିନ ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ବିନିଯୋଗ କରୁଥିବା ଡିଣ୍ଡିମ ପିଟୁଛନ୍ତି। ଚଢେଇପାହାଡି ଗ୍ରାମକୁ ବିକାଶ ଅପହଞ୍ଚ ହୋଇ ରହିଛି। ଯାତାୟାତ ଭଳି ମୌଳିକ ସୁବିଧା ଯୋଗାଇବାରେ ରାଜ୍ୟର ବିଜେପି ସରକାର ବିଫଳ ହୋଇଛନ୍ତି। ଏ ନେଇ ବାମନଘାଟି ଉପଖଣ୍ଡସ୍ତରୀୟ ଯୁଗ୍ମ ଶୁଣାଣିରେ ଚଢେଇପାହାଡି ସମିତି ସଭ୍ୟା କୁନି ସର୍ଦ୍ଦାର ଓ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମ ରାସ୍ତାରେ ଲକ୍ଷ୍ମୀ ବସ୍ ଡୁମୁରିକୁଦର, ଭୀମଖନ୍ଦା, ପଣ୍ଡୁପାଣି, ଜାମପାଣି, ବଳରାମପୁର, କଙ୍କଡାବେଡା, ଗୋବିନ୍ଦପୁର ଦେଇ ଯାତାୟାତ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ ସୁଗମ ଗମନାଗମନ ପାଇଁ ଲକ୍ଷ୍ମୀ ବସ ଆରମ୍ଭ ନେଇ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି। ଲୋକେ ୫ ଟଙ୍କା ଦେଇ ଗ୍ରାମାଞ୍ଚଳରୁ ବଜାରକୁ ଗମନାଗମନ ସ୍ୱପ୍ନ କେବେ ପୂରଣ ହେଉଛି, ତାହା ଦେଖିବା ବାକି ରହିଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ବଡ଼ସାହି, ୧୩।୧୨(ସମିସ):** ସ୍ଥାନୀୟ ବିବେକାନନ୍ଦ ବିହାରଠାରେ ଚାଲିଥିବା ୪୬ତମ ବାଣୀପୀଠ ମହୋତ୍ସବର ଦ୍ୱିତୀୟ ଦିବସରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମା' ନିଶାମଣି ରାଉତ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ରାଷ୍ଟ୍ରଭକ୍ତ ନିର୍ମାଣରେ ଗୁରୁଜୀ ଗୁରୁମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସୋନପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ଅପରାହ୍ନର ସମ୍ପାଦକ ବଂଶୀଧର ଜେନା, ସ୍ୱତନ୍ତ୍ର ବକ୍ତା ଭାବେ ପ୍ରତିଶ୍ରୁତିର ସମ୍ପାଦକ ପ୍ରବଚକ ଭାଗବତ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ସମ୍ମାନିତ ଅତିଥି ଭାବେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା କବି ଶରତ ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମହାନ୍ତି, ଭାନୁମତୀ ସିଂହ, ଜାହ୍ନବୀରାଣୀ ସାହୁ, ସଂଯୁକ୍ତା ଦାସ ଓ ଜଳିଲାଲ ସିଂ ଯୋଗଦେଇ ପରିଶ୍ରମର ଫଳ ମିଠା ବୋଲି କହିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ପ୍ରଧାନଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବାରିପଦା କଲେଜର ବାର୍ଷିକ ଉତ୍ସବ



**ବାରିପଦା, ୧୩।୧୨(ସମିସ):** ଭଞ୍ଜପୁରସ୍ଥ ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୪୫ତମ ବାର୍ଷିକ ଉତ୍ସବ ଶିଶିର-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରାଜେଶ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଜାତୀୟ ସ୍ମାରକୀ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ କିଶୋର କୁମାର ବସା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ନିଜ ଭବିଷ୍ୟତର ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଦରକାର ଓ ଏଆଇ ଯୁଗରେ ବିଚଳିତ ନ ହୋଇ ନିଷ୍ଠାପର ଭାବେ ନିଜର ଶିକ୍ଷକ ଓ ପୁସ୍ତକ ପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ଉତ୍କଳ ସମ୍ମିଳନୀ ମୟୂରଭଞ୍ଜ ଚାପ୍ଟର ଉପସଭାପତି ତଥା ଶ୍ରୀମା ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବପିଢିର ସମାଜ ଗଠନରେ ଗୁରୁଦାୟିତ୍ୱ ଓ ଶିକ୍ଷା କ୍ଷେତ୍ରରେ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ପ୍ରବୋଧ କୁମାର ଦେ ଯୋଗଦେଇଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ ସୁବ୍ରତ ପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଅଧ୍ୟକ୍ଷ ରାଜେଶ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ପରିଷଦର ସଭାପତି ସ୍ମିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ଡକ୍ଟର ଅଞ୍ଜଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୪-୨୫ ଶିକ୍ଷା ବର୍ଷରେ +୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବିଜ୍ଞାନ ବିଭାଗର ମଣିକାନ୍ତ ପାଣ୍ଡାନ ଓ କଳା ବିଭାଗର କୃପାମୟୀ ବଦ୍ରାଙ୍କୁ ସମ୍ମାନିତ କରାଯାଇଥିଲା। ଲିଟେରାରୀ ଚାମ୍ପିଅନ ଭାବେ ପୂଜା ଟୁଡୁଙ୍କୁ ସମ୍ମାନିତ କରାଯାଇଥିଲା। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ସ୍ୱୟଂପ୍ରକାଶ ସାହୁ, ହିମାନୀ ପାତ୍ର ଓ ଯୁବ ରେଡକ୍ରସ୍ ଓ ରେଡରିବନ୍ କ୍ଲବର ରେଣ୍ଟା ହେମ୍ବ୍ରମଙ୍କୁ ଓ ପାନମଣୀ ସୋରେନଙ୍କୁ ସମାଜ ସେବା କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା।

## ବୈଷୟିକ ଶିକ୍ଷାରେ ଧୁରନ୍ଧର ହେବେ ଆଦିବାସୀ ପିଲା

**ବାରିପଦା, ୧୩।୧୨(ସମିସ):** ବୈଷୟିକ ଜ୍ଞାନ କୌଶଳରେ ନିପୁଣ ହେବେ ଆଦିବାସୀ ଛାତ୍ରଛାତ୍ରୀ। ସରକାରୀ କ୍ଷେତ୍ର ସହିତ ଦେଶ ବିଦେଶର ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇବେ। ଏଥିପାଇଁ ଜିଲ୍ଲାର ମେଧାବୀ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସଙ୍କଟ ରୋକି ପାରିବନାହିଁ। ସେମାନଙ୍କୁ ମାଗଣା କୋଚିଂ ପ୍ରଦାନ କରାଯିବ। ଏଥିପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ 'ଆକାଂକ୍ଷା' ଯୋଜନା ପ୍ରସ୍ତୁତ କରାଯାଇଛି। ଜିଲ୍ଲାର ମେଧାବୀ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷାରେ ପାରଙ୍ଗମ କରିବା ପାଇଁ ମାଗଣା କୋଚିଂ ପ୍ରଦାନ କରାଯିବ। ଜାଭା, ପାଇଥନ୍, ପିଏଚପି ମାଇଁ ଏସକ୍ୟୁଏଲ୍ ଭଳି କମ୍ପ୍ୟୁଟର ଭାଷା ଶିକ୍ଷାରେ ଅଭିଜ୍ଞ କରାଯିବ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଭାବେ ବିଟେକ୍, ଏମଟେକ୍, ବିସିଏ,

**ମାଗଣା କୋଚିଂ ପାଇଁ ଜିଲ୍ଲା ପ୍ରଶାସନର ପଦକ୍ଷେପ**

**ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ**

ଏମସିଏ ଓ ଡିପ୍ଲୋମା ଉତ୍ତୀର୍ଣ୍ଣ ବା ଶେଷବର୍ଷରେ ପଢୁଥିବା ଛାତ୍ରଛାତ୍ରୀ ଆବେଦନ କରିପାରିବେ। ଆଗ୍ରହୀ ପ୍ରାର୍ଥୀ ବାରିପଦାସ୍ଥ ଆଇଟିଡିଏ କାର୍ଯ୍ୟାଳୟକୁ ଆସି ଆବେଦନ କରିପାରିବେ। ଅବିଳମ୍ବେ ଆବେଦନ କରିବା ପାଇଁ ଆଶାୟୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ଚୟନ ହେଉଥିବା ଛାତ୍ରଛାତ୍ରୀଙ୍କୁ ଅକାଂକ୍ଷା ଆଇଟି ହବ୍‌ରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବୁଝିବା ପାଇଁ ସହଜ ହେଉଥିବା ପଦ୍ଧତିରେ ପ୍ରସ୍ତୁତ ପାଠ୍ୟପୁସ୍ତକ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଅଧିକ ସୂଚନା ପାଇଁ ଆଇଟିଡିଏ କାର୍ଯ୍ୟାଳୟ ସହ ୯୮୬୧୩ ୪୩୩୨୯ ଓ ୯୮୫୩୩ ୦୦୦୪୧ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ପ୍ରଶିକ୍ଷଣ ପାଇଥିବା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରାଯିବ। ଏଥିପାଇଁ ଏକାଧିକ କମ୍ପାନୀ ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଝାମଣା ହୋଇଛି।

## ତମାଖୁ ମୁକ୍ତ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା



**ବାରିପଦା, ୧୩।୧୨(ସମିସ):** ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ହୋଇଛି। ଏ ନେଇ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ପୁଲିସ, ଅବକାରୀ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଡ୍ରଗ୍ ଇନ୍ସପେକ୍ଟରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଅତିରିକ୍ତ ଏସପି ଦୀପକ ଗୋଚ୍ଛାୟତ ଓ ସବିତା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାସ ନାୟକ ତମାଖୁର କୁପ୍ରଭାବ ଦ୍ୱାରା ସ୍ୱାସ୍ଥ୍ୟଜନିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଜ୍ୟ ଯୁଗ୍ମନିର୍ଦ୍ଦେଶକ ବିନୟ ଦାସମହାପାତ୍ର ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅଣସଂକ୍ରାମକ ରୋଗ ପରାମର୍ଶଦାତା ଡାକ୍ତର ଗିରିଜା ଶଙ୍କର ମିଶ୍ର କଟପା ଆକ୍ଟ ୨୦୦୩ ଓ ଅନ୍ୟାନ୍ୟ ତମାଖୁ ନିୟନ୍ତ୍ରଣ ଆଇନ ବିଷୟରେ ସମସ୍ତ ଅଧିକାରୀଙ୍କ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଥାନାର ଅଧିକାରୀ, ସବଇନ୍ସପେକ୍ଟର, ଅବକାରୀ ବିଭାଗ ଅଧିକାରୀ, ଡ୍ରଗ୍ ଇନ୍ସପେକ୍ଟର, ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଶିକ୍ଷା ବିଭାଗରୁ ଜ୍ଞାନେନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ କହ୍ନେଇ ନାୟକ, ନିହାର ରଞ୍ଜନ ପୃଷ୍ଟି, ଶୁଭପ୍ରସନ୍ନ ପାତ୍ର ଓ ଅମିତ ମହଲା ପରିଚାଳନା କରିଥିଲେ।

### ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## କୋଲକାତା ଓ ରାଉରକେଲା ଫାଇନାଲକୁ ଉନ୍ନୀତ



**ବାରିପଦା, ୧୩।୧୨(ସମିସ):** ସ୍ଥାନୀୟ ପ୍ରଫୁଲ୍ଲନଗରସ୍ଥ ଲେଟ କଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି -୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସର ପ୍ରଥମ ସେମିଫାଇନାଲ ମ୍ୟାଚରେ କୋଲକାତାର ଏଲଆରଏସ ଟିମ ୫ ୱିକେଟରେ ଭୁବନେଶ୍ୱରର ଟିସିସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱରର ଟିସିସି ଟିମ ୨୦ ଓଭରରେ ୯ ୱିକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିନୟ ପାଇକରାୟ ୮୦ ଓ ରାମଚନ୍ଦ୍ର ବେହେରା ୨୯ ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ଆକାଶ ଘାତକ, ଅର୍କ ସରକାର, ରିଶବ ଚୌଧୁରୀ ଓ ଅଖିଳେଶ ଯାଦବ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଏଲଆରଏସ ଟିମ ୧୫.୪ ଓଭରରେ ୫ ୱିକେଟ ହରାଇ ୧୬୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରୋହନ ରାଠୀ ୫୨, ଅଶ୍ୱନୀ ଖଟେଲ ୩୮ ଓ ରିଶବ ଚୌଧୁରୀ ୨୪ ରନ କରିଥିଲେ। ରିଶବ ଚୌଧୁରୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୫ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ଶ୍ରୀକାନ୍ତ ବେହେରା, ଦିପ୍ତେଶ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦଘାଟନ କରିଥିଲେ। କମିଟିର ସଭାପତି ଗିରିଶ ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ ଦାଶ, ସହସମ୍ପାଦକ ଲକ୍ଷ୍ମୀଧର ନାୟକ, ସମରଜିତ ଗୋସ୍ୱାମୀ, ଅଜୟ ସିଂ ଉପସ୍ଥିତ ଥିଲେ।

ଦ୍ୱିତୀୟ ସେମିଫାଇନାଲରେ ମ୍ୟାଚରେ ରାଉରକେଲା ୭ ରନରେ ସମ୍ବଲପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ରାଉରକେଲା ୨୦ ଓଭରରେ ୮ ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ୧୭.୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୯ ରନ କରି ପରାସ୍ତ ହୋଇଥିଲା। ଦୀପକ ମହାତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ଯୁବ ସମାଜସେବୀ କାଶୀନାଥ ରଣା ଓ ନରୋତ୍ତମ ମହାନ୍ତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବାବେଳେ ସୌରଜିତ ସାହୁ ସ୍କୋରର ଓ ସୁରେଶ ସାଣ୍ଡିଲ, ବୁବୁ ସିନ୍‌ହା ଓ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ଜାତୀୟ ଲୋକ ଅଦାଲତ

**କରଞ୍ଜିଆ, ୧୩।୧୨(ସମିସ):** ଆଜି କରଞ୍ଜିଆ ବିଚାର ବିଭାଗ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଚତୁର୍ଥ ଲୋକ ଅଦାଲତ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଆଶିଷ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ଲୋକ ଅଦାଲତରେ କରଞ୍ଜିଆର ସମସ୍ତ ଅଦାଲତ ସହିତ ଯୋଶିପୁର ଓ ଠାକୁରମୁଣ୍ଡା ଅଦାଲତ ସାମିଲ ହୋଇଥିଲେ। ଅଦାଲତ ପରିଚାଳନାରେ କରଞ୍ଜିଆର ବରିଷ୍ଠ ଦେୱାନୀ ଜଜ ଅମିତ ସ୍ୱରୂପ ସେଠୀ, ଏସଡିଜେଏମ ପ୍ରଭାତ ସାମଲ ସାମିଲ ହୋଇଥିଲେ। ମୋଟ ୩୬୮ଟି ମାମଲା ଆଗତ ହୋଇଥିବାବେଳେ ସେଥିମଧ୍ୟରୁ ୧୭୦ଟିର ବିଚାର କରାଯାଇ ଜରିମାନା ଓ ଆପୋଷ ସମାଧାନ ମାଧ୍ୟମରେ ୭, ୮୦, ୦୦୦ ଟଙ୍କା ଆଦାୟ ହୋଇଥିଲା। ଫୌଜଦାରୀ (ଆପୋଷ ସମାଧାନ), ଚେକ୍ ବାଉନ୍ସ ମାମଲା, ଅର୍ଥ ଆଦାୟ, ମଟର ଗାଡି ଦୁର୍ଘଟଣା କ୍ଷତିପୂରଣ, ବୈବାହିକ, ଦେୱାନୀ ଓ ଫୌଜଦାରୀ ମାମଲାର ବିଚାର କରାଯାଇଥିଲା। ଲୋକ ଅଦାଲତକୁ ଅର୍ଚ୍ଚନା ସାହୁ, ନାରାୟଣ ସାହୁ, ବିଭୁ ପ୍ରକାଶ ମହାନ୍ତି, ଜନ୍ମେଜୟ ଦାସ, ଦେବବ୍ରତ ଦାସ, ସୁଚିତ୍ରା ନାୟକ, ନରେଶ ଗିରି, ଚିତ୍ତରଞ୍ଜନ ପଟନାୟକ, ସିନ୍ଧୁଜିତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ଉଦଳା, ୧୩।୧୨(ସମିସ):** ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା କମିଟିର ଉପସଭାପତି ଲେଫ୍ଟନାଣ୍ଟ କୁମାର ଖୁଣ୍ଟିଆ, ସମୀର କୁମାର ନାୟକ, ସୁବାସ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସୌମ୍ୟକ ସୌରଭ ଗାହାଣ ପରିଚାଳନା କରିଥିଲେ। ବିଭିନ୍ନ ବର୍ଗରେ ୪୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦୌଡ଼, କୁସ୍ତି, ପ୍ରବନ୍ଧ, ତର୍କ, ସାଧାରଣଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ କାର୍ତ୍ତିକ କୁମାର ଆଚାର୍ଯ୍ୟ, ଦୀପ୍ତିମାନ ଦେ, ବଳରାମ ପୃଷ୍ଟି, ଅଧ୍ୟାପିକା ଭାରତୀ ଗିଡ଼ି, ସୁଚେତା ମହାପାତ୍ର, ସୁଚିତ୍ରା ମହାପାତ୍ର, ଶୁଭଶ୍ରୀ ବେହେରା ଓ ଗ୍ରନ୍ଥାଗାରିକ ପଙ୍କଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ପ୍ରହ୍ଲାଦ ପୂର୍ତ୍ତି ଆଦିବାସୀ କଂଗ୍ରେସ ଆସାମ ସଂଯୋଜକ ନିଯୁକ୍ତ

**ରାଇରଙ୍ଗପୁର, ୧୩।୧୨(ସମିସ):** ଜାତୀୟ ଆଦିବାସୀ କଂଗ୍ରେସର ଆସାମ ରାଜ୍ୟର ସଂଯୋଜକ ଭାବେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଡା ବିକ୍ରାନ୍ତ ଭୁରିଆ ମନୋନୀତ କରି ନାମ ଘୋଷଣା କରିଛନ୍ତି।



ରାଷ୍ଟ୍ରୀୟ ସଂଯୋଜକଙ୍କ ବିଭିନ୍ନ ରାଜ୍ୟର ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ଜାତୀୟ କଂଗ୍ରେସ କମିଟି ଆଦିବାସୀ ବିଭାଗ ଦ୍ୱାରା ଗତ ନଭେମ୍ବର ୮ରେ ନୂଆଦିଲ୍ଲୀରେ ଆଦିବାସୀ ନେତୃତ୍ୱଙ୍କ ବୈଠକ ହୋଇ ୨୬ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ଯେଉଁଥିରେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ନାମ ଘୋଷଣା ହୋଇଛି। ଏ ନେଇ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ପ୍ରଦାନ କରାଯାଇଛି। ନିଯୁକ୍ତି ନେଇ କଂଗ୍ରେସ ସଭାପତି ମଲିକାର୍ଜୁନ ଖାଡ଼ଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀ, ଜାତୀୟ କଂଗ୍ରେସ ସଂଗଠନ ସାଧାରଣ ସମ୍ପାଦକ କେସି ବେନୁଗୋପାଲ, ବରିଷ୍ଠ ନେତା କେ ରାଜୁ, ଜାତୀୟ ଆଦିବାସୀ କଂଗ୍ରେସ ସଭାପତି ଡା ବିକ୍ରାନ୍ତ ଭୁରିଆ, ଓଡ଼ିଶା କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ଓଡ଼ିଶା ଆଦିବାସୀ କଂଗ୍ରେସ ସଭାପତି ଯଶୱନ୍ତ ନାରାୟଣ ସିଂ ଲାଗୁରୀ ଓ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

# ୪୦୫୩ ମାମଲା ଫଇସଲା; ୩ କୋଟି ୭୦ ଲକ୍ଷ ଜରିମାନା ଆଦାୟ

ବାରିପଦା, ୧୩।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ୧୨ ହଜାର ୩୦୫ଟି ମାମଲା ମଧ୍ୟରୁ ୪୦୫୩ଟି ମାମଲାର ଅପୋଷ ବିଚାର ହୋଇ ୩ କୋଟି ୭୦ ଲକ୍ଷ ୯୫ ହଜାର ୯୨୩ ଟଙ୍କା ଆଦାୟ ହୋଇଛି।

ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ସମ୍ପର୍କିତ ୭ ହଜାର ୭୮୪ଟି ମାମଲା ମଧ୍ୟରୁ ୯୭୬ଟି ମାମଲା ଅପୋଷ ବିଚାର ହୋଇ ୧ କୋଟି ୧୫ ଲକ୍ଷ ୪୫ ହଜାର ୯୭୨ ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୪ ହଜାର ୫୨୧ ମାମଲା ମଧ୍ୟରୁ ସାଲିସଯୋଗ୍ୟ ଫୌଜଦାରୀ ମାମଲା ୬୪ଟି ମଧ୍ୟରୁ ୬ଟି, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୮ଟି ମାମଲା ମଧ୍ୟରୁ ୩୯ଟି, ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧିତ ୧୧୬ଟିରୁ ୭ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୪୭ଟିରୁ ୧୬ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୮୮ଟି ମାମଲା ମଧ୍ୟରୁ ୫୮ଟି,




ରାଜସ୍ୱ ମାମଲା ୨୭୩୯ଟି ମଧ୍ୟରୁ ୧୮୫୪ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୧୬୩ଟି ମଧ୍ୟରୁ ୭୦ଟି, ଖାଉଟି ମାମଲା ସମ୍ବନ୍ଧୀୟ ୮ଟି ମଧ୍ୟରୁ ୧ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୦୭୮ଟି ମଧ୍ୟରୁ ୧୦୨୬ଟି ମିଶାଇ ୩୦୭୭ଟି ମାମଲାର ଫଇସଲା କରାଯାଇ ସମୁଦାୟ ୨ କୋଟି ୫୫ ଲକ୍ଷ ୪୯ ହଜାର ୯୫୧ ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁମନ କୁମାର ମିଶ୍ର, ସିନିୟର ସିଭିଜ ଜଜ (ଏଲଆର ଓ ଏଲଟିଭି ) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ସତରୂପା ଶତପଥୀ, ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଜିଲ ଜଜ ଡା. ନିଶାକର ସାହୁ, ଏସଡିଜେଏମ ଜୁୱେଲ ପଟ୍ଟନାୟକ, ଜେଏମଏଫସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି କୁମାରୀ ମଧୁଶ୍ରବା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ସତ୍ୟନାରାୟଣ ବେହେରା, କମଲ କୁଆଁରବାବୁ, ଧିରେନ୍ଦ୍ର ମହାପାତ୍ର, ଜିଜିଜି ସୁଶାନ୍ତ କୁମାର ବାରିକ ଓ ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ୍ତ/ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଗାଲୁସାହି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା

**ଖୁଣ୍ଟ, ୧୩।୧୨(ସମିସ):** ଶୁକୁଳି ଗୋଷ୍ଠୀ କାର୍ଯ୍ୟାଳୟ ଅଧୀନସ୍ଥ ଗାଲୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଦାଶରଥି ଗିରିଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ଯୋଜନା 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କ୍ଲଷ୍ଟର ଅନ୍ତର୍ଗତ ବହୁ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଶିରିଶ ଗିରି, ପ୍ରଦ୍ୟୁମ୍ନ ଗିରି, ଅଙ୍କୁର ନାଏକ, କନକଲତା ସାହୁ, ଜୀବନ ନାଏକ, ଚିତ୍ତରଞ୍ଜନ ବେହେରା, କୁନା ଗିରି, ଶୁକଦେବ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ମହତ ଲକ୍ଷ୍ୟ ହାସଲ ପାଇଁ ସମ୍ମିଳିତ ଉଦ୍ୟମ ଜାରି ରଖିବା ସହିତ ବିଦ୍ୟାଳୟକୁ ଆଦୌ ଆସୁ ନ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସଂକଳ୍ପବଦ୍ଧ ହେବା ସହିତ ସମାଜରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ସଭାରେ ମତ ପ୍ରକାଶ ପାଇଥିଲା।

ଇସ୍ପାତ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

# ‘ଅହ୍ୟ ସୁଲକ୍ଷଣୀ’ ଓ ‘ନିଜଠାରୁ ନିଜର ଦୂରତା’ ମଞ୍ଚସ୍ଥ





**ରାଉରକେଲା, ୧୨।୧୨(ସମିସ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଆରଏସ୍‌ପି ଆନୁକୂଲ୍ୟରେ ‘ଏକତ୍ର’ ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଦୁଇଟି ନାଟକ ନାଟକ ‘ଅହ୍ୟ ସୁଲକ୍ଷଣୀ’ ଓ ‘ନିଜ ଠାରୁ ନିଜର ଦୂରତା’ ମଞ୍ଚସ୍ଥ ହୋଇଯାଇଛି। ‘ଏକତ୍ର’ର ସଭାପତି ରାଜୀବ ପାଣିଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଆଇନ୍‌ଜୀବୀ ଗିରିଶ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ସୁସାହିତ୍ୟିକା ବିଜୟାଲକ୍ଷ୍ମୀ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ନାଟ୍ୟକାର କୈଳାଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତିମ ସନ୍ଧ୍ୟାରେ ନାଟ୍ୟାନୁଷ୍ଠାନ ନାୟିକା, ରାଉରକେଲା ତରଫରୁ ପ୍ରଥମ ନାଟକ ‘ଅହ୍ୟ ସୁଲକ୍ଷଣୀ’ ମଞ୍ଚସ୍ଥ ହୋଇଥିଲା। ଅହ୍ୟ ସୁଲକ୍ଷଣୀ ନାଟକର କାହାଣୀ ନାରୀର ଅଖଣ୍ଡ ବିଶ୍ୱାସ ଉପରେ ଆଧାରିତ। ଏହି ନାଟକରେ ଦୟାନିଧି ସହର ଯାଇ ରୋଜଗାର ସ୍ୱଚ୍ଛ ହେବାରୁ ନିଜ ଶରୀରକୁ ଏକ ମେଡ଼ିକାଲକୁ ଦାନ କରିଛି। ତେବେ ଗାଁ ସରପଞ୍ଚ ଦୟାର ସ୍ତ୍ରୀ ପାନକୁ ହଇରାଣ କରିଥିଲେ ବି ଶେଷରେ ସରପଞ୍ଚର ଗର୍ବ ଭାଙ୍ଗିଛି। ଦୟା ଗାଁକୁ ଫେରି ପାନକୁ ଅହ୍ୟ ସୁଲକ୍ଷଣୀ କରିପାରିଛି। ନାଟ୍ୟକାର ଗୌତମ ଦାସଙ୍କ ରଚିତ ତଥା କନକଲତା ଦାସଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ପୁଲିନ ରାଉତରାୟ। ସ୍ନିଗ୍ଧା ସ୍ୱାଇଁ କଣ୍ଠଦାନ କରିଥିବାବେଳେ ବିଭିନ୍ନ ଭୂମିକାରେ କ୍ଷୀରୋଦା ବାରିକ, ଶାନ୍ତିଲତା ଦାସ, ଲୀନା ବିଶ୍ୱାଳ, ଅରୁନ୍ଧତୀ ସ୍ୱାଇଁ, କଲ୍ୟାଣୀ ଦାସ, ପୂର୍ଣ୍ଣିମା ପଣ୍ଡା, ମମତା ରଣା, ରଶ୍ମୀ ପରିଡ଼ା, ଶୁଭସ୍ମିତା ବାରିକ, ବବିତା ମହାରଣା, କ୍ୱିରିନ ଦାସ, ସନ୍ଧ୍ୟା ପଟ୍ଟନାୟକ, କନକଲତା ଦାସ ପ୍ରମୁଖ ଅଭିନୟ କରିଥିଲେ। ସେହିପରି ସ୍ୱସ୍ତି ଝଙ୍କାର ତରଫରୁ ମଞ୍ଚସ୍ଥ ଦ୍ୱିତୀୟ ନାଟକ ‘ନିଜ ଠାରୁ ନିଜର ଦୂରତା’ର କାହାଣୀ ହେଲା ନାରୀ ନୀତି ଓ ଦାୟିତ୍ୱର ପ୍ରତୀକ ଆଉ ପୁରୁଷ ହେଉଛି ମୁକ୍ତି, ଇଚ୍ଛା ଓ ବ୍ୟକ୍ତିଗତ ଶୂନ୍ୟତାର ପ୍ରତୀକ। ହେଲେ ଏହି ନାଟକରେ ଉଭୟ ଚରିତ୍ର ନିଜର ସ୍ଥିତି ହରାଇ ବସନ୍ତି। ଅନ୍ଧାର ଭିତରେ ନିଜର ସ୍ଥିତି ଖୋଜି ଚାଲିଥାନ୍ତି। ହେଲେ ଯେତେବେଳେ ପ୍ରାପ୍ତ ହୁଏ ସେତେବେଳେ କେବଳ ଶୂନ୍ୟତା ରହିଥାଏ। ଏହିଭଳି ଏକ ଅସମାହିତ ବିଷୟକୁ ନେଇ ଗତିଶୀଳ ହୋଇଥିଲା ନାଟକ ‘ନିଜ ଠାରୁ ନିଜର ଦୂରତା’। ଏହି ନାଟକକୁ ଶଙ୍କର ତ୍ରିପାଠୀଙ୍କ ରଚିତ ଏବଂ ରାଜୀବ ପାଣିଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଡ. ସୁଶାନ୍ତ ପାଣି ରହିଥିବା ବେଳେ ମଞ୍ଚ ସଜ୍ଜାରେ ପ୍ରଳୟ ଶତପଥୀ ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ଭୂମିକାରେ ସାର୍ଥକ ଦାସ, ଗୌତମ ଦାସ, ସୌରଭ ଚକ୍ରବର୍ତ୍ତୀ, ଆଲୋକ ବୋଷ, ମହେନ୍ଦ୍ର ସାହୁ, କିଶୋରୀ ମୋହନ କର, ପ୍ରଳୟ ଶତପଥୀ, ବବି ମହାଳିକ, ବସୁନ୍ଧରା ନାୟକ ପ୍ରମୁଖ ଅଭିନୟ କରିଥିଲେ। ଏକତ୍ର ସଭାପତି ରାଜୀବ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ବରେଣ୍ୟ ଅତିଥି ଭାବେ ଆରଏସପି ଇଡି(ୱାର୍କସ) ବିଶ୍ୱରଞ୍ଜନ ପଲାଇ, ତାଙ୍କ ସହଧର୍ମିଣୀ ପ୍ରତିଜ୍ଞା ପଲାଇ, ଦୀପିକା ମହିଳା ସଂଘତିର ସଭାପତି ନମ୍ରତା ବର୍ମା, ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟାମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ, ଆରଏସପି ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ, ଡାକ୍ତର ଉତ୍ତମ ଜେନା ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଏକତ୍ରର ସମ୍ପାଦକ ସ୍ୱଦେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଝିଲିମା ମହାନ୍ତି ଓ ପ୍ରବୀର ଜେନା ସଂଯୋଜନା କରିଥିଲେ। ଏହି ଅବସରରେ ସମସ୍ତ ନାଟ୍ୟାନୁଷ୍ଠାନ ଓ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏକତ୍ର ପକ୍ଷରୁ ଡା. କୃପାସିନ୍ଧୁ ନାୟକ, ଡ. ସମର ମୁଦାଲି, ବିଜୟ ପାତ୍ର, ପ୍ରଦୀପ କୁମାର ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଅକ୍ଷୟ ଧଳ, ପ୍ରସନ୍ନ କୁମାର ମହାନ୍ତି, ସୁମନ ଦତ୍ତ, କଲ୍ୟାଣୀ ଦାସ, ଶାନ୍ତିଲତା ଦାସ, ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍



**କୁତ୍ରା, ୧୩।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଗଡ଼ପୋଷ ଛକରେ ଏକ ବାଇକ୍‌କୁ ଏକ ଟ୍ରକ୍ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଟ୍ରକ୍ ତଳେ ଫସି ଯାଇଥିବାବେଳେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଘଟଣାରୁ ଜଣାପଡ଼ିଛି ଯେ ସନ୍ଧ୍ୟା ସାଢେ ପାଞ୍ଚଟା ସମୟରେ କୁତ୍ରା ପଟରୁ ବଡ଼ଗାଁ ଆଡ଼କୁ କୁତ୍ରା ବ୍ଲକ କଟଙ୍ଗଖରିଆ ଗ୍ରାମର ଅମିତ ତିର୍କୀ ନାମକ ଜଣେ ଯୁବକ ବାଇକ୍‌ରେ ଯାଉଥିବା ବେଳେ ପଛପଟୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଅମିତ ଛିଟିକି ପଡ଼ିବା ସହ ଟ୍ରକ୍ ତଳେ ଫସି ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପକ୍ଷରେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ସ୍ଥାନୀୟଲୋକଙ୍କ ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇବାସହ ଲୋକେ ଦୁଇଘଣ୍ଟା ଧରି ରାସ୍ତା ଅବରୋଧ କରି ରଖିଥିଲେ। ପରେ କୁତ୍ରା ପୁଲିସ ପହଞ୍ଚି ସମାଧାନ କରିଥିଲା।

# ଜଗତ କଲ୍ୟାଣ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ବଣାଇଁ, ୧୩।୧୨(ସମିସ):** ଲହୁଣୀପଡ଼ା ବ୍ଲକ ଅଧୀନ ସୁରୁପତଲା, ଉରୁମକଳା ସ୍ଥିତ ଜଗତ କଲ୍ୟାଣ ଗ୍ରୁପ ପକ୍ଷରୁ ଆୟୋଜିତ ପଞ୍ଚମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ୧୬ ଟି ଫୁଟବଲ ଦଳକୁ ନେଇ ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡ଼ା ଥାନା ଅଧିକାରୀ ସୁରଜକୁମାର ଝଙ୍କାର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜାମୁଣ୍ଡା ନାଏବ ସରପଞ୍ଚ ବୁଦ୍ଧଦେବ କିଷାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁରଞ୍ଜନ ପାଢ଼ୀ ଯୋଗ ଦେଇଥିଲେ। ଭଜନ କିଷାନ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ବଳଭଦ୍ର କିସାନ, ସମ୍ପାଦକ ଶରତ ଚନ୍ଦ୍ର କିସାନ, କୋଷାଧ୍ୟକ୍ଷ ରୁପଧର କିସାନ, କ୍ରୀଡ଼ା ବିଭାଗରେ ଜୀବନ କିଷାନ, ରାଜକୁମାର କିଷାନ, ରଞ୍ଜିତ କିଷାନଙ୍କ ସମେତ ସଭ୍ୟ ଜୟକୃଷ୍ଣ, ମଣ୍ଟୁ, ବିକାଶ, ଭୀମସେନ, ପଦ୍ମଚରଣ, ଲୁକୁ, ଚିନ୍ତା ମଣି, ବ୍ରଜ, ଜୀବନ, ଝସ ପ୍ରମୁଖ ସଭ୍ୟ ମାନେ ଉପସ୍ଥିତ ଥିଲେ।

# ଖଣି ପରିବେଶ ଓ ଖଣିଜ ପଦାର୍ଥ ସଂରକ୍ଷଣ ସପ୍ତାହ



ବଣାଇଁ, ୧୩।୧୨(ସମିସ): ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ବ୍ଲକ ଅଧୀନ ଖଣ୍ଡାଧାର ଠାରେ ଥିବା ଓଡ଼ିଶା ଖଣି ନିଗମର କୁର୍ମିତାର ଲୌହଖଣି ତରଫରୁ ୨୭ ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳନ ହୋଇ ଯାଇଛି। କର୍ମଚାରୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଓ ନାରା ଲିଖନ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ସଂଯୋଜକ ଭାବରେ ଏମ୍‌ଜି ମହାନ୍ତି ଆଣ୍ଡ ସନ୍ ସଂସ୍ଥାର ମହା ପ୍ରବନ୍ଧକ ବିକାଶ କୁମାର ନାୟକ, ଉପ ସଂଯୋଜକ ଭାବରେ ବିଶ୍ୱନାଥ ପାଲ, ସହ ସଂଯୋଜକ ସରୋଜ କୁମାର ସା, ଏମ୍‌ଜି ମହାନ୍ତି ଅତିଥି ଭାବରେ ଯୋଗ ଦେଇଥିଲେ। ବିଭୁତି ଭୂଷଣ ନାୟକଙ୍କ ନିର୍ଦ୍ଦେଶନାରେ କୁର୍ମିତାର ଲୌହ ଖଣିର ଖଣି ପରିଚାଳକ ଶ୍ରୀ ପ୍ରିୟ ରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ସମ୍ମାନିତ କରାଯାଇଲା। ଏ ବର୍ଷର ନିଷ୍ଠାପର କର୍ମଚାରୀ ଭାବରେ ସୋମେନ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ସିଏସଆର କାର୍ଯ୍ୟ ପାଇଁ ପ୍ରଦୀପ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସବୁ ବିଭାଗର କର୍ମୀଙ୍କୁ ମଞ୍ଚ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ତାରିଣୀ ଗୌତମ ପରିଚାଳନା କରିଥିଲେ। ଦିଲେଶ୍ୱର କିସାନ, ମନୋଜ ଦେବତା, ପ୍ରବନ୍ଧକ ସୁଦୀପ୍ତ ସୁନ୍ଦର ପରିଡ଼ା, ବିଶ୍ୱ ରଞ୍ଜନ ସାହୁ, ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

# ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ ଆହ୍ୱାନ

**ଦେବଗଡ଼, ୧୩।୧୨(ସମିସ):** ଅଧାରୁ ପାଠ ଛାଡିଥିବା, ବିଦ୍ୟାଳୟରେ ମୂଳରୁ ନାମ ଲେଖାଇ ନଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲା ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ




ଆରମ୍ଭ ହୋଇଥିବା ଜିଲ୍ଲା ବ୍ୟାପୀ ଅଭିଯାନର କ୍ଲଷ୍ଟର ସ୍ତରୀୟ ଶିକ୍ଷାସଭା କାର୍ଯ୍ୟକ୍ରମ ଶନିବାର କଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁଗୁଡ଼ା କ୍ଲଷ୍ଟର ସିଆରସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଲଣ୍ଡା ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ମୁଖ୍ୟବକ୍ତା ଭାବେ ଗୋହିରା ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ କୁମୁଦ ବନ୍ଧୁ ପୃଷ୍ଟି, ଅନ୍ୟତମ ସମ୍ମାନିତ ଅତିଥି ଭାବେ ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, କଲଣ୍ଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହରିପ୍ରିୟା ସାହୁ, ପିଏମଶ୍ରୀ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା, ସମଗ୍ର ଶିକ୍ଷା ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ, ଶିକ୍ଷାବିତ ଦୁଷ୍ମନ୍ତ ସାମଲ, କୃଷ୍ଣଚନ୍ଦ୍ର ଗଡ଼ନାୟକ, ରମେଶ ଚନ୍ଦ୍ର ସାହୁ, ପୂର୍ବ ପରିଚାଳନା ସମିତି ସଭାପତି ଅବନୀ ଜାଲ ପ୍ରମୁଖ ଯୋଗ ଦେଇଥିଲେ। ୬ରୁ ୧୪ ବର୍ଷ ଛାତ୍ରଛାତ୍ରୀଙ୍କୁ ବୟସ ଅନୁସାରେ ନିଜ ପାଖ ବିଦ୍ୟାଳୟ ଓ ୧୪ରୁ ୧୮ ବର୍ଷ ପିଲାମାନଙ୍କୁ ଓଡ଼ିଶା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ଶିକ୍ଷାର ମୂଳ ସ୍ରୋତରେ ସାମିଲ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ମାନେ ନିଜ ବିଦ୍ୟାଳୟ ସର୍ଭେ ଓ ମୁଖ୍ୟ ସ୍ରୋତରେ ସାମିଲ କରିଥିବା ରିପୋର୍ଟ ପଠନ କରିଥିଲେ। ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା କ୍ଲଷ୍ଟର ସ୍ତରୀୟ ପ୍ରସ୍ତୁତ ଲିଫଲେଟର ଉନ୍ମୋଚନ କରାଯାଇଥିଲା। ଅଧାରୁ ପାଠ ଛାଡି ପୁନର୍ବାର ବିଭିନ୍ନ ବିଦ୍ୟାଳୟ ଓ ଓଡ଼ିଶା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ୧୦ମ ପରେ ନାମ ନ ଲେଖାଇ ଘରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ୟାରିୟର ଗାଇଡାନ୍ସ ଶିକ୍ଷକ କେ. ଅନିଲ ସଚେତନ କରାଇଥିଲେ। ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ ଶର୍ମା, ପରମାନନ୍ଦ ବାସନ୍ତରା, ହରିହର କିଷାନ, ପୁଷ୍ପାଞ୍ଜଳି ସାହୁ, ଚତୁରୀ ପ୍ରଧାନ, ବୈଜୟନ୍ତୀ ମାହାଣା, ଦିନେଶ ପାଢ଼ୀ, ବିରଞ୍ଚି ପ୍ରଧାନ, ସୁମିତ୍ରା ଶତପଥୀ, ନମିତା ସାହୁ, ଅନିଲ ବାର୍ଲା, କୌଶଲ୍ୟା ସାହୁ, କଲ୍ୟାଣୀ ନାଏକ, ଅରୁଣ ତନୟ ସାମଲଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



**ଝାରସୁଗୁଡ଼ା:** ଝାରସୁଗୁଡ଼ା ସହରାଞ୍ଚଳର ମନମୋହନ କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁରୋମାଲ ପରିସରରେ ‘ଆସ ସ୍କୁଲ ଯିବା” କାର୍ଯ୍ୟକ୍ରମ ଅବସରରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ ପଟେଲ ଅଧାରୁ ପାଠ ଛାଡିଥିବା ଓ ନାମ ଲେଖାଇ ନଥିବା ୬ରୁ ୧୪ ବର୍ଷର ଶିଶୁମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ ପଟେଲ ୧୪ ବର୍ଷରୁ ଅଧିକ ବୟସର ଶିଶୁମାନଙ୍କୁ



ସିଧାସଳଖ ଦଶମ ବୋର୍ଡ ପରୀକ୍ଷା ଦେବାର ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସଭାନେତ୍ରୀ ଶୁଭଶ୍ରୀ ସାହାନୀ, ୱାର୍ଡ ନମ୍ବର ୨୧ର କାଉନସିଲର ନୀତା ସା, ସାମାଜିକ କର୍ମୀ ବିପୁଲ ଉପାଧ୍ୟାୟ, ପ୍ରଧାନଶିକ୍ଷକ ତାପସ ମିଶ୍ର, ଅକ୍ଷୟ ପତି, ସିଆରସିସି ରାମକୃଷ୍ଣ ପୁରୋହିତ ନିଜ ନିଜ ମତ ରଖିଥିଲେ। ଶେଷରେ ବୁରୋମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ସଚେତନତା ସୃଷ୍ଟି ପାଇଁ ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା।

**ଇବଥର୍ମାଲ:** ବନ୍ଧବାହାଲ କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା ଆଞ୍ଚଳିକ ସାଧନ ସଂଯୋଜକ ତୀର୍ଥବାସୀ ପଧାନଙ୍କ ତତ୍ତ୍ୱାବଧାନରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଧବାହାଲଠାରେ ଅନୁଷ୍ଠିତ ହୋଇଛି। ସଭାରେ ସ୍ଥାନୀୟ ବିଦ୍ୟାଳୟର ପରିଚାଳନା ସଭାପତି ପଦ୍ମ ଅଟି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶୁକଦେବ ପଧାନ ଅତିଥି ପରିଚୟ କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଭାର ମୁଖ୍ୟ ଉଦ୍ଦେଶ୍ୟ ଯଥା ବିଦ୍ୟାଳୟ ବାହାରେ ଥିବା ୬ରୁ ୧୪ ବର୍ଷ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା, ୧୪ରୁ ୧୮ ବର୍ଷ ପିଲାଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ମାଗଣାରେ ନାମ ଲେଖାଇବା। ମୁଖ୍ୟ ସ୍ରୋତରେ ସାମିଲ ହୋଇନଥିବା ସ୍କୁଲ ବାହାରେ ଥିବା ଶିଶୁମାନଙ୍କ ଘରକୁ ଯାଇ ମୁଖ୍ୟ ସ୍ରୋତରେ ସାମିଲ କରାଇବା ଆଦି ସିଆରସିସି ପଧାନ ଉପସ୍ଥାପନ କରିଥିଲେ। ବିନିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୀନକେତନ ଦାସ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଦ୍ୱାରା ମିଳୁଥିବା ସୁବିଧା ସୁଯୋଗ ଉପସ୍ଥାପନା କରିଥିଲେ। ସାକ୍ଷରତା କୋଣ ଦାୟିତ୍ୱରେ ବନହରପାଲି ସ୍କୁଲର ଶିକ୍ଷୟିତ୍ରୀ କ୍ଷିତେଶ୍ୱରୀ ସା, ସଂଖ୍ୟା ଜ୍ଞାନ କୋଣରେ କ୍ଷୀରୋଦ୍ରୀ ପଧାନ, ନିପୁଣ ଓଡ଼ିଶା କୋଣରେ ବବିତା ପଧାନ, ସରକାରୀ ବିଦ୍ୟାଳୟରୁ ମିଳୁଥିବା ସୁବିଧା ସୁଯୋଗ କୋଣରେ ବେବିରାଣୀ ବଡ଼େଇ, ବିଜ୍ଞାନ ପ୍ରଦର୍ଶନୀ କୋଣରେ ସଂଯୁକ୍ତା ମହାପାତ୍ର ଓ ପୁଷ୍ପାଞ୍ଜଳି ପଧାନ ରହିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ପରିଚାଳନା କରିଥିଲେ।

# ଝାରସୁଗୁଡ଼ାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ଝାରସୁଗୁଡ଼ା, ୧୩।୧୨(ସମିସ):** ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ଓ ଲଖନପୁର କୋର୍ଟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବିଭିନ୍ନ ଅଦାଲତରେ ବିଚାରାଧିନ ଥିବା ମାମଲା ମାନଙ୍କ ମଧ୍ୟରେ ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧିନ ଥିବା ୪ଟି ମକଦ୍ଦମା ୨୮, ୬୦, ୦୦୦ ଟଙ୍କାରେ, ୬ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୫ଟି ଚେକ ବାଉନ୍ସ ମାମଲା ୧୫, ୩୨, ୯୯୪ ଟଙ୍କାରେ, ୪ଟି ଟଙ୍କା ପୁନରୁଦ୍ଧାର ମାମଲା, ଗୋଟିଏ ବୈବାହିକ/ ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ), ୯ଟି ଅନ୍ୟାନ୍ୟ ଦେୱାନି, ୨୭୫ଟି ଅନ୍ୟାନ୍ୟ ଫୌଜଦାରୀ ଓ ୩୯୨୦ଟି ରାଜସ୍ୱ ମୋକଦ୍ଦମା ୧, ୮୫, ୪୮୨ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୭୦ଟି ଋଣ ସମ୍ବନ୍ଧୀୟ ମାମଲା ୧୩, ୦୦, ୪୯୧ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ୧୬ଟି ମାମଲା ୯୧, ୮୨୨ ଟଙ୍କାରେ, ଭାରତ ସଞ୍ଚାର ନିଗମ ଲିମିଟେଡର ଟେଲିଫୋନ ବିଲ୍ ଦେୟ ସମ୍ବନ୍ଧୀୟ ୪ଟି ମାମଲା ୫, ୬୮୨ ଟଙ୍କାରେ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ୨ଟି ପରିବାର ବିବାଦ ମାମଲା ଏବଂ ଟାଟା ପାୱାରର ବିଦ୍ୟୁତ ବିଲ ଦେୟ ସମ୍ବନ୍ଧୀୟ ୧୬ଟି ମାମଲା ୨, ୮୬, ୭୦୭ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି।



ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ନାୟକ ମୋଟରଯାନ ଦୁର୍ଘଟଣା ଦାବି ଜନିତ ମକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିଲେ। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ ଜନ ଉପଯୋଗୀ ସେବା ଜନିତ ପ୍ରାକ୍ ମକଦ୍ଦମା ମାମଲା, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରନ ବୈବାହିକ/ ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ) ମକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଇଥିଲେ। ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସଦାଶିବ ଜେନା, ବରିଷ୍ଠ ଦେୱାନି ବିଚାରପତି ଡ.ସନ୍ଧ୍ୟା ରଥ, ବରିଷ୍ଠ ଦେୱାନି ବିଚାରପତି (ଏଲଆର) ଦେବଶ୍ରୀ ସାହୁ ଓ କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ ଅନ୍ୟାନ୍ୟ ଦେୱାନି ମକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ସେହିପରି ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର, କନିଷ୍ଠ ଦେୱାନି ବିଚାରପତି ତଥା ଜେଏମଏଫସି ଲଖନପୁର ଜୟା ରାଏ, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଲଖନପୁର ବ୍ରଜେଶ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗ୍ନିଜେନ୍ସ) ସୁପ୍ରାସି ସୋନାଲି ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଫୌଜଦାରୀ ମାମଲା ଗୁଡିକର ଆପୋଷ ସମାଧାନ କରିଥିଲେ। ଏହି ଲୋକ ଅଦାଲତରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର ଓ ଶିକ୍ଷାନବିଶ ସିଭିଲ ଜଜ ସ୍ୱାତୀ ସାମଲ ଉପସ୍ଥିତ ଥିବା ବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକ ମୟୀ ପ୍ରଧାନ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର ଦାସ ପରିଚାଳନା କରିଥିଲେ। ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଦାଲତରେ ରାଜସ୍ୱ ମାମଲା ଗୁଡିକ ସମାଧାନ ହୋଇଥିଲା। ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୧୧ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା। ଏହି ବେଞ୍ଚ ଗୁଡିକର ସଦସ୍ୟ ଭାବେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ସୁରେନ୍ଦ୍ର ମହାପାତ୍ର, ଡାକେଶ୍ୱର ପାଣ୍ଡେ, ତାଲିମପ୍ରାପ୍ତ ମଧ୍ୟସ୍ଥି ମନୋଜ ସୁନା, ରୁପାଲୀ ଚାଟାର୍ଜି, ବୋନେଲା ନାଗେଶ୍ୱରୀ, ପ୍ରଶାନ୍ତ ଦାସ, ଡମାଳି ପଟେଲ, ପ୍ରାଧିକରଣର ତାଲିକାଭୁକ୍ତ ଆଇନଜୀବୀ ଭବାନୀ ଶଙ୍କର ଦଣ୍ଡସେନା, ଗଙ୍ଗାଧର ବେହେରା, କୈଳାସ ମହାନନ୍ଦିଆ, ସମାଜସେବୀ ଦେବାର୍ଚ୍ଚନ ଠାକୁର ଓ ତୁଳାରାମ ପଟେଲ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ପୂର୍ବତନ କନ୍ସିଲେଟର ଅଶୋକ ପାଟଜୋଶୀ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ସଦସ୍ୟ ଆନନ୍ଦିନୀ ପାଢ଼ୀ ଓ ସୁରେଶ ଚନ୍ଦ୍ର ପଟେଲ ଉପସ୍ଥିତ ଥିଲେ। ବେସରକାରୀ ବୀମା କମ୍ପାନୀ ମାନଙ୍କ ତରଫରୁ ଓକିଲ ଅନୁପ ମିଶ୍ର ଓ ବିଶ୍ୱନାଥ ଦତ୍ତ ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ।

**ଜିଲ୍ଲାରେ ବଢୁଛି ସଡ଼କ ଦୁର୍ଘଟଣା**

# ୧୧ ମାସରେ ଗଲାଣି ୧୩୩ ଜୀବନ

- ରାସ୍ତାପାର୍ଶ୍ୱ ବେଆଇନ ପାର୍କିଂକୁ ନେଇ ଚିନ୍ତାରେ ପ୍ରଶାସନ
- ପାର୍କିଂ ଓ ଡ୍ରେନ୍ ଉପରେ ଜବରଦଖଲକୁ ଛଡ଼ା ଯିବନି: ଇଓ

ରାୟଗଡ଼ା, ୧୩।୧୨(ସମିସ)



ରାୟଗଡ଼ା ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା ଜନୀତ ମୃତ୍ୟୁ ସଂଖ୍ୟାକୁ ନେଇ ଚିନ୍ତାରେ ପଡ଼ିଛି ଜିଲ୍ଲା ପ୍ରଶାସନ। ଏନେଇ ଜିଲ୍ଲା ପ୍ରଶାସନ, ପୁଲିସ, ଆରଟିଓ ବିଭାଗ ପକ୍ଷରୁ ନିୟମ ଉଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରତିଟି ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ନିର୍ଦ୍ଦେଶ ଦେଉଛନ୍ତି। ତଥାପି ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବା ସହ ମୃତ୍ୟୁ ସଂଖ୍ୟା ବଢୁଥିବାରୁ ଏହା ଜିଲ୍ଲା ପାଇଁ ଚିନ୍ତା ଜନକ ବିଷୟ ପାଲଟିଛି। ଲଗାତାର ଭାବେ ଚଳିତ ଡିସେମ୍ବର ମାସ ଆରମ୍ଭରୁ ଶନିବାର ସୁଦ୍ଧା ସଡ଼କ ଦୁର୍ଘଟଣାରେ ୧୦ରୁ ଉର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ଗୁରୁତର ଆହାତଙ୍କ ସଂଖ୍ୟା ମଧ୍ୟ ଅଧିକ ରହିଛି। ୩୨୬ନଂ ଜାତୀୟ ରାଜପଥ ସମେତ ଗ୍ରାମାଞ୍ଚଳ ରାସ୍ତାଗୁଡିକରେ ମଧ୍ୟ ଏହି ଦୁର୍ଘଟଣା ହାର ବଢ଼ିବାରେ ଲାଗିଛି। ଜିଲ୍ଲାର ମୁନିଗୁଡା, ରାମନାଗୁଡା, ଗୁଣପୁର, କାଶିପୁର, ରାୟଗଡ଼ା, ଗୁଡାରୀ, ପଦ୍ମପୁର, ବିଷମକଟକ ଆଦି ଥାନା ଅଞ୍ଚଳରେ ଅଧିକ ସଡ଼କ ଦୁର୍ଘଟଣା ଘଟୁଥିବା ଜଣାପଡୁଛି। ଏନେଇ ରାୟଗଡ଼ା ଆରଟିଓ ବିଭାଗରୁ ମିଳିଥିବା ସୂଚନା ପ୍ରକାରେ ଚଳିତ ବର୍ଷ ଜାନୁଆରୀ ଠାରୁ ନଭେମ୍ବର ୧୧ମାସ ମଧ୍ୟରେ ୨୧୮ ଟି ସଡ଼କ ଦୁର୍ଘଟଣାରେ ୧୩୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୯୪ ଜଣ ଗୁରୁତର ଏବଂ ୧୨୮ ଜଣ ସାମାନ୍ୟ ଆହାତ ହୋଇଛନ୍ତି। ସେଥିମଧ୍ୟରୁ ୧୧୯ଟି ସାଂଘାତିକ ସଡକ ଦୁର୍ଘଟଣା ଘଟିଛି। ଯେଉଁଥିରେ ୫୯ଜଣ ଗୁରୁତର, ୩୪ଜଣ ସାମାନ୍ୟ ଓ ୬ଜଣ ସାଧାରଣ ଆହାତ ହୋଇଛନ୍ତି। ରାୟଗଡ଼ା ସହରାଞ୍ଚଳ ସମେତ ଜିଲ୍ଲାର ଅନ୍ୟ ସହରାଞ୍ଚଳଗୁଡିକର ମୁଖ୍ୟ ରାସ୍ତା କଡରେ ବେଆଇନ ପାର୍କିଂ ଯୋଗୁଁ ରାସ୍ତା ଅଧିକ ସଂକୀର୍ଣ୍ଣ ହେଉଥିବାରୁ ଅନେକ ସମୟରେ ସହର ମଧ୍ୟରେ ସଡକ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏଭଳି ବେଆଇନ ପାର୍କିଂ କରୁଥିବା ଅମାନିଆ ଗାଡି ଚାଳକ ଏବଂ ପାର୍କିଂ ସୁବିଧା କରାଉ ନଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଛି। ଗତ ମାସରେ ଅନୁଷ୍ଠିତ ହୋଇଥିବା ଶୂନ ମୃତାହତ ପକ୍ଷ ପାଳନ ସମୟରେ ପ୍ରଶାସନ ପକ୍ଷରୁ ବେଆଇନ ପାର୍କିଂ ଉପରେ ଯାଞ୍ଚ କରାଯାଇ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗାଡି ଏବଂ ବ୍ୟବସାୟ ପ୍ରତିଷ୍ଠାନକୁ ତାଗିଦ କରାଯିବା ସହ ଜୋରିମାନା ଆଦାୟ କରାଯାଇଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ନିୟମିତ ଶୀଥିଳତାର ସୁଯୋଗ ନେଇ ରାସ୍ତା କଡରେ ଥିବା ବିଭିନ୍ନ ସପିଂ ମଲ, ଗାଡି ସୋ ରୁମ, କପଡ଼ା ଷ୍ଟୋର ଆଦି ଅନେକ ଦୋକାନ ସମ୍ମୁଖରେ ଗ୍ରାହକମାନେ ନିଜ ବାଇକ, କାର୍‌କୁ ଦୀର୍ଘ ସମୟ ଧରି ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଏହା ଯୋଗୁଁ ଅନେକ ସମୟରେ ମୁଖ୍ୟ ରାସ୍ତାରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଆମ୍ବୁଲାନ୍ସ ମଧ୍ୟ ରାସ୍ତା ନ ପାଇ ବିଳମ୍ବରେ ରୋଗୀଙ୍କୁ ମେଡିକଲରେ ପହଞ୍ଚାଇଥାଏ। ଗତ ଗୁରୁବାର ରାତ୍ରରେ ରାୟଗଡ଼ା ସହରର ରିଲାଏନ୍ସ ମଲ ସମ୍ମୁଖରେ ଏକ ସଡ଼କ ଦୁର୍ଘଟଣାକୁ କେନ୍ଦ୍ର କରି ପ୍ରବଳ ହଟ୍ଟଗୋଳ ହୋଇଥିବା ବେଳେ ଏହାର ମୂଳକ କାରଣ ରାସ୍ତାକୁ ଲାଗି କରାଯାଇଥିବା ବେଆଇନ ପାର୍କିଂ ବୋଲି ଜଣାପଡ଼ିଛି। ଫଳରେ ଶୁକ୍ରବାର ରାୟଗଡ଼ା ପୌର ପାଳିକା ତରଫରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁଣି ଥରେ ସହରରେ ବେଆଇନ ରାସ୍ତାକଡ ପାର୍କିଂ ଏବଂ ଡ୍ରେନ ଉପରେ ଜବରଦଖଲ କରିଥିବା ଦୋକାନଗୁଡିକୁ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାର କହିଛନ୍ତି। ଏଥିସହ ଏଣିକି ବେଆଇନ ପାର୍କିଂ ଓ ଡ୍ରେନ୍ ଉପରେ ଜବରଦଖଲ କରୁଥିବା ଲୋକ ଓ ପ୍ରତିଷ୍ଠାନକୁ ଛଡ଼ାଯିବ ନାହିଁ ବୋଲି ପୌର ନିର୍ବାହୀ ଅଧିକାରୀ ସୂଚାଇଛନ୍ତି।

- ଶାନ୍ତି ଫେରାଇବା ପାଇଁ ମାଲକାନଗିରି ପୁଲିସର ପଦକ୍ଷେପ

## ଗୁଜବକୁ ଗୁରୁତ୍ୱ ନଦେବାକୁ ଜନସାଧାରଣଙ୍କୁ ଅପିଲ

**ମାଲକାନଗିରି, ୧୩।୧୨(ସମିସ):** ମାଲକାନଗିରି ଜିଲ୍ଲା ଏମ୍‌ଭି ୨୬ ଗ୍ରାମରେ ଶାନ୍ତି ଫେରାଇବାକୁ ମାଲକାନଗିରି ପୁଲିସ ନେଇଛି ଅନେକ ପଦକ୍ଷେପ। ମହିଳାଙ୍କ ମୃତ୍ୟୁ ଘଟଣା ପରେ ଏହି ଅଶାନ୍ତ କର ସ୍ଥିତି ଉପୁଜିଥିବା ବେଳେ ଏହି ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସୁକରଞ୍ଜନ ମଣ୍ଡଳଙ୍କୁ ୩ ଦିନ ପୂର୍ବେ ପୁଲିସ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରିବା ପରେ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରାଧରେ ବ୍ୟବହୃତ ଅସ୍ତ୍ରକୁ ପୁଲିସ ଜବତ କରିଛି। ମୃତ ଶରୀରର ମୁଣ୍ଡ ପୁଲିସ ଉପସ୍ଥିତିରେ ଜବତ କରି ସମ୍ମାନର ସହିତ ସଠିକ୍ ଭାବରେ ଅନ୍ତିମ ସତ୍କାର କରାଯାଇଛି। ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ବିଏସଏଫ, ସିଆରପିଏଫ, ସିଏପିଏଫ ସହ ପୁଲିସ ଫୋର୍ସ ମୁତୟନ କରାଯାଇଛି ଏବଂ ଫ୍ଲାଗ ମାର୍ଚ୍ଚ କରାଯାଉଛି। ଏହାସହ ପୁଲିସ ଷ୍ଟେସନ୍‌ସ୍ତରରେ ଶାନ୍ତି ବୈଠକ କରାଯାଉଛି। ଏହାସହ ଜିଲ୍ଲା ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ଅପିଲ କରାଯାଇଛି ଯେ, ମାଲକାନଗିରି ପୁଲିସ ଏହି ମାମଲାରେ କଠୋର ଏବଂ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ନ୍ୟାୟ ପ୍ରଦାନ କରିବା ପାଇଁ ତଦନ୍ତ ଗୁରୁତର ସହିତ ଚାଲିଛି। ତେଣୁ ସମସ୍ତ ନାଗରିକ ଅଞ୍ଚଳରେ ଶାନ୍ତି, ଆଇନ ଏବଂ ଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ନିବେଦନ କରିଛି। ସାମାଜିକ ଗଣମାଧ୍ୟମରେ କିମ୍ବା ମୁହଁରେ ପ୍ରସାରିତ ହେଉଥିବା ଗୁଜବ କିମ୍ବା ଅପ୍ରମାଣିତ ସୂଚନା ଉପରେ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ପ୍ରସାର କରନ୍ତୁ ନାହିଁ। କୌଣସି ସ୍ପଷ୍ଟୀକରଣ ପାଇଁ କିମ୍ବା ସନ୍ଦେହଜନକ କାର୍ଯ୍ୟକଳାପ ରିପୋର୍ଟ କରିବାକୁ ସ୍ଥାନୀୟ ପୋଲିସ ଷ୍ଟେସନ ସହିତ ସିଧାସଳଖ ଯୋଗାଯୋଗ, ନଚେତ ଜରୁରୀକାଳୀନ ହେଲ୍ପଲାଇନ୍ ୧୧୨କୁ ଡାଏଲ୍ କରିବାକୁ ଏସ୍‌ପି ବିନୋଦ ପାଟିଲ ସୂଚାଇଛନ୍ତି।

## ଗୁଡାରିରେ ନବୋଦୟ ପ୍ରବେଶିକା ପରୀକ୍ଷା

**ଗୁଡାରି, ୧୩।୧୨(ସମିସ):** ଗୁଡ଼ାରି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୨୬ ନବୋଦୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷଗୁଡିକରେ ଗୁଡାରି ସରକାରୀ ଉଚ୍ଚବିଦ୍ୟାଳୟ ଅନୁଷ୍ଠିତ ହେଉଥିବାବେଳେ ପ୍ରଥମ କରି ଶିକ୍ଷାବିଭାଗ ଗୁଡ଼ାରି ବ୍ଲକ ଲୋକନାଥ ପୁରୁ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନବୋଦୟ ପରୀକ୍ଷା କେନ୍ଦ୍ରର ମାନ୍ୟତା ଦେଇଛି। ଏଣୁ ଏହି ବର୍ଷ ଦୁଇଟି ବିଦ୍ୟାଳୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏହି ପ୍ରବେଶିକା ପରୀକ୍ଷାରେ ସର୍ବମୋଟ୍ ୩୩୬ ଜଣ ଛାତ୍ରୀଛାତ୍ର ନବୋଦୟ ପରୀକ୍ଷା ଦେଇଥିବା ବେଳେ ସେଥିରୁ ଛାତ୍ର ୧୫୭, ଛାତ୍ରୀ ୧୫୧ ପରିକ୍ଷାକେନ୍ଦ୍ରରେ ଉପସ୍ଥିତ ରହିଥିଲେ। ପରୀକ୍ଷାରେ ଅନୁପସ୍ଥିତ ଥିଲେ ୫୫ ଛାତ୍ରଛାତ୍ରୀ। ନବୋଦୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ପୂର୍ବାହ୍ନ ୧୧ଟା ୩୦ରୁ ମଧ୍ୟାହ୍ନ ୧ଟା. ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପରୀକ୍ଷା କେନ୍ଦ୍ରକୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ପରୀକ୍ଷା କେନ୍ଦ୍ରରେ ୧୦ଟି କକ୍ଷରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏଥିରେ ସୁପରିଟେଣ୍ଡେଣ୍ଟ ଏବଂ ଶିକ୍ଷକ ନିରୁପମା ଶବର, ବିଇଓ ସୁଜନ ମଲ୍ଲିକ, ଏବିଇଓ ସାଙ୍ଗୁଡାରୁପା ମାଝୀ, ରିପୋର୍ଟିଂ ଏବଂ ନବୋଦୟ ବିଦ୍ୟାଳୟର ବିଭାଗୀୟ ସିଏଲଓ କୁନା ପ୍ରଧାନ ନବୋଦୟ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥିଲେ।

## ଫାମ୍ପୁଣୀ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା

**ଜୟପୁର, ୧୩।୧୨(ସମିସ):** ଆସ ସ୍କୁଲ ଯିବା ଅଭିଯାନରେ ଫମ୍ପୁଣି କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ଫାମ୍ପୁଣୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ସଭା ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫାମୁଣୀ କ୍ଲଷ୍ଟରର ସିଆଡ଼ିମାଳ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ଓ ଘିଉରୀ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା 'ଆସ ସ୍କୁଲ ଯିବା' ବିଷୟବସ୍ତୁକୁ ଆଧାର କରି ସଚେତନତା ନାଟକ ପରିବେଷଣ କରାଯାଇଥିଲା। ସେହିପରି ଫାମ୍ପୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଫାମ୍ପୁଣୀ ପଞ୍ଚାୟତର ସରପଞ୍ଚ ଶିବ ଭୂମିଆ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଅନ୍ତା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଆରତୀ ଦାଡିଆ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗଣେଶ ମଣ୍ଡଳ, ସମ୍ପାଦକ ନିରଞ୍ଜନ ପାତ୍ର, ଫାମ୍ପୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ପଣ୍ଡା, ଘିଉରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଭାପତି ସନ୍ତୋଷୀ ଗୌଡ଼ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁନିତାରାଣୀ ଜେନା, ସୁଚିସ୍ମିତା ମହାନ୍ତି, ସସ୍ମିତା ରଥ, ରାମଚନ୍ଦ୍ର ଚୌଧୁରୀ, ଦିଲ୍ଲୀପ ମିଶ୍ର, ସୁସ୍ମିତା ପାଢ଼ୀ, କାହ୍ନୁଚରଣ ତ୍ରିପାଠୀ, ଜ୍ୟୋସ୍ନାରାଣୀ ଦେବୀ, ରାନୁ ଖୁଣ୍ଟିଆ, ଅଲିଭା କବି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାମ୍ପୁଣୀ ଓ ଅନ୍ତା ପଞ୍ଚାୟତର ବିଭିନ୍ନ ଗ୍ରାମର ଅବିଭାବକ ଓ ଅବିଭାବିକା, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶିକ୍ଷକ ମନୋରଞ୍ଜନ ପଲାଇ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଶିକ୍ଷକ ପ୍ରତାପଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

- ରାୟଗଡ଼ାରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

## ୨୦, ୮୨୮ ଟି ମାମଲାର ଫଇସଲା



**ରାୟଗଡ଼ା, ୧୩।୧୨(ସମିସ):** ରାୟଗଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୦, ୮୨୮ ଟି ମାମଲା ଫଇସଲା ହୋଇ ସେଟେଲମେଣ୍ଟ ବାବଦକୁ ୮୦, ୩୭, ୯୦୨ ଟଙ୍କା ଆଦାୟ ହୋଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ରାୟଗଡ଼ା ଜିଲ୍ଲା ସିଭିଲକୋର୍ଟ ପରିସରରେ ଆଜି ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତରେ ରାୟଗଡ଼ା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ୧୯୧ଟି ମାମଲାର ଫଇସଲା ହୋଇ ସମୁଦାୟ ୬୬, ୦୧, ୮୪୩. ୯୮ ଟଙ୍କାର ସେଟେଲମେଣ୍ଟ କରାଯାଇଛି। ସେହିପରି ରାଜସ୍ୱ ସମ୍ବନ୍ଧିତ ୨୦, ୫୮୫ ଟି ମାମଲା ଫଇସଲା ହୋଇଛି ଓ ପ୍ରିଲିଟିଗେସନ ସମ୍ବନ୍ଧିତ ୫୨ଟି ମାମଲାର ଫଇସଲା ହୋଇ ସମୁଦାୟ ୧୪, ୩୬, ୦୫୮ ଟଙ୍କାର ସେଟେଲମେଣ୍ଟ କରାଯାଇଛି। ଏହି ଲୋକ ଅଦାଲତ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟ ନାରାୟଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ପରିବାର ଅଦାଲତର ବିଚାରପତି ସଞ୍ଜିତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଲ୍ପନା ସ୍ୱାଇଁ, ମୂଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ନା ମହାପାତ୍ର, ମହିଳା କୋର୍ଟର ବିଚାରପତି ସସ୍ମିତା ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ଆଶିଷ ପଟ୍ଟନାୟକ, ରେଜିଷ୍ଟ୍ରାର ରାଣା ଘୋଷ୍, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ବର୍ଷା ଦାସ, ଗ୍ରାମ ନ୍ୟାୟଧିକାରୀ ଜ୍ୟୋର୍ତିମୟୀ ଷଡଙ୍ଗୀ, ଜେଏମ୍‌ଏଫ୍‌ସି ଏସ୍ଆର ତୋସାଲି ଏବଂ ରାୟଗଡ଼ା ବାର ଆସୋସିଏସନର ଆଇନଜୀବୀ ମଦନ ମୋହନ ପାଢ଼ୀ, କିଶୋର କୁମାର ସାହୁ, ନବ କୁମାର କାଣ୍ଟା, ବିଶ୍ୱନାଥ ଗନ୍ତାୟତ, ମଙ୍ଗଳମୂର୍ତ୍ତୀ ବେଉରିଆ, ଦେବରାଜ ନାଏକ, ଭାରତି ତ୍ରିପାଠି ଓ ଭି. ଅବତାର ପ୍ରମୁଖ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ବେଞ୍ଚରେ ଯୋଗ ଦେଇଥିଲେ।

**ସେଟଲମେଣ୍ଟ ବାବଦକୁ ୮୦ଲକ୍ଷ ୩୭ ହଜାର ଟଙ୍କା ଆଦାୟ**

## ପୂର୍ବତଟ ରେଳବାଇ ମହାପ୍ରବନ୍ଧକଙ୍କ (କେଆର) ରେଳ ଲାଇନ୍ ଯାଞ୍ଚ

**ରାୟଗଡ଼ା, ୧୩।୧୨(ସମିସ):** ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ରାୟଗଡ଼ା-କୋରାପୁଟ(କେଆର୍) ରେଳ ଲାଇନର ସୁରକ୍ଷା ସହ ବିସ୍ତୃତ ଯାଞ୍ଚ କରିଛନ୍ତି। ଡିଭିଜନାଲ ରେଲୱେ ମ୍ୟାନେଜର ୱାଲଟର ଡିଭିଜନ ଲଳିତ ବୋହରାଙ୍କ ସହ ସେ ରେଳ ପ୍ରତିଷ୍ଠାନ, ଷ୍ଟେସନ ଏବଂ ବିଭାଗରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୀକ୍ଷାରେ ଟ୍ରାକ୍, ଟୁଲାଣି, ବ୍ରିଜ୍, କ୍ରସିଂ ପଏଣ୍ଟ, ୟାର୍ଡ ଇତ୍ୟାଦିର ୱିଣ୍ଡୋ-ଟ୍ରେଲିଂ ଯାଞ୍ଚ ଅନ୍ତର୍ଭୁକ୍ତ ରହିଥିଲା। ଶ୍ରୀ ପରମେଶ୍ୱର ଫୁଙ୍କୱାଲ କୋରାପୁଟ ରେଳ ଷ୍ଟେସନରୁ ଆରମ୍ଭ କରିଥିବା ଯାଞ୍ଚରେ ଯାତ୍ରୀଙ୍କ ସୁବିଧା ତଥା ଅମୃତ ଭାରତ ଷ୍ଟେସନ ଯୋଜନା ବିକାଶରେ ଅଗ୍ରଗତିର ମୂଲ୍ୟାଙ୍କନ କରିଥିଲେ। ଏହାପରେ ଶ୍ରୀ ଫୁଙ୍କୱାଲ କାକିରିଗୁମ୍ମା ଷ୍ଟେସନ ପରିଦର୍ଶନ କରି ଷ୍ଟେସନ ବିଲଡିଂ ଏବଂ ବିଚାରାଧୀନ କାର୍ଯ୍ୟ ଯାଞ୍ଚ କରିବା ପରେ ଲକ୍ଷ୍ମୀପୁର ରୋଡ ଷ୍ଟେସନରେ ସେ ଓଭରହେଡ୍ ଯନ୍ତ୍ରପାତି ରକ୍ଷଣାବେକ୍ଷଣ, ସିଗନାଲ୍ ଆଣ୍ଡ ଟେଲିକମ୍, ଇଞ୍ଜିନିୟରିଂ ଏବଂ ଅପରେସନ୍ ବିଭାଗର କର୍ମଚାରୀଙ୍କ ସହ କଥାବାର୍ତ୍ତା କରି ରେଳ କଲୋନୀ, ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ସୁବିଧା ଯାଞ୍ଚ କରିଥିଲେ। ଆଲୋଚନା ବେଳେ ସେମାନଙ୍କ ଦକ୍ଷତା, ସୁରକ୍ଷା ସଚେତନତା, କାର୍ଯ୍ୟଧାରା ଏବଂ ବିଭିନ୍ନ ଅଭିଯୋଗ ସମ୍ପର୍କରେ ଧ୍ୟାନ ଦିଆଯାଇଥିଲା। ଜେନେରାଲ୍ ମ୍ୟାନେଜର ଶ୍ରୀ ଫୁଙ୍କୱାଲ କୋରାପୁଟ ରାୟଗଡ଼ା ଲାଇନର ମୁଖ୍ୟ ବ୍ରିଜ୍ ନମ୍ବର ୩୫୪ ଏବଂ ସିକରପାଇ କେଉଟଗୁଡା ମଧ୍ୟରେ ରେଳଲାଇନ ଟୁଲାଣି ଗୁଡିକର ବୈଷୟିକ ଯାଞ୍ଚ କରିଥିଲେ। ସେ ବ୍ରିଜର ଅଖଣ୍ଡତା, ଟୁଲାଣି ଆଲାଇନମେଣ୍ଟ, ସୁରକ୍ଷା ଫାଷ୍ଟେନିଙ୍ଗ୍ ଏବଂ ଟ୍ରାକ୍ ପାରାମିଟରଗୁଡିକ ଯାଞ୍ଚ କରିଥିଲେ। ଏହି ସମୟରେ ରକ୍ଷଣାବେକ୍ଷଣ ଚ୍ୟାଲେଞ୍ଜ, ସୁରକ୍ଷା ଅଭ୍ୟାସ ଏବଂ ବିଭାଗର ନିର୍ଦ୍ଦିଷ୍ଟ



ପ୍ରସଙ୍ଗଗୁଡ଼ିକ ଉପରେ ସିଧାସଳଖ ଭାବରେ ଗ୍ୟାଙ୍ଗମ୍ୟାନଙ୍କ ସହ ଆଲୋଚନା କରିଥିଲେ। ସେ ନୂତନ ଷ୍ଟେସନ ବିଲଡିଂ, କଣ୍ଟ୍ରୋଲ ରୁମ୍ ଏବଂ ନୂତନ ଭାବରେ ନିର୍ମିତ ରେଳ କାର୍ଯ୍ୟାଳୟର ସମୀକ୍ଷା କରିଥିଲେ। ରାୟଗଡ଼ା ଡିଆରଏମ୍ ଅମିତାଭ ସିଙ୍ଗଲ ରାୟଗଡ଼ା ଷ୍ଟେସନରେ ଯାଞ୍ଚ ବେଳେ ଉପସ୍ଥିତ ରହିଥିଲେ। ପୂର୍ବତଟ ରେଳବାଇ ଜି.ଏମଙ୍କ ଗସ୍ତ ସମୟରେ ଏହି ଲାଇନରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଗ୍ୟାଙ୍ଗମ୍ୟାନ, ଫ୍ରଣ୍ଟଲାଇନ କର୍ମଚାରୀ ଓ ଟିଆରଡି ଟିମ୍‌କୁ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ।

## ବ୍ଲକସ୍ତରୀୟ ମହିଳା ସାମ୍ମୁଖ୍ୟ ସମ୍ମିଳନୀ

**କୋରାପୁଟ, ୧୩।୧୨(ସମିସ):** ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହଠାରେ ବ୍ଲକସ୍ତରୀୟ ମହିଳା ସାମ୍ମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଜିଲ୍ଲା ପରିଷଦ ସଭ୍ୟ ରଘୁ ଜାନି, ସହକାରୀ ଯନ୍ତ୍ରୀ ଶୁଭ୍ରାଲିନ ରାଉତରାୟ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ ଶତପଥୀ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଦି ହଙ୍ଗର ପ୍ରୋଜେକ୍ଟ (ଇଣ୍ଡିଆ)ର ଓଡ଼ିଶା ନିର୍ଦ୍ଦେଶକ ସୁକାନ୍ତ ମହାପାତ୍ର, ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ତଥା ଆଇନଜୀବୀ ରଞ୍ଜିତ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ତାହାର ସଫଳ ରୂପାୟନ ତୃଣମୂଳ ସ୍ତରରେ କିପରି ହେବ ଏବଂ ମହିଳା ଲୋକ ପ୍ରତିନିଧିଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଉପସ୍ଥିତଥିବା ସଦସ୍ୟାମାନେ ନିଜ ନିଜ ୱାର୍ଡ଼ ଓ ପଞ୍ଚାୟତ ବିକାଶ ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା ରାସ୍ତାଘାଟ ଓ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନା, ଭତ୍ତା ଇତ୍ୟାଦି ଯୋଗାଇ ଦେବାପାଇଁ ଏକ ଚିଠା ପ୍ରସ୍ତୁତ କରି ଏକ ଅନୁରୋଧ ପତ୍ର ସୁଶ୍ରୀ ମେଲେକାଙ୍କୁ ପ୍ରଦାନ କରିଥିଲେ। କ୍ଷେତ୍ର ପ୍ରଶିକ୍ଷକ ପୂର୍ବ ନାଗ ଓ ସହଯୋଗୀ ସୁରେନ୍ଦ୍ର ଟାକ୍ରୀ ଯୋଗଦେଇ ପରିଚାଳନା କରିଥିଲେ। ଶେଷରେ ମାନବର ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଦମୟନ୍ତୀ ହନ୍ତାଳ ଧନ୍ୟବାଦ ଅର୍ପଣ କରିଥିଲେ। କୋରାପୁଟ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ମହିଳା ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ଼ ସଭ୍ୟା ଓ ଅଲିଭା ମହାସଂଘର ସଦସ୍ୟାମାନେ ଯୋଗଦେଇଥିଲେ।

- ଉପଖଣ୍ଡସ୍ତରୀୟ କ୍ରିକେଟ ଓ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

## କବାଡିରେ ଗୁଣପୁର ଉଚ୍ଚ ବାଳିକା ବିଦ୍ୟାଳୟ ଚାମ୍ପିଅନ୍



**ଗୁଣପୁର, ୧୩।୧୨(ସମିସ):** ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ଇଡ଼ତାଲ ମୋହତ୍ସବ ଅବସରରେ ଶନିବାର ସକାଳେ ସ୍ଥାନୀୟ ମିନି ଷ୍ଟାଡିୟମରେ କ୍ରିକେଟ ଓ ବ୍ଲକ ଅଫିସ ପଛପଟ ପଡ଼ିଆରେ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ନିମନ୍ତ୍ରଣ ଅତିଥି ଓ କମିଟି ସଭ୍ୟଙ୍କ ମଧ୍ୟରେ ଚଇତି ମହୋତ୍ସବର ଉପଦେଷ୍ଟା ତଥା ଗାନ୍ଧୀ ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ରାୟଗଡ଼ା ଜିଲ୍ଲା ଆମ୍ଭସମ୍ୟନ ଅକ୍ଷୟ କୁମାର ଦାଶ, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ଚଇତି କ୍ରୀଡ଼ା ଉପ କମିଟି ଅଧ୍ୟକ୍ଷ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ବରିଷ୍ଠ ସାମ୍ବାଦିକ ତ୍ରିନାଥ ଖାଡ଼ଙ୍ଗା, ମହର୍ଷି ଗୁରୁକୂଳ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୁରୁ, ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା କମିଟିର ସଦସ୍ୟ ସପନ ଦାଶ, ରବୀନ୍ଦ୍ର କୁମାର ପଣ୍ଡା, କିରଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ଦିନ ତିନୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଜିଙ୍ଗ ଷ୍ଟାର, କିଲର ସିକ୍ସ ଓ ପ୍ଲେ ଅଫ ଦଳ ବିଜୟ ହାସଲ କରିଥିଲେ। ଆଜିର ମ୍ୟାଚ ଗୁଡ଼ିକୁ ରଞ୍ଜନ ଜେନା, ହରିବନ୍ଧୁ ଗମାଙ୍ଗ ପ୍ରମୁଖ ପରିଚାଳନା କରିଥିବାବେଳେ ଉଦିତ ଶବର ସ୍କୋରର ଦାୟିତ୍ୱ ତୁଲାଉଥିଲେ। ସେହିପରି କବାଡି ପ୍ରତିଯୋଗିତାରେ ବାଳିକା ବିଭାଗରେ ଅନୁଷ୍ଠିତ ମ୍ୟାଚରେ ଗୁଣପୁର ଉଚ୍ଚ ବାଳିକା ବିଦ୍ୟାଳୟ ଚାମ୍ପିଅନ୍ ହୋଇଥିବା ବେଳେ ଡ଼ମ୍ବସରା ଉଚ୍ଚ ବାଳିକା ବିଦ୍ୟାଳୟ ଦଳ ରନର୍ସ ହୋଇଥିବା ଜଣାପଡ଼ିଛି। କବାଡି ପୁରୁଷ ବରିଷ୍ଠ ବିଭାଗରେ ଚନ୍ଦ୍ରପୁର, ଗୁଣପୁର ମହାବିଦ୍ୟାଳୟ, ହୋନୁଓସ, ଗୁଣପୁର ୱାରୀୟର ଦଳ ବିଜୟ ହୋଇଥିବା ବେଳେ କନିଷ୍ଠ ବିଭାଗରେ ଜଗନ୍ନାଥ ପବ୍ଲିକ ସ୍କୁଲ, ବିକ୍ରମପୁର ହାଇସ୍କୁଲ, ଇଏମଆରଏସ, ଭାରସିଂ ହାଇସ୍କୁଲ ଦଳ ବିଜୟ ହାସଲ କରିଥିବା ସୂଚନା ମିଳିଛି। ଏହି ପ୍ରତିଯୋଗିତାଗୁଡିକୁ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ନମିତା ରଥ, ଅଲିଭା ଜ୍ୟୋତି ଦେ, ନନ୍ଦିନୀ ପଣ୍ଡା, ଜୟକୃଷ୍ଣ ପାତ୍ର, ଶଙ୍କର୍ଷଣ ମହାନ୍ତି, ଗଣେଶ ମହାପାତ୍ର, କମଳାକାନ୍ତ ଖୁଣ୍ଟିଆ, ଦିଲ୍ଲୀପ ପଣ୍ଡା, ମନୋଜ କୁମାର ରଥ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, କ୍ରୀଡ଼ା ପ୍ରତିଯୋଗିତାଗୁଡିକୁ ଏଚଡିଏଫସି, ଏକ୍ସିସ, ଆଇସିଆଇସି ବ୍ୟାଙ୍କ ପ୍ରଯୋଜନା କରିଛନ୍ତି।

**ବ୍ଲକସ୍ତରୀୟ ଲୋକ ମହୋତ୍ସବ 'ଚଇତି'**

# ନଚାଇଲେ ସାଂସ୍କୃତିକ ଦଳ; ହସାଇଲେ ଟୁନା ଟନଟନ

ରାୟଗଡ଼ା, ୧୩।୧୨(ସମିସ)




**ରକ୍ତଦାନ ଶିବିରରୁ ୩୧ ୟୁନିଟ ସଂଗ୍ରହୀତ**

ରାୟଗଡ଼ା ଜିଲ୍ଲାର ଲୋକ ମହୋତ୍ସବ 'ଚଇତି -୨୦୨୫' ବ୍ଲକସ୍ତରରେ ପାଳିତ ହେଉଛି। ଏହି କ୍ରମରେ ରାୟଗଡ଼ା ସଦର ବ୍ଲକରେ ଲୋକ ମହୋତ୍ସବ ଚଇତି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହାଲୁଆ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବାରିଝୋଲା ଗ୍ରାମଦେବୀଙ୍କ ମନ୍ଦିରରୁ କଳସ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା ପରେ ଶ୍ରୀହନୁମାନ ମନ୍ଦିର ନିକଟସ୍ଥ ଚଇତି ମଣ୍ଡପରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ, ଭଜନ, କୀର୍ତ୍ତନ ସହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ବ୍ଲକର ୨୮ ଗୋଟି ଗ୍ରାମ ପଞ୍ଚାୟତର ପବିତ୍ର କଳସ ସହ ବ୍ଲକର ମୁଖ୍ୟ କଳସକୁ ମଣ୍ଡପରେ ସ୍ଥାପନ କରାଯାଇ ଥିଲା। ପୂର୍ବାହ୍ନ କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ଲାଲବିହାରୀ ହିମିରିକା ଓ ଅପରାହ୍ନରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସଚେତନତା ଷ୍ଟଲ ଏବଂ ଚଇତି ମଣ୍ଡପର ଉଦ୍‌ଘାଟନ କରିଥିଲେ। ରାଜନୈତିକ ଅଭିସନ୍ଧିକୁ ଏଥିରୁ ଦୂରରେ ରଖି ଏଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କଲେ ଏ ମାଟିର ସଂସ୍କୃତି ବଞ୍ଚିରହିବ ବୋଲି ଅତିଥିମାନେ କହିଥିଲେ। ମଞ୍ଚରେ କେନ୍ଦ୍ରୀୟ ଆଦିବାସୀ ଜନଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ କାଳୀରାମ ମାଝୀ, ଆଦିବାସୀ ସମାଜର ଜିଲ୍ଲାସ୍ତରୀୟ ପ୍ରତିନିଧି ତଥା ସମାଜସେବୀ ବସନ୍ତ ଉଲାକା, ବ୍ଲକ କଳା ଓ ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ ତାଣ୍ଡି, ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁଚରଣ ନାୟକ, ସ୍ଥାନୀୟ ହାଲୁଆ ଗ୍ରାମ ପଞ୍ଚାୟତ ସରପଞ୍ଚ ତାମାରାଓ ବିଡିକା, ରାୟଗଡ଼ା ରେଞ୍ଜ ଅଧିକାରୀ କାମେଶ୍ୱର ଆଚାରୀ, ଜେମାଦେଇପେଣ୍ଠ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭୋଗୀ ସନ୍ତୋଷ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ମୋଟ ୩୬ ଗୋଟି ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରି ମଞ୍ଚରେ ନିଜର କଳା ପ୍ରଦର୍ଶନ କରିବା ସହ ଦର୍ଶକଙ୍କୁ ନଚାଇଥିଲେ। ରାୟଗଡ଼ା ମାଟିର ପ୍ରଖ୍ୟାତ କଳାକାର ବୃନ୍ଦ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ବ୍ୟତିତ ମାଁ ସନ୍ତୋଷୀ କଳା ପ୍ରତିଷ୍ଠାନ ଓ ଜେଏଏସ ଆକାଡେମୀ ତରଫରୁ ଜଙ୍ଗଲ, ସ୍ୱାସ୍ଥ୍ୟ, ସାଇବର, ଶିକ୍ଷା, ଅପରାଧ, ନିଶାସେବନ ଗାଡି ଚାଳନା, ହେଲମେଟ ବ୍ୟବହାର ଓ ସଡକ ସୁରକ୍ଷା ଆଦି ବିଷୟମାନଙ୍କୁ ନେଇ ସଚେତନ ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଭାକର ମିଶ୍ର ଓରଫ ଟୁନା ଟନଟନ ମଞ୍ଚରେ ନିଜର ଆକର୍ଷଣୀୟ କମେଡି ମାଧ୍ୟମରେ ସମସ୍ତଙ୍କୁ ହସାଇଥିଲେ। ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହଯୋଗରେ ରକ୍ତଦାନ ଶିବିର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିତ ହୋଇ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜଙ୍ଗଲ, କୃଷି, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ପ୍ରାଣୀଧନ, ଶିକ୍ଷା, ଜଳଛାୟା, ସ୍ୱଚ୍ଛ ଭାରତ ମିଶନ, ଆବାସ ଯୋଜନା, ମନରେଗା ତଥା ବାରିଝୋଲାର ଶ୍ରୀରାମ ଏବଂ କଣ୍ଟା ବାଉଁଶୁଣୀ ଏସଏଚଜି, କତାପେଟାର ଜଗନ୍ନାଥ ଏସଏଚଜି, ଅମଳାଭଟାର ଶ୍ରୀ ଗଙ୍ଗାୟା ଏସଏଚଜି ଷ୍ଟଲ ମାଧ୍ୟମରେ ସଚେତନ ଷ୍ଟଲ ପ୍ରଦର୍ଶନ କରିଥିଲେ। ଉତ୍କୃଷ୍ଟ ସେବା ନିମନ୍ତେ ଦଶଜଣ ସମାଜସେବୀ, ତିନିଜଣ ସାମ୍ବାଦିକ, ଜଣେ ରାଜ୍ୟ ପାରା ଅଲିମ୍ପିକ ଦିବ୍ୟାଙ୍ଗ ଖେଳାଳୀ ଓ ତୃତୀୟ ଲିଙ୍ଗଙ୍କୁ ଓ ଉପସ୍ଥିତ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଉତ୍ତମ ବିଭାଗୀୟ ସେବା ନିମନ୍ତେ ଜଙ୍ଗଲ ବିଭାଗରୁ ସନ୍ତୋଷ କୁମାର ପାଣିଗ୍ରାହୀ, ଗାର୍ଡ ଓ ଉଦ୍ୟାନ ବିଭାଗର ହେମନ୍ତ କୁମାର ବେହେରା, ଏଏଚଓଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଘୋଷିକା ବିଦିଶା ଶତପଥି ଓ ପ୍ରତିଷ୍ଠିତ ସାହିତ୍ୟିକ ଶ୍ରୀଧର ପଟ୍ଟନାୟକ ମଞ୍ଚ ପରିଚାଳନା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଶିକ୍ଷକ ନୀଳାଞ୍ଚଳ ମିଶ୍ର ମଞ୍ଚରେ ସହଯୋଗ କରିଥିଲେ। ସରପଞ୍ଚ ତାମାରାଓ ବିଡିକା ଓ ବ୍ଲକର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିବାରୁ ବିଡିଓ ସୁଜିତ ମିଶ୍ର ସଭିଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭୋର ହେଲେ ଦର୍ଶକ

**ମୁନିଗୁଡ଼ା, ୧୩।୧୨(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡାଠାରେ ବ୍ଲକସ୍ତରୀୟ ସାଂସ୍କୃତିକ ଲୋକ ମହୋତ୍ସବ ଚଇତି ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳ ୮ ଘଟିକା ସମୟରେ ଗ୍ରାମଦେବୀଙ୍କ ମନ୍ଦିରରୁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା ପରେ ମୁନିଗୁଡା ମହାବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିବା ଚଇତି ମଣ୍ଡପରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ, ଭଜନ,



କୀର୍ତ୍ତନ ସହ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ମୁନିଗୁଡା ବ୍ଲକ ଠାରୁ ଆରମ୍ଭ କରି ଏକ ବିଶାଳ ଗଣଦୌଡର ଆୟୋଜନ କରାଯାଇଥିଲା। ଅପରାହ୍ନରେ ମୁନିଗୁଡା ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷମକଟକ ବିଧାୟକ ନିଳମାଧବ ହିକକା ମୁଖ୍ୟଅତିଥି ଭାବେ ଯୋଗଦେଇ ଷ୍ଟଲ ଏବଂ ଚଇତି ମଣ୍ଡପର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ବ୍ଲକ ଅଧ୍ୟକ୍ଷା ଦୁଖୀନୀ ନୁଣ୍ଢକା, ଜିଲ୍ଲା ପରିଷଦ ସଭ୍ୟା ମାଧବୀ କନ୍ଧପାଣି, ବିଷମକଟକ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ସୁଜାତା କାଡ୍ରାକାଙ୍କ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ମଞ୍ଚରେ ଅଂଶ ଗ୍ରହଣ କରିଥିବା ନୃତ୍ୟ ଶିଳ୍ପୀମାନଙ୍କୁ ମାନପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭୋର ହୋଇଥିଲେ ଦର୍ଶକ। ଦେଖିବାକୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ମନଭରି ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାଳକୃଷ୍ଣ ରଥ ଓ ଅକ୍ଷୟ କୁମାର ରଥ ମଞ୍ଚ ପରିଚାଳନା କରିଥିଲେ।

# ଘରେ ଘରେ ଚାନ୍ଦା ମାଗୁଛନ୍ତି ବାହାର ମହିଳା



ପାରାଦୀପ,୧୩।୧୨(ସମିସ): ବନ୍ଦର ସହର ପାରାଦୀପରେ କିଛି ମହାରାଷ୍ଟ୍ରର ମହିଳା ଓ ପୁରୁଷ ଘର ଘର ବୁଲି ଚାନ୍ଦା ଆଦାୟ କରୁଛନ୍ତି। ଏହାକୁ ନେଇ ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ମହିଳା ଓ ପୁରୁଷ ମାନେ ଅନାଥ ଶିଶୁଙ୍କ ପାଇଁ ଟଙ୍କା ମାଗୁଥିବା ବୋଲି କହୁଛନ୍ତି। ପ୍ରତ୍ୟେକ ଘରେ ଘରେ ପଶି ଲୋକଙ୍କୁ ବିଭିନ୍ନ ପ୍ରକାର ଆଳ ଓ ବାହାନା ଦେଖାଇ କୌଶଳ କ୍ରମେ ଟଙ୍କା ମାଗୁଥିବାର ଦେଖିବାକୁ ମିଳୁଛି। ଏପରିକି ସେମାନେ ଅଟୋ କରି ପାରାଦୀପର ସବୁ ଅଞ୍ଚଳରେ ବୁଲୁଥିବାର ଦେଖିବାକୁ ମିଳିଛି। ଏମାନେ ସମସ୍ତେ ଲୁଟେରା ଗ୍ୟାଙ୍ଗର ବୋଲି ସେମାନଙ୍କରଚାଲିଚଳନ ଓ ଟଙ୍କା ମାଗିବାର ତରିକାରୁ ଅନୁମାନ କରାଯାଉଛି। ପାରାଦୀପରେ କିଛି ସ୍ଥାନରେ ଲୋକେ ସେମାନଙ୍କର ପରିଚୟ ପାଇଁ ଆଧାର କାର୍ଡ ମାଗିଲେ କିମ୍ବା ପୁଲିସକୁ ଏଭଳି ବେଆଇନ ଟଙ୍କା ମାଗିବା ସମ୍ପର୍କରେ ଜଣାଇବା କଥା କହିଲେ ସେମାନେ ସେ ସ୍ଥାନରୁ କୌଶଳ କ୍ରମେ ଖସି ଆସୁଛନ୍ତି।

# ଜାଭିୟର ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାରାଦୀପ ଗସ୍ତ



ପାରାଦୀପ, ୧୩।୧୨(ସମିସ): ସେଣ୍ଟର ଫର ରିସର୍ଚ୍ଚ ଆଣ୍ଡ କମ୍ୟୁନିଟି ଆକ୍ସନ ଓ ସାତ୍ତ୍ୱିକ ସୋଲ ଫାଉଣ୍ଡେସନର ମିଳିତ ସହଯୋଗରେ ଜାଭିୟର ବିଶ୍ୱବିଦ୍ୟାଳୟର 'ସଷ୍ଟେନେବିଲିଟି ଷ୍ଟଡିଜ୍' ବିଭାଗର ଛାତ୍ରଛାତ୍ରୀ ଦିନିକିଆ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ନୂଆଗଡ ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶ ପୁନରୁଦ୍ଧାର ଓ ଜଳବାୟୁ ସହନଶୀଳତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ହେନ୍ତାଳ ଗଛ ରୋପଣ ମାଧ୍ୟମରେ ଉପକୂଳବର୍ତ୍ତୀ ପରିବେଶ ସୁରକ୍ଷାର ଗୁରୁତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଡ. ଅମ୍ବିକା ନନ୍ଦଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏଥିରେ ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନର ସତ୍ୟବ୍ରତ ସାମଲ, ଜଗତସିଂହପୁର ଜିଲ୍ଲା ସଂଯୋଜକ ବିଶ୍ୱଜିତ ସାମଲ, ଧର୍ମପଦ ବାଡ଼ୋଇ, ଗାୟତ୍ରୀ ସ୍ୱାଇଁ, ଅବିନାଶ ଦାସ, କୈବଲ୍ୟ କନିକା ପରିଡ଼ା, ପ୍ରମୋଦ ବାରିକ୍, ସତ୍ୟ ନାଏକ, ଅଞ୍ଜନା ମହାକୁଡ, ଜାଭିୟର ବିଶ୍ୱବିଦ୍ୟାଳୟର ଷ୍ଟୁଡେଣ୍ଟ୍ କୋର୍ଡିନେଟର କିଶୋର ମହନ୍ତ ସହଯୋଗ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ପରିବେଶ ସଂରକ୍ଷଣ ପ୍ରୟାସକୁ ପ୍ରତ୍ୟକ୍ଷ ଭାବେ ଦେଖିବା ଓ ଉପକୂଳବର୍ତ୍ତୀ ପରିବେଶକୁ ବଜାୟ ରଖିବାରେ ହେନ୍ତାଳ ବନର ପାରିବେଶିକ ଗୁରୁତ୍ୱ ବୁଝିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା।

# ଗଳ୍ପ ଲିଖନ ପ୍ରତିଯୋଗିତାରେ ଅନନ୍ୟା ପ୍ରଥମ



ଜଗତସିଂହପୁର,୧୩।୧୨(ସମିସ): ଜଗତସିଂହପୁର ସଦର ମହକୁମାର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଆୟୋଜିତ ଯୁବୋତ୍ସବ ଗଳ୍ପ ଲିଖନ ପ୍ରତିଯୋଗିତାରେ ଅନନ୍ୟା ମହାନ୍ତି ପ୍ରଥମ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ଓ ମାଇଁ ଭାରତର ମିଳିତ ଆନୁକୂଲ୍ୟରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବସ୍ୱବରେ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଜିଲ୍ଲାର ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ଇଂରାଜୀ ଗଳ୍ପ ଲିଖନ ପ୍ରତି ଯୋଗିତାରେ ବାଲିକୁଦା କଲେଜ ଯୁକ୍ତ ତିନିର ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ରୀ ଅନନ୍ୟା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପ୍ରଶାସନ ଠାରୁ ପୁରସ୍କାର ଗ୍ରହଣ କରିବା ସହ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ ମଧ ଅନନ୍ୟା ମହାନ୍ତି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଅନନ୍ୟା ମହାନ୍ତି ହେଉଛନ୍ତି ଜଗତସିଂହପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଦୀପ୍ତି ମହାନ୍ତିଙ୍କ କନ୍ୟା। ଅନନ୍ୟାଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଘାସଫୁଲ ଉତ୍ସବ ପ୍ରସ୍ତୁତି ବୈଠକ

ବାଲିକୁଦା,୧୩।୧୨(ସମିସ): ବାଲିକୁଦା ବ୍ଲକ ନହରଣା ଘାସଫୁଲ ସାହିତ୍ୟ ସଂସଦ ଅନୁଷ୍ଠାନ ପକ୍ଷରୁ ସଭାପତି ସନ୍ତୋଷ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଶ୍ରୀମା ଅରବିନ୍ଦ ଶିକ୍ଷା କେନ୍ଦ୍ର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଶିବ ପ୍ରସାଦ ମହାନ୍ତି ପୂର୍ବରୁ ନଭେମ୍ବର ମାସରେ ବାର୍ଷିକ ଉତ୍ସବ ସ୍ଥିର କରାଯାଇଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ସୁବାସ ନାୟକଙ୍କ ଏକମାତ୍ର ପୁତ୍ରର ଅକାଳ ବିୟୋଗ ପରେ ଏକ ମାସ ସ୍ଥଗିତ କରାଯାଇ ଡିସେମ୍ବର ମାସ ଶେଷ ଶନିବାର୨୭ ତାରିଖରେ କରାଯିବା ନେଇ ସ୍ଥିର ହୋଇଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ତପନ ନାୟକ, ପ୍ରକାଶ ମହାନ୍ତି, ପ୍ରଶାନ୍ତ ମହାନ୍ତି, ରମେଶ ଚନ୍ଦ୍ର ବହିରା, ତପନ ବେହେରା, ବେଣୁଧର ବେହେରା, ଦେବଦ୍ୟୁତ ବିଶ୍ୱାଳ, କୋଷାଧକ୍ଷ ପ୍ରଣବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଜିରୋ ପଏଣ୍ଟରେ ଟ୍ରକ୍ ଓ ସ୍କୁଟି ଦୁର୍ଘଟଣା

# କୁଜଙ୍ଗ କଲେଜ ଆଇଟି ଅଧ୍ୟାପକଙ୍କ ମୃତ୍ୟୁ

କୁଜଙ୍ଗ/ପାରାଦୀପ,୧୩।୧୨(ସମିସ)

ଆଜି ସନ୍ଧ୍ୟାରେ ଜାତୀୟ ରାଜପଥ ୫୫କ'ର ଗଡ଼ ଗେଟ୍ ବଜାର ନିକଟ ଜିରୋ ପଏଣ୍ଟ ନିକଟରେ ଏକ ସଡ଼କ ଦୁର୍ଘଟଣାରେ କୁଜଙ୍ଗ ମହାବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା (ଆଇଟି) ଅଧ୍ୟାପକ ଅଜୟ କୁମାର ରାଉତ(୪୫)ଙ୍କ ମୃତ୍ୟୁ ହୋଇଯାଇଛି। ସେ ସ୍କୁଟି ଯୋଗେ ପାରାଦୀପ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ୧୬ଚକିଆ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ ପ୍ୟାକେଟରେ ଥିବା ମୋବାଇଲ ଜଳିଯାଇଛି। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୁଜଙ୍ଗ ଡାକ୍ତରଖାନାରେ ଗ୍ରାମବାସୀ ଓ କଲେଜ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଭିଡ଼ ଜମିଥିଲା। ତାଙ୍କ ନିଜ ଘର କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତ କାଳିଆପାଟ ଗାଁରେ ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁରେ ପତ୍ନୀ ସସ୍ମିତା ରାଉତ ଓ ଦୁଇ କୁନି ଝିଅ ଭାଙ୍ଗି ପଡିଛନ୍ତି।



ଖବର ପାଇ କୁଜଙ୍ଗ କଲେଜ ଅଧ୍ୟକ୍ଷ ଶିଶିର ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ଇଂରାଜୀ ଅଧ୍ୟାପକ ଚିତ୍ତରଞ୍ଜନ ସାହୁଙ୍କ ସହ ବହୁ ସହକର୍ମୀ, ଛାତ୍ରଛାତ୍ରୀ ଓ ପୂର୍ବ ଛାତ୍ର ଶେଷ ଦର୍ଶନ କରିଥିଲେ। ଏହି ଘଟଣା ପରେ କାଳିଆପାଟ ଓ କୁଜଙ୍ଗରେ ଗଭୀର ଶୋକ ପ୍ରକାଶ ପାଇଛି। ଚଣ୍ଡିଖୋଲ-ପାରାଦୀପ ରାସ୍ତାର ସମ୍ପ୍ରସାରଣ କାମନେଇଥିବା ଏଆର୍ଏସଏସ କମ୍ପାନୀର ଭୁଲ ପାଇଁ ଏହି ଦୁର୍ଘଟଣା ଘଟିଛି ବୋଲି ଅଭିଯୋଗ ହୋଇଛି। କମ୍ପାନୀ ମୁଖ୍ୟ ରାସ୍ତାକୁ ବନ୍ଦ କରି ସର୍ଭିସ ରାସ୍ତାରେ ଯାତାୟାତ ପାଇଁ ଛାଡିଥିଲେ ମଧ ସେଠାରେ କୌଣସି ସିକ୍ୟୁରିଟି କିମ୍ବା ସିଗନାଲର ବ୍ୟବସ୍ଥା କରିନାହିଁ। ଯାହା ଫଳରେ ଦୁର୍ଘଟଣା ସବୁଦିନେ ଘଟୁଛି। ଆଜି ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀ କିଛି ସମୟ ପାଇଁ ଶବ ରଖି ଦୁର୍ଘଟଣା ସ୍ଥଳରେ ରାସ୍ତାରୋକ କରିଥିଲେ। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଆମ୍ବୁଲାନ୍ସରେ ଶବକୁ କୁଜଙ୍ଗ ମେଡିକାଲକୁ ନିଆଯାଇଛି। ଆସନ୍ତାକାଲ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# ବନ୍ଦର ଦେବୀ ନଦୀରେ କୁମ୍ଭୀର !

ବାଲିକୁଦା,୧୩।୧୨(ସମିସ): ବାଲିକୁଦା ବ୍ଲକ ବନ୍ଦର ସାମୁଦ୍ରିକ ଥାନା ଅଧୀନ ବନ୍ଦର ଦେବୀ ନଦୀ ମଧ୍ୟରେ ଗୋଟିଏ କୁମ୍ଭୀର ଗତ ଏକ ସପ୍ତାହ ଧରି ହେନ୍ତାଳ ବନ ନିକଟରେ ବୁଲୁଥିବା କିଛି ମତ୍ସ୍ୟଜୀବୀ ମାଛ ଧରିବାକୁ ଯାଉଥିବା ବେଳେ ଦେଖିବାକୁ ପାଇଥିଲେ। ଏହା ଦେଖିବା ପରେ ଶତାଧିକ ମାଛ ଧରାଳି ଭୟରେ ଆତଙ୍କିତ ଥିବା ଦେଖିବାକୁ ମିଳିଛି। ଅଭିଯୋଗ ପାଇ ବନବିଭାଗର ଏକ ଟିମ ଘଟଣା ସ୍ଥଳକୁ ଯାଇ କୁମ୍ଭୀର ନ ଦେଖି ଫେରିଆସିଛନ୍ତି। ତେବେ କୁମ୍ଭୀରଟି ଅନେକ ସମୟ ସେହି ଗୋଟିଏ ସ୍ଥାନରେ ରହୁଥିବା ଅନେକ ମାଛ ଧରାଳି ଅଭିଯୋଗ କରିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ ଏହି ଜଙ୍ଗଲ ମଧ୍ୟକୁ ଅନେକ ଲୋକ ଶୁଖିଲା ଜାଳ ସଂଗ୍ରହ ପାଇଁ ଯାଇଥିବା ବେଳେ ଦେବୀ ନଦୀରୁ କଙ୍କଡ଼ା ଓ ମାଛ ଧରିବାକୁ ଯାଇଥାନ୍ତି। ଅନେକ ଗୋରୁ ଗାଈ ନଦୀ ପାର ହୋଇ ଚାରଣ କରିବାକୁ ଯାଇଥାନ୍ତି। ଏଣୁ ଗାଈ ଓ ଗୋପାଳକଙ୍କ ଜୀବନ ପ୍ରତି ବିପଦ ଥିବା ଅଭିଯୋଗ କରିଛନ୍ତି। ଏନେଇ ଫରେଷ୍ଟର ପ୍ରିୟବ୍ରତ ଚୌଧୁରୀ କହିଛନ୍ତି ଯେ ଏନେଇ ଅଭିଯୋଗ ଆସିଛି। ଏହାର ତର୍ଜମା କରାଯାଉଛି। କାରଣ ପ୍ରଥମେ ଏହି କୁମ୍ଭୀର ଅସ୍ତରଙ୍ଗ ନଦୀରେ ଦେଖା ଦେଇଥିଲା। ବୋଧହୁଏ ତାହା ଏଠାକୁ ଚାଲିଆସିଛି। ଆମେ ଏକ ଟିମ୍ ଗଠନ କରି ଖୋଜାଖୋଜି ଜାରି ରଖିଛୁ।

# ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

ପାରାଦୀପ,୧୩।୧୨(ସମିସ): ପାରାଦୀପ ଆଞ୍ଚଳିକ ସତ୍‌ସଙ୍ଗ ବିହାର ପକ୍ଷରୁ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଶୁଭ ଆବିର୍ଭାବ ମହୋତ୍ସବ ସ୍ଥାନୀୟ ଜୟଦେବ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ଶ୍ରମିକ ଟ୍ରଷ୍ଟି ଶ୍ରୀକାନ୍ତ ରାୟ ଯୋଗ ଦେଇ ଉଦଘାଟନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସତ୍‌ସଙ୍ଗ ସଦାଲୋଚନାରେ ପାରାଦୀପ ଆଞ୍ଚଳିକ ସତସଙ୍ଗର ସମ୍ପାଦକ ସ୍ମୃତିରଞ୍ଜନ ବେଉରା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ମୁଖ୍ୟବକ୍ତା ସଂପ୍ରତି ଋତିକ ଜିତେନ୍ଦ୍ର ପତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁଚରଣ ପରିଡ଼ା, ନିରଞ୍ଜନ ପ୍ରଧାନ, ମନୋଜ କୁମାର ଦାସ, ଦୀପକ ରଞ୍ଜନ ରାୟଗୁରୁ, ଅକ୍ଷୟ କୁମାର ପାଲ୍, ମାନସ ରଞ୍ଜନ ପ୍ରଧାନ, ଅଧୋଜ ଅଲେଖ ଚରଣ ଖଟୁଆ, ଯାଜକ ମନୋଜ କୁମାର ମହାନ୍ତ, ସୌଭାଗ୍ୟ କୁମାର ସ୍ୱାଇଁ, ବସନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସୁରକ୍ଷିତ ଜମା ରାଶି ନେଇ ସଚେତନତା ଶିବିର

ଜଗତସିଂହପୁର,୧୩।୧୨(ସମିସ): 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ୟୁକୋ ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ଜଗତସିଂହପୁରରେ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରା, ଏଲ୍ଆଇସି ବିଭାଗୀୟ ପରିଚାଳକ ନିରଞ୍ଜନ ବେହେରା, ରିଜର୍ଭ ବ୍ୟାଙ୍କର ପ୍ରବନ୍ଧକ ମୌସୁମୀ, ୟୁକୋ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ବର୍ଷା ଏବଂ ଜଗତସିଂହପୁର ଜିଲା ଅଗ୍ରଣୀ ଶାଖା ମୁଖ୍ୟ ପ୍ରବନ୍ଧକ ଅନିଲ୍ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜନସାଧାରଣଙ୍କ ସଚେତନ ପାଇଁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଷ୍ଟଲ ଖୋଲା ଯାଇଥିଲା। ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଚେତନ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଜମାକାରୀ ଯୋଗ ଦେଇଥିଲେ।



# ଶକ୍ତି ସଂରକ୍ଷଣ ସପ୍ତାହ ଓ ପ୍ରତିଯୋଗିତା

କୁଜଙ୍ଗ,୧୩।୧୨(ସମିସ): କୁଜଙ୍ଗ ବ୍ଲକ ତାଳପଡ଼ା ପଞ୍ଚାୟତ ଖୁଣ୍ଟଳ ସ୍ଥିତ ଆଖଣ୍ଡଳମଣି ବିଦ୍ୟାପୀଠରେ ଉତ୍ସାହର ସହ ଶକ୍ତି ସଂରକ୍ଷଣ ସପ୍ତାହ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତା ଓ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ଓଷ୍ଟାର ବ୍ଲକ ସମ୍ପାଦକ ବନୋଦ ବିହାରୀ ମୁଦୁଲିଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନ ସତ୍ରରେ ମୁଖ୍ୟଅତିଥି ରୂପେ ଶିକ୍ଷକ ନେତା ଅନାଦି ଚରଣ ଖଟୁଆ, ବକ୍ତା ରୂପେ ଶିକ୍ଷାବିତ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ। ଶକ୍ତି କ୍ଲବ୍ ଦାୟିତ୍ୱରେ ଥିବା ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ବବିତା ନାୟକ ସ୍ୱାଗତ ଭାଷଣ ସହ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ବକ୍ତୃତା ଆଦି ସମସ୍ତ ପ୍ରତିଯୋଗୀ ରେ ପୌରହିତ୍ୟ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅଞ୍ଜଳି ମହାପାତ୍ର, ଶିକ୍ଷକ ହରିହର ମିଶ୍ର, , ଅନିରୁଧ ବିଶ୍ୱାଳ ଓ କର୍ମଚାରୀ ସରୋଜ ସ୍ୱାଇଁ, ସଂଜୟ ସ୍ୱାଇଁ ଓ ନିରଞ୍ଜନ ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରି ଥିଲେ।

# ଓଷ୍ଟାର ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ



ବାଲିକୁଦା,୧୩।୧୨(ସମିସ): ବାଲିକୁଦା ବ୍ଲକ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ଖାଲଗାଁ ମହାବୀର ବିଦ୍ୟାନିକେତନ ପରିସରରେ ଅନୁଷ୍ଠାନର ୪୨ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ସଭାପତି ଅରୁଣ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ବକ୍ତୃତା, ଚିତ୍ରାଙ୍କନ, ଏକକ ନୃତ୍ୟ, ପ୍ରବନ୍ଧ, ସଙ୍ଗୀତ ଭଳି ୧୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତି ବିଭାଗରୁ ୨ ଜଣ ସଫଳ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ବିଚାରକ ମଣ୍ଡଳୀ ଦ୍ୱାରା ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ବ୍ଲକ ସମ୍ପାଦକ ନିହାର ରଞ୍ଜନ ନାୟକଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟା ସଂଘ ସମ୍ପାଦକ ସ୍ମୃତିରଞ୍ଜନ ପରିଜା, ମୁଖ୍ୟବକ୍ତା ଭାବେ ନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯଦୁମଣି ମହାରଣା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମୁଦୁଲି, ପଣ୍ଡିତ ଅଜୟ କୁମାର ଶତପଥୀ, ପ୍ରଦୀପ୍ତ ଆଚାର୍ଯ୍ୟ, ବିଜୟ ବେହେରା, ପ୍ରାଣନାଥ ମିଶ୍ର, ଗୟାଧର ଜେନା, ଦେବେନ୍ଦ୍ର ନାୟକ, ସାଧନା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଈଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରଘୁନାଥପୁରରେ ଓଷ୍ଟା ଶିଶୁ ଉତ୍ସବ

ରଘୁନାଥପୁର,୧୩।୧୨(ସମିସ): ରଘୁନାଥପୁର ବ୍ଲକ ଓଷ୍ଟା ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଏଚ୍ଏମ୍‌ଟି ବିଦ୍ୟାପୀଠ ଚିକିଣିଆଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓଷ୍ଟା ସଭାପତି ଶରତ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଦର୍ଶନ ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ସିଆର୍‌ସିସି ନିରଞ୍ଜନ ସାହୁ, ବିଜୟ କିଶୋର ମହାନ୍ତି, ନିରାକାର ମହାପାତ୍ର ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଶାନ୍ତ କୁମାର ମହାପାତ୍ର। ଏକକ ନୃତ୍ୟ ଓ ପରିଡ଼ା, ଓଷ୍ଟାର ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ରାଜକିଶୋର ସାହୁ, ଶିକ୍ଷକ ପ୍ରତାପ କିଶୋର ମହାପାତ୍ର ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ମିଶ୍ର ବିବରଣୀ ପାଠ କରିଥିଲା ବେଳେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏଚ୍ଏମ୍‌ଟି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାମଲ। ଏହାପରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍ଗନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ ଇତ୍ୟାଦି ଦଶଟି ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦଯାପନୀ ଉତ୍ସବରେ ରଘୁନାଥପୁର ମଣ୍ଡଳ ସହ ଶିକ୍ଷା ଅଧିକାରୀ ଆଶୁତୋଷ ଅଭିନୟ ପ୍ରତିଯୋଗିତାରେ ବିଚାରକ ଭାବେ ଶିକ୍ଷକ ସାଗରମୟ ସ୍ୱାଇଁ ଯୋଗ ଦେଇଥିଲେ। ସୁଧୀର କୁମାର ନାୟକ, ଚିତ୍ରସେଣ ସାହୁ, ମାନସ କୁମାର ନାୟକ, ଜ୍ଞାନରଞ୍ଜନ ମହାପାତ୍ର, ତୁଳସୀରାମ ଭୁଏ, ଅମୂଲ୍ୟ କୁମାର ନାୟକ, ଅକ୍ଷୟ ବଲ୍ଲଭ ଦାସ ସହଯୋଗ କରିଥିବା ବେଳେ ହେମଲତା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେଲେନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ଜଗତସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତସିଂହପୁର,୧୩।୧୨(ସମିସ)

ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସଚିବ ବିଡଡି ଚନ୍ଦରଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ପରିବାର ଅଦାଲତ ଜଜ୍ ରଶ୍ମିତା ଦଳେଇ, ଅତିରିକ୍ତ ଜିଲ୍ଲା ଜଜ୍ ହର ପ୍ରସାଦ ପଟ୍ଟନାୟକ, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ସବଜଜ୍ ରାକେଶ କୁମାର ମୁଦୁଲି, ସବଜଜ୍ (ଏଲ୍ଆର୍) ଶର୍ମିଷ୍ଠା ଶୁଭଦର୍ଶନୀ ମହାନ୍ତି, ମୁନସିଫ ଅନନ୍ୟା ଦାସ, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ। ଦେୱାନୀ ଅଦାଲତ ନିବନ୍ଧକ ବିଶ୍ୱକଳ୍ପିତା ମହାନ୍ତି ଏବଂ ଶିକ୍ଷାନବିଶ ଅଧିକାରୀ ଶ୍ରୀୟଙ୍କା ଦାଶ ଉପସ୍ଥିତ ଥିଲେ। ସେହିପରି କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ତାଲୁକ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲାଜଜ୍ ଦୀପ୍ତିପ୍ରକାଶ ବ୍ରହ୍ମା, ସବଜଜ୍ ଅବକାଶ ଚୌଧୁରୀ, ମୁନସିଫ ଡ. ବିଶ୍ୱଭୂଷଣ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଙ୍କିତ ଦେୱାଙ୍ଗନ, ପାରସ ପାଢ଼ୀ, ସସ୍ମିତା ସେଠୀ ଓ ରଶ୍ମୀବାଳା ସେନାପତିଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା ଅଦାଲତରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣା ଜନିତ ମୋକଦ୍ଦମାର ବିଚାର ପାଇଁ ଉଦିଷ୍ଟ ବେଞ୍ଚରେ ପବ୍ଲିକ୍ ପ୍ରୋସକ୍ୟୁଟର ତପନ କୁମାର ପାଲ, ଡ. ସିଦ୍ଧାର୍ଥଶଙ୍କର ମହାନ୍ତି, ଆଇନଜୀବୀ ଆଶୁତୋଷ ଦାସ ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ। ଜିଲ୍ଲାରୁ ମୋଟ ୨୧୭୩ ମାମଲାରୁ ୧୩୮୮ଟି ସଫଳତାର ସହ ଫଇସଲା ହେବା ସହିତ ୩ କୋଟି ୬୩ ଲକ୍ଷ ୪୫ ହଜାର ୪୭୯ ଟଙ୍କା ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କ ଋଣ ସମ୍ବନ୍ଧୀୟ ପ୍ରାକ ମୋକଦ୍ଦମାରେ ୫୦୪୧ଟି ମାମଲାରୁ ୬୮ଟି ସଫଳତାର ସହ ଫଇସଲା ହେବା ସହିତ ୧୨ ଲକ୍ଷ ୯୧ ହଜାର ୭୬୮ ଟଙ୍କା ଋଣ ଆଦାୟ କରାଯାଇଛି। ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ଏରସମା ଅଦାଲତ ଏବଂ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି।



## କୁଜଙ୍ଗ

କୁଜଙ୍ଗ ଦେୱାନୀ ଅଦାଲତ ପରିସରରେ ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଏନ ଜେ ଆକ୍ଟ କେସ, ଟଙ୍କା ଅସୁଲ, ଫୌଜଦାରୀ, କମ୍ପାଣ୍ଡବେଲ, ବୈବାହିକ ବିବାଦ ଭଳି ବିଭିନ୍ନ କେସ ପଡିଥିଲା। ସେଥିମଧ୍ୟରୁ ୫୬ଟି କେସର ସମାଧାନ କରାଯାଇ ୧୧ଲକ୍ଷ ୪୦ ହଜାର ଟଙ୍କା ବନ୍ଦୋବସ୍ତ କରାଯାଇଛି।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା କୁଜଙ୍ଗ ତାଲୁକ୍ ଆଇନ ସେବା କମିଟିର ଅଧ୍ୟକ୍ଷ ଦୀପ୍ତି ପ୍ରକାଶ ବ୍ରହ୍ମା, ବରିଷ୍ଠ ଦେୱାନି ଅଦାଲତର ବିଚାରପତି ଅବକାଶ ଚୌଧୁରୀ, କନିଷ୍ଠ ଦେୱାନୀ ଅଦାଲତର ବିଚାରପତି ଡ. ବିଶ୍ୱଭୂଷଣ ନାୟକ, ଜେଏମଏଫସି ଭାରପ୍ରାପ୍ତ ଅଧିକାରୀ ଅଙ୍କିତ ଦେବଗନ ଆଦି ବିଚାରପତି ମାନେ ବିଚାରକରି କେସ ଗୁଡିକ ଫଇସଲା କରିଥିଲେ। ତାଲୁକ ଆଇନସେବା କମିଟିର ରିଟେନର ନୃସିଂହ କୁମାର ପ୍ରଧାନ, କର୍ମଚାରୀ ପ୍ରଦୀପ କୁମାର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁଜଙ୍ଗ ଓକିଲ ସଂଘର ସଭାପତି ଏଏନଡ଼ି ଯାଦବ, ସଂଘର ଅନ୍ୟ ସଦସ୍ୟ ଓ କର୍ମକର୍ତ୍ତା ମାନେ କେସ ଫଇସଲା ପାଇଁ ସହଯୋଗ କରିଥିଲେ।

# କୋଟିଆଁ ସାଧନ କେନ୍ଦ୍ର ସଂଯୋଜକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଜଗତସିଂହପୁର,୧୩।୧୨(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ପଟିଲୋ ପଞ୍ଚାୟତ ଆଞ୍ଚଳିକ ସାଧନ କେନ୍ଦ୍ର କୋଟିଆଁର ସଂଯୋଜକ ପ୍ରଦୀପ କୁମାର ରଥଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ନାସିକର ବାବା ଖଣ୍ଡେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ପ୍ରଶାନ୍ତ କୁମାର ସାହୁ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଦୀପକ କୁମାର ବିଶ୍ୱାଳ। ମୁଖ୍ୟବକ୍ତା ରୂପେ ନବକାକଳିର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ବିଇଓ ବାଇଧର ତ୍ରିପାଠୀ, କୋଟିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନାମଞ୍ଜରୀ ଆଚାର୍ଯ୍ୟ, ଶିକ୍ଷାବିତ୍ ଝୁଲରାମ ଦାସ, ବୀରେନ୍ଦ୍ର ମନ୍ତ୍ରୀ, ପ୍ରାକ୍ତନ ସିଆର୍‌ସିସି ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସମୀରଣ ସାହୁ, ବାବୁଲି ସ୍ୱାଇଁ, ବିଜୟ କୁମାର, ତିର୍ତ୍ତୋଲ ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ପ୍ରାକ୍ତନ ପଟିଲୋ ସରପଞ୍ଚ ଚିତ୍ତରଞ୍ଜନ ରଥ. ବସନ୍ତ କୁମାର ବଳ ପ୍ରମୁଖ ଯୋଗଦେଇଥିଲେ। କୋଟିଆଁ ସାଧନକେନ୍ଦ୍ର ଅନ୍ତର୍ଗତ କୋଟିଆଁ ପ୍ରାଥମିକ ବିଦ୍ୟାଳୟ, ମହିଳୋ ହାଇସ୍କୁଲ, ଉତ୍କଳ ଭାରତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରଙ୍ଗ- ନନ୍ଦନ -୧, ନନ୍ଦନ-୨, ସୁସଙ୍ଗ ଗୋପାଳପୁର, ଶେଉଳ ଏବଂ ଆଏମା ଧୋତିର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ନବକାକଳି ସାହିତ୍ୟ ପତ୍ରିକାର ପରିଚାଳନା ସମ୍ପାଦିକା ମନୋରମା ଦାଶ ଶାଲ , ପୁଷ୍ପଗୁଚ୍ଛ ଏବଂ ପୁସ୍ତକ ଲେଖନୀ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱପ୍ନାମଞ୍ଜରୀ ଆଚାର୍ଯ୍ୟ ବିଦାୟ ଗୀତିକା ଗାନ କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଠିକାଦାରୀ ବିବାଦରେ ବଳି ପଡ଼ିଲା ଡ୍ରେନେଜ୍ ପ୍ରକଳ୍ପ

# ଫେରିଗଲା ମଞ୍ଜୁର ୪.୭୫ ଲକ୍ଷ ଟଙ୍କା

**ତିଗିରିଆ,୧୩।୧୨(ସମିସ):** ତିଗିରିଆ ବ୍ଲକ୍ ହେଡକ୍ୱାର୍ଟର ନିଜିଗଡ଼ ଗ୍ରାମରେ ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ଉଦ୍ଦିଷ୍ଟ ୪.୭୫ ଲକ୍ଷ ଟଙ୍କାର ଅନୁଦାନ ଫେରିଯାଇଛି। ପୂର୍ତ୍ତ ବିଭାଗରେ ଚାଲିଥିବା ଠିକାଦାରଙ୍କ ମଧ୍ୟରେ ବିବାଦ ଏବଂ ବିଭାଗୀୟ ଅଧିକାରୀଙ୍କ ପ୍ରିୟାପ୍ରୀତି ନୀତି ଯୋଗୁଁ ଦୀର୍ଘ ଚାରି ବର୍ଷ ଧରି କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ।

୨୦୧୧ ମସିହାରେ ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥର ଗୋହିରିମୁଣ୍ଡା ଛକ ଠାରୁ ରାଜବାଟୀ ପର୍ଯ୍ୟନ୍ତ ୧.୫ କିମି ରାସ୍ତାର ନବୀକରଣ ଓ ଉଭୟ ପାଶ୍ୱର୍ରେ ୪ ଫୁଟ୍ ଓସାର ବିଶିଷ୍ଟ କଂକ୍ରିଟ୍ ଡ୍ରେନ୍ ନିର୍ମାଣ ପାଇଁ ପ୍ରାୟ ୧୭ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା ଏବଂ କାର୍ଯ୍ୟ ସମାପନ ହୋଇଥିଲା। ତେବେ ସେ ସମୟରେ ପୂର୍ତ୍ତ ବିଭାଗର ଅଦୂରଦର୍ଶିତା ଯୋଗୁଁ ରାସ୍ତାର ଦକ୍ଷିଣ ପାଶ୍ୱର୍ରେ ନିର୍ମିତ ଡ୍ରେନ୍‌କୁ ଥାନା ଛକଠାରେ ଏକ କଲଭର୍ଟ ଦେଇ ବାମ ପାଶ୍ୱର୍ରେ ଥିବା ଡ୍ରେନ୍ ସହ ସଂଯୋଗ କରାଯାଇଥିଲା। ଥାନା ଛକଠାରୁ



### ପୂର୍ତ୍ତ ବିଭାଗର ଅପାରଗତା ଓ ପ୍ରିୟାପ୍ରୀତି ନୀତି ଯୋଗୁଁ ସମସ୍ୟାରେ ଗ୍ରାମବାସୀ

୨୫ ମିଟର ରାସ୍ତା ପାଶ୍ୱର୍ରେ ଡ୍ରେନ୍ ବଦଳରେ ରାସ୍ତା ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ କଲଭର୍ଟ ମଧ୍ୟରେ ଏକ ୪ ଫୁଟ୍ ଓସାରର ପ୍ଲାଷ୍ଟିକ୍ ପାଇପ୍ ଖଞ୍ଜାଯାଇଥିବାରୁ ଏହି କଲଭର୍ଟଟି ପୂରାପୂରି ଅଚଳ ହୋଇପଡ଼ିଥିଲା। ଫଳରେ, ତିଗିରିଆ ନିଜିଗଡ଼ ଗ୍ରାମର ଦୈନନ୍ଦିନ ବର୍ଜ୍ୟଜଳ ଏବଂ ବର୍ଷାଜଳ ଡ୍ରେନ୍‌ରେ ନ ଯାଇ ଥାନା ଛକ ଠାରୁ ସିଧା ବୋହିଯାଇ ତିଗିରିଆ ଥାନା, ତହସିଲ, ଟ୍ରେଜେରୀ, ମହିଳା ମହାବିଦ୍ୟାଳୟ ତଥା ରେଜେଷ୍ଟ୍ରି କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରି ଉପକୂଳିଆ ଅଞ୍ଚଳରେ ନାହିଁ ନ ଥିବା ସମସ୍ୟା ସୃଷ୍ଟି କରୁଥିଲା।

ତିଗିରିଆର ଆରାଧ୍ୟ ଶ୍ରୀ ପ୍ରସନ୍ନମଣିଙ୍କ ରଥଖଳା ଏହି ବାଦ୍ ପଡ଼ିଥିବା ଡ୍ରେନ୍ ଅଞ୍ଚଳରେ ଥିବାରୁ ବର୍ଜ୍ୟଜଳ ସିଧା ୩ ରଥ ତଳେ ପ୍ରବାହିତ ହେଉଛି। ବିଭିନ୍ନ ଆପତ୍ତିଜନକ ଦ୍ରବ୍ୟ (ଖଲି, ଠୋଲା ଓ ମଦ ବୋତଲ) ରଥ ତଳେ ପଡ଼ି ରହି ଭକ୍ତମାନଙ୍କୁ ଦୁଃଖିତ କରାଇଥିଲା। ବିଶେଷ କରି ୨୦୨୩ ମସିହା ଗୁଣ୍ଡିଚା ଦିନ ପ୍ରବଳ ବର୍ଷା ଯୋଗୁଁ ବହୁ ଆପତ୍ତିଜନକ ଦ୍ରବ୍ୟ ରାସ୍ତା ଉପରକୁ ଉଠି ଆସିବାରୁ ଦୀର୍ଘ ୨ ଘଣ୍ଟା ଧରି ଯାତାୟାତରେ ବାଧା ଉପୁଜିଥିଲା ଏବଂ ରଥ ଅଟକି ରହିଥିଲା। ପରେ ଦମକଳ କେନ୍ଦ୍ର ଗାଡ଼ି ଡକାଯାଇ ରାସ୍ତା ସଫେଇ କରାଯିବା ପରେ ରଥଖଳାକୁ ଯାଇପାରିଥିଲା। ୨୦୨୩ ଗୁଣ୍ଡିଚା ଦିନ ଏହି ସମସ୍ୟା ଦେଖାଦେବା ପରେ ସ୍ଥାନୀୟ ବିଧାୟକ ତଥା ତତ୍କାଳୀନ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଘଟଣା ସମ୍ପର୍କରେ ଅବଗତ ହୋଇ ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ମାତ୍ର ୨୫ ମିଟର ଲମ୍ବର ଡ୍ରେନ୍ ମରାମତି ଓ ସାମାନ୍ୟ ପରିବର୍ତ୍ତନ ପାଇଁ ପୁନଃ ୪.୭୫ ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ତେବେ, ଏହି କାମକୁ ନେଇ ଦୁଇ ଜଣ ଠିକାଦାରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ପରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇପାରିଲା ନାହିଁ। ମନୋନୀତ ଠିକାଦାର ଏବଂ ପୂର୍ତ୍ତ ବିଭାଗ ଯନ୍ତ୍ରୀ ବିଧାୟକଙ୍କ ତାଗିଦ୍‌କୁ ଭ୍ରୂକ୍ଷେପ ନ କରି ଅଧିକ ଅର୍ଥ ଦାବି କରି କାର୍ଯ୍ୟ ଆରମ୍ଭ କଲେ ନାହିଁ। ଫଳରେ, ଦୀର୍ଘ ଦିନ ଧରି ଏହି ଟଙ୍କା ପଡ଼ିରହିବା ପରେ ଗତ ସେପ୍ଟେମ୍ବର ମାସରେ ଅନୁମୋଦିତ ୪.୭୫ ଲକ୍ଷ ଟଙ୍କା ଫେରିଯାଇଥିବାର ସୂଚନା ମିଳିଛି। ଠିକାଦାରୀ ବିବାଦ ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଅନୁମୋଦିତ ଅର୍ଥ ଫେରିଯିବା ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଶିକ୍ଷକଙ୍କ କର୍ତ୍ତବ୍ୟରେ ଅବହେଳା; କ୍ଷୋଭ ପ୍ରକାଶ କଲେ ବିଧାୟକ

**ନିଶ୍ଚିନ୍ତକୋଇଲି,୧୩।୧୨(ସମିସ):** ସାନ୍ତପୁର ପଞ୍ଚାୟତ ଓରିକଣାଠାରେ ଥିବା ଲାଲବାହାଦୁର ବିଦ୍ୟାପୀଠର ଶିକ୍ଷକମାନେ ସେମାନଙ୍କର କାର୍ଯ୍ୟରେ ଅହେତୁକ ଅବହେଳା କରୁଥିବା ନେଇ ବହୁ ଅଭିଭାବକ ଓ ଗ୍ରାମବାସୀ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ସତ୍ୟତା ଜାଣିବା ପାଇଁ ବିଧାୟକ ଶ୍ରୀ ସେଠୀ ଶୁକ୍ରବାର ଅପରାହ୍ନ ୩.୩୦ରେ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ବହୁ ଛାତ୍ରଛାତ୍ରୀ ଶ୍ରେଣୀ ଗୃହରେ ନ ରହି ବାହାରେ ବୁଲାବୁଲି କରୁଥିବା ଦେଖିବାକୁ ପାଇଥିଲେ। ଏହାଛଡା ସ୍କୁଲ କାର୍ଯ୍ୟାଳୟରେ ୭ ଜଣ ଶିକ୍ଷକ ବସି ଗପସପ କରୁଥିବା ମଧ୍ୟ ଦେଖିଥିଲେ। ଶନିବାର ଦିନ ଏହି ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ହେବା ପାଇଁ ପ୍ରସ୍ତୁତି ଚାଲିଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶ୍ରେଣୀ ଗୃହରେ ନ ରହି ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହାଛଡା ବିଧାୟକ ବିଭିନ୍ନ ଶ୍ରେଣୀକୁ ଯାଇ ପିଲାମାନଙ୍କୁ ପାଠ ପଚାରିବାରୁ ପିଲାମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟରେ ଶିକ୍ଷକମାନେ ଅଧିକାଂଶ ସମୟରେ ଶ୍ରେଣୀ ଗୃହକୁ ନ ଯାଇ ଅଫିସରେ ବସି ଗପସପ କରିବା ସହିତ ବିଭାଗୀୟ ନିୟମାନୁଯାୟୀ ଶିକ୍ଷକମାନେ



ଠିକ୍ ସମୟରେ ସ୍କୁଲକୁ ନ ଆସିବା କିମ୍ବା ଠିକ୍ ସମୟରେ ସ୍କୁଲ ଛୁଟି ନ କରିବା ସଂକ୍ରାନ୍ତରେ ଯେଉଁ ଅଭିଯୋଗ ହେଉଥିଲା ବିଧାୟକ ତାର ସତ୍ୟାସତ୍ୟ ମଧ୍ୟ ଜାଣିବାକୁ ପାଇଥିଲେ। ସ୍କୁଲ ପରିଦର୍ଶନରେ ଯେଉଁ ସବୁ ତଥ୍ୟ ଅନୁଧ୍ୟାନ କଲେ ସେ ସଂକ୍ରାନ୍ତରେ ବିଧାୟକ ଶ୍ରୀ ସେଠୀ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ଜାଣିବା ପରେ ଶିକ୍ଷକମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେ ନେଇ ସାଧାରଣରେ ଆଲୋଚନା ହେଉଛି।

## ବିପୁଳ ଦେଶୀ ମଦ ଜବତ

**ଆଠଗଡ,୧୩।୧୨(ସମିସ):** ଶନିବାର କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ତଥା ଆଠଗଡ ଅବକାରୀ ଉପ ଅଧୀକ୍ଷକ ସି.ଏଚ.ତିରୁପତିଙ୍କ ତତ୍ତ୍ୱାବଧାନ ଆଠଗଡ ଅବକାରୀ ବିଭାଗ, ନରସିଂହପୁର ଅବକାରୀ ଥାନା, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ ଓ ସଦର-୧ ଅବକାରୀ ଥାନା ପକ୍ଷରୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡ଼ାଲୁଅ, କଂସର, ବାଉଁଶ ଟଙ୍ଗୋର, ସଡ଼କ ସାହି, ପଦପଥର, ପତିଆସହି, ଲୁଣି ପଡିଆ ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଚଢଉ କରାଯାଇ ବ୍ୟାପକ ପରିମାଣର ଦେଶୀ ମଦ ସହିତ ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ନଷ୍ଟ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଏହି ଚଢଉରେ ମୋଟ ୨୧୦୦ ଲିଟର ଦେଶୀ ମଦ ସହ ୧୫,୮୨୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏଥିନେଇ ୬ଟି ମାମଲା ରୁଜୁ କରାଯାଇଛି। ଏହି ଚଢଉରେ ଅବକାରୀ ବିଭାଗର ରବି ନାରାୟଣ ପ୍ରଧାନ, ବିଶ୍ୱଜିତ୍ ଆରୁଖ, ସୌମ୍ୟରଞ୍ଜନ ମାଝୀ, ତରୁଣ ପାତ୍ର, ଅକ୍ଷୟ ଜେନା, ବାପି ସାହୁ ପ୍ରମୁଖ କର୍ମଚାରୀମାନେ ସାମିଲ ଥିଲେ।

## ନବୋଦୟ ପରୀକ୍ଷା ଦେଲେ ୨୭୬

**ତିଗିରିଆ,୧୩।୧୨(ସମିସ):** ତିଗିରିଆ ବ୍ଲକ ନୂଆପାଟଣା ଅଧୀନ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଶନିବାର ଚଳିତ ଶିକ୍ଷାବର୍ଷର ନବୋଦୟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ପରୀକ୍ଷାରେ ବ୍ଲକର ମୋଟ ୨୯୩ ଜଣ ନିଜ ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା ପରୀକ୍ଷା କେନ୍ଦ୍ରରେ ତଦାରଖ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଖଟୁଆଙ୍କ ତତ୍ତ୍ୱାବଧାନରେ ପରିଚାଳିତ ପରୀକ୍ଷାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁଶାନ୍ତ ସାହୁ, ମାଧବଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସମାଜସେବୀ ପରଲୋକ



**ନିଶ୍ଚିନ୍ତକୋଇଲି, ୧୩।୧୨ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜମରା ପଞ୍ଚାୟତ ଜମରା ଗ୍ରାମର ସମାଜସେବୀ ତଥା ଜଣେ ଭଲ ମଣିଷ ନନ୍ଦକିଶୋର ବିଶ୍ୱାଳ (୭୫)ଙ୍କ ବାସଭବନରେ ପରଲୋକ ହୋଇଛି। ସେ ଅଣକଂଗ୍ରେସ ରାଜନୀତିରେ ରହି ଦୀର୍ଘ ଦିନ ଧରି ଲୋକମାନଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ବେଶ୍ ଲୋକପ୍ରିୟ ହୋଇଥିଲେ। ଶେଷ ଜୀବନରେ ରାଜନେତା ବିଜୟ ମହାପାତ୍ରଙ୍କ ସହିତ ରହିଥିଲେ। ତାଙ୍କ ଦେହାନ୍ତ ଖବର ପାଇ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ସାହୁ, ରମେଶଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ରନାଥ ଜେନା, ଦେବଦତ୍ତ କର, କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ପ୍ରାକ୍ତନ ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରାଙ୍କ ସମେତ ବହୁ ନେତୃବୃନ୍ଦ ବାସଭବନରେ ପହଞ୍ଚି ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। କଂଗ୍ରେସ ନେତା ଆଇନଜୀବୀ ଇଂ. ଆକାଶ ଭୂୟାଁ, ରାଜନେତା ନାରାୟଣ ଦ୍ୱିବେଦୀ, ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ସୌମ୍ୟକାନ୍ତ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**କଟକ,୧୩।୧୨(ସମିସ):** ବିଦ୍ୟାଧରପୁର ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଟାଙ୍ଗୀ ବ୍ଲକର ପ୍ରାକ୍ତନ ବିଇଓ ସରୋଜିନୀ ସାହୁ ଉଦଘାଟନ କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଞ୍ଜୁଶ୍ରୀ ମହାନ୍ତି, ତିନିଘରିଆ କ୍ଲଷ୍ଟର ସିଆରସିସି ଲକ୍ଷ୍ମୀପ୍ରିୟା ରାଉତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଛାତ୍ରଛାତ୍ରୀମାନେ ମଶାଲ ଶୋଭାଯାତ୍ରାରେ ଆସି ଖେଳ ପଡିଆରେ ପହଞ୍ଚିବା ପରେ ଶ୍ରୀମତୀ ସାହୁ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। କ୍ରୀଡା ଶିକ୍ଷକ ବାସନ୍ତୀ ବେହେରା, ହୃଷିକେଶ ମହାନ୍ତି, ଭଗ୍ୟଶ୍ରୀଙ୍କ ତତ୍ତ୍ୱାବଧାନରେ



ବାଳକ ବାଳିକାଙ୍କ ମଧ୍ୟରେ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠରେ ପ୍ରତିଯୋଗିତା ହୋଇଥିଲା। ସୁପ୍ରଭା ପଣ୍ଡା, କଳ୍ପନା ରାଉତ, ସୁଶାନ୍ତ ପରିଡ଼ା, ରିନାଖି ଷଡଙ୍ଗୀ, ଜୟଶ୍ରୀ ସାହୁ, ଉର୍ମିଳା ପଣ୍ଡା, ସ୍ମିତାରାଣୀ ସେଠୀ, ସୁପ୍ରିୟା ସେନାପତି, ଗୀତାଞ୍ଜଳି ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କ୍ରୀଡ଼ା ପରିଚାଳନା କରିଥିଲେ। ଗୋକୁଳାନନ୍ଦ ପଣ୍ଡା, ଭାଗିରଥି ଗୋଛାୟତ ପ୍ରତିଯୋଗିତାରେ ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

**ମାହାଙ୍ଗା,୧୩।୧୨(ସମିସ):** ମାହାଙ୍ଗାର ବିକାଶମୂଳକ କାର୍ଯ୍ୟ କରିବା ପାଇଁ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭଉଁରିଆ ପଞ୍ଚାୟତ ନହଙ୍ଗ ଠାରେ ରାଜ୍ୟ ସରକାର ଜଳସମ୍ପଦ ଅଧିନସ୍ଥ କେନ୍ଦ୍ରାପଡା କେନାଲର ୮(କ) ଶାଖାନାଳର ୧୩୨ମିଟର ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ସେହିପରି ବାଲିପଡା ଠାରୁ ଗୌଡଗୋପ ବଜାର ପର୍ଯ୍ୟନ୍ତ ୮ ନମ୍ବର କେନାଲ ବାମପାଶ୍ୱର୍ ବନ୍ଧ ରାସ୍ତା ନିର୍ମାଣ ଓ ପୋଲ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଏରକଣା ବଜାର ଠାରୁ ସିନ୍ଧୁପୁର ଗ୍ରାମ ମଧ୍ୟରେ ୮ (ଏଚ) କେନାଲ ବାମପାଶ୍ୱର୍ ବନ୍ଧ ନିର୍ମାଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରି ଦୀର୍ଘ ଦିନର ରହିଥିବା ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରିବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ। ଏହି ସମସ୍ତ କାର୍ଯ୍ୟର ବ୍ୟୟ ଅଟକଳ ପ୍ରାୟ ଏକ କୋଟି ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ନିର୍ମଳ ରାଉତ, ଆଇନଜୀବୀ ଗୌତମ ଶତପଥୀ, ଜିତେନ୍ଦ୍ର ଶତପଥି, ଅଶୋକ ବିଶ୍ୱାଳ, ରଞ୍ଜନ ଶତପଥୀ, ବିଚିତ୍ରାନନ୍ଦ ପଣ୍ଡା, ନଟବର ରାଉତ, ଅନୀଲ ଜେନା, ମଦନ ମୋହନ ଜେନା, ଶ୍ରୀନିବାସ ଭୂୟାଁ, ଅଶୋକ ସାହୁ, ମାଖନ ସିଂହ, ସଂଗ୍ରାମ ସିଂହ ଓ ଜଗବନ୍ଧୁ ଗୋଛାୟତଙ୍କ ସମେତ ବହୁ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।



## ଦେଉଳିରେ ସାଂସଦ କ୍ରୀଡ଼ା ଉତ୍ସବ

**କଟକ,୧୩।୧୨(ସମିସ):** କଟକ ସଦର ୪୨ମୌଜା ପିଏମ୍‌ଶ୍ରୀ ବାଲୁଙ୍କେଶ୍ୱର ନୋଡ଼ାଲ ସରକାରୀ ବିଦ୍ୟାପୀଠ, ଦେଉଳି ଆନୁକୂଲ୍ୟରେ କଟକ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସଦ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ବିଜୁପଟ୍ଟନାୟକ ସ୍ମାରକୀ ଗ୍ରାମାଞ୍ଚଳ ଷ୍ଟାଡ଼ିୟମ, ଦେଉଳିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଶ୍ଚିନ୍ତକୋଇଲି ବ୍ଲକର ବିଦ୍ୟାଳୟ ଓ କଟକ ସଦର ବ୍ଲକ ଅଧୀନରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏହି ସାଂସଦ କ୍ରୀଡ଼ା ଉତ୍ସବ ବ୍ଲକସ୍ତରରେ ଦୁଇ ଦିନ ଧରି ଚାଲିଥିଲା। ଏଥିରେ କବାଡ଼ି, ଖୋ ଖୋ ଓ ଫୁଟ୍‌ବଲ ଖେଳମାନ ହୋଇଥିଲା। ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର ଓ ଖେଳ ଶିକ୍ଷକ ସ୍ୱାଗତିକା ଦଳାଇ, ଏମ୍.ଏସ୍.ଜେ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ



ଶତ୍ରୁଘ୍ନ ସ୍ୱାଇଁ, ଲକ୍ଷ୍ମଣ ଲେଙ୍କା ହାଇସ୍କୁଲର ଖେଳ ଶିକ୍ଷକ ଅଶ୍ୱିନୀ ମହାନ୍ତି, ବିଦ୍ୟାଧରପୁର ହାଇସ୍କୁଲର ଖେଳ ଶିକ୍ଷକ ବାସନ୍ତି ବେହେରା ଓ ଜିପି ନୋଡ଼ାଲ ହାଇସ୍କୁଲ ନୂଆପଡ଼ାର ଖେଳ ଶିକ୍ଷକ କଳ୍ପନା ବେହେରା, ଶଂଖତ୍ରାସ ସରକାରୀ ହାଇସ୍କୁଲର ଟିଜିଟି ଆର୍ଟ୍ସ ଶିକ୍ଷକ ସତ୍ୟଜିତ୍ ବେହେରା, ମଧୁସୂଦନ ସରକାରୀ ହାଇସ୍କୁଲର ଖେଳ ଶିକ୍ଷକ ରାଧାରାଣୀ ମହାନ୍ତି, କୂଳସରିଚୁଆଁ ସରକାରୀ ନୋଡ଼ାଲ ହାଇସ୍କୁଲର ଖେଳଶିକ୍ଷକ ସଂଜୁବାଳା ସାହୁ, ଉରାଳି ନୋଡ଼ାଲ ହାଇସ୍କୁଲର ଖେଳଶିକ୍ଷକ ସୁବ୍ରତ ନନ୍ଦୀ, ହଂସନାଥ ସରକାରୀ ହାଇସ୍କୁଲର ଖେଳଶିକ୍ଷକ ସୁନିଲ ହେମ୍ବ୍ରମ୍, ନେହେରୁ ନୋଡ଼ାଲ ଉଚ୍ଚ ବିଦ୍ୟାପୀଠର ଖେଳଶିକ୍ଷକ ସୋରାଇ ସୋରେନ, ଆୟତପୁର ନୋଡ଼ାଲ ହାଇସ୍କୁଲର ଟିଜିଟି ଆର୍ଟ୍ସ ଶିକ୍ଷକ ଭାରତ ନିଶିକୋ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଆଗକୁ ଆଣିବା ପାଇଁ ସାଂସଦ ଭର୍ତ୍ତୃହରି ମହତାବ ଓ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସମସ୍ତେ ସାଧୁବାଦ ଜ୍ଞାପନ କରିଥିଲେ।

## କ୍ଲଷ୍ଟର୍‌ସ୍ତରୀୟ 'ଆସ ସ୍କୁଲ ଯିବା' ଶିକ୍ଷାସଭା

**ନିଶ୍ଚିନ୍ତକୋଇଲି,୧୩।୧୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବେଣୀରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଆସ ସ୍କୁଲ ଯିବା ଶିକ୍ଷା ସଚେତନତା ସଭା ବୋଧଙ୍ଗ ଶକୁନ୍ତଳା ବିଦ୍ୟା ନିକେତନରେ ଅନୁଷ୍ଠିତ ହୋଇଛି। ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ପୁନର୍ବାର ସ୍କୁଲ ଫେରାଇ ଆଣି ସ୍କୁଲରେ ନାମ ଲେଖାଇ ସେମାନଙ୍କୁ ଶିକ୍ଷିତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ସଚେତନତା କରାଯାଇଛି। ଛାତ୍ରଛାତ୍ରୀମାନେ ହାତରେ ପ୍ଲାକ୍ କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ଗ୍ରାମ ପରିକ୍ରମା କରି ଏହି ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ପ୍ରଥପ୍ରାନ୍ତ ନାଟକ ମଧ୍ୟ ପରିବେଷଣ କରାଯାଇଥିଲା। ସିଆରସିସି ଦିଲ୍ଲୀପ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରଧାନଶିକ୍ଷକ ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ପତି, ଶାରଦା ପ୍ରସନ୍ନ ଆଚାର୍ଯ୍ୟ, ନରେନ୍ଦ୍ର ଦାସ, ସ୍ୱର୍ଣ୍ଣପ୍ରଭା ଶତପଥି, ଅହଲ୍ୟା ସାହୁ, ତିଳୋତ୍ତମା ବେହେରା, ଅକ୍ଷୟ ଖଣ୍ଡୁଆଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାକ୍ତନ ସିଆରସିସି ସେକ୍ ଗୁଲାମ ମେହେନ୍ଦୀ ହାସନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା, ଅଙ୍ଗନବାଡି କର୍ମୀ ଆଶାକର୍ମୀ ଏବଂ ପିଆରଆଇ ସଭ୍ୟମାନେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।




### ବାବା ସିଂହନାଥଙ୍କ ମକରମେଳାକୁ ଆଉ ମାତ୍ର ଏକ ମାସ

# ବିନା ପ୍ରସ୍ତୁତିରେ ତିଆରି ହେଉଛି ଅସ୍ଥାୟୀ ମାଟି ରାସ୍ତା

**ବଡମ୍ବା,୧୩।୧୨(ସମିସ):** କଟକ ଜିଲ୍ଲାର ଅନ୍ୟତମ ପୁରାତନ ଶୈବ ପୀଠ ଗୋପୀନାଥପୁର ନିକଟସ୍ଥ ବାବା ସିଂହନାଥ ପୀଠରେ ପ୍ରତିବର୍ଷ ଜାନୁଆରୀ ୧୪ ତାରିଖରେ ତିନି ଦିନ ବ୍ୟାପୀ ମକରମେଳା ଅନୁଷ୍ଠିତ ହୋଇଥାଏ। ଆସନ୍ତା ୨୦୨୬ ଜାନୁଆରୀ ୧୪ ତାରିଖରେ ପୁଣି ମକର ମେଳା ହେବାକୁ ଥିବା ବେଳେ ଏହାକୁ ଆଉ ମାତ୍ର ଏକ ମାସ ବାକି ଅଛି। ତେବେ, ଏହି ମେଳା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ବୈଠକ ନ ହେଉଣୁ ହିଁ ମହାନଦୀରେ ଅସ୍ଥାୟୀ ମାଟି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି, ଯାହାକି ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ବର୍ଷ (୨୦୨୫) ମକର ମେଳା ପାଇଁ ଯାତ୍ରୀ ଓ ଦୋକାନୀମାନଙ୍କ ସୁବିଧା ନିମନ୍ତେ ଅସ୍ଥାୟୀ ମାଟି ରାସ୍ତା ନିର୍ମାଣ ପାଇଁ ରାଜକୋଷରୁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କିନ୍ତୁ ଠିକାଦାର କାର୍ଯ୍ୟାଦେଶ ନେବା ପରେ ମଧ୍ୟ ଯାତ୍ରା ପୂର୍ବରୁ ଅସ୍ଥାୟୀ ମାଟି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଫଳରେ, ପ୍ରଶାସନ ସେତୁ ଉପରେ କଟକଣା ଲଗାଇ ମେଳା ସମାପ୍ତ କରିଥିଲା



ଏବଂ ଅଧା ନିର୍ମିତ ରାସ୍ତା ଯୋଗୁଁ ସରକାରଙ୍କ ପ୍ରାୟ ୨୫ ଲକ୍ଷ ଟଙ୍କା ପାଣିରେ ପଡ଼ିଥିଲା ବୋଲି ଅଭିଯୋଗ ହୋଇଥିଲା। ଦୁର୍ଭାଗ୍ୟର ବିଷୟ ଯେ ଏହି ବିଫଳତା ପାଇଁ ଠିକାଦାରଙ୍କ ପ୍ରତି କୌଣସି ପଦକ୍ଷେପ ନିଆଯାଇ ନଥିଲା। ଆସନ୍ତା ମକର ମେଳା ପାଇଁ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇନାହିଁ, କିମ୍ବା ଗତ ବର୍ଷର କ୍ଷତିକୁ ନେଇ କୌଣସି ଆଲୋଚନା କରାଯାଇନାହିଁ। ଏହିପରି ପରିସ୍ଥିତିରେ, କିପରି ଓ କେତେ ଟଙ୍କାର ବ୍ୟୟ ଅଟକଳରେ ଅସ୍ଥାୟୀ ମାଟି ରାସ୍ତା ନିର୍ମାଣ ଆରମ୍ଭ ହେଲା, ସେ ନେଇ କାହା

### ପୁଣି ପାଣିରେ ପଡ଼ିବ ରାଜକୋଷର ଟଙ୍କା

### ଗତ ବର୍ଷ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନଷ୍ଟ ହୋଇଥିବା ଅଭିଯୋଗ

ପାଖରେ ସୂଚନା ନାହିଁ। ବର୍ତ୍ତମାନ ମହାନଦୀରେ ୬ ଫୁଟ୍‌ରୁ ଉର୍ଦ୍ଧ୍ୱ ଜଳ ପ୍ରବାହିତ ହେଉଥିବା ବେଳେ ନିର୍ମାଣାଧୀନ ମାଟି ବନ୍ଧଟି ନଦୀ ବନ୍ଧ ଠାରୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ପାଣି ଧାରରେ ଲାଗିଛି। ପୂର୍ବରୁ ଯେଉଁ ସ୍ଥାନ ଦେଇ ରାସ୍ତା ଯିବା କଥା ତାକୁ ଛାଡ଼ି ଉପରେ ପାଣି କମ୍ ପ୍ରବାହିତ ହେଉଥିବା ସ୍ଥାନରେ ମାଟି ରାସ୍ତା ନିର୍ମାଣ ଚାଲିଛି। ସାଧାରଣତଃ, ମକର ମେଳା ପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଆଲୋଚନା ପରେ ପ୍ରସ୍ତୁତି ବୈଠକରେ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହେବା କଥା। ତେବେ ଏ ବର୍ଷ ବିନା ପ୍ରସ୍ତୁତି ବୈଠକରେ କିପରି ଏହି କାର୍ଯ୍ୟ ଆରମ୍ଭ ହେଲା, ତାହା ବଡ଼ ପ୍ରଶ୍ନ। ଯେହେତୁ ମହାନଦୀରେ ସୁଅ ଅଧିକ ରହିଛି, ପାଣି ଉପରେ ରାସ୍ତା ନିର୍ମାଣ କରିବା ଏବେ ଚାଲେଞ୍ଜ ସୃଷ୍ଟି କରିବ। ଯଦି ମକର ପୂର୍ବରୁ ଏହି ଅସ୍ଥାୟୀ ରାସ୍ତା ସମ୍ପୂର୍ଣ୍ଣ ନ ହୁଏ, ତେବେ ଗତ ବର୍ଷ ଭଳି ସେତୁ ହିଁ ଏକମାତ୍ର ଭରସା ସାଜିବ, ଯାହାକି ବ୍ୟବସାୟୀମାନଙ୍କୁ ପ୍ରଭାବିତ କରିବ। ସ୍ଥାୟୀ ପ୍ରତିକାର ନ କରି ପ୍ରତିବର୍ଷ ମାଟି ରାସ୍ତା ନିର୍ମାଣରେ ସରକାରୀ ତହବିଲରୁ ଅର୍ଥ ଖର୍ଚ୍ଚ ହେବାକୁ ନେଇ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆହୁରି ମଧ୍ୟ ନିର୍ମାଣାଧୀନ ମାଟି ରାସ୍ତାକୁ ନେଇ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିଙ୍କ ପାଖରେ କୌଣସି ସୂଚନା ନ ଥିବାର ଜଣାପଡ଼ିଛି।





# ସ୍କୁଟି ଚାଳକଙ୍କ ଉପରେ ଭାଙ୍ଗିପଡ଼ିଲା ଗଛ

- ଯୁବକଙ୍କ ଗୋଡ଼ ଭାଙ୍ଗିଲା; ସ୍କୁଟି ଚୂର୍‌ମାର୍
- ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି





ଭୁବନେଶ୍ୱର, ୧୩।୧୨(ସମିସ): ତମାଣ୍ଡୋ ଥାନା ଭଗବାନପୁର ଶିଳ୍ପାଞ୍ଚଳରେ ରାସ୍ତା କଡ଼ରେ ଥିବା ଏକ ଗଛ ଭାଙ୍ଗିପଡ଼ି ସ୍କୁଟିରେ ଯାଉଥିବା ଜଣେ ଯୁବକଙ୍କ ଉପରେ ପଡ଼ିବାରୁ ତାଙ୍କ ଗୋଡ଼ ଭାଙ୍ଗିବା ସହ ସ୍କୁଟିଟି ଚୁର୍‌ମାର ହୋଇଯାଇଛି। ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ଯୁବକଙ୍କୁ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଛି। ଶନିବାର ରାତିରେ ଅଚାନକ ଭାବେ ଏଭଳି ଏକ ଅଘଟଣ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୁର୍ଘଟଣାର ଶିକାର ହୋଇଥିବା ଯୁବକ ହେଲେ ଭଗବାନପୁର ଅଞ୍ଚଳର ପଞ୍ଚୁ ପାଟଶାଣୀ (୩୦)।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରାତି ପ୍ରାୟ ୯ଟାରେ ପଞ୍ଚୁ କୌଣସି ଏକ କାମରେ ଘରୁ ବାହାରି ସ୍କୁଟିରେ ପାଟଶାଣୀ ଡାବା ଆଡ଼କୁ ଯାଉଥିଲେ। ଏହି ସମୟରେ ଅଚାନକ ରାସ୍ତା କଡ଼ରେ ଥିବା ଏକ ଗଛ ଉପୁଡି ତାଙ୍କ ଉପରେ ପଡ଼ିଥିଲା। ସେ ତଳେ ଚାପି ହୋଇ ରହିଥିବାବେଳେ ସ୍ଥାନୀୟ ଲୋକେ ଗଛଟି ଉଠାଇ ପଞ୍ଚୁଙ୍କୁ ପ୍ରଥମେ ସେଠାରୁ ବାହାର କରିଥିଲେ। ପରେ ସ୍କୁଟିକୁ ବାହାର କରିଥିଲେ। ପୁଲିସକୁ ଖବର ଦିଆଯାଇଥିଲା। ପିସିଆର୍ ଘଟଣାସ୍ଥଳରେ ପହଁଞ୍ଚି ପଞ୍ଚୁଙ୍କୁ ଏମ୍ସ ନେଇଥିଲା। ଗଛଟି ମରି ବହୁଦିନ ହେବ ଛିଡ଼ା ହୋଇଥିଲା। ଏହାର ମୂଳ ଉଈ ଖାଇ ଯାଇଥିଲା। ଶନିବାର କୌଣସି ପବନ ନଥିଲେ ବି ଗଛଟି ଅଚାନକ ଉପୁଡି ପଡ଼ିଥିବା ଜଣାପଡ଼ିଛି।

● 'ନୋ ଲିମିଟ୍'ରେ ବେଆଇନ କାରବାର ମାମଲା

## ତଦନ୍ତ ନିର୍ଦ୍ଦେଶ ଦେଲେ ଅବକାରୀ କମିଶନର

ଭୁବନେଶ୍ୱର, ୧୩।୧୨(ସମିସ): ଅଗ୍ନିକାଣ୍ଡ ପରେ ନୋ ଲିମିଟ ହୁକ୍କା ବାର ପାଇଁ ଅଡୁଆ ବଢ଼ିଛି। ଏଠାରେ ଚାଲୁଥିବା ବେଆଇନ କାରବାରର ତଦନ୍ତ ପାଇଁ ଅବକାରୀ କମିଶନର ପି. ଅନ୍ୱେଶା ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ ଷ୍ଟେଟ୍ ଫ୍ଲାଇଂ ସ୍କ୍ୱାଡ୍ ସୁପରିଣ୍ଟେଣ୍ଡେଣ୍ଟ ଓ ଭୁବନେଶ୍ୱର ଏକ୍ସାଇଜ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଯଥାଶୀଘ୍ର ତଦନ୍ତ ସାରି କମିଶନରଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ନୋ ଲିମିଟ୍ ତଳେ ଥିବା ହୋଟେଲ ଲିଭିଙ୍ଗ୍ ପାରାଡାଇଜ୍ ସହ ସ୍ଥାନୀୟ ଲୋକଙ୍କର ବୟାନ ରେକର୍ଡ କରାଯିବ। ସିସିଟିଭି ଯାଞ୍ଚ ସହ ନୋ ଲିମିଟ୍ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ନେଇ ତଦନ୍ତକାରୀ ଅଧିକାରୀ ତଦନ୍ତ କରିବେ। ଅନ୍ୟପଟେ ଅବକାରୀ ନିୟମ ଉଲ୍ଲଂଘନର ଯଦି କୌଣସି ପ୍ରମାଣ ମିଳେ ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୁବନେଶ୍ୱରର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ କହିଛନ୍ତି।

ଗୋଆ ହରର୍ ପରେ ଶୁକ୍ରବାର ଭୁବନେଶ୍ୱର ଥରହର ହୋଇଥିଲା। ଅଗ୍ନିକାଣ୍ଡରେ ଦେଢ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜଳିଯାଇଥିଲା। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ 'ନୋ ଲିମିଟ ଏୟାର' ଶୁକ୍ରବାର ସକାଳ ପ୍ରାୟ ୮ଟା ୩୦ରେ ଜଳୁଥିବା ଦେଖି ଅଗ୍ନିଶମ ବିଭାଗର ୫ଟି ଟିମ୍ ପହଁଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଅଗ୍ନିକାଣ୍ଡର କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ଅଭିଯୋଗ ଅନୁସାରେ ବିନା ଅବକାରୀ ଲାଇସେନ୍ସରେ ସେଠାରେ ମଦର ଆସର ଚାଲିଥିଲା। ନିଶା ଚଢ଼ିବା ପରେ ରୁଫ ଟପରେ ହୁକା ମିଳୁଥିଲା। ଡିଜେର ତାଳେ ତାଳେ ମତୁଆଲା ହେଉଥିଲେ ଏଠାକୁ ଆସୁଥିବା ଯୁବପିଢ଼ି। କର୍ତ୍ତୃପକ୍ଷଙ୍କର ନା ପୁଲିସ, ନା ଅବକାରୀ ବିଭାଗ କାହାରି ଭୟ ନଥିଲା। ରେଷ୍ଟୁରାଣ୍ଟ ନାଁରେ ରାତିତମାମ ବାରରେ ନିଶା ସେବନ ଚାଲୁଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୩।୧୨(ସମିସ): ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ବଟକୃଷ୍ଣ ତ୍ରିପାଠୀ ଯୋଗ ଦେଇ ଛାତ୍ରୀଙ୍କୁ ନିଜ ସୁରକ୍ଷା ସମ୍ବନ୍ଧିତ ଆଇନ ଜାଣିବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଶିକ୍ଷାବିତ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ଓ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ଯୋଗଦେଇ ଛାତ୍ରୀଙ୍କୁ ସ୍ପଷ୍ଟବାଦୀ ହେବାକୁ ପରାମର୍ଶ ଦେଇଛନ୍ତି। ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଓ ଚଳଚ୍ଚିତ୍ର ଅଭିନେତା ହରିହର ମହାପାତ୍ର ଯୋଗଦେଇ ନିରନ୍ତର ଭାବେ ଅଧ୍ୟୟନ କଲେ ନିଜର ଲକ୍ଷ୍ୟ ହାସଲ କରିପାରିବେ ବୋଲି ଉପଦେଶ ଦେଇଥିଲେ। ଅଧ୍ୟାପିକା ଶୁଭଶ୍ରୀ ମିଶ୍ର, ଶୁଭଶ୍ରୀ ମଲ୍ଲିକ ଓ ଜୟଶ୍ରୀ ନାଥ ଯଥାକ୍ରମେ ବିଦ୍ୟାଳୟର କ୍ରୀଡ଼ାସଂସଦ, ସାଂସ୍କୃତିକ ସଂସଦ ଓ ଶୈକ୍ଷିକ ସଫଳତାର ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ସୀତୁସ୍ମିତା ବିଧାରଙ୍କ ନିର୍ଦ୍ଦେଶନାରେ ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କ ରଚିତ ଆବହସଙ୍ଗୀତ ଗାନ କରାଯାଇଥିବାବେଳେ ଅଧ୍ୟାପିକା ଆର୍.ମାନସୀ, ଅଧ୍ୟାପକ ବିକାଶ ଚନ୍ଦ୍ର ବେହେରା, ପ୍ରଣବ ରଥ ପ୍ରମୁଖ ସଭା ପରିଚାଳନାରେ ସହଯୋଗ ଓ ଅଧ୍ୟାପିକା ନିବେଦିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

● ୨୮ ତମ 'ମିଟ୍ ଦ ଆର୍ଟିଷ୍ଟ'

## ରୂପ-ବିଦ୍ୟା-କାମ-କଳା ଶୀର୍ଷକ ଆଲୋଚନା

ଭୁବନେଶ୍ୱର, ୧୩।୧୨(ସମିସ): ଜେ.ଡି.ସି.ଏ ପକ୍ଷରୁ ୨୮ ତମ 'ମିଟ୍ ଦ ଆର୍ଟିଷ୍ଟ୍' କାର୍ଯ୍ୟକ୍ରମ ଏହାର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥରର ବିଷୟବସ୍ତୁ 'ରୂପ-ବିଦ୍ୟା-କାମ-କଳା' ଶୀର୍ଷକରେ ଓଡ଼ିଶାର ସ୍ୱନାମଧନ୍ୟ ଶିଳ୍ପୀ ଗୁରୁ ସୁଧୀର କୁମାର ମହାରଣା ଆଲୋକପାତ କରି କହିଥିଲେ, ରୂପ ବିଦ୍ୟା ଓ କାମ କଳା (୬୪) ବିଷୟଟି ମହର୍ଷି ବାତ୍ସାୟନଙ୍କ ରଚିତ ପ୍ରସିଦ୍ଧ ଗ୍ରନ୍ଥ 'କାମସୂତ୍ର'ରେ ସୁସ୍ପଷ୍ଟ ଭାବେ ବର୍ଣ୍ଣିତ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଧାରଣା। ଯାହା ପ୍ରାଚୀନ ଭାରତୀୟ ଜୀବନ ଶୈଳୀ, ସଭ୍ୟତା ଓ ସଂସ୍କୃତିର ସମଗ୍ର ଆକୃତିକୁ ପ୍ରତିଫଳିତ କରେ। ଏହି ୬୪ଟି କଳାରେ ସଙ୍ଗୀତ, ନୃତ୍ୟ, ଚିତ୍ରକଳା, କାବ୍ୟରଚନା, ଶିଳ୍ପ, ସୌନ୍ଦର୍ଯ୍ୟସାଧନ, ବୈଜ୍ଞାନିକ ଜ୍ଞାନ, ସାମାଜିକ ଆଚରଣ ଓ ଆଧ୍ୟାତ୍ମିକ ଚିନ୍ତନ ସମେତ ମାନବ ଜୀବନର ସମସ୍ତ ପାର୍ଶ୍ୱ ସମାବେଶିତ ଅଛି। ଯାହା ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚାରି ପୁରୁଷାର୍ଥକୁ ସମତୁଳିତ ଭାବେ ଆଗେଇ ନେଇଥାଏ ବୋଲି ଶ୍ରୀ ମହାରଣା କହିଛନ୍ତି। ଶ୍ରୀ ମହାରଣା ପ୍ରାୟ ପଚାଷ ବର୍ଷ ଧରି ପଟ୍ଟଚିତ୍ର, ତାଳପତ୍ର ଖୋଦାଇବା, ଏବଂ କାଠର ଖେଳନା ଚିତ୍ରାଙ୍କନରେ ଅନୁଭବୀ ଜଣେ ପ୍ରବୀଣ ଶିଳ୍ପୀ। କାର୍ଯ୍ୟକ୍ରମରେ ଭାସ୍କର୍ଯ୍ୟ ଶିଳ୍ପୀ ନିତ୍ୟାନନ୍ଦ ଓଝା ବକ୍ତବ୍ୟ ପ୍ରଦାନ କରିଥିଲେ। ଜେ.ଡି.ସି.ଏ ଟ୍ରଷ୍ଟି ରାମହରି ଜେନା ମୁଖ୍ୟ ଅତିଥି ଶ୍ରୀ ମହାରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ୍ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ନୀଳମାଧବ ବସ୍ତିରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୧୩।୧୨(ସମିସ): ଚନ୍ଦ୍ରଶେଖରପୁର ନୀଳମାଧବ ଗୃହ ନିର୍ମାଣ ପ୍ରକଳ୍ପ ପାଇଁ ଦୁଇଦିନ ଧରି ବିଡିଏ ପକ୍ଷରୁ କେୟାର ହସ୍ପିଟାଲ୍ ନିକଟ ନୀଳମାଧବ ବସ୍ତି(ପ୍ୟାଚ୍-ବି)ରେ ଜବରଦଖଲ ଉଚ୍ଛେଦ କରାଯାଇଛି। ବସ୍ତିବାସିନ୍ଦାଙ୍କ ଜୋରଦାର ବିରୋଧ ସତ୍ତ୍ୱେ ୨୪୦ ଟି ଆଜବେଷ୍ଟସ୍ ଘର ଭଙ୍ଗାଯାଇଛି। ତା' ସହିତ ପାଇଖାନା ଓ ଗାଧୁଆ ଘର ଉଚ୍ଛେଦ ହୋଇଛି। ଏଥିରେ ୧୨୫ ପରିବାରଙ୍କ ଘର ଭାଙ୍ଗିଛି। ଯେଉଁମାନଙ୍କ ଘର ଭାଙ୍ଗିଛି ସେମାନଙ୍କୁ ବହୁ ପୂର୍ବରୁ କନ୍ୟାଶ୍ରମ ନିକଟ ଟ୍ରାଞ୍ଜିଟ୍ ହାଉସରେ ଥଇଥାନ୍ କରାଯାଇଛି। ଏଠାରେ ଘରନିର୍ମାଣ କରାଯାଇ ପ୍ରଦାନ କରାଯିବ। ଚନ୍ଦ୍ରଶେଖରପୁର ପୁଲିସ ସମେତ ୨ପ୍ଲାଟୁନ୍ ପୁଲିସ ଫୋର୍ସ ଓ ଏକ ପ୍ଲାଟୁନ୍ ମହିଳା ପୁଲିସ ସହାୟତାରେ ଏହି ଉଚ୍ଛେଦ ହୋଇଛି। ବିଡିଏ ଯୁଗ୍ମଆୟୁକ୍ତ(ଏନ୍‌ଫୋର୍ସମେଣ୍ଟ) ରଞ୍ଜନ ଜେନାଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଓଏସ୍‌ଡି ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉଚ୍ଛେଦରେ ସାମିଲ୍ ହୋଇଥିଲେ।

ରାତି ଅଧରେ ମହିଳାଙ୍କ ଉନ୍ମତ୍ତକାଣ୍ଡ

## ଜାଳିଦେଲେ ଘର, ୫ ଗାଡ଼ି ଓ ୪ ଦୋକାନ

ହଂସପାଳ, ୧୩।୧୨(ସମିସ): ହଂସପାଳ ଅଭୟମୁଖି ରାସ୍ତା ବାଲିଅନ୍ତା ମାଟିକୋଟଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ମହିଳା ଘଟାଇଛନ୍ତି ଉନ୍ମତ୍ତ କାଣ୍ଡ। ନିଆଁ ଲଗାଇ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ, କାର୍, ଟ୍ରକ, ଅଟୋ, ଓମିନି, ଜିପ୍ ଆଦି ଜାଳି ଦେଇଛନ୍ତି। ଯାହାର ଦୃଶ୍ୟ ନିକଟରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ମହିଳା ଜଣଙ୍କ ମାଟିକୋଟ ଅଞ୍ଚଳର ହୋଇଥିବା ବେଳେ ସେ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡ଼ିଛି। ମହିଳାଙ୍କୁ ତାଙ୍କ ପୈତୃକ ଘର ମାଟିକୋଟରୁ ପୁଲିସ ଧରିବା ସହ ତା' ନିକଟରୁ ଦିଆସିଲ ଜବତ କରାଯାଇଛି। ସେହିପରି ମହିଳାଙ୍କ ଶାଶୁଘର ବେଣ୍ଣପୁର ପଞ୍ଚାୟତ ଅଧୀନ ଚନ୍ଦନବସ୍ତ ଗ୍ରାମ ହୋଇଥିବା ବେଳେ ସେଠାରେ ମଧ ରବୀନ୍ଦ୍ର ଦାସଙ୍କ ପରିବାର ଘରେ ଶୋଇଥିବାବେଳେ ହଠାତ ଘରେ ନିଆଁ ଲାଗିଯାଇଥିଲା। ନିଆଁ ବ୍ୟାପିବା ପୂର୍ବରୁ ରବୀନ୍ଦ୍ରଙ୍କ ପତ୍ନୀ, ପୁଅ-ବୋହୂ, ଦୁଇ ନାତି ଓ ନାତୁଣୀ ବାହାରି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ମହିଳା ଜଣଙ୍କ ମଝିଗଡ଼ ସଞ୍ଜୟ ଜେନାଙ୍କ ଦୋକାନ ଘର ପାଖରେ ଥିବା ଓମିନି ଭ୍ୟାନକୁ ନିଆଁ ଲଗାଇ ଦେଇଥିଲେ। ପରିବାର ଲୋକେ ନିଆଁକୁ ଆୟତ୍ତ କରିଥିଲେ। ସାଇଫନ ନିକଟରେ ଥିବା ମଥୁରା କେକ୍, ମକା, ସ୍ନାକ୍ସ ଦୋକାନ ଓ ମଲ୍ଲିକସାହିର ରାଜେଶ ମଲ୍ଲିକଙ୍କ ଘର ଆଗରେ ଥିବା ଜିପ ଓ ସୁକୁନା ମଲ୍ଲିକଙ୍କ ଅଟୋକୁ ନିଆଁ ଲଗାଇ ଆଗକୁ ବଢ଼ିବା ସହ ମାଟିକୋଟ ଅଞ୍ଚଳର ବ୍ୟବସାୟୀ ଜୟଦେବ ସାହୁଙ୍କ ସିମେଣ୍ଟ ଭର୍ତ୍ତି ଟ୍ରକରେ ନିଆଁ ଲଗାଇ ଦେଇଥିଲେ ମହିଳା। ଜୟଦେବଙ୍କ ପୁଅ ଅରବିନ୍ଦ ଟ୍ରକ ଜଳୁଥିବା ଦେଖି



ଅଗ୍ନିଶମ ବିଭାଗକୁ ଜଣାଇବା ପରେ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପରେ ଅଣ୍ଡିଲୋ ମୁସଲ ସାହିର ନୌସାଦ ଅଲ୍ଲୀଙ୍କ ଘର ସମ୍ମୁଖରେ ଥିବା ନୂଆ କାର୍‌କୁ ଜାଳି ସେଠାରୁ ପଳାଇ ଥିଲେ। ସମସ୍ତ ସିସିଟିଭି ଫୁଟେଜ୍ ପୁଲିସ ଜବତ କରିଥିବାବେଳେ ସେଥିରେ ମହିଳା ଜଣକ ନିଆଁ ଲଗାଉଥିବା ସ୍ପଷ୍ଟ ଜଣାପଡୁଛି।

## ମଞ୍ଜରୀ ଦେବୀ ପବ୍ଲିକ ସ୍କୁଲ ପକ୍ଷରୁ ଶିକ୍ଷଣୀୟ ଭ୍ରମଣ



ଖଣ୍ଡଗିରି, ଗାନ୍ଧୀ ଶାନ୍ତି କେନ୍ଦ୍ର ଓ ସାଇନ୍ସ ପାର୍କ ବୁଲି ଦେଖିଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୩।୧୨(ସମିସ): ମଞ୍ଜରୀଦେବୀ ପବ୍ଲିକ୍ ସ୍କୁଲ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ପାଇଁ ଦୁଇଦିନିଆ ଏକ ଶିକ୍ଷଣୀୟ ଭ୍ରମଣ (ଏଡୁକେସନାଲ ଟ୍ରିପ) ସଫଳତାର ସହ ଆୟୋଜିତ ହୋଇଯାଇଛି। ଗତ ୧୨ ଓ ୧୩ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯାତ୍ରା ପିଲାମାନଙ୍କ ପାଇଁ ଏକ ନିଆରା ଅନୁଭୂତି ଥିଲା। ଏହି ଭ୍ରମଣ ସମୟରେ ଛାତ୍ରଛାତ୍ରୀମାନେ ଓଡ଼ିଶାର ପ୍ରମୁଖ ଐତିହାସିକ ଓ ଧାର୍ମିକ ପୀଠ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ପରିଦର୍ଶନ କରିଥିଲେ। ଏହି ଗୁମ୍ଫାଗୁଡ଼ିକ ମୁଖ୍ୟତଃ ଜୈନ ସନ୍ନ୍ୟାସୀମାନଙ୍କ ସାଧନା ଓ ରହଣି ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ପିଲାମାନଙ୍କୁ ଅବଗତ କରାଯାଇଥିଲା। ଏହାବ୍ୟତୀତ ଭୁବନେଶ୍ୱରସ୍ଥିତ ଗାନ୍ଧୀ ଶାନ୍ତି କେନ୍ଦ୍ରର ଡିଜିଟାଲ ସଂଗ୍ରହାଳୟ ବୁଲି ଦେଖିବା ସହ ପିଲାମାନେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏହି ଯାତ୍ରାର ଅନ୍ୟତମ ଆକର୍ଷଣ ଥିଲା ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ବା ସାଇନ୍ସ ପାର୍କ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଥିବା ଏହି ୮ ଏକର ପରିମିତ ପାର୍କରେ ପିଲାମାନେ ବିଭିନ୍ନ ଇଣ୍ଟରାକ୍ଟିଭ୍ ବିଜ୍ଞାନ ମଡେଲ ଓ ପ୍ରାଚୀନ ଜୀବଜନ୍ତୁ ପାର୍କ ଦେଖି ବେଶ୍ ଖୁସି ହୋଇଥିଲେ। ବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କ ପାଇଁ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା କରାଯାଇଥିଲା। କେବଳ ଶିକ୍ଷା ନୁହେଁ, ପିଲାମାନେ ଗୀତ, ନୃତ୍ୟ ଓ ଖେଳକୁଦ ମାଧ୍ୟମରେ ଏହି ଭ୍ରମଣକୁ ଉପଭୋଗ କରିଥିଲେ। ସନ୍ଧ୍ୟାରେ ସମସ୍ତେ ସୁରକ୍ଷିତ ଭାବେ ଫେରିବା ସହ ଏକ ସ୍ମରଣୀୟ ଅନୁଭୂତି ସାଉଁଟିଥିଲେ।

## ବ୍ରାଉନସୁଗର ଜବତ, ନିଶାବେପାରୀ ଗିରଫ

ଭୁବନେଶ୍ୱର, ୧୩।୧୨(ସମିସ): ଶ୍ରୀଲିଙ୍ଗରାଜ ଥାନା ପୁଲିସ ଶନିବାର ଜଣେ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ବେପାରୀଙ୍କ ନାମ ନିରଞ୍ଜନ ନାୟକ (୩୭)। ତାଙ୍କ ଘର ବଡ଼ଗଡ଼ ଥାନା ଅଧୀନ ବିଜେବି ନଗର ଅଞ୍ଚଳର ବୋଲି ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରେ ଲିଙ୍ଗରାଜ ଥାନାର ଏକ ପାଟ୍ରୋଲିଂ ଟିମ୍ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଅଭିଯୁକ୍ତ ନିରଞ୍ଜନ ନାୟକ କେଦାରଗୌରୀ ବସ୍‌ଷ୍ଟପ ପଛପାଖରେ ବେଆଇନ ବ୍ରାଉନସୁଗର ବିକ୍ରି କରିବା ପାଇଁ ଗ୍ରାହକ ଅପେକ୍ଷାରେ ଥିଲେ। ଏକ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ପାଟ୍ରୋଲିଂ ଟିମ ଚଢ଼ଉ କରି ଅଭିଯୁକ୍ତ ନିରଞ୍ଜନଙ୍କୁ କାବୁ କରିଥିଲା। ତଲାସିବେଳେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ୍ ୬.୧୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲେ। ଅଭିଯୁକ୍ତ ବ୍ରାଉନସୁଗରକୁ ଖୋର୍ଦ୍ଧା ଅଞ୍ଚଳରୁ ଆଣି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଥିବା ପ୍ରକାଶ କରିଥିଲା। ଅଭିଯୁକ୍ତ ନିରଞ୍ଜନ ନାୟକ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ପୂର୍ବରୁ ଲିଙ୍ଗରାଜ ଥାନାରେ ଗୋଟିଏ ଏବଂ ବଡ଼ଗଡ଼ ଥାନାରେ ୪ଟି ଲୁଟ୍ ଚୋରି ଜନିତ ମାମଲା ରହିଥିବା ଜଣାପଡ଼ିଛି।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର, ୧୩।୧୨(ସମିସ): ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଶନିବାର ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ପ୍ରାଣବନ୍ଧୁ ଲୋହାର ଓରଫ ରବି (୪୭)। ତାଙ୍କଘର ବରମୁଣ୍ଡାର ପ୍ରଧାନ ସାହିରେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଶୁକ୍ରବାର ରାତିରେ ଅଭିଯୁକ୍ତ ପ୍ରାଣବନ୍ଧୁ ଲୋହାର ଅଭିଯୋଗକାରିଣୀଙ୍କ ଘରର ଦୁଆରକୁ ବାହାରୁପଟୁ ବନ୍ଦ କରିଦେଇଥିଲେ। ଅଭିଯୋଗକାରିଣୀ ଓ ତାଙ୍କ ପରିବାର ସଦସ୍ୟ ଫୋନ ଯୋଗେ ପଡ଼ୋଶୀଙ୍କ ସାହାଯ୍ୟ ଲୋଡ଼ିଥିଲେ। କିଛି ସମୟ ପରେ ଗ୍ରାମବାସୀ ପହଞ୍ଚି ଘରର କବାଟ ଖୋଲିବାକୁ ଚେଷ୍ଟା କଲାବେଳେ ଅଭିଯୁକ୍ତ ସେମାନଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଶେଷରେ ଅଭିଯୋଗକାରିଣୀ ଓ ତାଙ୍କ ପରିବାର ସଦସ୍ୟ ଘରର ଆଜବେଷ୍ଟସ୍ କାନ୍ଥକୁ ଭାଙ୍ଗି ବାହାରକୁ ଆସି ଅଭିଯୁକ୍ତଙ୍କ ବିରୋଧରେ ପ୍ରତିବାଦ କରିଥିଲେ। ସେହି ସମୟରେ ଅଭିଯୁକ୍ତ ଇଟାରେ ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ପଡ଼ୋଶୀ ରବୀନ୍ଦ୍ର ଚାନ୍ଦ ଓ ତାଙ୍କ ସ୍ତ୍ରୀ ଉଦ୍ଧାର କରିବାକୁ ଆସିଥିବାବେଳେ ଅଭିଯୁକ୍ତ ଜଣକ ଏକ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଯାହାଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁକରି ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଘରେ ପଶି ଚୋରି ଉଦ୍ୟମ, ୨ ଗିରଫ

ଭୁବନେଶ୍ୱର, ୧୩।୧୨(ସମିସ): ଘରେ ପଶି ଚୋରି କରିବା ଉଦ୍ୟମ କରୁଥିବା ଅଭିଯୋଗରେ ତମାଣ୍ଡୋ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗର ଉତ୍ପଳ ମହନ୍ତ (୨୮) ଓ ବିଜୟ ସୋରେନ (୩୦)। ଏନେଇ ବିନୋଦ ବିହାରୀ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ ଯେ, ଗତ ମଧ୍ୟରାତିରେ, ଉତ୍ପଳ ମହନ୍ତ ଓ ବିଜୟ ସୋରେନ କାନ୍ଥଡେଇଁ ଅଭିଯୋଗକାରୀଙ୍କ ଭଡ଼ାଘର ପରିସରଭିତରକୁ ପ୍ରବେଶ କରିଥିଲେ। ଏହି ଅନୁପ୍ରବେଶ ଦେଖି ଅଭିଯୋଗକାରୀ ଓ ଅନ୍ୟ ବାସିନ୍ଦାମାନେ ବାହାରକୁ ଆସିଥିଲେ। ଅଭିଯୁକ୍ତମାନେ ଖସି ପଳାଇବାକୁ ଚେଷ୍ଟା କଲାବେଳେ ଉତ୍ପଳ ମହନ୍ତ ଧରାପଡ଼ିଯାଇଥିଲା। ଅନ୍ୟଜଣେ ଖସି ପଳାଇଯାଇଥିଲା। ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ପରେ ତମାଣ୍ଡୋ ଥାନାର ପିସିଆର୍ ଭ୍ୟାନ୍‌କୁ ହସ୍ତାନ୍ତର କରାଯାଇଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ଉତ୍ପଳ କହିଥିଲେ ଯେ ସେ ତାଙ୍କ ସହଯୋଗୀ ବିଜୟ ସୋରେନଙ୍କ ସହିତ ଚୋରି କରିବା ଉଦ୍ଦେଶ୍ୟରେ ବିନୋଦଙ୍କ ଘର ପରିସରରେ ପ୍ରବେଶ କରିଥିଲେ। ଏହି ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିଜୟ ସୋରେନଙ୍କୁ ଗିରଫ କରାଯାଇଥିଲା।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ହଂସପାଳ, ୧୩।୧୨(ସମିସ): ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ବାଲିଅନ୍ତା ପଞ୍ଚାୟତରେ ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସେଥିମଧ୍ୟରୁ ଭୁବନପୁର ସିଆର୍ ପାଖରେ ଥିବା କୁଶଭଦ୍ରା ଡାହାଣ ପାର୍ଶ୍ୱ ବନ୍ଧ ଉନ୍ନତିକରଣ, କୁଆଖାଇ ନଦୀ ବାମପାର୍ଶ୍ୱ ବନ୍ଧର ପୁନରୁଦ୍ଧାର ରହିଛି। ବିଧାୟକ ପହଞ୍ଚିବା ପରେ ବହୁ କର୍ମୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ୧୬ ନଂ. ବିଜେଡି ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ଦାସ, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ୍ଟ, ସମିତି ସଭ୍ୟ କୁନି ପ୍ରଧାନ, ବିଜେଡି ବ୍ଲକ ସଭାପତି ପ୍ରଦୀପ ଜେନାମଣି, ବିଜେଡି ପଞ୍ଚାୟତ ସଭାପତି ରବୀନ୍ଦ୍ର ରାଉତରାୟ, ଦେବେନ୍ଦ୍ର କୁମାର ସାହୁ, ବିଜେଡି ଛାତ୍ର ସଭାପତି ବ୍ରହ୍ମଲାଭ ହରିଚନ୍ଦନ, ବଇଁତୁଆ ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣୀଭୂଷଣ ବାରିକ, ସମାଜସେବୀ ଜୟା ସ୍ୱାଇଁ ଉପସ୍ଥିତ ଥିଲେ। ରାଜେଶ ହୋତା, ନିରଞ୍ଜନ ବେହେରା, ପପୁ ରାଉତରାୟ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଏସ୍.କେ. ସଲିମ୍ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ପ୍ରତିଶ୍ରୁତି ପୂରଣ କରୁନାହାନ୍ତି ସରକାର

ସାମ୍ବାଦିକ ସମ୍ମିଳନୀରେ ଆଉଟସୋର୍ସିଂ କର୍ମଚାରୀ ସଂଘର କ୍ଷୋଭ

ଭୁବନେଶ୍ୱର, ୧୩।୧୨(ସମିସ): ବିଶ୍ୱାସ ଓ ଭରସା ସହ ନିର୍ଭର ପ୍ରତିଶ୍ରୁତି ଦେଲେ। ସରକାରୀ ଦଳର ବିଧାୟକମାନେ ଆନ୍ଦୋଳନ ସ୍ଥଳରେ ପହଞ୍ଚି ସମସ୍ୟା ବୁଝିବା ପାଇଁ ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କମିଟି ଗଢ଼ିଛନ୍ତି କହି ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ପ୍ରବର୍ତ୍ତାଇଲେ। ସେମାନଙ୍କ କଥାରେ ଗତ ମାର୍ଚ୍ଚରେ ଆନ୍ଦୋଳନ ଛାଡ଼ି ଘରକୁ ଫେରିଥିଲେ ମଧ୍ୟ ସରକାର ଦାବି ପୂରଣ କରି ନ ଥିବା ଅଭିଯୋଗ କରି ଶନିବାର ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ସଂଘର ଅଭିଯୋଗ ଅନୁଯାୟୀ ଦାବିପୂରଣ ତ ଦୂର କଥା, ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ସମୟ ମଧ୍ୟ ଦେଲେ ନାହିଁ। ସରକାର ଆସିବା ପରେ ୪ ହଜାର ଲୋକଙ୍କୁ ଛଟେଇ କଲେଣି। ୬୫ ଭାଗ ଆଉଟସୋର୍ସିଂ କର୍ମଚାରୀଙ୍କ ଦରମା ପ୍ରାୟ ୯ ମାସ ହେବ ମିଳିନାହିଁ। ଫଳରେ ସେମାନେ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି। ମୃତ ଓ ଛଟେଇ କର୍ମଚାରୀଙ୍କ ସଂସାର ସରକାର ଓ ସରକାରୀ ବ୍ୟବସ୍ଥାର ନିଷ୍ଠୁର ଆଚରଣ ପାଇଁ ତଳିତଳାନ୍ତ ହୋଇଯାଉଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ନିକଟରେ ନୂଆପଡ଼ା ସ୍ୱାସ୍ଥ୍ୟ ବିଭାଗର ଆଉଟସୋର୍ସିଂ କର୍ମଚାରୀ ଲଘୁତମ ସାହୁ ଆତ୍ମହତ୍ୟା କରିବା ଘଟଣାରେ କ୍ଷୋଭ ପ୍ରକାଶ କରି ଘଟଣାରେ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରଶାସନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଦାବି କରିଛନ୍ତି। ଏହାସହ ସମ୍ପୃକ୍ତ ପରିବାରକୁ ସର୍ବନିମ୍ନ ୨୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଓ ଅନୁକମ୍ପାମୂଳକ ନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି। ଏହାସହ ଛଟେଇ ବନ୍ଦ, ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି, ନିୟମିତ ଦରମା ପ୍ରଦାନ କରିବାକୁ ସଂଘର ସଭାପତି ସଞ୍ଜୟ ପଟ୍ଟନାୟକ ଦାବି କରିଛନ୍ତି। ଚଳିତମାସ ଶେଷସୁଦ୍ଧା ସରକାର ସେମାନଙ୍କ ଦାବିପୂରଣ ନ କଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରତାପ ନାଥ, ଦୁଇ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ଗୌତମ ମହାରଣା, ମହାସଚିବ ହେମନ୍ତ ବସ୍ତିଆ, ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାଶ, କୋଷାଧ୍ୟକ୍ଷ ଶଚିତ୍ର ଦାଶଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।





ଓଁ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ନଳିନୀ ପ୍ରଭା ପ୍ରଧାନ
ଆର୍ବିଭାବ: ୦୨.୦୭.୧୯୬୪
ତିରୋଧାନ: ୨୫.୧୨.୨୦୨୪
ସଦାନନ୍ଦ ବିହାର, ପଞ୍ଚମ ଲେନ, ଗୋସାଇଁ ନୂଆଗାଁ, ବ୍ରହ୍ମପୁର
ମାଆ, ତୁମେ ଇହଲିଳା ସମ୍ବରଣ କରିବାର ଏ ଭିତରେ ଗୋଟିଏ ବର୍ଷ ବିତିଗଲାଣି । ସବୁ ଦିନେ ତମର ଅନୁପସ୍ଥିତି ଅନୁଭବ କରୁଅଛୁ ।ତମର ସେହି ହସ ହସ ମୁହଁ ମନେ ପଡୁଛି । ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ପ୍ରଧାନ ପରିବାର, ବନ୍ଧୁବର୍ଗ

# ଚାଷ ଜମି ଉପରେ ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ

**ଧର୍ମଶାଳା,୧୩।୧୨(ସମିସ):**

ଧର୍ମଶାଳା ତହସିଲ ଗଙ୍ଗାଧରପୁର ପଞ୍ଚାୟତ ବାହାଗଡ଼ା ମୌଜାରେ ବିଦ୍ୟୁତ୍ ଟାୱାର ନିର୍ମାଣ ଓ ତାର ଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଚିହ୍ନଟ ହୋଇଥିବା ବ୍ୟକ୍ତିଗତ ଜମି ପରିବର୍ତ୍ତେ ନିକଟରେ ଥିବା ସରକାରୀ ଜମିରେ ଟାୱାର ନିର୍ମାଣ କରାଗଲେ ଜମିମାଲିକମାନେ କ୍ଷତିଗ୍ରସ୍ତ ହେବେ ନାହିଁ। ଏ ସଂପର୍କରେ ଜମିମାଲିକ, ଚାଷୀ ଓ ଗ୍ରାମବାସୀ ପ୍ରଶାସନ ଏବଂ ନିର୍ମାଣକାରୀ ସଂସ୍ଥାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତହସିଲଦାରଙ୍କ କୋର୍ଟରେ ହାଜର ହୋଇ ଆକଳନ ହୋଇଥିବା କ୍ଷତିପୂରଣ ରାଶି ସଂପର୍କରେ ଆଲୋଚନା ପାଇଁ ଜମିମାଲିକମାନଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗରୁ ପ୍ରକାଶ ଯେ, ଓପିଟିସିଏଲ୍ ପକ୍ଷରୁ ଏବେ ଡୁବୁରିଠାରୁ ପାରାଦୀପ ପର୍ଯ୍ୟନ୍ତ ଟାୱାର ମାଧ୍ୟମରେ ୪୪୦/୨୨୦ କେଭି ଉଚ୍ଚଶକ୍ତି ସଂପନ୍ନ ବିଦ୍ୟୁତ୍ ତାର ଟଣାଯିବାକୁ ନିଷ୍ପତି ହୋଇଛି। ଏଥିପାଇଁ ବାହାଗଡ଼ା ମୌଜାର ୧୭୧ ନମ୍ବର ପ୍ଲଟରେ ବିଦ୍ୟୁତ୍ ଟାୱାର ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବା ବେଳେ ୧୨୨, ୧୩୬, ୧୬୭, ୧୬୮, ୧୬୯, ୧୭୦, ୧୭୨, ୧୭୩, ୧୭୪, ୧୭୫, ୧୭୬ ଓ ୨୦୦ ନମ୍ବର ପ୍ଲଟ୍‌ରେ ବିଦ୍ୟୁତ୍ ତାର ଟଣାଯିବା ନେଇ ସଂପୃକ୍ତ ଜମିମାଲିକମାନଙ୍କୁ ନୋଟିସ୍ କରାଯାଇଛି। ଉକ୍ତ ୧୩ଟି ପ୍ଲଟ୍‌ରେ ବିଦ୍ୟୁତ୍ ଟାୱାର ନିର୍ମାଣ ଓ ତାର ଟଣାଗଲେ ପ୍ରାୟ ୫ ଏକର ଜମିର ମାଲିକମାନଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ। ଏଥିପାଇଁ କମ୍ପାନୀକୁ ଅଧିକ କ୍ଷତି ସହିବାକୁ ପଡ଼ିବ। ପ୍ରସ୍ତାବିତ ସ୍ଥାନରେ ଟାୱାର ସ୍ଥାପନ କରାଗଲେ ଜନବସତି ନିକଟରେ ବିପଦସଂକୁଳ ଅବସ୍ଥା ସୃଷ୍ଟି ହେବ। ଚାଷଜମିକୁ ହଳବଳଦ ନେବାରେ ଅସୁବିଧା ସହ ଗ୍ରାମବାସୀ, ସ୍କୁଲ, କଲେଜ୍ ଛାତ୍ରଛାତ୍ରୀ ଓ ଗୃହପାଳିତ ପଶୁଙ୍କ ଯାତାୟତ ବାଧାପ୍ରାପ୍ତ ହେବ। ନିକଟସ୍ଥ ସରକାରୀ ଜମି ୧୭୭ ନମ୍ବର ପ୍ଲଟ୍ (୯୨ ଡେସିମିଲ) ର ପୂର୍ବଭାଗରେ ଟାୱାର ନିର୍ମାଣ ଓ ତାର ଟଣାଗଲେ କେବଳ ଗୋଟିଏ ପ୍ଲଟ୍ କ୍ଷତିଗ୍ରସ୍ତ ହେବ। ଏଥିରେ କମ୍ପାନୀ ଅଧିକ କ୍ଷତିଗ୍ରସ୍ତ ହେବନାହିଁ। ଗତ ୨୦୨୨ରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ବିଦ୍ୟୁତ୍ ଲାଇନ୍ ଟ୍ରାକ୍ ପାଇଁ ଥାନୁଆଳ, ଖୁଣ୍ଟା, ଗୁଆରଙ୍ଗ ଓ ପଲାର ମୌଜାରେ କୌଣସି ପରିବର୍ତ୍ତନ କରାଯାଇନଥିବା ବେଳେ କାହା ସ୍ୱାର୍ଥରେ ଅର୍ଜୁନପୁର ଓ ବାହାଗଡ଼ା କ୍ଷେତ୍ରରେ ଟାୱାର ନିର୍ମାଣସ୍ଥଳ ଓ ତାର ଟଣାର ଦିଗ ପରିବର୍ତ୍ତନ କରାଯାଇଛି ବୁଝା ପଡୁନାହିଁ। ଧାନକଟା ପରେ ଓପିଟିସିଏଲ, ରାଜସ୍ୱ ବିଭାଗ, ସଂପୃକ୍ତ ଜମିମାଲିକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରାଯାଇ ଉପଯୁକ୍ତ ସ୍ଥାନ ନିରୂପଣ କରିବା ପାଇଁ ବାହାଗଡ଼ା ଶବରସାହି, ଭୋଇସାହି ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଟାୱାର ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ନିଷ୍ପତିର ପୁନଃବିଚାର ନ କଲେ ପ୍ରସ୍ତାବିତ ପ୍ଲଟ୍‌ର ମାଲିକ ବିଜୟ ପ୍ରସାଦ ରାୟ, ପୂର୍ଣ୍ଣଚନ୍ଦ୍ର ରାୟ, ନୃସିଂହ ଚରଣ ମିଶ୍ର, କଳ୍ପତରୁ ସାହୁ, ସରପଞ୍ଚ ତ୍ରିଲୋଚନ ଜେନା, ସଦାନନ୍ଦ ସାମଲ, ମକରଧ୍ୱଜ ସାମଲ, ପଦ୍ମନାଭ ସାମଲ, ଶ୍ୟାମସୁନ୍ଦର ସାମଲ, ଭାସ୍କର ସିଂ, ମିଟୁ ସାମଲ, ମଞ୍ଜୁଲତା ସାମଲ, ରଞ୍ଜିତା ସାମଲ, ବିଜୟ ସାମଲ, ଦେବେନ୍ଦ୍ର ଭୋଇ, ମାଧବ ଭୋଇ, ରମେଶ ଭୋଇ, ରବୀନ୍ଦ୍ର ଭୋଇ ପ୍ରମୁଖ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମା’ ପଠାଣିଆଙ୍କ ମହାଯଜ୍ଞ ଶୁଭାରମ୍ଭ




**ସୁକିନ୍ଦା,୧୩।୧୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ସ୍ଥିତ ମା’ ପଠାଣିଆଙ୍କ ମନ୍ଦିର ପରିସରରେ ୮ମ ବାର୍ଷିକ ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଆଜି ପ୍ରାତଃ ସମୟରୁ ଶତାଧିକ ପୁରୁଷ ଓ ମହିଳା ଭକ୍ତ ସଂକୀର୍ତ୍ତନ କରି କଳସ ଯାତ୍ରାରେ ବାହାରି ନିକଟସ୍ଥ ପାଣ୍ଡରା ନଦୀରୁ ପାଣି ଆଣି ମନ୍ଦିର ପରିସରରେ ପହଞ୍ଚିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଧି ଅନୁସାରେ ସୂର୍ଯ୍ୟଙ୍କ ପୂଜାପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଯଜ୍ଞ କାର୍ଯ୍ୟ ପାଇଁ ପୁରୀରୁ ବେଦାନ୍ତ ପଣ୍ଡିତ ଓ ଜେମାଦେଇପୁର୍ ଶାସନର ବିଶିଷ୍ଟ ବ୍ରାହ୍ମଣ ମାନଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ଜାରି ରହିଛି ଆସନ୍ତା ୧୬ ତାରିଖ ପବିତ୍ର ଧନୁ ସଂକ୍ରାନ୍ତି ସନ୍ଧ୍ୟାରେ ଏହାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ହେବାର ଯୋଜନା ରହିଛି। ପ୍ରତ୍ୟେକ ବର୍ଷ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ହରିପୁର ଗ୍ରାମର ବାଲୁକା ଶିଳ୍ପ ସନ୍ତୋଷ ପ୍ରଧାନଙ୍କ ଦ୍ୱାରା ନିର୍ମିତ ମା’ଙ୍କର ବାଲୁକା କଳା ଭକ୍ତଙ୍କ ଆକର୍ଷଣ ପାଲଟିଛି।

# ଜନକଲ୍ୟାଣ ବିଦ୍ୟାଳୟରେ ଓଷ୍ଟା ଶିଶୁ ମହୋତ୍ସବ

**ବଡ଼ଚଣା,୧୩।୧୨(ସମିସ):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଚଣ୍ଡିଖୋଲ ନିକଟସ୍ତ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ ଠାରେ ଓଷ୍ଟା ବଡ଼ଚଣା ବ୍ଲକ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଭାଷ ଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ଡ. ଭାଗ୍ୟଧର ସାହୁ, ଦୟାନିଧି ସାମଲ, ଭରତ ଚନ୍ଦ୍ର ଜେନା ଓ ବିଚାରକ ଭାବେ ଅଜିତ୍ କୁମାର ମିଶ୍ର, ରଜନୀକାନ୍ତ ପୃଷ୍ଟି, ରଞ୍ଜିତ କୁମାର ଦାଶ, ରାଜେନ୍ଦ୍ର ନାରାୟଣ ରାୟ, ଲକ୍ଷ୍ମୀପ୍ରିୟା ନନ୍ଦ, ରଞ୍ଜନ କୁମାର ଜେନା, ବାସୁଦେବ ଜେନା ପ୍ରମୁଖ ଯୋଗଦେଇ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ୍ ସମେତ ୧୦ଗୋଟି ବିଭାଗର ପ୍ରତିଯୋଗିତାକୁ ମୂଲ୍ୟାଙ୍କନ କରିଥିଲେ। ବଡ଼ଚଣା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୧୭୩ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧ମ, ୨ୟ ସ୍ଥାନ ଅଧିକାର କରିଥିବା ୨୦ଜଣ ପ୍ରତିଯୋଗୀ ଜିଲ୍ଲା ଓଷ୍ଟା ଶିଶୁ ମେଳାକୁ ଉନ୍ନୀତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ ସଭା ସୁଭାଷ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରାକ୍ତନ ଓଷ୍ଟା ନେତୃତ୍ୱ ଦୟାନିଧି ସାମଲ, ଭରତ ଚନ୍ଦ୍ର ଜେନା, ଜୟନ୍ତ ପରିଡ଼ା, ଲକ୍ଷ୍ମୀଧର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ମଳ ଦଳେଇ, ନିର୍ଝର ମହାନ୍ତି, ପ୍ରକାଶ ଚନ୍ଦ୍ର ପାଲ, ଚିନ୍ମୟ ଧଳ, ଗୋପୀନାଥ ସେନାପତି, ପ୍ରଫୁଲ୍ଲ କୁମାର ଦାଶ, ପ୍ରସନ୍ନ କୁମାର ପୃଷ୍ଟି, ରବିନ୍ ଜେନା, ଶୁଭଶ୍ରୀ ସାହୁ, ଆଭା ରାଉତ, ଉତ୍ତମ କୁମାର ଜେନା, ସୁଶ୍ରୀ ସରିତା ମଲିକ, ସୁଶାନ୍ତ ସାଗର, ପବିତ୍ର ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



# ସରସ୍ୱତୀ ଶିଶୁମନ୍ଦିରର କ୍ରୀଡ଼ା ଉତ୍ସବ

**ପ୍ରୀତିପୁର,୧୩।୧୨(ସମିସ):** ମଇଁଦା-ଲେଙ୍କାସାହି ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଡଭୋକେଟ୍ ମାନଗୋବିନ୍ଦ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ଡ. ରବୀନ୍ଦ୍ର କୁମାର ପରିଡ଼ା ଶିକ୍ଷା ସହିତ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡିତ, ଏହା ଖ୍ୟାତି ଆଣିବାର ମାର୍ଗ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମନୋରଞ୍ଜନ ଧଳ ଯୋଗଦେଇଥିବା ବେଳେ ପ୍ରଧାନଆଚାର୍ଯ୍ୟ ନୀଳାଦ୍ରିବିହାରୀ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କାଉକ ଚନ୍ଦ୍ର ଧଳ ଅନୁଷ୍ଠାନର ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମେ ଛାତ୍ରୀ ରାଜଲକ୍ଷ୍ମୀ ନାୟକ, ଅର୍ପିତା ସ୍ୱାଇଁ, ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଗୁରୁମା ପ୍ରତିମା ନାୟକ, ଶଶୀରେଖା ପରିଡା, ପୁଷ୍ପଲତା ସାହୁ ପୁରସ୍କାର ବିତରଣ ପରିଚାଳନା କରିଥିଲେ। ଶିକ୍ଷକ ଶାନ୍ତାକାର ବେହୁରିଆ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଶିକ୍ଷାବିତ ଗୋପବନ୍ଧୁ ସାମଲଙ୍କ ସ୍ମୃତି ଓ ସମ୍ବର୍ଦ୍ଧନା ସଭା



**ବରୀ,୧୩।୧୨(ସମିସ):** ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ଉଦୟନାଥପୁର ପଞ୍ଚାୟତର ମଢ଼ିଆଳି ଠାରେ ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ଗୋପବନ୍ଧୁ ସାମଲଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଖିଳ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ଓଝା। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶରତ ନାୟକ, ରମାକାନ୍ତ ନାୟକ, ଅକ୍ଷୟ କୁମାର ସେଠୀ, ଶିକ୍ଷାବିତ ସାଧୁ ଚରଣ ସାମଲ, ସନ୍ତୋଷ କୁମାର ବେଉରିଆ, ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ, ରତ୍ନାକର ସାହୁ, ଖଗେଶ୍ୱର ସାହୁ, ସାମ୍ବାଦିକ ସରୋଜ କୁମାର ସାହୁ, ବନମାଳୀ ପତି, ମିନକେତନ ପୁହାଣ, ମାଧବାନନ୍ଦ ଦାସ ପ୍ରମୁଖଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ଚନ୍ଦ୍ର ପଣ୍ଡା, ସୁଶାନ୍ତ ସାମଲ, ବଟକୃଷ୍ଣ ମଲ୍ଲୀକ, ଅବରେନ୍ଦ୍ର ବେଉରିଆ, କୃପାସିନ୍ଧୁ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବା ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ପଦ୍ମାକର ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇଟି ଦୋକାନରେ ଚୋରି ଉଦ୍ୟମ

**ବିଞ୍ଝାରପୁର,୧୩।୧୨(ସମିସ):** ବିଞ୍ଝାରପୁର ଥାନା ନିକଟ ବଜାରରେ ଦୁଇଟି ଦୋକାନରେ ଚୋରି ଉଦ୍ୟମ ହୋଇଥିବା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗତକାଲି ବିଳମ୍ବିତ ରାତିରେ ଚୋରମାନେ ଥାନା ଠାରୁ ୩୦୦ମିଟର ଦୂରରେ ଥିବା ଫେସନ୍ ବଜାର ଲୁଗା ଦୋକାନ ଓ କେଜିଏନ୍ ଟ୍ରେଡର୍ସ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗିବା ସହ ଦୋକାନର ମୁଖ୍ୟ ଫାଟକ ଭାଙ୍ଗିବାକୁ ଚେଷ୍ଟା କରୁଥିଲେ। ମାତ୍ର କେହି ଜଣେ ପାଟି କରିବାରୁ ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସବୁଠୁ ବଡ଼ କଥା ହେଲା ଦୁର୍ବୃତ୍ତ ପ୍ରତିଛବି ସିସିଟିଭି କ୍ୟାମେରାରେ କଏଦୀ ହୋଇଛି। ଅନ୍ୟ ପଟେ ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଥାନା କେସ ନଂ.୫୮୮ / ୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ୍ ସିସିଟିଭିରେ କଏଦୀ ହୋଇଥିବା ଫଟୋକୁ ଆଧାର କରି ଚୋରକୁ କାବୁ କରିବାକୁ ଉଦ୍ୟମ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ବିଞ୍ଝାରପୁର ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ଚୋରମାନଙ୍କୁ କାବୁ କରିବାରେ ବିଞ୍ଝାରପୁର ପୁଲିସ ସଫଳ ହୋଇପାରିନି। ଏଭଳି ପରିସ୍ଥିତିରେ ଚୋରିକୁ ରୋକ ଲଗାଇବା ପାଇଁ ରାତ୍ର ପାଟ୍ରୋଲିଂ ବଢ଼ାଇବାକୁ ବିଞ୍ଝାରପୁର ବ୍ୟବସାୟୀ ସଙ୍ଘ ଦାବି କରିଛି।

## ମାତୃ ସମ୍ମିଳନୀ ଓ ପୁରସ୍କାର ବିତରଣ ଉତ୍ସବ

**ମଙ୍ଗଳପୁର/କୟାଁଗୋଲା,୧୩।୧୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ମଲ୍ଲିକାପୁର ପଞ୍ଚାୟତ ଦାଣ୍ଡିସାହି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ଆୟୋଜିତ ମାତୃ ସମ୍ମିଳନୀ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିରଜା ମନ୍ଦିର, କୁଆଁଶ ମଙ୍ଗଳା ପୀଠ, ବୌଦ୍ଧ ପୀଠର ବିକାଶ ପାଇଁ ସରକାର ଭଣ୍ଡାର ଖୋଲି ଦେଇଛନ୍ତି ବୋଲି କହିଥିଲେ। ଗୋକୁଳାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବିଜେପି ନେତା ସୁବାସ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହପ୍ରଭା ଦାସ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ଶିକ୍ଷାନୁଷ୍ଠାନର ଅଭାବ ଅସୁବିଧା ସଂପର୍କରେ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପଦେଷ୍ଟା ରଞ୍ଜିତ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥଲେ।

## ବିଜେଡିରୁ ନିଲମ୍ବିତ ହେଲେ କୃପାସିନ୍ଧୁ

**ବଡଚଣା,୧୩।୧୨(ସମିସ):** ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ବିଜେଡିରୁ ନିଲମ୍ବିତ ହେଲେ ବଡ଼ଚଣା ନିର୍ବାଚନ ମଣ୍ଡଳୀ କୁନ୍ଦଳ ପଞ୍ଚାୟତ ପୂର୍ବତନ ପଞ୍ଚାୟତ ସଭାପତି କୃପାସିନ୍ଧୁ ମହାରଣା। କୃପାସିନ୍ଧୁ ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳର ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ଗତ ସାଧାରଣ ନିର୍ବାଚନ ପର ଠାରୁ କୃପାସିନ୍ଧୁଙ୍କ ଦଳୀୟ ବିଶୃଙ୍ଖଳା କାର୍ଯ୍ୟ ପାଇଁ ବଡ଼ଚଣା ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ ବିଧିବଦ୍ଧ ଭାବେ କୃପାସିନ୍ଧୁଙ୍କୁ ନିଲମ୍ବିତ କରିଛନ୍ତି।

## ସୁକିନ୍ଦାରେ ଚତୁର୍ଥ ଜାତୀୟ ଲୋକଅଦାଲତ

**ସୁକିନ୍ଦା,୧୩।୧୨(ସମିସ):** ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୭ଟି ମାମଲାର ଶୁଣାଣି କରାଯାଇଛି। ୨୧ଟି ପୋଲିସ କେସକୁ ଅଭିଯୋଗକାରୀ ପ୍ରତ୍ୟାହାର କରିଥିଲେ। ୨ଟି ପାରିବାରିକ ହିଂସା ମାମଲା ଅଭିଯୋଗକାରୀ ପ୍ରତ୍ୟାହାର କରିଥିଲେ। ୨ଟି ଚେକ୍ ବାଉନ୍ସ କେସ ପ୍ରତ୍ୟାହାର ହୋଇଥିଲା। ଶ୍ରମ ଆଇନ ଦଫାରେ ଦୁଇଟି ମାମଲାରେ ସୁଧାସିନ୍ଧୁ ପଣ୍ଡାଙ୍କ ଠାରୁ ଦୁଇ ହଜାର ଟଙ୍କା ଜୋରିମାନା ଆଦାୟ ହୋଇଛି। ସୁକିନ୍ଦା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତ ଜଜ୍ ପ୍ରତ୍ୟାସା ରାୟ ସମସ୍ତ ମାମଲାର ଶୁଣାଣି କରିଥିଲେ। ସରକାରୀ ଓକିଲ ଚନ୍ଦ୍ରକାନ୍ତ ପାତ୍ର ମାମଲା ପରିଚାଳନା କରିଥିବା ବେଳେ କର୍ମଚାରୀ ଅଜୟ କୁମାର ମଲ୍ଲିକ, ରାଜେଶ୍ କୁମାର ରାଉତ, ମହେଶ୍ୱର ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ବିହନ ଅଭାବ ଯୋଗୁଁ ବାଦାମ ଚାଷୀ ହନ୍ତସନ୍ତ

**ଧର୍ମଶାଳା, ୧୩।୧୨(ସମିସ):** ଧର୍ମଶାଳା ବ୍ଲକ ଅଧୀନ ଉତ୍ତରପ୍ରତାପ ପଞ୍ଚାୟତରେ ଚାଷୀଙ୍କୁ ମିଳୁନି ଚିନାବାଦାମ ବିହନ। ଚଳିତ ବର୍ଷ ଚିନାବାଦାମ ଚାଷ ପାଇଁ ପାଗ ଅନୁକୂଳ ଥିବାରୁ ଚିନାବାଦାମ ଚାଷ ପାଇଁ ଚାଷୀ ଜମିକୁ ପ୍ରସ୍ତୁତ କରିଥିବାବେଳେ ସରକାରୀ ବିହନ ମିଳିବାରେ ବିଳମ୍ବ ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉତ୍ତରପ୍ରତାପ ପଞ୍ଚାୟତ ଅଧୀନ ନରସିଂହପୁର, ନୀଳକଣ୍ଠପୁର, ଅଲଣିସାହୁପାଟଣା, ଉତ୍ତରପ୍ରତାପ ଗ୍ରାମର ଚାଷୀ ଚିନାବାଦାମ ଚାଷ ଉପରେ ନିର୍ଭର କରିଥା’ନ୍ତି। ଏଠାରେ ଶହ ଶହ ଏକର ଜମିରେ ପ୍ରତ୍ୟେକ ବର୍ଷ ଚିନାବାଦାମ ଚାଷ କରାଯାଏ। କିନ୍ତୁ କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିହନ ନ ମିଳିବାରୁ ଚାଷୀ ଚଢ଼ା ଦରରେ ବାହାରୁ ବିହନ କିଣି ଚାଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ପଞ୍ଚାୟତରେ ଚାଷୀଙ୍କ ସଂଖ୍ୟା ଅନୁଯାୟୀ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପରିମାଣର ଚିନାବାଦାମ ବିହନ ଯୋଗାଇ ଦିଆଯାଉନାହିଁ। ଫଳରେ ବହୁ ଚାଷୀ ଖୋଲାବଜାରରୁ ଚଢ଼ା ମୂଲ୍ୟରେ ବାଦାମ ବିହନ କିଣି ଚାଷ କରିବାକୁ ବାଧ୍ୟ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।



# ଧର୍ମପରାୟଣ ବ୍ୟକ୍ତିଙ୍କ ସ୍ମୃତିଚାରଣ ସଭା



**ଧର୍ମଶାଳା,୧୩।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରଞ୍ଜିଆ ପଞ୍ଚାୟତ ପୋବଳ ଗ୍ରାମର ସ୍ୱର୍ଗତ କୈଳାସ ଚନ୍ଦ୍ର ଜେନାଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଶୁଭକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମାଜସେବୀ ମୀନତି ସାହୁ, ବରିଷ୍ଠ ଶିକ୍ଷାବିତ କୈଳାସ ଚନ୍ଦ୍ର ନାୟକ, ଓଡ଼ିଶା କୃଷକ ବିକାଶ ପରିଷଦର ରାଜ୍ୟ ମେଡିଆ ସେଲର ଅଧ୍ୟକ୍ଷ ଶୁଭକାନ୍ତ ନାୟକ, ଗାୟକ ରଞ୍ଜିତ ଦାସ, ଶିକ୍ଷକ ପ୍ରଫୁଲ୍ଲ ସାହୁ, ରବୀନ୍ଦ୍ର ବାହାଲିଆ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପୋବଳ-ତରଞ୍ଜିଆର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାରାୟଣ ତ୍ରିପାଠୀ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରମୋଦ ନାୟକ, ନିରଞ୍ଜନ ଜେନା, ଉମେଶ ସ୍ୱାଇଁ, ପ୍ରଶାନ୍ତ ପାଳ, ପ୍ରଶାନ୍ତ ଧୀର, ପ୍ରମୋଦ ସାମଲ, ଦିଲ୍ଲୀପ ପାତ୍ର, ଅକ୍ଷୟ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପରିବାର ପକ୍ଷରୁ ଭାଇ ଚିତ୍ତରଞ୍ଜନ ଜେନା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ସମବାୟବିତ୍ ଘନଶ୍ୟାମ ଚୌଧୁରୀଙ୍କ ଦେହାନ୍ତ



**ଦାନଗଦି,୧୩।୧୨(ସମିସ):** ଗୋବର୍ଦ୍ଧନପୁର ସମବାୟ ସମିତିର ପୂର୍ବତନ ସଭାପତି ତଥା ବିଜେପିର ଦୃଢ଼ ସଂଗଠକ ଘନଶ୍ୟାମ ଚୌଧୁରୀଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କ ଅନ୍ତିମ ସମୟରେ ପୁତ୍ର ଶିଶିର କୁମାର ଚୌଧୁରୀ, ଶରତ କୁମାର ଚୌଧୁରୀ ଓ ବସନ୍ତ କୁମାର ଚୌଧୁରୀ, ପୁତୁରା ସୀତାଂଶୁ ଚୌଧୁରୀ ପ୍ରମୁଖ ମାନପୁର ବାସଭବନରେ ଉପସ୍ଥିତ ଥିଲେ। ସ୍ୱର୍ଗତ ଘନଶ୍ୟାମ ସମବାୟ ସମିତି ମାଧ୍ୟମରେ ନୟାକୋଟ ଅଞ୍ଚଳର ଚାଷୀମାନଙ୍କର ପ୍ରଭୂତ ଉନ୍ନତି କରାଇଥିଲେ। ତୁରାଠୁ ତାରୀ ଯାଏ ଓ ଜନିନ୍ଦାପାଲ ଠାରୁ କବିତ୍ରା ଯାଏ ଏକ ବିସ୍ତୃତ ଅଞ୍ଚଳରେ ରାସ୍ତା ପୋଖରୀ ଠାରୁ ଆରମ୍ଭ କରି କ୍ଷୁଦ୍ର ଜଳସେଚନ ତଥା କୂପଖନନ ଯାଏ ସମସ୍ତ ନିର୍ମାଣ କାର୍ଯ୍ୟରେ ନିଷ୍ଠାପର ଯୋଗଦାନ କରି ସ୍ମୃତି ସନ୍ତକ ରଖି ଯାଇଛନ୍ତି। ଏଥି ସହିତ ଚିତ୍ରୀ ମାଇନର ସ୍କୁଲ, ମାନପୁର ହାଇସ୍କୁଲ, ଝାଡେଶ୍ୱର ଡିଗ୍ରୀ କଲେଜର ସୁପରିଚାଳନାରେ ସହଯୋଗ କରି ଏସବୁ ଅନୁଷ୍ଠାନର ଉନ୍ନତି ମଧ୍ୟ କରାଇଥିଲେ। ଯୁବ ନେତା ସବ୍ୟସାଚୀ ବଳସାମନ୍ତ ଶବଧାର ଓ ଅନ୍ତିମ ସତ୍କାରରେ ସାମିଲ ହୋଇଥିଲେ।

# ନବବର୍ଷ ଶୁଭେଚ୍ଛା ବାର୍ତ୍ତା: ଗ୍ରୀଟିଙ୍ଗ୍‌ସର ସ୍ଥାନ ନେଇଛି ସୋସିଆଲ ମିଡିଆ

**କୟାଁଗୋଲା, ୧୩।୧୨(ସମିସ):**

ଆଧୁନିକ ପରମ୍ପରାକୁ ଆପଣାଇବାକୁ ଯାଇ ମନୁଷ୍ୟ ତାହା ରୁଚିରେ ବହୁ ପରିବର୍ତନ ଆଣିଛି। ଏବେ ସମସ୍ତେ ଡିଜିଟାଲ ଯୁଗରେ ପାଦ ଥାପିଛନ୍ତି। ଆଉ ଦିନ କେଇଟା ପରେ ନୂତନ ବର୍ଷ ଆରମ୍ଭ ହେବାକୁ ଯାଉଛି। ଯୁବପିଢ଼ିଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ନିଜର ବନ୍ଧୁ ଓ ପରିଜନଙ୍କୁ ଶୁଭେଚ୍ଛା ଆବେଗ ସହିତ ଅନାଇ ବସିଛନ୍ତି। ଡିଜିଟାଲ ଯୁଗରେ ମୋବାଇଲ ଓ ଇଣ୍ଟରନେଟ ଉପରେ ନିର୍ଭଶୀଳ ହୋଇ ଉଠିଛି ଯୁବପିଢ଼ି। ଏସବୁ ଭିତରେ ହଜିଯାଇଛି ଗ୍ରୀଟିଙ୍ଗସ କାର୍ଡର ଚାହିଦା। ପୂର୍ବରୁ ସେଥିପାଇଁ ଡିସେମ୍ବରରୁ ଆରମ୍ଭ ହୋଇଯାଉଥିଲା ଗ୍ରୀଟିଙ୍ଗସ ପର୍ବ। ବିଭିନ୍ନ ପ୍ରକାର ଗ୍ରୀଟିଙ୍ଗସକୁ ନେଇ ଷ୍ଟଲ୍ ଖୋଲାଯାଉଥିଲା। ଗ୍ରାମାଞ୍ଚଳରୁ ସହରାଞ୍ଚଳ କୌଣସି ନା କୌଣସି ସ୍ଥାନରେ ଗ୍ରୀଟିଙ୍ଗସ ଦୋକାନ ଦେଖିବାକୁ ମିଳୁଥିଲା। ଡାକଘର ଓ କୋରିୟର ସଂସ୍ଥା ଚଳଚଞ୍ଚଳ ହୋଇ ଉଠିଥିଲା। ଡିଜିଟାଲ ଯୁଗ ଆସିବା ପରେ ଶୁଭେଚ୍ଛାର ଭାଷା ବଦଳିଗଲା। ଶୁଭେଚ୍ଛା ଦେବାକୁ ଲୋକେ କାର୍ଡ ଦୋକାନ ଖୋଜୁଥିଲେ। ଆଜି ସେହି କାମ ଗୋଟିଏ ବଟନ୍‌ରେ ସମାପ୍ତ ହୋଇଯାଉଛି। କାଗଜରୁ ସ୍କ୍ରିନ୍‌କୁ ଶୁଭେଚ୍ଛା ବାର୍ତ୍ତା ବଦଳିଯାଇଛି। ପୂର୍ବେ କାର୍ଡ କିଣିବା ପାଇଁ ଲୋକେ ସହରର ମୁଖ୍ୟ ବଜାରକୁ ଯାଉଥିଲେ। ହସନ୍ତା ମୁହଁର ଛବି, ଫୁଲ, ଦୀପ, ଦେବଦେବୀଙ୍କ ଚିତ୍ର ସେସବୁ ମଧ୍ୟରୁ ଠିକ୍ କାର୍ଡ ଚୟନ କରିବା ମଧ୍ୟ ଥିଲା ଗୋଟିଏ ଖୁସିର ମୁହୂର୍ତ୍ତ। ପରେ ନିଜ ହସ୍ତାକ୍ଷରରେ ଦୁଇଟି ମନର କଥା ଲେଖି, ଖାମରେ ରଖି, ଠିକଣା ଲେଖି, ଡାକଘରକୁ ଦେବା ଏ ସବୁ ପଛରେ ଥିଲା ଧୈର୍ଯ୍ୟ, ଭାବନା ଓ ଅପେକ୍ଷା। ସେଇ ସବୁ ପ୍ରକ୍ରିୟା କରିବା ସମୟରେ ଆମେ ଆମର ପ୍ରିୟର ବନ୍ଧୁକୁ ମନ ଭିତରେ ଭାବିଥାଉ। ଆଜି ସେ ସମସ୍ତ ପ୍ରକ୍ରିୟା ଗୋଟିଏ ମୁହୂର୍ତ୍ତରେ ସରିଯାଉଛି। ଭାବନା ସଂକୁଚିତ ହୋଇଯାଉଛି। ଡାକବାଲାର ଭୂମିକା ଧୀରେଧୀରେ ଲୁପ୍ତ ହୋଇଯାଇଛି।



ଗ୍ରୀଟିଙ୍ଗସ କାର୍ଡ ଆସିଲେ ପିଲାମାନେ ପ୍ରଥମେ ଖୋଲୁଥିଲେ, ଭିତରର ଛବି ଓ ଲେଖା ଦେଖୁଥିଲେ। ଆଜି ଡାକବାଲାଙ୍କ ପାଖରେ ଅଧିକାଂଶ ସରକାରୀ କାଗଜ ବା ବ୍ୟାଙ୍କ ସୂଚନା ଛଡା ଆଉ କିଛି ନଥାଏ। ଗ୍ରୀଟିଙ୍ଗସ କାର୍ଡ ଆଉ ପ୍ରାୟ ଦେଖାଯାଉନି। କାର୍ଡ ଦୋକାନ ଖାଲି, ସ୍ମୃତି ଭର୍ତ୍ତି ଗତ ଦଶକ ପର୍ଯ୍ୟନ୍ତ ସହରରେ ରହିଥିବା ଅନେକ ଗ୍ରୀଟିଙ୍ଗସ କାର୍ଡ ଦୋକାନ ଆଜି ବନ୍ଦ ହୋଇଯାଇଛି। ଦୋକାନୀ କହୁଛନ୍ତି, ଏବେ କାହାର ଆଉ ଧୈର୍ଯ୍ୟ ନାହିଁ କାର୍ଡ କିଣି ଦେବାର। ସବୁ ମୋବାଇଲ୍‌ରେ। ବୟସ୍କ କହୁଛନ୍ତି, ଗ୍ରୀଟିଙ୍ଗସ କାର୍ଡ ଦେଲେ ସେଥିରେ ମନର ସ୍ପର୍ଶ ଥାଏ। କିନ୍ତୁ ପ୍ରଶ୍ନ ହେଉଛି ସେଇ ଶୁଭେଚ୍ଛାର ମୂଲ୍ୟ କେତେ? ଗୋଟିଏ ଗ୍ରୀଟିଙ୍ଗସ କାର୍ଡକୁ ଆମେ ବର୍ଷ ପରେ ବର୍ଷ ସମ୍ଭାଳି ରଖିପାରୁ। ଆଜି ମୋବାଇଲ୍ ମେସେଜ୍ କାଲି ଡିଲିଟ୍ ହୋଇଯାଏ। କାଗଜର ସ୍ମୃତି ଦୀର୍ଘସ୍ଥାୟୀ, ଡିଜିଟାଲ ସ୍ମୃତି ଅସ୍ଥାୟୀ। ଆଉ ଫେରିବ କି ସେଇ ପୁରୁଣା ପରମ୍ପରା? ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି।



## ତୃତୀୟ ସମ୍ବଲପୁରୀ ବହି ହାଟ ଉଦ୍‌ଯାପିତ

# ସ୍ୱପ୍ନବିଳାସୀ ନ ହୋଇ କବି ସତ୍ୟ ଚିତ୍ରଣ କରୁ

ସମ୍ବଲପୁର,୧୩।୧୨(ସମିସ):




ଓଡ଼ିଶା ସାହିତ୍ୟ ଏକାଡେମୀ ଆଉ କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସମ୍ବଲପୁରୀ ବହି ହାଟ ଶନିବାର ଉଦ୍‌ଯାପିତ ହୋଇଛି। ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଚାଲିଛି ଏବଂ ଆଗକୁ ମଧ୍ୟ ପ୍ରୟାସ ଜାରି ରହିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଦୁଇଦିନ ଧରି ଚାଲିଥିବା ବହି ହାଟ୍‌ରେ ୫୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ବହି ବିକ୍ରି ହୋଇଥିଲା। ରେଡ଼କ୍ରସ ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ଦିନ ସ୍ରଷ୍ଟା, ସୃଷ୍ଟି ଆର୍ ସାମାଜିକ ପ୍ରତିବଦ୍ଧତା ଶୀର୍ଷକ ଆଲୋଚନାଚକ୍ରରେ ବରିଷ୍ଠ କବି, ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ। ବକ୍ତା ଭାବେ ଡ଼ ପ୍ରଦୀପ କୁମାର ପଣ୍ଡା, ଡ଼ ଅଖିଳ ବିଶ୍ୱାଳ, ଗବେଷକ ଉତ୍ପନ୍ନ କୁମାର ଭୋଇ ଏବଂ ଡ଼ ଶ୍ୟାମ ଭୋଇ ଯୋଗ ଦେଇଥିଲେ। ଜଣେ ସାହିତ୍ୟିକର ମୂଳ ଲକ୍ଷ୍ୟ ହେଲା ସମାଜର ଉନ୍ନତି ଆଣିବା। କବି ସ୍ୱପ୍ନବିଳାସୀ ନ ହୋଇ ସମାଜର ବାସ୍ତବ ଚିତ୍ର ଉପସ୍ଥାପନ କଲେ ସମାଜର ସାମୁହିକ ଉନ୍ନତି ସମ୍ଭବ ହେବ। ସୌନ୍ଦର୍ଯ୍ୟବୋଧ ସହିତ ସାମାଜିକ ସମସ୍ୟାକୁ ନେଇ ସର୍ଜନା ଜାରି ରହୁ। ହୃଦୟ ଓ ମନ ହେଉଛି ସାହିତ୍ୟ ସୃଷ୍ଟିର ମୂଳ ଉତ୍ସ। ବର୍ତ୍ତମାନ ସାହିତ୍ୟକୁ ପୁଞ୍ଜିବାଦୀ ସାମ୍ରାଜ୍ୟବାଦ ଗ୍ରାସ କରି ଚାଲିଛି। ଏଥିରୁ କବି ଓ ଲେଖକ ମୁକ୍ତ ହୋଇ ସ୍ୱଚ୍ଛନ୍ଦରେ ସାହିତ୍ୟ ସୃଷ୍ଟି କରନ୍ତୁ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରକୁ ଉପସଭାପତି ଜୟକୃଷ୍ଣ ବେହେରା ସଂଯୋଜନା କରିଥିଲେ। ଶେଷରେ ଅନୁଷ୍ଠାନର ସହ ସମ୍ପାଦକ ସତ୍ୟନାରାୟଣ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିନ ପ୍ରଥମ ଅଧିବେଶନ କଲମ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ରଚିତ ପୁସ୍ତକ ସମ୍ବଲପୁର ରାଜ୍ୟର ଭିତିରି କଥା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ଡ. ଶ୍ୟାମସୁନ୍ଦର ଧର, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡା. ଲକ୍ଷ୍ମୀନାରାୟଣ ରଥ ତଥା କଲମ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରମୁଖ ଉପସ୍ଥିତ ଥିଲେ। ପରେ ସୁରୁ ସମ୍ବଲପୁରୀ କଥାନୀ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ ଜଣରୁ ଅଧିକ ଗଳ୍ପ ପାଠ କରିଥିଲେ। ପରେ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜଶ୍ରୀ ମୁନା ପ୍ରଥମ, ସୋନାଲି ସ୍ୱାଇଁ ଦ୍ୱିତୀୟ ଏବଂ ଲିପ୍‌ସା ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମସ୍ତ ପୁସ୍ତକ ବିକ୍ରେତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ନାଟ୍ୟ ଅନୁଷ୍ଠାନ ସ୍ୱର ପକ୍ଷରୁ ପ୍ରସନ୍ନ ସାହୁଙ୍କ ରଚିତ ନାଟକ ସମୁଦ୍ର ଶ୍ରାବ୍ୟ ନାଟକ ଭାବରେ ମଞ୍ଚସ୍ଥ ହୋଇଥିଲା। ମାନସ ରଞ୍ଜନ ମିଶ୍ର ନିର୍ଦ୍ଦେଶନା ଦେଇଥିଲେ। ବୃନ୍ଦାବନ ମିଶ୍ର, ସତ୍ୟନାରାୟଣ ସାହୁ, ପୁଷ୍ପାଞ୍ଜଳି ଦାସଙ୍କ ସହ ଶ୍ରୀ ମିଶ୍ର ଅଭିନୟ କରିଥିଲେ।

## ୨୦ରୁ 'କଖଗ'ର ନାଟ୍ୟୋତ୍ସବ



ସମ୍ବଲପୁର,୧୩।୧୨(ସମିସ):କଖଗ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୦ ଓ ୨୧ ତାରିଖ ଦୁଇଦିନ ଧରି ତପସ୍ୱିନୀ ପ୍ରେକ୍ଷାଳୟରେ ନାଟ୍ୟୋତ୍ସବ ଅନୁଷ୍ଠିତ ହେବ। ପ୍ରଥମ ସନ୍ଧ୍ୟାରେ ନାଟକ,ସଙ୍ଗୀତ, ଚିତ୍ରକଳା ସହିତ ଅନ୍ୟ କାର୍ଯ୍ୟକ୍ରମର ରହିଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ମଧ୍ୟ ସଙ୍ଗୀତ,କଥା ଏକକ ନାଟକ ଓ ନାଟକ ଅନୁଷ୍ଠିତ ହେବା ନେଇ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମନୋରଞ୍ଜନ ସାହୁ,ସଂଯୁକ୍ତା ପଣ୍ଡା,ସୌମେନ୍ଦ୍ର ପୂଝାରୀ, ବ୍ରଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବୀର ସୁରେନ୍ଦ୍ର ସାଏ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ଜମନକିରା,୧୩।୧୨(ସମିସ): ଜମନକିରା ବ୍ଲକ୍ ତୁଲୁବ ବୀର ସୁରେନ୍ଦ୍ର ସାଏ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଆର୍ମି ଅଫିସର ବେଣୁଧର ନାଏକ ଯୋଗଦେଇ ଫୁଟବଲ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ କେବିଏଫସି ଗିରେଲଡୁଙ୍ଗିରି ଓ ଲିହାନ ବ୍ଲାଷ୍ଟର କେ.ସେଭନ ମଧ୍ୟରେ ହୋଇଥିଲା। ଆଜି ୪ଟି ଫୁଟବଲ ଟିମ୍ ଖେଳରେ ଭାଗ ନେଇଥିଲେ। ଖେଳ କୁ ଚନ୍ଦ୍ର କିସାନ, ତନ୍ମୟ କିସାନ,ରାଜ ମଣ୍ଡଳ ଓ ଧିରଜ ବାବୁ ପରିଚାଳନା କରିଥିଲେ। ଆଜି ସେମି ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଡିଓ ରବିନ୍ଦ୍ର ସେଠୀ, ମନୋଜ ମାଝୀ, ସୁବାଷ ସାହୁ, ସୁଶିଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା କାଲି ଫାଇନାଲ ଖେଳ ଅନୁଷ୍ଠିତ ହେବ। ଧାରା ବିବରଣୀ ମନୋଜ କୁମାର ଧର ପ୍ରଦାନ କରିଥିଲେ।

## ରାସନ ଦୋକାନରୁ ଚୋରି

କୁଚିଣ୍ଡା,୧୩।୧୨(ସମିସ):ବାମରାସ୍ଥିତ ଗୋବିନ୍ଦପୁର ମଝିପଡ଼ାରେ ରାସନ୍ ଦୋକାନରୁ ତାଲା କାଟି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଗୋବିନ୍ଦପୁର ମଝିପଡ଼ା ନିବାସୀ ନୀତିଶ ସାକୁନିଆଙ୍କ ଘର ପାଖରେ ରାସନ ଦୋକାନ କରିଥିବା ବେଳେ ଶୁକ୍ରବାର ରାତ୍ରିରେ ଦୂର୍ବୃତ୍ତ ତାଙ୍କ ଦୋକାନର ତାଲା ଭାଙ୍ଗି, ନିତିଦିନିଆ ବ୍ୟବହାର୍ଯ୍ୟ ସାମଗ୍ରୀ,ଖାଇବା ଜିନିଷ ,ରାସନ, ଇଲେକ୍ଟ୍ରୋନିକ ଓଜନ ମେସିନ ଓ ନଗଦ ୩ହଜାର ଟଙ୍କା ଅନ୍ୟାନ୍ୟ ରାସନ୍ ସାମଗ୍ରୀ ଚୋରି କରି ନେଇଛନ୍ତି। ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୨୮ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ନୀତିଶ ଶନିବାର ଦିନ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ ପରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।



## ■ ଡଙ୍ଗରପଡ଼ା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ବିଦ୍ୟାଳୟ ପରିସର ହିଁ ପ୍ରତିଭା ଚିହ୍ନଟର ଦ୍ୱାର ଦେଶ

ସମ୍ବଲପୁର,୧୩।୧୨(ସମିସ):ଶିଶୁମାନଙ୍କ ପ୍ରତି ମାଆଙ୍କ ପରି ଗୁରୁଙ୍କ ମଧ୍ୟ ଦାୟିତ୍ୱ ରହିଛି। ବିଦ୍ୟାଳୟ ପରିସର କେବଳ ଶିକ୍ଷାର ମାଧ୍ୟମ ନୁହେଁ, ବରଂ ଶିଶୁକୁ ସୁସ୍ଥ ଓ ସମୃଦ୍ଧଶୀଳ ଭାବେ ଗଢି ପ୍ରତିଭା ଅନ୍ୱେଷଣ ଦ୍ୱାରା ବିକାଶର ବାଟ ଫିଟିଥାଏ। ଯାହାକି ନୂତନ ଶିକ୍ଷାନୀତିର ମାଧ୍ୟମ ବୋଲି ବକ୍ତାମାନେ କହିଛନ୍ତି। ଶନିବାର ଯୁଯୁମୁରା ବ୍ଲକ୍ ଡଙ୍ଗରପଡା ପଞ୍ଚାୟତରେ ଥିବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଆୟୋଜିତ ସଭାରେ



ପଡିଆବାହାଲ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଲୋକନାଥ ପ୍ରଧାନ ମୁଖ୍ୟଅତିଥି, ଅଧ୍ୟାପକ ଯତୀନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ଡାକ୍ତର ରାଜାରାମ ଷଡ଼ଙ୍ଗୀ ଓ ସ୍କୁଲର ପରିଚାଳନା କମିଟି ସଭାପତି ମନୋରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଜୟରାମ ଖମାରୀ ସଭାରେ ଅଧ୍ୟକ୍ଷତା କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାକୁ ହିନ୍ଦୀ ଶିକ୍ଷକ ମହେନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ପଲ୍ଲବୀ ବାଗଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରାଜ୍ୟସ୍ତରୀୟ ଚଷା ସମାବେଶ ପାଇଁ ବୈଠକ



ସମ୍ବଲପୁର,୧୩।୧୨(ସମିସ):ଚଷା ସମାଜକୁ ଅବହେଳା କରାଯାଉଛି। ସରକାରୀସ୍ତରରେ ଯେତିକି ସୁବିଧା ସୁଯୋଗ ମିଳିବ କଥା ମିଳି ପାରିନାହିଁ। ଚଷା ସମାଜ ଏକାଠି ନ ହେଲେ ଏଭଳି ଅତ୍ୟାଚାର ଚାଲିଥିବ। ଚଷା ସମାଜ ଅଗ୍ରଗତି ଓ ସମାଧାନ ପାଇଁ ଆସନ୍ତା ୨୮ ତାରିଖ ମହା ସମାବେଶ ହେବ। ଯୁଯୁମୁରା ବ୍ଲକ୍‌ରୁ ଅଧିକ ସଂଖ୍ୟାରେ ଯୋଗଦାନ କରିବାକୁ ହେବ ବୋଲି ଯୁଯୁମୁରା ଶିବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଚଷା ସମାଜ ବୈଠକରେ ମତ ପ୍ରକାଶ ପାଇଛି। ସଭାରେ ଯୁଯୁମୁରା ବ୍ଲକ୍ ୧୮ ପଞ୍ଚାୟତର ଶତାଧିକ ଉପସ୍ଥିତ ଥିଲେ। ଆସନ୍ତା ୨୮ ତାରିଖ ବାମୂରରେ ରାଜ୍ୟସ୍ତରୀୟ ଚଷା ମହା ସମାବେଶ ହେବ। ଏହି ସମାବେଶରେ ପଚିଶ ହଜାର ଚଷା ସମାଗମ ହେବାର ଆକଳନ କରାଯାଉଛି। କାର୍ଯ୍ୟକ୍ରମ ସଫଳତା ଲାଗି ସଭ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଆବାହକ ସୁରେନ୍ଦ୍ର ନାରାୟଣ ପ୍ରଧାନ , ରାଜ୍ୟ ସମ୍ପାଦକ ଜୟ କୃଷ୍ଣ ପ୍ରଧାନ, ପ୍ରଫେସର ଶରତ ପ୍ରଧାନ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି ଯୁଯୁମୁରା ବ୍ଲକ୍ ସ୍ଥାନୀୟ ସମିତି ସଭ୍ୟ ଜୟନ୍ତ ପ୍ରଧାନ ବୈଠକ ପରିଚାଳନା କରିଥିବା ସହ ଧନ୍ୟବାଦ୍ ଦେଇଥିଲେ। ବାରୁ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ବେଦବ୍ୟାସ ପ୍ରଧାନ, କିଶୋର ପ୍ରଧାନ, ସୁରେଶ ପ୍ରଧାନ, ଅରୁଣ ଦେହୁରୀ, ସଞ୍ଜୟ ବିଶ୍ୱାଳ, ଓମ୍ ପ୍ରକାଶ ବିଶ୍ୱାଳ, ବାବୁଲା ପ୍ରଧାନ, ଲକ୍ଷ୍ମୀ ଦେହୁରୀ, ବେଦ ପ୍ରକାଶ ବିଶ୍ୱାଳ, ଜଗଦୀଶ ପ୍ରଧାନ, ପ୍ରମୁଖ ସହଯୋଗ କରିଥିଲେ। ସମାବେଶ ପୂର୍ବରୁ କୁଳଦେବୀ ରଣେଶ୍ୱର ରାମଚଣ୍ଡିଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା।

## ଚିନିମହୁଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଜମନକିରା,୧୩।୧୨(ସମିସ): ଚିନିମହୁଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଷଣ୍ଢପଥର ଖେଳ ପଡ଼ିଆରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ମହୋତ୍ସବ ଶନିବାର ଦିନ ଉଦ୍‌ଯାପିତ ହୋଇଅଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପିଏମଶ୍ରୀ ଷଣ୍ଢ ପଥର ହାଇସ୍କୁଲର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ,ମୁଖ୍ୟବକ୍ତା ଭାବରେ ବଡରମା ପଞ୍ଚାୟତର ସରପଞ୍ଚ ବିଜୟ କୁମାର ନାଏକ ଯୋଗ ଦେଇଥିଲେ। କ୍ରୀଡ଼ା ମହୋତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ବିଦ୍ୟାଳୟର ଅଜିତ କୁମାର ନାୟକ,ନିର୍ମଳ ସାହୁ,ସତ୍ୟମ କୁମାର ଷଡଙ୍ଗୀ,ସଞ୍ଜୟ ନେଗି ,ବିନାୟଲାଲ ନାଏକ, ଆଲୋକିତ କେର୍କେଟା, ପଲ୍ଲବୀ ବେହେରା ପ୍ରମୁଖଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିଲେ। ବିଦ୍ୟାଳୟର ବଂଶଧାରା ହାଉସ ଚାମ୍ପିଅନ ହୋଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ସମ୍ବଲପୁର,୧୩।୧୨(ସମିସ): ସମ୍ବଲପୁର ଜିଲ୍ଲା ବରେଇପାଲି ଥାନା ରେମେଡରେ ସଡ଼କ ଦୁର୍ଘଟଣାରେ ଜଣକ ମୃତ୍ୟୁ ଘଟିଛି। ରାସ୍ତା ପାର ହେଉଥିବେ ଜଣେ ବ୍ୟକ୍ତିଙ୍କୁ ଏକ ଅଜଣା ଗାଡ଼ି ଚାପି ଦେଇ ଫେରାର ହୋଇ ଯାଇଛି। ରାସ୍ତା ଉପରେ ବ୍ୟକ୍ତିଙ୍କ ଶରୀର ମିଶିଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ଖବର ଲେଖିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ପାରିନାହିଁ।

## ନିଶାମୁକ୍ତ ଭାରତ ଗଢିବା ପାଇଁ ଦେଶ ବ୍ୟାପି ପଦଯାତ୍ରା




ସମ୍ବଲପୁର,୧୩।୧୨(ସମିସ):ବର୍ତ୍ତମାନର ଯୁବପିଢୀ ନିଶା ଆଡକୁ ଢଳି ବିଭିନ୍ନ ବେଆଇନ କାର୍ଯ୍ୟ କରୁଛନ୍ତି। ସରକାର ମଧ୍ୟ ଏଥିପ୍ରତି ସଚେତନ ହେଉନାହାନ୍ତି। ଯେ କୌଣସି ସ୍ଥାନରେ ଯଦି ଅପରାଧ ଘଟୁଛି ତାହା ନିଶାଶକ୍ତ ଅବସ୍ଥାରେ ଅପରାଧୀ ଘଟାଇଥାଏ। ତେଣୁ ଦେଶରୁ ସମ୍ପୂର୍ଣ୍ଣ ଭାବେ ନିଶା ହଟାଯାଉ। ଏହାକୁ ନାରା ଦେଇ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆସମର ଜଣେ ଯୁବକ ଦେଶବ୍ୟାପି ପଦଯାତ୍ରା କରିବା ପାଇଁ ଘରୁ ବାହାରି ଆସିଛନ୍ତି। ଆସାମ ଶ୍ରୀଭୂମିର ପଲ୍ଲବ ଦେବ ପଦଯାତ୍ରା କରି ଆଜି ସମ୍ବଲପୁରରେ ପହଞ୍ଚିଥିଲା। ତାଙ୍କର ଉଦେଶ୍ୟ ଜାଣିବା ପରେ ଅନେକ ଲୋକ ସ୍ୱାଗତ କରିଥିଲେ। ନିଶା କାରାବାର ବିରୋଧରେ ସେ ଦେଶ ବ୍ୟାପି ପଦଯାତ୍ରା କରୁଛନ୍ତି। ଆଜକୁ ୨୨୫ ଦିନ ହେଲାଣି ସେ ପ୍ରାୟ ୪ ହଜାରରୁ ଅଧିକ କିଲୋମିଟର ଚାଲି ସାରିଲେଣି। ବିନା ଟଙ୍କାରେ ଦେଶ ବ୍ୟାପି ପଦଯାତ୍ରା କରୁଛନ୍ତି। ୬ଟି ରାଜ୍ୟ ଅତିକ୍ରମ କରିସାରିଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ଡିଏଭି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ରେ ଶିକ୍ଷକ ଦଳ ବିଜୟୀ



ସମ୍ବଲପୁର,୧୩।୧୨(ସମିସ):ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟ ଖେଳପଡ଼ିଆରେ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ମ୍ୟାଚ୍‌କୁ ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଟିମର କ୍ୟାପଟେନ ଭାବେ ସୌଭାଗ୍ୟ କୁମାର ମିଶ୍ର ଓ ଅଭିଭାବକ ଟିମର କ୍ୟାପଟେନ ଭାବେ ପାର୍ଥସାରଥୀ ପଣ୍ଡା ନେତୃତ୍ୱ ନେଇଥିଲେ। ଅଭିଭାବକ ଦଳ ୧୦ ଓଭରରେ ୮ ୱିକେଟ ହରାଇ ୭୭ ରନ ସଂଗ୍ରହ କରିପାରିଥିଲେ। ଶିକ୍ଷକ ଦଳ ୪ ୱିକେଟ ହରାଇ ନବମ ଓଭରରେ ବିଜୟୀ ହୋଇଥିଲା। ବୀରେନ୍ଦ୍ର ବିଶ୍ୱାଳ ଓ ରାଜେଶ କୁମାର ଶର୍ମା ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଭାବେ ସଞ୍ଜୟ କୁମାର ସାହୁ ଓ ଶ୍ରୀକାନ୍ତ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ।

## କଫ ସିରପ ଜବତ, ଜଣେ ଗିରଫ

ସମ୍ବଲପୁର,୧୩।୧୨(ସମିସ): ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ବେଆଇନ କଫ ସିରପ୍ କାରବାରରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କ୍ଷେତରାଜପୁର ଥାନା ଷ୍ଟେସନପଡ଼ାର ପ୍ରେମ ପ୍ରକାଶ ମହାନନ୍ଦ। ତାଠାରୁ ନିକଟରୁ ଅବକାରୀ ପୁଲିସ ୬୦ ବୋତଲ କଫ ସରପ ଜବତ କରିଛି। ଗିରଫ ପରେ କୋର୍ଟ ଚାଲାଣ କରିଛି।



## ଟ୍ରେନରେ କଟି ଜଣେ ମୃତ

କୁଚିଣ୍ଡା,୧୩।୧୨(ସମିସ): ବାମରା ଧାରୁଆଡିହି ରେଳଷ୍ଟେସନ ମଧ୍ୟବର୍ତ୍ତୀ ଗୋଏଲଝୁମ୍ପା ନିକଟରେ ଶନିବାର ଦିନ ଉତ୍କଳ ଏକ୍ସପ୍ରେସ ଟ୍ରେନରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ସୁନ୍ଦରଗଡ଼ ଜିଲ୍ଲା ଧାରୁଆଡ଼ିହି ଥାନା ଗିରେଲ ଡୁଙ୍ଗୁରି ଗ୍ରାମର ଚମାର ବୁଦୁଲାଙ୍କ ପୁଅ ନିରଞ୍ଜନ ବୁଦୁଲା ବୋଲି ପରିଚୟ ମିଳିଛି। ନିରଞ୍ଜନ ଗତ ପ୍ରାୟ ୧୦ ବର୍ଷରୁ ମାନସିକ ବିକାରଗ୍ରସ୍ତ ଥିବା ବେଳେ ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଗୋଏଲଝୁମ୍ପା ନିକଟସ୍ଥ ରେଳ ଲାଇନ୍‌ରେ ଶୋଇ ପଡ଼ିଥିବା ବେଳେ ଋଷିକେଶ ପୁରୀ ଉତ୍କଳ ଏକ୍ସପ୍ରେସ ଟ୍ରେନରେ କଟି ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିଲା। ସୂଚନା ପାଇ ରାଜଗାଙ୍ଗପୁର ଜିଆରପି ଏସ୍‌ଆଇ ଲିଙ୍ଗରାଜ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରି ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇଛନ୍ତି। ବାମରା ଜିଆରପି ଷ୍ଟାଫ୍ ସୁବ୍ରତ ଦାସ ଓ ଆରପିଏଫ୍ ଷ୍ଟାଫ୍ ଏମକେ ତିୱାରୀ ଓ ସହଯୋଗ କରିଥିବା ବେଳେ ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ରାଉରକେଲା ଜିଆରପି ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ■ ଟୋକେନ ବଦଳରେ ଗିରଫ କରୁଛି ସରକାର

# ମଣ୍ଡି ସୁବ୍ୟବସ୍ଥା ନ ହେଲେ ଆନ୍ଦୋଳନରେ ସାମିଲ ହେବ ବିଜେଡି

ସମ୍ବଲପୁର,୧୩।୧୨(ସମିସ):ସମ୍ବଲପୁର ଜିଲ୍ଲାରେ ଧାନ ବିକ୍ରୟ ପାଇଁ ଟୋକେନ ଅବ୍ୟବସ୍ଥାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଟୋକନ ନମିଳିବା, ବିଳମ୍ବିତ ଧାନ କ୍ରୟ ଓ ମିଲରଙ୍କ ଅନିୟମିତତା ବିରୋଧରେ ଚାଷୀମାନେ ପ୍ରତିବାଦ କରୁଥିବା ବେଳେ ପୁଲିସ ଚାଷୀଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଚାଷୀଙ୍କ ଦାବି ପ୍ରତିକାର କରିବା ବଦଳରେ ଗିରଫ କରାଯିବା ନିନ୍ଦନୀୟ ବୋଲି କହିଛନ୍ତି। ଚାଷୀମାନେ ନିଜ ଉତ୍ପାଦିତ ଧାନ ବିକ୍ରୟ କରିବା ପାଇଁ ରାସ୍ତାରେ ଆସିବାକୁ ବାଧ୍ୟ ହେଉଥିବା ବେଳେ ସରକାର ଓ ପ୍ରଶାସନ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଦମନ ନୀତି ପ୍ରୟୋଗ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ ଧାନମଣ୍ଡି ବ୍ୟବସ୍ଥାରେ ଅସ୍ୱଷ୍ଟତା, ଓ ପ୍ରଶାସନିକ ବିଫଳତା ପାଇଁ ଚାଷୀମାନେ ଆଜି ସଂକଟରେ, ଚାଷୀମାନେ ଟୋକେନ ପାଇଁ ଆଜି ଆନ୍ଦୋଳନ କରି ଗିରଫ ହେଲେ କିନ୍ତୁ ଟୋକେନ ପାଇଲେ ନାହିଁ। ଚାଷୀଙ୍କ ଉପରେ ମାମଲା ଓ ଗିରଫଦାରୀ ତୁରନ୍ତ ପ୍ରତ୍ୟାହାର କରି ସୁଚାରୁ ଧାନ କ୍ରୟ ବ୍ୟବସ୍ଥା କରାଯିବାକୁ ସେ ଦାବି କରିଛନ୍ତି।

# ଚାଷୀଙ୍କୁ ଗିରଫ ସମ୍ବଲପୁର ପାଇଁ କଳା ଦିବସ:ରୋହିତ

ସମ୍ବଲପୁର,୧୩।୧୨(ସମିସ):



ଟୋକନ ସମସ୍ୟକୁ ନେଇ ଶୁକ୍ରବାର ସମ୍ବଲପୁରର ୪ଟି ସ୍ଥାନରେ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ବିଶେଷ ଭାବେ କାର୍,ବସ୍ ,ବାଇକ୍‌କୁ ଛାଡିଦେଇ କେବଳ ଅର୍ଥନୈତିକ(ସାମଗ୍ରୀ ପରିବହନ ଯାନ) ଅବରୋଧ କରିଥିଲେ। ସରକାର କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସନ୍ଧ୍ୟାରେ ଚାଷୀଙ୍କୁ ଗିରଫ କରିଲେ। ଯାହା ସମର୍ଥନ ଜଣାଇଥିଲି। ଏହି ଘଟଣାରେ ବିରୋଧୀ ଦଳର ନେତାମାନେ ରାଜନୀତି କରିବା କହିବା

● ଆନ୍ଦୋଳନ ସ୍ଥଳକୁ ଆସିଲେନି କୌଣସି ବିଜେପି ନେତାମନ୍ତ୍ରୀ

● ବିଜେଡି ଚାଷୀଙ୍କ ସାଥୀରେ ସବୁବେଳେ ରହିଛି

ସମ୍ବଲପୁର ପାଇଁ କଳାଦିବସ ବୋଲି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ଙ୍କ ରୋହିତ ପୂଜାରୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ ସବୁବେଳେ ଚାଷୀଙ୍କ ସମସ୍ୟା ସହ ଜଡିତ ବୋଲି କହିଛନ୍ତି। ଚାଷୀଙ୍କ ସମସ୍ୟ ଦୂର କରିବା ନିର୍ବାଚନୀ ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିବା ବିଜେପି ସରକାର ଅଧିକ ସମସ୍ୟା ସୃଷ୍ଟି କରୁଛି ବୋଲି କରୁଛି।

ଶୁକ୍ରବାର ଚାଷୀଙ୍କ ରେମେଡ ଛକସ୍ଥିତ ଆନ୍ଦୋଳନସ୍ଥଳକୁ ଯାଇ ସାମିଲ ହେବା ସହ ଅତ୍ୟନ୍ତ ହାସ୍ୟାସ୍ପଦ। ଶାସକ ଦଳରେ ଥାଇ ମଧ୍ୟ ବିଧାନସଭାରେ ଟୋକନ୍ ସମସ୍ୟାର ସମାଧାନ ପାଇଁ ସ୍ୱର ଉତ୍ତୋଳନ କରିଥିଲି ଏବଂ ତତ୍କାଳୀନ ସରକାର ତାହାର ସମାଧାନ କରିବାରୁ ଧାନ ବିକ୍ରି ସୁରୁଖୁରୁରେ ହୋଇ ପାରିଥିଲା। ଅତୀତରେ ଚାଷୀଙ୍କ ଅନେକ ଆନ୍ଦୋଳନରେ ମୁଁ ସାମିଲ ହୋଇଛି, ଅନେକ ସମସ୍ୟାକୁ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଅନେକ ଥର ଯାଇ ସମାଧାନ କରିବା ପାଇଁ ମଧ୍ୟ ସର୍ବଦା ଚେଷ୍ଟିତ ରହୁଥିଲି। ସ୍ପଷ୍ଟୀକରଣ ଦେଇଛନ୍ତି, ଯେତେବେଳେ ସରକାର ୧୦୦ ଟଙ୍କା ବୋନସ ଦେବା ପାଇଁ ଘୋଷଣା କଲେ ସେତେବେଳେ ବିଜେପି ଶାସିତ କେନ୍ଦ୍ର ସରକାର ନୋଟିଫାଏ କଲେ ଯେ ଯଦି କୌଣସି ରାଜ୍ୟ ବୋନସ ଦିଏ ତେବେ ଏଫ୍‌ସିଆଇ ସେହି ରାଜ୍ୟରୁ ଚାଉଳ କ୍ରୟ କରିବ ନାହିଁ। ଚଳିତ ବର୍ଷ ପ୍ରାରମ୍ଭରୁ ସମ୍ବଲପୁର ଜିଲ୍ଲା, ପଶ୍ଚିମ ଓଡ଼ିଶା ସମେତ ସାରା ରାଜ୍ୟରେ ସାର କଳାବଜାରୀ, ଚାଷୀ ପଞ୍ଜୀକରଣରେ ଅହେତୁକ ବିଳମ୍ବ, ମଣ୍ଡି ନିର୍ଦ୍ଧାରିତ ସମୟର ଗୋଟିଏ ମାସ ପରେ ଖୋଲିବା ଏବଂ ବର୍ତ୍ତମାନ ହଜାର ହଜାର ସଂଖ୍ୟାରେ ଚାଷୀଙ୍କୁ ଟୋକନ୍ ନ ମିଳିବା, ଟୋକନର ଅବ୍ୟବସ୍ଥା ହେବା, ୬୯ ଟଙ୍କାର ଏମ୍‌ଏସପି ବୃଦ୍ଧିର ମିଛ ଘୋଷଣା କରିବା ବିଜେପି ସରକାରର ଚାଷୀଙ୍କ ପ୍ରତି ଥିବା ଅସହିଷ୍ଣୁ ମନୋଭାବକୁ ଦର୍ଶାଉଛି। ପ୍ରଚଣ୍ଡ ଶୀତ କାକର, ବର୍ଷା, ହାତୀ ଉପଦ୍ରବରୁ ନିଜର କଷ୍ଟ ଉପାର୍ଜିତ ଫସଲକୁ ସୁରକ୍ଷିତ ଭାବରେ ରଖୁବା ବର୍ତ୍ତମାନ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏହି ସବୁର ସୁଯୋଗ ନେଇ ବର୍ତ୍ତମାନ ଚାଷୀ ଭାଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି, ମିଲମାଲିକମାନେ ସରକାର ଏବଂ ପ୍ରଶାସନ ସହ ସଲାସୁତୁରା କରି ବେଆଇନ ଭାବରେ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ ମୂଲ୍ୟରେରେ ଧାନ କିଣି ନିଜର ଗୋଦାମ ଭର୍ତ୍ତି କରିବାର ଘଟଣା ଚାଷୀମାନଙ୍କ ଗହଣରେ ଚର୍ଚ୍ଚା ହେଉଛି। ଙ୍କ ପୂଜାରୀ ଦୃଢୋକ୍ତି କରିଛନ୍ତି,ଚାଷୀଙ୍କ ସବୁ ଆନ୍ଦୋଳନ, ସମସ୍ୟାରେ ଛିଡା ହେବେ। ଯଦି ସମସ୍ୟା ଗୁଡ଼ିକର ସମାଧାନ ନ ହୁଏ ତେବେ ସମ୍ବଲପୁର ଜିଲ୍ଲାକୁ ଚାଷୀଙ୍କ ସହ ମିଶି ଠପ୍ କରିବାକୁ ମଧ୍ୟ ପଛାଇବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ବରିଷ୍ଠ ଚାଷୀ ନେତା ରାମସାଗର ସାହୁ, ତ୍ରିନାଥ ପଣ୍ଡା ସାହସପୁର ମାର୍କେଟ ୟାର୍ଡ ସଭାପତି, ରାଧାକାନ୍ତ ପାଣିଗ୍ରାହୀ ସାହସପୁର ମାର୍କେଟ ୟାର୍ଡ ସମ୍ପାଦକ, ବିଭୂତି ଭୂଷଣ ପଣ୍ଡା ବରଗାଁ ମାର୍କେଟ ୟାଡ୍‌ର୍ ସଭାପତି, ବିଜୁ ଜନତା ଦଳର ବରିଷ୍ଠ ନେତା ବେଣୁଧର ଦାସ, ବସନ୍ତ ମିଶ୍ର,ଏମ୍‌ଡି ସନାଉଲା, ସୁରୁବାବୁ ମେହେର, ଶତ୍ୟେନ୍ଦ୍ର କୁମାର ଦାସ, ପ୍ରହ୍ଲାଦ ଗୁରୁ, ଧର୍ମରାଜ୍ ମରେଇ, ରବୀନ୍ଦ୍ର ସିଂ, ହର୍ଦିପ ସିଂ ଭୂର୍ଜି, ହିମାଂଶୁ ପ୍ରଧାନ, ସନାଉଲା, ଅଶୋକ ପଟେଲ,ଏମ୍ ଡି ଇସାକ୍, ଦୁଲାଲ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ସଂସ୍କୃତ ବିଦ୍ୟାଳୟର ଦୁରବସ୍ଥା

# ଧାମନଗର ବ୍ଲକ୍‌ରେ ଭୁଶୁଡ଼ି ପଡ଼ିଛି ଶିକ୍ଷା ବ୍ୟବସ୍ଥା

**ଅସୁରାଳି, ୧୩।୧୨ (ସମିସ):** ଧାମନଗର ବ୍ଲକ୍ ଧୁଷୁରୀସ୍ଥିତ ଗୋବିନ୍ଦଜୀଉ ସଂସ୍କୃତ ବିଦ୍ୟାଳୟର ଦୁରବସ୍ଥା ଦେଖିଲେ ଲାଗେ ଯେପରି ଶିକ୍ଷାର ଭିତ୍ତିଭୂମି ଭୁଶୁଡ଼ି ପଡ଼ିଛି। ୧୯୩୪ ମସିହାରୁ ସ୍ଥାପିତ ହୋଇଥିବା ଏହି ପୁରାତନ ବିଦ୍ୟାଳୟ, ଆଜି ପର୍ଯ୍ୟନ୍ତ ପ୍ରଶାସନିକ ଉଦାସିନତାରେ ଅବହେଳିତ ହୋଇ ରହିଛି। ବିଦ୍ୟାଳୟରେ ବର୍ତ୍ତମାନ କେବଳ ୨୫ ଛାତ୍ରଛାତ୍ରୀ ପଢୁଛନ୍ତି। ୭ ଜଣ ଶିକ୍ଷକ ବଦଳରେ ମାତ୍ର ୨ ଜଣ ଶିକ୍ଷକ ରହିଛନ୍ତି। ନାହିଁ ଶୌଚାଳୟ, ନାହିଁ ବାଳିକାମାନଙ୍କ ପାଇଁ ପ୍ରକୋଷ୍ଠ, ନାହିଁ ପାନୀୟଜଳ ସୁବିଧା। ୟୁନିଫର୍ମ ଓ ପାଠ୍ୟପୁସ୍ତକ ମଧ୍ୟ ମିଳୁନାହିଁ। ପୂର୍ବରୁ ୧୮ଟି ସଂସ୍କୃତ ବିଦ୍ୟାଳୟ ଥିଲା, ବର୍ତ୍ତମାନ କେବଳ ୪ଟି ଚାଲୁ ରହିଛି। ପ୍ରଶାସନିକ ଉଦାସିନତା ଓ ଭିତ୍ତିଭୂମିର ଅଭାବରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଏହି ବିଦ୍ୟାଳୟ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ରହିଥିଲେ ବି ଶିକ୍ଷାର ଭିତ୍ତିଭୂମି ଅଧୁରା ରହିଛି। ଏହା ଦେଖାଉଛି ଯେ, ନୀତିଗତ ଘୋଷଣା ସତ୍ୟପି, ମୌଳିକ ସୁବିଧାରେ କୌଣସି ପ୍ରଗତି ହୋଇନାହିଁ। ଶିକ୍ଷକମାନେ ନିଜ ପକେଟ୍‌ରୁ ଖର୍ଚ୍ଚ କରି ବିଦ୍ୟାଳୟକୁ ଚାଲୁ ରଖିଛନ୍ତି। ସେମାନଙ୍କର ଏହି ତ୍ୟାଗ ସତ୍ୟପି, ପ୍ରଶାସନିକ ସହଯୋଗ ନ ଥିବାରୁ ବିଦ୍ୟାଳୟର ଭବିଷ୍ୟତ ଅନିଶ୍ଚିତ। ଗୋବିନ୍ଦଜୀଉ ସଂସ୍କୃତ ବିଦ୍ୟାଳୟର ଦୁରବସ୍ଥା କେବଳ ଏକ ସ୍ଥାନୀୟ ସମସ୍ୟା ନୁହେଁ, ଏହା ସମଗ୍ର ଶିକ୍ଷା ପ୍ରଣାଳୀର ଅବହେଳାର ପ୍ରତିକ। ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏପରି ଅବସ୍ଥା ରହିବା, ପ୍ରଶାସନିକ ଅସମର୍ଥତାର ସ୍ପଷ୍ଟ ଦୃଷ୍ଟାନ୍ତ।



# ଭଦ୍ରକ ଇନ୍‌ଟାକ୍ ଶାଖା କାର୍ଯ୍ୟନିର୍ବାହୀ କମିଟି ଗଠିତ




**ଭଦ୍ରକ, ୧୩।୧୨ (ସମିସ):** ଭଦ୍ରକ ଇନ୍‌ଟାକ୍ ଶାଖାର ଜରୁରୀ ବୈଠକ ଭଦ୍ରକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସଠାରେ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଥିଲେ ଦିଗମ୍ବର ମହାନ୍ତି, ପ୍ରଭାକର ମଲ୍ଲିକ, ଡ.ଗୋଲକ ବିହାରୀ ସାହୁ, ହରମୋହନ କୁଅଁର, ଶାନ୍ତନୁ ରାଉତ, ବିଚିତ୍ରାନନ୍ଦ ମହାନ୍ତି, ଅଜିତ୍ ଦାସ, କରୁଣାକର ଉପାଧ୍ୟାୟ, ଅଜିତ୍ ନାୟକ ଓ ମୁକ୍ତିକାନ୍ତ ମହାପାତ୍ର। ଏଥିରେ ଅଧ୍ୟକ୍ଷତା କରିଥିଲେ ଦିଗମ୍ବର ମହାନ୍ତି। ଶାଖାର ସାଧାରଣ ସଦସ୍ୟଙ୍କ ସଦସ୍ୟତାର ନବୀକରଣ ସମ୍ପର୍କରେ ଆଲୋଚିତ ହୋଇ ବାର୍ଷିକ ଦେୟ ସହ ସଦସ୍ୟ/ସଦସ୍ୟାଙ୍କର ପ୍ରତିଜ୍ଞା ପତ୍ର ସହ ସଂଗୃହିତ ଅର୍ଥର ରସିଦ୍ ଦିଲ୍ଲୀ କାର୍ଯ୍ୟାଳୟକୁ ନବୀକରଣ ପାଇଁ ପ୍ରେରଣ କରାଯିବାର ସ୍ଥିର କରାଗଲା। ସର୍ବସମ୍ମତି କ୍ରମେ ଦିଲ୍ଲୀ କାର୍ଯ୍ୟାଳୟର ୨୦୨୪ ମସିହାର ନୀତି ନିର୍ଦ୍ଧାରଣ ପୁସ୍ତକରେ ଉଲ୍ଲିଖିତ ଗାଇଡ୍‌ଲାଇନ୍ ଅନୁସାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ଯୋଗ୍ୟ ୧୧ଜଣ ସଦସ୍ୟଙ୍କୁ ନେଇ କାର୍ଯ୍ୟନିର୍ବାହୀ ପରିଷଦ ନିମ୍ନମତେ ଗଠିତ ହେଲା। ପ୍ରଶାସନିକସ୍ତରରେ ଦକ୍ଷତା ଥିବା ଦିଗମ୍ବର ମହାନ୍ତିଙ୍କୁ କନ୍‌ଭେନର, ଏସ୍‌ଏମ୍ ଫାରୁକ୍ ସମାଜସେବୀଙ୍କୁ ସହ କନ୍‌ଭେନର, ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ ଅତିରିକ୍ତ ସହ କନ୍‌ଭେନର, ଅର୍ଥ ସଞ୍ଚାଳନରେ ଦକ୍ଷତା ଥିବା ଆଡ୍‌ଭୋକେଟ୍ ଅଫିସ ନିର୍ବାହୀ ଭାବେ ଚିତ୍ତରଞ୍ଜନ ବରାଳ, ଅଫିସ୍ ନିର୍ବାହୀ ଭାବେ ଆର୍କିଟେକ୍‌ଚରରେ ଦକ୍ଷତା ଥିବା ଇଂ. ମଧୁସୂଦନ ସାହୁ, ବିଶିଷ୍ଟ ଐତିହାସିକ ଡ. ଭାଗବତ ତ୍ରିପାଠୀ, ଯୋଜନା ଓ ସମନ୍ୱୟରେ ଦକ୍ଷତା ଥିବା ଇଂ. ସୁବାସ ଚନ୍ଦ୍ର ସାହୁ, କଳା ଓ ସଂସ୍କୃତିରେ ଦକ୍ଷତା ଥିବା ଡ. ଗୋଲକ ବିହାରୀ ସାହୁ, ପ୍ରାଚୀନ କଳାରେ ଦକ୍ଷତା ଥିବା ପ୍ରଫେସର ରତିକାନ୍ତ ମହାନ୍ତି, ପରିବେଶବିତ୍ ବିଚିତ୍ରାନନ୍ଦ ମହାନ୍ତି, ଆଇନଜ୍ଞ ଆଦିତ୍ୟ ନାୟକଙ୍କୁ ସଦସ୍ୟ ଭାବେ ନିର୍ବାଚିତ କରାଗଲା। ଭଦ୍ରକର ଚାନ୍ଦବାଲି ବନ୍ଦର ସମ୍ପର୍କରେ ଅନୁଧ୍ୟାନ ଓ ପରବର୍ତ୍ତୀ ଉନ୍ନତୀକରଣ, ଧାମନଗର ଗୋହିରା ଟିକିରିର ଐତିହାସିକ ଅନୁସନ୍ଧାନ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଗାନ୍ଧୀ ସ୍ମୃତି ପୀଠର ନବୀକରଣରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଇବା ସହ ଭଦ୍ରକର ବିଭିନ୍ନ ଲୁକ୍କାୟିତ କଳା, ସଂସ୍କୃତି, ଐତିହ୍ୟ ପୁନର୍ବିନ୍ୟାସ ପାଇଁ ଭଦ୍ରକ ଶାଖା ଚଳିତ ଦିବସଠାରୁ ପଦକ୍ଷେପ ନେବା ସହ ପଦଯାତ୍ରା ମାଧ୍ୟମରେ ବିଭିନ୍ନ ଐତିହ୍ୟସ୍ଥଳୀର ବିଶେଷଜ୍ଞ ଲୋକଲୋଚନକୁ ଆଣିବା ପାଇଁ ପୁସ୍ତକ ଆକାରରେ ପ୍ରକାଶନ କରାଇବାର ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ମଦନମୋହନ ନାୟକ, ବିଜୟ ମହାନ୍ତି, ସନ୍ତୋଷ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା, ସଂଗ୍ରାମ କେଶରୀ ଦାସ, ଚନ୍ଦ୍ରମୋହନ ମହାନ୍ତି, ଅନାଦି ଚରଣ ଦାସ, ଅରବିନ୍ଦ ବସନ୍ତରାୟ, ଆଦିତ୍ୟ ଗୋସ୍ୱାମୀ, ହରେକୃଷ୍ଣ ସାହୁ, ବିବେକାନନ୍ଦ ମୁଖାର୍ଜୀ, କମଳାକାନ୍ତ ସ୍ୱାଇଁ, ମନ୍ଦରଧର ଦୀକ୍ଷିତ୍, ସୁକାନ୍ତ କମିଲା, ସୁରେଶ ସାହୁ, ଲକ୍ଷ୍ମଣ ମହାନ୍ତି, ବାବୁଲାଲ୍ ଦାସ, ଅଶୋକ ଦାସ, ଗୟାଧର ପଣ୍ଡା, ହୃଷୀକେଶ ମହାନ୍ତି, ଦୁଃଶାସନ ମହାନ୍ତି, ଉଦୟନାଥ ମହାନ୍ତି, ଶାନ୍ତିଲତା ବାରିକ୍, ଆଶିଷ କୁମାର ଦେବ ଗୋସ୍ୱାମୀ, ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ହରମୋହନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁକୁଳା ପଡ଼ିଛି ରାଜପଥ ଡ୍ରେନ୍

**ବାରିକପୁର,୧୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଏବେ ଡ୍ରେନ୍‌ଗୁଡ଼ିକ ମୁକୁଳା ପଡ଼ିଥିବା ଦେଖିବାକୁ ମିଳିଛି। ରାଜପଥରୁ ଜଳ ନିଷ୍କାସନ ପାଇଁ ରାସ୍ତାକୁ ଲାଗି ନିର୍ମାଣ ହୋଇଥିବା ଡ୍ରେନ୍ ଅନେକ ଜାଗାରେ ମଧ୍ୟ ନଷ୍ଟ ହୋଇଛି। ଏହାଛଡ଼ା କେତେକ ସ୍ଥାନରେ ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଭାବେ କିଛି ଜଳ ନିଷ୍କାସନ ପଥ ପଡ଼ିରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁଠି ପାଣି ଯିବା ପାଇଁ କଂକ୍ରିଟ ୱାଲ୍ ନିର୍ମାଣ ହୋଇ ତା' ଉପରେ ପକ୍କା ସ୍ଲାବ୍ ପଡ଼ିଥିଲା ସେଗୁଡ଼ିକ ଦୀର୍ଘ ମାସ ହେବ ନଷ୍ଟ ହୋଇଗଲାଣି। ତେଣୁ ଡ୍ରେନଗୁଡ଼ିକ ଏବେ ସମ୍ପୂର୍ଣ୍ଣ ମୁକୁଳା ପଡ଼ିଛି। ଡ୍ରେନ୍ ମୁକୁଳା ଥିବା ହେତୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏପରିକି ବୁଲା ଗୋରୁଗାଈ ଭଗ୍ନ ଡ୍ରେନ୍‌ରେ ପଡ଼ି ଆହତ ହେଉଛନ୍ତି। ରାସ୍ତାର ଏଭଳି ଚିତ୍ର ଆଖୁଆପଦା, ଯଶୋଟିକିରି, ଦରଡ଼ା, ପୁରିପଡ଼ା, ଧାମନଗର ଛକ, ବାରିକପୁର, କହରାପୋଖରୀ ଆଦି ସ୍ଥାନରେ ଦେଖାଯାଇଛି। ତେଣୁ ଏହା ଉପରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ରାସ୍ତା ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ସଂସ୍ଥା ଦୃଷ୍ଟି ଦେବା ଜରୁରୀ ହୋଇଛି।

## ବେଆଇନ ମାଟି ଖନନ



**ବାରିକପୁର,୧୩।୧୨(ସମିସ):** ଭଣ୍ଡାରିପୋଖରୀ ତହସିଲ୍ ଅନ୍ତର୍ଗତ ବୈତରଣୀ ନଦୀପଠା ସମେତ ବିଭିନ୍ନ ସ୍ଥାନରୁ ଏବେ ଲାଭଖୋର ବ୍ୟକ୍ତିମାନେ ଦୈନିକ ଶହଶହ ଟ୍ରିପ୍ ମାଟି ଖୋଳି ଚାଲାଣ କରୁଛନ୍ତି। ବେଆଇନ ବାଲି ପରିବହନ ଏକ ନିତିଦିନିଆ ଘଟଣା ହୋଇଥିବାବେଳେ ଏବେ ମାଟି ଚାଲାଣ ମଧ୍ୟ ଆରମ୍ଭ ହୋଇଗଲାଣି। ସମ୍ପ୍ରତି ନଦୀ କୂଳେ କୂଳେ ଏବେ ଇଟାଭାଟି ପ୍ରସ୍ତୁତ ପାଇଁ ବହୁଳ ପରିମାଣର ମାଟି ଆବଶ୍ୟକ ହେଉଛି। ତେଣୁ ଅସାଧୁ ବ୍ୟକ୍ତି ଓ ସ୍ଥାନୀୟ ଟ୍ରାକ୍ଟର ମାଲିକମାନେ ଗୋଚର, ମଶାଣି, ଗ୍ରାମ୍ୟ ଜଙ୍ଗଲ ପ୍ରଭୃତି ବିଭିନ୍ନ ସରକାରୀ କିସମ ଜମିରୁ ବୁଲ୍‌ଡୋଜର ଦ୍ୱାରା ମାଟି ଖୋଳି ବିକ୍ରି କରୁଛନ୍ତି। ବିଶେଷ କରି ସରକାରୀ ଛୁଟି ଦିବସଗୁଡ଼ିକରେ ଏଭଳି ବେଆଇନ ମାଟି ବେପାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ବ୍ଲକ୍‌ର ମଞ୍ଜୁରୀ ରୋଡ୍‌ଠାରୁ ଆରମ୍ଭ କରି କୁମ୍ଭାରିଆ, ରଘୁନାଥପୁର, ବନ୍ଧାଣ, ବିରୋଳୀ, ଝୁଟଣା, ବନ୍ଧାଳମଡ଼ିଆଳୀ, ବନସ୍ତା ପ୍ରମୁଖ ଅଞ୍ଚଳରେ ଏବେ ଚୋରା ମାଟି ଚାଲାଣ ହେଉଥିବା ସୂଚନା ମିଳିଛି। କେତେକ ରାଜସ୍ୱ ନିରୀକ୍ଷକ ଓ ତହସିଲ୍ କର୍ମଚାରୀ ଏଥିରେ ସହଯୋଗ କରୁଥିବା ଅଭିଯୋଗ ମାନ ହୋଇଛି।

## 'ଆସ ସ୍କୁଲ ଯିବା' ସଚେତନତା ଅଭିଯାନ



**ବନ୍ତ/ଆଗରପଡ଼ା,୧୩।୧୨(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ନରାଜପୁର କ୍ଲଷ୍ଟର ଅନ୍ତର୍ଗତ କୁଆଁଶମଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସ ସ୍କୁଲ ଯିବା ସଚେତନତା ଅଭିଯାନ ଓ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପ୍ରଦୀପ ପଲାଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ବିନୋଦିନୀ ମହାନ୍ତି ଯୋଗଦେଇ ଉକ୍ତ ସଭାକୁ ଉଦ୍‌ଘାଟନ କରିଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ପ୍ରଧାନଶିକ୍ଷକ ଅମରେନ୍ଦ୍ର ଦାଶ, ପ୍ରଧାନଶିକ୍ଷକ ସରୋଜ ଜେନା, ପ୍ରଧାନଶିକ୍ଷକ ଶରତ ଦାସ, ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ସିଆର୍‌ସିସି ଉପସ୍ଥିତ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସିଟିଏସ୍ ସର୍ଭେୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅବଗତ କରିଥିଲେ। ଅଧାରୁ ପାଠ ଛାଡ଼ିଥିବା ଓ ଆଦୌ ବିଦ୍ୟାଳୟ ଆସି ନ ଥିବା ସମସ୍ତ ପିଲାଙ୍କୁ ସ୍କୁଲରେ ନାମ ଲେଖାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ଆସ ସ୍କୁଲ୍ ଯିବା ଅଭିଯାନର ମୁଖ୍ୟ ଲକ୍ଷ୍ୟକୁ ସଫଳ କରିବାକୁ ସମସ୍ତେ ବଦ୍ଧପରିକର ହୋଇଥିଲେ। ପରେ ବିଭିନ୍ନ ଗ୍ରାମକୁ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକଙ୍କ ସହିତ ଘରକୁ ଘର ଯାଇ ଅଧାରୁ ପାଠପଢ଼ା ଛାଡ଼ିଥିବା ପିଲାଙ୍କୁ ସ୍କୁଲରେ ନାମ ଲେଖାଇ ନିମନ୍ତେ ସଚେତନ କରାଯାଇଥିଲା।

## ବେଧଡ଼କ ଚାଲିଛି ଓଭର୍‌ଲୋଡିଂ ବାଲି ଚାଲାଣ

**ଦୋଳସାହି,୧୩।୧୨(ସମିସ):** ତିହିଡ଼ି ତହସିଲ୍ ଅଧୀନରେ ବେଧଡ଼କ ଭାବେ ଓଭର୍‌ଲୋଡିଂ ବାଲି ଚାଲାଣ ହେଉଥିବାବେଳେ ତିହିଡ଼ି ତହସିଲ୍ କୋମାରେ ଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଭଦ୍ରକ-ଚାନ୍ଦବାଲି ରାଜପଥରେ ଦୈନିକ ଶହଶହ ସଂଖ୍ୟାରେ ଓଭର୍‌ଲୋଡିଂ ବାଲି ହାଇୱା ନିୟମିତ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ରାଜପଥ କଡ଼ରେ ବିଭିନ୍ନ ସ୍ଥାନରେ ବାଲି ବେପାର କରୁଥିବା ନେଇ ଅନେକ ସମୟରେ ଅଘଟଣ ଘଟୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଦୋଳସାହି-ବୋଡକ ପୂର୍ତ୍ତବିଭାଗ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ବେଆଇନ ଭାବେ ଓଭର୍‌ଲୋଡିଂରେ ବାଲି ଚାଲାଣ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବାଲି ଚାଲାଣ କିଛି ପ୍ରଶାସନିକ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ବେଧଡ଼କ ଭାବେ ଚାଲିଥିବାବେଳେ ରାଜସ୍ୱ ହାନୀ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



## ୧୫ ମାସ ହେଲା ୨ ପାଚିକାଙ୍କୁ ଦରମା ମିଳୁନି

**ଦୋଳସାହି,୧୩।୧୨(ସମିସ):** ଜିଲ୍ଲାପାଳଙ୍କଠାରେ ଅଭିଯୋଗ ପରେ କର୍ଣ୍ଣପାତ କରୁନି ତିହିଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ। ୨ଜଣ ପାଚିକାଙ୍କୁ ମିଳୁନି ୧୫ ମାସ ଧରି ଦରମା। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ତାଳପଦା ଗାଁରେ ଅବସ୍ଥିତ ହରିଜନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ଯମୁନା ଜେନା ଓ ମଞ୍ଜୁଲତା ଜେନାଙ୍କୁ ୧୫ ମାସ ଧରି ଦରମା ମିଳୁନାହିଁ। ବିଦ୍ୟାଳୟର ସଭାପତି ବିଦ୍ୟାଧର ଜେନା ବାରମ୍ବାର ଏହି ଅଭିଯୋଗ ସମ୍ପର୍କରେ ତିହିଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତିଙ୍କୁ ଅବଗତ କରିଥିବା କହିଛନ୍ତି। ଏହି ଅଭିଯୋଗ ନେଇ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀପ୍ରିୟା ମାଝୀ ତଦନ୍ତ କରୁଥିବାବେଳେ ଏହାର ରିପୋର୍ଟ ପ୍ରକାଶ ପାଇନାହିଁ। ଉଭୟ ପାଚିକାଦ୍ୱୟ ଭଦ୍ରକ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ ବି କିଛି ସୁଫଳ ନ ମିଳିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।



## ଜେଜେବାପା, ଜେଜେମାଆ ସମ୍ମିଳନୀ

**ବାରିକପୁର,୧୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ନିକଟ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁମନ୍ଦିରଠାରେ ଜେଜେବାପା, ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଧ୍ୟାତ୍ମିକବାଦୀ ସୁଦର୍ଶନ ନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ତପନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବିତା ସେଠୀ, ସୁବାସିନୀ କର, କିଶୋର ଚନ୍ଦ୍ର ଦାସ, ମଧୁସୂଦନ ଦାସ, କରୁଣାକର ଖଣ୍ଡାଇ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କରୁଣାକର ଖଣ୍ଡାଇଙ୍କ ରଚିତ ଓ ନିର୍ଦ୍ଦେଶିତ 'ବାର୍ଦ୍ଧକ୍ୟର ପରିଣତି' ଅନୁଷ୍ଠିତ ହୋଇଥିଲା। ଗୁରୁମା' ଶୁଭଲକ୍ଷ୍ମୀ ସେନାପତି ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା'ମାନେ ପରିଚାଳନା କରିଥିଲେ।

## କଂଗ୍ରେସର ପ୍ରସ୍ତୁତି ବୈଠକ

**ବନ୍ତ/ଆଗରପଡ଼ା,୧୩।୧୨(ସମିସ):** ଆଗରପଡ଼ାସ୍ଥିତ ମାଧବଜୀଉ ମନ୍ଦିର ପ୍ରାଙ୍ଗଣରେ ଯୁବ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ସଭାପତି ମହେଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ୯ଟି ପଞ୍ଚାୟତର ଯୁବ କଂଗ୍ରେସ ନେତାମାନେ ଉପସ୍ଥିତ ହୋଇ ଦଳକୁ କିପରି ମଜଭୁତ କରାଯିବ ତାକୁ ନେଇ ଆଲୋଚନା କରିଥିଲେ। ସେହିପରି ଆସନ୍ତା ୧୭ ତାରିଖରେ ବିଶାଳ ବାଇକ୍ ରାଲି ଓ ମିଶ୍ରଣ ପର୍ବ ଆୟୋଜନ ନେଇ ବିଚାରବିମର୍ଶ କରାଯାଇଥିଲା। ବୈଠକରେ ଚିନ୍ମୟ ସିଂହ, ଗୟାଧର ପତି, ବିଜୟ ବାରିକ, ପ୍ରକାଶ ମହାକୁଡ଼, ବିକାଶ ମହାକୁଡ଼, ସନ୍ଦୀପ ଜେନା, ରାଜେନ୍ଦ୍ର ସାହୁ, ସୁରେଶ ପ୍ରଧାନ, ସୁବ୍ରତ ପଣ୍ଡା, ରାଜେନ୍ଦ୍ର ବେହେରା, ବିନୋଦ ମାଝୀ, ଉପେନ୍ଦ୍ର ଜେନା, ଗୟାଧର ଘଡ଼େଇ, ରାଜୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଧାମନଗର/ଦୋବଲ,୧୩।୧୨(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ ଭଟସାହି ପଞ୍ଚାୟତର ଫଳପୁର ଗ୍ରାମର ବିଶିଷ୍ଟ ସମାଜସେବୀ ପରୋପକାରୀ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ଏକାଦଶାହରେ ତାଙ୍କ ବାସଭବନରେ ଶନିବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଦେବେନ୍ଦ୍ର ମହାପାତ୍ର ଜଣେ ଛାତ୍ରବତ୍ସଳ ଓ ସମାଜସେବାରେ ଅତୁଳନୀୟ ଅବଦାନ ରହିଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପଣ୍ଡିତ ନିତ୍ୟାନନ୍ଦ ରାଉତ ସଭାପତିତ୍ୱ କରିଥିବାବେଳେ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ସଭାକୁ ସଞ୍ଚାଳନ କରିଥିଲେ। ବରିଷ୍ଠ ବିଜେଡି ନେତା ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବିଜେଡି ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ ଦାସ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ସରପଞ୍ଚ ସୀତାକାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର, ଶିକ୍ଷାବିତ୍ ହୃଦାନନ୍ଦ କର, ରାମଚନ୍ଦ୍ର ବେହେରା, ଶିକ୍ଷାବିତ୍ ଗୌରାଙ୍ଗ ବାରିକ ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ବାବୁଲା ରାଉତ ପ୍ରାରମ୍ଭିକ ସୂଚନା ଦେବା ସହ ଅଜୟ ମହାପାତ୍ର ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ଜିତନ ପଣ୍ଡା, ନିର୍ମଳ ଦାସ, ସନ୍ତୋଷ ଦାଶ, ସସ୍ମିତା ଦାସ, ସୁରେନ୍ଦ୍ର ପଲାଇ, କାଳନ୍ଦୀ ଜେନା, କାର୍ତ୍ତିକ ସାମଲ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ସାନ ପୁଅ ସଞ୍ଜୟ ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ବ୍ରହ୍ମଚାରୀ ସଂସ୍କୃତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବନ୍ତ/ଆଗରପଡ଼ା,୧୩।୧୨(ସମିସ):** ବନ୍ତ ବ୍ଲକ୍ ଅଣିଜୋସ୍ଥିତ ବ୍ରହ୍ମଚାରୀ ସଂସ୍କୃତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ପଣ୍ଡିତ ଦେବେନ୍ଦ୍ର କୁମାର ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ନାୟକ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅଜୟ ସାହୁ, ବିଜ୍ଞାନ ଶିକ୍ଷକ ନିତ୍ୟାନନ୍ଦ ନାୟକ, ପରିଚାଳନା କମିଟି ସଭାପତି ପୀତବାସ ପଣ୍ଡା, ପୁନାଗୀ ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ଖେଳ ପରିଚାଳନାରେ ଶିକ୍ଷକ/ଶିକ୍ଷୟିତ୍ରୀ ବୈରୀଗଞ୍ଜନ ଥାଟୋଇ, ବିଜୟ ପାଣିଗ୍ରାହୀ, କୈଳାଶ ଚନ୍ଦ୍ର ଚୌଧୁରୀ, ସସ୍ମିତା ପଣ୍ଡା, ସୁକାନ୍ତି ଧୂପତି, ସବିତା ସାହୁ, ବୁଦ୍ଧଦେବ ସ୍ୱାଇଁ, ବଳଦେବ ବେହେରା, ରବୀନ୍ଦ୍ର ବାରିକ ସମେତ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଓ ଅଭିଭାବକ ପ୍ରମୁଖ ସହଯୋଗ କରିଥିଲେ। ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ସଟ୍‌ପୁଟ୍, ମ୍ୟୁଜିକ୍ ଚେୟାର ସମେତ ୧୨ଟି ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଥିବାବେଳେ ଏହି କ୍ରୀଡ଼ାରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



ଆଗକୁ ନୂଆବର୍ଷ; ସମୟଚକ୍ରରେ ବଦଳିଛି ତରିକା

# ବଜାରରେ ଅଲୋଡ଼ା ହୋଇପଡ଼ିଛି 'ଶୁଭେଚ୍ଛା କାର୍ଡ'

**ବନ୍ତ/ଆଗରପଡ଼ା,୧୩।୧୨(ସମିସ):** ବର୍ଷର ଶେଷ ମାସ ହେଉଛି ଡିସେମ୍ବର। ଏହି ମାସର ଶେଷ ତାରିଖ ୩୧ ତାରିଖ ପରେ ବଦଳି ଯାଇଥାଏ ପୁରୁଣା ବର୍ଷ। ପାଦ ଥାପିଥାଏ ନୂତନ ବର୍ଷରେ। ପୁରୁଣା ବର୍ଷ ଅପସରି ଯାଇଥିବାବେଳେ, ନୂତନ ବର୍ଷକୁ ସ୍ୱାଗତ କରିଥା'ନ୍ତି ସମଗ୍ର ବିଶ୍ୱବାସୀ। ନୂଆବର୍ଷ ଆସିବାର ଦୁଇ ସପ୍ତାହ ଅବା ତିନି ସପ୍ତାହ ପୂର୍ବରୁ ନିଜର ବନ୍ଧୁ, ପରିଜନ, ସହକର୍ମୀ ତଥା ସମ୍ପର୍କୀୟଙ୍କୁ ଶୁଭେଚ୍ଛା କାର୍ଡ (ଗ୍ରୀଟିଂସ୍) ମାଧ୍ୟମରେ ସକାରାତ୍ମକ ବାର୍ତ୍ତା ପଠାଯାଇଥାଏ। ନବେ ଦଶକରେ ଶୁଭେଚ୍ଛା କାର୍ଡ ନୂଆ ବର୍ଷ ଆଗମନରେ ପ୍ରାକ୍ ସୂଚନା ପ୍ରଦାନ କରୁଥିଲା। ମାତ୍ର ଏବେ ସମୟ ବଦଳିଛି। ହାପି ନ୍ୟୁ ଇୟରର ଶୁଭେଚ୍ଛା କାର୍ଡ ବଜାରରେ ଦେଖିବାକୁ ପ୍ରାୟତଃ ମିଳୁନାହିଁ। ସମୟଚକ୍ରରେ ଶୁଭେଚ୍ଛା କାର୍ଡ ଅଲୋଡ଼ା ହୋଇ ପଡ଼ିଥିବାବେଳେ ସୋସିଆଲ ମିଡିଆରେ ଛାଇଯାଇଛି ଶୁଭେଚ୍ଛା ବାର୍ତ୍ତା। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ବିଭିନ୍ନ ବଜାରରେ ଶୁଭେଚ୍ଛା କାର୍ଡ(ଗ୍ରୀଟିଂସ୍) କାଁ ଭାଁ କେଉଁଠି ମିଳୁଛି, ତାହା ପୁଣି ଚଢ଼ା ଦରରେ।

ପୂର୍ବରୁ ବନ୍ତ ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳ ସମେତ ବନ୍ତ ଓ ଆଗରପଡ଼ା ବଜାରରେ ଥିବା ପ୍ରମୁଖ ଛକ ଓ ବଜାରରେ ସ୍ୱତନ୍ତ୍ର ଭାବେ ଷ୍ଟଲ୍ ପକାଇ ଶୁଭେଚ୍ଛା କାର୍ଡ ଦୋକାନ ପସରା ମେଲାଉଥିଲେ ଅନେକ ଦୋକାନୀ। ଭୁବନେଶ୍ୱର ଓ କୋଲକାତା ଆଦିରୁ ବିଭିନ୍ନ କିସମର ନାମୀଦାମୀ କାର୍ଡ ଗ୍ରାହକଙ୍କ ଉଦ୍ଦେଶ୍ୟରେ ବିକ୍ରି ହେଉଥିଲା। ୫୦ ପଇସାରୁ ଆରମ୍ଭ କରି ୫୦୦ ଟଙ୍କା ମୂଲ୍ୟର ଶୁଭେଚ୍ଛା କାର୍ଡକୁ ଆଦରି ନେଉଥିଲେ ଗ୍ରାହକ। ଯାହାକି ଆଜି ସାତସପନ ହୋଇଯାଇଛି। ଦୀର୍ଘ ବର୍ଷ ଧରି ବନ୍ତ ବଜାରର ବିଭିନ୍ନ ପ୍ରାନ୍ତରେ ଶୋଭା ପାଉଥିଲା ନୂତନ ବର୍ଷର ଶୁଭେଚ୍ଛା କାର୍ଡ ପାଇଁ ମାଳମାଳ ଷ୍ଟଲ୍। ଆଉ ଦେଖିବାକୁ ମିଳୁନି ସେହି ଷ୍ଟଲ୍ କିମ୍ବା ଷ୍ଟଲ୍ ଆଗରେ ଗ୍ରାହକଙ୍କ ଭିଡ଼। ଶୁଭେଚ୍ଛା କାର୍ଡ ଉପରେ ଓଡ଼ିଆ ଅବା ଇଂରାଜୀରେ ବିଭିନ୍ନ ପ୍ରକାର ସାଧୁ ଓ ମହତ୍‌ବାଣୀ ଉଲ୍ଲେଖ ରହୁଥିଲା, ଯାହାକି ପ୍ରତ୍ୟେକଙ୍କ ମନ ଓ ହୃଦୟକୁ ଛୁଇଁ ପାରୁଥିଲା। ନୂଆବର୍ଷ ଆସିବାକୁ ଦିନ କେଇଟା ବାକି ରହିଥିବାବେଳେ, ଶୁଭେଚ୍ଛା କାର୍ଡର ଚାହିଦା ଯଦିଓ କମିଛି, ହେଲେ ଏହାର ତରିକା ବଦଳିଯାଇ ମୋବାଇଲ୍ ଅବା ଇଣ୍ଟରନେଟ୍ ମାଧ୍ୟମରେ ନିଜ ପ୍ରିୟଜନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିବା ପ୍ରାୟତଃ ଆରମ୍ଭ କରିଦେଲେଣି ଶୁଭେଚ୍ଛାକାରୀ। ତେଣୁ ସମୟଚକ୍ରରେ ବଜାରରେ ଶୁଭେଚ୍ଛା କାର୍ଡ ଅଲୋଡ଼ା ହୋଇପଡ଼ିବା ସହ ଏହାର ତରିକାରେ ପରିବର୍ତ୍ତନ ଆସିଛି। ଏହି ପ୍ରସଙ୍ଗକୁ ହୁଏତ ଏଡ଼ାଇ ଦିଆଯାଇ ନ ପାରେ।




### ସେମାନଙ୍କ ମୁହଁରୁ...



ମୋବାଇଲ୍‌ର ବହୁଳ ବ୍ୟବହାର ହେବା ଆଗରୁ ମୁଁ ଶୁଭେଚ୍ଛା କାର୍ଡ (ଗ୍ରୀଟିଂସ୍) ବ୍ୟବସାୟ କରୁଥିଲି। ନୂତନ ବର୍ଷ ଆରମ୍ଭ ହେବାର ଦୁଇ ମାସ ଆଗରୁ କୋଲିକାତା, ଭୁବନେଶ୍ୱର ଓ କଟକ ଆଦି ସ୍ଥାନରୁ ବିଭିନ୍ନ ପ୍ରକାର ଶୁଭେଚ୍ଛା କାର୍ଡ (ଗ୍ରୀଟିଂସ୍) ଆଣି ଆଗରପଡ଼ା ଓ ତା' ଆଖପାଖ ଅଞ୍ଚଳରେ ଦୋକନୀଙ୍କୁ ହୋଲ୍‌ସେଲ ଦରରେ ବିକ୍ରି କରୁଥିଲି। ସେମାନେ ବି ଦୁଇ ପଇସା ଲାଭ କରୁଥିଲେ ଏବଂ ମୋର ବି ଭଲ ବ୍ୟବସାୟ ହେଉଥିଲା। ବ୍ୟବସାୟ କରିବାର ୧୫ ବର୍ଷ ଭିତରେ ଗତ ୨/୩ ବର୍ଷ ହେବ ଉକ୍ତ ବେପାରରୁ ନିଜକୁ ନିବୃତ୍ତ ରଖିଛି। କାରଣ ମୋବାଇଲ୍ ଓ ଇଣ୍ଟରନେଟ୍‌ର ବହୁଳ ପ୍ରଚଳନ ଯୋଗୁଁ ଶୁଭେଚ୍ଛା ବାର୍ତ୍ତା ବିଭିନ୍ନ ସାମାଜିକ ଗଣମାଧ୍ୟମର ସାହାରା ନେଇ ପଠାଯାଉଛି। ଏଣୁ ଆଉ ଶୁଭେଚ୍ଛା କାର୍ଡ ବଜାରରୁ କିଣିବାକୁ କେହି ପସନ୍ଦ କରୁନାହାନ୍ତି। ତେଣୁ ବିକ୍ରି ତୁଳନାରେ କିଣା ମୂଲ୍ୟ ଉଠାଇବା ବି କଷ୍ଟକର ହୋଇପଡ଼ିଛି।

-ଦେବବ୍ରତ ନାୟକ, ବ୍ୟବସାୟୀ, ଆଗରପଡ଼ା



ଡିଜିଟାଲ୍ ସେବାର ବହୁଳ ପ୍ରଚାରପ୍ରସାର ଫଳରେ ସାମାଜିକ ଗଣମାଧ୍ୟମର ହାତଧରି ଭିଡିଓ କ୍ଲିପ୍, ଇମେଜ୍, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଜ୍ ଦ୍ୱାରା ନୂଆବର୍ଷ ବାର୍ତ୍ତା ପ୍ରେରଣ କରାଯାଉଥିବାରୁ ଅଳ୍ପ ଖର୍ଚ୍ଚ ଓ କମ୍ ସମୟ ମଧ୍ୟରେ ବ୍ୟକ୍ତି ଜଣକ ନିଜର ପ୍ରିୟ ପରିଜନକୁ ଶୁଭେଚ୍ଛା ବାର୍ତ୍ତା ଅନାୟାସରେ ପ୍ରେରଣ କରାଯାଇପାରୁଛି। ତେଣୁ ଶୁଭେଚ୍ଛା କାର୍ଡ (ଗ୍ରୀଟିଂସ୍) ଅଲୋଡ଼ା ହୋଇପଡ଼ିଛି। -ସରସ୍ୱତୀ ବିରୁଆ, ଛାତ୍ରୀ, ଆଗରପଡ଼ା



ସମୟର ତାଳେ ତାଳେ ଓ ଆଧୁନିକତ୍ୱର ପରିଭାଷା ମଧ୍ୟରେ ମନୁଷ୍ୟ ତା' ରୁଚିରେ ପରିବର୍ତ୍ତନ ଆଣିଛି। ତେଣୁ ରୁଚିରେ ପରିବର୍ତ୍ତନ ଏବଂ ସ୍ୱଳ୍ପ ଅର୍ଥ ଓ କମ୍ ସମୟ ମଧ୍ୟରେ ସେ ତା'ର ବାର୍ତ୍ତାକୁ ନିଜ ବନ୍ଧୁ, ପରିଜନ, ସହକର୍ମୀ ତଥା ସମ୍ପର୍କୀୟଙ୍କୁ ଡିଜିଟାଲ ସେବା ମାଧ୍ୟମରେ ପ୍ରେରଣ କରିପାରୁଥିବାରୁ ପୂର୍ବ ପ୍ରଚଳିତ ଶୁଭେଚ୍ଛା କାର୍ଡ(ଗ୍ରୀଟିଂସ୍) ପ୍ରାୟ ଅଲୋଡ଼ା ହୋଇପଡ଼ିଛି।

-ବିନୋଦ କୁମାର ଧଳ ସାମନ୍ତ, ନିର୍ଦ୍ଦେଶକ, କଳିଙ୍ଗ କମ୍ପ୍ୟୁଟର୍ସ, ଆଗରପଡ଼ା

ସକାଳ
THE SAKALA



www.sakalaepaper.com

# ରାଜ୍ୟସ୍ତରୀୟ 'ଗାଁ ଦିବସ': କଳାଗ୍ରାମ ଲୋଗୋ ଉନ୍ମୋଚିତ

ଫିରିଙ୍ଗିଆ,୧୩।୧୨(ସମିସ)




ଫିରିଙ୍ଗିଆସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ରାଜ୍ୟସ୍ତରୀୟ ଗାଁ ଦିବସ ସମ୍ମାନ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳରେ ଲୁଚିରହିଥିବା ପାରମ୍ପରିକ କଳା ଓ କଳାକାରଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ କଳା ସଂସ୍କୃତିର ପ୍ରଚାର ପ୍ରସାର ଓ ବିକାଶ ଉପରେ କାର୍ଯ୍ୟକ୍ରମ ଜାରି ରଖିଥିବା ରାଜ୍ୟର ଅଗ୍ରଣୀ କଳାକାର ସଂଗଠନ କଳା କ୍ଷେତ୍ର ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିବା ବେଳେ କନ୍ଧମାଳ ଜିଲ୍ଲାର ବହୁ କଳାକାର ସାମିଲ ହୋଇଥିଲେ। କନ୍ଧମାଳ ଜିଲ୍ଲା ପାରମ୍ପରିକ ଲୋକକଳା ସଙ୍ଘ ସଭାପତି ଅକ୍ଷୟ କୁମାର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକ୍ଷେତ୍ର ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। କଳାକ୍ଷେତ୍ରର ପ୍ରତିଷ୍ଠାତା ତଥା ସମ୍ପାଦକ ବାସୁଦେବ ମାଳବିଶୋଇ, ଫୁଲବାଣୀ ବିଧାୟକ ଉମାଚରଣ ମଲିକ, ବିଜେପି ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି, ବରିଷ୍ଠ ବିଜେପି ନେତା ସଞ୍ଜିତ ମଣ୍ଡଳ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନେତ୍ର ମାନସେଠ, ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମହାଦେବ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ପ୍ରାୟ ଚାଳିଶ ସାଂସ୍କୃତିକ ଦଳ ଭାଗ ନେଇଥିଲେ ଓ ପରେ କଲ୍ୟାଣ ମଣ୍ଡପ ଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ପ୍ରାୟ ବହୁ ପାରମ୍ପରିକ କଳାକାରଙ୍କୁ ସମ୍ମାନିତ କରାଯାଇଥଲା। ଅତିଥିଙ୍କ ଦ୍ୱାରା କଳାଗ୍ରାମ ଲୋଗୋ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାରମ୍ପରିକ ଲୋକ କଳାକାର ସଙ୍ଘ ସଦସ୍ୟା ସ୍ୱପ୍ନରାଣୀ କର୍ଣ୍ଣ, ସମ୍ପତି ଦିଗାଳ, ଲିଳାବତୀ ଦିଗାଳ, ସଂଘ ସମ୍ପାଦକ ପ୍ରଭାତ ବେହେରା, ଅର୍ଜୁନ ମଲିକଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ସଭାପତି ଅକ୍ଷୟ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

**ଯୋଗଦେଲେ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ**

## ଧାନ ଅମଳ ମେସିନରେ ହାତ ପଶି ଯୁବକ ଗୁରୁତର

ମୋହନା,୧୩।୧୨(ସମିସ): ଧାନ ଅମଳ ମେସିନରେ ହାତ ପଶି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ହେଲେ ମୋହନା ଥାନା ପିଣ୍ଡିକି ପଞ୍ଚାୟତ ନିଜୁମା ଗ୍ରାମର ଅଭିମନ୍ୟୁ ମଲ୍ଲିକ। ନିଜ ଖଳାରେ ଟ୍ରାକ୍ଟର ଦ୍ୱାରା ଲାଗିଥିବା ଧାନ ଅମଳ ମେସିନରେ କାମ କରୁଥିବାବେଳେ ମେସିନରେ ହାତ ପଶିଯାଇଥିଲା। ପରିବାର ଓ ସମ୍ପର୍କୀୟ ମେସିନ ମଧ୍ୟରୁ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



## ତୁଷାରପାତ ସହ ଫିରିଙ୍ଗିଆରେ ଅସହ୍ୟ ଜାଡ଼

ଫିରିଙ୍ଗିଆ,୧୩।୧୨(ସମିସ): ଫିରିଙ୍ଗିଆ ବ୍ଲକରେ ଅସହ୍ୟ ଜାଡ଼ ଅନୁଭୁତ ହେଉଛି। ଏଥିଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ଓ ସନ୍ଧ୍ୟା ହେଲେ ଲୋକେ ନିଆଁର ଆଶ୍ରୟ ନେଉଛନ୍ତି। କମ୍ବଳ ଓ ଚାଦର ମଧ୍ୟ ଶୀତରୁ ରକ୍ଷା କରି ପାରୁନାହିଁ। ଗାଁରୁ ସହର ପର୍ଯ୍ୟନ୍ତ ଲୋକେ ନିଆଁ ଜାଳି ଶୀତରୁ ନିଜକୁ ରକ୍ଷା କରୁଛନ୍ତି। ୩ ଦିନ ଧରି ଫିରିଙ୍ଗିଆର ବିଭିନ୍ନ ଅଞ୍ଚଳରେ ତୁଷାରପାତ ହୋଇଛି। ଚାଳ ଘର ଛପର ଉପରେ ଏବଂ ପାଳ ଗଦା ସହ ବିଲରେ ମଧ୍ୟ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି।



## ଜି.ଉଦୟଗିରିରେ ତୁଷାରପାତ
## ୨ଦିନ ହେଲା ସର୍ବନିମ୍ନ ତାପମାତ୍ରା ୩. ୧ ଡିଗ୍ରୀ

ଜି.ଉଦୟଗିରି,୧୩।୧୨(ସମିସ): ଜି.ଉଦୟଗିରି ଅଞ୍ଚଳରେ ଦିନକୁ ଦିନ ପାରଦ କମିବାକୁ ଲାଗିଥିବା ବେଳେ ଆଜି ତୁଷାରପାତ ହୋଇଛି। ସପ୍ତାହେ ହେଲା ତାପମାତ୍ରା ୫ଡିଗ୍ରୀ ତଳେ ରହୁଥିବାବେଳେ ଆଜି ୩.୧ ଡିଗ୍ରୀ ରହିଛି। ଅସହ୍ୟ ଶୀତରେ ଲୋକେ କଲବଲ ହେଉଛନ୍ତି। ଗ୍ରାମାଞ୍ଚଳ ସହିତ ସହରାଞ୍ଚଳ ବିଲ, ପାଳ ଗଦା, ଗାଡ଼ି ଉପରେ ଆଜି ତୁଷାରପାତ ହୋଇଥିବା ଦେଖିବାକୁ ମିଳୁଛି। ଯାହା ଆଜି ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି। ଅସହ୍ୟ ଶୀତ ସାଙ୍ଗକୁ କୋହଲା ପବନ ଅଧିକ କଷ୍ଟଦାୟକ ହୋଇଥିବା ବେଳେ ନିଆଁ ହିଁ ସାହାରା ହୋଇଛି। ସନ୍ଧ୍ୟା ହେବା ମାତ୍ରେ ଗ୍ରାମାଞ୍ଚଳରେ ଘରେ ଘରେ ନିଆଁ ଜାଳି ଲୋକେ ନିଆଁ ପୁଉଁଥିବା ଦେଖିବାକୁ ମିଳୁଛି। ଅସହ୍ୟ ଶୀତରେ ଛଟପଟ ହେଉଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ କମ୍ବଳ ଯୋଗାଇ ଦେବାକୁ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାକର ସଦସ୍ୟ ବିଭିନ୍ନ ଲୋକଙ୍କୁ ଭେଟି ସହାୟତା କରିବାକୁ ଅନୁରୋଧ କରିବା ସହିତ ଅସହାୟଙ୍କୁ ପ୍ରଦାନ କରୁଛନ୍ତି। ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହି ଅସହାୟ ଲୋକଙ୍କୁ କମ୍ବଳ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।





● ବେଲଘର ବନାଞ୍ଚଳରେ ଦନ୍ତା ମୃତ୍ୟୁ ଘଟଣା

## ବ୍ୟବଚ୍ଛେଦ ପରେ ଶେଷକୃତ୍ୟ କଲା ବନ ବିଭାଗ

ତୁମୁଡିବନ୍ଧ,୧୩।୧୨(ସମିସ): ବାଲିଗୁଡା ବନଖଣ୍ଡ ବେଲଘର ବନାଞ୍ଚଳର ଝିରିପାଣି ପଞ୍ଚାୟତ କରଜଣ୍ଡି ଗ୍ରାମରେ ଦନ୍ତା ହାତୀର ସନ୍ଦେହଜନକ ମୃତ୍ୟୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାଲିଗୁଡା ବନାଞ୍ଚଳରେ ହାତୀ ସୁରକ୍ଷାକୁ ନେଇ ବନବିଭାଗକୁ ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ଅଞ୍ଚଳରେ ଅନେକ ସମୟରେ ହାତୀ ଫସଲ ନଷ୍ଟ କରୁଛନ୍ତି। ହେଲେ ହାତୀକୁ ସୁରକ୍ଷା ଦେବାରେ ବେଲଘର ବନବିଭାଗ ବିଫଳ ହୋଇଛି। ମୃତ ହାତୀ ଦୀର୍ଘଦିନ ଧରି ଅଞ୍ଚଳରେ ଉପଦ୍ରବ କରୁଥିବା ଓ ଅସୁସ୍ଥ ଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ ମଧ୍ୟ ବନବିଭାଗ ଅସୁସ୍ଥ ହାତୀକୁ ଟ୍ରାକ କରିବାରେ ବିଫଳ ହୋଇଥିଲା। ଏଥିଯୋଗୁ ଖାଦ୍ୟ ଅଭାବରୁ ମୃତ୍ୟୁ ହୋଇଥିବା କୁହାଯାଇଛି। ଶନିବାର ଦିନ ବେଲଘର ବନବିଭାଗର ବନପାଳ ବିନୟ କୁମାର ବିଶିଙ୍କ ନେତୃତ୍ୱରେ, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ବ୍ରହ୍ମପୁର ଆରସିସିଏଫ ବିଶ୍ୱନାଥ ନୀଳନବର, ବାଲିଗୁଡା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହୋନ୍ତା, ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରା ଓ ମନୋରଞ୍ଜନ ବାଗଙ୍କ ଉପସ୍ଥିତିରେ ମୃତ ହାତୀର ଶବକୁ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତ ହାତୀର ସତ୍କାର କରାଯାଇଥିଲା।

## ବନଶ୍ରୀ ବାଳିକା ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସପ୍ତାହ

ଜି.ଉଦୟଗିରି,୧୩।୧୨(ସମିସ): ନିକଟସ୍ଥ ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଇକୋ କ୍ଲବ ମେଣ୍ଟର ଜିତେନ୍ଦ୍ର କୁମାର ସାମଲ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ ପ୍ରଭା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣକୁ ନେଇ ଚିତ୍ରାଙ୍କନ, ବକ୍ତୃତା, ରଙ୍ଗୋଲି ପ୍ରତିଯୋଗିତା ସହ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ହୋଇଥିଲା। ଛାତ୍ରୀମାନେ ସଚେତନାତ୍ମକ ପ୍ଲାକାର୍ଡ ସହିତ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଶିକ୍ଷକ ଦେବେନ୍ଦ୍ର ପଣ୍ଡା, ଶିକ୍ଷୟିତ୍ରୀ ମମତା ଆଲୁକ, ସ୍ୱପ୍ନା ରାଣୀ ଗୌଡ଼ ଓ ରାଜେନ୍ଦ୍ର ବାଡତିଆ ସହଯୋଗ କରିଥିଲେ। କଳିଙ୍ଗା ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ୩୩ ଜଣ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।




## ସାମ୍ବାଦିକଙ୍କ ଘରୁ ଚୋରି

**ପାରଳାଖେମୁଣ୍ଡି,୧୩।୧୨(ସମିସ):** ପାରଳାଖେମୁଣ୍ଡି ସହରର ରାମକୃଷ୍ଣ ପାତ୍ରୀ ମାର୍ଗସ୍ଥିତ ବାଟ ଗୌଡ ସାହି ଛକରେ ରହୁଥିବା ବରିଷ୍ଠ ସାମ୍ବାଦିକ ଦ୍ୱିଜେନ୍ ପାଢିଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତ ଘରକୁ ପଶୁଥିବା ଓ ବାହାରୁଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ଚୋରିବେଳେ କ୍ୟାମେରା ଉପରେ କପଡ଼ା ପକାଇ ଦେଇଥିଲେ। ଏପରି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଚୋରି ନେଇ ଜନସାଧାରଣ ଭୟଭୀତ ହୋଇପଡ଼ିଛନ୍ତି। ଶ୍ରୀ ପାଢି ଗତ କିଛିଦିନ ହେଲା ସପରିବାର ବାହାରକୁ ଯାଇଥିଲେ। ଚୋରି ଖବର ପାଇ ପାରଳାଖେମୁଣ୍ଡି ପୁଲିସ ପହଞ୍ଚି ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଛି। ଘର ଭିତରର ସମସ୍ତ କବାଟକୁ ତାଡ଼ି ଭାଙ୍ଗି ଦିଆଯାଇଛି। ଦୁର୍ବୃତ୍ତ ୨ ଘଣ୍ଟା ଧରି ଘର ଭିତରେ ରହି ସମସ୍ତ ଆଲମାରି ଭାଙ୍ଗି କିଛି ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରିଛନ୍ତି। ଆଜି ସକାଳେ ଶ୍ରୀ ପାଢିଙ୍କ ସଫେଇ କର୍ମଚାରୀ ପହଞ୍ଚି ଘରର ପଛପଟେ ଦେଖିଲା ବେଳକୁ ଭେଣ୍ଟିଲେଟର ଭଙ୍ଗାଯାଇଥିବା ଦେଖି ପ୍ରଥମେ ଖବର ଦେଇଥିଲେ। ଏହାପରେ ତାଙ୍କ ସମ୍ପର୍କୀୟ ପହଞ୍ଚିଥିଲେ ଏବଂ ତାଙ୍କ ନିକଟରେ ଥିବା ଘରର ଅନ୍ୟ ଚାବିରେ ଘରର ତାଲା ଖୋଲି ଦେଖିଥିଲେ। ଶନିବାର ସନ୍ଧ୍ୟାରେ ଶ୍ରୀ ପାଢି ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ଥାନାକୁ ଯାଇଥିଲେ। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରାଯାଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମର ସହାୟତାରେ ତଦନ୍ତ କରାଯାଉଛି।



## ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଗୋଷାଣି,୧୩।୧୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧସ୍ଥିତ ସରକାରୀ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି. ଗଙ୍ଗାଧର କ୍ରୀଡ଼ା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସଂସ୍କୃତ ଶିକ୍ଷୟିତ୍ରୀ ସୁଜାତା ପ୍ରମାଣିକ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ଶିକ୍ଷୟତ୍ରୀ ବି. ବିଜୟା, ସଞ୍ଜୀବ କାର୍ଯୀ, ଗୋପୀନାଥ ଗୌଡ, ଏସ୍.ଗୀତାଞ୍ଜଳୀ ଓ ବି.ଭେଙ୍କଟରାଓ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ବିଭାଗର ୪୯ ଜଣ ଛାତ୍ରୀ ଓ ୧୭୨ ଜଣ ଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସଫଳ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବହୁ ପୁରାତନ ଛାତ୍ର ସହଯୋଗ କରିଥିଲେ।



## ଗଜପତି ଜିଲ୍ଲାରେ ୪ର୍ଥ ଜାତୀୟ ଲୋକ ଆଦାଲତ



**ପାରଳାଖେମୁଣ୍ଡି,୧୩।୧୨(ସମିସ):** ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି, ମୋହନା, ଆର୍. ଉଦୟଗିରି ସିଭିଲ କୋର୍ଟ ପରିସରରେ ଏବଂ ଗ୍ରାମ୍ୟନ୍ୟାୟାଳୟ କାଶୀନଗରରେ ୪ର୍ଥ ଜାତୀୟ ଲୋକ ଆଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାଜଜ୍ ବିଭୂ ପ୍ରସାଦ ପଣ୍ଡା, ମୁଖ୍ୟ ନ୍ୟାୟିକ ଦଣ୍ଡାଧୀଶ ନରତ୍ତୋମ ସେଠୀ, ସିନିୟର ଡିଭିଜନ ସିଭିଲଜଜ୍ ଜୀବାନନ୍ଦ ପାଢ଼ୀ, ସିଭିଲ କୋର୍ଟର ରେଜିଷ୍ଟ୍ରାର ପ୍ରସନ୍ନ କୁମାର ବେହେରା, ଆଇନସେବା ପ୍ରାଧୀକରଣର ସଚିବ ବିମଳ ରାଉଳ, ସିଭିଲଜଜ୍ ସିନିୟର ଡିଭିଜନ ମହିଳାକୋର୍ଟ ରସ୍ମିତା ସାହୁ, ପାରଳାଖେମୁଣ୍ଡି ଏସଡିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମ୍ଏଫସିଠ ସତ୍ୟଜିତ ପାଣି, ଆର୍.ଉଦୟଗିରି କୋର୍ଟର ସିଭିଲଜଜ୍ ସିନିୟର ଡିଭିଜନ ସୌଦାମିନୀ ବିଶ୍ୱାଳ, ଆର୍.ଉଦୟଗରି ଜେଏମ୍ଏଫସି ତରୁଣ କୁମାର ସେଠୀ, ମୋହନା ଜେଏମ୍ଏଫସି ସୁଭଜିତ ବେହେରା, କାଶୀନଗର ଗ୍ରାମ୍ୟ ନ୍ୟାୟାଧିକାରୀ ମୋନାଲି ବେହେରା ନିଜ ନିଜ ଆଦାଲତରେ ଉପସ୍ଥିତ ରହି ଜାତୀୟ ଲୋକ ଆଦାଲତ ପରିଚାଳନା କରିଥିଲେ। ଏହି ଲୋକ ଆଦାଲତରେ ମୋଟ ୩,୫୪୨ଟି ମାମଲା ଗ୍ରହଣ କରାଯାଇଥିଲା। ୨,୭୫୩ର ମାମଲା ନିଷ୍ପତ୍ତି ହୋଇଥିଲା ଏବଂ ମୋଟ ୨୫,୨୦,୬୭୯ ଟଙ୍କା ସମାଧାନ ରାଶି ନିର୍ଦ୍ଧାରଣ କରାଯାଇଥିଲା।

## ବିଦ୍ୟାଳୟସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ଜି.ଉଦୟଗିରି,୧୩।୧୨(ସମିସ): ଜି.ଉଦୟଗିରି ଏନଏସି ଅନ୍ତର୍ଗତ ରାବାନାୟୁ ପ୍ରାଥମିକ ବିଦ୍ୟାଳୟରେ ୨ ଦିନିଆ ବିଦ୍ୟାଳୟସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏବିଓ ମିହିର କାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ପି.ମଧୁସ୍ମିତା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ




ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ତୃପ୍ତି ପ୍ରଧାନ ସହ ଅନ୍ୟ ୧୪ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ କର୍ମଶାଳାରେ ପ୍ରଶିକ୍ଷଣ ନେଇଥିଲେ। ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସହଜ, ଆକର୍ଷଣୀୟ ଓ ପ୍ରାୟୋଗିକ ଶିକ୍ଷା ପ୍ରଦାନ କରିବା ପାଇଁ ନୂତନ ଓ ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା। ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀକୁ ଶ୍ରେଣୀ କକ୍ଷରେ ବ୍ୟବହାର କରି ଶିକ୍ଷା ଦାନକୁ ଅଧିକ ରୁଚିକର ଓ ଫଳପ୍ରଦ କରିବା ଉପରେ ଆଲୋଚନା କରାଯାଇଥିଲା। କର୍ମଶାଳାର ଶେଷ ଦିନରେ ପ୍ରସ୍ତୁତ ହୋଇଥିବା ସମସ୍ତ ଶିକ୍ଷଣ ସାମଗ୍ରୀର ପ୍ରଦର୍ଶନ କରାଯାଇ ଶିକ୍ଷକମାନଙ୍କ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ଏହି ପ୍ରକାର କର୍ମଶାଳା ଦ୍ୱାରା ଶିକ୍ଷାର ଗୁଣମାନ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଥିଲା।

### ନାଏବ ସରପଞ୍ଚ ଓ ୱାର୍ଡସଭ୍ୟ ମହାସଂଘ କାର୍ଯ୍ୟକାରିଣୀ ବୈଠକ

# ଅଧିକାର ସାବ୍ୟସ୍ତ ପାଇଁ ଲଢ଼େଇ କରିବାକୁ ଆହ୍ୱାନ

ଫିରିଙ୍ଗିଆ,୧୩।୧୨(ସମିସ)



ଫିରିଙ୍ଗିଆ ବ୍ଲକ ଡ଼ିମିରିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହରେ ନାଏବ ସରପଞ୍ଚ, ୱାର୍ଡସଭ୍ୟ ମହାସଂଘର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଜନପ୍ରତିନିଧି ନିଜର କର୍ତ୍ତବ୍ୟ, ନିଷ୍ଠା ଓ ୱାଡର୍‌ର ବିକାଶ ସହ ପଞ୍ଚାୟତର ବିକାଶ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ୱାଡର୍‌ସଭ୍ୟ କିମ୍ବା ନାଏବ ସରପଞ୍ଚଙ୍କୁ ପଞ୍ଚାୟତ ଅଧିକାରୀ ଅଣଦେଖା କଲେ ନିରବ ନରହି ନିଜ ଅଧିକାର ସାବ୍ୟସ୍ତ କରିବା ସହ ୱାଡର୍‌ସଭ୍ୟ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ସମୟର ପଦକ୍ଷେପ କ'ଣ ରହିବ ସେ ନେଇ ଆଲୋଚନା ହୋଇଥିଲା। ନୂତନ ବର୍ଷରେ ରାଜ୍ୟ ୱାଡର୍‌ମେମ୍ବର ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପୂର୍ବକ ଦାବିପତ୍ର ପ୍ରଦାନ ସହ କନ୍ଧମାଳ ଜିଲ୍ଲାସ୍ତରୀୟ ରାଲି ମାଧ୍ୟମରେ ଦାବିପତ୍ର ଦିଆଯିବ। ଏଥିନିମନ୍ତେ ଜିଲ୍ଲାରେ ବ୍ଲକସ୍ତରୀୟ ବୈଠକ କରି ସମସ୍ତଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜ୍ୟ ୱାଡର୍‌ମେମ୍ବର ସଂଘ ସାଧାରଣ ସମ୍ପାଦକ ତଥା କନ୍ଧମାଳ ଜିଲ୍ଲା ସମ୍ପାଦକ ପରମାନନ୍ଦ ନାୟକ, କନ୍ଧମାଳ ଜିଲ୍ଲା ସଭାପତି ସଂଜୀବ କୁମାର ଦିଗାଲ, ଡ଼ିମିରିଗୁଡା ସରପଞ୍ଚ ମନୋଜ କହଁର, ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରମୋଦ ଦିଗାଲ, ଉପଦେଷ୍ଟା ଗଣେଶ୍ୱର ପ୍ରଧାନ, ବାଲିଗୁଡା ବ୍ଲକ ଲିଡର ରଞ୍ଜିତ କୁମାର ଦିଗାଲ, ଫିରିଙ୍ଗିଆ ବ୍ଲକଲିଡର ସଂକୀର୍ତ୍ତନ ସାହାଣୀ, ସଭାନେତ୍ରୀ ବନିତା କହଁର ଏବଂ ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତର ବହୁ ୱାର୍ଡମେମ୍ବର, ନାଏବ ସରପଞ୍ଚ ବୈଠକରେ ଉପସ୍ଥିତ ଥିଲେ।

# ୭୦୦ ବସ୍ତା ସିମେଣ୍ଟ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ଦେବଗଡ଼,୧୩ା୧୨(ସମିସ): ପ୍ରାୟ ୪ ମାସ ପୂର୍ବେ ଦେବଗଡ଼ ଥାନା କଣ୍ଢେଳ ଅଞ୍ଚଳରୁ ଚଞ୍ଚକତା ପୂର୍ବକ ୭୦୦ ବସ୍ତା ସିମେଣ୍ଟ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଶନିବାର ପୁଲିସ ଗିରଫ



କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଉକ୍ତ ଘଟଣାରେ ପୁଲିସ ପୂର୍ବରୁ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଆଜି ଗିରଫ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ଗତ ଅଗଷ୍ଟରେ ବାରକୋଟ ଥାନାଞ୍ଚଳ କଲା ଗାଁର ସତ୍ୟଜିତ ପ୍ରଧାନ ନାମକ ଜଣେ ସିମେଣ୍ଟ ବ୍ୟବସାୟୀ ରାୟପୁରରୁ ଏକ ଟ୍ରକ ଯୋଗେ ୭୦୦ ବସ୍ତା ସିମେଣ୍ଟ ମଗାଇଥିଲେ। ଟ୍ରକ ଆସି କଣ୍ଢେଳ ଗାଁରେ ଅଟକି ଥିବା ବେଳେ ବାରକୋଟ ଥାନା ରାଜମୁଣ୍ଡା ଗାଁର ରଞ୍ଜନ ମହନ୍ତ ଓ ଦେବଗଡ଼ ଥାନା ବରଘାଟ ଗାଁର ଟୁନା ଜୟପୁରିଆ ସିମେଣ୍ଟ ବୋଝେଇ ଟ୍ରକର ଚାଳକଙ୍କୁ ମିଛକଥା କହି ଚଞ୍ଚକତା ପୂର୍ବକ ଜରେଇଖେଲା ଗାଁକୁ ଡାକି ନେଇଥିଲେ। ସେଠାରେ ଅନ୍ୟ ଏକ ପିକ୍‌ଅପ୍ ଭ୍ୟାନ ଏବଂ ୪୦୭ ଗାଡି ଯୋଗେ ଉପରୋକ୍ତ ସିମେଣ୍ଟକୁ ଚୋରିକରି ନେଇ ଯାଇଥିଲେ। ସିମେଣ୍ଟ ବ୍ୟବସାୟୀ ସତ୍ୟଜିତ ଅଗଷ୍ଟ ୧୯ ତାରିଖ ସକାଳେ ଟ୍ରକର ଚାଳକଙ୍କୁ ଯୋଗାଯୋଗ କରିବା ପରେ ସିମେଣ୍ଟ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଦେବଗଡ଼ ଥାନାରେ ଅଭିଯୋଗ ଦାଖଲ କରିଥିଲେ। ଏହାପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ବରଘାଟ ଗାଁର ଟୁନା ଜୟପୁରିଆ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଥିଲା। ତାକୁ ପୁଲିସ ଗିରଫ କରିବା ସହିତ ଚୋରି ହୋଇଥିବା ସିମେଣ୍ଟ ଉଦ୍ଧାର କରି ସତ୍ୟଜିତଙ୍କୁ ହସ୍ତାନ୍ତର କରିଥିଲା। ମାତ୍ର ସିମେଣ୍ଟ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ବାରକୋଟ ଥାନାଞ୍ଚଳ ରାଜମୁଣ୍ଡା ଗାଁର ରଞ୍ଜନ ମହନ୍ତ ଫେରାର ଥିଲା। ଆଜି ରଞ୍ଜନକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗିରଫ ରଞ୍ଜନ ବିରୋଧରେ ପୂର୍ବରୁ ଦେବଗଡ଼ ଓ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଥାନାରେ ଠକେଇ, ଚୋରି ଓ ବେଆଇନ ମଦ କାରବାର ଆଦି ବହୁ ଅଭିଯୋଗ ରହିଥିବା ଜଣାପଡିଛି।

# ପ୍ରଦୂଷଣ ବିରୋଧରେ ଗ୍ରାମବାସୀଙ୍କ ରାସ୍ତାରୋକ





ଝାରସୁଗୁଡ଼ା,୧୩ା୧୨(ସମିସ):

ବ୍ରଜରାଜନଗର ପୌରପରିଷଦ ଅଧୀନ ମଧୁବନନଗର ଗାଁରେ ପ୍ରଦୂଷଣ ଏବଂ ବିଭିନ୍ନ ସମସ୍ୟାକୁ ନେଇ ଶନିବାର ଗ୍ରାମବାସୀ ତାତିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ସମସ୍ୟାର ସମାଧାନ ହୋଇ ନ ଥିଲା। ଫଳରେ ବାଧ ହୋଇ ମଧୁବନ ନଗରର ବାଇପାସ୍ ରାସ୍ତାକୁ ଶତାଧିକ ମହିଳା ଓ ପୁରୁଷ ୪ ଘଣ୍ଟା ଧରି ଅବରୋଧ କରିଥିଲେ। କୋଇଲା ଖଣି ମ୍ୟାନେଜରଙ୍କ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ଲଜକୁରା ଓ ସମଲେଶ୍ୱରୀ ଖୋଲା ମୁହଁ କୋଇଲା ଖଣିରୁ ଦୈନିକ ଶହ ଶହ କୋଇଲା ବୋଝେଇ ଟ୍ରକ ଏହି ବାଇପାସ୍ ରାସ୍ତା ଦେଇ ୪୯ ନଂ ଜାତୀୟ ରାଜପଥକୁ ଯାଇଥାଏ। ଆଖ ପାଖ ଅଞ୍ଚଳରେ ରହୁଥିବା ଜନସାଧାରଣ ପ୍ରଦୂଷଣ କାରଣରୁ ଅତିଷ୍ଠ ହୋଇପଡିବା ସହ କୋଇଲା ଧୂଳି ଯୋଗୁଁ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ସମସ୍ୟାକୁ ନେଇ

## ଖଣି ମ୍ୟାନେଜରଙ୍କ ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

ମହାନଦୀ କୋଇଲା କମ୍ପାନୀ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଛି। ଏହାସତ୍ତ୍ୱେ କେହି ଦୃଷ୍ଟି ଦେଉ ନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। କୋଇଲା କମ୍ପାନୀ କର୍ତ୍ତୃପକ୍ଷ ଧୂଳି ଉଡୁଥିବା ଏହି ରାସ୍ତାରେ ପ୍ରତ୍ୟେକ ଦିନ ଟ୍ୟାଙ୍କର ଯୋଗେ ପାଣି ପକାଇବା ବ୍ୟବସ୍ଥା ଥିବା ନିୟମକୁ ଖୋଲାଖୋଲି ଉଲଂଘନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାସହିତ ଗାଁରେ ହେଉଥିବା ଅନ୍ୟାନ୍ୟ ସମସ୍ୟାକୁ ନେଇ ଶନିବାର ସକାଳ ୮ରେ ମଧୁବନ ନଗର ବାଇପାସ୍ ରାସ୍ତାକୁ ଗ୍ରାମବାସୀ ମଧ୍ୟାହ୍ନ ୧୨ଟା ବନ୍ଦ କରିଥିଲେ। ଏହାଦ୍ୱାରା ଯାନବାହାନ ଚଳାଚଳକୁ ସମ୍ପୂର୍ଣ୍ଣ ଅଟକି ରହିଥିଲା। ଏହି ବାଇପାସ୍ ରାସ୍ତାରେ ପାଣି ପଡୁନଥିବାରୁ କୋଇଲା ଧୂଳି ଘରମାନଙ୍କରେ ପଶିବା ସହ ଗାଁରେ ଥିବା ପୋଖରୀରେ ଯାଇ ପଡୁଛି। ଫଳରେ ପୋଖରୀ ପାଣିକୁ ଗ୍ରାମବାସୀ ବ୍ୟବହାର କରିପାରୁ ନାହାନ୍ତି। ଗ୍ରାମବାସୀଙ୍କ ରାସ୍ତାରୋକ ପରେ ଲଜକୁରା ଖୋଲା ମୁହଁ କୋଇଲା ଖଣି ମ୍ୟାନେଜର ନବୀନ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଦୈନିକ ୪ ଥର ଟ୍ୟାଙ୍କର ଯୋଗେ ପାଣି ପକାଇବାକୁ ପ୍ରତିଶ୍ରୁତି ଦେଲା ପରେ ଗ୍ରାମବାସୀ ରାସ୍ତାରୋକରୁ ହଟିଥିଲେ।

■ ଲକ୍ଷେ ଟଙ୍କାର ଚେକ୍ ବାଉନ୍ସ

# କ୍ଷତିପୂରଣ ସହିତ ବ୍ୟବସାୟୀଙ୍କୁ ଜେଲ୍ ଦଣ୍ଡ

ଦେବଗଡ଼,୧୩ା୧୨(ସମିସ): ଦେବଗଡ଼ ଏସ୍‌ଡିଜେଏମ୍ ଧନଞ୍ଜୟ ନାୟକ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଧୀନ ଜେମାମାଳ ଗାଁର ଜଣେ ବ୍ୟବସାୟୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଉକ୍ତ ବ୍ୟବସାୟୀଙ୍କୁ ୩ ମାସ ଜେଲ ଦଣ୍ଡାଦେଶ ସହିତ କ୍ଷତିପୂରଣ ବାବଦକୁ ୧ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ୍ କପାସିରା ଗାଁର ବୈକୁଣ୍ଠ ଗଡନାୟକ ନାମକ ଜଣେ ଢାବା ମାଲିକ ସୋଲାର ଲାଇଟ ଖଞ୍ଜିବା ନିମନ୍ତେ ଗତ ୨୦୧୯ ଅଗଷ୍ଟ ୨୦ ତାରିଖ ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଧୀନ ଜେମାମାଳ ଗାଁର ବ୍ୟବସାୟୀ ରାମଚନ୍ଦ୍ର ପଟେଲଙ୍କୁ ନଗଦ ଏକଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମାତ୍ର ରାମଚନ୍ଦ୍ର ଦୀର୍ଘଦିନ ପର୍ଯ୍ୟନ୍ତ ସୋଲାର ଲାଇଟ ଖଞ୍ଜି ନଥିଲେ। ବାରମ୍ବାର କହିବା ସତ୍ତ୍ୱେ ରାମଚନ୍ଦ୍ର ସୋଲାର ଲାଇଟ ନଖଞ୍ଜିବାରୁ ଶେଷରେ ବାଧ ହୋଇ ବୈକୁଣ୍ଠ ଟଙ୍କା ଫେରସ୍ତ ମାଗିଥିଲେ। ତେବେ ରାମଚନ୍ଦ୍ର ନଗଦ ଟଙ୍କା ନଫେରାଇ ୨୦୧୯ ସେପ୍ଟେମ୍ବର ୩୦ରେ ତାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ୨ଟି ଚେକ୍ (ମୋଟ ଏକଲକ୍ଷ ଟଙ୍କାର) ପ୍ରଦାନ କରିଥିଲେ। ବୈକୁଣ୍ଠ ସେହିବର୍ଷ ଅକ୍ଟୋବର ୧୬ରେ ଉକ୍ତ ଚେକ ଦ୍ୱୟକୁ ଦେବଗଡ଼ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଜମା କରିଥିଲେ। ହେଲେ ରାମଚନ୍ଦ୍ରଙ୍କ ଆକାଉଣ୍ଟରେ ଆବଶ୍ୟକ ପରିମାଣର ଟଙ୍କା ନଥିବାରୁ ଚେକ ଦ୍ୱୟ ବାଉନ୍ସ ହୋଇଥିଲା। ଫଳରେ ବୈକୁଣ୍ଠ ଏନେଇ ଏସ୍‌ଡିଜେଏମ୍ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଏନ୍‌ଆଇ ଆକ୍ଟରେ ଏକ ମାମଲା ରୁଜୁ କରିବା ସହ ମାମଲାର ବିଚାର କରି ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ଜଣାପଡିଛି। ଏଠାରେ ସୂଚନା ଯୋଗ୍ୟ ଯେ, ବୈକୁଣ୍ଠଙ୍କୁ କ୍ଷତିପୂରଣ ବାବଦକୁ ୧ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ ନକଲେ ଅଧିକ ୧୫ ଦିନ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି।

# ଇଜେଭି ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଝାରସୁଗୁଡ଼ା,୧୩ା୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ମାଲଡା ଗାଁ ଠାରେ ଇଜେଭି ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ ପରୀକ୍ଷା ଶିବିର ଓ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରିପୁରା ଅଧୀନ ମାଲଡା ଗାଁ ଠାରେ ଇଜେଭି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ପରାମର୍ଶ ଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଶିବିର ସଞ୍ଜିବନୀ ହସ୍ପିଟାଲର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମେଡିସିନ ବିଶେଷଜ୍ଞ ଡ.ଅସୀମ ମହାନ୍ତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ରୋଶନ ସମଦ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡ.ନିର୍ବାଣ ଅଗ୍ରୱାଲ ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହା ସହିତ ଆବଶ୍ୟକୀୟ ଔଷଧ ପ୍ରଦାନ ଓ ଲମ୍ବା ଚିକିତ୍ସା ପାଇଁ ସଞ୍ଜିବନୀ ହସ୍ପିଟାଲ ଦ୍ୱାରା ଅତିକମରେ



ଚିକିତ୍ସା କରାଯାଇ ପାରିବ ବୋଲି ପରାମର୍ଶ ଦିଆଯାଇଥିଲା। ଉପସ୍ଥିତ ଡାକ୍ତର ମାନଙ୍କୁ ପୁଷ୍ପଗୁଚ୍ଛ ସହିତ ସ୍ମୃତି ଚିହ୍ନ ଦିଆଯାଇ ସମ୍ମାନିତ କରାଯାଇଥିଲା। ବିଶେଷ ଭାବେ ନିକଟସ୍ଥ ଆଶା ଦିଦି ଓ ସଞ୍ଜୀବନୀ ହସ୍ପିଟାଲର ମ୍ୟାନେଜର ଶୋଭାନା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇଜେଭି ଫାଉଣ୍ଡେସନର ମାନସୀ ପଣ୍ଡା, ରାଜେଶ ପାଢ଼ୀ, ଗଙ୍ଗାଧର ମେହେର, ପ୍ରିୟାରାୟ, ଅନ୍ତର୍ଯ୍ୟମୀ ପାଣିଗ୍ରାହୀ, ପବିତ୍ର ସ୍ୱାଇଁ, ସୋଭନା ସୋହେଲା, ପୁନମ ପଟେଲ, ବିଡିୟା ନାୟକ, ସୁମିତ୍ରା ପଣ୍ଡା, ସସ୍ମିତା ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

# ନବଜାତ ଶିଶୁର ମୃତଦେହ ଉଦ୍ଧାର

ଝାରସୁଗୁଡ଼ା,୧୩ା୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଟାଉନ ଥାନା ଅଧୀନ ମଙ୍ଗଳବଜାର ଛକ ନିକଟରେ ଜଣେ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ଶନିବାର ସକାଳେ ଏକ ଶିଶୁକୁ ପ୍ଲାଷ୍ଟିକ ଅଖା ଭିତରେ ପୂରାଇ ଉପରେ ଧଳାରଙ୍ଗ କପଡା ଘୋଡାଇ କେହି ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଲୋକ ଏହା ଦେଖି ଟାଉନ ଥାନା ପୁଲିସକୁ ସୂଚନା ଦେଇଥିଲେ। ଜନ୍ମ ପରେ କେହି ନବଜାତଙ୍କୁ ଫିଙ୍ଗି ଦେଇଛି ନା ନବଜାତର ମୃତ୍ୟୁ ପରେ ତାଙ୍କୁ ଫିଙ୍ଗି ଦେଇଛି ଏନେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଥିଲା। ସାଇଣ୍ଟିଫିକ ଟିମ୍ ମଧ ପହଞ୍ଚି ତଦନ୍ତ କରିଥିଲା। ଉଦ୍ଧାର ମୃତ ଶିଶୁଟି ପ୍ରାକ ବିକଶିତ ହୋଇଥିବା ନେଇ ଜଣାପଡିଛି। ଝାରସୁଗୁଡ଼ା ଟାଉନ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ଅଞ୍ଚଳର ସିସିଟିଭି ଗୁଡ଼ିକୁ ପରୀକ୍ଷା କରାଯାଉଥିବା ପୁଲିସ ତରଫରୁ ସୂଚନା ରହିଛି।

# ବିଭିନ୍ନ ସ୍ଥାନରେ ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା





## ଜିଲ୍ଲା କ୍ରୀଡ଼ା ସଂସଦ

ଦେବଗଡ଼,୧୩ା୧୨(ସମିସ): ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ତିନିଦିନ ଧରି ଚାଲିଥିବା ଜିଲ୍ଲା ସ୍ତରୀୟ ବାର୍ଷିକ ଦୌଡକୁଦ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସଦର ଉପ ସଭାପତି ସତ୍ୟ ନାରାୟଣ ମିଶ୍ର, କବାଡି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ ଓ କୋଷାଧକ୍ଷ ପ୍ରଭାତ ପ୍ରଧାନ ମଞ୍ଚାସୀନ ଥିଲେ। ୩ ଦିନ ଧରି ଆୟୋଜିତ ହୋଇଥିବା ପ୍ରତିଯୋଗିତାରେ ଜିଲ୍ଲାର ୩ଟି ଯାକ ବ୍ଲକ୍‌ରୁ ୧୪ରୁ ୨୦ ବର୍ଷ ବର୍ଗର ୨୨୦ ଜଣ ପୁରୁଷ ଓ ୮୦ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫୦ ଜଣ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କିଶୋର ରାୟ, ସୁଧିର ଦାସ, ପ୍ରଦୀପ ମହାପାତ୍ର, ଅଞ୍ଜନ ପ୍ରଧାନ, ଡିଲେଶ୍ୱର ପ୍ରଧାନ, ଅବନୀ କାନ୍ତ ମିଶ୍ର, ମନୋଜ ଆଚାର୍ଯ୍ୟ, ଚିତରଞ୍ଜନ ଦାସ, ପ୍ରମୋଦ ଡୁଙ୍ଗଡୁଙ୍ଗ, ପ୍ରଦୀପତ ବେହେରା, ନେତ୍ରାନନ୍ଦ ବେହେରା, ଅନ୍ତର୍ଯ୍ୟାମୀ ପ୍ରଧାନ, ରଞ୍ଜିତ ପ୍ରଧାନ ଓ ସୌରଭ ନାୟକ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରୁ ମନୋନୀତ କୃତୀ ପ୍ରତିଯୋଗୀ ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ଦେବଗଡ଼ ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସୂଚନା ମିଳିଛି।

## ବରପାଲି ପ୍ରାଥମିକ ସ୍କୁଲ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ବରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପଟେଲଙ୍କ ସଭାପତିତ୍ୱରେ ଗାଁର ଫୁଟବଲ୍ ପଡିଆ ଠାରେ ଉତ୍ସବ ପରିଚାଳନା ହୋଇଛି। ପ୍ରତିଯୋଗିତାରେ ଉଭୟ ବାଳକ ଏବଂ ବାଳିକା ବର୍ଗରେ ଦୌଡକୁଦ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟପୁଟ, ଡିସକସ, କବାଡି ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ରାଉତ, ସୌଦାମିନୀ ସିଂ ଲାଲୁ, ଲକ୍ଷ୍ମଣ ସେଟ, ଚୈତନ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅନିତା ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଡଲିରାଣୀ ପଟେଲ ଓ ସୁନୀତା ପଟେଲ କ୍ରୀଡା ପରିଚାଳନା କରିଥିଲେ। ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରି, ସ୍କୁଲ୍ ପରିଚାଳନା କମିଟି ସଦସ୍ୟ ସଦସ୍ୟାଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଶିକ୍ଷୟିତ୍ରି ଡଲିରାଣୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଆଥଲେଟିକ ଆସୋସିଏସନ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ବ୍ରଜରାଜନଗର ମଣ୍ଡଳିଆ ଭିଏସଏସ ଷ୍ଟାଡିୟମ ଠାରେ ଆୟୋଜିତ ହେଉଥିବା ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି।




ମହାନଦୀ କୋଇଲା କମ୍ପାନୀ ଇବ ଭ୍ୟାଲି ଏରିଆ ସହାୟତାରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜେନେରାଲ ମେନେଜର ଏମ୍‌ସିଏଲ ଇବ ଭ୍ୟାଲି ଏରିଆ ଜିତେନ୍ଦ୍ର ତିୱାରି ଯୋଗ ଦେଇଥିଲେ। ଏପିଏମ ଏମ୍‌ସିଏଲ ଦ୍ୱାରିକା ପ୍ରସାଦ, ଡିଏଭି ସ୍କୁଲ ପ୍ରିନ୍ସିପାଲ ସୁଶାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲ୍ଲା ଆଥେଲେଟିକ ଆସୋସିଏସନର କାର୍ଯ୍ୟକାରୀ ସଭାପତି ତାପସ ରାୟଚୌଧୁରୀ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ବ୍ରିଜେଶ ଶର୍ମା, ସନ୍ଦୀପ ଅବସ୍ଥି, ବିଜୟ ଦାସ, ବିଜୟ ବେହେରା, ଗଣେଶ ନାୟକ, ଜୀବନ ମହାନ୍ତି, ମାନସ ଆଚାର୍ଯ୍ୟ, ସୁଶାନ୍ତ ମାଲି, ରୋମାଞ୍ଚ ପଟେଲ, ପ୍ରତିଭା ମହାପାତ୍ର, କୈଳାଶ ନାୟକ, ସଂଗ୍ରାମ ପାଇକରାୟ, ସତପାଲ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଆୟୋଜିତ ବାର୍ଷିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। କ୍ରୀଡା ପ୍ରତିଯୋଗିତାରେ ଜିଲ୍ଲା ଆଥେଲେଟିକ ଆସୋସିଏସନର ୪୦ ଜଣରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରୁଛନ୍ତି।

# ବୃତ୍ତି ମାର୍ଗଦର୍ଶନ ତାଲିମ ଶିବିର ଉଦ୍‌ଯାପିତ



ରିଆମାଳ,୧୩ା୧୨(ସମିସ): ରିଆମାଳ ବ୍ଲକ୍ ବୁଡିଦୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନିଆ ବୃତ୍ତି ମାର୍ଗଦର୍ଶନ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ବିଦ୍ୟାଳୟ ସ୍ତରରେ ବୃତ୍ତିଗତ ଶିକ୍ଷାର ଆବଶ୍ୟକତା, ଲକ୍ଷ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏବିଇଓ ବନିତା ବେହେରା ଓ ଏବିଇଓ ମହେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବୁଡିଦୋ ସିଆରସିସି ବସନ୍ତ ବେହେରା ଉପସ୍ଥିତ ଥିବା ବେଳେ ସୁମନ୍ତ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସାଧନକର୍ମୀ ଭାବେ ବିଶ୍ୱଜିତ ବେହେରା ଓ ହରେନ ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ଏବିଇଓ ବନିତା ବେହେରା ସଭାପତିତ୍ୱ କରିଥିଲେ। ସେହିପରି ଏବିଇଓ ମହେଶ୍ୱର ବେହେରା ଉପସ୍ଥିତ ଥିଲେ। ମୋଟ ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ତାଲିମ ଶିବିରରେ ଅଂଶଗ୍ରହଣ କରିଥିଲେ। ଉଷାରାଣି ତୀରକି ତାଲିମର ନିର୍ଯାସ ବ୍ୟାଖ୍ୟା କରିଥିବା ବେଳେ, ଅନୁପମା ସାହୁ ତାଲିମର ଉପକାରିତା ସମ୍ପର୍କରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ବୁଡିଦୋ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ବ୍ଲକ୍‌ର ସମସ୍ତ ଉଚ୍ଚ ଓ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

# ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଚେତନତା ସଭା



ରିଆମାଳ,୧୩ା୧୨(ସମିସ): ରିଆମାଳ ବ୍ଲକ୍ ତାରଙ୍ଗ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସ୍ୱଳ୍ପଘଟି ଶ୍ରୀ ଶ୍ରୀ କାରେଶ୍ୱର ଶିବ ମନ୍ଦିରରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରାଙ୍କ ସଭାପତିତ୍ୱରେ ଶିକ୍ଷକ ସଞ୍ଜୟ ପ୍ରଧାନ ସଂଯୋଜନା କରିଥିଲେ। ମନ୍ଦିର ପ୍ରାଙ୍ଗଣ ଓ ବାହାର କିପରି ପ୍ଲାଷ୍ଟିକ ମୁକ୍ତ ରହିବ, ଡଷ୍ଟବିନ୍‌ର ବ୍ୟବହାର ଉପରେ ସଚେତନତା କରିଥିଲେ। ଏହି ଅବସରରେ ବୃକ୍ଷରୋପଣ କରାଯିବା ସହ ଦୁଇଟି ଡଷ୍ଟବିନ୍ ସ୍ଥାପନା କରାଯାଇ ଥିଲା। ଇକୋ କ୍ଲବ୍ ଶିକ୍ଷକ ଅଜୟ ପାତ୍ର, ମଧୁସ୍ମିତା ପ୍ରଧାନ, ଭାରତୀ ବାଇ, ଦାଶରଥି ବାଘ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ନବମ ଓ ଦଶମ ଛାତ୍ରଛାତ୍ରୀଙ୍କ ସହ ମନ୍ଦିର ସଭ୍ୟ ପ୍ରସନ୍ନ ସାହୁ ଉପସ୍ଥିତ ଥିଲେ।

## ୨୧ ତମ ଜାତୀୟ ନାଟକ ଓ ନୃତ୍ୟୋତ୍ସବ

# ଚତୁର୍ଥ ସନ୍ଧ୍ୟାରେ ନାଟକ 'ଆମେ ସବୁ ମରି ସାରିଛେ' ପ୍ରଦର୍ଶିତ

ଦେବଗଡ଼,୧୩ା୧୨(ସମିସ):

ରାଜ୍ୟର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲ ଠାରେ ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ୨୧ ତମ ସର୍ବ ଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବର ଆଜି ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ନାଟକ 'ଆମେ ସବୁ ମରି ସାରିଛେ' ମଞ୍ଚସ୍ଥ ହୋଇଛି। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରାରମ୍ଭିକ ସଭାରେ ଅତିଥି ଭାବେ ଇଂ.ଚିତ୍ତରଞ୍ଜନ ପ୍ରଧାନ, ସାଂସଦଙ୍କ ତିଳେଇବଣି ବ୍ଲକ୍ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ଓ ତିଳେଇବଣି ବ୍ଲକ୍ ଉପାଧକ୍ଷ ଆରତି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜନ୍ମଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ ନାଟକ ମହୋତ୍ସବକୁ




ଅନୁଷ୍ଠାନର ପୂର୍ବତନ କଳାକାର ସ୍ୱର୍ଗତ ମଙ୍ଗଲ ମହାଙ୍କୁରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜନ କରାଯାଉଛି।

ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଅନୁଗୁଳର 'କଳାକାର' ଅନୁଷ୍ଠାନ ପକ୍ଷରୁ ଦିଲ୍ଲୀପ ବଳବନ୍ତରାୟଙ୍କ ରଚିତ ଓ ଡ.କୃଷ୍ଣଚନ୍ଦ୍ର ଦାଶଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଆମେ ସବୁ ମରି ସାରିଛେ' ମଞ୍ଚସ୍ଥ ହୋଇଥିଲା। ନାଟକରେ ଜନ୍ମ ଆଉ ମୃତ୍ୟୁ ସୃଷ୍ଟିର ଦୁଇ ରହସ୍ୟ ହେଲେ ବି ଅବଧାରିତ ସତ୍ୟ। ତଥାପି ମଣିଷ ମାୟାରେ ବନ୍ଧା ହୋଇ ନାନାଦି ଅଧର୍ମ ଓ କୁକର୍ମରେ ଲିପ୍ତ ରହେ। କିଛି ଘଟଣା ବା ଦୁର୍ଘଟଣାରେ ପ୍ରାଣ ହରେଇ ଇହଧାମ ତ୍ୟାଗ କରି ମୃତ୍ୟୁଲୋକରେ ପହଞ୍ଚି ଥିବା କିଛି ଅଶରୀରି ମଣିଷ ଏନାଟକର ଚରିତ୍ର। ମୃତ୍ୟୁ ଲୋକରେ ପହଞ୍ଚି ମର୍ତ୍ତ୍ୟ ଲୋକରେ କରିଥିବା ନିଜ ନିଜ ଅପକର୍ମର ବିଶ୍ଳେଷଣ ସେମାନେ କରିଛନ୍ତି। କଥାରେ କହନ୍ତି 'ମଣିଷ ପ୍ରକୃତି ମଲେ ତୁଟେ'। କିନ୍ତୁ ଏଠାରେ ଦେଖା ଯାଉଛି, ସେଇ ମଣିଷ ମାନଙ୍କର ମୃତ୍ୟୁ ପରେ ବି କୌଣସି ପରିବର୍ତ୍ତନ ବା ପଶ୍ଚାତାପ ନାହିଁ। ଚିତ୍ରଗୁପ୍ତର ପାଞ୍ଜିରେ ଆଉ ଯମରାଜାର ଜନ୍ତାରେ ପଡି ନାଟକ ଯନ୍ତ୍ରଣା ଭୋଗ କରିବାର ଭୟକୁ ସେମାନେ ଫୁଙ୍କାରରେ ଉଡାଇ ଦେଇଛନ୍ତି ସତ; କିନ୍ତୁ ଶେଷରେ ସେମାନଙ୍କର ମୋହ ଭଙ୍ଗ ହୋଇଛି। ରହସ୍ୟ ଓ ହାସ୍ୟ ରସ ଏ ନାଟକର ମୁଖ୍ୟ ଆଧାର ହୋଇଥିଲେ ହେଁ ନାଟକର ନିହିତ ଶାଣିତ ବ୍ୟଙ୍ଗ ଓ ସାମାଜିକ ମୂଲ୍ୟବୋଧ ଏହାର ମୁଖ୍ୟ ଆକର୍ଷଣ। ନାଟକରେ ରାଜନେତା ଭଜଗୋବିନ୍ଦ ଚରିତ୍ରରେ କୃଷ୍ଣଚନ୍ଦ୍ର, ଇନ୍ସପେକ୍ଟର କେଶବ ଚରିତ୍ରରେ କ୍ଷୀରୋଦ୍, ସମାଜସେବିକା ବିନୋଦିନୀ ଚରିତ୍ରରେ ସୁକାନ୍ତି, ପ୍ରେମୀ ଯୁବକ ସତ୍ୟ ଚରିତ୍ରରେ ଅପୂର୍ବ, ପ୍ରେମିକା ଶ୍ରାବଣୀ ଚରିତ୍ରରେ ଶୁଭସ୍ମିତା, ଗୁଣ୍ଡା ଟୁପା ଚରିତ୍ରରେ ମଣି ରଞ୍ଜନ, ଚିତ୍ରଗୁପ୍ତ ଚରିତ୍ରରେ ବୀରେନ୍ଦ୍ର, ଯମ ଚରିତ୍ରରେ ସଞ୍ଜୀବ ନିଖୁଣ ଅଭିନୟ କରିଥିଲେ।

# କକାଙ୍କୁ ଆକ୍ରମଣ ଘଟଣାରେ ପୁତୁରା ଗିରଫ

ଦେବଗଡ଼,୧୩ା୧୨(ସମିସ): ନିଜର କକାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଦେବଗଡ଼ ଥାନା ପୁଲିସ ଶନିବାର ବଳମ ଗାଁର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରାୟ ଏକମାସ ପୂର୍ବେ ବଳମ ଗାଁର ରକି ମିଶ୍ର(୨୨) ନାମକ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ତା'ର କକା ରଞ୍ଜନ ମିଶ୍ରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ରଞ୍ଜନ ଏହାର ପ୍ରତିବାଦ କରିବାରୁ ରକି ଉତ୍‌କ୍ଷିପ୍ତ ହୋଇ ଏକ କାଠ ଫାଳିଆ ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ରଞ୍ଜନଙ୍କ ଡାହାଣ ଗୋଡ ଭାଙ୍ଗିଯିବା ସହ ତାଙ୍କ ମୁଣ୍ଡରେ ଗୁରୁତର କ୍ଷତ ସୃଷ୍ଟି ହୋଇଥିଲା। ରଞ୍ଜନଙ୍କ ଭଉଣୀ ଭାରତୀ ମିଶ୍ର ପ୍ରତିବାଦ କରିବାରୁ ରକି ତାଙ୍କୁ ମଧ ମାଡ ମାରିଥିଲା। ଭାରତୀ ଗତ ମାସ ୬ ତାରିଖରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ରକି ବିରୁଦ୍ଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଆଜି ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲହାଜତକୁ ପଠାଇ ଦିଆଯାଇଛି।

# ଭୁବନେଶ୍ୱର ସିଟି



# କୁହୁଡ଼ି ମୁକାବିଲା ଲାଗି ବିମାନବନ୍ଦରରେ ଡ୍ରାଏ-ରନ୍



ଭୁବନେଶ୍ୱର, ୧୩।୧୨(ସମିସ): କୁହୁଡ଼ି ସମୟରେ ସୁଗମ, ନିରାପଦ ଏବଂ ନିରବଚ୍ଛିନ୍ନ ବିମାନ ଚଳାଚଳ ସୁନିଶ୍ଚିତ କରିବାକୁ ବିଜୁ ପଟ୍ଟନାୟକ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡ୍ରାଏ ରନ୍ କରାଯାଇଛି। ଏହି ସମୟରେ କରାଯାଇଥିବା ପ୍ରମୁଖ କାର୍ଯ୍ୟ ମଧ୍ୟରେ ସାଇନେଜ୍, ମାର୍କିଂ, ଲାଇଟ୍ ସିଷ୍ଟମ୍ ଏବଂ ଯାତ୍ରୀ ସୁବିଧା ବ୍ୟବସ୍ଥା ସମେତ ଏୟାରସାଇଡ୍ ଏବଂ ଟର୍ମିନାଲ୍ ପ୍ରସ୍ତୁତିର ଯାଞ୍ଚ ଆଦି ସାମିଲ ରହିଛି। ଡାଇଭର୍ସନ, ବିଳମ୍ବ ଏବଂ ଯାତ୍ରୀ ପରିଚାଳନା ପାଇଁ ଆକସ୍ମିକ ପ୍ରୋଟୋକଲର ମଧ୍ୟ ସମୀକ୍ଷା କରାଯାଇଛି। ଦୃଶ୍ୟମାନ ଦୂରତା ସମ୍ବନ୍ଧୀୟ ସହାୟକ ଏବଂ ସମନ୍ୱୟ ଉପକରଣ ସମେତ ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡ଼ିକୁ ଯାଞ୍ଚ କରାଯାଇଛି। କୁହୁଡ଼ି ସମ୍ବନ୍ଧୀୟ ବାଧାବିଘ୍ନ ସମ୍ବନ୍ଧ ସମସ୍ତ ସୂଚନା ପ୍ରଦାନ କରିବା ପାଇଁ ବିମାନବନ୍ଦରରେ ଏକ ଅପରେସନ୍ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରାଯାଇଛି। ବିଶେଷ କରି ଶୀତ କୁହୁଡ଼ି ଭଳି ପାଣିପାଗ ପ୍ରଭାବିତ ସମୟରେ ବିପିଆଇ ବିମାନ ବନ୍ଦର ସୁରକ୍ଷିତ ପରିଚାଳନା ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ନିଜର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଆସୁଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି), ସମସ୍ତ ଏୟାରଲାଇନ୍ସ, ସିଆଇଏସଏଫ, ଅଗ୍ନିଶମ ସେବା, ଇଞ୍ଜିନିୟରିଂ, ବିମାନବନ୍ଦର ପରିଚାଳନା, ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଏଜେନ୍ସି, ପାଣିପାଗ ଅଧିକାରୀ, କ୍ୟାବ ଏଗ୍ରିଗେଟର ଏବଂ ରାଜ୍ୟ ପୁଲିସର ସକ୍ରିୟ ଅଂଶଗ୍ରହଣ ସହିତ ସଫଳତାର ସହ କୁହୁଡ଼ି ମୁକାବିଲା ପ୍ରସ୍ତୁତି ଲାଗି ଡ୍ରାଏ ରନ୍ ଆୟୋଜିତ ହୋଇଥିବା କର୍ତ୍ତୃପକ୍ଷ କହିଛନ୍ତି।

## ଓଡ଼ିଶା ଫାୟାର ସେଫ୍ଟି କଣ୍ଟ୍ରାକ୍ଟର ପ୍ରଶିକ୍ଷଣ କର୍ମଶାଳା



ଭୁବନେଶ୍ୱର, ୧୩।୧୨(ସମିସ): ଓଡ଼ିଶା ଫାୟାର ସେଫ୍ଟି କଣ୍ଟ୍ରାକ୍ଟରମାନଙ୍କ ଅଡିଟ୍ ତଥା ଲାଇସେନ୍ସ ପ୍ରାଧିକରଣ ଟ୍ରେନିଂ ନିମନ୍ତେ ଆରମ୍ଭ ହୋଇଥିବା ଏକ ରାଜ୍ୟସ୍ତରୀୟ କର୍ମଶାଳା ଓଡ଼ିଶା ଫାୟାର ସେଫ୍ଟି ଟ୍ରେନିଂ ସେଣ୍ଟର୍ ଠାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଡିଜି ଫାୟାର ଯୋଗଦେବା ସହ ଆଗାମୀ ଦିନରେ ଆସୁଥିବା ଓଡ଼ିଶା ଫାୟାର ସେଫ୍ଟି କଣ୍ଟ୍ରାକ୍ଟର ମାନଙ୍କ ଅଡିଟ୍ ତଥା ଲାଇସେନ୍ସ ଅଧିଗ୍ରହଣ ପ୍ରକ୍ରିୟା ବିଷୟରେ ଅଂଶଗ୍ରହଣକାରୀଙ୍କୁ ବୁଝାଇଥିଲେ। ବିଗତ ୫ ଦିନ ଧରି ଉକ୍ତ କର୍ମଶାଳାରେ ପ୍ରଦତ୍ତ ପ୍ରଶିକ୍ଷଣର ଉପଯୋଗିତା ସମ୍ବନ୍ଧରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ପ୍ରାୟ ୨୦୦ କଣ୍ଟ୍ରାକ୍ଟରଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଡିଜି ପ୍ରଦାନ କରିଥିଲେ। ଏହିପରି ଏକ କର୍ମଶାଳା ଆଗାମୀ ୨ରୁ ୩ ମାସ ମଧ୍ୟରେ ପୁନଃ ଅନୁଷ୍ଠିତ ହେବ ବୋଲି ମଧ୍ୟ ଡିଜି ସୂଚନା ଦେଇଥିଲେ। ଓଡ଼ିଶାର ନିର୍ମାଣ ନବୀକରଣ ପାଇଁ ଆଗାମୀ ଦିନରେ ଫାୟାର ସେଫ୍ଟିର ଆବଶ୍ୟକତା ଓ ଏହାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା ପୂର୍ବକ ରାଜ୍ୟର କଣ୍ଟ୍ରାକ୍ଟର ଓ ବ୍ୟବସାୟୀମାନେ କିପରି ଟ୍ରେନିଙ୍ଗ ଓ ଟେକ୍ନୋଲୋଜିର ଉପଯୋଗ କରିପାରିବେ ଏହାର ସୁଚିନ୍ତିତ ପରାମର୍ଶ ଦେଇଥିଲେ।

## ପ୍ରଭୁଜୀ ସ୍କୁଲର ବାର୍ଷିକ କ୍ରୀଡ଼ା



ଭୁବନେଶ୍ୱର, ୧୩।୧୨(ସମିସ):ସ୍ଥାନୀୟ ଭିଏସ୍‌ଏସ୍ ନଗର ସ୍ଥିତ ସ୍ୱାମୀ ଶଙ୍କରାନନ୍ଦଗିରି ମହାରାଜାଙ୍କ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩୮ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ପାଳିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡ଼ା ମହୋତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଅର୍ଜୁନ ପୁରସ୍କାରପ୍ରାପ୍ତ ଏବଂ ପୂର୍ବତନ ଡିଜିଏମ୍ ମୀନତି ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ରଣଜୀ କ୍ରିକେଟର ସଞ୍ଜୟ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଏହାପରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ସେହିପରି ଉଦ୍‌ଯାପିତ ଦିବସରେ କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ରୂପାନ୍ୱିତା ପଣ୍ଡା ଯୋଗଦେଇ ବିଦ୍ୟାର୍ଥୀ ଜୀବନରେ କ୍ରୀଡ଼ା ପାଠପଢ଼ାର ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅଲେଖ ଚରଣ ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତିର କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ ଛାତ୍ରୀଛାତ୍ରମାନଙ୍କୁ ଖେଳକୁଦରେ ଅଂଶଗ୍ରହଣ କରି ନିଜର ଭବିଷ୍ୟତକୁ ଆଲୋକିତ କରିବାକୁ ଉପଦେଶ ଦେଇଥିଲେ। ଏହି ଦୁଇଦିନିଆ କ୍ରୀଡ଼ା ମହୋତ୍ସବରେ ୧୦୫ରୁ ଊର୍ଦ୍ଧ୍ୱ ପ୍ରକାର ଖେଳ ପ୍ରଦର୍ଶିତ ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କ୍ରୀଡ଼ା ସଂଯୋଜକ ବୀରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସହସମ୍ପାଦିକା ପ୍ରୀତିନନ୍ଦା ମହାପାତ୍ର, ପରିଚାଳନା ସମିତିର ସଦସ୍ୟା ବୀଣା ମହାପାତ୍ର, ଶିକ୍ଷୟିତ୍ରୀ ବାରିଜା ପଶୁପାଳକ, ଇନ୍ଦିରା ପଟ୍ଟନାୟକ, ପ୍ରତ୍ୟାଶା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଦିବ୍ୟାଙ୍ଗ ଶିଶୁ ମହୋତ୍ସବ

ଭୁବନେଶ୍ୱର, ୧୩।୧୨(ସମିସ): ସାମାଜିକ ଅନୁଷ୍ଠାନ ହେଲ୍ପମେଟ୍ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ଶିଶୁ ମହୋତ୍ସବ ଉତ୍କଳ ଦୃଷ୍ଟିବାଧିତ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଦୃଷ୍ଟିହୀନ ବିଦ୍ୟାଳୟର ଅଷ୍ଟମ, ନବମ, ଦଶମ ଶ୍ରେଣୀ ଓ +୨ର ଉତ୍ତମ ଛାତ୍ରଛାତ୍ରୀଙ୍କୁ ପେନ୍‌ଡ୍ରାଇଭ୍‌ରେ ପାଠ୍ୟପୁସ୍ତକର ରେକର୍ଡିଂ ପ୍ରଦାନ କରାଯାଇଥିଲା। ଅତିଥିଭାବେ ଭିନ୍ନକ୍ଷମ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଉପ ଶାସନସଚିବ ବସନ୍ତ କୁମାର ବେହେରା, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଉଷାରାଣୀ ମହାନ୍ତି, ଶରତ କୁମାର ଦାସ ଉପସ୍ଥିତ ରହି ସାଧନା ଏବଂ ସଫଳତାକୁ ଲକ୍ଷ୍ୟ ରଖି ଚାଲିଲେ ନିଜ ଭିତରେ ପୂର୍ଣ୍ଣତା ଆସିବ ଏବଂ ଦିବ୍ୟାଙ୍ଗମାନଙ୍କର ମହତ୍ତ୍ୱ ବଢ଼ିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ଅଞ୍ଜଳୀ ତ୍ରିପାଠୀ, ସମ୍ପାଦିକା ନିବେଦିତା ଭଞ୍ଜ, ଉପସଭାପତି ନିହାରିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜୟଶ୍ରୀ ପଟ୍ଟନାୟକ ପରିଚାଳନା କରିଥିଲେ ଏବଂ ଶେଷରେ ସହସମ୍ପାଦିକା ଲୀନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ବିଭୁ ହୋତାଙ୍କ ଗଳ୍ପ ସଂକଳନ 'ଟାକୁଆ' ଉନ୍ମୋଚିତ



ଭୁବନେଶ୍ୱର, ୧୩।୧୨(ସମିସ): ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ୭ମ ସଂଧ୍ୟାରେ ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶିତ ବିଭୁ ହୋତାଙ୍କ ଗଳ୍ପ ସଂକଳନ 'ଟାକୁଆ' ଉନ୍ମୋଚିତ ହୋଇଯାଇଛି। ପେନ୍ ଇନ୍ ବୁକ୍ସ ଷ୍ଟଲ ପରିସରରେ ଆୟୋଜିତ ଏହି ସଭାରେ ବିଶିଷ୍ଟ କଥାଶିଳ୍ପୀ ତରୁଣକାନ୍ତି ମିଶ୍ର, ବିଶିଷ୍ଟ କଥାଶିଳ୍ପୀ ଭୀମ ପୃଷ୍ଟି, ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶିକା ମମତା ପଣ୍ଡା ଓ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ପୁସ୍ତକଟି ଉନ୍ମୋଚିତ କରିଥିଲେ। କେବଳ ଗାଁର ଜୀବନ ଓ ଚରିତ୍ରକୁ ନେଇ କାହାଣୀ ଲେଖୁଥିବା ବିଭୁଙ୍କର ଗ୍ରାମ୍ୟ ଶବ୍ଦ ସଂଯୋଜନା ଓ ଲେଖନ ଶୈଳୀ ତାଙ୍କୁ ଅନ୍ୟମାନଙ୍କଠାରୁ ପୃଥକ କରେ ବୋଲି ଅତିଥିମାନେ ମତ ଦେଇଥିଲେ। ପେନ୍ ଇନ୍ ବୁକ୍ସର ସହମହାପ୍ରବନ୍ଧକ ତଥା କବି ପବିତ୍ର ମୋହନ କର ସଭା ପରିଚାଳନା କରିଥିଲେ।

## ମନୋରଞ୍ଜନ ପାଣିଗ୍ରାହୀଙ୍କ 'ପାଟଳ ରଙ୍ଗର ଶବ୍ଦ' ଲୋକାର୍ପିତ



ଭୁବନେଶ୍ୱର, ୧୩।୧୨(ସମିସ): ଏଥେନ ବୁକ୍‌ସ ପରିସରରେ କବି ମନୋରଞ୍ଜନ ପାଣିଗ୍ରାହୀଙ୍କ କବିତା ପୁସ୍ତକ 'ପାଟଳ ରଙ୍ଗର ଶବ୍ଦ'ର ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାମୁଖ୍ୟ ସତ୍ୟନାରାୟଣ ମହାପାତ୍ର ଏବଂ ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟ ମିଶ୍ର ଯୋଗଦେଇ କବିତା ପୁସ୍ତକର ଗଭୀର ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ କବି ରକ୍ଷକ ନାୟକ ଏବଂ ଡ. ଦେବାଶିଷ ମହାପାତ୍ର ରହିଥିବା ବେଳେ ମୁଖ୍ୟବକ୍ତା ଭାବେ କଥାକାର ରମେଶ ପଟ୍ଟନାୟକ ଉପସ୍ଥିତ ଥିଲେ। ଡ. ଶର୍ମିଷ୍ଠା ମହାପାତ୍ର, କବି ଓ କଥାକାର ସୁନନ୍ଦା ପ୍ରଧାନ ପୁସ୍ତକ ସମୀକ୍ଷା କରିଥିଲେ। ଲୋକାର୍ପିତ ପୁସ୍ତକରୁ ଡ. କନକ ମଞ୍ଜରୀ ପଟ୍ଟନାୟକ, କବି ଦୁର୍ଗାଚରଣ ଷଡ଼ଙ୍ଗୀ, କବି ଶର୍ମିଷ୍ଠା ପାଣିଗ୍ରାହୀ ପ୍ରମୁଖ କବିତା ଆବୃତ୍ତି କରିଥିଲେ। ରାଜ କିଶୋର ଦାସ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଗତି ମହାପାତ୍ର (ରାକ୍ଷୀନ), ରଞ୍ଜନା ପଟ୍ଟନାୟକ, ଲକ୍ଷ୍ମଣ ବିଶ୍ୱାଳ, ଶ୍ରୁତି ପାଣିଗ୍ରାହୀ ଉକ୍ତ ସଭାରେ ଯୋଗଦାନ କରି ସଭାକୁ ପରିଚାଳନା କରିଥିଲେ।

**ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ଜାତୀୟ ଆଲୋଚନାଚକ୍ର**

## 'ଶ୍ରୀଜଗନ୍ନାଥ ରହସ୍ୟମୟ ଓ ସମନ୍ୱୟାତ୍ମକ ଦେବତା'



ଭୁବନେଶ୍ୱର, ୧୩।୧୨(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଓ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଦ୍ୱାଦଶ ଜାତୀୟ ସମ୍ମାନ ତଥା ପ୍ରତିଭା ସମ୍ମାନ ଉତ୍ସବ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁରୀସ୍ଥିତ ସ୍ୱାମୀଜୀ ମହୀପ୍ରକାଶ ମଠର ମହନ୍ତ ଶ୍ରୀଶୁଭାନନ୍ଦ ଯୋଗଦେଇ ଶ୍ରୀଜଗନ୍ନାଥଙ୍କୁ ରହସ୍ୟମୟ ଓ ସମନ୍ୱୟାତ୍ମକ ଦେବତା ଭାବେ ବର୍ଣ୍ଣନା କରିବା ସହିତ ନିରନ୍ତର ଗବେଷଣା ଦ୍ୱାରା ଏହି ତତ୍ତ୍ୱ ଲୋକଲୋଚନକୁ ଆସିପାରୁଥିବାରୁ ଆନନ୍ଦ ପ୍ରକଟ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗଦେଇ ଶ୍ରୀଜଗନ୍ନାଥଙ୍କୁ ଓଡ଼ିଆ ଜାତିର ଅସ୍ମିତା ବୋଲି କହିଥିଲେ। ଦୁଇଟି ଅଧିବେଶନରେ ଅନୁଷ୍ଠିତ 'ଶ୍ରୀଜଗନ୍ନାଥ ଚେତନାରେ ସୁଦର୍ଶନ ତତ୍ତ୍ୱ' ଆଲୋଚନାଚକ୍ରରେ ୧୨ଜଣ ଗବେଷକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପ୍ରଫେସର ନିତ୍ୟାନନ୍ଦ ସାହୁ, ଐତିହାସିକ ପ୍ରବୀର କୁମାର ପଟ୍ଟନାୟକ, ପ୍ରଫେସର ଡ. ଧ୍ରୁବଚରଣ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ ପରିଷଦର ସଭାପତି ଡ. ମଥୁରେନ୍ଦ୍ର ପୃଷ୍ଟି ଜଗନ୍ନାଥ ଚେତନାର ମୌଳିକ ଉତ୍ସର ରହସ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଂଗଠନ ସମ୍ପାଦକ ଡ. ବିବେକାନନ୍ଦ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ବସନ୍ତ ମିଶ୍ର ଓ ଡ. ଅଲେଖଚନ୍ଦ୍ର ପଢ଼ିଆରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିଷଦର 'ଶ୍ରୀଜଗନ୍ନାଥ ଚେତନାରେ ଶକ୍ତିତତ୍ତ୍ୱ', ପ୍ରଫେସର ଡ. ଧ୍ରୁବଚରଣ ନାୟକଙ୍କ 'ଜ୍ୟୋତିବ୍ରହ୍ମ ସୁଦର୍ଶନ' ଓ ପରିଷଦର ସଭାପତି ଡ. ମଥୁରେନ୍ଦ୍ର ପୃଷ୍ଟିଙ୍କ 'ଗଣପତି ଚେତନାର ଉନ୍ମେଷ ଓ ଉତ୍ତରଣରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ ହୋଇଥିଲା। ପୁସ୍ତକ ଗୁଡ଼ିକୁ ଡ. ଶରତ ଚନ୍ଦ୍ର ପରିଡ଼ା, ଡ. ମଥୁରେନ୍ଦ୍ର ପୃଷ୍ଟି ଓ ପଣ୍ଡିତ ଜ୍ଞାନରଞ୍ଜନ ପତି ସମୀକ୍ଷା କରିଥିଲେ। ଏହାପରେ ପରିଷଦ ପକ୍ଷରୁ ଶ୍ରୀରାଜେନ୍ଦ୍ର କୁମାର ମହାନ୍ତିଙ୍କୁ 'ଦାରୁବ୍ରହ୍ମ ସମ୍ମାନ', ଡ. ପୀତବାସ ରାଉତରାୟଙ୍କୁ 'ଶିଳାବ୍ରହ୍ମ ସମ୍ମାନ', ଡ. ଅସିତ ମହାନ୍ତିଙ୍କୁ 'ଶୂନ୍ୟବ୍ରହ୍ମ ସମ୍ମାନ' ଏବଂ ପଣ୍ଡିତ ଡ. ଜ୍ଞାନରଞ୍ଜନ ପତିଙ୍କୁ 'ଜ୍ୟୋତିବ୍ରହ୍ମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପରିଷଦର ସାଧାରଣ ସମ୍ପାଦକ ଡ. ଭାସ୍କର ମିଶ୍ର।

## ରାକେଶ ପଣ୍ଡାଙ୍କ ପୁସ୍ତକ 'ନିରୁଦ୍ଦିଷ୍ଟ ନିରବତା' ଉନ୍ମୋଚିତ



ଭୁବନେଶ୍ୱର, ୧୩।୧୨(ସମିସ): ବିଶିଷ୍ଟ ଯୁବ କବି, ଗାଳ୍ପିକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କ ପୁସ୍ତକ 'ନିରୁଦ୍ଦିଷ୍ଟ ନୀରବତା' ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଭୁବେନେଶ୍ୱର ସ୍ଥିତ ବାସଭବନ କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି। ଶ୍ରୀ ପଣ୍ଡାଙ୍କ ଦ୍ୱାରା ରଚିତ ଏବଂ ସାଧନା ଛପାଛପି ପବ୍ଲିକେସନ୍ସ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ୩୦ରୁ ଅଧିକ ହୃଦୟ ଛୁଆଁ ନିବନ୍ଧ ସ୍ଥାନିତ ହୋଇଛି। ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ପଣ୍ଡାଙ୍କୁ ଅନେକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଆଗାମୀ ଲେଖକୀୟ ଯାତ୍ରା ନିମନ୍ତେ ଶୁଭକାମନା ପ୍ରଦାନ କରିଛନ୍ତି।

## ସ୍ୱେଚ୍ଛାସେବୀ ସଂଗଠନ 'ହୁଙ୍କାର ଓଡ଼ିଆଙ୍କର' ବାର୍ଷିକ



ଭୁବନେଶ୍ୱର, ୧୩।୧୨(ସମିସ): କଳିଙ୍ଗବିହାର ମିଶନ କ୍ୟାମ୍ପସ ଠାରୁ ଶନିବାର ସାମାଜିକ ସଂଗଠନ 'ହୁଙ୍କାର ଓଡ଼ିଆଙ୍କର' ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଏସ୍‌ସିପିସିଆର୍ ସଦସ୍ୟ ଚନ୍ଦନା ଦାସ ଯୋଗ ଦେଇଥିବାବେଳେ ଓଏଫ୍‌ଡିସିର ନିର୍ଦ୍ଦେଶକ ପୀୟୁଷ କାନ୍ତ ପାଣି ଯୋଗ ଦେଇଥିଲେ। ଅତିଥିମାନେ ସଂଗଠନର ସ୍ମରଣିକା ଉନ୍ମୋଚନ କରିଥିଲେ। ଏଥିରେ ହୁଙ୍କାର ଓଡ଼ିଆଙ୍କର ସଂଗଠନ ଅଧ୍ୟକ୍ଷ ଶିଶିର କୁମାର ମହାନ୍ତି, ଆଲୋକ ରଞ୍ଜନ ବିଶ୍ୱାଳ, ଚତୁର୍ଭୁଜ ସାହୁ ଓ ମହାଶ୍ୱେତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲା ବେଳେ ଯୋଗେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ।

## ଇନ୍‌କମ୍ ଟ୍ୟାକ୍ସ ଟ୍ରିବ୍ୟୁନାଲର ପୂର୍ବତନ ରେଜିଷ୍ଟ୍ରାର ନଳିନୀ ନନ୍ଦନ ନାୟକଙ୍କ ପରଲୋକ



ଭୁବନେଶ୍ୱର, ୧୩।୧୨(ସମିସ): ଇନ୍‌କମ ଟ୍ୟାକ୍ସ ଟ୍ରିବ୍ୟୁନାଲର ପୂର୍ବତନ ରେଜିଷ୍ଟ୍ରାର ନଳିନୀ ନନ୍ଦନ ନାୟକଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ଅବସର ପରେ ସେ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ବରମୁଣ୍ଡାର ଫକିରମୋହନ ନାଗରିକ ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ବରମୁଣ୍ଡା କଲୋନୀର ପରିବେଶ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଥିବା ସ୍ୱର୍ଗତ ନଳିନୀ ନନ୍ଦନ ନାୟକ ଜଣେ ଅତ୍ୟନ୍ତ ନମ୍ର, ଉଦାରମନା, ପରୋପକାରୀ ଜନପ୍ରିୟ ବ୍ୟକ୍ତି ଭାବେ ପରିଚିତ ଥିଲେ। ଫକିର ମୋହନ ନଗରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱର୍ଗତ ନାୟକଙ୍କ ଅନେକ ଅବଦାନ ଅବିସ୍ମରଣୀୟ ରହିବ। ତାଙ୍କ ବିୟୋଗରେ ବରମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆଉ ନାହାନ୍ତି ବର୍ଷୀୟାନ ସାମ୍ବାଦିକ ଦୁଲାଲ ମିଶ୍ର

ଭୁବନେଶ୍ୱର, ୧୩।୧୨(ସମିସ): ରାଜ୍ୟର ଏକାଧିକ ଓଡ଼ିଆ ସମ୍ବାଦପତ୍ରର ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ବର୍ଷୀୟାନ ସାମ୍ବାଦିକ ଦୁଲାଲ ମିଶ୍ରଙ୍କର ଶନିବାର ୮୩ବର୍ଷ ବୟସରେ



କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଛି। ବର୍ଷକ ତଳେ ସ୍ୱର୍ଗତ ମିଶ୍ରଙ୍କ ପତ୍ନୀ ଶୁଭ୍ରା ମିଶ୍ରଙ୍କ ପରଲୋକ ଘଟିଥିଲା। ସ୍ୱର୍ଗତ ମିଶ୍ରଙ୍କ ନିଜ ବାସସ୍ଥାନ କେନ୍ଦ୍ରାପଡ଼ାସ୍ଥିତ ଇଚ୍ଛାପୁର ହୋଇଥିବାବେଳେ ସେ ଦୀର୍ଘଦିନ ଧରି କଟକ ଓ ଭୁବନେଶ୍ୱରରେ ଅବସ୍ଥାନ କରି ବିଭିନ୍ନ ଓଡ଼ିଆ ସମ୍ବାଦପତ୍ର ସହ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ବରିଷ୍ଠ ସାମ୍ବାଦିକ ସାରଦା ପ୍ରସନ୍ନ ନନ୍ଦ, ପ୍ରଦୋଷ ପଟ୍ଟନାୟକ, ଦେବେନ୍ଦ୍ର ସୁଆର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଅରବିନ୍ଦ ମିଶ୍ର ଓ ସନତ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ମିଶ୍ରଙ୍କ ମରଶରୀରକୁ ସତ୍ୟନଗର ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

**୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**

# ଲାଇଭ୍ ସ୍କେଚ୍; ନିଜ ଛବି ଆଙ୍କିବାକୁ ଭିଡ଼



ଭୁବନେଶ୍ୱର, ୧୩।୧୨(ସମିସ): କଳାକାର କିମ୍ବା ଶିଳ୍ପୀ ହେଉଛନ୍ତି ଭଗବାନଙ୍କ ଦାନ। କାରଣ ସେମାନଙ୍କ ସ୍ପର୍ଶରେ ଜୀବନ୍ତ ହୋଇଉଠେ ଚିତ୍ର। ଯାହାର ଉଦାହରଣ ଦେଖିବାକୁ ମିଳିଛି ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ହେଉଥିବା ୭ମ ରାଜ୍ୟ ପୁସ୍ତକ ମହୋତ୍ସବରେ। ପୁସ୍ତକ ମେଳା ପରିସରରେ ଗ୍ରାହକମାନେ ଏ ଷ୍ଟଲରୁ ସେ ଷ୍ଟଲ ବୁଲି ନିଜ ମନ ପସନ୍ଦର ପୁସ୍ତକ କିଣିବା ସାଙ୍ଗକୁ ଫୁଡ୍ କୋର୍ଟରେ ଶୀତୁଆ ସନ୍ଧ୍ୟାରେ ଚଟ୍‌ପଟା ଖାଦ୍ୟର ମଜା ନେଉଥିଲେ। ସେହିପରି ପୁସ୍ତକ ମେଳା ମୁଖ୍ୟ ମଞ୍ଚରେ ବିଭିନ୍ନ ସାହିତ୍ୟ ସଭାକୁ ମଧ୍ୟ ଦର୍ଶକମାନେ ଉପଭୋଗ କରୁଥିବା ବେଳେ ମୁଖ୍ୟ ଆକର୍ଷଣ ପାଲଟିଥିଲା ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଏକ ଲାଇଭ୍ ସ୍କେଚିଙ୍ଗ। ଏଠାରେ ମହାବିଦ୍ୟାଳୟର ୮ଜଣ ଛାତ୍ର ପାଠକମାନଙ୍କର ଲାଇଭ ସ୍କେଚିଙ୍ଗ କରୁଥିବା ବେଳେ ନିଜର ପ୍ରତିଛବିକୁ ଆଙ୍କିବାକୁ ପିଲାଠୁ ବୟସ୍କ ଯାଏ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଏହି ସ୍କେଚିଙ୍ଗ ୧୫ରୁ ୨୦ ମିନିଟ୍ ସମୟ ଲାଗୁଥିବାରୁ ପ୍ରତ୍ୟେକଙ୍କ ହାତରେ ପୁସ୍ତକ ସମେତ ଏଭଳି ସ୍କେଚିଙ୍ଗ ଦେଖିବାକୁ ମିଳିଥିଲା। ଏଠାରେ ପ୍ରତିଟି ପେନ୍‌ସିଲ ସ୍କେଚିଙ୍ଗ ପାଇଁ ୩୫୦ ଟଙ୍କା ଏବଂ ତୂଳୀରଙ୍ଗ ସ୍କେଚିଙ୍ଗ ଚିତ୍ରକଳା ପାଇଁ ୪୫୦ ଟଙ୍କା ମୂଲ୍ୟ ରହିଥିବା ମହାବିଦ୍ୟାଳୟର ଚିତ୍ରକଳା ବିଭାଗରେ ଅଧ୍ୟୟନରତ ଛାତ୍ର ଶଶୀକାନ୍ତ କହିଛନ୍ତି। ପୁସ୍ତକ ମହୋତ୍ସବରେ ଲାଇଭ୍ ସ୍କେଚିଙ୍ଗ କରିବାର ସୁଯୋଗ ମିଳିବା ଆମ ପାଇଁ ଆନନ୍ଦର ବିଷୟ ଏବଂ ଏହାଦ୍ୱାରା ଆମ ଦକ୍ଷତା ଓ କଳା ନୈପୁଣ୍ୟତାର ବିକାଶ ହେବା ସହ ଅଭିଜ୍ଞତାକୁ ପରିପୁଷ୍ଟ କରୁଥିବା କହିଛନ୍ତି।

ସେହିପରି ଆଗାମୀ ୨୦୨୭ରେ ଭାରତରେ ଜନଗଣନା ହେବାକୁ ଥିବାବେଳେ ଚଳିତ ବର୍ଷ ପୁସ୍ତକ ମହୋତ୍ସବରେ ଜନଗଣନାର ଏକ ଷ୍ଟଲ ନିର୍ମାଣ କରାଯାଇଛି। ଏଠାରେ ଜନଗଣନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଜନଗଣନା ଷ୍ଟଲରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଜନଗଣନା ପୁସ୍ତିକା (୨୦୧୧ ମସିହା ଅନୁଯାୟୀ) ଉପଲବ୍ଧ ରହିଛି। ସେହିପରି ଭାବେ ଟେଲିକମ୍ ବିଭାଗ ପକ୍ଷରୁ ସାଇବର ସଚେତନତା ସୃଷ୍ଟି କରାଯିବା ପାଇଁ ଏକ ଷ୍ଟଲ ନିର୍ମାଣ କରାଯାଇଛି। ଯେଉଁଠାରେ ଡିଜିଟାଲ ଠକାମୀର କିପରି ଆମେ ଶିକାର ନ ହେବା ଏବଂ ସାଇବର ସଚେତନତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଉଛି।

## ବଡ଼ଦିନ ଓ ନୂଆବର୍ଷ ପାଇଁ ଚଳଚଞ୍ଚଳ ବାହିଆ ଡ୍ୟାମ୍

# ନୀଳ ଜଳରାଶି କୂଳରେ ଜମୁଛି ଭୋଜି

ଆନନ୍ଦପୁର, ୧୩।୧୨(ସମିସ):





ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଥିବା ଜଳପ୍ରପାତ ଝରଣା ଓ ଜଳସେଚନ ବିଭାଗ ଡ୍ୟାମର ନୀଳ ଜଳରାଶି ଆଗନ୍ତୁକଙ୍କୁ ବିମୋହିତ କରିଛି। ଶୀତ ବଢ଼ିବା ସହ ପର୍ଯ୍ୟଟନସ୍ଥଳରେ ଲୋକଙ୍କ ଭିଡ଼ ଜମୁଛି। ଆନନ୍ଦପୁର ସହର ନିକଟରେ ଥିବା ବାହିଆ ଡ୍ୟାମ୍ ଏବେ ଲୋକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି। ଆନନ୍ଦପୁର ବ୍ଲକ୍ ତରତରା ପଞ୍ଚାୟତ ହଦଗଡ଼ ହସ୍ତୀ ଅଭୟାରଣ୍ୟକୁ ଲାଗି ରହିଥିବା ବାହିଆ ଡ୍ୟାମ୍‌ରେ ବଣଭୋଜି କରିବାକୁ ପ୍ରବଳ ଭିଡ଼ ହେଉଛି। ଆନନ୍ଦପୁରରୁ ଭଦ୍ରକ ଆଡ଼କୁ ଗଲେ ତରତରା ଛକ ମାତ୍ର ୬କିମି ଦୂରରେ ରହିଛି। ଏଠାରୁ ଛଅ କିଲୋମିଟର ପରେ ଜଙ୍ଗଲ ମଧ୍ୟରେ ରହିଛି ବାହିଆ ଡ୍ୟାମ୍ ହାଟଡିହିରୁ ଆସିଲେ ଚୋରଗଡ଼ିଆ ଛକରୁ ଚାରିକିମି ଦୂରରେ ଏହି ସ୍ଥାନରେ ସହଜରେ ପହଞ୍ଚି ହେବ। ୧୯୮୩-୮୪ରେ ବଉଳା ପାହାଡ଼ରୁ ଝରି ଆସିଥିବା ଝରଣା ପାଣିକୁ ଅଟକାଇ ଜଳସେଚନ ଉଦ୍ଦେଶ୍ୟରେ ବାହିଆ ଜଳଭଣ୍ଡାର ନିର୍ମାଣ କରାଯାଇଥିଲା। ସେତେବେଳେ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ୨୨ଲକ୍ଷ ଟଙ୍କା ବ୍ୟୟରେ ଏହାର ନିର୍ମାଣ କରାଯାଇଥିଲା। ଏହାର ପାଣି ଦ୍ୱାରା ତରତରା ପଞ୍ଚାୟତର ତରତରା, ମାଠିଆନାଣ୍ଡି, ଖମାରନାଣ୍ଡି, ବାହିଆ-ବାରଦଣ୍ଡା, ହାଟଡିହି ବ୍ଲକ୍‌ର ଚୋରଗଡ଼ିଆ, ଭାତକରୁଆ, ଶାସଙ୍ଗ ଅଞ୍ଚଳର ଜମି ଜଳସେଚିତ ହେଉଛି। ଗତବର୍ଷ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୧କୋଟି ଟଙ୍କା ବିନିମୟରେ ଡ୍ୟାମର ବିକାଶ କରାଯିବା ସହ ସିମେଣ୍ଟ ବେଞ୍ଚ ଓ ପିଣ୍ଡି ନିର୍ମାଣ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ ସେଠୀ କହିଛନ୍ତି। ଏବେ ପ୍ରାକୃତିକ ପରିବେଶରେ ବଣଭୋଜି କରିବାକୁ ପ୍ରବଳ ଜନସମାଗମ ହେଉଛି।

ଏହାର ମନଲୋଭା ପରିବେଶ, ନୀଳ ଜଳରାଶି ଆଗନ୍ତୁକଙ୍କୁ ଆକୃଷ୍ଟ କରୁଛି। ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ଯୁବକ ଓ ୟୁଟ୍ୟୁବରଙ୍କ ଭିଡ଼ ଜମୁଛି ବୋଲି ବାହିଆ ଗ୍ରାମର ଚରଣ ହୋ କହିଛନ୍ତି। ଏଠାକାର ପରିବେଶ ଶାନ୍ତ ହୋଇଥିବାରୁ ପର୍ଯ୍ୟଟକମାନେ ପ୍ରତିବର୍ଷ ଭୋଜି କରିବାକୁ ଆସୁଛନ୍ତି। ବଡ଼ଦିନ ଓ ନୂଆବର୍ଷ ଦିନ ଏଠାରେ ପ୍ରବଳ ଜନସମାଗମ ହୋଇଥାଏ। ଏଠାରେ ଭୋଜିଭାତ କରିବାକୁ ଆବଶ୍ୟକ ପିଣ୍ଡି ନଥିବାରୁ ଲୋକମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଠାକୁ ଆସିବା ପାଇଁ ସବୁଦିନିଆ ଭଲ ରାସ୍ତା ନିର୍ମାଣର ଆବଶ୍ୟକତା ରହିଛି। ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ପାନୀୟଜଳ ଓ ବୋଟିଂ ବ୍ୟବସ୍ଥା କରାଗଲେ ଆକର୍ଷଣ ଆହୁରି ବୃଦ୍ଧି ପାଆନ୍ତା ବୋଲି ତରଭା ଗ୍ରାମର ତୁଷାର ପଣ୍ଡା କହିଛନ୍ତି। ଆସନ୍ତା ବଡ଼ଦିନ ଓ ନୂଆବର୍ଷରେ ଏଠାରେ ପ୍ରବଳ ସମାଗମ ହେବ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

## ଚାରିଗଡ଼ ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ତେଲକୋଇ, ୧୩।୧୨(ସମିସ): ଚାରିଗଡ ମହାବିଦ୍ୟାଳୟର ୩୮ତମ ବାର୍ଷିକ କ୍ରୀଡ଼ାଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। +୨ ବାଳକ/ବାଳିକା ଓ +୩ ବାଳକ/ବାଳିକାଙ୍କ ପାଇଁ ସର୍ବମୋଟ ୩୬ଟି ପ୍ରତିଯୋଗିତା କରାଯାଇଥିଲା। +୨ ସ୍ତରରେ ସୁଶ୍ରୀ ସୁପ୍ରିୟା ହୋ ଏବଂ +୩ ସ୍ତରରେ ରାମସିଂହ ସିଙ୍କୁ ଚାମ୍ପିଅନ ଘୋଷଣା କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ତପନ କୁମାର ପଣ୍ଡା ସଫଳ କ୍ରୀଡାବିତ୍‌ଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରିଥିଲେ। ପରେ କ୍ରୀଡ଼ାଜ୍ୟୋତି ନିର୍ବାପନ ସହ ଆଗାମୀ ବର୍ଷରେ ଏପରି କ୍ରୀଡ଼ୋତ୍ସବର ଆୟୋଜନ ପ୍ରତିଶ୍ରୁତି ପୂର୍ବକ କ୍ରୀଡ଼ାଧ୍ୱଜର ଅବତରଣ କରାଯାଇଥିଲା। ଚଳିତ ବର୍ଷ ଦୃଷ୍ଟିଗୋଚର ହୋଇଥିବା ଅଭାବ ଅସୁବିଧା ନିରାକରଣ ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରିବାକୁ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। କ୍ରୀଡାସଂସଦ ଅଧିକାରୀ ଅଧ୍ୟାପିକା ବବିତା ରାଉଳ, ଅଧ୍ୟାପକ ଟୁନାରାମ ମହାନ୍ତ, ଅଧ୍ୟାପକ ସଞ୍ଜୟ ଦେହୁରୀଙ୍କ ସପ୍ତାହବ୍ୟାପୀ ଅକ୍ଳାନ୍ତ ଉଦ୍ୟମ ତଥା ମଧୁପନନ୍ଦ, ଜ୍ଞାନରଞ୍ଜନ, ବର୍ଷାରାଣୀ, ଆଶିଷ ଏବଂ ଅର୍ଜୁନ ପ୍ରମୁଖ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସହଯୋଗ ବଳରେ ଏହି କ୍ରୀଡ଼ା ନିର୍ବିଘ୍ନରେ ପରିଚାଳିତ ହୋଇଥିଲା। ଡ ନିତ୍ୟାନନ୍ଦ କର, ସନ୍ଦିପ ସିଂ, ଯୋଗେଶ ବେହେରା, ସୁରେଶ ସାହୁ ତଥା କର୍ମଚାରୀ ବିପିନ ବିହାରୀ ସାହୁ ସହଯୋଗ କରିଥିଲେ।

## ଗଜସାଥୀ ଦକ୍ଷତା ବୃଦ୍ଧି ତାଲିମ ଶିବିର



ଚମ୍ପୁଆ,୧୩।୧୨(ସମିସ): ଚମ୍ପୁଆ ବନାଞ୍ଚଳ ପକ୍ଷରୁ ଧରଣୀଧର ନଗର ଭବନଠାରେ ବନାଞ୍ଚଳସ୍ତରୀୟ ଗଜସାଥୀ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ହାତୀ ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର ରାଧାକାନ୍ତ ମହାନ୍ତ, ଏସିଏଫ୍ ଅକ୍ଷୟ ଛତ୍ରିଆ, ତହସିଲଦାର ସଜତ ମାର୍କେ, ସହକାରୀ ଜିଲ୍ଲାପାଳ ସମରେନ୍ଦ୍ର ଦାସ, ସାଂସଦ ପ୍ରତିନିଧି ସିଧାର୍ଥ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଶିଖିବା ଓ ଶିଖାଇବା ପରିପ୍ରେକ୍ଷୀରେ ହାତୀ ସୁରକ୍ଷା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଗଜସାଥୀ ହାତୀ ସୁରକ୍ଷାର ପ୍ରମୁଖ ମାନଦଣ୍ଡ। ସୀମିତ ପାଉଣା ଓ କିଛି ଆନୁଷଙ୍ଗିକ ସୁବିଧା ଦ୍ୱାରା ଏମାନେ ହାତୀ ଓ ମଣିଷ ମଧ୍ୟରେ ଦୂରତା ରକ୍ଷା କରି ହାତୀ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ବୋଲି ଅତିଥିମାନେ ମତ ପୋଷଣ କରିଥିଲେ। ଚମ୍ପୁଆ ରେଞ୍ଜରେ ବର୍ତ୍ତମାନ ୩୩୫ ଜଣ ଗଜସାଥୀ ରହିଥିବା ବେଳେ ହାତୀ ଉପଦ୍ରବ ୬୭ଟି ଗ୍ରାମରେ ଏମାନେ ନିୟୋଜିତ ରହିଛନ୍ତି। ମାଷ୍ଟର ଟ୍ରେନର ସୁବ୍ରତ ବିଶ୍ୱାଳ ଓ ଅରବିନ୍ଦ ମାଝି ଗଜସାଥୀଙ୍କୁ ହାତୀ ସୁରକ୍ଷା ଏବଂ ତାଙ୍କ ଦାୟିତ୍ୱ ସହ କର୍ତ୍ତବ୍ୟ କିପରି ସମ୍ପାଦନ କରିବେ ସେନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବନ ସୁରକ୍ଷା ସମିତିର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସରପଞ୍ଚ, ସମିତିସଭ୍ୟ, ଗଜସାଥୀ, ବିଭିନ୍ନ ସେକ୍ସନରୁ ଆସିଥିବା ବନ କର୍ମଚାରୀ ଯୋଗ ଦେଇଥିଲେ। ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଉଦୟନାଥ ହୋ ଓ ଚମ୍ପୁଆ ବନପାଳ ଜ୍ୟୋତିରୂପା ପାଣି ପରିଚାଳନା କରିଥିଲେ।

## ଏସ୍‌ଆଇପିର ପଞ୍ଚମ ବାର୍ଷିକ ଉତ୍ସବ

ଆନନ୍ଦପୁର, ୧୩।୧୨ (ସମିସ): ଏସଆଇପିର ପଞ୍ଚମ ବାର୍ଷିକ ଉତ୍ସବରେ ଭଞ୍ଜ କଳା ମଣ୍ଡପଠାରେ ସମ୍ବଲପୁରୀ, ପଲ୍ଲୀ ନୃତ୍ୟରେ ଦୁଲୁକାଇଲେ ବୀଣାପାଣି କଳାନିକେତନର ନୃତ୍ୟ ଶିଳ୍ପୀ। ଅନୁଷ୍ଠାନର ମୁଖ୍ୟ ପୁରୋଧା ସୁଜାତା ଧଳ, ଦିଲ୍ଲୀପ କୁମାର ଧଳ ନୃତ୍ୟଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ। ତିନି ଶହରୁ ଅଧିକ ଅଭିଭାବକ ଓ ଛାତ୍ରଛାତ୍ରୀ ଉପଭୋଗ କରିଥିଲେ। ଓଡ଼ିଶା ରାଜ୍ୟ ମୁଖ୍ୟ ସୁନୀଲ କୁମାର ନାୟକ, କେଭି-୨ ଅଧ୍ୟକ୍ଷ ଡିପି ଶର୍ମା, ଡ ଦିଲ୍ଲୀପ କୁମାର ଦାଶ ଯୋଗ ଦେଇଥିଲେ। ଢୋଲ, ନିଶାନ ତାଳେ ତାଳେ ଓ ପଲ୍ଲୀ ନୃତ୍ୟକୁ ନୃତ୍ୟଗୁରୁ ଜିତୁ ଦାଶ, ମୋନିକା ଦାଶ, ଲିଜାରାଣୀ ସାହୁ, ଦେବହୁତି ପଟ୍ଟନାୟକ, ପରିଣତି ଚକ୍ର, ସାୟନି ନାୟକ, ଆରୋସ୍ମିତା ତ୍ରିପାଠୀ, କ୍ରିଷ୍ଟା ପ୍ରିୟଦର୍ଶିନୀ ପରିବେଷଣ କରିଥିଲେ।



## ମହେଶ୍ୱର ସାହୁ ଶିଳ୍ପ ତାଲିମ୍ କେନ୍ଦ୍ରର ବାର୍ଷିକ କ୍ରୀଡ଼ା

କେନ୍ଦୁଝର,୧୨।୧୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ମହେଶ୍ୱର ସାହୁ ଶିଳ୍ପ ତାଲିମ୍ କେନ୍ଦ୍ରର ୩୩ତମ ଶୀତକାଳୀନ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି। ଶିଳ୍ପତାଲିମ୍ କେନ୍ଦ୍ରର ଅଧ୍ୟକ୍ଷ ଇଂ ବସନ୍ତ କୁମାର ଦାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହାସହ ପିଲାମାନଙ୍କୁ କ୍ରୀଡ଼ାର ମାହାତ୍ମ୍ୟ ଓ ଶାରୀରିକ ଶିକ୍ଷା ସମ୍ବନ୍ଧରେ ମାର୍ଗ ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଅଭିଷେକ ସାହୁ



ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଦୈତାରୀ ମହାନ୍ତ, ରବିରତ୍ନ ମହାନ୍ତ, ସାନନ୍ଦ ପୃଷ୍ଟି, ସତ୍ୟବ୍ରତ ମିଶ୍ର, ଦେବାଶିଷ ମହାନ୍ତ, ଦିଲ୍ଲୀପ କୁମାର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

## ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ନୂତନ ଶ୍ରମ କୋଡ୍ ସଚେତନତା



ଯୋଡ଼ା, ୧୩।୧୨(ସମିସ): ଜେଏସଡବ୍ଲୁ ଷ୍ଟିଲ୍ ଲିମିଟେଡ୍, ଓଡ଼ିଶା ମାଇନିଂ ଡିଭିଜନର ନାରାୟଣପୋଷୀ ଲୌହ ଓ ମାଙ୍ଗାନିଜ ଖଣିରେ ନୂତନ ଶ୍ରମ କୋଡ୍‌ଗୁଡ଼ିକ ବିଷୟରେ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଭାରତ ସରକାର ଦ୍ୱାରା ପ୍ରସ୍ତାବିତ ନୂତନ ଶ୍ରମ ଆଇନ ସଂଶୋଧନ ବିଷୟରେ କର୍ମଚାରୀଙ୍କ ବୁଝିବା ଶକ୍ତି ବୃଦ୍ଧି କରିବା। ରାଉରକେଲାର ଆଞ୍ଚଳିକ ଶ୍ରମ ଆୟୁକ୍ତ ଓ ଅଧିକାରୀ ୨୦୦ କର୍ମଚାରୀ, କାର୍ଯ୍ୟକର୍ତ୍ତା ଓ ସଂପୃକ୍ତ ବ୍ୟକ୍ତିଙ୍କ ପାଇଁ ମଜୁରି କୋଡ୍, ସାମାଜିକ ସୁରକ୍ଷା କୋଡ୍, ଶିଳ୍ପ ସମ୍ପର୍କ କୋଡ୍ ଓ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିସ୍ଥିତି କୋଡ୍‌ର ବ୍ୟବହାରିକ ପ୍ରଭାବ ଉପରେ ଆଲୋଚନା କରିଥିଲେ। ନିଯୁକ୍ତିପତ୍ର, ପରିଚୟପତ୍ର ଜାରି କରିବା ଓ ନିଯୁକ୍ତି ରେକର୍ଡ ଠିକ୍ ଭାବେ ରଖିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଲିଙ୍ଗ ସମତା, ନାରୀମାନଙ୍କୁ କାର୍ଯ୍ୟସ୍ଥଳରେ ସଶକ୍ତ କରିବା ଓ ଖଣି ଅପରେସନରେ ଇଏସଆଇସିର ଲାଗୁ ହେବା ଭଳି ଶିଳ୍ପ ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁସରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜେଏସଡବ୍ଲୁ ଷ୍ଟିଲ୍ ପ୍ରମୁଖ ପ୍ରତିନିଧି ଚିତ୍ତରଞ୍ଜନ ବହିନୀପତି (ଏଚଆର ମୁଖ୍ୟ, ଓଡ଼ିଶା), ତପନ କୁମାର ରଥ (ମାଇନ୍ସ ମ୍ୟାନେଜର, ନାରାୟଣପୋଷୀ) ଓ ପ୍ରକାଶ ହାତି (କଲ୍ୟାଣ ଅଧିକାରୀ) ଉପସ୍ଥିତ ଥିଲେ।

## ସାଇଁକୁଳ ପିପି କଲେଜରେ କର୍କଟ ସଚେତନତା

ଆନନ୍ଦପୁର, ୧୩।୧୨ (ସମିସ): ଓଡ଼ିଶା କ୍ୟାନସର ହେଲ୍ପିଙ୍ଗ ଉଇଙ୍ଗସ ପକ୍ଷରୁ ସାଇକୁଳ ପତିତପାବନ ମହାବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ୟାନସର ହେଲ୍ପିଙ୍ଗ ଉଇଙ୍ଗସର ସଭାପତି ଶଙ୍କର୍ଷଣ ଜେନା, ସମ୍ପାଦିକା ରଶ୍ମିରେଖା ପାତ୍ର, ଅରବିନ୍ଦ ସାହୁ, ଅମର ପାତ୍ର, ପ୍ରଦୀପ ପଣ୍ଡା, ସତ୍ୟଜିତ ସାହୁ, କମଳ ଲୋଚନ ବିଶ୍ୱାଳ, ଅନନ୍ତ ଚରଣ ସାହୁ, ମନୋଜ ଦାଶ, ପତିତପାବନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମୂଲ୍ୟ ବିଶ୍ୱାଳ, ଯୁକ୍ତ ତିନି ଅଧ୍ୟକ୍ଷ ପ୍ରଫେସର ଶରତଚନ୍ଦ୍ର ଜେନାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। କ୍ୟାନସର ରୋଗର ନିରାକରଣ ଏବଂ ପୀଡ଼ିତଙ୍କ ମନୋବଳ ଦୃଢ଼ କରିବା ବିଷୟରେ ଏହି କାର୍ଯ୍ୟକ୍ରମରେ ଡ ଶଶିକାନ୍ତ ମାଝୀ ଆଲୋଚନା କରିଥିଲେ।



# ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ




ଚମ୍ପୁଆ/ଆନନ୍ଦପୁର, ୧୩।୧୨(ସମିସ): ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଣୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସବଜଜ୍ ଜିତେନ୍ଦ୍ର ଦାସ, ଏସଡିଜେଏମ୍ ଦୀପକ କୁମାର ସାଠୁଆ, ଜେଏମ୍‌ଏଫ୍‌ସି ସୁଶ୍ରୀ ସୁସ୍ମିତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କୋର୍ଟରେ ବିଚାରାଧୀନ ଥିବା ଗୋଟିଏ ମଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲ କେସ ବାବଦକୁ ୯ ଲକ୍ଷ ୫୦ ହଜାର ଟଙ୍କା ପକ୍ଷଙ୍କୁ କ୍ଷତିପୂରଣ ରାଶି ବାବଦରେ ପ୍ରଦାନ କରାଯିବା ସହ ୩ଟି ଏନ୍‌ଆଇ ଆକ୍ଟ ମାମଲାରୁ ୩ ଲକ୍ଷ ୨୫ ହଜାର ଟଙ୍କା ୪ଟି ବ୍ୟାଙ୍କ ମାମଲାରୁ ୭ ଲକ୍ଷ ୯୪ ହଜାର ୫ ଶହ ୬୯ ଟଙ୍କା ୫୯ ପଇସା, ୪ ଗୋଟି ସିଏମସି କେସରୁ ୧ ଲକ୍ଷ ୧ ହଜାର ୬ ଶହ ଟଙ୍କା ଆଦାୟ କରାଯାଇଥିଲା। ସର୍ବମୋଟ ୧୦୯ଟି ମାମଲାରୁ ୧୪ଟି ମାମଲାର ଫାଇସଲା କରାଯାଇ ୩୧ ଲକ୍ଷ ୭୧ ହଜାର ୧ ଶହ ୧୬ ଟଙ୍କା ୫୯ ପଇସା ଆଦାୟ କରାଯାଇଛି। କମିଟି ସହକାରୀ ଅବଦୁଲ ସୂରଜ ଖାନ ପରିଚାଳନା କରିଥିଲେ।

ସେହିପରି ଶନିବାର ଆନନ୍ଦପୁର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହୋଇଛି। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍‌ଙ୍କ କୋର୍ଟଠାରେ ବିଭିନ୍ନ ବୀମାଜନିତ ୧୮ଟି ମାମଲାର ଆପୋଷ ସମାଧାନ କରାଯାଇଛି। ୧୮ଟି ମାମଲାରେ ପାଖାପାଖି ୧କୋଟି ୭୫ ଲକ୍ଷ ଟଙ୍କା ବୀମା କମ୍ପାନୀ ହିତାଧିକାରୀଙ୍କୁ ପ୍ରଦାନ କରବେ। ସେହିଭଳି ଜେଏମଏଫସି ଓ ଏସଡିଜିଏମ୍ ଓ ସବଜଜ୍‌ଙ୍କ କୋର୍ଟରେ ବ୍ୟାଙ୍କ ଋଣ, ବକେୟା ବିଲ୍ ପୈଠ, ଫାଇନ୍ ଆଦାୟ ସମ୍ବନ୍ଧୀୟ ବିଭିନ୍ନ ମାମଲାର ସମାଧାନ ହୋଇଥିବା ସୂଚନା ମିଳିଛି।

## ୫ମ ଶ୍ରେଣୀ ନବୋଦୟ ପ୍ରବେଶିକା ପରୀକ୍ଷା

ହାଟଡ଼ିହୀ,୧୩।୧୨(ସମିସ): ନବୋଦୟ ବିଦ୍ୟାଳୟରେ ଶିକ୍ଷାଲାଭ ପାଇଁ ହାଟଡ଼ିହୀ ଓ ଶାଳଣିଆଁ ହାଇସ୍କୁଲଠାରେ ପଞ୍ଚମ ଶ୍ରେଣୀର ପିଲାଙ୍କ ମଧ୍ୟରେ ପ୍ରବେଶିକା ପରୀକ୍ଷା ହୋଇଯାଇଛି। ହାଟଡ଼ିହୀ ହାଇସ୍କୁଲରେ ୩୧୨ଜଣ ପିଲା ନାମ ପଞ୍ଜୀକରଣ କରିଥିଲା ବେଳେ ୩୦୨ଜଣ ପରୀକ୍ଷା ଦେଇଥିଲେ। ୧୦ଜଣ ପିଲା ଅନୁପସ୍ଥିତ ଥିଲେ। ଶାଳଣିଆଁ ହାଇସ୍କୁଲରେ ୨୭୨ଜଣ ପିଲା ନାମ ପଞ୍ଜୀକରଣ କରିଥିଲା ବେଳେ ୨୬୧ଜଣ ପିଲା ପରୀକ୍ଷା ଦେଇଥିଲେ। ୧୧ଜଣ ଅନୁପସ୍ଥିତ ରହିଥିଲେ। ହାଟଡ଼ିହୀ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ଓ ଶାଳଣିଆଁ ହାଇସ୍କୁଲର ପ୍ରଧାନଶିକ୍ଷକ ମୁଖ୍ୟ ପରୀକ୍ଷକ ଭାବେ ଦାୟିତ୍ୱ ବହନ କରିଥିଲେ। ଶିକ୍ଷାମଣ୍ଡଳର ବିଇଓ ରାଜୀବ କୁମାର ଦଳେଇ, ଏବିଇଓ ପ୍ରମୋଦ କୁମାର ନାୟକ ଓ ପୂର୍ଣ୍ଣଚନ୍ଦ୍ର ଜେନା ଉଭୟ ସ୍କୁଲକୁ ଯାଇ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦେଇଥିଲେ।

## ନିଶାମୁକ୍ତ ଯୁବ ସମାଜ ପାଇଁ ସଚେତନତା



ଆନନ୍ଦପୁର, ୧୩।୧୨ (ସମିସ): ଆନନ୍ଦପୁର ଏକ୍ସିଲେଣ୍ଟ କୋଚିଂ ସେଣ୍ଟରରେ ନିଶାମୁକ୍ତ ଯୁବସମାଜ ଗଠନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସଭାପତି ଦୟାନିଧି ଦାସ, ଜିଲ୍ଲା ଉପସଭାପତି ସବିତା ମିଶ୍ର, କୋଲକାତା କ୍ଷେତ୍ର ସଂଯୋଜିକା ମାତୃଶକ୍ତି ଝରଣା ଜେନା, ଜିଲ୍ଲା ସହସଂଯୋଜିକା ରେଣୁବାଳା ଦାସ ନିଶା ମୁକ୍ତ ଯୁବ ସମାଜ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ବିଭିନ୍ନ ପ୍ରସଙ୍ଗ ଅଷ୍ଟମ, ନବମ ଓ ଦଶମ ଛାତ୍ର ଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଭବିଷ୍ୟତରେ କୁନି କୁନି ଭାଇ ଭଉଣୀମାନେ ନିଶା ସେବନରେ ନପଡ଼ିବା ପାଇଁ ଓ ସ୍ୱଦେଶୀ ଜିନିଷ ବ୍ୟବହାର କରିବା ପାଇଁ ସଂକଳ୍ପ କରିଥିଲେ।

# ତିନି ବ୍ଲକ୍‌ରେ ଶିକ୍ଷାସଭା ଓ ଶିକ୍ଷାୟତନ ସଚେତନତା




ଆନନ୍ଦପୁର/ହାଟଡିହି, ୧୩।୧୨ (ସମିସ):

ଆନନ୍ଦପୁର ଉପଖଣ୍ଡର ତିନିଟି ବ୍ଲକରେ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତିନିଟି ବ୍ଲକର କ୍ଲଷ୍ଟରରେ ଥିବା ସ୍କୁଲଗୁଡିକରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାଦାନରୁ ଯେଉଁ ଛାତ୍ରଛାତ୍ରୀମାନେ ବଞ୍ଚିତ ରହୁଛନ୍ତି, ସେମାନଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନ ଦେବା ସହ ବିଦ୍ୟାଳୟର ଉପସ୍ଥାପନା ବଢ଼ାଇବା ଓ ଛାତ୍ରଛାତ୍ରୀଙ୍କୁ ଗଠନମୂଳକ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳଗୁଡ଼ିକରେ ପିଲାମାନେ ଶିକ୍ଷାଦାନରୁ ବଞ୍ଚିତ ହୋଇ ରହିଯାଉଥିବା ବେଳେ ସରକାରଙ୍କ ପକ୍ଷରୁ ଏହି ପ୍ରୟାସ କରି ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଅଣାଯାଉଛି। ସେହିପରି ଶୁକ୍ରବାର ହାଟଡିହି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଟିଲଗଡିଆ ବାଲିବରେଇଠାରେ ବିଶ୍ୱଜିତ ରାଉତଙ୍କ ସଂଯୋଜନାରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନଶିକ୍ଷକ ପ୍ରଦୀପ ନାୟକ, ଧର୍ମପଦ ବେହେରା, ସସ୍ମିତା ପାତ୍ର, ଚନ୍ଦ୍ରକଳା ଧାଉଦିଆ, ଅମିତା ପ୍ରଧାନ, ସୋନାଲି ମାଝୀ, ବବିତା ସାହୁ, ଭାନୁମତି ଘଡ଼େଇ, ମମତାମୟୀ ରାଉତ, ଦୀନବନ୍ଧୁ ଦାସ, ମଧୁସ୍ମିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ହାଟଡ଼ିହୀ ଶିକ୍ଷାମଣ୍ଡଳ ଅଧୀନସ୍ଥ ବିଭିନ୍ନ କ୍ଲଷ୍ଟରରେ ଶିକ୍ଷାସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଶୁକ୍ରବାର ସମଣା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସଭାରେ ସିଆରସିସି ବିଜୟ ଜେନାଙ୍କ ସଂଯୋଜନା ଏବଂ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁଳମଣି ବରାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମଣା ସରପଞ୍ଚ ଜଗବନ୍ଧୁ କାଣ୍ଡି, ସମ୍ମାନିତ ଅତିଥି ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର, ବାହାରିପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଜୟନାରାୟଣ ମିଶ୍ର, ବାସୁଦେବ ପାଢ଼ୀ ଯୋଗ ଦେଇଥିଲେ। ବରାଙ୍ଗ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗଣେଶ କୁଅଁର ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ଛାତ୍ରଛାତ୍ରୀ, ସ୍କୁଲ ଏସଏମସି କମିଟର ସଭାପତିଙ୍କ ସମେତ ସଦସ୍ୟସଦସ୍ୟା ଏବଂ ଆଖପାଖ ଗାଁରୁ ଅନେକ ସଂଖ୍ୟାରେ ପୁରୁଷ ଓ ମହିଳା ଅଭିଭାବକ ସାମିଲ ହୋଇଥିଲେ। ସମାଜସେବୀ ତଥା ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା ବେଳେ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଏହାକୁ ପରିଚାଳନା କରିଥିଲେ। ଏସଏମସି କମିଟିର ସଭ୍ୟମାନେ ସହଯୋଗ କରିଥିଲେ।

## ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ

# ଚିହ୍ନଟ ପାଇଁ ଶବ ସଂରକ୍ଷିତ

**କର୍ଲାମୁଣ୍ଡା,୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ପୌରକେଲା ପଞ୍ଚାୟତର ଶିରାବାହାଲ ଗ୍ରାମରେ ଗତ ପ୍ରାୟ ତିନି ମାସ ତଳେ ଜଣେ ନିଃସହାୟ ବ୍ୟକ୍ତି ରହି ଭିକ୍ଷା ବୃତ୍ତି କରି ଚଳୁଥିଲା। ତାର ନାମ ଦେବରାଜ ମାଝୀ ବୋଲି କହୁଥିବା ବେଳେ ତାର କେହି ନିଜର ଲୋକ ନଥିବା ପ୍ରକାଶ କରିଥିଲେ। ସେ ଗ୍ରାମର ଗୋଲାପ କୁମାରଙ୍କ ଘରେ ଆଶ୍ରୟ ନେଉଥିଲା।ତେବେ ତାର ଉଚ୍ଚ ରକ୍ତଚାପ ବୃଦ୍ଧି ଓ ପାରାଲିସିସରୋଗ ହେବାରୁ ଆଶ୍ରୟଦାତା ଗୋଲାପ ବଲାଙ୍ଗିର ଡାକ୍ତରଖାନାରେ ଚିକିତ୍ସା କରାଇ ଘରକୁ ଆଣିଥିଲେ। ସ୍ୱାସ୍ଥ୍ୟବସ୍ଥା ପୁଣି ଖରାପ ହେବାରୁ ସ୍ଥାନୀୟ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।ସେଠାରେ ଡାକ୍ତର ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନା କୁ ରେଫର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଛି।ଏନେଇ ଗୋଲାପ କୁମାର ରିଷିଡା ଫାଣ୍ଡିରେ ଲିଖିତ ଦରଖାସ୍ତ ଦେଇଥିଲେ। ଶନିବାର ରିଷିଡା ଫାଣ୍ଡିଅଧିକାରୀ ମନୁଆ ବିଡ଼ିକା ଭବାନୀପାଟଣା ଡାକ୍ତରଖାନାକୁ ଯାଇ ଶବଜବତ କରିବା ସହ ବ୍ୟବଚ୍ଛେଦ କରାଇଛନ୍ତି। ଶବ ଚିହ୍ନଟ ପାଇଁ ମୃତଦେହକୁ ଜିଲ୍ଲା ଡାକ୍ତରଖାନାରେ ସଂରକ୍ଷିତ ରଖାଯାଇଛି। ମ ରାମପୁର ଥାନାରେ କେଶ ନଂ ୦୭ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଫାଣ୍ଡିଅଧିକାରୀ ଶ୍ରୀ ବିଡ଼ିକା ପ୍ରକାଶ କରିଛନ୍ତି।

# ମଣ୍ଡି ଉଦ୍‌ଘାଟନ ହେଲାଣି,ଟୋକନ ମିଳିନି

**କର୍ଲାମୁଣ୍ଡା,୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍‌ର କର୍ଲାମୁଣ୍ଡା, ଜୋରାଡବ୍ରା, ରିଷିଡା ପାକ୍ସର ତେରେସିଂହା, ଅବୁଜବହାଲ ଧାନମଣ୍ଡି ଉଦ୍‌ଘାଟନ ସରିଛି ହେଲେ ମାତ୍ର ୧୦% ଟୋକାନ ମେସେଜ ଆସିଛି। ଅନ୍ୟବର୍ଷ ନଭେମ୍ବର ମାସ ଶେଷ ସୁଦ୍ଧା ଟୋକନ ମେସେଜ ଅସି ଯାଇଥାଏ କିନ୍ତୁ ଚଳିତବର୍ଷ ଡିସେମ୍ବର ୧୩ତାରିଖ ହେଲା ଟୋକନ ଆସିନାହିଁ। ଯାହାକୁ ନେଇ ଚାଷୀ ବହୁତ ଚିନ୍ତାରେ ଅଛନ୍ତି। ଧାନ ବିକ୍ରି ଟଙ୍କା ଉପରେ ଘରର ଅନ୍ୟାନ୍ୟ ଖର୍ଚ୍ଚ,ମେଡିକାଲ ଖର୍ଚ୍ଚ ଅଧିକାଂଶ ଚାଷୀ ନିର୍ଭର କରିଥାନ୍ତି। କିନ୍ତୁ ଚଳିତ ବର୍ଷ ବ୍ୟତିକ୍ରମ ଦେଖା ଦେଇଥିବାରୁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ପ୍ରଶାସନ ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ଟୋକନ ଛାଡିବା ସହିତ ମଣ୍ଡିରୁ ଧାନ ଉଠାଇବା ପାଇଁ ଦାବି ହେଉଛି।

## ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟା

# 'ନୀତିପୂର୍ଣ୍ଣ ଆଚରଣ ହିଁ ଶିଶୁ ଜୀବନକୁ ନୀତିବାନ କରିପାରେ'

ଭବାନୀପାଟଣା,୧୩।୧୨(ସମିସ)

ନାଟକ ଓ ଲୋକ ନୃତ୍ୟ ପ୍ରତି ସମର୍ପିତ ସଙ୍ଗମ ଅନୁଷ୍ଠାନ ତରଫରୁ ଆୟୋଜିତ ଚତୁଃର୍ଦିବସୀୟ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟା ସ୍ଥାନୀୟ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ରାଜୀନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର ଓ ନାଟ୍ୟକାର ଅଶୋକ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସମାଜରେ ଘଟୁଥିବା ଅନେକ ଘଟଣା ଶିଶୁ ମନକୁ ପ୍ରଭାବିତ କରିଥାଏ। କିନ୍ତୁ ନୀତିପୂର୍ଣ୍ଣ ଆଚରଣ ଓ ବ୍ୟବହାର ହିଁ ଶିଶୁ ଜୀବନକୁ ନୀତିବାନ କରିଥାଏ। ଏବଂ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ ଶୁଭ୍ରାଂଶୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରଥମ ନାଟକ ଭାବେ ବିଶ୍ୱନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,




ମଣ୍ଡଳ ପ୍ରଯୋଜିତ 'ଛେଟକା' ମଞ୍ଚସ୍ଥ ହୋଇଥିଲା। ଧନଞ୍ଜୟ ପଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ଏଇ ନାଟକରେ ନିଶା ପାଇଁ ସମାଜ କେମିତି କଳୁଷିତ ହୋଇଯାଉଛି ତାହା ସୁନ୍ଦର ଭାବେ କଳାକାରମାନେ ପରିବେଷଣ କରିଥିଲେ।ଦ୍ୱିତୀୟ ନାଟକ 'ଉଡାଣ୍'କୁ ଗଣନାଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାକାରମାନେ ବନବାସୀ ଝିଅମାନଙ୍କ ଶିକ୍ଷାର ଗୁରୁତ୍ୱ ଉପରେ ବାର୍ତ୍ତା ଦେଇଥିଲେ। ନାଟ୍ୟ ରଚନା ସୁମତି ମୁଣ୍ଡ ଓ ନାଟ୍ୟ ନିର୍ଦ୍ଦେଶନା ପ୍ରତାପ ଚନ୍ଦ୍ର ପଣ୍ଡା ଦେଇଥିବା ବେଳେ ପ୍ରଦୀପ କୁମାର ନେଗୀ ଓ ମନୋଜ ମହାକୁଡ଼ ପରିଚାଳନା କରିଥିଲେ। ମୟୁରଭଞ୍ଜ ଜିଲ୍ଲା ବାରିପଦାର ନାଟକ 'କାନ୍ଦୁଛି ବନାନୀ' ତୃତୀୟ ନାଟକ ଭାବେ ମଞ୍ଚସ୍ଥ ହୋଇଥିଲା। ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ କଳାକାରମାନେ ଅଭିନୟ ମାଧ୍ୟମରେ ନିବେଦନ କରିଥିଲେ। ନାଟକଟିକୁ ଅଜିତ କୁମାର ପାଣିଗ୍ରାହୀ ରଚନା କରିଥିବାବେଳେ ତ୍ରିଲୋଚନ ସାହୁ ନିର୍ଦ୍ଦେଶନା ଦେଇଥିଲେ। ସନ୍ଧ୍ୟାର ଚତୁର୍ଥ ଅଭିନୀତ ନାଟକ 'ନିଶା'କୁ ରଘୁନାଥ ଠାକୁର ରଚନା ଓ ନିର୍ଦ୍ଦେଶନା ଦେଇଥିବାବେଳେ କଣ୍ଟାବାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳାକାରମାନେ ପରିବେଷଣ କରିଥିଲେ। ଏଥିରେ ନିଶା ଏକ ଗରଳଯୁକ୍ତ ସର୍ପ ପରି ଯୁବ ପିଢିଙ୍କୁ କେମିତି ଗୁଡେଇ ହେଇ ତଳିତଳାନ୍ତ କରିଦିଏ ତାହା ଦେଖାଇଥିଲେ। କାର୍ଯ୍ୟକ୍ରମକୁ ଚକ୍ରଧର, ଯୋଗୀନ୍ଦ୍ର ଓ ଅନୁଷ୍ଠାନର ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ କ୍ରୀଡ଼ା






**ମ.ରାମପୁର,୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ପଣ୍ଡକାମାଲ ପଞ୍ଚାୟତ ତୁଜୁଙ୍ଗ ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ମହୋତ୍ସବକୁ ପଣ୍ଡକାମାଲ ସରପଞ୍ଚ ରୀନା ସାହୁ ସ୍ଥାନୀୟ ତାରିଣୀ ପୀଠରୁ ମଶାଲ ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପ୍ରତଯୋଗିତାର ଆରମ୍ଭ ଘୋଷଣା କରିବା ପୂର୍ବରୁ ପ୍ରଧାନଶିକ୍ଷକ ଦିବାକର ସାହୁ ଛାତ୍ରଛାତ୍ରୀଙ୍କର ପରେଡ ଅଭିବାଦନ ଗ୍ରହଣ କରିଥିଲେ। ବରିଷ୍ଠ ଓ କନିଷ୍ଠ ବାଳକ ଓ ବାଳିକା ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଉପକନିଷ୍ଠ ବିଭାଗରେ ଗଣିତ ଦୌଡ଼,ଜଳେବି ଖାଇବା, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଯାଇଛି।ବିଦ୍ୟାଳୟର ଶିକ୍ଷକ ହିମାଂଶୁ ଭୋଇ,ବିପିନ ବିହାରୀ ସୁନା, ରାଧାନାଥ ଦିଶ୍ରି, ଧ୍ରୁବ ମହାଖୁଡ ଓ ଶିକ୍ଷୟିତ୍ରୀ କବିତା ପଧାନ, ରାଜଶ୍ରୀ ସେଠ୍ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ମାସ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।

**କଳମପୁର:** କଳମପୁର ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଧନ୍ଦାମୂଳକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇ ଯାଇଛି। ଉଦ୍‌ଯାପନୀ ଉତ୍ସବରେ କଳମପୁର ଜିଲ୍ଲା ପରିଷଦ ସଦସ୍ୟା ଦୁହିତା ମାଝୀ ଓ ନିବେଦିତା ହଂସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ବିବେକାନନ୍ଦ ଠାକୁର ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ବିରଞ୍ଚି ମାଝୀ ସଭାପତିତ୍ୱ କରିଥିବା ବେଳେ ଭୂଗୋଳ ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ପରାମର୍ଶ ଦାତା ବିଭୁତି ଭୂଷଣ ପଟ୍ଟନାୟକ



ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜର ଛାତ୍ରଛାତ୍ରୀ ନାଚଗୀତ ପରିବେଷଣ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟା ଦୁହିତା ମାଝୀ କଲେଜର ଉନ୍ନତି କରଣ କରିବା ନିମନ୍ତେ ଦୁଇଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବାକୁ ଘୋଷଣା କରିବା ପରେ କଲେଜ ପକ୍ଷରୁ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀ ମତୀ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

**କୋମନା:** କୋମନା ବ୍ଲକ୍ କୁରୁମପୁରୀ କ୍ଲଷ୍ଟର ଟେଙ୍ଗନାବସା ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନଶିକ୍ଷକ ବିଶ୍ୱଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ସହ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି।କୋମନା ଏବିଇଓ ବଲମତ ମାଝୀ ମୁଖ୍ୟଅତିଥି, କୁରୁମପୁରୀ ସିଆରସିସି କମଳାକାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।ଏବିଇଓ ମାଝୀ,ସିଆରସିସି ଓ ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡା ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତା ତଥା ପାଠ ସହ କ୍ରୀଡା ନିହାତି ଆବଶ୍ୟକ। ସବିଜୁନିଅର,ଜୁନିଅର ଓ ସିନିଅର ତିନି ଭାଗରେ ଛାତ୍ରଛାତ୍ରୀଙ୍କୁ ପୁଚି,ରଶିଡିଆଁ, ଦୌଡ, ଅଖାଦୌଡ଼, ସ୍ପୁନ ମାର୍ବଲ,ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ନୂଆସୁତ ମାଝୀ,ସନ୍ତୋଷ ଜଗତ, ସନ୍ଦୀପ ପାଳ, ସୁଜାତା ରଣା,ପ୍ରତିମା ବେହେରା,ଗ୍ରାମର ଭଦ୍ରବ୍ୟକ୍ତି, ଅଭିଭାବକ,ବିଦ୍ୟାଳୟ କମିଟି ସଭ୍ୟ ସହଯୋଗ କରିଥିଲେ।

**କୋକସରା:** କୋକସରା ବ୍ଲକ୍ ଲଡୁଗାଁ ହାୟର ସେକେଣ୍ଡାରୀସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ଡ଼.ନିହାର କାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରେମାନନ୍ଦ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ହନୁମାନ ମନ୍ଦିରରୁ ଆସିଥିବା କ୍ରୀଡା ମଶାଲକୁ ସ୍ଥାପନ କରିବା ସହ ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।ଖେଳ ଶିକ୍ଷକ ବୀରେନ୍ଦ୍ର ନାରାୟଣ ଦାସ ଓ କିଷନ ଧଙ୍ଗଡାମାଝିଙ୍କ ନେତୃତ୍ୱରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଧ୍ୟାପକ ସଞ୍ଜୟ ପୁରୋହିତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଧିରମଣୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ଼ର ଅଭିବାଦନ ଗ୍ରହଣ କରିବା ସହ ବିଜେତାଙ୍କୁ ସମ୍ମାନିତ କରିଥିଲେ। ଶ୍ରେଷ୍ଠ କ୍ରୀଡ଼ାବିତ ଭାବରେ ବାଳିକା ବିଭାଗର ମାଳତୀ ନିଆଲ ଓ ବାଳକ ବିଭାଗରେ ଶୁଭମ ପଟେଲ ପୁରସ୍କୃତ ହୋଇଥିଲେ। ଅଧ୍ୟାପକ ସରୋଜ ପ୍ରଧାନ ପୁରସ୍କାର ବଣ୍ଟନରେ ସହଯୋଗ କରିଥିଲେ। ଅଧ୍ୟାପକ ଶଙ୍କର ଶତନାମୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ ଯୋଷୀ, ଭାରତ ଭୂଷଣ ଠାକୁର, ଅନିତା ସାହୁ, ଭାଗବତ କଟା, ବିଭୁଞ୍ଜନ ସାହୁ, ତୁଳସୀ ବାଗ, ଭାନୁମତୀ ମାଝୀ, ଦିବାକର ଦୁର୍ଗା, ସ୍ୱପ୍ନା ନାୟକ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିବା ବେଳେ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ସେବା ପ୍ରଦାନ କରିଥିଲେ।




## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ | ୨୯୧୧ ମାମଲାର ଫଇସଲା




**ଭବାନୀପାଟଣା,୧୩।୧୨(ସମିସ)** କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଚଳିତ ବର୍ଷର ଶେଷ ଓ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ସ୍ନିଗ୍ଧା ପଣ୍ଡାଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିଲା।ଜିଲ୍ଲାର ବିଭିନ୍ନ ଅଦାଲତରେ ୨୯୧୧ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୩କୋଟି ୨୨ଲକ୍ଷ ୫୦ ହଜାର ୫୮୬ଟଙ୍କା ପ୍ରଦାନ କରାଯାଇଥିଲା।୧୯ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧କୋଟି ୮୧ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ପାରିବାରିକ ବିବାଦ ଜନିତ ମକଦ୍ଦମା ୪ଟି ଫଇସଲା କରାଯାଇଥିଲା। ଦେୱାନୀ ମକଦ୍ଦମା ୧୭ଟି ଫଇସଲା କରାଯାଇ ୨ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ବିଚାର ଯୋଗ୍ୟ ୨୦୭ଟି ଫଇସଲା କରାଯାଇଥିଲା। ଏହାସହ ଏନ୍ଆଇ ଆକ୍ଟ ମାମଲା(୧୩୮) ୧୫ଟି ଫଇସଲା କରାଯାଇ ୩୨ ଲକ୍ଷ ୬୦ ହଜାର ୨୬୫ ଟଙ୍କା ଆଦାୟ କରାଯାଇଥିଲା। ରାଜସ୍ୱ ମକଦ୍ଦମା ୨୦୨୬ ଟି ଫଇସଲା କରାଯାଇ ୬୭ହଜାର ୮୩୫ ଟଙ୍କା ଆଦାୟ କାରାଯାଇଥିଲା। ଲୋକଉପଯୋଗି ସେବା ସମ୍ବନ୍ଧୀୟ ୧୬ଟି ମକଦ୍ଦମାର ଫଇସଲା କରାଯାଇ ୧୨ ହଜାର ଟଙ୍କା ଆଦାୟ କରାଯାଇଥିଲା। ୬୦୭ଟି ପ୍ରାକ୍ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧କୋଟି ୫ ଲକ୍ଷ ୩୦ ହଜାର ୪୮୬ ଟଙ୍କା ଆଦାୟକରାଯାଇଥିଲା।ଲୋକ ଅଦାଲତରେ ଜିଲ୍ଲା ଜଜ୍ ତଥା ସଦସ୍ୟ ପ୍ରଥମ ମୋଟରଯାନ ଦୁର୍ଘଟଣା ନ୍ୟାୟାଧାକାରୀ ଅନୁପ ରଞ୍ଜନ ପଟ୍ଟନାୟକ, ଭିଜଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ,ପରିବାର ଅଦାଲତ ଜଜ୍,ରାଜଶ୍ରୀ ମହାପାତ୍ର, ମୁଖ୍ୟବିଚାର ବିଭାଗିୟ ମାଜିଷ୍ଟ୍ରେଟ ପଦ୍ମଲୋଚନ ବଡଜେନା ଓ ଅନ୍ୟାନ୍ୟ ମାଜିଷ୍ଟ୍ରେଟ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଏକକ ପ୍ଲାଷ୍ଟିକ ବର୍ଜନ ସଚେତନତା

**ନୂଆପଡା/କୋମନା,୧୩।୧୨(ସମିସ):** ନୂଆପଡା ଜିଲ୍ଲା କୋମନା ବ୍ଲକ୍ ବୁଦ୍ଧିକୋମନା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କାର୍ଯ୍ୟକ୍ରମ ତଥା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର,ସରପଞ୍ଚ ସନ୍ତୋଷିନୀ ବାଗ, ଏପିଡି କ୍ଷମାନିଧି ଭୋଇ, ବିଡିଓ ସର୍ବେଶ୍ୱର ଜାଲ, ଡିପିଓ ଲକ୍ଷ୍ମଣ ଓରାମ,ଏବିଡିଓ ଭକ୍ତବନ୍ଧୁ ବୁଡ଼େକ, ଜିପିଡିଓ ହେମନ୍ତ ବିଭାର, ପିଇଓ ଗିରିଧାରୀ ତାଣ୍ଡି, ସହକାରୀଯନ୍ତ୍ରୀ ବିବର୍ତ୍ତନ ହାଁସଦା,ଯନ୍ତ୍ରୀ ସୁବ୍ରତ ରାୟ ତଥା ଜିଲ୍ଲା ଏକକ ପ୍ଲାଷ୍ଟିକ ସଚେତନ ଦଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ପାତାଳେଶ୍ୱର ମନ୍ଦିରରୁ ଶୋଭାଯାତ୍ରା ବାହାରି ବୁଦ୍ଧିକୋମନା ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ତାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ସ୍ୱାଗତ କରିଥିଲେ। ପ୍ରଧାନଶିକ୍ଷକ ଶଶୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସୀତାରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଏକକ ପ୍ଲାଷ୍ଟିକ ବ୍ୟବହାରରେ କ୍ଷତି କଣ ଆଲୋକପାତ କରିଥିଲେ। ଛତ୍ରଛାତ୍ରୀ ସଚେତନ ହେଲେ ଅନ୍ତତଃ ଆମ ଜିଲ୍ଲା ପ୍ଲାଷ୍ଟିକ ଫ୍ରି ହୋଇ ଏକ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ନୂଆପଡା ଗଢ଼ିପାରିବ ଆହ୍ୱାନ ଦେଇଥିଲେ। ଶେଷରେ ଶପଥ ପାଠ କରଯାଇଥିଲା।

## ଆଜି ବୁଢ଼ାରଜା କପ୍ କ୍ରିକେଟ ଫାଇନାଲ | କେସିଙ୍ଗା ଓ ରାମପୁର ମଧ୍ୟରେ ମୁକାବିଲା



**କେସିଙ୍ଗା,୧୩।୧୨(ସମିସ):** ବହୁ ପ୍ରତିକ୍ଷିତ କେସିଙ୍ଗା ରେ ମର୍ଣ୍ଣ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ବୁଢ଼ାରଜା କ୍ରିକେଟ ପ୍ରତିଯୋଗିତାର ଆଜି(ରବିବାର) ହେବ ଉଦ୍‌ଯାପିତ। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ସମଗ୍ର ଓଡ଼ିଶା ସମେତ ପଡୋଶୀ ଛତିଶଗଡ ରାଜ୍ୟର ବଛା ବଛା ୧୬ ଟି ଦଳ ଭାଗ ନେଇ ଥିଲେ।ଶନିବାର ଦିନ ଅନୁଷ୍ଠିତ ଦୁଇଟି ସେମିଫାଇନାଲ ମ୍ୟାଚ୍ ହୋଇଥିଲା।ପ୍ରଥମ ମ୍ୟାଚ୍ ଟିଟଲାଗଡ ଓ ରାମପୁର ମଧ୍ୟରେ ହୋଇଥିଲା। ରାମପୁର ଦଳ ଟିଟଲାଗଡ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମି ଫାଇନାଲରେ କେସିଙ୍ଗା ଓ ଲୁଥୁରବନ୍ଧ ମଧ୍ୟରେ ହୋଇଥିଲା। କେସିଙ୍ଗା ଦଳ ଲୁଥୁରବନ୍ଧକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଫାଇନାଲ ଖେଳ କେସିଙ୍ଗା ଓ ରାମପୁର ମଧ୍ୟରେ ହେବ,ବିଜେତା ଦଳକୁ ବଡ଼ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ବଡ଼ ଟ୍ରଫି ସହିତ ନଗଦ ୪୦ ହଜାର ଟଙ୍କା ପ୍ରଦାନ କରାଯିବ। ମୁଖ୍ୟଅତିଥି ଭାବରେ କେସିଙ୍ଗାର ବରିଷ୍ଠ ସାମ୍ବାଦିକ ଯଯାତୀ କେଶରୀ ଦେଓ ଏବଂ ଅଞ୍ଚଳର ଯୁବ ସଂଗଠକ ସୁରେଶ ରାଓ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ସରିଲା ବର୍ଷର ଶେଷ ଲୋକ ଅଦାଲତ



**କେସିଙ୍ଗା,୧୩।୧୨(ସମିସ):** କେସିଙ୍ଗା ତାଲୁକ ଆଇନ ସେବା ସମିତି ପକ୍ଷରୁ ଶନିବାର ଅଦାଲତ ପରିସରରେ ବର୍ଷର ଚତୁର୍ଥ ଲୋକଅଦାଲତ ଅନୁଷ୍ଠିତ ହୋଇ ଯାଇଛି।ଲୋକ ଅଦାଲତରେ ୮ଟି ଫାଇନାଲ ରିପୋର୍ଟ କେସର ବିଚାର କରାଯାଇଥିଲା।

ସେହିପରି ବିଭିନ୍ନ ବ୍ୟାଙ୍କର ପ୍ରାକ୍ ବ୍ୟାଙ୍କ ଋଣଜନିତ ମୋକଦ୍ଦମା ବାବଦକୁ ୪୩ମାମଲାର ବିଚାର କରାଯାଇ ୬ ଲକ୍ଷ ୩୧ ହଜାର ୩୩୫ ଟଙ୍କା ଋଣ ଆଦାୟ କରାଯାଇଥିଲା। ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତା ଉକ୍ତ ଲୋକ ଅଦାଲତରେ ଓକିଲ ସଂଘର ବରିଷ୍ଠ ଆଇନଜୀବି ସୌମ୍ୟ ରଞ୍ଜନ ମିଶ୍ର,ସୌରରଶ୍ମି ନନ୍ଦ,ସୁନ୍ଦର ବାବୁ ପାତ୍ର,ଅକ୍ଷୟ କୁମାର ପାତ୍ର,ସହକାରୀ ସରକାରୀ ଓକିଲ ପ୍ରକାଶ କୁମାର ଦାସ, ଗୋଲକ ଚନ୍ଦ୍ର ପଟ୍ଟନାୟକ,ଦିନେଶ କୁମାର ଭୋଇ, ରଞ୍ଜିତ କୁମାର ଷଡଙ୍ଗୀ,ସଞ୍ଜୀବ କୁମାର ସ୍ୱାଇଁ,ଗୁରୁ ପ୍ରସାଦ ବଗର୍ତ୍ତି,ଭାରତ ମାଝୀ,ଅନିଲ କୁମାର ଓ କୃଷ୍ଣଚନ୍ଦ୍ର ନାଗ ପ୍ରମୁଖ ଆଇନଜୀବୀ, ଅଦାଲତର କର୍ମଚାରୀ ଉପସ୍ଥିତି ଥିଲେ।

## ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସୁବର୍ଣ୍ଣ ଜୟନ୍ତୀ

# 'ଆଉ ଏକ ନୂଆ ଜୀବନର ଆରମ୍ଭ ହିଁ ବଳକା ଆୟୁଷର ମୂଲ୍ୟବୋଧ'

ଭବାନୀପାଟଣା,୧୩।୧୨(ସମିସ)

ଭବାନୀପାଟଣା ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଓଡିଶା ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କଳାହାଣ୍ଡି ଶାଖାର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶରତ ନାୟକଙ୍କ ଅନୁପସ୍ଥିତିରେ ଉପ ପସଭାପତି ମନୋଜ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହର ଅଧ୍ୟକ୍ଷ ଦୁର୍ଗା ଚରଣ ମିଶ୍ର ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପୁଷ୍ପେନ୍ଦ୍ର ସିଂ ଦେଓ ଅଧ୍ୟକ୍ଷ ଜିଲ୍ଲା ପରିଷଦ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ତନ୍ମୟ କୁମାର ଦରୱାନ ଅତିରିକ୍ତ ଜିଲ୍ଲାପାଳ ଯୋଗ ଦେଇଥିଲେ।

ବୟସର ଅପରାହ୍ନରେ ନୂତନ ସୂର୍ଯ୍ୟକୁ ଅପେକ୍ଷା ଭିତରେ ସମାଜ ପାଇଁ କିଛି କାର୍ଯ୍ୟ କରିବାର ପ୍ରତିବଦ୍ଧତା ଆଜି ଦିବସର ମହତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ମତ ପ୍ରକାଶ ପାଇଛି। ଈଶ୍ୱରୀୟ ଅଭିପ୍ସା ଅଭିଯାତ୍ରାରେ ସମସ୍ତେ ସାମିଲ ହୋଇ ଆଉ ଏକ ନୂଆ ଜୀବନର ଆରମ୍ଭ ହିଁ ବଳକା ଆୟୁଷର ମୂଲ୍ୟବୋଧ। ଡ.ଅଜୟ ମିଶ୍ର,କାଳି ପଟ୍ଟନାୟକ ଶିକ୍ଷାବିତ୍,ମଧୁସୂଦନ ମହାପାତ୍ର,ସଂଘମିତ୍ରା କାନୁନ୍‌ଗୋ,କୁନୁ ନାଏକ, କପିଳେଶ୍ୱର ଖମାରୀ ରୂପ କିଶୋର ଦଳେଇ, ମହମ୍ମଦ ବୁରାନ, ପ୍ରଫୁଲ୍ଲ ପଟ୍ଟନାୟକ,ମଦନ ବରାଡ, ଟି.ରାମକୃଷ୍ଣ ରାଓ ମଞ୍ଚାସୀନ ଥିଲେ। ଅନୁପମା ମୁଦୁଲି ମନ୍ତ୍ରପାଠ କରିଥିଲେ। ସମ୍ପାଦକ ଶୁକ୍ଳ ରାଠୋର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ସମ୍ପାଦକ ଡ.ରାଜେନ୍ଦ୍ର ସାହୁ ଓ ଇତି ମଧ୍ୟରେ ଇହଲୀଳା ସମ୍ବରଣ କରିଥିବା କର୍ମକର୍ତ୍ତା ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ସମ୍ମାନିତ ଅତିଥି ଏବଂ ମଞ୍ଚାସୀନ ଅତିଥି ଗଣ ସଂଘର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ସେବା'ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଜିଲ୍ଲାର ୧୩ ବ୍ଲକର ବିଶିଷ୍ଟ କ୍ରୀଡାବିତ୍, ସାହିତ୍ୟିକ, ଗୀତକାର, ଲେଖକ, କବି, ଶିକ୍ଷାବିତ୍‌ଙ୍କୁ ମାନପତ୍ର, ସ୍ମୃତି ପାଠକ ଦେଇ ସମ୍ମାନିତ କରାଯାଇଥିଲା।



ମୁଖ୍ୟଅତିଥି ଓ ଅତିଥିଗଣ ଶ୍ରୀ ଦୁର୍ଗା ମିଶ୍ରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେ ସଂଘ ଗୃହ ନିର୍ମାଣ ପାଇଁ ୫ ଡେସିମିଲ ଜାଗା ଦାନ ସ୍ୱରୂପ ପ୍ରଦାନ କରିଛନ୍ତି। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଆଗାମୀ ଦିନରେ ସଂଘ ଗୃହ ନିର୍ମାଣରେ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ସୁଧିର ରଥ ମଞ୍ଚ ପରିଚାଳନା କରିଥିଲେ। ମିନତୀ ପ୍ରଧାନ ଉଦ୍‌ଘୋଷଣ କରିଥିଲେ ସମସ୍ତ କାର୍ଯ୍ୟରେ ସମ୍ପାଦକ ସୁବାଷ ପଣ୍ଡା, ଅମିନ ଖାନା, ଉପସଭାପତି ପ୍ରଫୁଲ୍ଲ ମିଶ୍ର, ବିଶ୍ୱ ମୁଣ୍ଡ, ବିଶି କେଶନ ନାଏକ, ଅଶୋକ ବାବୁ, ବିଚିତ୍ରାନନ୍ଦ ସ୍ୱାଇଁ, ଚନ୍ଦ୍ର ବାବୁ, ବିନୋଦ ମିଶ୍ର, ଲବକାନ୍ତ ରଣା, ସମୀର ମହାପାତ୍ର ଅପ୍ପା ରାଓ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ମହେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଫାର୍ମାସୀ ଛାତ୍ରୀ ଯୁବ ମହୋତ୍ସବ ନୃତ୍ୟରେ ଶ୍ରେଷ୍ଠ ବିବେଚିତ




ବରଗଡ,୧୩।୧୨(ସମିସ): ବିକାଶହାୟର ଏଜୁକେସନାଲ୍ ଇନ୍ଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଫାର୍ମାସୀ କଲେଜର ଛାତ୍ରୀ ଜୟା ତାଣ୍ଡି ନିକଟରେ ଆୟୋଜିତ ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବରେ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ବରଗଡ଼ ଜିଲ୍ଲା ପ୍ରଶାସନ ମିଳିତ ଭାବେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଜୟା ତାଣ୍ଡିଙ୍କ ପ୍ରଦର୍ଶନ ଏବଂ ସମର୍ପଣ ଆମ ଅନୁଷ୍ଠାନ ପାଇଁ ବହୁତ ସମ୍ମାନ ଆଣିଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ଲକ୍ଷ୍ମୀ ବିକାଶ ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ, ଅଧ୍ୟକ୍ଷ ଡ.ଶୁଭେନ୍ଦୁ ମିଶ୍ର ଏବଂ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ନିଷ୍ଠା ପରିବାର ତରଫରୁ ଅଜଣା ଶବ ସତ୍କାର

ବରଗଡ଼,୧୩।୧୨(ସମିସ): ୧୦୮ ଆମ୍ବୁଲାନ୍ସ ଦ୍ୱାରା ନଭେମ୍ବର ୬ରେ ବରପାଲିରୁ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଆଣି ଜଣଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ତରଫରୁ ତାଙ୍କର ସେବା ଯତ୍ନ କରିବା ସହ ଡାକ୍ତର ମାନଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲା। ଦୀର୍ଘ ଦିନ ଧରି ଚିକିତ୍ସା କରିବା ପରେ ଚିକିତ୍ସାଧୀନ ଅବସ୍ଥାରେ ଡିସେମ୍ବର ୯ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଭଟଲି ପୁଲିସଙ୍କୁ ଖବର ଦିଆଯାଇଥିଲା। ତାଙ୍କର କେହି ସମ୍ପର୍କୀୟ ନ ଥିବାରୁ ପୁଲିସ ଉପସ୍ଥିତରେ ଶବ ସଂରକ୍ଷଣ କକ୍ଷରେ ରଖାଯାଇଥିଲା। ୯୬ ଘଣ୍ଟା ରଖିବା ପରେ ଆଜି ଭଟଲି ପୁଲିସ ନିଷ୍ଠା ପରିବାରକୁ ଲିଖିତ ଅନୁମତି ଦେବା ପରେ ନିଷ୍ଠା ପରିବାର ତରଫରୁ ସସମ୍ମାନେ ଶବ ସତ୍କାର କରାଯାଇଛି। ଏହି ମହତ କାର୍ଯ୍ୟରେ ଭଟଲୀ ଏସଆଇ ଏକ୍କା ବାବୁ ଓ ନିଷ୍ଠା ପରିବାରର ସଂଯୋଜକ ମାନସ ମେହେର, ଅମିତ ଭୋଇ, ଶୁଭ୍ରାଂଶୁ ସରାଫ ଉପସ୍ଥିତ ଥିଲେ।

### ପଦ୍ମପୁର ଲୋକ ମହୋତ୍ସବ ସାଂସ୍କୃତିକ ପର୍ବ

# ଆକର୍ଷଣ ସାଜିଲା ଆସାମର ବିହୁ ଓ ଛତିଶଗଡ଼ର ଆଜାଦ ପାରିନ୍ଦା

ପଦ୍ମପୁର,୧୩।୧୨(ସମିସ):



ପଦ୍ମପୁର ସ୍ଥାନୀୟ ଅଶୋକ ଖେଳ ପଡିଆ ଠାରେ ଟାଉନ କ୍ଲବ୍, ପଦ୍ମପୁର ତରଫରୁ ଆୟୋଜିତ ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏଥିରେ ବିଜେପୁର ବିଧାୟକ ସନତ ଗଡତିଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ପଦ୍ମପୁର ବଣିକ ସଂଘ ସଭାପତି ତଥା ଟାଉନ କ୍ଲବ୍ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରତାପ ମିଶ୍ର ମୁଖ୍ୟ ଅତିଥି ଭାବେ ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ ପର୍ବକୁ ଶୁଭାରମ୍ଭ କରିଛନ୍ତି। କ୍ଲବ୍‌ର ସଭାପତି ପ୍ରିତେଶ ବହିଦାର ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚରେ ଉପସଭାପତି ନରେଶ ସୁନ୍ଦର ସାହୁଙ୍କ ଉପସ୍ଥିତିରେ କଣ୍ଠଶିଳ୍ପୀ ପ୍ରୀତି ମିଶ୍ର ପ୍ରଥମେ ଏକ ଭଜନରୁ ସନ୍ଧ୍ୟା ଆରମ୍ଭ କରିଥିଲେ। ପରେ ପରେ ପ୍ରିୟାଂଶି ଗୁର୍ଲା ଓ ଗଜାନନ ନାଗଙ୍କ ଦ୍ୱାରା ଲୋକ ଗୀତ ପ୍ରଦର୍ଶିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ କଳାକାର କେଶରଞ୍ଜନ ପଧାନ ଏବଂ ନାଟ୍ୟକାର ଅଶୋକ ବହିଦାର ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରତାପ ନାଥ, ଟେନେସ ପଣ୍ଡା, ସୁରେଶ ସାହୁ ଓ ସୋମେଶ ଚନ୍ଦ୍ର ମହାନ୍ତି ସହଯୋଗ କରିଥିଲେ। ମନିଷ ରଥ, ନିତୁ ସାହୁ, ଦୀପକ ଦାସ, ସୋନାଲିକ ଶବର ଓ ଦେବାଶିଷ ପଣ୍ଡା ମଞ୍ଚ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇ ଥିଲେ। ମହୋତ୍ସବ କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସାଂସ୍କୃତିକ ସନ୍ଧ୍ୟାର ମଜା ନେବା ପାଇଁ ପ୍ରତି ଦିନ ଲୋକଙ୍କ ଖୁବ ଭିଡ ଜମୁଛି। ଆଜିର ସାଂସ୍କୃତିକ ପର୍ବରେ ମହିଳା ମହାବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଶଣ ସହ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗ ଆସନ ପ୍ରଦର୍ଶନ ଦହିତା ଉଚ୍ଚ ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ, କନ୍ୟାଶ୍ରମ ଚର୍ଦା ପାଲିର ନୂଆଁଖାଇ ଆଧାରିତ ପରିବେଷଣ, ମହିଳା ମହା ବିଦ୍ୟାଳୟର ପଞ୍ଚରଶି, ଜେନିଥ ଲୟନ୍ସ ଗୁରୁକୁଳ ଅନୁଷ୍ଠାନ ନିଜର ପରମ୍ପରିକ ନୃତ୍ୟ, ଅଞ୍ଚଳ ମହାବିଦ୍ୟାଳୟର ସାଂସ୍କୃତିକ ଦଳ, ବଲାଙ୍ଗିର ଜୁଡା ଝଲକ ଅନୁଷ୍ଠାନର ପଞ୍ଚରସୀ, ବରଗଡ଼ ଫୁଲ ଗଜରା କଳା ପରିଷଦର ଡାଲଖାଇ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ ଦର୍ଶକଙ୍କୁ ବେଶ ମୁଗ୍ଧ କରିଥିଲା। ସେହିପରି ଛତିଶଗଡ ସ୍ୱରାଗିନୀ ଅନୁଷ୍ଠାନର ଆଜାଦ ପାରିନ୍ଦା ନୃତ୍ୟ ଓ ଆସାମ ପ୍ରତିଭା ଦଳର ବିହୁ ନୃତ୍ୟ ମଞ୍ଚରେ ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିବିଧ ପ୍ରତିଭା ପାଇଁ କୋକିଳ ସାହୁଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ମାନିତ କରାଯାଇଥିଲା। ସେହିପରି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ ଏବଂ ପେଣ୍ଟିଂ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାହୋଇଥିଲା। ବିଚାରକ ଦାୟିତ୍ୱ ତୁଲାଇ ଥିବା ଗଣନାଥ ବର୍ଗତି, ନରେନ୍ଦ୍ର ବରିହା, ଗିରିଧାରୀ ସାହୁ, ସଚ୍ଚିଦାନନ୍ଦ ସାହୁ, ଯୁଗଳ କିଶୋର ଭୋଇ କୋକିଳ ସାହୁ ଏବଂ ପ୍ରଦୀପ ପାଣିଗ୍ରାହୀ, ଦୁର୍ଗାଶିଷ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବ୍‌ର ସମ୍ପାଦକ ଇଂ.କୁନାଲ ପାଣିଗ୍ରାହୀ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଟାଉନ୍ କ୍ଲବ୍ ସଭାପତି ତଥା ମହୋତ୍ସବ କମିଟିର ସଭାପତି ପ୍ରିତେଶ ବହିଦାର ଆବାହକ ଅଶୋକ ମିଶ୍ର, ସମ୍ପାଦକ ଶ୍ରୀ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ସୁବାଷ ପାତ୍ର, ସରୋଜ ମିଶ୍ର, ନରୋତମ ପ୍ରଧାନ, ହରି ସିଂ, କେଶବ ରଞ୍ଜନ ପ୍ରଧାନ, ଅଶୋକ ବହିଦାର, ପ୍ରତାପ ମିଶ୍ର, ନିରୋଜ ଦୋରା, ସୁରେନ୍ଦ୍ର ସାହୁ, ରମେଶ ଗୁର୍ଲା, ବିକାଶ ବହିଦାର, ସୁନୀଲ ଅଗ୍ରୱାଲ, ପ୍ରମୋଦ ମେହେର, ପ୍ରତାପ ନାଥ, ଆଦିତ୍ୟରଥ, ଜ୍ୟୋସ୍ନାରାଣୀ କର, ରଞ୍ଜୁ ସେଠ, ନାରାୟଣ ପୁରୋହିତ, ରାଜେଶ ଗୁର୍ଲା, ନିରୋଜ ସିହ୍ନା, ଅଖିଳ ପଟ୍ଟନାୟକ, ଦିନେଶ ବାରିକ, ସୁରଜ ସୁନା, ସୁରେଶ ସାହୁ, ଅମିତ ଗର୍ଗ, ସୌମ୍ୟରଞ୍ଜନ ମହାନ୍ତି, ନିଖିଳ ପଟ୍ଟନାୟକ, ନରେଶ ବାରିକ, ଟେନେସ ପଣ୍ଡା, ଯୁଗଳ ସାହୁ, ଚିନ୍ମୟ ସାମଲ, ସରୋଜ ଭୋଇ, ଟୁନା ବାରିକ, ଅନିଲ ଗର୍ଗ, ବାରୀଶରାଜା, ଲକ୍ଷ୍ମୀକାନ୍ତ ବରିହା, ମନୋଜ ବେହେରା, ରୋହିତ ସେଠ, ରାହୁଲ ବହିଦାର, ରାହୁଲ ତାଣ୍ଡି, ସୁରେନନ୍ଦ୍ର ଲୁହାର, ବିନୀତ ପାତ୍ର, ଉଦ୍ଧବ ଡୁଙ୍ଗରି, ରୁଦ୍ରନାରାୟଣ ସାହୁ, ଆୟୁଷ ଯୋଶୀ, ଓମ ସାହୁ, ଶଙ୍କର ରାଉତ, ଆଦିତ୍ୟ ବଞ୍ଛୋର, କିରନ ବାଗ, ଡମ୍ବରୁ ଭୋଇ, ବିରେନ ପ୍ରଧାନ, ପ୍ରେମାନନ୍ଦ ବରିହା ପ୍ରମୁଖ ସହଯୋଗ କରିଥିଲେ।

## ସତିହାରୀ ବାଳିକା ହାଇସ୍କୁଲରେ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ଭଟଲି,୧୩।୧୨(ସମିସ): ଶକ୍ତିର ଅପଚୟ ନ କରି ଶକ୍ତି ସଂରକ୍ଷଣକୁ ପ୍ରାଧାନ୍ୟ ଦେବା ପାଇଁ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅଧୀନ ସତିହାରୀ ବାଳିକା ହାଇସ୍କୁଲ, ଭଟଲିରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଯୋଗ ଦେଇଥିଲେ। ଶକ୍ତି କ୍ଲବ୍‌ର ମାର୍ଗଦର୍ଶକ ଶିକ୍ଷକ ଜ୍ଞାନରଞ୍ଜନ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କ ମଧ୍ୟରୁ ଟ୍ୱିଙ୍କଲ ଦିଶ୍ୱାଳ, ଶ୍ରୀୟା ମେହେର ଏବଂ ମଞ୍ଜରୀ ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

ଏହାପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ ଶକ୍ତି କ୍ଲବ୍, ଗଣିତ କ୍ଲବ୍, ବିଜ୍ଞାନ କ୍ଲବ୍ ଓ ଇକୋ କ୍ଲବ୍‌ର ସଦସ୍ୟ ହାତରେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିବା ସହ ସ୍ଲୋଗାନ ମାଧ୍ୟମରେ ଶକ୍ତି ସଂରକ୍ଷଣ ନିମନ୍ତେ ସଚେତନତାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ଲୋକନାଥ ମେହେର, ଶିକ୍ଷୟିତ୍ରୀ ବନ୍ଦିତା ପଧାନ, ଢାଲେଶ୍ୱରୀ ପଟେଲ, ଅନିମା ବାରିକ, ଶିକ୍ଷକ ନୀଳାମ୍ବର ନାୟକ ଏବଂ କିଶୋର ପଧାନ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏମଶ୍ରୀ ହାଇସ୍କୁଲରେ ମକ୍ ପାର୍ଲିଆମେଣ୍ଟ ଓ କୁଇଜ୍ ପ୍ରତିଯୋଗିତା




ବରଗଡ଼,୧୩।୧୨(ସମିସ): ସ୍ଥାନୀୟ ପିଏମଶ୍ରୀ ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମକ୍ ପାର୍ଲିଆମେଣ୍ଟ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

ପ୍ରଧାନଶିକ୍ଷକ ଦେବ ଜୀବନ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର ସାହିଲ ମେହେର ବାଚସ୍ପତି, ଶାସକ ଦଳ ସଭ୍ୟା ପ୍ରଣିତା ଓ ମେରସି ଶ୍ରୁତି, ବିରୋଧୀ ଦଳ ଭୂମିକାରେ ରାକ୍ଷୀ ବାରିକ, ଦିବ୍ୟ ଜ୍ୟୋତି ବେହେରା, ସଚିବ ସୁନେଲି ରାଜହଂସ ରାଜ୍ୟପାଳ ସୁନୟନା ନାଥ, ମୁଖ୍ୟମନ୍ତ୍ରୀ ଭାବେ ଛାତ୍ର ବସନ୍ତ ଖମାରୀ ପ୍ରମୁଖ ଅଭିନୟ କରି ଛାୟା ସଂସଦ ପରିଚାଳନା ଓ ଅଭିନୟ କରିଥିଲେ। ତେବେ ଏହି ଅଭିନୟରେ ଛାତ୍ର ଶାହିଲ ମେହେର ପ୍ରଥମ, ଯୋଗେଶ୍ୱର ବାରିକ ଦ୍ୱିତୀୟ, ଛାତ୍ରୀ ଶ୍ରେୟା ବାଗ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କୁଇଜ୍ ପ୍ରତିଯୋଗିତାରେ ସାହିଲ ମେହେର, ପ୍ରଣିତା କୁମାର ପ୍ରଥମ; ପ୍ରତ୍ୟୁଷ କୁମାର, ସୁନେନା ନାଥ ଦ୍ୱିତୀୟ ଓ ବସନ୍ତ ଖମାରୀ ଓ ରୋନକ ଝା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ବିକାଶ ବଘେଲଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସିଆର୍‌ସିସି ପାର୍ବତୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ବନ୍ଦିତା ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୁଝାରୀପାଲି ଅଙ୍ଗ ନଦୀବନ୍ଧ ବିରୋଧରେ ପ୍ରତିବାଦ ବୈଠକ

ପଦ୍ମପୁର,୧୩।୧୨(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଅଧୀନ ପୁଝାରୀପାଲିରେ ପ୍ରସ୍ତାବିତ ଅଙ୍ଗ ନଦୀ ବନ୍ଧକୁ ବିରୋଧ କରି ପୁଝାରୀପାଲି ଅଙ୍ଗ ନଦୀ ବନ୍ଧ ପ୍ରତିରୋଧ କମିଟି, ବୁଡି ଅଞ୍ଚଳ ବାସୀର ବିଭିନ୍ନ ଗାଁରୁ ଆସିଥିବା ସଦସ୍ୟ ଏବଂ ଲୋହରାକୋଟ ଗ୍ରାମବାସୀଙ୍କୁ ନେଇ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଛି। ପ୍ରତିରୋଧ କମିଟିର ଉପସଭାପତି ସୁଶାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରେଇଖେଳା ପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର ପଟେଲ, ପ୍ରତିରୋଧ କମିଟି ସମ୍ପାଦକ ଆଇନଜୀବୀ କେଶବ ସାହୁ, ଜଳଧର ବରିହା, ଟୁନା ଡନସନା, କୃଷ୍ଣଚନ୍ଦ୍ର ପଣ୍ଡା, ନେତ୍ରାନନ୍ଦ ବେହେରା, ଦୟାନିଧି ପ୍ରଧାନ, ଗିରିଧାରୀ ବରିହା, ପ୍ରକାଶ ପ୍ରଧାନ ଏହି ପ୍ରକଳ୍ପ ବିରୋଧରେ ମତ ରଖିଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୩୨ ଖଣ୍ଡ ମୌଜା, ଅମୂଲ୍ୟ ଚାଷ ଜମି, ପ୍ରାକୃତିକ ପରିବେଶ ଭର୍ତ୍ତି ଜଙ୍ଗଲ ଓ ପ୍ରସିଦ୍ଧ ଶୈବ ପୀଠ ଦେବଦର୍ହା ଜଳସମାଧି ନେବା ନିଶ୍ଚିତ। ପ୍ରତି ଗାଁ ଗାଁରେ ମହିଳା, ଯୁବକ, ଓ ବରିଷ୍ଠଙ୍କ ପୃଥକ କମିଟି ଗଠିତ କରାଯାଇ ପ୍ରକଳ୍ପ ବିରୋଧରେ ଜୋରଦାର ଲଢ଼େଇ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ବୁଡି ଅଞ୍ଚଳବାସୀ ଲୋହରା କୋଟ ଗାଁ ପରିକ୍ରମା କରି ପ୍ରକଳ୍ପ ବିରୋଧରେ ନାରା ଦେଇଥିଲେ। ଅରକ୍ଷିତ ପ୍ରଧାନ ସ୍ୱାଗତ ବକ୍ତବ୍ୟ ଦେଇଥିବା ବେଳେ ସୁରେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସମସ୍ତ ଲୋହରାକୋଟ ଗ୍ରାମବାସୀ ସହଯୋଗ କରିଥିଲେ।

## ଜବାହାର ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୫୯୭ ଛାତ୍ରଛାତ୍ରୀ

ଭେଡେନ,୧୩।୧୨(ସମିସ): ଭେଡେନ ବ୍ଲକ୍ ଅଧୀନ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ୫୯୭ ଜଣ ଛାତ୍ରଛାତ୍ରୀ ଜବାହାର ନବୋଦୟ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଭେଡେନ ବ୍ଲକ୍ ଶିକ୍ଷା ଅଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱବଧାନରେ ଭେଡେନ ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ନାଏକଙ୍କ ତତ୍ତ୍ୱବଧାନରେ ୨୧୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ବରପଦର ଅଛାଣ୍ଡପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ରିମାଧର ଭୁଏଙ୍କ ତତ୍ତ୍ୱବଧାନରେ ୧୮୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଜାମଡୋଲ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟନାରାୟନ ଗଡତିଆଙ୍କ ତତ୍ତ୍ୱବଧାନରେ ୧୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଅନୁଷ୍ଠିତ ସମସ୍ତ ପରୀକ୍ଷାକୁ ସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଡୁମ୍ବେରବାହାଲ ଡ୍ୟାମ ବୁଲି ଦେଖିଲେ ଛାତ୍ରଛାତ୍ରୀ




ପାଇକମାଲ,୧୩।୧୨(ସମିସ): ପାଇକମାଳ ବ୍ଲକ୍ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରଛାତ୍ରୀ ଶନିବାର ଡୁମ୍ବେରବାହାଲ ଡ୍ୟାମ୍ ବୁଲି ଦେଖିଛନ୍ତି। ଅଧ୍ୟକ୍ଷ ଗଙ୍ଗାଧର ରଣା ଓ ଉପାଧ୍ୟକ୍ଷ ମଳୟ ହଂସ ଗାଇଡ ଦାୟିତ୍ୱ ତୁଲାଇଥିଲେ। ଜଗନ୍ନାଥ ରଣା, ମଦନ ଧରୁଆ, ଦେବାସନ ମାଝୀ, କରୁଣାକର ପ୍ରଧାନ, ଅରୁଣା ପ୍ରଧାନ, ଯୋଗେଶ ନାୟକ, ଗିରୀଶ ମାଝୀ, ଟିକେଶ୍ୱରୀ ବିଶ୍ୱାଳ, ତପସ୍ୱିନୀ ଭୋଇ, ବବିତା ପ୍ରଧାନ, ମଣ୍ଟୁ ସାହୁ, ସୁରେନ୍ଦ୍ର ମାଝୀ, ରାଏମତୀ କାରେ, ଅନନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଟାଲେଣ୍ଟ ସର୍ଚ୍ଚ ପ୍ରତିଯୋଗିତା ଟପ୍-୩୦ରେ କ୍ରିଷ୍ଣା ବିକାଶ ବିଦ୍ୟାଳୟର ଛାତ୍ରୀ ଅଂଶିକା




ବରଗଡ଼,୧୩।୧୨(ସମିସ): କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ, ଦଶମ ଶ୍ରେଣୀର ଛାତ୍ରୀ ଅଂଶିକା ଦାଶ ଜାତୀୟ ସ୍ତରର ୱାଏଟିଏସ୍ ୨୦୨୫ (ୟଙ୍ଗ ଆସ୍ଟ୍ରୋନୋମର୍ ଟାଲେଣ୍ଟ ସର୍ଚ୍ଚ) ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲରେ ଟପ୍-୩୦ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ସଫଳତା ସହ ତାଙ୍କୁ ଆସନ୍ତା ମେ ୨୦୨୬ ମାସରେ ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା ମୁଖ୍ୟାଳୟ ପରିଦର୍ଶନ କରିବାର ସମ୍ମାନଜନକ ସୁଯୋଗ ମିଳିଛି। ଏହି ଅବସରରେ ଆଜି ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିଅମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶିକାଙ୍କୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ମାନିତ କରିଥିଲେ। ଅଂଶିକାଙ୍କ ଏହି ସଫଳତାରେ ବିଦ୍ୟାଳୟ, ଅଭିଭାବକ ଗଣ ଓ ସମଗ୍ରରାଜ୍ୟ ପାଇଁ ଗର୍ବର ବିଷୟ ହୋଇଥିବା ବେଳେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି ମୁରଲି କ୍ରିଷ୍ଣା, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ସହିତ ସମସ୍ତ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

# 'ଶିକ୍ଷା ଦ୍ୱାରା ସାମାଜିକ ପରିବର୍ତ୍ତନ ସମ୍ଭବ'



ଝାରବନ୍ଧ,୧୩।୧୨(ସମିସ)

ଶିକ୍ଷା ସ୍ରୋତରେ ସାମିଲ କରି ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ଅଧାରୁ ପାଠପଢ଼ା ଛାଡିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷିତ କରିବା ପାଇଁ ଝାରବନ୍ଧ ବ୍ଲକ୍ ଗୌଡମାଳ କ୍ଲଷ୍ଟରର କୁର୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶରତ ସାହୁଙ୍କ ଅଧ୍ୟକ୍ଷତାରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ବିସିକେଶନ ଶତପଥୀ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଝାରବନ୍ଧ ବିଇଓ ଅଫିସ ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଦେବରାଜ ପ୍ରଧାନ ଯୋଗ ଦେଇଥିଲେ। ଗୌଡମାଳ କ୍ଲଷ୍ଟର ସିଆରସିସି ପୁରନ୍ଦର କୁମ୍ଭାର ଶିକ୍ଷା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେହିପରି ଡଭା କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷକ ନୀଳାମ୍ବର ଭୁଏଙ୍କ ସଭାପତିତ୍ୱରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁକାନ୍ତି ସାହୁ ସରପଞ୍ଚ ଡଭା ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜୟ ସାହୁ ଯୋଗ ଦେଇଥିଲେ। ଡଭା କ୍ଲଷ୍ଟର ସିଆରସିସି କ୍ଷୀରୋଦ୍ର ମହାନନ୍ଦ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଅଶ୍ୱିନୀ ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ। ଅଧାରୁ ପାଠ ଛାଡି ଦେଇଥିବା ପିଲା, ମୋଟେ ସ୍କୁଲ ଯାଇନଥିବା ପିଲାମାନଙ୍କ ଚିହ୍ନଟ କରାଯାଇ ମୁଖ୍ୟ ସ୍ରୋତରେ ଆଣିବା ନିମନ୍ତେ ଆଲୋଚନା ହୋଇଥିଲା।

**ଦହିତା** : ରାଜବୋଡା ସମ୍ବର ବ୍ଲକ୍ ଅଧୀନ ଖଇର ପାଲି ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅଭିଷେକ ମହାନ୍ତିଙ୍କ ସଂଯୋଜନାରେ ଖଇରପାଲି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ରାଜବୋଡାସମ୍ବର ବିଇଓ ଲୋକନାଥ ଭୋଇ, କଂସର ସରପଞ୍ଚ ଆନନ୍ଦ ବେହେରା, ଖଇରପାଲି ସରପଞ୍ଚ ଅଶୋକ ସେଠ, ସମିତି ସଭ୍ୟା ସାବିତ୍ରୀ ଚାନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ଆସ ସ୍କୁଲ ଯିବା ଅଭିଯାନରେ ଚିହ୍ନଟ ହୋଇଥିବା ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ସ୍କୁଲରେ ପୁନଃ ନାମ ଲେଖାଇ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା, ବୟସ ଉପଯୁକ୍ତ ଶ୍ରେଣୀରେ କେବେ ନାମ ଲେଖାଇ ନଥିବା ପିଲାମାନଙ୍କୁ ନାମ ଲେଖାଇବା, ତଦ ସହ ପାଠ ଛାଡୁଥିବା ପିଲାମାନଙ୍କୁ ରୋକିବା ନିଶ୍ଚିତ କରିବା ନେଇ ମତବ୍ୟକ୍ତ କରିଥିଲେ। ଆସ ସ୍କୁଲ ଯିବା ଅଭିଯାନ ସମ୍ପର୍କିତ ମୂଳ ଉଦ୍ଦେଶ୍ୟକୁ ସାଧିତ କରିବା ପାଇଁ କମିଟି ଗଠନ କରାଗଲା। ଚାରି ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ଓ ଜଣେ ଛାତ୍ର ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ। ଶେଷରେ ଶିକ୍ଷକ ନରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଟୋକନ ମିଳିନାହିଁ; ଧାନ ବିକ୍ରି ଆଶଙ୍କାରେ ଚାଷୀ

ପଦ୍ମପୁର,୧୩।୧୨(ସମିସ): ପଦ୍ମପୁର ଉପଖଣ୍ଡରେ ଖରିଫ ଧାନ ଅମଳ ୯୦ ଶତକଡା ସରି ଯାଇଛି। ମଣ୍ଡି ଖୋଲିଥିଲେ ମଧ୍ୟ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଆସିନାହିଁ। ଫଳରେ ଚାଷୀ ଧାନ ବିକ୍ରୀ କରିପାରୁ ନାହିଁ। ଅମଳ ହୋଇଥିବା ଧାନକୁ ଖଳା, ରାସ୍ତା ଓ ଘର ଅଗଣାରେ ଜମାକରି ଟୋକନକୁ ଅପେକ୍ଷା କରିଛନ୍ତି। ଗତବର୍ଷ ଏହି ସମୟରେ ଚାଷୀ ଆରାମରେ ମଣ୍ଡିରେ ଧାନ ବିକ୍ରି କରି ପାରିଥିଲା। କିନ୍ତୁ ଚଳିତ ବର୍ଷ ମଣ୍ଡି ଖୋଲିଛି ସତ କିନ୍ତୁ ଚାଷୀଙ୍କ ପାଖକୁ ଧାନ ବିକ୍ରି ଟୋକନ ଆସିନାହିଁ। ଏପରି ପରିସ୍ଥିତିରେ ଟୋକନକୁ ଅପେକ୍ଷା କରି ଅସନ୍ତୋଷ ଜାହିର କରିଛନ୍ତି ଉପଖଣ୍ଡର ଚାଷୀ। ସୋମବାର ସୁଦ୍ଧା ଟୋକନ ନ ଆସିଲେ ସମବାୟ ସମିତି ସମ୍ମୁଖରେ ଧାନ ପକେଇବା ନେଇ କନସିଂହା, ଜମଳା, ସତୀଭଟା, ଲଖମରା, ସରେଇଖେଳାର ଚାଷୀ ଚେତାବନୀ ଦେଇଛନ୍ତି।

## ବିଦ୍ୟାଳୟସ୍ତରୀୟ ମଡେଲ୍ ଯୁକ୍ତରାଷ୍ଟ୍ର ସଂଘ କାର୍ଯ୍ୟକ୍ରମ



ବୌଦ୍ଧ,୧୩।୧୨(ସମିସ): ଡେଡେଲେଙ୍ଗା ନିକଟସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟରେ ମଡେଲ୍ ଯୁକ୍ତରାଷ୍ଟ୍ର ସଂଘ କାର୍ଯ୍ୟମ ଆୟୋଜିତ ହୋଇ ଯାଇଛି। ଏହା ଏକ ଶିକ୍ଷାମୂଳକ ମଞ୍ଚ; ଯେଉଁଠାରେ ଛାତ୍ରଛାତ୍ରୀ ଯୁକ୍ତରାଷ୍ଟ୍ର ସଂଘର କାର୍ଯ୍ୟପ୍ରଣାଳୀକୁ ଅନୁକରଣ କରି ବିଶ୍ୱ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି ସଂଗଠନ ଛାତ୍ରଛାତ୍ରୀଙ୍କୁ ନେତୃତ୍ୱ, କୁଟନୀତି, ଯୁକ୍ତିତର୍କ ଓ ଆନ୍ତର୍ଜାତିକ ବିଚାରଧାରାରେ ପାରଦର୍ଶୀ କରିବାରେ ସହାୟକ ହୋଇଥିଲା।

କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ବିଭିନ୍ନ ଦେଶର ପ୍ରତିନିଧି ଭାବେ ଭୂମିକା ନିର୍ବାହ କରିଥିଲେ। ସେମାନେ ଜାତିସଂଘର ସୁରକ୍ଷା ପରିଷଦ, ସାଧାରଣ ସଭା, ପରି ବିଭିନ୍ନ କମିଟିରେ ବିଶ୍ୱ ଶାନ୍ତି, ପରିବେଶ ସୁରକ୍ଷା, ମାନବାଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ। ମଡେଲ୍ ଯୁକ୍ତରାଷ୍ଟ୍ର ସଂଘ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ସାର୍ବଜନୀନ ଭାଷଣ କୌଶଳ ଉନ୍ନତ ଏବଂ ସେମାନେ ଦେଶ-ବିଦେଶର ସମସ୍ୟାକୁ ଗଭୀର ଭାବେ ବୁଝି ପାରିଥିଲେ। ଏହା ଭବିଷ୍ୟତର ସଚେତନ ନାଗରିକ ଓ ଦକ୍ଷ ନେତା ତିଆରି କରିବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଏହା କେବଳ ଏକ କାର୍ଯ୍ୟକ୍ରମ ନୁହେଁ; ବରଂ ଏହା ଶିକ୍ଷା, ସଚେତନତା ଓ ବିଶ୍ୱଭାବନାର ଏକ ସୁନ୍ଦର ସଙ୍ଗମ। ଘନଶ୍ୟାମ ସାହୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ପୃଷ୍ଟି ଓ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ତମାଖୁ ବିକି ଜରିମାନା ଗଣିଲେ ୮ ଦୋକାନୀ



ପୁରୁଣା କଟକ,୧୩।୧୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଅଞ୍ଚଳରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇଛି। ତମାଖୁ ନିୟନ୍ତ୍ରଣ ନୀୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୮ ଜଣ ନିୟମ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏହାସହତମାଖୁ ବ୍ୟବହାରର କୁପରିଣାମ ବିଷୟରେ ସଚେତନ କରା ଯାଇଥିଲା।

ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସନ୍ତୋଷ ତ୍ରିପାଠୀ, ଜିଲ୍ଲା ପରମର୍ଶଦାତା ସୀତେଶ ତ୍ରୀପାଠୀ, ଜିଲ୍ଲା ଖାଦ୍ୟ ସୁରକ୍ଷା ସହାୟକ ସତ୍ୟନାରୟଣ ବାରିକ, ଅବକାରୀ ବିଭାଗର ବିଜୟ ବାଘ ଏବଂ ଆଇଆଇସି ଅରୁଣ ସିଂହ ପ୍ରମୁଖ ଚଢଉ କରିଥିଲେ।

## ଗୋରୁ ବ୍ୟବସାୟକୁ ନେଇ ବଚସାରୁ ହତ୍ୟା ଘଟଣା

# ଜେଲ୍ ଗଲେ ୩ ଅଭିଯୁକ୍ତ

ମନମୁଣ୍ଡା,୧୩।୧୨(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଗୁଦୁଗୁଦା ସାପ୍ତାହିକ ଗୋରୁ ବଜାରରେ ଗତ ୧୦ ତାରିଖ ବାଉଁଶୁଣି ଥାନା ତାଲୁପାଲି ଗ୍ରାମର ଦୁର୍ଯ୍ୟୋଧନ ମହାକୁଡଙ୍କୁ ହତ୍ୟା ଘଟଣାରେ ୩ ଜଣ ଜେଲ୍ ଯାଇଛନ୍ତି। ଏମାନେ ହେଲେ ମନମୁଣ୍ଡା ଥାନା ଦହ୍ୟା ଗ୍ରାମର ଆଲୋକ ସାହୁ (୨୫), କିରାସିରାର ପ୍ରଶାନ୍ତ ଜଗଦଲା (୨୭) ଏବଂ ଋଷିବନ୍ଧ ଗ୍ରାମର ଜଗନ ସାହୁ (୨୨)। ମନମୁଣ୍ଡା ଥାନା ଆଇଆଇସି ସସ୍ମିତା ମଗର ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏସଡିପିଓ ଲାରେନ ରାଉତରାୟ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଜଣାଇଛନ୍ତି। ଏସଡିପିଓ ଶ୍ରୀ ରାଉତରାୟଙ୍କ କହିବା ଅନୁସାରେ କୋର୍ଟ ଚାଲାଣ ହୋଇଥିବା ୩ ଅଭିଯୁକ୍ତଙ୍କ



ସମେତ ସରୋଜ ଉର୍ମା, ସିଦ୍ଧାନ୍ତ ଖୁରା, ଚନ୍ଦନ ଖୁରା ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଦୁର୍ଯ୍ୟୋଧନ ଏବଂ ତାଙ୍କ ଭାଇ ବଡ଼ ଭାଇ ରତନ ମହାକୁଡଙ୍କୁ ଲୁହା ଛଡରେ ଆକ୍ରମଣ କରିଥିଲେ। ସେଥିରେ ଦୁର୍ଯ୍ୟୋଧନର ମୃତ୍ୟୁ ଘଟିଥିବାବେଳେ ରତନ ଗୁରୁତର ହୋଇଥିଲେ। ଆକ୍ରମଣ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ୧୧ ତାରିଖରେ ପୁଲିସ ଫରେନ୍ସିକ ଦଳ ଓ ସନ୍ଧନୀ କୁକୁରକୁ ଘଟଣାସ୍ଥଳକୁ ନେଇ ୩ ଅଭିଯୁକ୍ତକୁ ଗିରଫ କରିଥିଲେ। ତେବେ ଘଟଣାରେ ସଂପୃକ୍ତ ଅନ୍ୟ ୪ ଅଭିଯୁକ୍ତ ସିଦ୍ଧାନ୍ତ, ଚନ୍ଦନ, ଗୌର ପାତ୍ର ଏବଂ ଚମରା ପାତ୍ର ଫେରାର ଅଛନ୍ତି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସଡିପିଓ ଶ୍ରୀ ରାଉତରାୟ କହଛନ୍ତି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରଥପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ହରଭଙ୍ଗା,୧୩।୧୨(ସମିସ): ହରଭଙ୍ଗା ବ୍ଲକ ବଡବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟ ରଞ୍ଜନ ରାଏ, ହରଭଙ୍ଗା ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅବିନାଶ ପ୍ରଧାନ, ସିଦ୍ଧାର୍ଥ ଶଙ୍କର ସାହୁ ମଞ୍ଚାସୀନ ଥିଲେ। ପ୍ରଧନଶିକ୍ଷକ ନିରଞ୍ଜନ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲାବେଳେ ସୁଜାତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଭଗବାନ ଗୁରୁଙ୍କୁ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ କରାଯାଇଥିଲା। ଅଲିଭା ଦାସ, ସୌଭାଗ୍ୟ ରଞ୍ଜନ ମଲ୍ଲିକ, ସୁମିତ୍ରା ଦାସ, ଅଲିଭା ପ୍ରଧାନ, ଭାଗବତ ଦେହୁରୀ, ମଞ୍ଜୁଲତା ସା, ଅଙ୍କିତା ସାମଲ, ମଣିକାନ୍ତ ଭୋଇ ସହଯୋଗ କରିଥିଲେ। ଶିକ୍ଷକ ଚମତମୟ ଭୋକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

ବୀରମହାରାଜପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ରଥପୁରସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଜେନାଙ୍କ ପୌରୋହିତ୍ୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଛି। ଉତ୍ସବରେ ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟବକ୍ତା, ପ୍ରଫୁଲ୍ଲ ରଥ ଓ ଇନ୍ଦ୍ରଜିତ ପରୁଆ ଯୋଗଦେଇ ଥିଲେ। ବିଦ୍ୟାଳୟର ଶିକ୍ଷକ ନନ୍ଦକିଶୋର ଶବର ଓ ପ୍ରଦ୍ୟୁମ୍ନ ଦୀପ ସଂଯୋଜନା କରିଥିଲେ। ବିଦ୍ୟାଳୟର ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ସର୍ବ ମୋଟ ୧୨ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବାଳକ ବର୍ଗର ରାଜ୍ଜ୍ରିତମ ଧଳ ଚାମ୍ପିଅନ ଓ ବାଳିକା ବର୍ଗର ତନୁଶ୍ରୀ ତନ୍ମୟୀ ନାୟକ, କନିଷ୍ଠ ବାଳକ ବର୍ଗର କୁଳଦୀପ କ୍ରିଷ୍ଣା ନାୟକ ଓ ବାଳିକା ବର୍ଗର ମୌସୁମୀ ପଧାନ ଯଥାକ୍ରମେ ଅଳଙ୍କୃତ ହୋଇଥିଲେ। ପୁରସ୍କାର ବିତରଣ ପର୍ବକୁ ସଞ୍ଚାଳନ କରିଥିଲେ ବରିଷ୍ଠ ଶିକ୍ଷକ ନରେନ୍ଦ୍ର କୁମାର୍ ବାରିକ, ହେମନ୍ତ ନାରାୟଣ ସିଂଦେଓ ଓ ପଦ୍ମଲୋଚନ ମିଶ୍ର। ଶିକ୍ଷୟିତ୍ରୀ ସବିତ୍ରୀ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ମୃଷୁଣ୍ଡି ଓ ବାଗବର ଧାନମଣ୍ଡି ଉଦ୍‌ଘାଟିତ



ବୀରମହାରାଜପୁର,୧୩।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅଧୀନ ମୃଷୁଣ୍ଡି ପ୍ରାଥମିକ ସେବା ସମବାୟ ସମିତି ଓ ବାଗବର ସେବା ସମବାୟ ସମିତି ଠାରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୃଷୁନ୍ଦି ସେବା ସମବାୟ ସମିତିର ସଭାପତି ଲବ କୁମାର ସହୁଙ୍କ ଅଧ୍ୟକ୍ଷତାରେ ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆର୍‌ସିଏସ ନାରାୟଣ ସେଠୀ, ଆର୍‌ଏମସି ସମ୍ପାଦକ ମନୋଜ ଜେନା, ରାଜସ୍ୱ ନିରୀକ୍ଷକ ରୋହିତ ମିଶ୍ର, ଭିଏଡବ୍ଲୁ ପ୍ରକାଶ ଭୋଇ ଏବଂ ଚାଷୀ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ବାଗବର କୃଷି ସମବାୟ ସମିତି ରେ ମଧ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ବିପିନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଏଆର୍‌ସିଏସ ନାରାୟଣ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ନୋଡାଲ ଅଫିସର ଗୌରୀଶଙ୍କର ସା, ସମ୍ପାଦକ ଚନ୍ଦ୍ରମଣି ବଗର୍ତ୍ତି, ଚାଷୀ କମିଟିର ଆଲୋକ କୁମାର ପଣ୍ଡା, ଯଜ୍ଞେଶ୍ୱର ପୁଝାରୀ, ଶମ୍ଭୁ ପ୍ରସାଦ ମଲ୍ଲିକ, ବୁଲୁ ଦାସ ପ୍ରମୁଖ ସାମିଲ୍ ହୋଇଥିଲେ।

## ଦାବିହୀନ ଜମା ରାଶି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବୌଦ୍ଧ, ୧୩।୧୨(ସମିସ): ବୌଦ୍ଧ ଟାଉନହଲ୍‌ରେ ଦାବିହୀନ ଜମାରାଶି ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ଜନ ସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ପାଇଁ ବୌଦ୍ଧ ଜିଲ୍ଲାର ସମସ୍ତ ବ୍ୟାଙ୍କ ଏବଂ ଜୀବନ ବୀମା ସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ତନ ବସ୍କୋଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ମଧୁକର ଆନନ୍ଦ, ପ୍ରକାଶ ଗ୍ରହାଚାର୍ଯ୍ୟ, ସୁନୀଲ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରଶାସନର ପ୍ରସ୍ତୁତି



ବୌଦ୍ଧ,୧୩।୧୨(ସମିସ): ବୌଦ୍ଧ କଚେରୀ ପଡିଆଠାରେ ବୌଦ୍ଧ ମହୋତ୍ସବ ଆୟୋଜନ ହେବ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାକର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ପ୍ରଶାସନର ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ, ନିର୍ବାହୀ ଅଧିକାରୀ ବୌଦ୍ଧଗଡ଼ (ଏନଏସି) ସତ୍ୟ ନାରାୟଣ ପ୍ରଧାନ, ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ବୌଦ୍ଧ କଚେରୀ ପଡିଆଠାରେ ପ୍ରସ୍ତୁତି ତଦାରଖ କରିଛନ୍ତି।

## କେନ୍ଦୁପାଲି, ରାମପୁର, ଚକାବରରେ ଶିକ୍ଷାସଭା







ଡୁଙ୍ଗୁରିପାଲି,୧୩।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କେନ୍ଦୁପାଲି ପ୍ରାଥମିକ ବିଦ୍ୟାଳୟରେ ଗଜବନ୍ଧ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତୁଳସୀରାମ ଭୋଇଙ୍କ ସଭାପତିତ୍ୱରେ ଗଜବନ୍ଧ ପଞ୍ଚାୟତ ସରପଞ୍ଚ ବାସନ୍ତୀ ଖେତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସରକାରଙ୍କ ଆସ ସ୍କୁଲଯିବା କାର୍ଯ୍ୟକ୍ରମକୁ ସଫଳ କରିବା ଓ ତାହାର ବିଭିନ୍ନ ଦିଗ ସମ୍ବନ୍ଧରେ କ୍ଲଷ୍ଟରରୁ ଆସିଥିବା ସମସ୍ତ ପ୍ରଧାନଶିକ୍ଷକ ଓ ଏସଏମସି ଚେୟାରମ୍ୟାନ, ନିର୍ବାଚିତ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ଆଶା ଦିଦି ଓ ଅଭିଭାବକ ମାନଙ୍କ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅଧାରୁ ପାଠ ଛାଡ଼ିଥିବା ଶିକ୍ଷାର୍ଥୀ ଓ ଅବିଭାବକଙ୍କ ମତାମତ ଗ୍ରହଣ କରାଯାଇ ମୁଖ୍ୟସ୍ରୋତରେ ସାମିଲ ପାଇଁ ଉତ୍ସାହିତ କରାଯାଇଥିଲା। ଶିକ୍ଷକ ଶମ୍ଭୁ ପ୍ରସାଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମୋହନ ଚରଣ ନାଏକ, ନନ୍ଦକିଶୋରସ ବିଶି, ହାରାଧନ ବେରିଆ, ନିତାଇ ମଟାରୀ, ଗୋକୁଳାନନ୍ଦ ସାହୁ, କେନ୍ଦୁପାଲି ଗ୍ରାମବାସୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଅଭିଭାବକ ସହଯୋଗ କରିଥିଲେ।

ସେହିଭଳି ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ବାଳିକା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ପ୍ରଦୀପ୍ତ କିଶୋର ଦାଶଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଡାକ୍ତର ପତି ମୁଖ୍ୟଅତିଥି ଓ ନୋଡାଲ ଉଚ୍ଚ ବିଦ୍ୟାଳୟ ରାମପୁରର ପ୍ରଧାନଶିକ୍ଷକ ହୋସିୟା ଛତ୍ରିୟା ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପାଣିଗ୍ରାହୀ ବିଦ୍ୟାଳୟର ଉପଲବ୍ଧି ବିଷୟରେ ସଭାକୁ ଜଣାଇ ଥିବାବେଳେ ସରକାରଙ୍କ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ସଫଳ କରିବା ଓ ତାହାର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ ଅରୁଣା ମେହେର ସାଂସ୍କୃତିକ ପରିଚାଳନା କରିଥିଲେ ଓ ଶିକ୍ଷୟିତ୍ରୀ ସଂଗୀତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବୀରମହାରାଜପୁର: ବୀରମହାରାଜପୁର ବ୍ଲକ୍ ଚକାବର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର୍ ଲୁହା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଦାସ, ବୀରମହାରାଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆନୀତା ହୋତା ଏବଂ ବିଶିଷ୍ଟ ଅତିଥି ଭାବରେ ଚମ୍ପାମାଲ ପଞ୍ଚାୟତ ସରପଞ୍ଚ ମହେନ୍ଦ୍ର ଜଗଦଲା ଉପସ୍ଥିତ ଥିଲେ। ସଭାପତିତ୍ୱ କରିଥିଲେ ନାରାୟଣ ବେହେରା ଓ ସଭା ସଂଯୋଜନା କରିଥିଲେ ଟାଙ୍ଗର୍ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭିମନ୍ୟୁ ବଗର୍ତ୍ତି। ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଶିକ୍ଷକ ବିକାଶ ଭୋଇ। ସଭାରେ ଚକାବର୍ କ୍ଲଷ୍ଟର ଅଧୀନ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯିବା ସହିତ, ଡ୍ରପ୍ ଆଉଟ୍‌ରୁ ମୁଖ୍ୟ ସ୍ରୋତକୁ ଫେରିଆସିଥିବା ଅଭିଭାବକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ୨୦୩ ଛାତ୍ରଛାତ୍ରୀ ନବୋଦୟ ପ୍ରବେଶ ପରୀକ୍ଷା ଦେଲେ

କଣ୍ଟାମାଳ,୧୩।୧୨(ସମିସ): କଣ୍ଟାମାଳ ହାଇସ୍କୁଲରେ ନବୋଦୟ ପ୍ରବେଶ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପଞ୍ଜିକରଣ ୨୧୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୩ ଜଣ ପରୀକ୍ଷା ଦେଇଛନ୍ତି। ପ୍ରଧାନ ଶିକ୍ଷକ ମନୋରଂଜନ ପ୍ରଧାନ ପରୀକ୍ଷା ପରିଚାଳନା କରିଥିଲେ। ମୁଣ୍ଡିପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ ସାହୁ ଓ ବୌଦ୍ଧ ନବୋଦୟ ବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଭି. ଶ୍ରୀବାସ୍ତବ ପର୍ଯ୍ୟବେକ୍ଷକ ଥିଲେ। ଶିକ୍ଷୟତ୍ରୀ ହେମବନ୍ତି ବାଘ, ଶିକ୍ଷକ ଆଲୋକ ପରଡିଆ, ବନମାଳୀ ମେହେର, ସତ୍ୟଜିତ ପଣ୍ଡା, ସରୋଜ ସାହୁ, ଶିକ୍ଷୟତ୍ରୀ ଏମ. ମାଧୁରୀ ଦୋରା, ମୀରାବାଈ ଧାରୁଆ, ଶିକ୍ଷକ ଦେବଶ୍ରିତ ପ୍ରଧାନ, ବୀରଭଦ୍ର ମିଶ୍ର ପରିଚାଳନା କରିଥିଲେ। କର୍ମଚାରୀ ନବ ସାହୁ, ନିଳୀମା ପ୍ରଧାନ, ମନୋଜ ବଞ୍ଛୋର୍ ସହଯୋଗ କରିଥିଲେ।

## ଜାତୀୟ ଶକ୍ତି ସଂରକ୍ଷଣ ଦିବସ

କଣ୍ଟାମାଳ,୧୩।୧୨(ସମିସ): ଖଲିଆପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ଶକ୍ତି ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ପଦଯାତ୍ରା, ପୋଷ୍ଟର ମେକିଂ, ସ୍ଲୋଗାନ ଓ ସଚେତନ ଶିକ୍ଷା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ମହାପାତ୍ର ଶକ୍ତି ସଂରକ୍ଷଣ ଦ୍ୱାରା ପରିବେଶ ସୁରକ୍ଷା ଓ ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ। ଶିକ୍ଷକ କ୍ରିଷ୍ଣା ବସ୍ତିଆ, ସୁଭଦ୍ରା ମାଝୀ, ରୋହନ ପରିଡା ଓ ଦୁର୍ଗାଶଙ୍କର ପଣ୍ଡା ଉପସ୍ଥିତ ଥିଲେ। ପବିତ୍ର କଅଁର, ଭାଗବତ ବାରିକ, ବନିତା କଅଁର ଓ ସୁକାନ୍ତି ପାଣ୍ଡେ ସହଯୋଗ କରିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଉପରେ ଆଲୋଚନାଚକ୍ର

ବୌଦ୍ଧ,୧୩।୧୨(ସମିସ): ବୀରନରସିଂହପୁର ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ଏହା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନବ ଦୀପ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରର ଜିଲ୍ଲା ସଂଯୋଜକ ଅଧ୍ୟାପକ ଡ. ଅମରେଶ ସାହୁ ପ୍ରାରମ୍ଭିକ ଭାଷଣ ଦେବା ସହ ଏହାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଲୋକ ସଂସଦର ଜିଲ୍ଲା ସଭାପତି ହୃଷୀକେଶ ପ୍ରଧାନ ସ୍ୱାମୀଜୀଙ୍କ ସାଧନା ଓ କାର୍ଯ୍ୟକଳାପ ଉପରେ ବହୁ ତଥ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ପ୍ରବୀର ଦାସ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ, ଆଦର୍ଶ ଓ ଆଜିର ଯୁବ ସମାଜ ପାଇଁ ଏହା କେତେ ଉପାଦେୟ ସେ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ସଦାନନ୍ଦ ମାହାର ସ୍ୱାମୀଜୀ କିପରି ସନାତନ ଧର୍ମକୁ ପୁନର୍ଜୀବିତ କରିଥିଲେ ସେ ଉପରେ ବର୍ଣ୍ଣନା କରିଥଲେ। ଅଧ୍ୟାପିକା ପ୍ରଭାତୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ବୌଦ୍ଧ,୧୩।୧୨(ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଆନନ୍ଦପୁର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରମାନେ ମା' ପଣ୍ଟେଇଙ୍କ ପୀଠରୁ କ୍ରୀଡା ଜ୍ୟୋତି ଧରି ଏକ ଶୋଭାଯାତ୍ରାରେ ପଡିଆରେ ପହଞ୍ଚି ଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସୌଦାମିନୀ ପ୍ରଧାନଙ୍କୁ ଏହା ପ୍ରଦାନ ପରେ କ୍ରୀଡା ଜ୍ୟୋତିକୁ ସ୍ଥାପନ କରି ଖେଳ ଉଦ୍‌ଘାଟିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ସୁଶୀଲ ହୋତା ଯୋଗ ଦେଇଥିଲେ। ଶିକ୍ଷକ ଅଶୋକ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶିକ୍ଷକ ଶମ୍ଭୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ବାଳକ ବର୍ଗରେ ମନୋଜ ମେହେର ଓ ବାଳିକା ବିଭାଗରେ ମୋନାଲିସା ବିଶି ଚାମ୍ପିଅନ ହୋଇଥିଲେ। ସମୁଦାୟ ୧୯୭ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷୟତ୍ରୀ ଗାୟତ୍ରୀ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ, ତରଙ୍ଗିନୀ ବେହେରା, ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ମେହେର, ଡେଭିଡ ପ୍ରଧାନ, ଲମ୍ବୋଦର ବେହେରା, ପ୍ରଦୀପ୍ତ ଉର୍ମା, ନିର୍ମଳ ନାଏକ, ଅଂଶୁମାନ ବାରିକ, ସଞ୍ଜୟ ନାୟକ, ରବୀନ୍ଦ୍ର ବେଜୀ ପ୍ରମୁଖ ସହଯୋଗ କରିଥିଲେ।

ହରଭଙ୍ଗା: ହରଭଙ୍ଗା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୈରବୀ ଡିଗ୍ରୀ କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ, ମାଧପୁର ଉଚ୍ଚ ମାଧ୍ୟାମିକ ବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ ଶେଖର ମଙ୍ଗରାଜ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତ ସଭାପତିତ୍ୱ କରିଥିଲେ। ବରିଷ୍ଠ ଅଧ୍ୟାପକ ସୁଦାମ ଚରଣ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ମନୋଜ ପ୍ରହରାଜ, ଲଳିତ ମହାପାତ୍ର, ସୁବାସ ସୁରିନ, ଖେଳ ଶିକ୍ଷକ କୁସଧ୍ୱଜ ମହାକୁଡ଼ ସହଯୋଗ କରିଥିଲେ।

ବୀରମହାରାଜପୁର: ବୀରମହାରାଜପୁର ଏମ୍ସ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଧ୍ୟକ୍ଷା ସୁଚିସ୍ମିତା ପଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକ ଲଳେନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଶିକ୍ଷକ ଦେ ଅମ୍ବରିଶା ପଣ୍ଡା, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



ସକାଳ THE SAKALA



# ଅନୁଗୋଳ ଜିଲ୍ଲାରେ ବଢୁଛି ମାଣ୍ଡିଆ ଚାଷପ୍ରତି ଆଦର

ଅନୁଗୋଳ,୧୩।୧୨(ସଂଗ୍ରାମ ଦାସ)







ଅନୁଗୋଳ ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରତି ଆଗ୍ରହ ବଢୁଛି। ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟର ଚାହିଦା ବଢୁଥିବାରୁ ଚାଷୀମାନେ ଏହି ଚାଷ ପାଇଁ ଅଧିକ ଇଚ୍ଛା କରୁଛନ୍ତି। ଏହାଛଡ଼ା ଡିପ ଓ ଅଣ ଜଳସେଚିତ ଜମିରେ ଏହି ଚାଷ କରାଯାଇ ପାରୁଛି। ପର୍ଯ୍ୟାପ୍ତ ସରକାରୀ ସହାୟତା ମିଳୁଛି। ତେଣୁ ଚଳିତବର୍ଷ ଜିଲ୍ଲାର ୫ ବ୍ଲକରେ ପ୍ରାୟ ୩୦୪୬ ହେକ୍ଟରରୁ ଅଧିକ ଜମିରେ ମାଣ୍ଡିଆ ଚାଷ କରାଯାଇଛି। ୫୮୦୦ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି।

ଅନୁଗୋଳ ଜିଲ୍ଲାରେ ବହୁ ପୂର୍ବରୁ ବ୍ୟାପକ ମାଣ୍ଡିଆ ଚାଷ ହେଉଥିଲା। ସେତେବେଳେ ଦାରିଦ୍ର୍ୟ ଏବଂ ଖାଦ୍ୟାଭାବ ସମୟରେ ମାଣ୍ଡିଆକୁ ଖାଦ୍ୟ ଭାବେ ଗ୍ରହଣ କରାଯାଉଥିଲା। ଧୀରେ ଧୀରେ ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିଲା। ବିଭିନ୍ନ ଅର୍ଥକାରୀ ଫସଲ କରି ଲୋକେ ଅଧିକ ଲାଭ ପାଇଲେ। ତେଣୁ ମାଣ୍ଡିଆ ଚାଷରୁ ମୁହଁ ମୋଡ଼ିଲେ ଅନେକ ଚାଷୀ। ହେଲେ ଏବେ ପ୍ରଦୂଷିତ ପୃଥିବୀର ବିଷ ବଳୟ ଭିତରେ ମଣିଷ ବଞ୍ଚିବାକୁ ପଡୁଛି। ବିଭିନ୍ନ ନୂଆ ନୂଆ ରୋଗର ଶିକାର ହେଉଛି। ତେଣୁ ମାଣ୍ଡିଆ ଭଳି ଏକ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ପଡୁଛି। ଫଳରେ ସରକାରୀ ଓ ବେସରକାରୀ ସ୍ତରରେ ମାଣ୍ଡିଆ ଚାଷକୁ ବ୍ୟାପକ ଗୁରୁତ୍ୱ ଦିଆଯାଉଛି। ଗତ ୫/୬ବର୍ଷ ହେଲା ଅନୁଗୋଳ ଜିଲ୍ଲାରେ ପୁଣି ଥରେ ଆରମ୍ଭ କରାଯାଇଛି ମାଣ୍ଡିଆ ଚାଷ। ଜିଲ୍ଲାର କିଶୋରନଗର, ଆଠମଲ୍ଲିକ, ଛେଣ୍ଡିପଦା, ପାଲଲହଡ଼ା ଓ ଅନୁଗୁଳ ବ୍ଲକର ଜଙ୍ଗଲ ଅଧ୍ୟୁଷିତ ଓ ଉଚ୍ଚ ଜମିରେ ମାଣ୍ଡିଆ ଚାଷ କରାଯାଉଛି। ଚଳିତ ବର୍ଷ ଏହି ସବୁ ବ୍ଲକର ପ୍ରାୟ ୪ହଜାର ଚାଷୀ ୩୦୪୬ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଛନ୍ତି। ୫୮୦୦ କୁଇଣ୍ଟାଲ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ଯାହାକି ଗତବର୍ଷ ତୁଳନାରେ ଯଥେଷ୍ଟ ଅଧିକ।

ଯେଉଁଠି ଧାନ ଏବଂ ଅନ୍ୟ କୌଣସି ଫସଲ ହୁଏ ନାହିଁ ସେଭଳି ଜମିରେ ମାଣ୍ଡିଆ ଚାଷ ହୋଇପାରେ। କାରଣ ମାଣ୍ଡିଆ ଚାଷ ପାଇଁ ପର୍ଯ୍ୟାପ୍ତ ପାଣି, ସାର ଓ ଔଷଧ ଆବଶ୍ୟକ ପଡ଼େନାହିଁ। ତେଣୁ ଚାଷୀ କମ ଖର୍ଚ୍ଚ ଓ ପରିଶ୍ରମରେ ଏହି ଚାଷ କରିପାରେ। ସରକାରଙ୍କ ତରଫରୁ ଚାଷୀଙ୍କୁ ଉନ୍ନତ ମାନର ବିହନ ଯୋଗାଇ ଦିଆଯାଉଛି। ବିଭିନ୍ନ ସମୟରେ ଆବଶ୍ୟକ ଜ୍ଞାନକୌଶଳ ମଧ୍ୟ ଯୋଗାଇ ଦିଆଯାଉଛି। ଉତ୍ପାଦନ ପରେ ଚାଷୀଙ୍କୁ ବିକ୍ରି କରିବାର କୌଣସି ଅସୁବିଧା ହେଉନାହିଁ। ସରକାରଙ୍କ ତରଫରୁ ଚାଷୀଙ୍କଠାରୁ ଉଚିତ ମୂଲ୍ୟରେ ମଣ୍ଡି ମାଧ୍ୟମରେ ମାଣ୍ଡିଆ କିଣାଯାଉଛି। ଗତ ବର୍ଷ ଅନୁଗୋଳ ଜିଲ୍ଲାରେ ୨୦ଟି ମଣ୍ଡି କରାଯାଇଥିଲା। ଚଳିତ ବର୍ଷ ଅଧିକ ମଣ୍ଡି କରିବାକୁ କୃଷି ବିଭାଗ ସ୍ଥିର କରିଛି। ଗତ ବର୍ଷ ସରକାର ଚାଷୀଙ୍କଠାରୁ ମାଣ୍ଡିଆ କେଜି ପ୍ରତି ୩୮ଟଙ୍କାରେ କ୍ରୟ କରିଥିଲେ। ଚଳିତ ବର୍ଷ ଏହାକୁ ବୃଦ୍ଧି କରି ୪୨ଟଙ୍କା କରାଯାଇଛି। ଏହାଛଡ଼ା ସରକାରଙ୍କ ତରଫରୁ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଉଛି। ମାଣ୍ଡିଆ ରୁଆଠାରୁ ଅମଳ ପର୍ଯ୍ୟନ୍ତ ଯାହା ଆବଶ୍ୟକ ସବୁକିଛି ଚାଷୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ମାଣ୍ଡିଆ ଚାଷ ପ୍ରତି ଚାଷୀଙ୍କ ଆହୁରି ଆଗ୍ରହ ବଢ଼ିବା ସହ ସେମାନେ ଲାଭବାନ ହୋଇପାରିବେ। ଦିନ ବଦଳିଛି। ଆଜି ସେ ସମୟ ଆସିଛି, ଗରିବଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏକ ପୁଷ୍ଟିକର ଓ ଔଷଧୀୟ ଖାଦ୍ୟ ପାଲଟିଛି ମାଣ୍ଡିଆ। ତେଣୁ ଆଗାମୀ ଦିନରେ ଏହାର ଚାହିଦା ଆହୁରି ଅଧିକ ବଢ଼ିବା ସହ ଚାଷୀ ଉପକୃତ ହୋଇପାରିବେ ବୋଲି ଆଶା ରଖାଯାଇଛି।

## ରେଙ୍ଗାଳି ବାଘ ମେମୋରିଆଲ କ୍ରିକେଟ; ସାନତ୍ରିବିଡ଼ା ଚାମ୍ପିଅନ

କଣିହାଁ,୧୩।୧୨(ସମିସ): କଣିହାଁ ବ୍ଲକ୍ ରେଙ୍ଗାଳି ଘୁଡ଼ିଆମରା ଖେଳପଡ଼ିଆରେ ଚାଲିଥିବା ରେଙ୍ଗାଳି ବାଘ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ସାନତ୍ରିବିଡ଼ା ସିନ୍ଦୂର ମିସାଇଲ କ୍ଲବ ଓ ମାସୁଣୀହତା ଏସିସି ମଧ୍ୟରେ ତିନିମ୍ୟାଚ୍ ବିଶିଷ୍ଟ ଫାଇନାଲ୍ ଖେଳାଯାଇଥିଲା। ସାନତ୍ରିବିଡ଼ା ଦୁଇଟି ମ୍ୟାଚ ଜିତି ଚାମ୍ପିଅନ ହୋଇଛି। ଶ୍ରୀନିବାସ ସାମଲ ଓ ଅଜିତ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଲକି ଟ୍ରାନ୍ସପୋର୍ଟର ମାଲିକ ଧର୍ମେନ୍ଦ୍ର ସାହୁ ମୁଖ୍ୟଅତିଥି, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଧ୍ରୁବଚରଣ ଧୀର ମୁଖ୍ୟବକ୍ତା ଓ ବୁଲୁ ସାହୁ, ରୁନା ସାହୁ, ଜିତେନ୍ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୧୩ ହଜାର ୧ ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୦ ହଜାର ୧ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ବାଘ ମେମୋରିଆଲ କ୍ରିକେଟ କ୍ଲବ ସଭାପତି ପ୍ରଦୀପ ସାମଲ, ସମ୍ପାଦକ ସତ୍ୟବାନ ସାମଲ, ସଭ୍ୟ ସଞ୍ଜୟ ସାମଲ, ରାହୁଲ ଭୋଇ, ଜଗ ମାଝୀ, ସିପୁନ ମାଟିଆରୀ ପ୍ରମୁଖ ସହଯୋଗ କରିଥିଲେ।

## ଆକ୍ରମଣରେ ସାମାଜିକ କର୍ମୀ ଗୁରୁତର

କଣିହାଁ,୧୩।୧୨(ସମିସ): କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ଟୋଳକବେଡ଼ା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ଚିତ୍ତରଞ୍ଜନ ନାଏକ (୩୮)ଙ୍କ ଆକ୍ରମଣରେ ସାମାଜିକ କର୍ମୀ ସୁଶୀଲ କୁମାର ନାଏକ (୩୩) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଣିହାଁ ମେଡିକାଲରେ ପ୍ରାଥମିକ ଚିକତ୍ସା ପରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡ, ଛାତି ସହ ଶରୀରର ଅନ୍ୟାନ୍ୟ ସ୍ଥାନରେ ଗଭୀର ଆଘାତ ଲାଗିଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଆଇଆଇସି ସନ୍ତୋଷ କୁମାର ସେଠୀଙ୍କୁ ପଚାରିବାରୁ କହିଲେ, ଉଭୟ ପକ୍ଷରୁ ଅଭିଯୋଗ ଆସିଛି। ଘଟଣାର ତଦନ୍ତ ଚାଲିଛି। ସୁଶୀଲଙ୍କ ମେଡିକାଲ ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଗୋଳ,୧୩।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ୨୨୧ଟି ପ୍ରାକ ମୋକଦମାଜନିତ ମାମଲାର ଫଇସଲା କରାଯାଇ ୮୪ ଲକ୍ଷ ୫୧ ହଜାର ୨୬ ଟଙ୍କାରେ ସମାଧାନ କରାଯାଇଥିଲା। ସେହିପରି ୪୭୫୩ଟି ବିଚାରାଧୀନ ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୨୯ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ ୨ କୋଟି ୩୮ ଲକ୍ଷ ୩୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ୨୪ଟି ଚେକ ବାଉନ୍ସ ମାମଲାର ବିଚାର କରାଯାଇ ୧ କୋଟି ୨୫ ଲକ୍ଷ ୭୫ ହଜାର ୨୯୧ ଟଙ୍କାରେ ସମାଧାନ କରାଯାଇଥିଲା। ୧୨ଟି ଶ୍ରମ ବିବାଦ ମାମଲାର ବିଚାର କରାଯାଇ ୩୪ ଲକ୍ଷ ୯୬ ହଜାର ୯୭୫ ଟଙ୍କାରେ ସମାଧାନ କରାଯାଇଥିଲା। ୫୭ଟି ଦେୱାନୀ ମାମଲାର ସମାଧାନ କରାଯାଇଥିଲା। ୧୬ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୩୦ଟି ପାରିବାରିକ ବିବାଦ ମାମଲା (ଛାଡ଼ପତ୍ର ବ୍ୟତୀତ), ୪ଟି ଖାଉଟି ବିବାଦ ମାମଲା, ୫୪୪ଟି ଫୌଜଦାରୀ ମାମଲା, ୪୦୩୭ଟି ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ଫଇସଲା କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଅଁରପାଳରେ ଥିବା ଅଦାଲତ, ଖାଉଟି ଅଦାଲତ, ବିଭିନ୍ନ ତହସିଲ, ବ୍ୟାଙ୍କ ଓ ବିଏସଏନଏଲ, ଶ୍ରମ କାର୍ଯ୍ୟାଳୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଲୋକ ଅଦାଲତ ହୋଇଥିଲା। ଏଥିରେ ଅନୁଗୋଳ ଅଦାଲତର ବିଚାରପତିଗଣ, ସରକାରୀ ଓକିଲ, ଅନୁଗୋଳ କୋର୍ଟ ଆଇନଜୀବୀ, ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ।

## ପୁରୋହିତ ମହାଦେବଙ୍କ ପରଲୋକ



କିଶୋରନଗର,୧୩।୧୨(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କସ୍ତୁରୀବାହାଲ ଗ୍ରାମର ପୁରୋହିତ ମହାଦେବ ଦାଶଙ୍କ ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁଅ ଆଦିତ୍ୟ ଦାଶ ମୁଖାଗ୍ନି ଦେଇଥିଲେ।

## ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୭୨୪ ଛାତ୍ରଛାତ୍ରୀ

ବଇଣ୍ଡା,୧୩।୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକରେ ଶନିବାର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ବ୍ଲକରେ ୪ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ୮୨୩ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ବେଳେ ୭୨୪ ଜଣ ପରୀକ୍ଷା ଦେଇଛନ୍ତି। ପୂର୍ବାହ୍ନ ସାଢ଼େ ୧୧ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା। ବଇଣ୍ଡା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୮୭, ହଣ୍ଡପା ହାଇସ୍କୁଲ କେନ୍ଦ୍ରରେ ୧୭୯, ବାମୁର ପରୀକ୍ଷା କେନ୍ଦ୍ରରେ ୧୯୩ ଓ କିଶୋରନଗର ହାଇସ୍କୁଲରେ ୧୬୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। କିଶୋରନଗର ବିଇଓ ଅରୁଣ କୁମାର ସେଠୀ, ଏବିଡିଓ ଦିଲୀପ କୁମାର ପ୍ରଧାନ ପରୀକ୍ଷା କେନ୍ଦ୍ରଗୁଡ଼ିକ ବୁଲି ତଦାରଖ କରିଥିଲେ। ଶାନ୍ତିଶୃଙ୍ଖଳାରେ ପରୀକ୍ଷା ହୋଇଥିବା ବଇଣ୍ଡା ହାଇସ୍କୁଲ ସୁପରିନଟେଣ୍ଡେଣ୍ଟ ସୁକାନ୍ତି ମଞ୍ଜରୀ ଚଟମ୍ବା କହିଛନ୍ତି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଅନୁଗୋଳ,୧୩।୧୨(ସମିସ): ସ୍ଥାନୀୟ ଗୋଲ୍ଡି ବିଦ୍ୟାଲୋକ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଲଭି ଶୀତଲ ମାଝୀଙ୍କ ନେତୃତ୍ୱ ତଥା ଶିକ୍ଷୟିତ୍ରୀ ମିତା ଗୋଛାୟତ, ଅମିଷା ଦିବ୍ୟଦର୍ଶିନୀ ସାହୁ, ମୋନାଲିସା ପରିଡ଼ାଙ୍କ ତତ୍ତ୍ୱାବଧାନରେ ୩ ଦିନ ଧରି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ଦୁଇଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ବର୍ଗରେ ୧୦୦ ମିଟର ଦୌଡ଼, ସଟପୁଟ, ଡିସକସ ଥ୍ରୋ, ଉଚ୍ଚ ଡିଆଁ, ସ୍ପୁନ ବାଲାନ୍ସ, ଟୁ ଲେଗ ଜମ୍ପ ଓ କନିଷ୍ଠ ବର୍ଗରେ ୧୦୦ମିଟର ଦୌଡ଼, ମ୍ୟୁଜିକ ଚେୟାର, ସ୍ପୁନ ବାଲାନ୍ସ, ଫ୍ରଗ ଜମ୍ପ, ଲଙ୍ଗ ଜମ୍ପ, ଏବଂ ବେଲୁନ ଗେମ ପ୍ରତିଯୋଗିତା ହୋଇଥିଲା। ଶନିବାର କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ



କିଶୋରନଗର,୧୩।୧୨(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଜରୁରୀ ବୈଠକ ସଭାପତି ସନାତନ ସାହୁଙ୍କ ଅଧ୍ୟକ୍ଷତାରେ ବଇଣ୍ଡା ଛକ ନୂତନ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଅଞ୍ଚଳର ୯୯ ଜଣ ବରିଷ୍ଠ ନାଗରିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚର ଏକତା ବଜାୟ ରଖିବା, ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିବା, ମାସିକ ଗୋଟିଏ ବୈଠକ କରିବା ଓ ଏଥିରେ ଉପସ୍ଥିତ ରହିବା ଆଦି ବିଷୟରେ ଚିନ୍ତାମଣି ପ୍ରଧାନ ଆଲୋଚନା କରିଥିଲେ। ସମସ୍ତେ ଆଦର୍ଶ ଜୀବନ ଧାରଣ କରିବା ପାଇଁ ଡା. ଦୀନବନ୍ଧୁ ସାହୁ ଆହ୍ୱାନ କରିଥିଲେ। ନରେନ୍ଦ୍ର ବେହେରା ମଞ୍ଚର ନୀତିନିୟମ ପଢ଼ି ଶୁଣାଇଥିଲେ। ରମେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ସୈନିକଙ୍କ ବାର୍ଷିକ ବୈଠକ



କିଶୋରନଗର/ବଇଣ୍ଡା,୧୩।୧୨(ସମିସ): କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ନିକଟରେ ଶନିବାର ପଞ୍ଚଧାରା ଅବସରପ୍ରାପ୍ତ ସୈନିକ ସଂଘ ଭେଟେରାନ୍ସ ଆସୋସିଏସନର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ଆସୋସିଏସନ ସଭାପତି ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକ, କିଶୋରନଗର, ବଇଣ୍ଡା, ଜରପଡ଼ା ଅଞ୍ଚଳର ବହୁ ଅବସରପ୍ରାପ୍ତ ସୈନିକ କର୍ମଚାରୀ ଯୋଗଦେଇଥିଲେ। ଦୁର୍ଯ୍ୟୋଧନ ସାହୁ, ଅଶୋକ କୁମାର ଶତପଥୀ, ଲଛମନ ସାହୁ, ରାମପ୍ରସାଦ ତ୍ରିପାଠୀ, ତ୍ରିନାଥେଶ୍ୱର ପ୍ରଧାନ, ପବିତ୍ର ରଣା, ପ୍ରଦୀପ କୁମାର ପ୍ରଧାନ, ସନ୍ତୋଷ କୁମାର ନାୟକ, ଅଶୋକ ପ୍ରଧାନ, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ଦିନରେ ହେବାକୁ ଥିବା ବାର୍ଷିକ ସମ୍ମିଳନୀର ପ୍ରସ୍ତୁତି ଓ ସୈନିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାମାଜିକ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସାଧାରଣ ସମ୍ପାଦକ ସୁକାନ୍ତ କୁମାର ରଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସୟୁସିଆଇର ବିକ୍ଷୋଭ

ଛେଣ୍ଡିପଦା,୧୩।୧୨(ସମିସ): ୧୧ଦଫା ଦାବି ନେଇ ଏସୟୁସିଆଇ ପକ୍ଷରୁ ଅନୁଗୋଳ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ସମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସୟୁସିଆଇ ନେତା ନବକିଶୋର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଡାକବଙ୍ଗଳାଠାରୁ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାୟୀ ନିଯୁକ୍ତି, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ଓ ଅଲଟ୍ରାସାଉଣ୍ଡ ମେସିନ ବସାଇବାକୁ ଦାବି କରିଥିଲେ। ସେହିପରି ଶତାଧିକ ପରିବାର ବାସ କରୁଥିବା ପରଙ୍ଗ ପଞ୍ଚାୟତ ମାରଘୁରାସାହିକୁ ସବୁଦିନିଆ ରାସ୍ତା, ବିଶୁଦ୍ଧ ପାନୀୟ ଜଳ, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ, ଘରଡିହ ବ୍ୟବସ୍ଥା କରିବା, ନୂତନ ଭାବେ ୭୦ଟି ମଦ ଦୋକାନ ସମେତ ୪ଟି ମଦ କାରଖାନା ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର, ମଦ ଓ ମାଦକଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ମହିଳାଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା, ବନ୍ଦ କରାଯାଇଥିବା ସମସ୍ତ ସ୍କୁଲ ପୁନଃ ଖୋଲିବା, ଖାଲି ପଡ଼ିଥିବା ଶିକ୍ଷକ, କର୍ମଚାରୀ ପଦବୀ ପୂରଣ, ମନମୁଖି ବିଦ୍ୟୁତ୍ ବିଲ୍ ଆଦାୟ ଓ ସ୍ମାର୍ଟ ମିଟର ବସାଇବା ବନ୍ଦ, ବିଦ୍ୟୁତ୍ କ୍ଷେତ୍ରରେ ସମସ୍ତ ଅବ୍ୟବସ୍ଥା ଦୂର କରିବା, ଖଣି କାରଖାନା ପ୍ରତିଷ୍ଠା ନାଁରେ ଜଙ୍ଗଲ ଧ୍ୱଂସ କରି ପରିବେଶ ପ୍ରଦୂଷଣ ବନ୍ଦ କରିବା, କ୍ଷତିଗ୍ରସ୍ତ, ବିସ୍ଥାପିତଙ୍କ ମତାମତ ଆଧାରରେ ଥଇଥାନ ଓ ସ୍ଥାୟୀ ନିଯୁକ୍ତି ସମେତ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ, ଜନବସତି ମଧ୍ୟଦେଇ ଭାରୀଯାନ ଚଳାଚଳ ବନ୍ଦ, ପ୍ରଦୂଷଣ ସୃଷ୍ଟିକାରୀ ଲଘୁ ଶିଳ୍ପ (କୋଲ୍ ୱାସେରୀ) ଗୁଡ଼ିକୁ ଜନବସତି ଅଞ୍ଚଳରେ ପ୍ରତିଷ୍ଠା ପାଇଁ ଅନୁମତି ନ ଦେବା, ସମସ୍ତ କୃଷିଦ୍ରବ୍ୟ ଉପରେ ଏମଏସପିକୁ ଆଇନ୍ ସମ୍ମତ କରିବା, ଭାଗଚାଷୀଙ୍କଠାରୁ ସରକାର ସିଧାସଳଖ ଧାନ କ୍ରୟ କରିବା, ଶୀତଳଭଣ୍ଡାର ପ୍ରତିଷ୍ଠା, ସମସ୍ତ ଡାକ୍ତରଖାନାରେ ଖାଲିପଡ଼ିଥିବା ଡାକ୍ତର, କର୍ମଚାରୀ ପଦବୀ ପୂରଣ, ସରକାରୀ ଘୋଷଣା ମୁତାବକ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ, ଭୂମିହୀନ, ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କୁ ସ୍ଥାୟୀ ଘରବାଡ଼ି ତଥା ଚାଷଜମି ପଟ୍ଟା ପ୍ରଦାନ, ଜଙ୍ଗଲ ସଂଶୋଧନ ଆଇନ୍ ୨୦୨୩କୁ ବାତିଲ, ହାତୀ ସମେତ ବନ୍ୟଜନ୍ତୁଙ୍କ ପ୍ରଭାବରୁ ଫସଲକୁ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭରେ ଏସୟୁସିଆଇର ମାନସ ପାଲ, ରଣଜିତ ପ୍ରଧାନ, ସୁବାସ ପ୍ରଧାନ, ପ୍ରତିମା ବେହେରା, ମୀନକେତନ ପ୍ରଧାନ, ଅକ୍ଷୟ ବାରିକ, ଦୁଃଖବନ୍ଧୁ ବେହେରା, ଭରତ ନାଏକ, ଲମ୍ବୋଦର ପଣ୍ଡା, ପବିତ୍ର ମହାକୁଡ଼ଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ।

## ପୌରାଞ୍ଚଳ ସମସ୍ୟା ସମାଧାନ ଦାବିରେ ଧାରଣା




ଅନୁଗୋଳ,୧୩।୧୨(ସମିସ): ବସ୍ତିବାସିନ୍ଦାଙ୍କୁ ଉପଯୁକ୍ତ ଥଇଥାନ, ପଟ୍ଟା ପ୍ରଦାନ, ୧୭ନଂ ୱାର୍ଡର ଅସମ୍ପୂର୍ଣ୍ଣ ଡ୍ରେନ୍ ଓ ଅଙ୍ଗନବାଡ଼ି ଘର କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବା, ୧୭, ୮, ୧୪, ୧୨, ୧୫, ୪ ନମ୍ବର ୱାର୍ଡରେ ଥିବା ବସ୍ତିବାସୀଙ୍କୁ ଅବିଳମ୍ବେ ପଟ୍ଟା ପ୍ରଦାନ କରିବା, ୧୩ ଓ ୧୫ନଂ ୱାର୍ଡବାସୀଙ୍କୁ ଉପଯୁକ୍ତ ଥଇଥାନ, ୧୪ନଂ ୱାର୍ଡ ସମେତ ସମସ୍ତ ବସ୍ତିବାସୀଙ୍କୁ ପାଇଖାନା ଯୋଗାଇଦେବା, ସମସ୍ତ ବସ୍ତିକୁ ରାସ୍ତା, ଡ୍ରେନ୍ ଓ ଆଲୋକୀକରଣ କରିବା, ସହରକୁ ଆବର୍ଜନାମୁକ୍ତ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରୁ ମାଛ ମାର୍କେଟକୁ ଅନ୍ୟତ୍ର ସ୍ଥାନାନ୍ତର, ସ୍ମାର୍ଟ ମିଟର ବସାଇବା ସମ୍ପୂର୍ଣ୍ଣ ବନ୍ଦ କରିବା, ସହରରେ ଚୋରି, ଡକାୟତି ଆଦି ଅପରାଧ ବନ୍ଦ କରିବା, ମଦ, ମାଦକଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଆଦି ଦାବିରେ ଶୁକ୍ରବାର ପୂର୍ବାହ୍ନରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅନୁଗୋଳ ଆଞ୍ଚଳିକ କମିଟି ପକ୍ଷରୁ ଧାରଣା ଦିଆଯାଇଛି। ଗୋପବନ୍ଧୁ ପାର୍କଠାରୁ ଶତାଧିକ ଲୋକ ଶୋଭାଯାତ୍ରାରେ ଆସି ପୌରପାଳିକା ଅଫିସ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଆଞ୍ଚଳିକ କମିଟି ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ ବ୍ରଜବନ୍ଧୁ ସାହୁ ଏବଂ ସଭ୍ୟ ନାରାୟଣ ନାୟକ ବକ୍ତବ୍ୟ ରଖି ଐକ୍ୟବଦ୍ଧ ଆନ୍ଦୋଳନ ଗଢ଼ି ତୋଳିଲେ ହିଁ ଦାବି ପୂରଣ ହୋଇପାରିବ ବୋଲି ଆହ୍ୱାନ କରିଥିଲେ। ଆଞ୍ଚଳିକ କମିଟି ସଭ୍ୟ ଜ୍ୟୋସ୍ନା ସାମଲ, ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ଲଳିତା ନାଏକ, ଶିଳି ପ୍ରଧାନ, ଲକ୍ଷ୍ମୀ ଭୋଇ, ଟିକିନା ଭୋଇ, ପ୍ରତିମା ପରିଡ଼ା, ସୁଭାଷିନୀ ବେହେରା, ମେଘିନୀ ସାହୁ, ପ୍ରଫୁଲ୍ଲ ମହାପାତ୍ର, ଉରି ସାହୁ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ପୌରନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ଯଥାଶୀଘ୍ର ପୂରଣ କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଦମ୍ପତିଙ୍କୁ ଘରେ ତାଲା ପକାଇ ଦେଢ଼ଲକ୍ଷ ଟଙ୍କା ଲୁଟ୍

ଛେଣ୍ଡିପଦା,୧୩।୧୨(ସମିସ): ଅନୁଗୋଳ ଜିଲ୍ଲା ବାଗଡିଆ ଥାନା ସାପୋଇନାଳି ଗ୍ରାମ ବେହେରାସାହିରୁ ବିଳମ୍ବିତ ରାତିରେ ଦେଢ଼ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସାହିର କଲ୍ୟାଣ ବେହେରା ଏବଂ ତାଙ୍କ ସ୍ତ୍ରୀ ଛବି ବେହେରା ରାତିରେ ଖାଇବା ପରେ ଶୋଇଥିଲେ। ବିଳମ୍ବିତ ରାତିରେ ଘରର ବଲ୍ବ ଜଳିବା ଏବଂ ବନ୍ଦ୍ ହେବାରୁ ଛବିଙ୍କ ନିଦ ଭାଙ୍ଗି ଯାଇଥିଲା। ସ୍ୱାମୀଙ୍କୁ ଉଠାଇ କବାଟ ଖୋଲିବାକୁ ଉଦ୍ୟମ କରିବା ବେଳେ କବାଟ ବାହାରୁ ବନ୍ଦ ଥିବା ଦେଖି ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ପଡ଼ୋଶୀ କବାଟ ଖୋଲିବା ପରେ ଅନ୍ୟ ଏକ ରୁମର ତାଲା ଭଙ୍ଗାଯାଇ ୪ଟି ଆଟାଚ ଏବଂ ୨ଟି ବାକ୍ସ ନ ଥିବା ଦେଖିବାକୁ ପାଇଥିଲେ। ଗୋଟିଏ ଆଟାଚରେ ଦେଢ଼ଲକ୍ଷ ଟଙ୍କା ଥିବା ବେଳେ ଲୁଟେରା ମାନେ ବାକ୍ସ ଏବଂ ଆଟାଚକୁ ଘରଠାରୁ ୫ଶହ ମିଟର ଦୂର ବିଲରେ ଫିଙ୍ଗିଦେବା ସହ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ କଲ୍ୟାଣ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ଧାନୀ କୁକୁର ସହାୟତାରେ ଛାନଭିନ କରୁଛି।

## ଅଜଣା ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

ଛେଣ୍ଡିପଦା,୧୩।୧୨(ସମିସ): ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ନିଶା ଶିଳ୍ପାଞ୍ଚଳ ଥାନା କଙ୍କରାଇ ନାଳ ନିକଟରେ ଅଜଣା ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦେବଗଡ଼ ଛାଡ଼କମରା ଅଞ୍ଚଳର ଲିଟୁ କିଷାନ। ଶନିବାର ସନ୍ଧ୍ୟାରେ ଲିଟୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଏକ ହାଇୱା ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ପୁଲିସ ମୃତଦେହ ଓ ବାଇକ୍ ଜବତ କରିଛି। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବାରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି।

# ତ୍ରୟୋଦଶ ସାତକୋଶିଆ ମହୋତ୍ସବ ଉଦଘାଟିତ

ଅନୁଗୋଳ,୧୩।୧୨(ସମିସ)





ସ୍ଥାନୀୟ ସଭାଗୃହରେ ତ୍ରୟୋଦଶ ସାତକୋଶିଆ ମହୋତ୍ସବ ଉଦଘାଟିତ ହୋଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦଘାଟନ କରି ଅନୁଗୋଳର କଳା ସାହିତ୍ୟ ନୃତ୍ୟର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି କହିଥିଲେ। ନୃତ୍ୟନୀଳୟ ଏହି ଗୌରବମୟ ପରମ୍ପରାକୁ ଆଗକୁ ନେବା ପାଇଁ ପ୍ରୟାସ ଜାରି ରଖୁ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବ୍ରହ୍ମାକୁମାରୀ ମୀନତି ଭଉଣୀ ଯୋଗଦେଇ ଅନୁଗୋଳରେ ପ୍ରତିଭାର ଅଭାବ ନାହିଁ ବୋଲି କହିଥିଲେ। ସଂଗଠନର ଉପଦେଷ୍ଟା ହେମନ୍ତ କୁମାର ଦାସ ଏବଂ ସଭାପତି ଗୁରୁ ଅନିତା ସିଂହଦେଓ ଉପସ୍ଥିତ ଥିଲେ। ନୃତ୍ୟନୀଳୟ ସମ୍ପାଦିକା ଗୁରୁ ସ୍ୱପ୍ନାରାଣୀ ସିହ୍ନା ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ମହାପାତ୍ର ଗୁରୁ ଆଶିଷ କୁମାର ଦାସଙ୍କୁ ସାତକୋଶିଆ ମହୋତ୍ସବ ସମ୍ମାନ ଏବଂ ଗୁରୁ ଡ. ଦୀପ୍ତି ରାଉତରାୟଙ୍କୁ ପଦ୍ମଚରଣ ସିହ୍ନା ପ୍ରତିଭା ସମ୍ମାନ ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୃତ୍ୟନୀଳୟର କଳାକାରମାନେ ଦଳଗତ ଓଡ଼ିଶୀ ଗୁରୁବନ୍ଦନା ପରିବେଷଣ କରିଥିଲେ। ପରେ ପଞ୍ଚଦେବ ସ୍ତୁତି, କୋରାପୁଟର ଢେମସା ନୃତ୍ୟ ଓ ଦେବଗାନ୍ଧାରୀ ପଲ୍ଲବୀ ଶୁଦ୍ଧ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କଟକ ନୃତ୍ୟମଣ୍ଡଳର ରୂପାଲି ପାଲ ଓ ଅଙ୍କିତା ମିଶ୍ର ଓଡ଼ିଶୀ ଯୁଗଳବନ୍ଦୀ ପ୍ରଦର୍ଶନ କରିଥିଲେ। କଟକ ବିଶ୍ୱନାଥ ସଙ୍ଗୀତାଳୟର ଗୁରୁ ଡ. ଦୀପ୍ତି ରାଉତରାୟ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗଞ୍ଜାମର ରାଧେଶ୍ୟାମ ତରାଇ କୁଚିପୁଡ଼ି ନୃତ୍ୟ ପ୍ରଦର୍ଶନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍କା ଶାହା ଓ ସ୍ୱର୍ଣ୍ଣାଙ୍ଗୀ ଦାସ ଓଡ଼ିଶୀ ଯୁଗଳବନ୍ଦୀ ପ୍ରଦର୍ଶନ କରିଥିଲେ। ନୃତ୍ୟନୀଳୟ ନିର୍ଦ୍ଦେଶକ ଯଜ୍ଞ ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ଓଁ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ନଳିନୀ ପ୍ରଭା ପ୍ରଧାନ
ଆର୍ବିଭାବ: ୦୨.୦୭.୧୯୬୪
ତିରୋଧାନ: ୨୫.୧୨.୨୦୨୪
ସଦାନନ୍ଦ ବିହାର, ପଞ୍ଚମ ଲେନ, ଗୋସାଇଁ ନୂଆଗାଁ, ବ୍ରହ୍ମପୁର
ମାଆ, ତୁମେ ଇହଲିଳା ସମ୍ବରଣ କରିବାର ଏ ଭିତରେ ଗୋଟିଏ ବର୍ଷ ବିତିଗଲାଣି। ସବୁ ଦିନେ ତମର ଅନୁପସ୍ଥିତି ଅନୁଭବ କରୁଅଛୁ। ତମର ସେହି ହସ ହସ ମୁହଁ ମନେ ପଡୁଛି। ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ପ୍ରଧାନ ପରିବାର, ବନ୍ଧୁବର୍ଗ

## 'ଆସ ସ୍କୁଲ ଯିବା' ଅଭିଯାନ



ଭୋଗରାଇ, ୧୩।୧୨ (ସମିସ) : ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତର ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସ ସ୍କୁଲଯିବା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଆଲୁମନି ସଭାପତି ପ୍ରତାପ କେଶରୀ ନାୟକ, ଚନ୍ଦନ କୁମାର ପାତ୍ର ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ଥିବା ତଥା ଡ୍ରପଆଉଟ ପିଲାମାନଙ୍କୁ ଶିକ୍ଷା ସ୍ରୋତକୁ ଆଣିବା ଲକ୍ଷ୍ୟରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରଦ୍ଧାପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦେବ କୁମାର ପାତ୍ର ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଟ ୧୬ଟି ବିଦ୍ୟାଳୟର ଆସ ସ୍କୁଲଯିବା କମିଟିର ମେମ୍ବର ସହିତ ୱାର୍ଡ ସଦସ୍ୟ ମାନେ ସହଯୋଗ କରିଥିଲେ। ଚଳିତ ବର୍ଷ ଆସ ସ୍କୁଲଯିବା ଅଭିଯାନ ଶ୍ରଦ୍ଧାପୁର ସହଯୋଗରେ ନାରାୟଣ ମହାନ୍ତି ପଡିଆର କହ୍ନେଇ ଦଳାଇ, ସତ୍ୟବାନ୍ ମୁର୍ମୁ, ପଳାସିଆ ଗ୍ରାମର ରାଜେଶ ଦଳାଇ ମୁକ୍ତ ବିଦ୍ୟାଳୟ ଅଧିନରେ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଥିବାବେଳେ ଶ୍ରଦ୍ଧାପୁରର ଜଗନ୍ନାଥ ପରିଡ଼ା ଶ୍ରଦ୍ଧାପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ପ୍ରକାଶ କରି ଅନ୍ୟ ପିଲାଙ୍କୁ ବିଦ୍ୟାଳୟମୁଖୀ କରାଇବାକୁ ଆହ୍ୱାନ ଦିଆଯାଇଛି।

# ଖୋଲୁନି ଧାନମଣ୍ଡି; ବଢୁଛି ଚାଷୀଙ୍କ ଅସନ୍ତୋଷ

କାଳିପଦା, ୧୩।୧୨ (ସମିସ)




ଖରିଫ ଧାନ ଅମଳ ଏବେ ଶେଷ ପର୍ଯ୍ୟାୟରେ ଆସି ପହଞ୍ଚିଲାଣି। ପାଖାପାଖି ସତୁରି ପ୍ରତିଶତ ଚାଷୀଙ୍କ ଧାନ ଅମଳ କ୍ଷେତରୁ ସରିଲାଣି। ମାତ୍ର ଧାନ ମଣ୍ଡି ଖୋଲିବା ନେଇ ଅଦ୍ୟାବଧି ସରକାରୀ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଇ ନାହିଁ। ଧାନ ବିକିବା ନେଇ ଚାଷୀ ମାନଙ୍କ ପାଖକୁ ଅଦ୍ୟାବଧି ସମସ୍ତ ଟୋକାନ ମଧ୍ୟ ଆସି ନାହିଁ। ସମବାୟ ସମିତି ଗୁଡିକ ମଧ୍ୟ ଏନେଇ କୌଣସି ଉତ୍ତର ମଧ୍ୟ ଦେଉ ନାହାଁନ୍ତି। କେଉଁ ମିଲର କେଉଁ ସମବାୟ ସମିତିରୁ କେତେ ଟାର୍ଗେଟ ପରିମାଣର ଧାନ କିଣିବେ ସେ ନେଇ କୌଣସି ସୂଚନା ମିଳୁ ନାହିଁ। କଟ୍‌ନୀ ଛଟ୍‌ନୀ ନେଇ ମଧ୍ୟ କୌଣସି ସୂଚନା ମିଳୁ ନାହିଁ।

ବାଲିଆପାଳ ବ୍ଲକର ବାଲିଆପାଳ, ବଡ଼ାପାଳ, ଜାମାକୁଣ୍ଡା, ମଧୁପୁରା, ଦେଭୋଗ, ନେପୁରା, ଲଙ୍ଗଳେଶ୍ୱର, ପ୍ରତାପପୁର, ବୋଲଂ, ବଣିଆଡିହା ଆଦି ସେବା ସମବାୟ ସମିତିକୁ ମଣ୍ଡି ଖୋଲିବା ନେଇ ଅଦ୍ୟାବଧି କୌଣସି ସୂଚନା ଆସି ନ ଥିବା ପ୍ରକାଶ। ଏ ନେଇ ଚାଷୀ ମହଲରେ ହତାଶା ଭାବ ଦେଖା ଦେଇଛି। ଗତବର୍ଷ ମିଲର ମାନଙ୍କ ମନମାନୀ ଯୋଗୁଁ ପ୍ରକୃତ ଚାଷୀମାନେ ଉପକୃତ ହେବା ବଦଳରେ ଦଲାଲମାନେ ଫାଇଦା ନେଇଗଲେ। ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ କିଛି କରି ପାରିଲେ ନାହିଁ। ଅନ୍ୟ ପକ୍ଷରେ ଏବେ ଅନେକ ଚାଷୀ କ୍ଷେତରୁ ଧାନ ଅମଳ କରି କୁଇଣ୍ଟାଲ ପ୍ରତି ୧୭/୧୮ ଶହ ଟଙ୍କାରେ ଆନ୍ଧ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ଅଞ୍ଚଳର ଦଲାଲ ମାନଙ୍କୁ ବିକ୍ରି କରି ଦେଉଛନ୍ତି। ଯୋଗାଣ ବିଭାଗର କୌଣସି ଅଙ୍କୁଶ ନ ଥିବାରୁ ଅବାଧରେ ପ୍ରତିଦିନ ଟ୍ରକ ଯୋଗେ ବାହାରକୁ କୁଇଣ୍ଟାଲ କୁଇଣ୍ଟାଲ ଧାନ ଚାଲାଣ ହେଉଛି। ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁଁ ଖରିଫ ଧାନ ଚାଷ ଖୁବ ଭଲ ହୋଇଛି। ଜଣେ ଜଣେ ଚାଷୀ ପାଖରେ ଅନ୍ୟୁନ ୨୦/୩୦ କୁଇଣ୍ଟାଲ ଧାନ ଅମଳ ହୋଇ ଏବେ ପଡି ରହିଛି। ଧାନ ରଖିବା ପାଇଁ ଜାଗାର ମଧ୍ୟ ଅଭାବ ଦେଖା ଦେଇଛି। କେତେକ ଚାଷୀ ରବି ଧାନ ଚାଷ ପାଇଁ ଖରିଫ ଧାନକୁ ଅଳ୍ପ ଦାମରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି ଅଭାବୀ ଧାନ ବିକ୍ରିକୁ ରୋକିବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ମଙ୍ଗଳି ଚରଣ ଦାସ, ମୁକୁନ୍ଦ କୁମାର ଟୁଡୁ, ରାଜେନ୍ଦ୍ର କୁମାର ସି, ଗଗନ କୁମାର ବେହେରା, ଗୁଣାକର ବାରିକ, ସାଲ ଖାନ ସିଂ, ବାଇଧର ଜେନା, ସୁମନ୍ତ କୁମାର ରାଉତ, ସ୍ୱରାଜ କାନ୍ତ ବେହେରା, ତନ୍ମୟ ପାଳ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

● ଅଷ୍ଟମ ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସୌମ୍ୟଙ୍କ ଶତକ, ଆଲଫା କ୍ରିକେଟ କ୍ଲବ ବିଜୟୀ

ସୋର, ୧୩।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣା ପଡିଆରେ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜିମଖାନା ରାଉରକେଲାକୁ ହରାଇ ଆଲଫା କ୍ରିକେଟ କ୍ଲବ, ଗଞ୍ଜାମ ବିଜୟୀ ହୋଇଛି। ଆଜିର ମ୍ୟାଚରେ ଜିମଖାନା ରାଉରକେଲା ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୩. ୫ ଓଭରରେ ସମସ୍ତ ୱିକେଟ ହରାଇ ୧୯୨ ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟ୍ସ ମ୍ୟାନ ଉମେଶ ଗୌତମ ୩୫ଟି ବଲ ଖେଳି ୫୭ ରନ ସଂଗ୍ରହ କରିଥିଲେ। ଜବାବରେ ଗଞ୍ଜାମ ୨୧.୧ଓଭର ରେ ୪ ୱିକେଟ ହରାଇ ୧୯୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସ ମ୍ୟାନ ସୌମ୍ୟରଞ୍ଜନ ବିଶ୍ୱାଳ ୫୭ ବଲ ଖେଳି ୧୦୦ ରନ ଏବଂ ସମୀର ସାହୁ ୪୦ ବଲ ଖେଳି ୪୨ ରନ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଗଞ୍ଜାମର ବ୍ୟାଟ୍ସମ୍ୟାନ ସୌମ୍ୟ ରଞ୍ଜନ ବିଶ୍ୱାଳ ୫୭ ବଲରେ ଶତକ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାପାତ୍ର ହେଲଥ କେୟାରର ଓନର ଡ଼. ସତ୍ୟରଞ୍ଜନ ମହାପାତ୍ର ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥଲେ। ଏହି ମ୍ୟାଚକୁ ଓସିଏ ଲେଭୁଲ ଅମ୍ପାୟାର ଆଶୁତୋଷ ପାଣି ଏବଂ ଦୁର୍ଗାପ୍ରସାଦ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରାକେଶ ରାଉତ, ଦିବ୍ୟଜ୍ୟୋତି ନାୟକ ଏବଂ ସନ୍ତୋଷ ମହାନ୍ତି କାର୍ଯ୍ୟ ତୁଲାଇ ଥିଲେ। ଭାଷ୍ୟକର ଭାବେ ଯଦୁନାଥ ନାୟକ ଏବଂ ରସିଦ ଖାନ କାର୍ଯ୍ୟ ତୁଲାଇଥିଲେ। ଏହି ମ୍ୟାଚକୁ ମୁକ୍ତେଶ୍ୱର କ୍ଲବର ସଦସ୍ୟ ଯଦୁନାଥ ନାୟକ, ବିଶ୍ୱରଂଜନ ପ୍ରଧାନ, ସୁରେନ୍ଦ୍ର ବେହେରା, ଗୋପୀନାଥ ପ୍ରଧାନ, ଡମ୍ବରୁଧର କର, ହରିଶ୍ଚନ୍ଦ୍ର ଜେନା, ରଞ୍ଜନ ମହାନ୍ତି, କୈଳାଶ ପ୍ରଧାନ, ଶ୍ରୀକାନ୍ତ ସାହୁ, ନିର୍ମଳ ବେହେରା, ଗଜେନ୍ଦ୍ର ମହାନ୍ତି, ମାଧବ ନାୟକ, ରଞ୍ଜିତ ନାୟକ, କୈଳାଶ ଭୋଳ ଏବଂ ଗଦାଧର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ରାଇଜିଂ କ୍ରିକେଟ କ୍ଲବ ଝାଡଖଣ୍ଡ ସହିତ ଏମଏମସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ।

## ଗୁଡ଼ିର ମାଞ୍ଜା ସୂତା ଲାଗି ଜଣେ ଗୁରୁତର

ନୀଳଗିରି, ୧୩।୧୨ (ସମିସ): ଗୁଡ଼ି ମାଞ୍ଜା ସୂତା ଲାଗି ଯୁବକ ଗୁରୁତର। ଯୁବକଙ୍କ ନାକରେ ଗଭୀର ଆଘାତ ଲାଗିଛି। ନୀଳଗିରି ବଜାରରେ ନିଜ କାର୍ଯ୍ୟ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ନୀଳଗିରି ଏନ୍‌ଏସି ଦମକଳ ଅଫିସ ନିକଟରେ ଘଟିଥିଲା ଅଘଟଣ। ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ନୀଳଗିରି ମେଡିକାଲରେ ଭର୍ତ୍ତି କରାଇଥିଲେ। ଆହତ ଯୁବକ ଜଣଙ୍କ ହେଉଛନ୍ତି ବାଲେଶ୍ୱର ନୀଳଗିରି ଏନ୍‌ଏସି ୫ ନଂ ୱାଡର୍ ବରିସାହି ଗ୍ରାମର ବାସିନ୍ଦା ଗଙ୍ଗାଧର ବେହେରାଙ୍କ ପୁଅ ପ୍ରହ୍ଲାଦ ବେହେରା। ନାକରେ ମାଞ୍ଜା ସୂତା ଲାଗିବାରୁ ଗଭୀର ଆଘାତ ଲାଗିଥିଲା। ଆସନ୍ତା ଦିନରେ ମାଞ୍ଜା ସୂତାରେ ଗୁଡ଼ି ଉଡାଇ ମଜା ଉଠାଉଥିବା ଲୋକଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉତ୍ତର ଭୋଗରାଇ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଶିଶୁ ମହୋତ୍ସବ



ଭୋଗରାଇ, ୧୩।୧୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଉତ୍ତର ଭୋଗରାଇ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ୪୨ତମ ଶିଶୁ ମହୋତ୍ସବ ଦହମୁଣ୍ଡା ସରକାରୀ ହାଇସ୍କୁଲ ଅନୁଷ୍ଠିତ ହୋଇଛି। ଉତ୍ତର ଭୋଗରାଇ ଓଷ୍ଟା ସଂଘ ପୂର୍ବତନ ସଭାପତି ଗୌରୀଶଙ୍କର ତ୍ରିପାଠୀ ଶିଶୁ ମହୋତ୍ସବକୁ ଉଦଘାଟନ କରିଥିଲେ। ୨୪ଟି ବିଦ୍ୟାଳୟର ୪ ଶହ ଜଣ ଛାତ୍ରଛାତ୍ରୀ ସାଧାରଣ ଜ୍ଞାନ, ତର୍କ, କୁଇଜ, କଣ୍ଠ ସଂଗୀତ, କବିତା ଲିଖନ, ଏକକ ନୃତ୍ୟ, କବିତା ଆବୃତି, ଏକକ ଅଭିନୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନରେ ଉତ୍ତର ଭୋଗରାଇ ଓଷ୍ଟା ସଂଘର ସଭାପତି କୁଳମଣି ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବାଲେଶ୍ୱର ଜିଲ୍ଲା ଓଷ୍ଟା ସଂଘ ପୂର୍ବତନ ସଭାପତି ବାଦଲ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ବିକାଶ ପାତ୍ର, ସମ୍ମାନିତ ଅତିଥି ଭୋଗରାଇ ଶିକ୍ଷକ ସମନ୍ୱୟ ସମିତି ସାଧାରଣ ସଂପାଦକ ପ୍ରଶାନ୍ତ ମହାନ୍ତି, ପୂର୍ବତନ ସଭାପତି ବିଜୟାନନ୍ଦ ପଟ୍ଟନାୟକ, ଜଳେଶ୍ୱର ଓଷ୍ଟା ସଭାପତି ସୁକୁମାର ମିଶ୍ର, ଦହମୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ଆଲୋକ ପ୍ରଧାନ, ବିଶିଷ୍ଟ ଅତିଥି ଖରିଦପିପଳ ପଞ୍ଚାୟତ ସରପଞ୍ଚ ମଞ୍ଜୁରାଣୀ ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ନିଷ୍ଠା ଓ ସାଧନା ବଳରେ ବଡ ସ୍ୱପ୍ନ ଦେଖି ସାକାର କରିବାକୁ ପରାମର୍ଶ ଦେଇଥିଲେ। ଉତ୍ତର ଭୋଗରାଇ ଓଷ୍ଟା ସଂଘ ସଂପାଦକ ବ୍ରଜ ଗୋପାଳ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁବ ଶିକ୍ଷକ ମନୋଜ କୁମାର ଜେନା ମଞ୍ଚ ଆହ୍ୱାନ ଓ ଆଦର୍ଶ ଶିକ୍ଷକ ଦେବବ୍ରତ ଦେ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଉତ୍ତର ଭୋଗରାଇ ଓଷ୍ଟା ସଂଘ ସଭାପତି କୁଳମଣି ଜେନା ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବାଲେଶ୍ୱର ଜିଲ୍ଲା ଓଷ୍ଟା ସଭାପତି ମନୋରଂଜନ ଦାସ, ମୁଖ୍ୟବକ୍ତା ଜିଲ୍ଲା ଓଷ୍ଟା ସଂଘ ସଂପାଦକ ବିଜୟ କୁମାର ପାତ୍ର, ସମ୍ମାନନୀୟ ଅତିଥି କାର୍ଯ୍ୟକାରୀ ସଦସ୍ୟ ସୈଭାଗ୍ୟ ରଞ୍ଜନ ଦେ, ସଂପାଦକ ବ୍ରଜ ଗୋପାଳ ଦାସ ପ୍ରମୁଖ ଶିକ୍ଷାର୍ଥୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବାର ବଡ ମାଧ୍ୟମ ବୋଲି କହିଥିଲେ। ଯୁବ ଶିକ୍ଷକ ମଳୟ କୁମାର ସୁର ଅତିଥି ପରିଚୟ ଓ ଶିକ୍ଷକ ସଞ୍ଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆକ୍ରମଣ ଅଭିଯୋଗ

ଜଳେଶ୍ୱର, ୧୩।୧୨(ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ପଞ୍ଚାୟତର ଗୋପାଳଚନ୍ଦ୍ର ଦାସ ମହାପାତ୍ର ମାର୍କେଟ କମ୍ପ୍ଲେକ୍ସର ଅନିୟମିତତାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥଲେ। ତାହାକୁ ବିରୋଧ କରି ସେହି ପଞ୍ଚାୟତରେ ନଗେନ୍ଦ୍ର ଜେନା, ଭାନୁ ଜେନା, ଗୌରୀ ଚନ୍ଦ୍ର ପରିଡ଼ା ସଙ୍ଘବଦ୍ଧ ଭାବେ ଆକ୍ରମଣ କରିବା ସହିତ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗୋପାଳଚନ୍ଦ୍ର ଦାସ ମହାପାତ୍ର ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବସ୍‌ଷ୍ଟାଣ୍ଡରୁ ଯୁବକର ମୃତଦେହ ଉଦ୍ଧାର

ଜଳେଶ୍ୱର, ୧୩।୧୨(ସମିସ) : ଭୋଗରାଇ ଥାନା, କଖଡା ଦାଉଦ ପୁର ଗ୍ରାମର କାର୍ଦ୍ଧା ମୁର୍ମୁଙ୍କ ପୁଅ ଶ୍ୟାମଲାଲା ମୁର୍ମୁ(୪୨)ଙ୍କ ମୃତ ଶରୀର ଜଳେଶ୍ୱର ଥାନା ଅଗ୍ରୱାଲ ଛକ ସନ୍ନିକଟ ଗୋପବନ୍ଧୁ ବସ୍‌ଷ୍ଟାଣ୍ଡରୁ ଉଦ୍ଧାର ହୋଇଛି। ଶନିବାର ସକାଳେ ଅଜଣା ଶବ ବସ ଷ୍ଟାଣ୍ଡ ରେ ପଡ଼ିଥିବା ଦେଖି ସମାଜସେବୀ ଚନ୍ଦନ କର ଜଳେଶ୍ୱର ଥାନାକୁ ଜଣାଇଥିଲେ। ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ସମସ୍ତ ଦିଗରୁ ତଦନ୍ତ କରୁଛନ୍ତି। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁସାରେ ବ୍ୟକ୍ତି ଜଣକ ଶୁକ୍ରବାର ନିକଟ ଏକ ଦୋକାନରେ ବସିଥିଲେ।

## ରାଧାକାହ୍ନୁ ମନ୍ଦିରରୁ ଚୋରି

ସିମୁଳିଆ, ୧୩।୧୨ (ସମିସ): ମଇତାପୁର ପଞ୍ଚାୟତ ମହାନ୍ତିସାହିରେ ୪ ଚତୁର୍ଥ ମହୋତ୍ସବ ଷ୍ଟେଜ କାମ ଚାଲି ଥିଲାବେଳେ ଷ୍ଟେଜ ପାଖରୁ ମାତ୍ର ୧୦୦ମିଟର ଦୂରରେ ଥିବା ରାଧା କାହ୍ନୁ ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର କବାଟ ଭାଙ୍ଗି ଠାକୁରଙ୍କ ଅଳଙ୍କାର ଚୋରି କରି ନେଇଛନ୍ତି। ସିମୁଳିଆ ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ସୋର, ୧୩।୧୨(ସମିସ): ସୋର ବ୍ଲକ ସରଣଙ୍ଖ ଗ୍ରାମର ଜଣେ ଧର୍ମପରାୟଣା ମହିଳାଙ୍କ ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଏହି ଗ୍ରାମର ହରେକୃଷ୍ଣ ମିଶ୍ରଙ୍କ ଧର୍ମପତ୍ନୀ ମାଳତୀ ମିଶ୍ର ଗତ କିଛିଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ଗତ ବୁଧବାର ଦିନ ତାଙ୍କର ହଠାତ୍ ପରଲୋକ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ୪ ପୁତ୍ର ଓ ପୁତ୍ରବଧୂ ସମେତ ଝିଅ ଜ୍ୱାଇଁ ନାତି ନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ହେମନ୍ତ ମୁଖାଗ୍ନି ଦେଇଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୋଗରାଇ, ୧୩।୧୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କୁଶୁଡ଼ା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଗଛଗଡ଼ିଆ ଉନ୍ନୀତ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଙ୍କଜ କୁମାର ଖଟୁଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ, ବିଶିଷ୍ଟ ଅତିଥି ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ମୁଖ୍ୟବକ୍ତା ଭୋଗରାଇ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଭଗିରଥ ଗିରି, ସମ୍ମାନିତ ବକ୍ତା ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, ସମ୍ମାନିତ ଅତିଥି କୁଶୁଡ଼ା ପଞ୍ଚାୟତ ସରପଞ୍ଚ ଆରତୀ ମହୁରୀ, ସମିତି ସଭ୍ୟା ନମିତା ଜେନା, କୁଶୁଡ଼ା ଆଞ୍ଚଳିକ କେନ୍ଦ୍ରର ସଂଯୋଜକ ବ୍ରଜକେଶ ମହାନ୍ତି, ପୂର୍ବତନ ବିଆରସିସି ଋଷଭ କୁମାର ମହାପାତ୍ର, ନାଚିନ୍ଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହୃଦୟରଞ୍ଜନ ଗଙ୍ଗାଇ, ପୂର୍ବତନ ଏସ୍ ଆଇ ଆଶୁତୋଷ ନାଗ, ସୁରେନ୍ଦ୍ର ନାଥ ପ୍ରଧାନ, ପୂର୍ବତନ କୁଶୁଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋପାଳ ଚନ୍ଦ୍ର ସେଠୀ, ହରେକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଜଗନ୍ନାଥ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦେ ବାର୍ଷିକ ବିବରଣୀ ପଠନ କରିଥଲେ। ଶିକ୍ଷକ ଜଗଦୀଶ ବାରିକ ଧନ୍ୟବାଦ ଦେଇଥିଲେ।

## ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ଘଟଣାରେ ଆଉ ଜଣେ ଗିରଫ

ସୋର, ୧୩।୧୨(ସମିସ): ଗତ ଅକ୍ଟୋବର ମାସରେ ସୋର ଥାନା ମଲ୍ଲିତୁଆ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ହୋଇଥିବା ହତ୍ୟା ଘଟଣାରେ ସୋର ପୁଲିସ ଅନ୍ୟ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମର ଚଇତା ସିଂ ଗୁଣିଗାରେଡି କରୁଥିବା ସନ୍ଦେହରେ ଗ୍ରାମବାସୀ ଗତ ସେପ୍ଟେମ୍ବର ମାସରେ ଚଇତା ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଟୁନି ସିଂଙ୍କୁ ଗଛରେ ବାନ୍ଧି ମାଡ ମାରିବା ସହିତ ଚଇତା ଗୋଡ଼ରେ ବେଡି ପକାଇ ରଖିଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଗତ ଅକ୍ଟୋବର ମାସ ୧୨ତାରିଖରେ ଟୁନି ସିଂଙ୍କର ମୃତ୍ୟୁ ହୋଇଥିଲା। ଏ ବାବଦରେ ଚଇତାଙ୍କ ସମ୍ପର୍କୀୟ ଗୋବିନ୍ଦ ସିଂ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ପୂର୍ବରୁ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଅନ୍ୟ ମାନେ ଫେରାର ଥିବା ବେଳେ ଗତକାଲି ରାତିରେ ଏଥିରେ ସମ୍ପୃକ୍ତ ଗୋପାଳପୁର ଗ୍ରାମର ରବୀନ୍ଦ୍ର ସିଂ (୨୮)ଙ୍କୁ ଗିରଫ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି।

## କୁଲଡିହା ଅଭୟାରଣ୍ୟରୁ ତିନି ଶିକାରୀ ଗିରଫ




ନୀଳଗିରି, ୧୩।୧୨ (ସମିସ): କୁଲଡିହା ବନବିଭାଗକୁ ପୁଣି ବଡ଼ ସଫଳତା। ଏ.ଆଇ କ୍ୟାମେରା ସହାୟତାରେ ତିନିଜଣ ଶିକାରୀଙ୍କ ପରିଚୟ ପାଇ ସେମାନଙ୍କୁ ଘରୁ ଉଠାଇ ଆଣିଛି ବନବିଭାଗ। କିଛିଦିନ ପୂର୍ବରୁ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଯୋଡାଚୁଆ ଅଞ୍ଚଳରୁ ଏ. ଆଇ କ୍ୟାମେରା ସହାୟତାରେ ଦୁଇଜଣ ଶିକାରୀଙ୍କୁ ଚିହ୍ନଟକରି ସେମାନଙ୍କୁ ଗିରଫକରି ଜେଲହାଜତକୁ ପଠାଇଥିବାବେଳେ ପୁଣି ଏହି କ୍ୟାମେରା ସାହାଯ୍ୟରେ ପୂର୍ବରୁ ଟ୍ରାପ୍ ହୋଇଥିବା ଚିତ୍ରକୁ ଆଧାରକରି ଆଜି ୩ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୫ଟି ଦେଶୀବନ୍ଧୁକ ଜବତ କରିଛି। ଉଭୟ କୁଲଡିହା ଏବଂ ସୋର ବନବିଭାଗ କର୍ମଚାରୀ ଅଭୟାରଣ୍ୟରେ ପେଟ୍ରୋଲିଂ କରିବାସମୟରେ ଏ. ଆଇ କ୍ୟାମେରା ଦ୍ୱାରା ଟ୍ରାପ ହୋଇଥିବା ଚିତ୍ରକୁ ଆଧାରକରି ଔପଦା ଥାନା ଦରଖୋଳି ବେତେଇ ଗ୍ରାମର ଗୁରା ମୁଣ୍ଡା (୫୦), ଗେଡେ ଦେଓଗାମ(୩୫), ବିକ୍ରମ ମୁଣ୍ଡା(୫୫)କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଥିବା ବନବିଭାଗ ସୂଚନା ଦେଇଛି।

## ଜଗାଇ କଲେଜରେ ରକ୍ତଦାନ ଶିବିର

କାଳିପଦା, ୧୩।୧୨ (ସମିସ): ବାଲିଆପାଳ ବ୍ଲକ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହା ବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମାନସୀ ସାହୁଙ୍କ ପୌରାହିତ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଯୁବ ରେଡ କ୍ରସର ପରିଚାଳକ ଅଧ୍ୟାପକ ସୁଶାନ୍ତ ରାଜ ଶିବିର ପରିଚାଳନା କରିଥିଲେ। ଅଧ୍ୟାପିକା ଶାନ୍ତିଲତା ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

## ମଦ ଜବତ, ଜଣେ ଗିରଫ

ସୋର, ୧୩।୧୨(ସମିସ): ସୋର ଥାନା କେଶରୀପୁର ପଞ୍ଚାୟତ ଫଟାଅର୍ଜୁନ ଛକ ନିକଟରେ ଚଢ଼ଉ କରି ମଦ ଜବତ କରିବା ସହିତ ଜଣଙ୍କୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଏହି ଛକରେ ମଦ ବିକ୍ରି ହେଉଥିବା ଖବର ପାଇ ଗତକାଲି ରାତିରେ ସୋର ପୁଲିସ ଚଢ଼ଉ କରି କେଶରୀପୁର ଗ୍ରାମର ଗୋପୀନାଥ ମଲିକ ନିକଟରୁ ୧୮. ୯୦୦ ଲିଟର ବିଦେଶୀମଦ ଏବଂ ୪. ୫୦୦ ଲିଟର ଦେଶୀମଦ ଜବତ କରିବା ସହିତ ଗୋପୀନାଥକୁ ଥାନାରେ ଅଟକ ରଖିଥିଲେ। ଆଜି ଏ ବାବଦରେ ପୁଲିସ ଥାନାରେ ଏକ ମାମଲା ରୁଜୁ କରି ଗୋପୀନାଥକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

# ବିପଦକୁ ଆମନ୍ତ୍ରଣ; ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଚନ୍ଦନେଶ୍ୱର, ୧୩।୧୨(ସମିସ)




ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଗ୍ରାମର ୧୨ନଂ ୱାର୍ଡରେ ଅବସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ରଣସିଂହପୁର ଦକ୍ଷିଣ ହରିଜନସାହି ସ୍କୁଲ ପାଖରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ହୋଇ ବିପଦ ଆଶଙ୍କା ରହିଥିବାବେଳେ ବିଦ୍ୟୁତ ବିଭାଗ ଏହା ପ୍ରତି ଦୃଷ୍ଟି ନ ଦେବାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଟ୍ରାନ୍ସଫର୍ମର ପାଖକୁ ଲାଗି ହରିଜନସାହି ସ୍କୁଲ ଓ ପାଣି ଟାଙ୍କି ରହିଛି। ଏହି ଟ୍ରାନ୍ସଫର୍ମର ପାଖ ମୁଖ୍ୟ ରାସ୍ତା ଦେଇ ଛୋଟ ଛୋଟ ପିଲାମାନେ ସ୍କୁଲ ଯିବା ଆସିବା କରିବା ସହିତ ହଜାର ହଜାର ଲୋକ ଯିବା ଆସିବା କରିବା କରୁଛନ୍ତି। ପ୍ରତ୍ୟେକ ଦିନ ଦିନ ଶହ ଶହ ମଟର ସାଇକେଲ, ଟ୍ରାକ୍ଟର ମଧ୍ୟ ଯିବା ଆସିବା କରୁଛି। ସେହି ଜାଗାରେ ଟ୍ରାନ୍ସଫର୍ମର ମଣିଷଙ୍କ ପ୍ରତି ବିପଦ ସୃଷ୍ଟି କରୁଛି ତାହା ନୁହେଁ, ଗୃହ ପାଳିତ ପଶୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମାତ୍ର ଏଥିପ୍ରତି ବିଦ୍ୟୁତ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଦିନକୁ ଦିନ ବିପଦ ଆଶଙ୍କା ସୃଷ୍ଟି ହେବାରେ ଲାଗିଛି। ଏଠାରେ ବଡ ଧରଣର ଅଘଟଣ ଘଟିବା ପୂର୍ବରୁ ବିଦ୍ୟୁତ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ଚାରିପାଖରେ ପାଚେରୀ କରିବାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜୋର ଧରିଛି। ଏଥିରେ ଅସିତ ମଲ୍ଲିକ, ସରୋଜ ମଲ୍ଲିକ, ସନ୍ତୋଷ ପଟ୍ଟାୟତ, ଶିବଶଙ୍କର ବେହେରା, ମାଧବ ପଟ୍ଟାୟତ, ହରିଶ ମଲ୍ଲିକ, ଉମାକାନ୍ତ ମଲ୍ଲିକ, ସୁମନ ପଟ୍ଟାୟତ, ଗୌରାଙ୍ଗ ମଲ୍ଲିକ, ଶ୍ରୀମତୀ ପଟ୍ଟାୟତ, ଜ୍ୟୋତ୍ସ୍ନା ରାଣୀ ପଟ୍ଟାୟତ, ଗୀତାରାଣୀ ପଟ୍ଟାୟତ, ସାଗର ମଲ୍ଲିକ, ଅଞ୍ଜନ ବେହେରା, ଉତ୍ତମ ପଟ୍ଟାୟତ, ତାପସ ବେହେରା, ବିଜୟ ପଟ୍ଟାୟତ ଓ ସୁବଳ ବେହେରା ପ୍ରମୁଖ ଦାବୀ କରିଛନ୍ତି।

